# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୧୯/୨୦୨୨ (୧୮ ପୃଷ୍ଠା) Bhubaneswar, Wednesday, October 19/2022 Page 18 ₹ 7.00 | ★★★★★★

୪୮ଶ ଭାଗ ୩୨୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar VOLUME 48 ISSUE 323 ମୂଲ୍ୟ ₹୭/-





# ରତ୍ନଭଣ୍ଡାର ସମ୍ପର୍କରେ ଜବାବ ଦାଖଲ ନିର୍ଦ୍ଦେଶ

## ଶ୍ରୀମନ୍ଦିର, ସୂର୍ଯ୍ୟମନ୍ଦିର ସୁରକ୍ଷା ମାମଲା

କଟକ ଅଫିସ,୧୮।୧୦

ପୁରୀ ଶ୍ରୀମନ୍ଦିର ଓ କୋଣାର୍କ ସୂର୍ଯ୍ୟମନ୍ଦିରର ସୁରକ୍ଷା ନେଇ ହାଇକୋର୍ଟରେ ଆଗତ ୩ଟି ମାମଲାର ଏକତ୍ର ଶୁଣାଣି ମଙ୍ଗଳବାର ହୋଇଛି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲା ନ ଯିବାର କାରଣ ସମ୍ପର୍କରେ ଆସନ୍ତା ୪ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜଗମୋହନ ଓ ନାଟମଣ୍ଡପ ମରାମତି ସମ୍ପର୍କିତ ରିପୋର୍ଟ ସତ୍ୟପାଠ ମାଧ୍ୟମରେ ଦାଖଲ କରାଯାଇଥିଲା। ସେହିପରି କୋଣାର୍କ ମନ୍ଦିର ମରାମତି ପ୍ରସଙ୍ଗରେ ମଧ୍ୟ ସତ୍ୟପାଠ ଦାଖଲ କରାଯାଇଥିଲା। ତେବେ ୩ଟି ଯାକ ମାମଲାର ପରବର୍ତ୍ତୀ ଶୁଣାଣି ୨୦୨୩ ଜାନୁୟାରୀ ୫ତାରିଖକୁ ଧାର୍ଯ୍ୟ କରାଯାଇଛି। ସୂଚନା ମୁତାବକ, ଶ୍ରୀମନ୍ଦିର ସୁରକ୍ଷା ନେଇ ଅଭିଷେକ ଦାସଙ୍କ ପକ୍ଷରୁ ୨୦୧୬ରେ ଆଗତ ମାମଲାର ଶୁଣାଣି ହୋଇଥିଲା। ଏଥିରେ ଆମିକସ୍ କ୍ୟୁରି ନଗେନ୍ଦ୍ର କୁମାର ମହାନ୍ତି ସତ୍ୟପାଠ ଦାଖଲ କରି ଶ୍ରୀମନ୍ଦିରର ନାଟମଣ୍ଡପ ଓ ଜଗମୋହନ ମରାମତି କାର୍ଯ୍ୟ ଚାଲିଛି ଏବଂ ଏହା ୨୦୨୩ ମାର୍ଚ୍ଚ ୩୧ ସୁଦ୍ଧା ଶେଷ ହେବ ବୋଲି ଅଦାଲତଙ୍କୁ ଅବଗତ କରାଇଥିଲେ।

ସେହିପରି ଦିଲ୍ଲୀପ ମହାପାତ୍ରଙ୍କ ପକ୍ଷରୁ ରତ୍ନଭଣ୍ଡାର ଖୋଲାଯିବା ନେଇ ଆଗତ ମାମଲାର ଶୁଣାଣି କରି ଅଦାଲତ ସରକାରଙ୍କୁ ସତ୍ୟପାଠ ମାଧ୍ୟମରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।



ରତ୍ନଭଣ୍ଡାର ୧୯୮୦ରୁ ଖୋଲା ଯାଇନାହିଁ। ତେଣୁ ରତ୍ନଭଣ୍ଡାର ମଧ୍ୟରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ପତ୍ତି ସୁରକ୍ଷିତ ଅଛି କି ନାହିଁ ଏବଂ ବିଭିନ୍ନ ସାମଗ୍ରୀଗୁଡ଼ିକର ପୂର୍ବ ତାଲିକା ଅନୁଯାୟୀ ଗଣତି ଠିକ୍ ଅଛି କି ନାହିଁ ତାହା ରାଜ୍ୟ ସରକାର ସ୍ପଷ୍ଟ କରିବାକୁ ଆବେଦନକାରୀ ପ୍ରାର୍ଥନା କରିଥିଲେ। ସେହିପରି ଦିଲ୍ଲୀପଙ୍କ ଦ୍ୱାରା ଆଗତ କୋଣାର୍କ ମନ୍ଦିର ସୁରକ୍ଷା ସମ୍ପର୍କିତ ଅନ୍ୟ ଏକ ମାମଲାରେ ଆମିକସକ୍ୟୁରି ସତ୍ୟପାଠ ଦାଖଲ କରିଥିଲେ। ମନ୍ଦିର ମଧ୍ୟରୁ ବାଲି ବାହାର କରାଯାଉଛି। ସବୁ ବାଲି ବାହାର କରାଯିବା ପରେ ଆମିକସ୍‌କ୍ୟୁରି ମନ୍ଦିର ପରିଦର୍ଶନ କରିବେ ବୋଲି ଅଦାଲତଙ୍କୁ ଅବଗତ କରାଇଥିଲେ। କୋଣାର୍କ ମନ୍ଦିର ପରିସରରୁ ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ମନ୍ଦିର ପ୍ରତି ବିପଦ ସୃଷ୍ଟି ହେବା ଓ ମନ୍ଦିର ଐତିହ୍ୟ ନଷ୍ଟ ହେବା ନେଇ ଆବେଦନରେ ଆଶଙ୍କା ପ୍ରକାଶ କରି ଅଦାଲତଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ଆବେଦନକାରୀ ପ୍ରାର୍ଥନା କରିଥିଲେ। ତିନୋଟିଯାକ ମାମଲାକୁ ଆଇନଜୀବୀ ଆଲୋକ ମହାପାତ୍ର ପରିଚାଳନା କରୁଛନ୍ତି।

# ଭସାଣି ଶୋଭାଯାତ୍ରାରେ ବିଦ୍ୟୁତ୍ ତାର ଲାଗି ଜଣେ ମୃତ, ୪ ଗୁରୁତର

- ଡିଜେ ଗାଡ଼ି ଲୁହା ଆଙ୍ଗେଲରେ ଲାଗିଲା ୩୩ କେଭି ତାର
- ବିଦ୍ୟୁତ୍ ବିଭାଗର ଅବହେଳା ଦାୟୀ କଲେ ଗ୍ରାମବାସୀ

ମାର୍ଶାଘାଇ, ୧୮।୧୦(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଅନ୍ତର୍ଗତ କଣକଷଟି ଗାଁରେ ମା' ଗଜଲକ୍ଷ୍ମୀଙ୍କ ଭସାଣି ଶୋଭଯାତ୍ରା ବେଳେ ଏକ ଦୁଃଖଦ ଘଟଣା ଘଟିଛି। ଶୋଭାଯାତ୍ରାରେ ଯାଉଥିବା ଡିଜେ ଗାଡ଼ିର ଲୁହା ଆଙ୍ଗେଲରେ ୩୩ କେଭି ବିଦ୍ୟୁତ୍ ତାର ଲାଗିବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ କଣକଷଟି ଗ୍ରାମର ବିଶ୍ୱଜିତ ଲେଙ୍କା (୨୮)। ଆହତମାନେ ହେଲେ ସେହି ଗ୍ରାମର ପର୍ଶୁରାମ ଦାସ (୪୫), ଅଂଶୁମାନ ଲେଙ୍କା (୧୩), ମନୋଜ ସେଠୀ (୧୪), ସାଇଲ ଦାସ(୧୩)। ଏହି ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା।

ସୂଚନାଯୋଗ୍ୟ, ବିଶ୍ୱଜିତ୍ ତାଙ୍କ ପରିବାର ଏକମାତ୍ର ପୁଅ ଥିଲେ। ସେ ବାଙ୍ଗାଲୋରରେ ଚାକିରି କରୁଥିଲେ। ମା' ଗଜଲକ୍ଷ୍ମୀ ପୂଜା ପାଇଁ ଛୁଟିରେ ଘରକୁ ଆସିଥିଲେ। ହେଲେ ଏପରି ଅଘଟଣ ସବୁ ଯେମିତି ଓଲଟପାଲଟ କରି ଦେଇଥିଲା। ଅନ୍ୟପକ୍ଷେ ପୂଜା କମିଟି କର୍ମକର୍ତ୍ତାଙ୍କ କହିବା ଅନୁଯାୟୀ, ପ୍ରସ୍ତୁତି ବୈଠକ ବେଳେ ଭସାଣି ଶୋଭାଯାତ୍ରା ସମୟରେ ବିଦ୍ୟୁତ୍ ସରବରାହ ବନ୍ଦ ପାଇଁ ଟାଟା ପାୱାରକୁ ଅନୁରୋଧ କରାଯାଇଥିଲା। ବିଭାଗର ଖାମଖିଆଲି ନୀତି ଯୋଗୁ ଜଣଙ୍କ ଜୀବନ ଗଲା ବୋଲି କମିଟି କର୍ମକର୍ତ୍ତା କହିଛନ୍ତି।

# ଚାଷୀ-ପୋଲିସ ମୁହାଁମୁହିଁ: ହଂସପାଳରେ ଧାରଣା



ବିଭିନ୍ନ ଦାବି ନେଇ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଭୁବନେଶ୍ୱର ହଂସପାଳ ନିକଟରେ ମଙ୍ଗଳବାର ଆୟୋଜିତ ପଦଯାତ୍ରା।

ଭୁବନେଶ୍ୱର,୧୮।୧୦(ବ୍ୟୁରୋ)

ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଅନେକ ହଜାର ଚାଷୀ ମଙ୍ଗଳବାର ଭୁବନେଶ୍ୱରକୁ ବିଭିନ୍ନ ଦାବି ନେଇ ପଦଯାତ୍ରାରେ ଆସିବା ବେଳେ ହଂସପାଳଠାରେ ପୋଲିସ ସହ ମୁହାଁମୁହିଁ ହୋଇଛନ୍ତି। ସଙ୍ଗଠନର ଡାକରାରେ ଅକ୍ଟୋବର ୧୩ ତାରିଖରୁ ଧାନମଣ୍ଡଳରୁ ଆରମ୍ଭ ହୋଇଥିବା ପଦଯାତ୍ରା ହଂସପାଳରେ ପହଞ୍ଚିଥିଲା। ଏ ନେଇ ଭୁବନେଶ୍ୱର ସହରରେ ହାଇ ଆଲର୍ଟ ଜାରି ହେବା ସହ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ସହରକୁ ଦୂରଦୂରାନ୍ତରୁ ଆସୁଥିବା ଚାଷୀମାନେ ସଭାସ୍ଥଳକୁ କିପରି ଯାଇ ନ ପାରିବେ ସେଥିପାଇଁ ସେମାନଙ୍କୁ ବିଭିନ୍ନ ଜାଗାରେ ଅଟକା ଯାଇଥିଲା। ଏହାକୁ ପ୍ରତିବାଦ କରି କୃଷକମାନେ ହଂସପାଳଠାରେ ପ୍ରତିବାଦ କରି ଧାରଣା ଦେଇଥିଲେ। ଚାଷୀ ସଂଗଠନ ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର କହିଛନ୍ତି ଯେ, ଲୋକ ପ୍ରତିନିଧିମାନେ ଚାଷୀମାନଙ୍କ ଗହଣକୁ ନ ଆସିବା ଅତ୍ୟନ୍ତ ଉଦ୍‌ବେଗଜନକ ଓ ଲଜ୍ଜାଜନକ ଘଟଣା। ଗଣତାନ୍ତ୍ରିକ ବ୍ୟବସ୍ଥାରେ ଲୋକପ୍ରତିନିଧିମାନେ ଚାଷୀମାନଙ୍କୁ ଉପେକ୍ଷା କରିବା ଦୁଃଖ ଓ କ୍ରୋଧ ସୃଷ୍ଟି କରିଛି। ସରକାର ବଜେଟରେ ଅର୍ଥ ବ୍ୟବସ୍ଥା କଲାବେଳେ ଚାଷୀ ଭତ୍ତା ପାସୋରି ଯାଉଛନ୍ତି। ସରକାରୀ କର୍ମଚାରୀଙ୍କ ସମସ୍ତ ଦାବି ସରକାର ମାନି ନେଉଥିଲାବେଳେ ଚାଷୀଙ୍କ କୌଣସି ଦାବିକୁ ଶୁଣନ୍ତି ନାହିଁ କି ଗୁରୁତ୍ୱ ଦେଉନାହାନ୍ତି। ଜଣେ କର୍ମଚାରୀଙ୍କ ପେନ୍‌ସନ ଓ ଚାଷୀର ବାର୍ଦ୍ଧକ୍ୟ ଭତ୍ତା ଭିତରେ ଆକାଶପାତାଳ ଫରକ ରହିଛି। ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଚାଷୀମାନଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି ଯେ ଗଣତନ୍ତ୍ରରେ ସଂଖ୍ୟାଗରିଷ୍ଠ ଗୋଷ୍ଠୀଙ୍କ ବିଜୟ ହେବା କଥା। ମାତ୍ର ଏଠାରେ ଚାଷୀଙ୍କ ବିଜୟ ହୋଇପାରୁନାହିଁ। ରାଜ୍ୟ ସହସଂଯୋଜକ ଉମାକାନ୍ତ ଭାରତ, ରାଜ୍ୟ କମିଟି ସଭ୍ୟ ପ୍ରସନ୍ନ କୁଅଁର, ଦେବୀପ୍ରସାଦ ମହାରଣା ବକ୍ତବ୍ୟ ରଖିବା ସହ ଆନ୍ଦୋଳନାତ୍ମକ ସଙ୍ଗୀତ ପରିବେଷଣ କରିଥିଲେ। ସହସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ, ନିମାଁଇ ରାୟ ଆନ୍ଦୋଳନ ପରିଚାଳନା କରିଥିଲେ।


# ରାଜ୍ୟ ଭେଷଜ ନିୟନ୍ତ୍ରଣ ନିର୍ଦ୍ଦେଶାଳୟ, ଓଡ଼ିଶା

## ଜନସାଧାରଣଙ୍କ ଅବଗତି ନିମନ୍ତେ ସୂଚନା

No.E-556:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ, ଯଦି କୌଣସି ଔଷଧ କିଣିବା ଏବଂ ବ୍ୟବହାର କରିବା ପରେ ଏହାର ଗୁଣବତ୍ତା କିମ୍ବା ଔଷଧର ମୂଲ୍ୟ ଉପରେ କୌଣସି ସନ୍ଦେହ ଉପୁଜେ ତେବେ ନିକଟସ୍ଥ ଭେଷଜ ନିରୀକ୍ଷକଙ୍କୁ ଯୋଗାଯୋଗ କରିବାକୁ ଅନୁରୋଧ । କୌଣସି ଔଷଧ କିଣିବା ସମୟରେ ସମ୍ପୃକ୍ତ ଔଷଧ ଦୋକାନୀଠାରୁ କିଣା ରସିଦ ସଂଗ୍ରହ କରି ତାହା ପରଖି ନେବାକୁ ଅନୁରୋଧ, ଯାହାକି ଗୁଣବତ୍ତା ତଥା ମୂଲ୍ୟ ସମ୍ବନ୍ଧୀୟ ଅଭିଯୋଗର ତଦନ୍ତରେ ସହାୟକ ହୋଇପାରିବ । ଯଦି କୌଣସି ବ୍ୟକ୍ତି ନକଲି ଔଷଧ ସମ୍ପର୍କୀୟ କୌଣସି ତଥ୍ୟ ଭେଷଜ ନିୟନ୍ତ୍ରଣ କାର୍ଯ୍ୟାଳୟକୁ ଜଣାଇବେ, ତେବେ ତାଙ୍କ ପରିଚୟ ଗୋପନ ରଖାଯିବ ।

ରାଜ୍ୟ ଭେଷଜ ନିୟନ୍ତ୍ରଣ ନିର୍ଦ୍ଦେଶାଳୟ ଅଧୀନସ୍ଥ ସମସ୍ତ ଅଧିକାରୀଙ୍କ ନାମ ଏବଂ କାର୍ଯ୍ୟାଳୟର ସୂଚନା ଜନସାଧାରଣଙ୍କ ଅବଗତି ନିମନ୍ତେ ନିମ୍ନରେ ପ୍ରଦାନ କରାଗଲା ।

| Sl. No. | Name of Officer | | Tel. No. | Contact No. | Email ID |
|---|---|---|---|---|---|
| 1 | ଶ୍ରୀ ସୁବୋଧ କୁମାର ନାୟକ ଭେଷଜ ନିୟନ୍ତ୍ରକ | ଭୁବନେଶ୍ୱର | 0674-2300494 | 9439999914 | drugscontrolorissa@gmail.com, dca-odisha@gov.in |
| 2 | ଡ. ନୀଳମାଧବ ଦାଶ ଯୁଗ୍ମ ଭେଷଜ ନିୟନ୍ତ୍ରକ | ଭୁବନେଶ୍ୱର | 0674-2301548 | 9437114348 | drugscontrolorissa@gmail.com, dca-odisha@gov.in |
| 3 | ଶ୍ରୀ ଅଶୋକ କୁମାର ପାତ୍ର ଉପ ଭେଷଜ ନିୟନ୍ତ୍ରକ | ଭୁବନେଶ୍ୱର | 0674-2303354 | 9437156202 | drugscontrolorissa@gmail.com |
| 4 | ଶ୍ରୀ ହରମୋହନ ମହାନ୍ତି ଉପ ଭେଷଜ ନିୟନ୍ତ୍ରକ | ଭୁବନେଶ୍ୱର | 0674-2300698 | 9437136217 | ddcadmndca@gmail.com |
| 5 | ଶ୍ରୀ ସୁନୀଲ କୁମାର ନାୟକ ଉପ ଭେଷଜ ନିୟନ୍ତ୍ରକ | ବ୍ରହ୍ମପୁର / ଦକ୍ଷିଣ ଜୋନ୍ | 0680-2261555 | 9437262972 | ddcsz.bam@gmail.com |
| 6 | ଶ୍ରୀମତୀ ଜ୍ୟୋତିର୍ମୟୀ ବେହେରା ଉପ ଭେଷଜ ନିୟନ୍ତ୍ରକ | ସମ୍ବଲପୁର / ପଶ୍ଚିମ ଜୋନ୍ | | 9437310799 | ddcwzsambalpur@gmail.com |
| 7 | ଶ୍ରୀ ଅଶୋକ କୁମାର ପାତ୍ର ଉପ ଭେଷଜ ନିୟନ୍ତ୍ରକ | ବାଲେଶ୍ୱର / ଉତ୍ତର ଜୋନ୍ | | 9437156202 | ddcnorthzone@gmail.com |
| 8 | ସୁଶ୍ରୀ ନିହାରିକା ଦାଶ ସହାୟକ ଭେଷଜ ନିୟନ୍ତ୍ରକ | ବାଲେଶ୍ୱର / ବାଲେଶ୍ୱର ସର୍କଲ୍ | | 9439708300, 9437070072 | adcnorthzone@gmail.com |
| 9 | ଶ୍ରୀ ସୁଶାନ୍ତ କୁମାର ସାହୁ ସହାୟକ ଭେଷଜ ନିୟନ୍ତ୍ରକ | ଖୋର୍ଦ୍ଧା / ଖୋର୍ଦ୍ଧା ସର୍କଲ୍ | | 9437962405 | adckhdcircle@gmail.com |
| 10 | ଶ୍ରୀ ଲଳିତ କୁମାର ସାହୁ ସହାୟକ ଭେଷଜ ନିୟନ୍ତ୍ରକ | ବ୍ରହ୍ମପୁର / ଦକ୍ଷିଣ ଜୋନ୍ | | 9437232661 | adcganjamcircle@gmail.com |
| 11 | ଶ୍ରୀମତୀ ପ୍ରଜ୍ଞାପାରମିତା ସାହୁ ସହାୟକ ଭେଷଜ ନିୟନ୍ତ୍ରକ | ଭୁବନେଶ୍ୱର | | 9937171170 | drugscontrolorissa@gmail.com |
| 12 | ଶ୍ରମତୀ ପ୍ରଣତି ପ୍ରଭା ସାହୁ ସହାୟକ ଭେଷଜ ନିୟନ୍ତ୍ରକ | ଢେଙ୍କାନାଳ ସର୍କଲ | | 8249090732 | adcdklcircle@gmail.com |
| 13 | ଶ୍ରୀ ଜ୍ୟୋତି ରଂଜନ ପଣ୍ଡା ସହାୟକ ଭେଷଜ ନିୟନ୍ତ୍ରକ | ଭୁବନେଶ୍ୱର | | 9439365871 | adc.int@gov.in |
| 14 | ଶ୍ରୀ ରୁଦ୍ର ନାରାୟଣ ସାହୁ ସହାୟକ ଭେଷଜ ନିୟନ୍ତ୍ରକ | ବାରିପଦା / ମୟୂରଭଞ୍ଜ ସର୍କଲ୍ | 06792-291945 | 9439144662 | adcmayurbhanjcircle 2021@gmail.com |
| 15 | ଶ୍ରୀ ସତ୍ୟବ୍ରତ ଗିରି ସହାୟକ ଭେଷଜ ନିୟନ୍ତ୍ରକ | ଭୁବନେଶ୍ୱର | | 9437695156 | asst.drugscontrollerind@gmail.com |
| 16 | ଶ୍ରୀ ପ୍ରବେଶ କୁମାର ଲେଙ୍କା ସହାୟକ ଭେଷଜ ନିୟନ୍ତ୍ରକ | ଭୁବନେଶ୍ୱର / ଭୁବନେଶ୍ୱର ସର୍କଲ-1 | | 9861045927, 7008812758 | adcbbsrcircle1@gmail.com |
| 17 | ଶ୍ରୀ ଧର୍ମଦେବ ପୁହାଣ ସହାୟକ ଭେଷଜ ନିୟନ୍ତ୍ରକ | କଟକ / କଟକ ସର୍କଲ୍ -1 | | 9439201517 | adcctccircle1@gmail.com |
| 18 | ଶ୍ରୀ ଦେବାଶିଷ ପାତ୍ର ସହାୟକ ଭେଷଜ ନିୟନ୍ତ୍ରକ | ଭୁବନେଶ୍ୱର | | 9439515141 | adcenforcementdco @gmail.com |
| 19 | ଡ. ସୁଦର୍ଶନ ବିଶ୍ୱାଳ ସହାୟକ ଭେଷଜ ନିୟନ୍ତ୍ରକ | ଭୁବନେଶ୍ୱର / ଭୁବନେଶ୍ୱର ସର୍କଲ୍ - ୨ | | 9437013618, 7008969166 | adcbbsrcirlce2@gmail.com |
| 20 | ଶ୍ରୀ ତୁଷାର ରଞ୍ଜନ ପାଣିଗ୍ରାହୀ ସହାୟକ ଭେଷଜ ନିୟନ୍ତ୍ରକ | କଟକ / କଟକ ସର୍କଲ୍ - ୨ | | 9439489436 | adcctcircle2@gmail.com |
| 21 | ଡ. ସୁଜତା ଆଚାର୍ଯ୍ୟ ସହାୟକ ଭେଷଜ ନିୟନ୍ତ୍ରକ | ଭୁବନେଶ୍ୱର | | 9776138363 | adcrpt2021@gmail.com |
| 22 | ଶ୍ରୀ ମୁକେଶ କୁମାର ଧୁରୁଆ ସହାୟକ ଭେଷଜ ନିୟନ୍ତ୍ରକ | ସମ୍ବଲପୁର / ପଶ୍ଚିମ ଜୋନ୍ | | 9437530009 | ddcwzsambalpur@gmail.com |
| 23 | ଶ୍ରୀ ସତ୍ୟନାରାୟଣ ମଲ୍ଲିକ ସହାୟକ ଭେଷଜ ନିୟନ୍ତ୍ରକ | ସମ୍ବଲପୁର / ସମ୍ବଲପୁର ସର୍କଲ | | 8895168987 | ddcwzsambalpur@gmail.com |
| 24 | ଶ୍ରୀ ସଞ୍ଜୟ କୁମାର ହାଁସଦା ସହାୟକ ଭେଷଜ ନିୟନ୍ତ୍ରକ | ଯାଜପୁର / ଯାଜପୁର ସର୍କଲ | 06726-291282 | 9439368682 | adcjajpur@gmail.com |
| 25 | ଶ୍ରୀମତୀ ଆଝାମଣି ମାରାଣ୍ଡି ସହାୟକ ଭେଷଜ ନିୟନ୍ତ୍ରକ | ରାଉରକେଲା / ରାଉରକେଲା ସର୍କଲ୍ | | 8895165462 | adcrklcircle6@gmail.com |
| 26 | ଶ୍ରୀ ପ୍ରସନ୍ନ କୁମାର ମଲ୍ଲିକ ସହାୟକ ଭେଷଜ ନିୟନ୍ତ୍ରକ | ଫୁଲବାଣୀ/ କନ୍ଧମାଳ ସର୍କଲ୍ | | 9437862702 | adckandhamalacircle 2021@gmail.com |
| 27 | ଶ୍ରୀ ପ୍ରିୟରଞ୍ଜନ ନାୟକ ସହାୟକ ଭେଷଜ ନିୟନ୍ତ୍ରକ | ଜୟପୁର / କୋରାପୁଟ ସର୍କଲ୍ | 06854-291463 | 9439517865 | adckoraput@gmail.com |
| 28 | ଶ୍ରୀ ଦେବାଶିଷ କାଲୋ ସହାୟକ ଭେଷଜ ନିୟନ୍ତ୍ରକ | ବ୍ରହ୍ମପୁର / ଗଞ୍ଜାମ ସର୍କଲ୍ | | 9439788357 | adcganjamcircle@gmail.com |
| 29 | ଶ୍ରୀ ଜଗନ୍ନାଥ ମଲ୍ଲିକ ସହାୟକ ଭେଷଜ ନିୟନ୍ତ୍ରକ | ବାଲେଶ୍ୱର / ଉତ୍ତର ଜୋନ୍ | | 9439019092, 7008255852 | adcnortzone@gmail.com |
| 30 | ଶ୍ରୀମତୀ ମୁକ୍ତିନନ୍ଦା ଶତପଥୀ ଭେଷଜ ନିରୀକ୍ଷକ | ଅନୁଗୁଳ / ଅନୁଗୁଳ - ୨ ପରିସର | | 7609950389, 9439407748 | drugsinspectorangul@gmail.com |
| 31 | ଶ୍ରୀମତୀ ମୁକ୍ତିନନ୍ଦା ଶତପଥୀ ଭେଷଜ ନିରୀକ୍ଷକ | ଅନୁଗୁଳ / ଅନୁଗୁଳ ଜୋନ୍ | 06764-233313 | 7609950389, 9439407748 | drugsinspectorangul@gmail.com |
| 32 | ଶ୍ରୀ ଦିଲ୍ଲୀପ କୁମାର ଜେନା ଭେଷଜ ନିରୀକ୍ଷକ | ବାଲେଶ୍ୱର / ବାଲେଶ୍ୱର ଗ୍ରାମୀଣ ପରିସର | 06782-260167 | 9437107465 | di.blsrurl2013@gmail.com |
| 33 | ଶ୍ରୀମତୀ ନିହାରିକା ଦାଶ ଭେଷଜ ନିରୀକ୍ଷକ | ବାଲେଶ୍ୱର / ବାଲେଶ୍ୱର ସଦର ରେଞ୍ଜ (I/C) | | 9439708300, 9437070072 | drugsinspectorbalasore sadar@gmail.com |
| 34 | ଶ୍ରୀ ଦିଲୀପ କୁମାର ଜେନା ଭେଷଜ ନିରୀକ୍ଷକ | ବାଲେଶ୍ୱର - ବାଲେଶ୍ୱର-II ପରିସର (I/C) | | 9437107465 | drugsinspectorbalasore 2.21@gmail.com |
| 35 | ମିସ୍ ସୁନୀତା ନାଗ ଭେଷଜ ନିରୀକ୍ଷକ | ବରଗଡ଼ /ବରଗଡ଼ ପରିସର। | 06646-291620 | 9439232703 | drugsinspectorbargarh@gmail.com |
| 36 | ମିସ୍ ସୁନୀତା ନାଗ ଭେଷଜ ନିରୀକ୍ଷକ | ବରଗଡ଼ / ବରଗଡ଼-୨ ରେଞ୍ଜ (I/C) | | 9439232703 | drugsinspectorbargarh@gmail.com |
| 37 | ଶ୍ରୀମତୀ ଜ୍ଞାନଦା ଶୁଭଦର୍ଶିନୀ ନନ୍ଦ ଭେଷଜ ନିରୀକ୍ଷକ | ଭଦ୍ରକ / ଭଦ୍ରକ ପରିସର। | | 9438619873 | drugsinspector.bhadrak@gmail.com |
| 38 | ଶ୍ରୀମତୀ ଜ୍ଞାନଦା ଶୁଭଦର୍ଶିନୀ ନନ୍ଦ ଭେଷଜ ନିରୀକ୍ଷକ | ଭଦ୍ରକ / ଭଦ୍ରକ-୨ ପରିସର (I/C) | | 9438619873 | drugsinspector.2 bhadrak@gmail.com |
| 39 | ଶ୍ରୀ ପ୍ରବେଶ କୁମାର ଲେଙ୍କା ଭେଷଜ ନିରୀକ୍ଷକ | ଭୁବନେଶ୍ୱର / ଭୁବନେଶ୍ୱର-୨ ରେଞ୍ଜ (I/C) | 0674-2577330 | 9861045927, 7008812758 | drugsbbsr1@gmail.com |
| 40 | ଶ୍ରୀ ଚନ୍ଦନ କୁମାର ଗିରି ଭେଷଜ ନିରୀକ୍ଷକ | ଭୁବନେଶ୍ୱର / ଭୁବନେଶ୍ୱର-୨ ରେଞ୍ଜ | | 8895478543, 9937256743 | dibbsr2@gmail,com |
| 41 | ଡ ସୁଦର୍ଶନ ବିଶ୍ୱାଳ ଭେଷଜ ନିରୀକ୍ଷକ | ଭୁବନେଶ୍ୱର / ଭୁବନେଶ୍ୱର-୩ ରେଞ୍ଜ (I/C) | 0674-2577002 | 9437013618, 7008969166 | di3bbsr@gmail.com |
| 42 | ଶ୍ରୀ ପ୍ରବେଶ କୁମାର ଲେଙ୍କା ଭେଷଜ ନିରୀକ୍ଷକ | ଭୁବନେଶ୍ୱର / ଭୁବନେଶ୍ୱର ରେଞ୍ଜ - (I/C) | | 9861045927, 7008812758 | dibbsr4@gmail.com |
| 43 | ଶ୍ରୀ ଚନ୍ଦନ କୁମାର ଗିରି ଭେଷଜ ନିରୀକ୍ଷକ | ଭୁବନେଶ୍ୱର / ଭୁବନେଶ୍ୱର - ୫ ରେଞ୍ଜ (I/C) | | 8895478543/ 9937256743 | dibbsr5range@gmail.com |
| 44 | ଡ ସୁଦର୍ଶନ ବିଶ୍ୱାଳ ଭେଷଜ ନିରୀକ୍ଷକ | ଭୁବନେଶ୍ୱର / ଭୁବନେଶ୍ୱର ରେଞ୍ଜ (I/C) | | 9437013618/ 7008969166 | di6bbsr@gmail.com |
| 45 | ଶ୍ରୀ ବାବୁଲାଲ ଟୁଡୁ ଭେଷଜ ନିରୀକ୍ଷକ | ବଲାଙ୍ଗୀର / ବଲାଙ୍ଗୀର ପରିସର | 06652-232657 | 9439868645 | drugsblgr@gmail.com |
| 46 | ଶ୍ରୀ ବାବୁଲାଲ ଟୁଡୁ ଭେଷଜ ନିରୀକ୍ଷକ | ବଲାଙ୍ଗୀର / ବଲାଙ୍ଗୀର - ୨ ରେଞ୍ଜ (I/C) | | 9439868645 | dibolangir2range@gmail.com |
| 47 | ଶ୍ରୀ ସନ୍ତୋଷ କୁମାର ପ୍ରଧାନ ଭେଷଜ ନିରୀକ୍ଷକ | ବୌଦ୍ଧ / ବୌଦ୍ଧ ରେଞ୍ଜ (I/C) | | 9439372844 | diboudh@gmail.com |
| 48 | ଶ୍ରୀ ପ୍ରଦୀପ କୁମାର ସାହୁ ଭେଷଜ ନିରୀକ୍ଷକ | କଟକ / କଟକ ଗ୍ରାମୀଣ ପରିସର। | 0671-2955544 | 7894592425 | dicuttackrural@gmail.com |
| 49 | ଶ୍ରୀ ତୁଷାର ରଂଜନ ପାଣିଗ୍ରାହୀ ଭେଷଜ ନିରୀକ୍ଷକ | କଟକ / କଟକ-I ପରିସର (I/C) | 0671-2910460 | 9439489436 | drugsinspector1@gmail.com |
| 50 | ହରପ୍ରିୟା ମଲ୍ଲିକ ଭେଷଜ ନିରୀକ୍ଷକ | କଟକ / କଟକ-୨ ପରିସର | 0671-2910470 | 9438739290 | dicuttack2range@gmail.com |
| 51 | ଶ୍ରୀ ଧର୍ମଦେବ ପୁହାଣ ଭେଷଜ ନିରୀକ୍ଷକ | କଟକ / କଟକ - ୩ ପରିସର (I/C) | 0671-2910480 | 9439201517 | dicuttack3@gmail.com |
| 52 | ଶ୍ରୀ ତୁଷାର ରଂଜନ ପାଣିଗ୍ରାହୀ ଭେଷଜ ନିରୀକ୍ଷକ | କଟକ / କଟକ - IV ପରିସର (I/C) | | 9439489436 | dicuttack4@gmail.com |
| 53 | ଶ୍ରୀ ଧର୍ମଦେବ ପୁହାଣ ଭେଷଜ ନିରୀକ୍ଷକ | କଟକ / କଟକ - ଭି ପରିସର (I/C) | | 9439201517 | dicuttack5range@gmail.com |
| 54 | ହରପ୍ରିୟା ମଲ୍ଲିକ ଭେଷଜ ନିରୀକ୍ଷକ | କଟକ / କଟକ - VI ପରିସର | | 9438739290 | dicuttack6range@gmail.com |
| 55 | ଡ ସୁଦର୍ଶନ ବିଶ୍ୱାଳ ଭେଷଜ ନିରୀକ୍ଷକ | କଟକ / କଟକ - VII ପରିସର। | 0671-2910331 | 9437013618, 7008969166 | dictc7@gmail.com |
| 56 | ଶ୍ରୀ କିଶୋର କୁମାର ଗୋଛାୟତ ଭେଷଜ ନିରୀକ୍ଷକ | ଦେଓଗଡ଼ / ଦେଓଗଡ଼ ରେଞ୍ଜ | | 9437223112 | dideogarh008@gmail.com |
| 57 | ଶ୍ରୀମତୀ ପ୍ରଣତି ପ୍ରଭା ସାହୁ ଭେଷଜ ନିରୀକ୍ଷକ | ଢେଙ୍କାନାଳ / ଢେଙ୍କାନାଳ ପରିସର (I/C) | 06762-291068 | 8249090732 | didhenkanal@gmail.com |
| 58 | ଶ୍ରୀ ପ୍ରସନ୍ନ କୁମାର ମଲ୍ଲିକ ଭେଷଜ ନିରୀକ୍ଷକ | ପାରଳାଖେମୁଣ୍ଡି / ଗଜପତି ରେଞ୍ଜ (I/C) | 06815-222010 | 9437862702 | drugsinspector.gajapati@gmail.com |
| 59 | ଶ୍ରୀ ଦେବାଶିଷ କାଲୋ ଭେଷଜ ନିରୀକ୍ଷକ | ବ୍ରହ୍ମପୁର / ଗଞ୍ଜାମ-1 ରେଞ୍ଜ (I/C) | 0680-2260377 | 9439788357 | diganjam1range@gmail.com |
| 60 | ଶ୍ରୀ ଲଳିତ କୁମାର ସାହୁ ଭେଷଜ ନିରୀକ୍ଷକ | ବ୍ରହ୍ମପୁର / ଗଞ୍ଜାମ - ୨ ରେଞ୍ଜ। | 06811-263046 | 9437232661 | dichatrapur@gmail.com |
| 61 | ଶ୍ରୀ ପ୍ରଶାନ୍ତ କୁମାର ମଲ୍ଲିକ ଭେଷଜ ନିରୀକ୍ଷକ | ଭଞ୍ଜନଗର / ଗଞ୍ଜାମ - 3 ପରିସର (I/C) | 06821-240999 | 9437862702 | di3bhanjanagar@gmail.com |
| 62 | ଶ୍ରୀ ଦେବାଶିଷ କାଲୋ ଭେଷଜ ନିରୀକ୍ଷକ | ବ୍ରହ୍ମପୁର / ଗଞ୍ଜାମ - IV ରେଞ୍ଜ (I/C) | | 9439788357 | diganjam4range@gmail.com |
| 63 | ଶ୍ରୀମତୀ ମନସ୍ୱିନୀ ବିଶ୍ୱାଳ ଭେଷଜ ନିରୀକ୍ଷକ | ଜଗତ୍‌ସିଂହପୁର / ଜଗତ୍‌ସିଂହପୁର ରେଞ୍ଜ | 06724-291304 | 7735261717/ 9437474620 | drugsinspector.jagatsinghpur@gmail.com |
| 64 | ଶ୍ରୀ ସଞ୍ଜୟ କୁମାର ହାଁସଦା ଭେଷଜ ନିରୀକ୍ଷକ | ଯାଜପୁର ରୋଡ୍ / ଯାଜପୁର ରେଞ୍ଜ (I/C) | 06726-291280 | 9439368682 | drugsinspectorjajpur@gmail.com |
| 65 | ଶ୍ରୀ ସଞ୍ଜୟ କୁମାର ହାଁସଦା ଭେଷଜ ନିରୀକ୍ଷକ | ଯାଜପୁର ରେଡ୍ / ଯାଜପୁର - ୨ ରେଞ୍ଜ (I/C) | 06726-291284 | 9439368682 | dijajpur2@gmail.com |
| 66 | ଶ୍ରୀମତୀ ସସ୍ମିତା ଦେହୁରୀ ଭେଷଜ ନିରୀକ୍ଷକ | ଝାରସୁଗୁଡ଼ା / ଝାରସୁଗୁଡ଼ା ପରିସର। | | 9776776941 | drugsinspector.jsg@gmail.com |
| 67 | ଶ୍ରୀ ଚିନ୍ମୟ କୁମାର ଜେନା ଭେଷଜ ନିରୀକ୍ଷକ | ଭବାନୀପାଟଣା / କଳାହାଣ୍ଡି ପରିସର (I/C) | 06670-030554 | 7978534240 | drugsinspectorkld@gmail.com |
| 68 | ଶ୍ରୀ ସନ୍ତୋଷ କୁମାର ପ୍ରଧାନ ଭେଷଜ ନିରୀକ୍ଷକ | ଫୁଲବାଣୀ / କନ୍ଧମାଳ ରେଞ୍ଜ | 06842-253827 | 9439372844 | drugsinspectorphul bani@gmail.com |
| 69 | ଶ୍ରୀ ପ୍ରଦୀପ କୁମାର ସାହୁ ଭେଷଜ ନିରୀକ୍ଷକ | କେନ୍ଦ୍ରାପଡ଼ା / କେନ୍ଦ୍ରାପଡ଼ା ରେଞ୍ଜ (I/C) | 06727-291503 | 7894592425 | drugsinspectorkendr apara@gmail.com |
| 70 | ଶ୍ରୀ ରୁଦ୍ର ନାରାୟଣ ସାହୁ ଭେଷଜ ନିରୀକ୍ଷକ | କେନ୍ଦୁଝର / କେନ୍ଦୁଝର ରେଞ୍ଜ (I/C) | 06766-258387 | 9439144662 | di.keonjhar@gmail.com |
| 71 | ଶ୍ରୀ ରୁଦ୍ର ନାରାୟଣ ସାହୁ ଭେଷଜ ନିରୀକ୍ଷକ | କେନ୍ଦୁଝର / କେନ୍ଦୁଝର - II ରେଞ୍ଜ (I/C) | | 9439144662 | di.keonjhar2@gmail.com |
| 72 | ଶ୍ରୀ ସୁଶାନ୍ତ କୁମାର ସାହୁ ଭେଷଜ ନିରୀକ୍ଷକ | ଖୋର୍ଦ୍ଧା / ଖୋର୍ଦ୍ଧା ରେଞ୍ଜ (I/C) | 06755-296085 | 9437962405 | dikhurdarange@gmail.com |
| 73 | ଶ୍ରୀ ଚିନ୍ମୟ କୁମାର ଜେନା ଭେଷଜ ନିରୀକ୍ଷକ | ଜୟପୁର / କୋରାପୁଟ ରେଞ୍ଜ (I/C) | 06854-291404 | 7978534240 | koraputdi@gmail.com |
| 74 | ଶ୍ରୀ ପ୍ରିୟରଞ୍ଜନ ନାୟକ ଭେଷଜ ନିରୀକ୍ଷକ | ମାଲକାନଗିରି / ମାଲକାନଗିରି ପରିସର (I/C) | 06861-291865 | 9439517865 | drugsinspector.malk@gmail.com |
| 75 | ଶ୍ରୀ ରୁଦ୍ର ନାରାୟଣ ସାହୁ ଭେଷଜ ନିରୀକ୍ଷକ | ବାରିପଦା / ମୟୂରଭଞ୍ଜ - 5 | 06792-291469 | 9439144662 | dimayurbhanj@gmail.com |
| 76 | ଶ୍ରୀ ରୁଦ୍ର ନାରାୟଣ ସାହୁ ଭେଷଜ ନିରୀକ୍ଷକ | ବାରିପଦା / ମୟୂରଭଞ୍ଜ - 2 ପରିସର | 06792-291944 | 9439144662 | dimayurbhanj2range @gmail.com |
| 77 | ଶ୍ରୀମତୀ ମଳୟା ପ୍ରବାହିନୀ ସାହୁ ଭେଷଜ ନିରୀକ୍ଷକ | ନବରଙ୍ଗପୁର / ନବରଙ୍ଗପୁର ରେଞ୍ଜ | 06856-295229 | 9861968203 | drugsinspector.nbr@gmail.com |
| 78 | ଶ୍ରୀମତୀ ପ୍ରିୟଙ୍କା ଚକ୍ରବର୍ତ୍ତୀ ଭେଷଜ ନିରୀକ୍ଷକ | ନୟାଗଡ଼ / ନୟାଗଡ଼ ପରିସର | 06753-291022 | 9861137886 | dinayagarh.odisha@gmail.com |
| 79 | ଶ୍ରୀ ଚିନ୍ମୟ କୁମାର ଜେନା ଭେଷଜ ନିରୀକ୍ଷକ | ନୂଆପଡ଼ା / ନୂଆପଡ଼ା ପରିସର (I/C) | | 7978534240 | drugsinspectornuapada@gmail.com |
| 80 | ଶ୍ରୀ ଅଞ୍ଜନ କୁମାର ସାହୁ ଭେଷଜ ନିରୀକ୍ଷକ | ପୁରୀ / ପୁରୀ ପରିସର | 06752-251266 | 9438507444 | di.purirange@gmail.com |
| 81 | ଶ୍ରୀ ଅଞ୍ଜନ କୁମାର ସାହୁ ଭେଷଜ ନିରୀକ୍ଷକ | ପୁରୀ / ପୁରୀ - ୨ ପରିସର (I/C) | | 9438507444 | di.puri2range@gmail.com |
| 82 | ଶ୍ରୀ ପ୍ରିୟରଞ୍ଜନ ନାୟକ ଭେଷଜ ନିରୀକ୍ଷକ | ରାୟଗଡ଼ା / ରାୟଗଡ଼ା ପରିସର (I/C) | 06856-235003 | 9439517865 | rayagadadi@gmail.com |
| 83 | ଶ୍ରୀମତୀ ଆଝାମଣି ମାରାଣ୍ଡି ଭେଷଜ ନିରୀକ୍ଷକ | ରାଉରକେଲା / ରାଉରକେଲା ପରିସର | 0661-2646600 | 8895165462 | drugsinspector.rourkela@gmail.com |
| 84 | ଶ୍ରୀ ସତ୍ୟନାରାୟଣ ମଲ୍ଲିକ ଭେଷଜ ନିରୀକ୍ଷକ | ସମ୍ବଲପୁର / ସମ୍ବଲପୁର ରେଞ୍ଜ (I/C) | 9437381296 | 8895168987 | disambalpur@gmail.com |
| 85 | ଶ୍ରୀ ଉମାଶଙ୍କର ମେହେର ଭେଷଜ ନିରୀକ୍ଷକ | ସୋନପୁର / ସୁବର୍ଣ୍ଣପୁର ରେଞ୍ଜ | | 9040501907 | disonepur@gmail.com |
| 86 | ଶ୍ରୀମତୀ ସସ୍ମିତା ଦେହୁରୀ ଭେଷଜ ନିରୀକ୍ଷକ | ସୁନ୍ଦରଗଡ଼ / ସୁନ୍ଦରଗଡ଼ ରେଞ୍ଜ (I/C) | 06622-295200 | 9776776941 | drugsinspectorsunda rgarh@gmail.com |
| 87 | ଶ୍ରୀମତୀ ସୁନିତାରାଣୀ ପାତ୍ର ଭେଷଜ ନିରୀକ୍ଷକ | ଭୁବନେଶ୍ୱର | | 9438676209 | sunitarpatra@gmail.com |
| 88 | ଶ୍ରୀ ବିଦ୍ୟୁତ୍ କୁମାର ଦାଶ ଭେଷଜ ନିରୀକ୍ଷକ | ଭୁବନେଶ୍ୱର | | 9437179648 | dashbidyut@gmail.com |
| 89 | ଶ୍ରୀ ଚନ୍ଦନ କୁମାର ଗିରି ଭେଷଜ ନିରୀକ୍ଷକ | ଭୁବନେଶ୍ୱର (I/C) | | 8895478543, 9937256743 | drugscontrolorissa@gmail.com |
| 90 | ଶ୍ରୀ ଜଗନ୍ନାଥ ମଲ୍ଲିକ ଭେଷଜ ନିରୀକ୍ଷକ | ବାଲେଶ୍ୱର / ଉତ୍ତର ଜୋନ୍ (I/C) | | 9439019092, 7008255852 | ddcnorthzone@gmail.com |
| 91 | ଶ୍ରୀ ମୁକେଶ କୁମାର ଧୁରୁଆ ଭେଷଜ ନିରୀକ୍ଷକ | ସମ୍ବଲପୁର / ପଶ୍ଚିମ ଜୋନ୍ (I/C) | | 9437530009 | ddcwzsambalpur@gmail.com |
| 92 | ଶ୍ରୀ ଲଳିତ କୁମାର ସାହୁ ଭେଷଜ ନିରୀକ୍ଷକ | ବ୍ରହ୍ମପୁର / ଦକ୍ଷିଣ ଜୋନ୍ (I/C) | | 9437232661 | ddcsz.bam@gmail.com |
| 93 | ଶ୍ରୀ ଜଗନ୍ନାଥ ମଲ୍ଲିକ ଭେଷଜ ନିରୀକ୍ଷକ | ବାଲେଶ୍ୱର / ଉତ୍ତର ଜୋନ୍ (I/C) | | 9439019092/ 7008255852 | ddcnorthzone@gmail.com |
| 94 | ଶ୍ରୀ ଲଳିତ କୁମାର ସାହୁ ଭେଷଜ ନିରୀକ୍ଷକ | ବ୍ରହ୍ମପୁର / ଦକ୍ଷିଣ ଜୋନ୍ (I/C) | | 9437232661 | ddcsz.bam@gmail.com |
| 95 | ଶ୍ରୀ ମୁକେଶ କୁମାର ଧୁରୁଆ ଭେଷଜ ନିରୀକ୍ଷକ | ସମ୍ବଲପୁର / ପଶ୍ଚିମ ଜୋନ୍ (I/C) | | 9437530009 | ddcwzsambalpur@gmail.com |

OIPR-10001/11/0048/2223

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୧୯/୨୦୨୨ (୧୮ ପୃଷ୍ଠା) | Bhubaneswar, Wednesday, October 19/2022 | Page 18 | ପୃଷ୍ଠା-୧







## ୬ ଫସଲର ଏମ୍‌ଏସ୍‌ପି ବଢ଼ିଲା

### ଗହମ ୧୧୦, ସୋରିଷ ୪୦୦ ଟଙ୍କା

**ନୂଆଦିଲ୍ଲୀ,୧୮।୧୦:** କେନ୍ଦ୍ର ସରକାର ୨୦୨୨-୨୩ ରବି ବର୍ଷ (ଜୁଲାଇରୁ ଜୁନ୍) ଓ ଏହା ପରବର୍ତ୍ତୀ ବିପଣନ ବର୍ଷ ପାଇଁ ଗହମ, ସୋରିଷ ସମେତ ୬ଟି ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ବୃଦ୍ଧି କରିଛନ୍ତି। ଗହମ କୁଇଣ୍ଟାଲ ପ୍ରତି ଏମ୍‌ଏସ୍‌ପି ୧୧୦ ଟଙ୍କା ବୃଦ୍ଧି କରାଯାଇ ୨,୧୨୫ ଟଙ୍କା ହୋଇଥିବା ବେଳେ ସୋରିଷ ଏମ୍‌ଏସ୍‌ପି ୪୦୦ ଟଙ୍କା ବୃଦ୍ଧି କରାଯାଇ ୫,୪୫୦ ଟଙ୍କା ରଖାଯାଇଛି। ଫସଲ ଉତ୍ପାଦନ ଏବଂ କୃଷକଙ୍କ ଆୟ ବଢ଼ାଇବା ଲକ୍ଷ୍ୟରେ ସରକାର ଏମ୍‌ଏସ୍‌ପି ବୃଦ୍ଧି କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଆର୍ଥିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟ କମିଟି ବୈଠକ ବସି ଏହି ନିଷ୍ପତ୍ତି ନିଆଯାଇଛି। ଅନ୍ୟ ଫସଲ ମଧ୍ୟରେ ମସୁର ଡାଲି କ୍ୱିଣ୍ଟାଲ ପିଛା ଏମ୍‌ଏସ୍‌ପି ସର୍ବାଧିକ ୫୦୦ ଟଙ୍କା ବୃଦ୍ଧି ପାଇ ୬,୦୦୦ ଟଙ୍କା ରଖାଯାଇଛି। ସେହିପରି ବାର୍ଲିର ସହାୟକ ମୂଲ୍ୟ ୧୦୦ ଟଙ୍କା ବଢ଼ାଯାଇ କୁଇଣ୍ଟାଲ ପ୍ରତି ଦାମ୍ ୧,୭୩୫ ଟଙ୍କା, ମୁଗ ଡାଲି ଏମ୍‌ଏସ୍‌ପି ୧୦୫ ଟଙ୍କା ବଢ଼ି ୫,୩୩୫ ଟଙ୍କା ହୋଇଥିବାବେଳେ ତୈଳବୀଜ କୁସୁମ ଏମ୍‌ଏସ୍‌ପି ୨୦୯ ଟଙ୍କା ବଢ଼ାଇ ୫,୬୫୦ ଟଙ୍କା ରଖାଯାଇଛି। କ୍ୟାବିନେଟ ନିଷ୍ପତ୍ତି ସମ୍ପର୍କରେ ସୂଚନା ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଗହମ ଓ ସୋରିଷ ଉତ୍ପାଦନ ଖର୍ଚ୍ଚର ୧୦୦% ରିଟର୍ନ ମିଳିବାକୁ ଥିବାବେଳେ ଅନ୍ୟ ୪ଟି ଫସଲରେ ୫୦ରୁ ୮୫% ରିଟର୍ନ ମିଳିବ।

# ଆୟରେ ଓଡ଼ିଶା ଚାଷୀ ପଛୁଆ

## ଉତ୍ପାଦନରେ ବଳକା, ରୋଜଗାରରେ ତଳ ଆଡୁ ୬ ନମ୍ବର

ଭୁବନେଶ୍ୱର,୧୮।୧୦(ବ୍ୟୁରୋ)

ରାଜ୍ୟରେ ଚାଷର ବିକାଶ ହେଉଛି। ଚାଷୀଙ୍କ ଆୟ ବଢୁଛି। କୃଷି ଉତ୍ପାଦନରେ ଓଡ଼ିଶା ବଳକା ରାଜ୍ୟରେ ପରିଣତ ହୋଇଛି। ସରକାର ଅନେକ ସମୟରେ ଏଭଳି ଚିତ୍ର ଥୋଉଛନ୍ତି। କିନ୍ତୁ ବାସ୍ତବ ସ୍ଥିତି ଭିନ୍ନ। ଚାଷ ପାଇଁ ଆବଶ୍ୟକ ବିହନ, ସାର ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ଚାଷୀଙ୍କ ଅଣ୍ଟା ଭାଙ୍ଗିଦେଉଛି। ଏହାଛଡ଼ା ବନ୍ୟା, ବାତ୍ୟା, ମରୁଡ଼ି ଭଳି ପ୍ରାକୃତିକ ବିପତ୍ତି ଚାଷୀଙ୍କୁ ଟଳିଟଳାନ୍ତ କରିଦେଉଛି। ଚାଷ ଉପରେ ନିର୍ଭର କରୁଥିବା ପରିବାର ଆୟ ତଳମୁହାଁ ହେଉଛି। ଚାଷୀ ପରିବାରର ଆୟ କ୍ଷେତ୍ରରେ ଓଡ଼ିଶା ଅନ୍ୟ ରାଜ୍ୟ ତୁଳନାରେ ବହୁ ପଛରେ ପଡ଼ିଯାଇଛି। ନ୍ୟାଶନାଲ ବ୍ୟାଙ୍କ ଅଫ୍ ଏଗ୍ରିକଲଚର ଆଣ୍ଡ ରୁରାଲ ଡେଭେଲପମେଣ୍ଟ (ନାବାର୍ଡ) ଏବଂ ନ୍ୟାଶନାଲ ଷ୍ଟାଟିଷ୍ଟିକାଲ ଅଫିସ୍(ଏନ୍‌ଏସ୍‌ଓ) ରିପୋର୍ଟରୁ ଏହା ଜଣାପଡ଼ିଛି।

‘ଫାର୍ମର୍ସ ୱେଲଫେର: ଆନ୍ ଆନାଲିସିସ୍ ଆକ୍ରସ୍ ଷ୍ଟେଟସ୍ ଅଫ୍ ଇଣ୍ଡିଆ’ ଶୀର୍ଷକ ନାବାର୍ଡ ରିପୋର୍ଟରେ ଥିବା ଦୁଇଟି ପ୍ରସଙ୍ଗକୁ ତର୍ଜମା କଲେ ଓଡ଼ିଶା କୃଷି କ୍ଷେତ୍ରର ବାସ୍ତବ ଚିତ୍ର ସାମ୍ନାକୁ ଆସିଯାଉଛି। ପ୍ରଥମତଃ ଓଡ଼ିଶାର କୃଷି କ୍ଷେତ୍ର ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଥିବା ପରିବାରଗୁଡ଼ିକର ମାସିକ ଆୟ। ନାବାର୍ଡର ଅଲ୍ ଇଣ୍ଡିଆ ରୁରାଲ ଫାଇନାନ୍ସିଆଲ ଇନ୍‌କ୍ଲୁଜନ ସର୍ଭେ-୨୦୧୬-୧୭ ରିପୋର୍ଟ କହୁଛି, ଓଡ଼ିଶାର ଗୋଟିଏ ପରିବାର କୃଷି କ୍ଷେତ୍ରରୁ ହାରାହାରି ମାସିକ ୭,୭୩୧ ଟଙ୍କା ଆୟ କରିପାରୁଛି। ଏ କ୍ଷେତ୍ରରେ ଓଡ଼ିଶା ୨୩ ନମ୍ବର ସ୍ଥାନରେ ରହିଛି। ଓଡ଼ିଶା ପଛକୁ ୫ ରାଜ୍ୟ ରହିଛି। ସେଗୁଡ଼ିକ ହେଲା, ତ୍ରିପୁରା (୭,୫୯୨), ବିହାର (୭୧୭୫), ଝାଡ଼ଖଣ୍ଡ (୬,୯୯୧), ଆନ୍ଧ୍ରପ୍ରଦେଶ (୬,୯୨୦) ଏବଂ ଉତ୍ତରପ୍ରଦେଶ (୬,୬୬୮)। ପଞ୍ଜାବରେ କୃଷି କ୍ଷେତ୍ରରୁ ପରିବାର ପିଛା ହାରାହାରି ମାସିକ ଆୟ ସର୍ବାଧିକ ୨୩,୧୩୩ ଟଙ୍କା। ଏହା ପଛକୁ ହରିୟାଣା (୧୮,୪୯୬) ଏବଂ କେରଳ (୧୬,୯୨୭) ରହିଛି। ଅନ୍ୟପକ୍ଷରେ ଏନ୍‌ଏସ୍‌ଓ ପକ୍ଷରୁ କରାଯାଇଥିବା ସିଚ୍ୟୁଏଶନ ଆସେସ୍‌ମେଣ୍ଟ ସର୍ଭେ (ଏସ୍‌ଏଏସ୍) ଅନୁଯାୟୀ ୨୦୦୨-୦୩ରେ ଓଡ଼ିଶାରେ ପ୍ରତି ଚାଷୀ ପରିବାର ମାସିକ ହାରାହାରି ୧,୦୬୨ ଟଙ୍କା ରୋଜଗାର କରିଥିଲେ। ଏହି ପରିମାଣ ବୃଦ୍ଧି ପାଇ ୨୦୧୨-୧୩ରେ ୪,୯୭୬ ଟଙ୍କା ଏବଂ ୨୦୧୫-୧୬ରେ ୭୭୩୧ ଟଙ୍କା ରହିଥିଲା। କିନ୍ତୁ ୨୦୧୮-୧୯ରେ ଚାଷୀ ପରିବାରର ମାସିକ ଆୟ ଉଦ୍‌ବେଗଜନକ ଭାବେ ହ୍ରାସ ପାଇ ୫,୧୧୨ ଟଙ୍କାକୁ ଖସିଥିଲା। ଅର୍ଥାତ୍ ୪ ବର୍ଷରେ ଏହା ୨,୬୧୯ ଟଙ୍କା କମିଯାଇଥିଲା। ପଞ୍ଜାବ କଥା ଦେଖିଲେ ଚାଷୀ ପରିବାରର ହାରାହାରି ମାସିକ ଆୟ ୨୦୧୨-୧୩ରେ ୧୮,୦୫୯ ଟଙ୍କା ଏବଂ ୨୦୧୮-୧୯ରେ ୨୬,୭୦୧ ଟଙ୍କା ରହିଥିଲା। ପଞ୍ଜାବ ସହିତ ତୁଳନା କଲେ ଓଡ଼ିଶାରେ ଚାଷୀଙ୍କ ମାସିକ ଆୟ ପ୍ରାୟ ୫ ଭାଗରୁ ଭାଗେ।

ନାବାର୍ଡ ରିପୋର୍ଟରେ ଅନ୍ୟ ଏକ ପ୍ରସଙ୍ଗ ହେଲା ରାଜ୍ୟର ପ୍ରତି ହେକ୍ଟର ଚାଷଜମି ଉପରେ ମଞ୍ଜୁର କୃଷିଋଣ ପରିମାଣ। ଏକ୍ଷେତ୍ରରେ ଓଡ଼ିଶା ସାରା ଦେଶରେ ୧୭ ସ୍ଥାନରେ ରହିଛି। ଓଡ଼ିଶାର ପ୍ରତି ହେକ୍ଟର ଚାଷଜମି ଉପରେ ମଞ୍ଜୁର କୃଷିଋଣ ହେଉଛି ୫୨ ହଜାର ଟଙ୍କା। ଏହି ଋଣ ପରିମାଣ ତାମିଲନାଡୁରେ ସର୍ବାଧିକ ୩ ଲକ୍ଷ ୭୧ ହଜାର ଟଙ୍କା ଏବଂ କେରଳରେ ୩ ଲକ୍ଷ ୬୮ ହଜାର ଟଙ୍କା।

ଅର୍ଥନୀତିଜ୍ଞ ଏବଂ କୃଷି ବିଶେଷଜ୍ଞଙ୍କ ମତରେ ଜୀବନଧାରଣ ପାଇଁ କୃଷି ଉପରେ ଅତ୍ୟଧିକ ନିର୍ଭରଶୀଳତା ହ୍ରାସ ଦିଗରେ ପ୍ରଶାସନିକ ପଦକ୍ଷେପର ଅଭାବ ରହିଛି। ନାଇଜର ଅର୍ଥନୀତି ପ୍ରାଧ୍ୟାପକ ଅମରେନ୍ଦ୍ର ଦାସ କହିଛନ୍ତି, ଆମ ରାଜ୍ୟର ଚାଷୀମାନେ ପ୍ରାୟତଃ ଧାନ ଚାଷ କରୁଛନ୍ତି। ଫସଲର ବିବିଧକରଣ କରାଯାଇନାହିଁ। ଚାଷୀମାନେ ଅର୍ଥକରୀ ଫସଲ କରିବାକୁ ଆଗ୍ରହ ଦେଖାଉ ନାହାନ୍ତି, ଯାହାକି ସେମାନଙ୍କ ଆୟ ବୃଦ୍ଧିରେ ବାଧକ ହୋଇଛି। ଅନ୍ୟପକ୍ଷରେ ଚାଷୀଙ୍କ ପାଖରେ ଉତ୍ପାଦିତ ଶସ୍ୟ ମହଜୁଦ ରଖିବା ପାଇଁ କୌଣସି ସାଧନ ବା ଭିତ୍ତିଭୂମି ନାହିଁ। ସରକାରଙ୍କ ଏଗ୍ରିକଲ୍ଚର ଏକ୍ସଟେନଶନ ୱିଙ୍ଗ୍ ଥିଲା ଭଳି ଲାଗୁ ନାହିଁ। ସରକାର ଚାଷ ପାଇଁ ଗଢୁଥିବା ଯୋଜନା ଓ ନେଉଥିବା ପଦକ୍ଷେପଗୁଡ଼ିକ ବିଷୟରେ ଚାଷୀମାନେ ଅଜ୍ଞ। ଓଡ଼ିଶା ଭଳି ରାଜ୍ୟରେ ବହୁ କ୍ଷୁଦ୍ରଚାଷୀ ରହିଛନ୍ତି। ସେମାନଙ୍କ ଚାଷଜମିର ପରିମାଣ ମଧ୍ୟ କମ୍। ଅଳ୍ପ ଚାଷଜମି ଉପରେ ବହୁ ଲୋକ ନିର୍ଭର କରୁଛନ୍ତି। ଚାଷ ବାବଦ ଖର୍ଚ୍ଚ ବଢୁଥିବାରୁ ଚାଷୀଙ୍କ ଆୟ ହ୍ରାସ ହେବା ସ୍ୱାଭାବିକ। କିନ୍ତୁ ଯେଉଁ ରାଜ୍ୟଗୁଡ଼ିକରେ କୃଷିକ୍ଷେତ୍ରରୁ ଅଧିକ ଆୟ ହେଉଛି, ସେଠାରେ ଅଣକୃଷିକ୍ଷେତ୍ରରୁ ଆୟ ପନ୍ଥା ମଧ୍ୟ ଅଧିକ ରହିଥିବ। ତେଣୁ ରାଜ୍ୟ ସରକାର ଅଣକୃଷି ଆୟପନ୍ଥା ବୃଦ୍ଧି ନିମନ୍ତେ ପ୍ରୋତ୍ସାହନ ଦେବା ଉଚିତ। ଏଥିପାଇଁ ଉଭୟ ସେବା କ୍ଷେତ୍ର ଏବଂ ଉତ୍ପାଦନଭିତ୍ତିକ ଶିଳ୍ପ ବିକାଶ ନିମନ୍ତେ ଉପଯୁକ୍ତ ବାତାବରଣ ଓ ଭିତ୍ତିଭୂମି ସୃଷ୍ଟି କରାଯିବା ଜରୁରୀ ବୋଲି ପ୍ରାଧ୍ୟାପକ ଦାସ କହିଛନ୍ତି।

ନାବାର୍ଡ ତଥ୍ୟ ଅନୁଯାୟୀ କୃଷିକ୍ଷେତ୍ରରୁ ହାରାହାରି ମାସିକ ଆୟରେ କେରଳ ଦେଶରେ ତୃତୀୟ ସ୍ଥାନ (୧୬,୯୨୭ଟଙ୍କା)ରେ ଥିବାବେଳେ ଅଣକୃଷି କ୍ଷେତ୍ରରୁ ପ୍ରତି ପରିବାରର ହାରାହାରି ମାସିକ ଆୟ ☞ପୃଷ୍ଠା-୨



ରୋଜର ବିନ୍ନି ବିସିସିଆଇ ନୂଆ ସଭାପତି

ପୃଷ୍ଠା-୧୪

**ଆଜିର ସମ୍ପାଦକୀୟ**

ସୀମା ଡେଇଁଲେ ବିପଦ








ପାରାଦୀପ ସହରର କାଳିଆବୁଦା ନଦୀ ଉପରେ ବାଉଁଶ ଭାଡ଼ିରେ ନିର୍ମିତ ହୋଇଥିବା ଶୌଚାଳୟ।

# ନଦୀ ଉପରେ ଶତାଧିକ ବାଉଁଶ ଭାଡ଼ି ଶୌଚାଳୟ

ଶରତ ରାଉତ
ପାରାଦୀପ,୧୮।୧୦(ସ୍ୱ.ପ୍ର.)

- **୨ ଥର ବାହ୍ୟ ମଳମୁକ୍ତ ଶିଳ୍ପସହର ଭାବେ ରାଷ୍ଟ୍ରପତି ପୁରସ୍କାର ପାଇଛି**
- **ନଦୀ ଜଳ ପ୍ରଦୂଷିତ ହେଉଛି**

ଜଗତ୍‌ସିଂହପୁର ଜିଲାର ପ୍ରମୁଖ ଶିଳ୍ପସହର ପାରାଦୀପ ପୌରାଞ୍ଚଳକୁ ୨୦୧୮ରେ ବାହ୍ୟ ମଳମୁକ୍ତ ଭାବେ ଘୋଷଣା କରାଯାଇଛି। ଏପରି କି ସ୍ୱଚ୍ଛ ସହର ଭାବେ ଦୁଇଥର ରାଷ୍ଟ୍ରପତି ପୁରସ୍କାର ପାଇସାରିଲାଣି। ବାସ୍ତବରେ ତା’ର ବିପରୀତ ଚିତ୍ର ପୌରାଞ୍ଚଳରେ ଦେଖିବାକୁ ମିଳୁଛି। ଏବେ ବି ଅନେକ ବସ୍ତିର ଲୋକମାନେ ଖୋଲାରେ ଶୌଚ କରୁଛନ୍ତି। ଷଣ୍ଢକୁଦ ବସ୍ତି, ନୂଆବଜାର ଲୋକମାନେ ସମୁଦ୍ର ବେଳାଭୂମିରେ ଏସବୁ ଘଟଣା ଦେହସୁହା ହୋଇଗଲାଣି। ଏବେ ଅଠରବାଙ୍କି ଲକପଡା ବସ୍ତିରେ କୌତୂହଳପୂର୍ଣ୍ଣ ଶୌଚାଳୟ ଦେଖିବାକୁ ମିଳିଛି। ଏହି ବସ୍ତି ସଂଲଗ୍ନ କାଳିଆବୁଦା ନଦୀ ଉପରେ ବାଉଁଶ ଭାଡିରେ ଶତାଧିକ ଶୌଚାଳୟ ନିର୍ମାଣ କରାଯାଇଛି। ଉପରୋକ୍ତ ବସ୍ତିର ପ୍ରାୟ ୧୮୫ ପରିବାର ଏସବୁ ଶୌଚାଳୟକୁ ଯାଉଛନ୍ତି। ନଦୀ ଉପରେ ବାଉଁଶ ବନ୍ଧାହୋଇ ଛୋଟ ଘର ଭଳି କରାଯାଇଛି। ତା’ର ଚତୁଃପାର୍ଶ୍ୱରେ କଳା ପଲିଥିନ ଘେରା ଯାଇଛି। ସେଠାକୁ ଯିବା ପାଇଁ କୂଳଠାରୁ ବାଉଁଶ ପୋଲ ହୋଇଛି। ସେଥିରେ କୌଣସି ପାଇଖାନା ଲାଗିନାହିଁ। ମଳତ୍ୟାଗ ପାଇଁ ଭାଡିରେ କିଛି ଅଂଶ ଫାଙ୍କା ରହିଛି। ଏମିତି ଶୌଚାଳୟ ଦ୍ୱାରା ସମ୍ପୃକ୍ତ ନଦୀ ଜଳ ପ୍ରଦୂଷିତ ହେଉଥିବା ଅଭିଯୋଗ ହେଉଛି। କୈବର୍ତ୍ତ ଷୋଳଭାଇ ସଭା ସଂଗଠନ ପକ୍ଷରୁ ଉକ୍ତ ନଦୀକୁ ନିଲାମରେ ନିଆଯାଇ ମାଛଚାଷ କରାଯାଉଛି।

ସୂଚନାଯୋଗ୍ୟ, ବସ୍ତି ଲୋକଙ୍କ ପାଇଁ ପାରାଦୀପ ପୌରପାଳିକା ପକ୍ଷରୁ ଏପର୍ଯ୍ୟନ୍ତ ୨୫୨୭ ବ୍ୟକ୍ତିଗତ ଶୌଚାଳୟ କରାଯାଇଛି। ଏହାବାଦ ଗୋଷ୍ଠୀ ଓ ସର୍ବସାଧାରଣରେ ବ୍ୟବହାର ନିମନ୍ତେ ୪୭ ଶୌଚାଳୟ କରାଯାଇଛି। ସେଥିରୁ ୩୯ଟି ସ୍ୱୟଂ ସହାୟକ ଗୋଷ୍ଠୀ ଓ ୮ଟି ସୁଲଭ ଶୌଚାଳୟ ପରିଚାଳନା କରୁଛନ୍ତି। ଅଠରବାଙ୍କି ଲକ୍‌ପଡା ପାଇଁ ପ୍ରାୟ ୩୦୦ ବ୍ୟକ୍ତିଗତ ଶୌଚାଳୟ ଓ ୩ ଗୋଷ୍ଠୀଗତ ଶୌଚାଳୟ ଯୋଗାଇ ଦିଆଯାଇଛି। ଏତଦ୍‌ବ୍ୟତୀତ ଏସାର ଷ୍ଟିଲ (ଏବେକାର ଏଏମ୍‌ଏନ୍‌ଏସ୍) ପକ୍ଷରୁ ମଧ୍ୟ ଶତାଧିକ ଶୌଚାଳୟ ନିର୍ମାଣ କରାଯାଇଥିବା ନେଇ ବିଭିନ୍ନ କାନ୍ଥ ବାଡରେ ଲଗାଯାଇଥିବା ସୂଚନା ଫଳକରେ ଦର୍ଶାଯାଇଛି। ଏତେପରେ ମଧ୍ୟ ଲୋକମାନେ ନଦୀ ଉପରେ ଅସ୍ଥାୟୀ ଶୌଚାଳୟ ବ୍ୟବହାର କରୁଛନ୍ତି। ଏ ସମ୍ପର୍କରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ କହିଛନ୍ତି, ପୌରପାଳିକା ପକ୍ଷରୁ ଏପରି ଶୌଚାଳୟକୁ ୨୦୧୯ ଓ ୨୦୨୦ରେ ଦୁଇଥର ଉଚ୍ଛେଦ କରାଯାଇଥିଲା। ଏହାସତ୍ତ୍ୱେ ଲୋକମାନେ ଅଭ୍ୟାସ ବଦଳାଉ ନାହାନ୍ତି। ସେଗୁଡ଼ିକୁ ପୁଣି ଉଚ୍ଛେଦ କରାଯିବା ସହ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବ।

# ଆସୁଛି ବାତ୍ୟା

## ୨ ଦିନ ପରେ ସ୍ପଷ୍ଟ ହେବ ଚିତ୍ର

ଭୁବନେଶ୍ୱର,୧୮।୧୦(ବ୍ୟୁରୋ)

- **ସରକାର ଡାକିଲେ ପ୍ରସ୍ତୁତି ବୈଠକ**
- **ହେଡ୍‌କ୍ୱାର୍ଟର୍ସ ନ ଛାଡ଼ିବାକୁ କର୍ମଚାରୀଙ୍କୁ ନିର୍ଦ୍ଦେଶ**
- **୨୨ରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା**
- **୨୩ ଯାଏ ବର୍ଷା ନାହିଁ**

ଅନ୍ତର୍ଜାତୀୟ ପାଣିପାଗ ସଂସ୍ଥା ଗ୍ଲୋବାଲ ଫୋରକାଷ୍ଟ ସିଷ୍ଟମ୍(ଜିଏଫ୍‌ଏସ୍) ସମେତ ବିଭିନ୍ନ ପାଣିପାଗ ମଡେଲ କରିଥିବା ଅନୁମାନ ଧୀରେ ଧୀରେ ସତ ହେବାରେ ଲାଗିଛି। ଉତ୍ତର ଆଣ୍ଡାମାନ ସାଗର ଏବଂ ଏହାର ଆଖପାଖ ଅଞ୍ଚଳରେ ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ଅଛି। ୨୨ ତାରିଖ ସୁଦ୍ଧା ଏହା ଡିପ୍ରେସନ(ଅବପାତ)ରେ ପରିଣତ ହେବ। ପରବର୍ତ୍ତୀ ସମୟରେ ସମୁଦ୍ରରେ ଏହା ଅଧିକ ଶକ୍ତିଶାଳୀ ହୋଇ ଭୟଙ୍କର ସାମୁଦ୍ରିକ ଝଡ଼ର ରୂପ ନେବାର ଆଶଙ୍କା ରହିଛି। ତେବେ ଝଡ଼ର ସମ୍ପୂର୍ଣ୍ଣ ଚିତ୍ର ଏବେ ସୁଦ୍ଧା ସ୍ପଷ୍ଟ ହୋଇ ନାହିଁ। ଏହା କେଉଁ ଦିଗ ଦେଇ ଗତି କରିବ ଓ ଏହାର ବେଗ ଏବଂ ପ୍ରଭାବ କେତେ ରହିବ ଏ ପର୍ଯ୍ୟନ୍ତ ଠିକ୍ ଆକଳନ କରାଯାଇପାରି ନାହିଁ। ଆସନ୍ତା ୨/୩ ଦିନ ମଧ୍ୟରେ ଏ ନେଇ ସ୍ପଷ୍ଟ ଚିତ୍ର ମିଳିବା ସମ୍ଭାବନା ଅଛି।

ଅନ୍ୟପକ୍ଷରେ ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଯେ ୨୨ ତାରିଖ ପରେ ଅବପାତ ବାତ୍ୟା ରୂପ ନେଇପାରେ। ତେବେ ବାତ୍ୟାଟି କେଉଁ ରାଜ୍ୟ ଦେଇ ଯିବ ନ ଯିବ, ତା’ର ଅନୁମାନ ଏ ପର୍ଯ୍ୟନ୍ତ ହୋଇନି। ଲଘୁଚାପରେ ପରିଣତ ହେଲା ପରେ ହିଁ ଅଧିକ ସ୍ପଷ୍ଟଚିତ୍ର ମିଳିପାରିବ। ବାତ୍ୟା ରୂପ ନେଲାବେଳକୁ ଏହା ସମୁଦ୍ର ଭିତରେ ଥିବ।

ବଙ୍ଗୋପସାଗରରେ ସମ୍ଭାବ୍ୟ ବାତ୍ୟା ଆଶଙ୍କାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଜିଲା ପ୍ରଶାସନ ଓ ବିଭିନ୍ନ ବିଭାଗକୁ ସତର୍କ ରହିବାକୁ ପରାମର୍ଶ ଦିଆଯିବା ସହ ସରକାରୀ ଅଫିସରମାନଙ୍କୁ ମୁଖ୍ୟାଳୟ ନ ଛାଡ଼ିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ୨୨ ତାରିଖ ପରେ ବାତ୍ୟାର ସ୍ଥିତି ସ୍ପଷ୍ଟ ହେବାକୁ ଥିବାରୁ ସରକାର ଉପକୂଳ ଜିଲାଗୁଡ଼ିକରେ ସରକାରୀ କର୍ମଚାରୀଙ୍କ ଛୁଟିକୁ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ବାତିଲ କରିଛନ୍ତି। ସମ୍ଭାବ୍ୟ ବାତ୍ୟା ଆଶଙ୍କାକୁ ନଜରରେ ରଖି ମଙ୍ଗଳବାର ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆରସି) ଅସ୍ଥାୟୀ ଦାୟିତ୍ୱରେ ☞ପୃଷ୍ଠା-୨

# ଅର୍ଡର ପୂର୍ବରୁ ସାମଗ୍ରୀର ସ୍ପର୍ଶ ଅନୁଭବ

## ଆଇଆଇଟି ମାଡ୍ରାସ୍ ଆଣିଛି ‘ଟଚ୍ ସ୍କ୍ରିନ୍ ଡିସ୍‌ପ୍ଲେ ଟେକ୍ନୋଲଜି’

ଚେନ୍ନାଇ,୧୮।୧୦



ପିଲାଙ୍କଠାରୁ ବୃଦ୍ଧଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକ ବର୍ଗର ଲୋକେ ଏବେ ଅନ୍‌ଲାଇନ୍ ଶପିଂ କରୁଛନ୍ତି। ଅନେକ ସମୟରେ ଗ୍ରାହକଙ୍କୁ ସେମାନଙ୍କ ପସନ୍ଦଯୋଗ୍ୟ ସାମଗ୍ରୀ ଅନ୍‌ଲାଇନ୍‌ରୁ ମିଳି ନ ଥାଏ। ଅନ୍‌ଲାଇନ୍ ପ୍ରଡକ୍ଟଗୁଡ଼ିକ ଫୋନ୍ ସ୍କ୍ରିନ୍‌ରେ ଯେଉଁ କ୍ୱାଲିଟିର ଦେଖାଯାଏ, ତାକୁ ଆଣି ସାରିବା ପରେ ନିମ୍ନମାନର ଗୁଣବତ୍ତା ପାଇଁ ଗ୍ରାହକ ଅସନ୍ତୁଷ୍ଟ ହୋଇଥାଆନ୍ତି। ଏଭଳି ସମସ୍ୟାର ସମାଧାନ ପାଇଁ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ମାଡ୍ରାସର ଗବେଷକମାନେ ଏକ ଟେକ୍ନୋଲୋଜି ବିକଶିତ କରିଛନ୍ତି, ଯଦ୍ଦ୍ୱାରା ଅନ୍‌ଲାଇନ୍‌ରେ କୌଣସି ଜିନିଷ ଅର୍ଡର କରିବା ପୂର୍ବରୁ ତାହାକୁ ସ୍ପର୍ଶ ଓ ଅନୁଭବ କରିହେବ।

ଏହାର ନାମ ଟଚ୍‌ସ୍କ୍ରିନ୍ ଡିସ୍‌ପ୍ଲେ ଟେକ୍ନୋଲଜି ବା ଆଇ-ଟାଡ୍ ରଖାଯାଇଛି। ଟଚ୍‌ସ୍କ୍ରିନ୍ ଟେକ୍ନୋଲଜିର ଏହା ଉନ୍ନତମାନ ବୋଲି ଗବେଷକ କହିଛନ୍ତି। ସଫ୍ଟୱେର୍ ଜରିଆରେ ସ୍କ୍ରିନ୍‌ରେ ବିଭିନ୍ନ ପ୍ରକାର ଟେକ୍ସଚର ସଂଲଗ୍ନ କରାଯାଇଛି। କୋମଳଠାରୁ ଆରମ୍ଭ କରି କଠିନ ଜିନିଷକୁ ଏହା ଜରିଆରେ ଅନୁଭବ କରାଯାଇପାରିବ। ସ୍କ୍ରିନ୍ ଉପରେ ଅଙ୍ଗୁଳି ଚାଳନାକୁ ସେଥିରେ ଥିବା ଟଚ୍ ସେନ୍ସର ପ୍ରଥମେ ଚିହ୍ନଟ କରିଥାଏ। ☞ପୃଷ୍ଠା-୨

**ଆଜିର ମନ୍ତବ୍ୟ**

"ପ୍ରକୃତ ନିୟନ୍ତ୍ରଣରେଖା(ଏଲ୍ଏସି)ରେ ଶାନ୍ତିପୂର୍ଣ୍ଣ ବାତାବରଣ ଚାଇନା ସହ ସ୍ୱାଭାବିକ ସମ୍ପର୍କର ଆଧାର।

– ଏସ୍. ଜୟଶଙ୍କର, ବହିର୍ବ୍ୟାପାର ମନ୍ତ୍ରୀ




## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................


ଦେବାନ୍ସି ପରିବାରବର୍ଗ


ଅନୁଜ୍ ପରିବାରବର୍ଗ


ରାନୀ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ମୁମ୍ବାଇ ଗସ୍ତରେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୮।୧୦(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ହାଇଦ୍ରାବାଦରୁ ସ୍ୱତନ୍ତ୍ର ଏୟାରକ୍ରାଫ୍ଟ ଯୋଗେ ମୁମ୍ବାଇ ଗସ୍ତ କରିଛନ୍ତି। ରାତିରେ ନବୀନ ନିଜର କିଛି ବନ୍ଧୁ ଓ ପରିବାର ସଦସ୍ୟଙ୍କ ସହ ସମୟ ବିତାଇବେ ବୋଲି ବିଶେଷ ସୂତ୍ରରୁ ଜଣାପଡିଛି। ମିଳିଥିବା ସୂଚନା ଅନୁସାରେ, ହାଇଦ୍ରାବାଦରେ ଆୟୋଜିତ ନିବେଶକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଯୋଗ ଦେବା ପରେ ମୁମ୍ବାଇ ଯାଇଛନ୍ତି। ବମ୍ବେରେ ମୁଖ୍ୟମନ୍ତ୍ରୀ ବୁଧବାର ସକାଳ ୧୧ଟାରେ ମୁମ୍ବାଇସ୍ଥିତ ଓଡ଼ିଶା ଭବନ ଯାଇ ସେଠାରେ କୋଠା ସମ୍ପ୍ରସାରଣ ଶିଳାନ୍ୟାସରେ ଯୋଗଦେବେ। ଅପରାହ୍ନ ୪ଟା ୫୦ମିନିଟରେ ମୁମ୍ବାଇ ଆର୍ନ୍ତଜାତିକ ବିମାନ ବନ୍ଦରରୁ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିବେ ବୋଲି ଜଣାପଡ଼ିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦେଶ ଗୁଣେ ବେଶ,**
**ଗୁରୁ ଗୁଣେ ଶିଷ୍ୟ ।**

ଦେଶ ଦୁନିଆର ବିଭିନ୍ନ ପ୍ରାନ୍ତରେ ଭିନ୍ନ ଭିନ୍ନ ନିୟମ, ପରମ୍ପରା, ଚାଲିଚଳଣି, ବେଶ ପୋଷାକ, ଭାଷା ତଥା ଖାଦ୍ୟପେୟ ଦେଖିବାକୁ ମିଳିଥାଏ । ଯେ ଯେଉଁ ଦେଶକୁ ଯାଇଥାଏ ତାକୁ ସେ ଦେଶର ନୀତି ନିୟମରେ ଚଳିବାକୁ ପଡିଥାଏ । ସେହିପରି ଗୁରୁ ଶିଷ୍ୟଙ୍କୁ ଶିକ୍ଷା ଦେବା ସହ ଉଚିତ୍ ମାର୍ଗଦର୍ଶନ କରାଇଥାନ୍ତି । ଗୁରୁଙ୍କ ସ୍ୱଭାବ, ପ୍ରଭାବ ଶିଷ୍ୟଠାରେ ପ୍ରତିଫଳିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଦେଇ ଘରେ ହେଲା ବାହା,**
**ଗଇଣ ଗଛକୁ ପାଳ ଦଉଡ଼ା,**
**ଧୋବା ଚିରି ଚିରି ଠିଆ ।**

ଆଗରୁ ଝିଅ ଯେଉଁଠିକି ଦିଆ ହୋଇଥିଲା ଯଦି ତା' ବାହାଘର ସେଇଠି ହୁଏ ତା'ହେଲେ ତା' ପାଇଁ ଆଉ କୌଣସି ବରାଦର ଆବଶ୍ୟକ ପଡ଼ି ନ ଥାଏ । ବହ୍ୱାରମ୍ଭେ ଲଘୁକ୍ରିୟା । ସାମାନ୍ୟ ଗଇଣ ଗଛ ପାଇଁ ପାଳ ଦଉଡ଼ି ଖୋଜିବା ଭଳି ଅନାବଶ୍ୟକ ଚେଷ୍ଟା କରି ଲାଭ କିଛି ମିଳି ନ ଥାଏ, ବରଂ ଏ ସବୁ ବୃଥା ବୋଲି ଏଠାରେ ବର୍ଣ୍ଣନା କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ପୁରସ୍କାର ପାଇଁ ନ୍ୟୁୟର୍କ ଯିବାକୁ ଦିଆଯାଇ ନ ଥିଲା

## ପୁଲିଜର ବିଜେତା କଶ୍ମୀରୀ ଫଟୋଗ୍ରାଫରଙ୍କ ଅଭିଯୋଗ

**ନୂଆଦିଲ୍ଲୀ,୧୮।୧୦**

ପୁଲିଜର ପୁରସ୍କାର ବିଜେତା କଶ୍ମୀରୀ ଫଟୋଗ୍ରାଫର ସାନ୍ନା ଇର୍ସାଦ ମାଟ୍ଟୁଙ୍କୁ ଚଳିତ ବର୍ଷ ଦିଲ୍ଲୀ ବିମାନବନ୍ଦରରୁ ଦୁଇଥର ବିଦେଶ ଯିବାକୁ ଦିଆଯାଇ ନ ଥିବା ସେ ଅଭିଯୋଗ କରିଛନ୍ତି। ତାଙ୍କର ବୈଧ ଆମେରିକା ଭିଜା ଏବଂ ଟିକେଟ ଥିବା ସତ୍ତ୍ୱେ ପୁଲିଜର ପୁରସ୍କାର ଗ୍ରହଣ କରିବା ଲାଗି ନ୍ୟୁୟର୍କ ଯିବାକୁ ଇମିଗ୍ରେଶନ କର୍ତ୍ତୃପକ୍ଷ ଛାଡ଼ି ନ ଥିଲେ। ସେହିପରି ବିନା କାରଣରେ ତାଙ୍କୁ ଦ୍ୱିତୀୟ ଥର ଲାଗି ଦିଲ୍ଲୀ ବିମାନବନ୍ଦରରେ ଅଟକାଯାଇଥିଲା। ସେ ଇତିମଧ୍ୟରେ ଇମିଗ୍ରେଶନ ବିଭାଗର ଅଧିକାରୀମାନଙ୍କୁ ଭେଟିଥିଲେ ମଧ୍ୟ କୌଣସି ଜବାବ ମିଳିନାହିଁ। ପୁରସ୍କାର ଉତ୍ସବରେ ଯୋଗଦେବା ତାଙ୍କ ପାଇଁ ଜୀବନକାଳରେ ଏକମାତ୍ର ସୁଯୋଗ ଥିଲା। ସେହିପରି ଗତ ଜୁଲାଇରେ ଏକ ପୁସ୍ତକ ଉନ୍ମୋଚନ ଉତ୍ସବ ଓ ଫଟୋ ପ୍ରଦର୍ଶନୀରେ ଯୋଗଦେବା ଲାଗି ପ୍ୟାରିସ ଯିବା ନିମନ୍ତେ ସେ ଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିଥିଲେ


ସାନ୍ନା ଇର୍ସାଦ ମାଟ୍ଟୁ

ହେଁ ତାଙ୍କୁ ଯିବାକୁ ଦିଆଯାଇ ନ ଥିଲା। ତାଙ୍କୁ ନୋ–ଫ୍ଲାଏ ତାଲିକାରେ ରଖାଯାଇଥିବା ଜମ୍ମୁ–କଶ୍ମୀର ପୋଲିସର ଜଣେ ଅଧିକାରୀ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ଏମିତି କେତେକ କାମ ରହିଛି ଯାହାକି ମନ ଚାହୁଁଥିଲେ ମଧ୍ୟ ଆପଣ ସମ୍ପନ୍ନ କରିବାକୁ ଅସମର୍ଥ ହୋଇପଡ଼ିବେ। ପାରିବାରିକ ସ୍ଥିତି ସାଙ୍ଗକୁ କର୍ମକ୍ଷେତ୍ରର ସମସ୍ୟା ସମାଧାନ କରିବାରେ ସଙ୍କଟ ଉପୁଜିବ । ଆତ୍ମୀୟମାନେ ଅସୁବିଧାରେ ପକାଇବାକୁ ଚେଷ୍ଟା କରିପାରନ୍ତି, କିନ୍ତୁ କିଛି କରିପାରିବେ ନାହିଁ । ଋଣ ପରିଶୋଧ କରିବା ଦିଗରେ ଦୁଶ୍ଚିନ୍ତା ବୃଦ୍ଧି ପାଇବ।

**ବୃଷ** ବନ୍ଧୁମାନେ ସହଯୋଗକୁ ସ୍ୱାର୍ଥ ସାଧନ ଦିଗରେ ଲଗାଇପାରନ୍ତି। ପରିବାରରେ ଭୁଲ୍ ବୁଝାମଣା କାରଣରୁ ଭାଇ କିମ୍ବା ଭଉଣୀଙ୍କ ସହ ସମ୍ପର୍କ ଭଲ ରହି ନ ପାରେ। ପ୍ରଶାସନ, ଆଇନ, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ଆର୍ଥିକ ଅନଟନ ମଧ୍ୟରେ ଅଣନିଃଶ୍ୱାସୀ ହୋଇପାରନ୍ତି। ଛୋଟକଥାରୁ କର୍ମକ୍ଷେତ୍ରରେ ଅଶାନ୍ତି ସୃଷ୍ଟି ହୋଇପାରେ।

**ମିଥୁନ** ସ୍ତ୍ରୀଙ୍କ ଅନୁପ୍ରେରଣା, ପଡ଼ୋଶୀଙ୍କ ପ୍ରତ୍ୟକ୍ଷ ସହଯୋଗ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ସାହାଯ୍ୟ କରିବ। ପରିଭ୍ରମଣ, ନୂତନ ସ୍ଥାନ ପରିଦର୍ଶନ ଓ ସତ୍ସଙ୍ଗ ସୁଯୋଗ ପାଇବେ। ସଭାସମିତି, ଜମିଜମା ଏବଂ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିଶେଷ ଭଲ ରହି ନ ପାରେ। ନିଜ ନିଜର ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥପ୍ରାପ୍ତି ଘଟିବ।

**କର୍କଟ** ବନ୍ଧୁଙ୍କ ସାହାଯ୍ୟ ଓ ବଦାନ୍ୟତା ଆପଣଙ୍କୁ ଅର୍ଥଲାଭ କଲେ ମଧ୍ୟ ପାରିବାରିକ କ୍ଷେତ୍ରକୁ ଅସ୍ଥିରତା ପ୍ରଦାନ କରିପାରନ୍ତି। ଆଲୋଚନା ପରିସରରେ ବିପକ୍ଷ ବ୍ୟକ୍ତିମାନଙ୍କ ଅକାଟ୍ୟ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ସକାଶେ ବିଶେଷଜ୍ଞଙ୍କ ପରାମର୍ଶ ନେବାକୁ ବ୍ୟଗ୍ରତା ପ୍ରକାଶ କରିପାରନ୍ତି।

**ସିଂହ** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସମ୍ପର୍କ ଯୋଡ଼ିବାରେ ଆପଣଙ୍କ କୌଶଳ କିଛି ମାତ୍ରାରେ ସାହାଯ୍ୟ କରିବ। ଯେଉଁ ଜିନିଷ ପାଇବା ପାଇଁ ଚିନ୍ତା କରୁଥିଲେ ଆଜି ତାହା ବିଳମ୍ବରେ ପାଇବେ। ସଭାସମିତି, ସାହିତ୍ୟ, ରାଜନୀତି, ଜମିଜମା ତଥା ଗଠନମୂଳକ କାର୍ଯ୍ୟରେ ପ୍ରଶଂସିତ ହେବେ। ଅଭାବ ଅସୁବିଧା ମଧ୍ୟରେ ପାରିବାରିକ ସ୍ଥିତି ଦୁର୍ବିଷହ ହୋଇପାରେ।

**କନ୍ୟା** କର୍ମକ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସାହାଯ୍ୟ ଲାଭ କରି କାର୍ଯ୍ୟ ସାଧନ କରିବେ। ଗଠନମୂଳକ କିମ୍ବା ସାମୂହିକ କାମରେ ପଟିଆରା ଜାହିର କରିପାରନ୍ତି। ରାଜନୈତିକ କ୍ଷେତ୍ରରେ ଲୋକ ସମ୍ପର୍କ ବୃଦ୍ଧି ପାଇବ ଏବଂ ସାମାଜିକ ପ୍ରତିଷ୍ଠା ମଧ୍ୟ ଅକ୍ଷୁଣ୍ଣ ରହିବ । ଋଣ ସୂତ୍ରରେ ଅର୍ଥଲାଭ କରିବେ ଏବଂ ସ୍ତ୍ରୀ ପ୍ରତିଦ୍ୱନ୍ଦ୍ୱୀ, ବାଣିଜ୍ୟ ଓ ଯାତ୍ରା ସମ୍ପର୍କରେ ଚିନ୍ତା ବଢ଼ିବ।

**ତୁଳା** ଆଜି ମନରେ ବହୁବିଧ ଭାବନା ଉଦ୍ରେକ ହେବ କିନ୍ତୁ ବେଶି ଆଶାକରି କିଛି ପାଇବେନାହିଁ। ନିଜ ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବେ। ବହୁ ପୂର୍ବରୁ ସୁପରିକଳ୍ପିତ ଯୋଜନାକୁ ବାସ୍ତବ ରୂପ ଦେବାରେ ସଫଳ ହେବେ। ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ, ତଥାପି ଜିନିଷପତ୍ର ହଜିଯିବାର ସମ୍ଭାବନା ରହିଛି।

**ବିଛା** ଆଜି ଯାହା କରନ୍ତୁନା କାହିଁକି କୌଣସି ଅସୁବିଧା ହେବନାହିଁ। ଅବଶ୍ୟ ଶନିଙ୍କ କୁପ୍ରଭାବରୁ ପ୍ରିୟଜନଙ୍କ ସହ ଏକ ସାଧାରଣ କିମ୍ବା ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ଅଫିସରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରି ପ୍ରଶଂସିତ ହେବେ। ବିବାଦୀୟ ଘଟଣା କିମ୍ବା ମାଲିମକଦ୍ଦମା ଫଇସଲା ହେବାର ସମ୍ଭାବନା ରହିଛି।

**ଧନୁ** ଆଜି ଆପଣଙ୍କ ପାଇଁ ଯିଏ ଖାଲ ଖୋଳିବ ସେଥିରେ ସେ ହିଁ ପଡ଼ିବାର ଖବର ପାଇବେ। ଅନ୍ୟମାନଙ୍କୁ ବିଶ୍ୱାସ କଲେ ହଇରାଣରେ ପଡ଼ିପାରନ୍ତି। ସନ୍ତାନଙ୍କ ବିବାହ ସକାଶେ ଆଲୋଚନା ଫଳପ୍ରଦ ହୋଇପାରେ । ଉତ୍ତେଜନାପୂର୍ଣ୍ଣ ମାନସିକ ସ୍ଥିତିଜନିତ କୌଣସି ସମସ୍ୟା ମନକୁ ବାରମ୍ବାର ଆନ୍ଦୋଳିତ କରିପାରେ।

**ମକର** ବକ୍ରୀ ଶନି ଆପଣଙ୍କ ପାରିବାରିକ ଓ କର୍ମକ୍ଷେତ୍ରକୁ ପ୍ରଭାବିତ କରିବ। ବିଭିନ୍ନ କାରଣକୁ ନେଇ ବୈଷୟିକ କ୍ଷେତ୍ରରେ ପ୍ରତିବନ୍ଧକର ସାମନା କରିବାକୁ ପଡ଼ିପାରେ। ସାଧାରଣ କଥାରେ ସ୍ତ୍ରୀଙ୍କ ସହ ଭୁଲ୍ ବୁଝାମଣା ସୃଷ୍ଟିର ଆଶଙ୍କା ରହିଛି। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କୁମ୍ଭ** କର୍ମକ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ହେବ, କିନ୍ତୁ ମାନସିକ ସ୍ତରରେ ସମ୍ପୂର୍ଣ୍ଣ ଖୁସି ହୋଇପାରିବେ ନାହିଁ। ଅତ୍ୟଧିକ ଭ୍ରମଣଜନିତ ସ୍ୱାସ୍ଥ୍ୟହାନି ଦେଖାଦେବାର ଆଶଙ୍କା ରହିଛି। ସାହିତ୍ୟ, ସାମ୍ବାଦିକତା, କଳା, କ୍ରୀଡ଼ା କ୍ଷେତ୍ରରେ ସମସ୍ୟା ଲାଗିରହିବ। ପ୍ରିଣ୍ଟିଂ କାରବାର, ପ୍ରକାଶନ ଓ ଆନୁଷ୍ଠାନିକ କାମରେ ସମସ୍ୟାର ସମାଧାନ କରିପାରିବେ ।

**ମୀନ** କର୍ମକ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ଅଶାନ୍ତ ପରିସ୍ଥିତି ଉପୁଜିପାରେ। ପରିସ୍ଥିତି ଏପରି ହେବ ଯେ ଆପଣ କୌଣସି ଗୋଟିଏ ସ୍ଥାନରେ ଦୀର୍ଘ ସମୟ ରହିପାରିବେ ନାହିଁ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରତିଷ୍ଠା ସାଙ୍ଗକୁ ପ୍ରଶଂସିତ ହେବେ। ଆର୍ଥିକ ସ୍ୱଚ୍ଛଳତା ବଢ଼ିଯିବା କାରଣରୁ ଓ ପ୍ରିୟବନ୍ଧୁଙ୍କ ସାନ୍ନିଧ୍ୟଲାଭରୁ ଖୁସି ହେବେ।

ଆଜି ଅକ୍ଟୋବର ୧୯ ତାରିଖ, ବିଶ୍ୱ ଶୌଚାଳୟ ଦିବସ, କାର୍ତ୍ତିକ କୃଷ୍ଣ ନବମୀ ଯୁକ୍ତ ଦଶମୀ ବୁଧବାର, ରାଶିନକ୍ଷତ୍ର–ସକାଳ ଘ.୦୮।୦୧ଗତେ ଅଶ୍ଳେଷା/କର୍କଟ, ନବମୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ସକାଳ ଘ.୦୫।୪୬ ଗତେ ଘ.୦୮।୦୪ ମଧ୍ୟେ, ଘ.୧୦।୨୨ ଗତେ ଘ.୧୧।୪୧ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧।୩୧ ଗତେ ଘ.୧୨।୫୭ ମଧ୍ୟେ ରାହୁକାଳ।

# classifieds Everyday
0674-2580101, 2549302





**GROOM WANTED**

ସୁନ୍ଦର ଛାଡ଼ପତ୍ର ନିଃସନ୍ତାନ 36 ବୟସ୍କା Government ଚାକିରିଆ ଧୋବା ଜାତିର ଝିଅଙ୍କୁ ଯେକୌଣସି ଜାତିର ଘରଜ୍ୱାଇଁ ଦରକାର। 8327715036. D-1778

ଭୁବନେଶ୍ୱରସ୍ଥିତ, Nurse ଚାକିରି କରୁଥିବା 28 ବୟସ୍କା widow କରଣ ଝିଅଙ୍କୁ ଯେକୌଣସି ଜାତିର ସନ୍ତାନ/ନିଃସନ୍ତାନ ପୁଅ ଦରକାର। 6371586968. D-1779

Govt. ଚାକିରିଆ 30 ବୟସ୍କା କରଣ divorce ଝିଅଙ୍କୁ anycaste ଘରଜ୍ୱାଇଁ ଆବଶ୍ୟକ। 9124023134. D-1773

Beautiful Kandara Girl 1990, 5'4" B-tech Software Engineer, Bangalore. 9853366347. D-1774




**SALE**

NH side 2000sqft. prime land at Samantarapur, Bhubaneswar. Mob-8917520527. D-46558

ଘରବାରୀ ପାଚେରି ରୋଡ୍, ଇଲେକ୍ଟ୍ରିସିଟି ଥାଇ ନଖରା **East College mainroad 200mtr.** ଦୂରତାରେ **SC/ General** ପ୍ଲଟ୍ **gated society** ଥାଇ ବିକ୍ରିହେବ। **8093419724, 9776602067.** D-74127

ଭୁବନେଶ୍ୱର ନଖରା ଘରବାରି AC plot sqft.-130/- General- 350/- 9439660381. D-74139

**Sum Hospital** ପାଖରେ **(60x40) BDA plot**ରେ ୩ ମହଲା ଘର ଓ ଏକ **3BHK Apartment** ବିକ୍ରିହେବ। **7978124465, 7991006699.** D-1702

ବରମୁଣ୍ଡାରୁ ୧୩କି.ମି. ଦୂରରେ ବର୍ଗଫୁଟକୁ 850/-, 650/-, 410/- ଘରବାଡ଼ି ପ୍ଲଟ୍ କିଣନ୍ତୁ। Pinky- 9853150290. D-74136

**Simplex, Duplex and Triplex available for sale within gated community and facilities like Childrens Play Area, community Centre, land scape Garden, Volleyball and Badminton Court etc. near Haribhaina Chhak, Jatni Town. Contact: 9337333685.** D-1680

**PURCHASE**

ଭୁବନେଶ୍ୱର ତହସିଲ/ଜଟଣୀ ତହସିଲ ଅଧିନରେ ଥିବା ଘରବାଡ଼ି ପାଚେରି ହୋଇଥିବା ପ୍ଲଟ୍ ଦରକାର। 9439493164. D-74138




Fullbody relax massage refresh your body with trend therapist. 7008773793. D-73650

**Relax, Refresh your body, Mind at Saikrupa Spa with best therapies. 8984068077.** D-1743

Herbal full body massage by smart / expert therapist. Contact: 8 4 5 5 9 8 5 8 9 9 . D-73986

Newly opened full body massage center by expert therapist. 7381172169. D-73653

Full body massage in homely atmosphere. All Therapy, Mob.- 8114881641. D-73415

Newly open Spa positively health benefit with expert. Contact: 7 7 4 9 9 7 6 3 0 1 . D-73882

"Contact for only professional massage & Steam Bath, Bhubaneswar -9861550765.". D-1787

Newly open Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-73988

**LOST**

ମୁଁ ସରୋଜିନୀ ମହାନ୍ତି, ସ୍ୱା- ଶିଶିରକାନ୍ତ ଜେନା, ପ୍ଲଟ୍ ନଂ.- 1253 near Mangala Mandir Nayapalli, Bhubaneswarରେ ରହୁଅଛି। ମୁଁ ଗୌତମ ନଗର ମୌଜାରେ ଗୋଟିଏ Property ବବିତା ଶତପଥୀଙ୍କଠାରୁ କିଣିଥିଲି। କିଣିବା ସମୟରେ ସେ ମୋତେ ତାଙ୍କର ନିଜ କବଲା ଏବଂ ପଟ୍ଟା ସହିତ ପୂର୍ବ ଲୋକର କବଲା ଏବଂ ପଟ୍ଟା ଦେଇଥିଲେ। କବଲା ନଂ.- 4426, dtd 15.05.2004 ଏବଂ ପଟ୍ଟାର ଖାତା ନଂ.- 1331/530, ଯୋଉଟା କି ରୂପାନନ୍ଦ ଆଚାର୍ଯ୍ୟଙ୍କ ନାମରେ ଥିଲା। ମୁଁ Travel କରୁଥିବା ସମୟରେ ମୋର ବ୍ୟାଗଟିକୁ ନୟାପଲ୍ଲୀ ଅଞ୍ଚଳରେ ହଜାଇ ଦେଇଛି। ଯେଉଁଥିରେ ମୋର Bank Pass Book ଏବଂ ଅନ୍ୟାନ୍ୟ ଜମିବାଡ଼ି Original Document ଥିଲା। ମୁଁ କୌଣସି ବ୍ୟାଙ୍କରେ ବନ୍ଧକ ହିସାବରେ ଦେଇନାହିଁ। ଯଦି କେହି ସହୃଦୟ ବ୍ୟକ୍ତିଙ୍କୁ ମିଳେ, ଦୟାକରି SBI, RACPCରେ ହସ୍ତାନ୍ତର କରିବାକୁ ଅନୁରୋଧ। ଧ–୧୮୦୦

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated 18-10- 2022, I, Prabina Panda, Address- Qrs. No. S2-428/429, Niladri Vihar, Sailashree Vihar, PS-Chandrasekharpur, Khurda- 751021, have changed my name from Prabeena Panigrahi to Prabina Panda. Henceforth, I shall be known as Prabina Panda for all purposes. D-1801


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

**LEGAL NOTICE**

ମାନ୍ୟବର ଅତିରିକ୍ତ କମିଶନର ରିଭିଜନ କୋର୍ଟ ନଂ.–୧ ଶ୍ରୀଯୁକ୍ତ ବିଶ୍ୱନାଥ ସାହୁ, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲଡିଙ୍ଗ, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା।
ଓ.ଏସ୍.ଏସ୍.କେଶ୍ ନଂ.– ୨୧୪୧/୨୦୧୭
ପୂର୍ଣ୍ଣଚନ୍ଦ୍ର ଜାଲି
....ବାଦୀ
ବନାମ
ତହସିଲଦାର, ଭୁବନେଶ୍ୱର ଓ ଓଗେର
....ପ୍ରତିବାଦୀ
ନୋଟିସ୍ ଅର୍ଡର–୫ ରୁଲ–୨୦ ସି.ପି.ସି. ମୁତାବକ

ପ୍ରାପ୍ତେଷୁ:
ପ୍ରତିବାଦୀ ନଂ.–୮ ମେସର୍ସ ମେଘା ବିଲ୍ଡର ଓ ଡେଭଲପର ତରଫ ମ୍ୟାନେଜିଙ୍ଗ ଡାଇରେକ୍ଟର ସୂର୍ଯ୍ୟକାନ୍ତ ବେହେରା, ସା– ପ୍ଲଟ୍ ନଂ.–ଏମ୍–୬୨, ସାମନ୍ତ ବିହାର, ଚନ୍ଦ୍ରଶେଖରପୁର, ଜିଲ୍ଲା– ଖୋର୍ଦ୍ଧା, ପ୍ରତିବାଦୀ ନଂ.–୯ ଗିରିଧାରୀ ଭୋଇ, ପ୍ରତିବାଦୀ ନଂ.–୧୦ ଗୋକୁଳାନନ୍ଦ ଭୋଇ, ଉଭୟଙ୍କର ପିତା– ୰ସୁରଥ ଭୋଇ, ପ୍ରତିବାଦୀ ନଂ.–୧୧ ଧ୍ରୁବ ନାୟକ, ପିତା– ୰ବେଣୁ ନାୟକ, ପ୍ରତିବାଦୀ ନଂ.–୧୨ କରୁଣାକର ବେହେରା, ପିତା– ୰ଅଲେଖ ବେହେରା, ପ୍ରତିବାଦୀ ନଂ.–୯ଠାରୁ ୧୨ନ୍ବର ପର୍ଯ୍ୟନ୍ତ ଠିକଣା–ସା–ଗାଡ଼କଣ, ୟୁନିଟ୍ ନଂ.–୩୯, ଥାନା– ନିଉକ୍ୟାପିଟାଲ, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା, ଓଡ଼ିଶା।

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରଲିଖିତ ରିଭିଜନ୍ କେଶ୍ ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ରିଭିଜନ କୋର୍ଟ ନଂ.–୧ ଶ୍ରୀଯୁକ୍ତ ବିଶ୍ୱନାଥ ସାହୁ, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲଡିଙ୍ଗ, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା କାର୍ଯ୍ୟାଳୟରେ ଆସନ୍ତା ତା ୦୫।୧୨।୨୦୨୨ରିଖ ଦିବା ୧୧.୦୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଜମିର ବିବରଣୀ
ଜିଲ୍ଲା– ଖୋର୍ଦ୍ଧା, ତହସିଲ– ଭୁବନେଶ୍ୱର, ଥାନା– ମଞ୍ଚେଶ୍ୱର, ମୌଜା– ଗାଡ଼କଣ,
ସାବକ ଖାତା ନଂ.–୯୯୨, ପ୍ଲଟ୍ ନଂ.–୨୮୮୬, ରକବା– ଏ୦.୦୩୪.୪୩ଡି, ସ୍ୱତ୍ୱ, କିସମ
ହାଲ୍ ଖାତା ନଂ.–୮୮୧, ପ୍ଲଟ୍ ନଂ.–୬୪୬୭, ରକବା– ଏ୦.୦୩୪.୪୩ଡି, ସ୍ୱତ୍ୱ, କିସମ

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶ ଗ୍ରହଣ କରିବେ, ଅନ୍ୟଥା ଆଇନ୍ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଏସଲା କରାଯିବ।

ସ୍ୱା./– ମାନ୍ୟବର ଅତିରିକ୍ତ କମିଶନରଙ୍କ ଆଦେଶ ଅନୁଯାୟୀ କୋର୍ଟ ଅଧିକାରୀ
ତା:୧୧।୧୦।୨୦୨୨
ଭୁବନେଶ୍ୱର
ଧ–୧୭୯୫


# ଭଙ୍ଗାଯିବ କୁଞ୍ଜୁରହାନ୍ ଷ୍ଟାଡିୟମ

## ଦଳାଚକଟାରେ ୧୩୩ ମରିଥିଲେ

**ଜାକର୍ତ୍ତା, ୧୮।୧୦:** ଇଷ୍ଟ ଜାଭା ସ୍ଥିତ ମଲଙ୍ଗ ସହର କୁଞ୍ଜୁରହାନ୍ ଷ୍ଟାଡିୟମକୁ ଭାଙ୍ଗିବା ପାଇଁ ଇଣ୍ଡୋନେସିଆ ସରକାର ନିଷ୍ପତ୍ତି ନେଇଛନ୍ତି। ଅକ୍ଟୋବର ୧ରେ ଏହି ଷ୍ଟାଡିୟମରେ ଫୁଟ୍ବଲ ମ୍ୟାଚ ଚାଲିଥିବାବେଳେ ଦଳାଚକଟାରେ ୧୩୩ ଜଣଙ୍କ ମୃତ୍ୟୁ ଘଟିଥିଲା। ରାଷ୍ଟ୍ରପତି ଜୋକୋ ୱିଡୋଡେରେ ମଙ୍ଗଳବାର ଫିଫା ମୁଖ୍ୟ ଜିଆନି ଇନ୍ଫାଣ୍ଟିନୋଙ୍କ ସହ ସାକ୍ଷାତବେଳେ ଉକ୍ତ ଷ୍ଟାଡିୟମ ଭଙ୍ଗ କରିବା ନେଇ ସୂଚନା ଦେଇଛନ୍ତି। ବିଶ୍ୱ ଫୁଟ୍ବଲ ଗଭର୍ଣ୍ଣିଂ ବଡିର ମାନଦଣ୍ଡ ଅନୁଯାୟୀ, ଦେଶରେ ଏହି କ୍ରୀଡ଼ାକ୍ଷେତ୍ରରେ ଆମୂଳଚୂଳ ପରିବର୍ତ୍ତନ କରାଯିବ। କୁଞ୍ଜୁରହାନ୍ ଷ୍ଟାଡିୟମକୁ ଭାଙ୍ଗି ଉକ୍ତ ସ୍ଥାନରେ ଏକ ନୂତନ ଷ୍ଟାଡିୟମ ପ୍ରତିଷ୍ଠା କରାଯିବ ବୋଲି ୱିଡୋଡୋ କହିଛନ୍ତି। ପ୍ରକାଶ ଯେ, ଉକ୍ତ ଘଟଣା ସମ୍ପର୍କିତ ତଦନ୍ତ ରିପୋର୍ଟ ଗତ ସପ୍ତାହରେ ଆସିଥିଲା। ଲୁହବୁହା ବାଷ୍ପ ପ୍ରୟୋଗ ଉପରେ ଫିଫା ନିଷେଧାଦେଶ ଜାରି କରିଥିବା ସତ୍ତ୍ୱେ ପୋଲିସ ଏଭଳି କାର୍ଯ୍ୟାନୁଷ୍ଠାନ ନେଇଥିବାରୁ ଷ୍ଟାଡିୟମରେ ଦଳାଚକଟା ହୋଇଥିଲା ବୋଲି ଉକ୍ତ ରିପୋର୍ଟରେ ଦର୍ଶାଯାଇଛି। ଆସନ୍ତା ବର୍ଷ ଇଣ୍ଡୋନେସିଆରେ ଅଣ୍ଡର–୨୦ ୱାର୍ଲ୍ଡକପ୍ ଆୟୋଜିତ ହେବାକୁ ଥିବାବେଳେ ଷ୍ଟାଡିୟମ ଷ୍ଟ୍ରାଟେଜିକୁ ନେଇ ରାଷ୍ଟ୍ରପତି ଓ ଫିଫା କର୍ତ୍ତୃପକ୍ଷଙ୍କ ମଧ୍ୟରେ ସହମତି ପ୍ରକାଶ ପାଇଛି।

# ମଦ ପାଇଁ ପୋଲିସକୁ ଟଙ୍କା ମାଗି ଜେଲ

**ହାଇଦ୍ରାବାଦ୍, ୧୮।୧୦:** ହାଇଦ୍ରାବାଦ୍ ବେଗୁମପେଟର ଆନ୍ନା ନଗରରୁ ଏକ ଅଜବ ଘଟଣା ସାମ୍ନାକୁ ଆସିଛି। ନବୀନ ନାମକ ଜଣେ ଯୁବକ ପୋଲିସ ହେଲ୍ପଲାଇନ୍ ନମ୍ବର ୧୦୦କୁ ଫୋନ୍ କରି ମଦ ପାଇଁ ଟଙ୍କା ମାଗିଥିଲେ। ଯଦି ତାଙ୍କୁ ମଦ କିଣିବା ଲାଗି ଟଙ୍କା ନ ଦିଆଯାଏ ତେବେ ସେ ବ୍ଲେଡ୍ରେ ନିଜ ଅଙ୍ଗ କାଟିଦେବା ପାଇଁ ଧମକ ଦେବାସହ ହୋମ୍ଗାର୍ଡଙ୍କୁ ଅଭଦ୍ର ଭାଷାରେ ଗାଳି କରିଥିଲେ। ପୋଲିସ ନବୀନଙ୍କ ଫୋନ୍ ନମ୍ବରକୁ ଟ୍ରେସ୍କରି ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଥାନାକୁ ଉଠାଇ ଆଣିଥିଲା। ପର ଦିନ ନବୀନଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରିବା ପରେ ମାଜିଷ୍ଟ୍ରେଟ୍ ତାଙ୍କୁ ୭୦ ଦିନର ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି।

## ଆୟରେ ଓଡ଼ିଶା...

ପ୍ରଥମ ପୃଷ୍ଠାରୁ...

୧୪,୮୬୩ ଟଙ୍କା ସହ ଏହି ରାଜ୍ୟ ଶୀର୍ଷରେ ରହିଛି। ପଞ୍ଜାବରେ ତାହା ଯଥାକ୍ରମେ ୨୩,୧୩୩ ଟଙ୍କା ଏବଂ ୧୦,୯୩୫ ଟଙ୍କା ରହିଛି। ଏ କ୍ଷେତ୍ରରେ ଓଡ଼ିଶାରେ ହାରାହାରି ମାସିକ ଆୟ କୃଷିକ୍ଷେତ୍ରରୁ ୭,୭୩୧ ଟଙ୍କା ଏବଂ ଅଣକୃଷି କ୍ଷେତ୍ରରୁ ଆୟ ୬୫୬୩ ରହିଛି। ପୂର୍ବତନ କୃଷିମନ୍ତ୍ରୀ ଦାମୋଦର ରାଉତ କହିଛନ୍ତି, ରାଜ୍ୟରେ ୩୬% ଜମି ପଡ଼ିଆ ପଡୁଛି। ଓଡ଼ିଶାର ସମୁଦାୟ ୬୧ ଲକ୍ଷ ହେକ୍ଟର ଜମିରୁ ପ୍ରାୟ ୧୬ ଲକ୍ଷ ହେକ୍ଟର ଜମିରେ ଚାଷ ହୋଇପାରୁନାହିଁ। ଶିଳ୍ପକୁ ଅଗ୍ରାଧିକାର ଦେବା ନାଁରେ କୃଷିକ୍ଷେତ୍ରକୁ ଅବହେଳା କରାଯାଉଛି। ଏଥିଯୋଗୁ କୃଷି ଉତ୍ପାଦନ କମୁଛି। କଳାହାଣ୍ଡି ଭଳି ଜିଲାରେ ୭୧% ଜମି ୧୩% ପରିବାର ହାତରେ ରହିଛି। ୮୭ ପ୍ରତିଶତ ପରିବାରଙ୍କ ପାଖରେ ମାତ୍ର ୨୯% ଜମି ରହିଛି। ପ୍ରକୃତ ଚାଷୀ ବାହାର ରାଜ୍ୟକୁ ପଳାୟନ କରୁଛନ୍ତି। ଓଡ଼ିଶାରେ ଯେତେ ଲୋକ ଚାଷ କରୁଛନ୍ତି, ସେମାନଙ୍କ ମଧ୍ୟରୁ ପ୍ରାୟ ୮୫ ଭାଗ ନାମମାତ୍ର ବା କ୍ଷୁଦ୍ରଚାଷୀ। ସେମାନଙ୍କର ଜମି ନ ଥାଏ। ଭାଗ ଆଣି ଚାଷ କରିଥାଆନ୍ତି। ଫଳରେ ଭାଗଚାଷୀ ସରକାରଙ୍କ ପାଖରୁ କୌଣସି ଋଣ କିମ୍ବା ରିହାତି ପାଆନ୍ତି ନାହିଁ। ଉତ୍ପାଦନ କମିଲେ ଚାଷୀଙ୍କର ଆୟ ବଢ଼ିବ କେମିତି ବୋଲି ରାଉତ ପ୍ରଶ୍ନ କରିଛନ୍ତି।

ଅନ୍ୟପକ୍ଷରେ ଓଡ଼ିଶାରେ ହେକ୍ଟର ପିଛା ମଞ୍ଜୁର କୃଷିଋଣ ଅତ୍ୟନ୍ତ ନୈରାଶ୍ୟଜନକ। ଏ ନେଇ ଏସ୍ବିଆଇର ଜଣେ ଅଧିକାରୀଙ୍କ କହିବା କଥା ହେଲା, କିଷାନ କ୍ରେଡିଟ୍ କାର୍ଡର ସୀମା ୧୦ ହଜାରରୁ ୫୦ ହଜାର ଟଙ୍କା ରହିଛି। ଜମି ପରିମାଣ ଏବଂ ଉତ୍ପାଦନକୁ ଭିତ୍ତିକରି କିଷାନ କ୍ରେଡିଟ୍ କାର୍ଡର ସୀମା ନିର୍ଦ୍ଧାରଣ ହୋଇଥାଏ। ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକରେ ସରକାରୀ ପ୍ରତିନିଧିମାନେ ଏହି କାର୍ଡର ସୀମା ବୃଦ୍ଧି ନିମନ୍ତେ ଗୁରୁତ୍ୱ ଦେଉଛନ୍ତି। କିନ୍ତୁ ପରବର୍ତ୍ତୀ ସମୟରେ ତାହା କାର୍ଯ୍ୟକାରୀ ହେଉନାହିଁ।

## ଅର୍ଡର ପୂର୍ବରୁ...

ଏହାପରେ ସଫ୍ଟୱେର ଅଙ୍ଗୁଳିର ଫ୍ରିକ୍ସନ୍ ବା ଘର୍ଷଣକୁ ଇଲେକ୍ଟ୍ରୋଆଡେଶନ୍ ଇଲେକ୍ଟ୍ରିକ୍ ଫିଲ୍ଡ ନିୟନ୍ତ୍ରଣ କରିଥାଏ। ଏହି ନୂଆ କାରିଗରି ଦୃଷ୍ଟିବାଧିତମାନଙ୍କ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ। ଆଇଆଇଟି ମାଡ୍ରାସ୍ ଗବେଷକ ଏମ୍. ପ୍ରଫେସର୍ ମଣିଭାନ୍ନମ କହିଛନ୍ତି, ବର୍ତ୍ତମାନ ଆଇ–ଟାଚ୍ର ଯୁଗ। ଅନ୍ଲାଇନ୍ ଶପିଂକୁ ଏହି ଟେକ୍ନୋଲଜି ଆହୁରି ସହଜ କରିବ। ପୂର୍ବରୁ ଅନ୍ଲାଇନ୍ରେ କୌଣସି ଜିନିଷ ଅର୍ଡର କରିବା ପୂର୍ବରୁ ଆମେ ତାକୁ ଛୁଇଁପାରୁ ନ ଥିଲେ। କିନ୍ତୁ ଆଇ–ଟାଚ୍ ଜରିଆରେ ଏବେ ତାହା ସମ୍ଭବ ହେବ। ମାର୍କେଲ୍ ହାପ୍ଟିକ୍ସ ଏବଂ ଆଇଆଇଟି ମାଡ୍ରାସ୍ର ମିଳିତ ଉଦ୍ୟମରେ ଏହି ଟେକ୍ନୋଲଜି ଉଦ୍ଭାବନ କରାଯାଇଛି। ଏହି ସୁବିଧାକୁ ପ୍ରତ୍ୟେକଙ୍କ ନିକଟରେ ପହଞ୍ଚାଇବା ପାଇଁ କମ୍ପ୍ୟୁଟର ମାଉସ୍ ଆକାରର ଡିଭାଇସ୍ ତିଆରି କରାଯାଉଥିବା ହାପ୍ଟିକ୍ସ ସିଇଓ ଡା. ପି.ଭି. ପଦ୍ମପ୍ରିୟା ସୂଚନା ଦେଇଛନ୍ତି।

## ଆସୁଛି ବାତ୍ୟା...

ଥିବା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଏକ ପ୍ରାକ୍ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁଯାୟୀ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ବିଭିନ୍ନ ବିଭାଗ ଏବଂ ଉପକୂଳ ଜିଲାଗୁଡ଼ିକର ଜିଲାପାଳମାନଙ୍କ ସହ ସମ୍ଭାବ୍ୟ ସ୍ଥିତିର ମୁକାବିଲା ପାଇଁ ଏସ୍ଆରସି ପ୍ରାକ୍ ପ୍ରସ୍ତୁତି ସମ୍ବନ୍ଧରେ ଆଲୋଚନା କରିଛନ୍ତି। ସମ୍ପୃକ୍ତ ପଦାଧିକାରୀମାନଙ୍କୁ ନିଜର ହେଡ୍କ୍ୱାର୍ଟର୍ସ ନ ଛାଡ଼ିବା ପାଇଁ ପରାମର୍ଶ ଦିଆଯାଇଛି। ରାଜ୍ୟ ସରକାର ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି ବୋଲି ଏସ୍ଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଆସନ୍ତା ୨୨ ତାରିଖରୁ ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଯାଇଛି।

ଅନ୍ୟପକ୍ଷରେ ଗତ ୨/୩ ଦିନ ହେବ ରାଜ୍ୟରେ ବର୍ଷା ପରିମାଣ ହ୍ରାସ ପାଇଛି। ଗତ ୪୮ ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼ରେ ୪୮.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ସମ୍ବଲପୁରରେ ୨୮.୮ ପ୍ରତିଶତ ରେକର୍ଡ କରାଯାଇଛି। ଆସନ୍ତା ୨୩ ତାରିଖ ଯାଏ ରାଜ୍ୟରେ ଆଦୌ ବର୍ଷା ନ ଥିବା ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୩,୦୪,୯୯,୯୩୫ | ୬୫,୭୩,୨୮୩ | ୬୦,୯୬,୫୯,୯୦୭ |
| ଭାରତ | ୪,୪୬,୩୨,୪୩୦ | ୫,୨୮,୯୧୩ | ୪,୪୦,୭୭,୦୬୮ |
| ଓଡ଼ିଶା | ୧୩,୩୫,୫୬୨ | ୯୨୦୨(+୫୩) | ୧୩,୨୫,୮୭୩ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର



# ବିଦ୍ୟୁତ୍ ଆଘାତରେ ମା'ପୁଅ ମୃତ

ପଦ୍ମପୁର,୧୮।୧୦(ଡି.ଏନ୍.ଏ.): ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ବରିକେଲ ଗ୍ରାମରେ ମଙ୍ଗଳବାର ବିଦ୍ୟୁତ୍ ଆଘାତରେ ମା',ପୁଅଙ୍କ ଜୀବନ ଯାଇଛି। ମୃତକ ହେଲେ ଅଞ୍ଜଳି ବାଗ(୨୩) ଏବଂ ତାଙ୍କର ୮ ମାସର ପୁଅ ଗୌରବ। ଉଭୟଙ୍କ ମୃତଦେହକୁ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନା ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ବୁଧବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ଏ ନେଇ ପଦ୍ମପୁର ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୂର୍ବାହ୍ନ ପ୍ରାୟ ୧୧ଟାରେ ଅଞ୍ଜଳି ଶିଶୁପୁତ୍ର ଗୌରବଙ୍କୁ କାଖେଇ ଘରେ ଥିବା ଆଲମିରା ଖୋଲୁଥିଲେ। ତେବେ ଘରେ ଥିବା ବିଦ୍ୟୁତ ତାର ଛିଣ୍ଡି ଆଲମିରା ଉପରେ ପଡ଼ିଥିବା ଯୋଗୁ ଉଭୟ ମା',ପୁଅଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲା। ସେମାନଙ୍କ ଚିତ୍କାର ଶୁଣି ସ୍ୱାମୀ ଶ୍ୟାମନ୍ତ ଏବଂ ପରିବାରର ଅନ୍ୟ ସଦସ୍ୟ ସେଠାରେ ପହଞ୍ଚି କୌଣସିମତେ ସେମାନଙ୍କୁ ଉଦ୍ଧାର କରି ପଦ୍ମପୁର ଉପଖଣ୍ଡ ଡାକ୍ତରଖାନା ନେଇଥିଲେ। ହେଲେ ସେଠାରେ ଡାକ୍ତର ମା'ପୁଅଙ୍କୁ ମୃତ ଘୋଷଣା କରିଥିଲେ।

# କୋଲକାତାରୁ ଜେଟେକ୍ସ ଓସିଏନ୍ଏୟାର୍ ଏମ୍‌ଡି ଗିରଫ

ଭୁବନେଶ୍ୱର, ୧୮।୧୦(ବ୍ୟୁରୋ)

ଓଡ଼ିଶାରେ ବହୁଗୁଣ ସୁଧ ଦେବାର ପ୍ରତିଶ୍ରୁତି ଦେଇ ୨.୬୨ କୋଟି ଟଙ୍କା ଠକେଇ ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଚିଟ୍‌ଫଣ୍ଡ ସଂସ୍ଥା 'ଏମ୍/ଏସ୍ ଜେଟେକ୍ସ ଓସିଏନ୍ଏୟାର ପ୍ରାଇଭେଟ ଲିଃ'ର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି)ଙ୍କୁ କୋଲକାତାରୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଜୟଦୀପ ରାଣା। ସୋମବାର ଜୟଦୀପଙ୍କୁ ଗିରଫ କରାଯିବା ପରେ ସାଉଥ ଚବିଶପ୍ରଗଣାସ୍ଥିତ ଅତିରିକ୍ତ ଚିଫ୍ ଜୁଡିସିଆଲ୍ ମାଜିଷ୍ଟ୍ରେଟଙ୍କ କୋର୍ଟକୁ ଚାଲାଣ କରାଯାଇଥିଲା। ସେଠାରୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଅଣାଯାଇ ତାଙ୍କୁ ମଙ୍ଗଳବାର କଟକ ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଥିଲା। ତେବେ ଜାମିନ ନାମଞ୍ଜୁର ହେବାରୁ ଜୟଦୀପଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୂର୍ବରୁ ଏହି ମାମଲାରେ ଚିଟ୍‌ଫଣ୍ଡ ସଂସ୍ଥା 'ଓଏକେ ଇଣ୍ଡିଆ ମଲ୍‌ଟିଷ୍ଟେଟ୍ କ୍ରେଡିଟ କୋ-ଅପରେଟିଭ୍ ସୋସାଇଟି'ର ଏମ୍‌ଡି ଓମ୍‌କାର ସିଂ ଏବଂ ଏହାର ୩ ନିର୍ଦ୍ଦେଶକ କୁନାଲ ତିୱାରୀ, ଅର୍ସଦ ହୁସେନ୍ ଏବଂ ମ୍ରିଗଙ୍କା ଶେଖର ଚକ୍ରବର୍ତ୍ତୀଙ୍କୁ ଇଓଡବ୍ଲ୍ୟୁ ଗିରଫ କରିଛି।

**୨.୬୨ କୋଟି ଚିଟ୍‌ଫଣ୍ଡ ଠକେଇ ମାମଲା**

- **୧.୮୩ କୋଟି ଟଙ୍କା କାରବାରର ହିସାବ ଦେଇପାରି ନ ଥିଲେ**
- **ଜାମିନ ନାମଞ୍ଜୁର ପରେ ଜେଲ ଗଲେ ଅଭିଯୁକ୍ତ ଜୟଦୀପ୍**
- **ପୂର୍ବରୁ ଗିରଫ ହୋଇଥିଲେ କମ୍ପାନୀ ଏମ୍‌ଡିଙ୍କ ସହ ୩ ନିର୍ଦ୍ଦେଶକ**


ଗିରଫ ଅଭିଯୁକ୍ତ ଜୟଦୀପ ରାଣା।

ଇଓଡବ୍ଲ୍ୟୁ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ, ଚିଟ୍‌ଫଣ୍ଡ ସଂସ୍ଥା 'ଏମ୍/ଏସ୍ ଆମ୍ବିସିୟସ୍ ଡାଇଭର୍ସିଫାଏଡ୍ ପ୍ରୋଜେକ୍ଟସ ମ୍ୟାନେଜମେଣ୍ଟ ଲିଃ' ଏବଂ 'ଓଏକେ ଇଣ୍ଡିଆ ମଲ୍‌ଟିଷ୍ଟେଟ୍ କ୍ରେଡିଟ କୋ-ଅପରେଟିଭ୍ ସୋସାଇଟି' ଓଡ଼ିଶାର ବିଭିନ୍ନ ସ୍ଥାନରେ ଅଫିସ ଖୋଲିଥିଲା। ଏହାର ନିର୍ଦ୍ଦେଶକ ଓ ସଦସ୍ୟଙ୍କ ମାଧ୍ୟମରେ ସଂସ୍ଥା ୨୦୧୦ରୁ ୨୦୧୪ ମଧ୍ୟରେ ବହୁଗୁଣ ସୁଧ ଦେବାର ପ୍ରତିଶ୍ରୁତି ଦେଇ ୧୯୬୮ ଜଣ ଜମାକାରୀଙ୍କଠୁ ୨ କୋଟି ୬୨ ଲକ୍ଷ ଟଙ୍କା ନେଇଥିଲେ। ଟଙ୍କା ଠକି ନେବା ପରେ ସ୍ଥାନୀୟ ଅଞ୍ଚଳରେ ସଂସ୍ଥାର ଅଫିସ ବନ୍ଦ କରି ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଏନେଇ ଠକେଇର ଶିକାର ହୋଇଥିବା ପୁରୀ ଜିଲା ବଳଙ୍ଗା ଥାନା ଅଧୀନ ବାଣପୁର ଅଞ୍ଚଳର ସୁବାସ ଚନ୍ଦ୍ର ପ୍ରଧାନ ନାମକ ଜମାକାରୀଙ୍କ ଅଭିଯୋଗକ୍ରମେ ୨୦୧୫ ମେ' ୮ରେ ଇଓଡବ୍ଲ୍ୟୁ ଏକ ମାମଲା (ନଂ. ୧୩/୨୦୧୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ୨୦୧୧-୨୦୧୨ରେ ଠକେଇ ଟଙ୍କାରୁ ୧ କୋଟି ୮୩ ଲକ୍ଷ 'ଏମ୍/ଏସ୍ ଜେଟେକ୍ସ ଓସିଏନଏୟାର ପ୍ରାଇଭେଟ ଲିଃ'କୁ ଯାଇଥିବା ଜଣାପଡ଼ିଥିଲା। ତେଣୁ ଏହି କମ୍ପାନୀର ଏମ୍‌ଡି ଜୟଦୀପଙ୍କୁ ଇଓଡବ୍ଲ୍ୟୁ ଧରିବାକୁ ପ୍ରୟାସ ଆରମ୍ଭ କରିଥିଲା। ତାଙ୍କୁ ଗିରଫ କରାଯିବା ପରେ ବିପୁଳ ପରିମାଣର ଅର୍ଥ କାରବାର ନେଇ ସେ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ତେବେ ଜେଟେକ୍ସ ଓସିଏନ୍ଏୟାର ଚିଟଫଣ୍ଡ ସଂସ୍ଥା ନାମରେ ପଶ୍ଚିମବଙ୍ଗରେ ୩ଟି ମାମଲା ରହିଛି। ଏ ସଂକ୍ରାନ୍ତରେ ଅଧିକ ତଦନ୍ତ କରାଯାଉଥିବା ଇଓଡବ୍ଲ୍ୟୁ ଏସ୍‌ପି ଦିଲ୍ଲୀପ ତ୍ରିପାଠୀ କହିଛନ୍ତି।











# ବିଜେଡି ନେତାଙ୍କ ଘରକୁ ବୋମା ମାଡ଼

କାମାକ୍ଷାନଗର, ୧୮।୧୦(ଡି.ଏନ୍.ଏ.)

**କାର୍ କ୍ଷତିଗ୍ରସ୍ତ, ପୋଲିସର ତନାଘନା**

ଢେଙ୍କାନାଳ ଜିଲା କାମାକ୍ଷାନଗର ଏନଏସି ୨ନଂ. ୱାର୍ଡରେ ରହୁଥିବା ବିଜେଡି ନେତା ତଥା ଠିକାଦାର କାହ୍ନୁ ସାହୁଙ୍କ ଘର ଉପରକୁ ସୋମବାର ବିଳମ୍ବିତ ରାତିରେ ବୋମାମାଡ଼ ହୋଇଛି। ଏଥିରେ ତାଙ୍କ କାର୍‌ର ପଛ କାଚ ଭାଙ୍ଗି ଚୂରମାର୍ ହୋଇଯାଇଛି। କେଉଁ କାରଣରୁ ଏବଂ କିଏ ଏଭଳି କାଣ୍ଡ ଘଟାଇଛି, ତାହା ଅସ୍ପଷ୍ଟ ରହିଛି। ତେବେ ପ୍ରେମବ୍ୟାପାର କିମ୍ବା ରାଜନୈତିକ ଶତ୍ରୁତାକୁ କେନ୍ଦ୍ରକରି ଏହି ଘଟଣା ଘଟିଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି। ଦୁଇଜଣ ଯୁବକ ଏକ ବାଇକ୍‌ରେ ଆସି ପଇଁତରା ମାରିଥିଲେ। ଏହାପରେ କାହ୍ନୁଙ୍କ ଘରକୁ ଲକ୍ଷ୍ୟ କରି ୩ଟି ବୋମା ଫିଙ୍ଗିଥିଲେ। ସେଥିରୁ ୨ଟି ଫୁଟି ନ ଥିବାବେଳେ ଗୋଟିଏ ଫୁଟିଥିଲା। ବୋମା ବିସ୍ଫୋରଣ ଶବ୍ଦ ଶୁଣି ଆଖପାଖ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଥିବାବେଳେ ସାହିବାସୀ ଉଠିପଡ଼ିଥିଲେ। ଏ ସମ୍ପର୍କରେ କାହ୍ନୁଙ୍କୁ ସେମାନେ ଜଣାଇଥିଲେ। ଅଭିଯୁକ୍ତମାନେ ଆସିବା, ଘର ପାଖରେ ପଇଁତରା ମାରିବା ଏବଂ ବୋମା ଫିଙ୍ଗିବାର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ତେବେ ଦୁର୍ବୃତ୍ତମାନେ ହେଲ୍‌ମେଟ ପିନ୍ଧିଥିବାରୁ ଏବଂ ବାଇକ୍‌ଟି ନମ୍ବର ବିହୀନ ହୋଇଥିବାରୁ ସେମାନଙ୍କୁ ସ୍ଥାନୀୟ ବାସିନ୍ଦା ଜାଣି ପାରି ନ ଥିବା କହିଛନ୍ତି। ଘଟଣା ପରେ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବା ପୋଲିସ ପହଞ୍ଚି ତନାଘନା କରିଥିଲା। ତେବେ ସେତେବେଳକୁ ଦୁର୍ବୃତ୍ତମାନେ ଚମ୍ପଟ ମାରି ସାରିଥିଲେ। ଅନ୍ୟପଟେ କାହ୍ନୁଙ୍କ କାହା ସହିତ ରାଜନୈତିକ କିମ୍ବା ବ୍ୟବସାୟିକ ଶତ୍ରୁତା ନ ଥିବା ସେ କହିଛନ୍ତି।



ପୋଲିସ ନିକଟରେ ଅଭିଯୋଗ ପରେ ତଦନ୍ତ ଆରମ୍ଭ ହୋଇଛି। ପୂର୍ବତନ ଜିଲା ଯୁବ ବିଜେଡି ସଭାପତି କାହ୍ନୁ ଥିଲେ ପୂର୍ବତନ ନଗରପାଳ ଯଶୋବନ୍ତ ପରିଡ଼ାଙ୍କ ଅତି ନିକଟତର। ଠିକାଦାରି ବିବାଦକୁ ନେଇ ଯଶୋବନ୍ତଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣା ସମ୍ପୃକ୍ତ ଅଭିଯୁକ୍ତମାନେ ଜେଲ ବାହାରକୁ ଆସିଛନ୍ତି। ତେଣୁ ସେମାନଙ୍କ ମଧ୍ୟରୁ କେତେଜଣ କାହ୍ନୁଙ୍କୁ ଟାର୍ଗେଟ କରିଥାଇପାରନ୍ତି ବୋଲି ସହରରେ ଚର୍ଚ୍ଚା ହେଉଛି। ପୋଲିସ ବିଭିନ୍ନ ଦିଗ ଏବଂ ସିସିଟିଭି ଫୁଟେଜ୍‌କୁ ନେଇ ତଦନ୍ତ ଆରମ୍ଭ କରିଛି।






# ପାସେଞ୍ଜର ଟ୍ରେନ୍ ଇଞ୍ଜିନରେ ଲାଗିଲା ନିଆଁ



ଝାରସୁଗୁଡ଼ା ଅଫିସ,୧୮।୧୦

ଗୁଡିଆରୁ ଝାରସୁଗୁଡ଼ା ଆସୁଥିବା ଜେଡି ନାମକ ୦୮୮୬୧ନଂ ପାସେଞ୍ଜର ଟ୍ରେନ୍ ମଙ୍ଗଳବାର ରାତି ସାଢେ ୮ଟାରେ ବ୍ରଜରାଜନଗର ରେଳଷ୍ଟେଶନର ୩ନଂ ପ୍ଲାଟଫର୍ମରେ ପହଞ୍ଚିବା ପରେ ହଠାତ୍ ଇଞ୍ଜିନରେ ନିଆଁ ଲାଗିଯାଇଥିଲା। ଏହା ଜଣାପଡିବା ପରେ ଲୋକ ପାଇଲଟ୍ ତଳକୁ ଓହ୍ଲାଇପଡି ଦୁର୍ଘଟଣାରୁ ରକ୍ଷା ପାଇଯାଇଥିଲେ। ଏ ସମ୍ପର୍କରେ ଷ୍ଟେଶନ କର୍ତ୍ତୃପକ୍ଷ ଖବରପାଇ ଗ୍ୟାସ୍ ସିଲିଣ୍ଡର ମାଧ୍ୟମରେ ନିଆଁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ପରେ ଦମକଳ ଗାଡି ପହଞ୍ଚି ନିଆଁ ଲିଭାଇଥିଲା। ଇଞ୍ଜିନରେ ନିଆଁ କିଭଳି ଲାଗିଲା ତାହା ଜଣାପଡିନାହିଁ। ଖବରପାଇ ରେଲୱେ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ ଆରମ୍ଭ କରିଛନ୍ତି।

# ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ

ଭୁବନେଶ୍ୱର, ୧୮।୧୦(ବ୍ୟୁରୋ)

**୪ ମେଡିକାଲ କଲେଜରେ ପ୍ରଶାସନିକ ଅଫିସର ହେଲେ ମହିଳା ଅଧିକାରୀ**

ରାଜ୍ୟ ସରକାର ମଙ୍ଗଳବାର ବରିଷ୍ଠ ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ୪ ଜଣ ମହିଳା ଓଏଏସ୍ ଅଫିସରଙ୍କୁ ୪ଟି ସରକାରୀ ମେଡିକାଲ କଲେଜର ପ୍ରଶାସନିକ ଅଫିସର ଭାବେ ନିଯୁକ୍ତି ମିଳିଛି। ପ୍ରଥମ ଥର ପାଇଁ ଚଳିତବର୍ଷଠାରୁ ପାଠପଢ଼ା ଆରମ୍ଭ ହେଉଥିବା ସୁନ୍ଦରଗଡ଼ ଓ କେନ୍ଦୁଝର ମେଡିକାଲ କଲେଜରେ ମଧ୍ୟ ପ୍ରଶାସନିକ ଅଫିସରଙ୍କୁ ଅବସ୍ଥାପିତ କରାଯାଇଛି। ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ସ୍କୁଲ ଓ ଗଣଶିକ୍ଷା ବିଭାଗର ୨ଜଣ ଅତିରିକ୍ତ ସଚିବ ତଥା ବରିଷ୍ଠ ଓଏଏସ୍ ଅଫିସର ଧରମ ହାଁସଦା ଓ ବରିଷ୍ଠ ଓଏଏସ୍ ଅଫିସର ସମ୍ବିତ କୁମାର ନାୟକଙ୍କୁ ଯଥାକ୍ରମେ ଜଙ୍ଗଲ ଓ ପରିବେଶ ବିଭାଗ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ସେହିପରି ରୀତା ଡାଙ୍ଗଙ୍କୁ ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରଶାସନିକ ଅଧିକାରୀ, କିଶନନଗର ତହସିଲଦାର ଇନ୍ଦିରା ସାହୁଙ୍କୁ ପୁରୀ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରଶାସନିକ ଅଫିସର, ସମ୍ବଲପୁର ଡେପୁଟି କଲେକ୍ଟର ଜୟଶ୍ରୀ ପାଢ଼ୀଙ୍କୁ ବଲାଙ୍ଗୀରସ୍ଥିତ ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରଶାସନିକ ଅଫିସର ଭାବେ ଦାୟିତ୍ୱ ମିଳିଛି। ସେହିପରି ଦେବଗଡ଼ ତହସିଲଦାର ପଲ୍ଲବୀ ନାୟକଙ୍କର କେନ୍ଦୁଝର ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରଶାସନିକ ଅଫିସର ଭାବେ ବଦଳି ହୋଇଛନ୍ତି। ଏମାନଙ୍କ ବ୍ୟତୀତ ଆଶୁତୋଷ ସାମଲଙ୍କୁ କଟକସ୍ଥିତ କେନ୍ଦ୍ରାଞ୍ଚଳ ଆର୍‌ଡିସିଙ୍କ ଅତିରିକ୍ତ ସଚିବ ଭାବେ ନିଯୁକ୍ତି ମିଳିଛି।



ଈଶ୍ୱରଙ୍କ ହାତରେ ସବୁତକ ସମୟ ଅଛି – ତେଣୁ ସେ କୌଣସି କାର୍ଯ୍ୟରେ ତରବର ହୁଅନ୍ତି ନାହିଁ। ସେ ମଧ୍ୟ ତାଙ୍କ ଲକ୍ଷ୍ୟ ସମ୍ବନ୍ଧେ ନିଶ୍ଚିତ। ତାଙ୍କର ସଫଳତା ସମ୍ବନ୍ଧେ ବି ନିଶ୍ଚିତ। ତେଣୁ ସେ ସହସ୍ରବାର କାର୍ଯ୍ୟରୁ ବିରତ ହେଲେ ବି, ବ୍ୟସ୍ତ ହୁଅନ୍ତି ନାହିଁ। କାରଣ ତଦ୍ୱାରା ସେ ପୂର୍ଣ୍ଣତାର ନିକଟବର୍ତ୍ତୀ ହୁଅନ୍ତି। –ଶ୍ରୀଅରବିନ୍ଦ



# ସୀମା ଡେଇଁଲେ ବିପଦ

ଗତି ଆଣେ ପ୍ରଗତି। ମଣିଷ ଗାଡ଼ି ହେଉ ବା ଯନ୍ତ୍ର ତାହାକୁ ଉଦ୍ଭାବନ କରିଥିଲେ ମଧ୍ୟ ଚଳାଇଲା ବେଳେ ନିୟନ୍ତ୍ରଣ ଭିତରକୁ ଆଣି ନ ପାରିଲେ ଦୁର୍ଘଟଣା ଅବଶ୍ୟମ୍ଭାବୀ। ଆଉ ଏହି ଗତିଶୀଳତାକୁ ଡିଜିଟାଲ ଯୁଗ ଅଧିକ କ୍ଷିପ୍ର କରିଦେଇଥିବାରୁ ଅନେକେ ସ୍ପିଡ୍ ପଛରେ ଧାଉଁଛନ୍ତି। ବିଶେଷକରି ଜାଣତରେ ଯୁବବର୍ଗଙ୍କ ମଧ୍ୟରୁ କେତେକଙ୍କ ଜୀବନ ରାସ୍ତାରେ ଚାଲିଯାଉଛି। ଏହାର ସଦ୍ୟ ଦୃଷ୍ଟାନ୍ତ ୧୪ ଅକ୍ଟୋବରରେ ଉତ୍ତରପ୍ରଦେଶ ସୁଲତାନପୁର ଜିଲା ପୂର୍ବାଞ୍ଚଳ ଏକ୍ସପ୍ରେସ୍‌ୱେରେ ହୋଇଥିବା ଦୁର୍ଘଟଣାରୁ ଦେଖିବାକୁ ମିଳିଛି। ୪ ଜଣ ବନ୍ଧୁ ଘଣ୍ଟା ପ୍ରତି ୨୩୦ କିଲୋମିଟର ବେଗରେ ବିଏମ୍‌ଡବ୍ଲ୍ୟୁ କାର୍ ଚଳାଉଥିଲେ। ସ୍ପିଡ୍ ଆହୁରି ବଢ଼ାଇ ଘଣ୍ଟା ପ୍ରତି ୩୦୦ କିଲୋମିଟର ବେଗରେ ତାହାକୁ ପହଞ୍ଚାଇବାକୁ ଥିଲା ଲକ୍ଷ୍ୟ। ଏଥିସହିତ ସ୍ପିଡୋମିଟର ଉପରେ ଧ୍ୟାନ କେନ୍ଦ୍ରିତ କରାଇ ତାହାକୁ ଫେସ୍‌ବୁକ୍‌ରେ ଲାଇଭ୍ ଭିଡିଓ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଜଣେ କହୁଥିବାର ଶୁଣାଯାଇଥିଲା ଆହୁରି ସ୍ପିଡ୍ ଚଳାଅ, ନ ହେଲେ ୩୦୦ କିଲୋମିଟର ଛୁଇଁପାରିବା ନାହିଁ। ଆଉ ଜଣେ କହୁଥିଲେ 'ଆମେ ସମସ୍ତେ ମରିଯିବା'। ଏହା କହୁ କହୁ ବିଏମ୍‌ଡବ୍ଲ୍ୟୁ କାର୍‌ଟି ଏକ କଣ୍ଟେନରକୁ ଧକ୍କା ଦେବାରୁ ଘଟଣାସ୍ଥଳରେ ସମସ୍ତଙ୍କ ପ୍ରାଣବାୟୁ ଉଡ଼ି ଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ମୃତ୍ୟୁକୁ ବରଣ କରିଥିବା ୪ ଜଣଙ୍କ ମଧ୍ୟରୁ ଜଣେ ଡାକ୍ତର ଥିବାବେଳେ ଦୁଇ ଜଣ ଇଞ୍ଜିନିୟର ଓ ଜଣେ ବ୍ୟବସାୟୀ ଥିଲେ। ବିହାରର ଏହି ଯୁବବନ୍ଧୁମାନେ ଡାକ୍ତରଙ୍କ ଗାଡ଼ି ସର୍ଭିସିଂ ପାଇଁ ଲକ୍ଷ୍ନୌ ଯାଉଥିବା ବେଳେ ପ୍ରାଣ ହରାଇଛନ୍ତି।

ଉପରଲିଖିତ ଦୁର୍ଘଟଣା ସମ୍ପୂର୍ଣ୍ଣ ମନୁଷ୍ୟକୃତ ବୋଲି କୁହାଯାଇପାରିବ। ଆଜିର ସମୟରେ ହାଇସ୍ପିଡ୍ ସହ ଆରାମଦାୟକ ଗାଡ଼ି ଯୁବପିଢ଼ିଙ୍କ ପସନ୍ଦ ପାଲଟିଯାଇଛି। ଦାମିକା ଯାନରେ ସୁରକ୍ଷା ବୈଶିଷ୍ଟ୍ୟ ଅଧିକ ଖଞ୍ଜା ଯାଇଥିବାରୁ ଅନେକେ ଭାବିନେଉଛନ୍ତି ଦୁର୍ଘଟଣା ଘଟିଲେ ତାହା ସେମାନଙ୍କ ପାଇଁ ରକ୍ଷାକବଚ ପାଲଟିଯିବ। ହେଲେ ବେଗର ଗୋଟେ ସୀମା ଅଛି। ସେହି ସୀମା ଲଂଘିଲେ କୌଣସି ସୁରକ୍ଷା କବଚ କାମରେ ଆସି ନ ଥାଏ। ଭାରତର ସଡ଼କପଥରେ ହେଉଥିବା ଅସଂଖ୍ୟ ଦୁର୍ଘଟଣା ପାଇଁ ସାଧାରଣତଃ ଡ୍ରାଇଭରଙ୍କୁ ଦାୟୀ କରାଯାଇଥାଏ। ଏଥିସହିତ କୁହାଯାଏ, ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଳାଉଥିବା ଚାଳକମାନେ ଅପାଠୁଆ ବା ସ୍ୱଳ୍ପ ଶିକ୍ଷିତ। ହେଲେ ଏହି ଯେଉଁ ୪ ଜଣ ସାଙ୍ଗ ଦୁର୍ଘଟଣାରେ ପ୍ରାଣ ହରାଇଲେ ସମସ୍ତେ ସମାଜରେ ଉଚ୍ଚଶିକ୍ଷିତ ଓ ପ୍ରତିଷ୍ଠିତ। କିନ୍ତୁ ସୋସିଆଲ୍ ମିଡିଆରେ ଚହଲ ପକାଇବା ସକାଶେ ସେମାନେ ଯେଉଁ ତଥାକଥିତ ଦୁଃସାହସିକତା ପ୍ରଦର୍ଶନ କରୁଥିଲେ ତାହା ସବୁ ଦୃଷ୍ଟିରୁ ନିନ୍ଦନୀୟ। ପାହାଡ଼ ଚଢ଼ିବା, ମୋଟର ରେସିଂ କିମ୍ବା ଅନ୍ୟାନ୍ୟ ଦୁଃସାହସିକ କ୍ରୀଡ଼ାରେ ଭାଗ ନେଉଥିବା ବେଳେ ଯଦି କାହାର ଜୀବନ ଚାଲିଯାଇଥାଏ, ସେମାନଙ୍କ ପ୍ରତି ସମାଜରେ ଦରଦ ରହିବା ସ୍ୱାଭାବିକ। ଅନ୍ୟପକ୍ଷରେ ପୂର୍ବାଞ୍ଚଳ ଏକ୍ସପ୍ରେସ୍‌ୱେରେ ଯେଉଁ ୪ଟି ଜୀବନ ଚାଲିଗଲା, ତାହା ଦ୍ୱାରା ମୃତକଙ୍କ ପରିବାର ଗଭୀର ଦୁଃଖରେ ଥିବେ। କିନ୍ତୁ ସେମାନଙ୍କ ବେପରୁଆ କାର୍ଯ୍ୟ ସମାଜ ଉପରେ ଖରାପ ପ୍ରଭାବ ପକାଉଛି। କେବଳ ଏହି ୪ ବନ୍ଧୁ ନୁହନ୍ତି, ପ୍ରତିଦିନ କେଉଁଠି ନା କେଉଁଠି ରେଳ ଧାରଣା ଉପରେ ସେଲ୍‌ଫି ନେବା, ବାଘ ସହ ଫଟୋ ଉଠାଇବା, କୁମ୍ଭୀର ପାଟି ଆଁ କରି ଆସୁଥିବା ବେଳେ ନିଜକୁ ତାହା ସହ ସାମିଲ କରି ସୋସିଆଲ୍ ମିଡିଆରେ ଲାଇଭ୍ ଭିଡିଓ କରୁଥିବା ବ୍ୟକ୍ତିଙ୍କ ମୃତ୍ୟୁ ବିଷୟରେ ଗଣମାଧ୍ୟମରୁ ବାରମ୍ବାର ଶୁଣିବାକୁ ମିଳୁଛି। ଡିଜିଟାଲ ଯୁଗରେ ମଣିଷର କାର୍ଯ୍ୟ ଓ ଜୀବନଯାପନ ଶୈଳୀକୁ ପ୍ରଯୁକ୍ତି ଆଧାରିତ ସଫ୍ଟୱେର ସହଜ ଓ ସୁଗମ କରିଦେଇଛି। ମାତ୍ର ତାହାର ଦୁରୁପଯୋଗ ଦ୍ୱାରା ଅନେକଙ୍କ ଜୀବନ ଅନ୍ଧକାରମୟ ହୋଇଯାଉଛି। ଯୁବବର୍ଗ ଏ ବିଷୟରେ ହେଜିବା ଦରକାର। ସୂଚାଇ ଦିଆଯାଇପାରେ, 'ଦ୍ରୁତ ଗତି ମହାବିପତ୍ତି' ଶୀର୍ଷକ ସତର୍କତା ସଡ଼କର ଅନେକ ସ୍ଥାନରେ ଲେଖାଯାଇଥିବା ଦେଖିବାକୁ ମିଳେ। ତାହାକୁ ଯିଏ ମାନିଲେ ସେ ଶୃଙ୍ଖଳିତ ଭାବେ ଜୀବନକୁ ନେଇ ଲକ୍ଷ୍ୟ ସ୍ଥଳରେ ପହଞ୍ଚନ୍ତି। ଅମାନିଆ ଓ ବିଶୃଙ୍ଖଳିତମାନେ ନିଜ ଜୀବନକୁ ବାଜି ଲଗାଇ ଯେଉଁ ସ୍ପିଡ୍‌କୁ ଆପଣାଇଥାଆନ୍ତି, ସେଥିରେ ଦୋଷ ନ ଥିବା ଲୋକଙ୍କ ଜୀବନ ଚାଲିଗଲେ କେବଳ ସେହିମାନଙ୍କ ପାଇଁ ଦୁଃଖ ଲାଗିଥାଏ। ସୀମା ଡେଇଁଲେ ବିପଦ; ରାସ୍ତାରେ ଜୀବନ ଯିବା ଭିତରେ ଏହା ସୀମିତ ରହୁ ନାହିଁ। ବରଂ ଜୀବନଯାତ୍ରାର ପ୍ରତିଟି ସୋପାନରେ ସତର୍କତା ଅବଲମ୍ବନୀୟ।

> ଆଜିର ସମୟରେ ହାଇସ୍ପିଡ୍ ସହ ଆରାମଦାୟକ ଗାଡ଼ି ଯୁବପିଢ଼ିଙ୍କ ପସନ୍ଦ ପାଲଟିଯାଇଛି। ଦାମିକା ଯାନରେ ସୁରକ୍ଷା ବୈଶିଷ୍ଟ୍ୟ ଅଧିକ ଖଞ୍ଜା ଯାଇଥିବାରୁ ଅନେକେ ଭାବିନେଉଛନ୍ତି ଦୁର୍ଘଟଣା ଘଟିଲେ ତାହା ସେମାନଙ୍କ ପାଇଁ ରକ୍ଷାକବଚ ପାଲଟିଯିବ। ହେଲେ ବେଗର ଗୋଟେ ସୀମା ଅଛି। ସେହି ସୀମା ଲଂଘିଲେ କୌଣସି ସୁରକ୍ଷା କବଚ କାମରେ ଆସି ନ ଥାଏ।



# ଧବଳ ଟଗର ଉପରେ କଳା ଆବରଣ

ସହଦେବ ସାହୁ

ଭଗବାନଙ୍କ ଦୟା ଅଛି ବୋଲି ତୁମେ ଶକ୍ତିଶାଳୀ ହୋଇଛ, ଉଲ୍ଲାସରେ ଜୀବନ କାଟୁଛ–ଏଭଳି ଧାରଣା ମନ୍ଦିରଗୁଡ଼ିକରେ ପୂଜକମାନେ କହନ୍ତି, ଆଉ ଧର୍ମଗୁରୁ ଓ ପ୍ରବଚକମାନେ ପ୍ରଚାର କରନ୍ତି। ତୁମର ଧନ ବଢ଼ୁଛି ମାନେ ଭଗବାନ ତୁମ ଉପରେ ପ୍ରସନ୍ନ! ଏପରି ଧାରଣା ଅନୈତିକ ଆଚରଣ ବଢ଼ାଉଛି: ସ୍ୱାର୍ଥ ସିଦ୍ଧି ପାଇଁ ଭକ୍ତି ବଢ଼ୁଛି! ଚୋର ଚୋରି କରିବା ପୂର୍ବରୁ, ଠକ ପରୀକ୍ଷାର୍ଥୀ କପି କରିବା ପୂର୍ବରୁ ଠାକୁରଙ୍କୁ ଡାକୁଛି ତ କଳାବଜାରି ଦୋକାନ ଦୁଆରେ ଠାକୁରମାନଙ୍କ ଫଟୋକୁ ପୂଜା କରୁଛି। ଭେଜାଲ ଜିନିଷ ତିଆରି କରିବା ଓ ବିକିବା ଏକ ପାପ ବୋଲି ମନକୁ ଆସୁନାହିଁ – ଏପରି ମନୋଭାବ ସହସ୍ରବର୍ଷର ନଗର 'ମିଲେନିୟମ ସିଟି'ର କେତେକ ବ୍ୟବସାୟୀଙ୍କୁ ଏତେ ଉଦ୍‌ବୁଦ୍ଧ କରିଛି ଓ କରୁଛି ଯେ ଜୀବନରକ୍ଷାକାରୀ ଔଷଧ ନାଁରେ ମୃତ୍ୟୁ–ଆହରଣକାରୀ ଦ୍ରବ୍ୟ ବିକୁଛନ୍ତି। ହୃଦ୍‌ରୋଗ ଓ ଉଚ୍ଚ ରକ୍ତଚାପ ଉପଶମ ପାଇଁ ଯଥାକ୍ରମେ ଉଦ୍ଦିଷ୍ଟ 'ଟେଲ୍‌ମା 40' ଓ 'ଟେଲ୍‌ମା ଏଏମ୍' ଔଷଧ ନାଁରେ ଭେଜାଲ କେମିକାଲର ବଟିକା ବିକୁଛନ୍ତି। ବିଷ ଦେଇ ରୋଗୀକୁ ହତ୍ୟା ଉଦ୍ୟମ କରୁଛନ୍ତି ବୋଲି ସେମାନେ ଭାରତୀୟ ପିଙ୍ଗଳ ସଂହିତା ଅନୁଯାୟୀ ଦଣ୍ଡିତ ହେବା କଥା! ସ୍ୱାଦିଷ୍ଟ ପାନୀୟ, ଲୁଗାଧୁଆ ଡିଟର୍‌ଜେଣ୍ଟ, ଦୈନନ୍ଦିନ ବ୍ୟବହାରର ଲୁଣ, ଘିଅ, ଦୁଧ, ଛେନା ଆଦି ସାମଗ୍ରୀର ନକଲି କରି ବିକୁଥିବା ଲୋକମାନଙ୍କ କାରଖାନାମାନ 'ଧବଳ ଟଗର' ଉପରେ କଳା ବୋଳିଦେଲାଣି। ଜଣାଶୁଣା କମ୍ପାନୀର ଲେବୁଲ କପି କରି ଲଗାଯାଇଥିବାରୁ ଶିକ୍ଷିତ ଗ୍ରାହକମାନେ ଠକାମି ଧରିପାରୁନାହାନ୍ତି। ନକଲ ପଛରେ ସରକାରୀ କର୍ମଚାରୀଙ୍କ ଢିଲାମି ଦାୟୀ, ଏପରି ଢିଲାମି ପଛରେ ଦୋକାନୀର 'ମାସିକିଆ' ଦାୟୀ, ମାସିକିଆ ପଛରେ ମନ୍ତ୍ରୀଙ୍କ ବଦଳି କରିବାର ସାମର୍ଥ୍ୟ ଏବଂ ଏପରି ମନ୍ତ୍ରୀଙ୍କୁ ମନ୍ତ୍ରିମଣ୍ଡଳରେ ରଖିଥିବା ସରକାର ଦାୟୀ। ଲାଞ୍ଚର ଏ ଶିଡ଼ି ସମାଜକୁ କଳଙ୍କିତ ଓ ଅସୁସ୍ଥ କରିଦେଉଛି । ଏପରି କର୍ମଚାରୀମାନେ ଗୋଟିଏ ଇଲାକାରେ ବେଶିଦିନ ରହିଲେ, ଦୁଇ ତିନି ବର୍ଷରେ ବଦଳି ନ ହେଲେ ଲାଞ୍ଚନେବାର ସୁଯୋଗ ଆସିଯାଏ, ଏ ସୁଯୋଗ ଦିଅନ୍ତି ବିଭାଗୀୟ ମନ୍ତ୍ରୀ। ସମସ୍ତେ ସେମାନଙ୍କ ଦାୟିତ୍ୱବୋଧ ହରାଇ ଟଙ୍କାପଇସା ଗୋଟାଇବାରେ, ରିସ୍ୱତ ନେବାରେ ଲାଗିପଡୁଛନ୍ତି ସମାଜ ପଛେ ରସାତଳକୁ ଯାଉ।

ଭାରତ କୁଆଡ଼େ ଔଷଧ କାରବାରରେ ପ୍ରମୁଖ ଭୂମିକା ନେଉଛି ବୋଲି ପ୍ରଧାନମନ୍ତ୍ରୀ କହିହେଉଛନ୍ତି। ଆମ ଦେଶର କଫ ସିରପ୍ ଗାମ୍ବିଆ (ଆଫ୍ରିକା)ରେ ପିଲାମାନଙ୍କ ମାରକ ହୋଇପଡ଼ିଛି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ହୁ) ଅଧ୍ୟକ୍ଷ ଏହି ମାସରେ କହିଛନ୍ତି। ଏଥିରେ ଡାଇଏଥିଲିନ୍ ଗ୍ଲାଇକୋଲ୍ ଓ ଏଥିଲିନ ଗ୍ଲାଇକୋଲ୍ ଅତ୍ୟଧିକ ପରିମାଣରେ ଅଛି, ଯାହା ବୃକ୍କକୁ ଖରାପ କରିଦିଏ। ଆମେରିକାରେ ଜନ୍‌ସନ୍ ଆଣ୍ଡ ଜନ୍‌ସନ୍ କମ୍ପାନୀର ଶିଶୁ(ବେବି)–ତୈଳ ଓ ଶିଶୁ ପାଉଡର କର୍କଟ ରୋଗର ଆବାହକ ବୋଲି ଜଣାପଡ଼ିବା ପରେ ତାହାସବୁ ସେଠାରେ ନିଷିଦ୍ଧ ହୋଇଗଲା, ଅଥଚ ଆମ ଦେଶର ତନଖିକାରୀ ଅଫିସରମାନେ କହିଲେ ଯେ, ତହିଁରେ ଥିବା କର୍କଟକାରୀ ଆଜବେଷ୍ଟସ୍ ପରିମାଣ ଏତେ କମ୍ ଯେ ଭାରତୀୟଙ୍କ ଦେହରେ ଚଳିଯିବ; ଯେଭଳି କେତେକ ମିଷ୍ଟ ପାନୀୟରେ ଥିବା ବିଷାକ୍ତ କେମିକାଲ ପରିମାଣ ଭାରତୀୟଙ୍କ ପାଇଁ ସହନୀୟ ବୋଲି ଆମ ଦେଶର ପରୀକ୍ଷାକାରୀମାନେ କହୁଛନ୍ତି। ଏପରି ଦୁଇ ରକମର ନୈତିକତା ପଛରେ ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କ ନିର୍ବାଚନୀ ଦାନ ନାହିଁକି? ଆମ ରାଜ୍ୟର ସାଢ଼େ ଚାରି କୋଟି ଯାକ ଲୋକ ଶାସକ ଦଳର 'ଆମ ପରିବାର', କିନ୍ତୁ ସେମାନଙ୍କ ପାଇଁ ମାତ୍ର ୬୦ଟି ଔଷଧ କମ୍ପାନୀ ଲାଇସେନ୍ସ ପାଇଛନ୍ତି, ତାହା ପୁଣି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ (ଏମ୍‌ଏସ୍‌ଏମ୍‌ଇ) ସେକ୍ଟରରେ। ଗୋଟିଏ ହେଲେ ବଡ଼ କମ୍ପାନୀ ନାହିଁ। ଔଷଧ ପାଇଁ ଓଡ଼ିଶା ବାହାର ରାଜ୍ୟ ଉପରେ ନିର୍ଭର କରୁଛି। ମେଞ୍ଚା ମେଞ୍ଚା ପୁଞ୍ଜିପତିଙ୍କୁ ଆମନ୍ତ୍ରଣ କରୁଥିବା ଓଡ଼ିଶା ସରକାର ଗୋଟିଏ ହେଲେ ଔଷଧ ତିଆରି କାରଖାନା ପାଇଁ ନିମନ୍ତ୍ରଣ କରୁନାହାନ୍ତି।

କୋଭିଡ୍–୧୯ ମହାମାରୀରେ ଆଣ୍ଟିଭାଇରାଲ୍ ଔଷଧ 'ଫାବିପିରାବୀର'ର ପ୍ରବଳ ଚାହିଦା ହେଲା ତ ଦୋକାନୀମାନେ ନକଲି ଫାବିପିରାବୀର ବିକିବା ଆରମ୍ଭ କରିଦେଲେ। ନିମ୍ନମାନର ଓ ନକଲି ଔଷଧ ତିଆରି ପରିମାଣ ୨୦୨୧ରେ ଗତବର୍ଷ ତୁଳନାରେ ୪୭% ବଢ଼ିଗଲା। ସଙ୍କଟ ଯେତେ ବଢ଼େ ମୁନାଫାଖୋରମାନେ ସେତେ ବେଶି ଠକନ୍ତି, ସେମାନେ ଯେତେ ବେଶି ଠକନ୍ତି ସେତେ ଲାଭ ଓ ସେତେ ବେଶି ଦାନ ଶାସକ ଦଳର ପାଣ୍ଠିକୁ ଦେବେ ଓ ସେ ଦଳର ମନ୍ତ୍ରୀ ଏବଂ ମନ୍ତ୍ରୀଙ୍କ ଚାମ୍‌ଚାମାନଙ୍କୁ ଦେବେ। ତେଣୁ ଶାସକଦଳ କାଉଣ୍ଟର ଫିଟିଂ ପ୍ରକ୍ରିୟାର ଉଦ୍ରେକ କରିଥାଏ ଧରାଧରି ପ୍ରକ୍ରିୟାକୁ ଢିଲା କରି।

ଦି ଇକନମିଷ୍ଟ ପତ୍ରିକା କଳନା କରିଛି ଯେ, ପୃଥିବୀରେ ୮୦% ଲୋକ ଜାଣିଶୁଣି ବା ଅଜାଣତରେ ନକଲି ସାମଗ୍ରୀ ବ୍ୟବହାର କରୁଛନ୍ତି। ସାମଗ୍ରୀର ଦର ଯେତେ ବଢୁଛି ଆମେ ସେତେ ଠକିଯାଉଛୁ ଶସ୍ତାରେ ଯୋଗାଉଥିବା ଦୋକାନୀଠାରୁ। ଆଣ୍ଟିକାଉଣ୍ଟର ଫିଟିଂ କୌଶଳ, ଯଥା ଥର୍ମାଲ୍ ସିଲ୍, ସିକ୍ୟୁରିଟି ସିଲ୍, ରେଡିଓ ଫ୍ରିକ୍ୱେନ୍ସି ଆଇଡେଣ୍ଟିଫିକେଶନ ଟ୍ୟାଗ୍, ହଲୋଗ୍ରାମ୍, କ୍ୟୁ ଆର୍ କୋଡ୍ ଆଦି କିଛି କାହିଁକି କାମରେ ଆସୁନାହିଁ? ଏ ସବୁ ପଛରେ ଗ୍ରାହକର ଗୋଟିଏ ମାନସିକତା–ଦୋଷ ଅଛି। ଯେତେବେଳେ ସେ ଏକ ବ୍ରାଣ୍ଡର ଜିନିଷ କିଣୁଛି ସେ ଏକ ସ୍ୱପ୍ନ ଜଗତରେ ଘୂରୁଛି, ସାଧାରଣ ଲୋକଠାରୁ ଉଚ୍ଚତର ଦୁନିଆରେ ଅଛି ବୋଲି ଭାବୁଛି। ନାମୀ ବ୍ରାଣ୍ଡର ଜିନିଷ ଯଦି ବିଲାତି କି ମାର୍କିନ୍ ଭଳି ବିଦେଶୀ ତା ତ ଆହୁରି ଭଲ। ତା' ମତରେ ବିଲାତି ମଦ ପର୍ସନାଲିଟି ବଢ଼ାଏ। ତା' ମତରେ ଜେନେରିକ୍ ଔଷଧ ଆଉ ଦେଶୀ ମଦ ଦଳିତମାନଙ୍କ ପାଇଁ। କିନ୍ତୁ ବ୍ରାଣ୍ଡ ଥିବା କମ୍ପାନୀ ତ ଖୁବ୍ ଦୂରରେ, କୋଉ ବଡ଼ ସହର ପାଖ ଅଜଣା ଶିଳ୍ପାଞ୍ଚଳରେ। ତା' ଜିନିଷ ପାଖରେ ଓ କମ୍ ଦରରେ ମିଳିଲେ ସେ ଖୁସିରେ ନିଏ। ଏ ପ୍ରକାର ମାନସିକତା ହିଁ ନକଲକାରୀଙ୍କୁ ଉସୁକାଏ। କୋହଳ ଦଣ୍ଡବ୍ୟବସ୍ଥା ବି। ଭାରତୀୟ ପିଙ୍ଗଳ ସଂହିତା ୧୮୬୦ରେ ତିଆରି ହେଲାବେଳେ ଇଂରେଜ ବଣିକମାନେ ପାଖଆଖର ଯେଉଁ ଭାରତୀୟଙ୍କ ସାହାଯ୍ୟ ନେଉଥିଲେ ସେମାନଙ୍କ ଦୋଷତ୍ରୁଟିକୁ କୋହଳ ଦୃଷ୍ଟିରେ ଦେଖୁଥିଲେ। ତେଣୁ ଆଇପିସିରେ ବ୍ୟବସାୟିକ ଅପରାଧ ପାଇଁ କୋହଳ ଦଣ୍ଡ ବ୍ୟବସ୍ଥା ରଖାଯାଇଥିଲା, ଯଥା ସେକ୍ସନ ୨୬୪ ଓ ୨୬୭ରେ ଓଜନ କରିବାର ଠକିବା ଯନ୍ତ୍ର ରଖିବା ଓ ବ୍ୟବହାର ମାତ୍ର ବର୍ଷେ ଯାଏ ଜେଲ୍ ଆଉ ଜରିମାନା ବା ଉଭୟ। ସେକ୍ସନ ୨୭୨ ରୁ ୨୭୬ରେ ଖାଦ୍ୟ ବା ପାନୀୟ ମିଶାମିଶି କରି ହାନିକାରକ କଲେ ଆହୁରି କମ୍ ଦଣ୍ଡ – ୬ ମାସ ଯାଏ ଜେଲ୍ ବା ୧୦୦୦ ଟଙ୍କା ଯାଏ ଜରିମାନା ବା ଉଭୟ ବ୍ୟବସ୍ଥା ରହିଲା। ବ୍ରାଣ୍ଡ ନାଁରେ ନକଲି ସାମଗ୍ରୀ ବିକିଲେ ୪୭୯ରୁ ୪୮୯ ଧାରା ଅନୁଯାୟୀ ସେହି ହାଲୁକା ଦଣ୍ଡ, ଟିକିଏ ବେଶି (ଧାରା ୪୮୩), ଦୁଇ ବର୍ଷ ଜେଲ୍ ଓ ଜରିମାନା, ପୁଣି ଜାମିନଯୋଗ୍ୟ। ଖାଦ୍ୟ ବା ଔଷଧ ଭେଜାଲ ହେଲେ ତାହା ମୃତ୍ୟୁମୁହଁକୁ ଟାଣିନେବ, ତେଣୁ ଆଟେମ୍ପ୍‌ଟ ଟୁ ମର୍ଡର (ହତ୍ୟା ଉଦ୍ୟମ) ପାଇଁ ଦଣ୍ଡ ପାଇବା କଥା। ସେକ୍ସନ ୨୭୨ରୁ ୨୭୬କୁ ବଙ୍ଗ ଓ ୟୁପି ୧୯୭୩ ଓ ୧୯୭୫ରେ ସଂଶୋଧନ କରି ଦଣ୍ଡ ପରିମାଣ ବଢ଼ାଇ ଆଜୀବନ ଜେଲ୍ କରିଦେଲେ, କିନ୍ତୁ ଓଡ଼ିଶା ଏଯାଏ ଚୁପ୍। ତାହା ହେଉନାହିଁ ତ ଏ କି ନ୍ୟାୟ? ଗାଁ ଗଣ୍ଡାରେ ମହିଳାମାନେ ମଦଦୋକାନ ଭାଙ୍ଗୁଥିଲେ ବି ମହିଳାମାନଙ୍କୁ ସଶକ୍ତ କରୁଛନ୍ତି କହୁଥିବା ସରକାର ଚାରିଆଡ଼େ ଓ ଦିନରାତି ୨୪ ଘଣ୍ଟା ମଦ ଦୋକାନ ଖୋଲା ରଖୁଛନ୍ତି। କାରଣ ବିଧାୟକମାନେ ସମାଜର ଭଲ ଚିନ୍ତା କରିପାରୁନାହାନ୍ତି, ଭୋଟରମାନଙ୍କୁ ଭୁଲାଇବାରେ ସରକାରୀ ଯୋଜନା ଓ ଅର୍ଥ ଲଗାଇ ଦେଉଛନ୍ତି। ଆଜିର ଡିଜିଟାଲ ଯୁଗରେ ଲ' ଏନ୍‌ଫୋର୍ସମେଣ୍ଟ କରିବା କାହିଁକି କଷ୍ଟ ହେଉଛି? ନକଲି ଔଷଧ ବିକି ଧରାପଡ଼ିବା ପରେ ଅର୍ଥାତ୍ ବହୁତ ଲୋକ ମଲାପରେ ୨୦୨୩ରେ ଦେଶସାରା କ୍ୟୁଆର୍ କୋଡ୍ ଲାଗିବ ବୋଲି ଆମେ ଶୁଣୁଛୁ। ଓଡ଼ିଶାରେ ସରକାର ସମସ୍ତଙ୍କୁ ତାଙ୍କର କୁଟୁମ୍ବ ଭଳି ଦେଖିବେ ବୋଲି ଯେଉଁ 'ଆମ ପରିବାର' ଯୋଜନା କରିଛନ୍ତି ସେଥିରେ କ'ଣ ଲୁଣ, ଦୁଧ, ଘିଅ, ବିଭିନ୍ନ ଖାଦ୍ୟ ତଥା ପାନୀୟ ଓ ଔଷଧ ଭଳି ସାମଗ୍ରୀକୁ ଭେଜାଲ କରି ମୃତ୍ୟୁର ସୌଦାଗର ସାଜିଥିବା ଲୋକେ ବି କୁଟୁମ୍ବ?

sahadevas@yahoo.com





# ବିଦ୍ୟା ଯେବେ ହୁଏ ବିବେକହୀନ

ଛନ୍ଦା ମିଶ୍ର

ସା ବିଦ୍ୟା ୟା ବିମୁକ୍ତୟେ। ଅର୍ଥାତ୍ ବିଦ୍ୟା ହେଉଛି ସେହି ଦୁର୍ଲଭ ବସ୍ତୁ, ଯାହା ଅଜ୍ଞାନ ରୂପକ ଅନ୍ଧକାରକୁ ଦୂର କରି ଜ୍ଞାନରୂପକ ଆଲୋକ ଦେଖାଇ ମୁକ୍ତି ପ୍ରଦାନ କରେ। ମୁକ୍ତି ପ୍ରଦାନ କରେ ସମସ୍ତ ଅବିଦ୍ୟାରୁ, ଅବଗୁଣରୁ, ଅମାନବିକତାରୁ, ଅକର୍ମରୁ, ଅଧର୍ମରୁ। କିନ୍ତୁ ବିବେକହୀନ ମନୁଷ୍ୟ ନିକଟରେ ଥିବା ବିଦ୍ୟା ହୋଇଯାଏ ଶ୍ରୀହୀନ। ପ୍ରକୃତ ବିଦ୍ୟାରୁ ମିଳେ ବିନୟବୋଧ, ମାତ୍ର ବିବେକହୀନ ହୋଇଗଲେ, ସେହି ବିଦ୍ୟା କରେ ଅହଙ୍କାରୀ। ଅବିଦ୍ୟାରୁ ମିଳେ ଅସହିଷ୍ଣୁତା। ବିଦ୍ୟା କହେ, ସହନଶୀଳ ହୁଅ। ଅବିଦ୍ୟା କରେ ସ୍ୱାର୍ଥପର, ବିଦ୍ୟା ଶିଖାଏ ନିଃସ୍ୱାର୍ଥପରତା। ଅବିଦ୍ୟା ଦିଏ ଅମାନବିକତା, ବିଦ୍ୟାରୁ ମିଳେ ମାନବିକତା। ବିଦ୍ୟା କରେ ସ୍ୱାଭିମାନୀ, ଅବିଦ୍ୟାରୁ ମିଳେ ଅଭିମାନ। ଫଳରେ ଆଖିରେ ବାନ୍ଧି ହୋଇଯାଏ ଗର୍ବର ଅନ୍ଧପୁଟୁଳି। ପରିଣାମ ସ୍ୱରୂପ ଭୁଲ୍ ଠିକ୍‌ର ବିଚାର ଶକ୍ତି ହରାଇ ବସେ ମନୁଷ୍ୟ। ପରିବା କାଟିବା ପାଇଁ ଉଦ୍ଦିଷ୍ଟ ପନିକିକୁ ବେକ କାଟିବା ପାଇଁ କରେ ବ୍ୟବହାର।

ଏଇ ନିକଟରେ ଦେଶ ସାଧୀନତାର ଅମୃତ ମହୋତ୍ସବ ଖୁବ୍ ଆନନ୍ଦ ଉଲ୍ଲାସର ସହିତ ପାଳନ କରୁଥିଲା ବେଳେ ବିଷ ବଳୟରେ କଅଁଳ ଜୀବନଟିଏ ହୋଇ ପଡ଼ିଥିଲା ଅତିଷ୍ଠ। ରାଜସ୍ଥାନରେ ଜଣେ ତୃତୀୟ ଶ୍ରେଣୀର ଛାତ୍ର, ଯିଏକି ସମାଜର ଘୃଣ୍ୟ ନିୟମ ଅନୁସାରେ ଦଳିତ ବର୍ଗର, ସେ ଶିକ୍ଷକଙ୍କ ପାଇଁ ଉଦ୍ଦିଷ୍ଟ ପାତ୍ରରୁ ନେଇ ପାଣି ପିଇଦେବାରୁ ଶିକ୍ଷକଙ୍କ ମାଡ଼ରେ ଶିଶୁଟିର ଜୀବନ ଚାଲିଗଲା। ଏଠାରେ ଶିକ୍ଷକଙ୍କ ଶିକ୍ଷା ଉପରେ ସନ୍ଦେହ ସୃଷ୍ଟି ହୁଏ। ଶିକ୍ଷକ ଜଣକ ପ୍ରକୃତରେ କେତେ ଶିକ୍ଷିତ! ଯିଏ ସନ୍ତାନ ସମ ଛାତ୍ରୀଛାତ୍ରଙ୍କ ଭିତରେ ସେମାନଙ୍କ ଜାତିକୁ ନେଇ ଭେଦଭାବର ମନୋବୃତ୍ତି ପୋଷଣ କରନ୍ତି। ମନେପଡ଼େ ମହାମାନବ କାଲାମ୍‌ଙ୍କ କଥା, ଯାହାଙ୍କୁ ତାଙ୍କ ବିଜ୍ଞାନ ଶିକ୍ଷକ ସୁବ୍ରମଣ୍ୟମ୍ ଆୟାର, ଜଣେ ନୈଷ୍ଠିକ ବ୍ରାହ୍ମଣ, ନିଜ ରୋଷେଇ ଘରେ ବସାଇ ଖାଦ୍ୟ ଖୁଆଇଥିଲେ। ଧର୍ମକୁ ଆଖିଠାର ମାରି ଜାତି–ଜାତି ଭିତରେ ବିଦ୍ୱେଷ ସୃଷ୍ଟି କରୁଥିବା ଲୋକେ ଭୁଲିଗଲେ ଚଳିବ ନାହିଁ ଯେ, ପରମ ଆରାଧ୍ୟ ପ୍ରଭୁ ଶ୍ରୀରାମ ନିଜେ ଶବରୀ ହାତରୁ ଅଇଁଠା କୋଳି ଗ୍ରହଣ କରିଥିଲେ, ବିଜ୍ଞାନୀ କୈବର୍ତ୍ତକୁ ନିଜର ବନ୍ଧୁ ବୋଲି ଘୋଷଣା କରିଥିଲେ। ଏପରି କେତେକେତେ ଉଦାହରଣ ଆମ ପୁରାଣ ଶାସ୍ତ୍ରରେ ରହିଚି।

ଯେଉଁଠି ଈଶ୍ୱର ସ୍ୱୟଂ ପାଣି ପବନ ପରି ଅମୃତଗୁଡ଼ିକ ଉପରେ କଟକଣା ଜାରି କରିନାହାନ୍ତି, ଏ ପାଣି ଦଳିତର, ଏ ପାଣି ଉଚ୍ଚ ଜାତିର ବୋଲି ଦର୍ଶାଇନାହାନ୍ତି, ସେଠାରେ ଆମ ତୁମ ଭଳି ଲୋକମାନଙ୍କର ଭେଦଭାବ କରିବାର କ୍ଷମତା ଆସିଲା କେଉଁଠୁ?

ଆଜିର ସମାଜ, ବିବେକହୀନ ବିଦ୍ୟାବାନ୍‌ଙ୍କ ଭିଡ଼ରେ ଅଣନିଃଶ୍ୱାସୀ ହୋଇପଡ଼ିଛି। ପାହାଡ଼ କାଟି, ଅରଣ୍ୟ ପଦା କରି ବିକାଶ ନାମରେ ପରିବେଶର ବିନାଶରେ ମାତିଥିବା ମଣିଷମାନେ ଖୁବ୍ ପାଠୁଆ! ଅପାଠୁଆମାନେ ତ ବୃକ୍ଷ, ଲତା ଓ ପାହାଡ଼ ଝରଣାଙ୍କ ଉପାସକ। ଆଜି ଚୋରି, ଡକାୟତି, ବଳାତ୍କାର ଆଦି ଘୃଣ୍ୟ କାର୍ଯ୍ୟକଳାପରେ ଅନେକ ଶିକ୍ଷିତ ସମ୍ପୃକ୍ତ। ଅଶିକ୍ଷିତ ରିକ୍ସାଚାଳକଟି ତ ଟଙ୍କାଭର୍ତ୍ତି ମୁଣି ପାଇ ଫେରାଇ ଦେବାର ମହାନତା କରେ ପ୍ରଦର୍ଶନ।



କୁହାଯାଏ, ଚରିତ୍ର ନଥିଲେ ସବୁ ଅସାର। କିନ୍ତୁ ଏବେ ଚରିତ୍ର ହେଉଛି ସବୁଠାରୁ ଅଲୋଡ଼ା ଚିଜ। ଚରିତ୍ରକୁ ବନ୍ଧା ପକେଇ ଆମେ ଗଳାବନ୍ଧ ପିନ୍ଧି, ଗଳା ବାଟ ଦେଇ, ଅନ୍ୟର ଗଳା କାଟି ଆଗକୁ ବଢ଼ିବାକୁ ଚାହୁଁ। ମହାକାଳ ଫଳ ପରି ଉପରେ ଆମେ ମହର୍ଷି ବାଲ୍ମୀକିଙ୍କ ବେଶ ଧାରଣ କରିଥିଲେ ବି ଭିତରେ ଦସ୍ୟୁ ରତ୍ନାକର ଲୁଚି ବସିଥାଏ। ଆମରି ଭିତରେ ଗୋଟେ, ବାହାରେ ଗୋଟେ, ପେଟରେ ଗୋଟେ, ମୁହଁରେ ଆଉ ଗୋଟେ। ତା' ସହିତ ନିଜକୁ ନିଜେ ବିଜ୍ଞାପିତ କରିବାର ଏକ ଅଦ୍ଭୁତ ବିକଳପଣିଆ ଆମକୁ ଗ୍ରାସ କରିଚାଲିଛି। ନିଜକୁ ଏକ ନମ୍ବର ଦେଖାଇବା ପାଇଁ, ପୁରସ୍କାର ହାତେଇବା ପାଇଁ, ବାହାବା ନେବା ପାଇଁ, ଆମେ କିଛି ବି କରିପାରୁ। ନିଜକୁ ପ୍ରଶଂସା କରିବା ଆତ୍ମହତ୍ୟା କରିବା ସହ ସମାନ ବୋଲି ଜାଣି ମଧ୍ୟ ଆମେ ପ୍ରତିଦିନ ନିଜର ଗୁଣଗାନ କରିବାରୁ ନିବୃତ୍ତ ହୋଇ ପାରୁ ନାହୁଁ। ବିଦ୍ୟା କ'ଣ ଏଇ ଶିକ୍ଷା ଆମକୁ ଦିଏ।

ମୁଁ ଯେତେ ପ୍ରକାରର ବ୍ୟଞ୍ଜନ ରାନ୍ଧି ଜାଣିଥାଏ, ସେହିସବୁ ରାନ୍ଧଣା ରାନ୍ଧି ଯେତେ ପୁରସ୍କାର ବି ଗୋଟେଇ ଥାଏ, ଯଦି ମୋ ଘରୁ କେହି ଖାଲି ପେଟରେ ଫେରିଯାଏ, ମୋ ରାନ୍ଧୁଣିପଣିଆକୁ ଧିକ୍। ମୁଁ ଯେତେବଡ଼ ଡାକ୍ତର ହୋଇଥାଏ, ବିଦେଶରୁ ଯେତେ ଡିଗ୍ରୀ ହାତେଇଥାଏ, ମୋ' ଅବହେଳାରୁ ଜଣେ ଯଦି ଜୀବନ ହାରେ, ମୋ ପାଠ କେଉଁ କାମର ଯେ! ଠିକ୍ ସେମିତି ମୁଁ ଯେତେ ବଡ଼ ବଡ଼ ବିଶ୍ୱବିଦ୍ୟାଳୟରେ ପାଠ ପଢ଼େଇଲେ ବି, ଯଦି ମୋ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ମୋ ଉଚ୍ଚାରଣ ଓ ଆଚରଣ ଦ୍ୱାରା ସକାରାତ୍ମକ ପ୍ରଭାବ ବିସ୍ତାର କରି ନ ପାରିଲି, ତେବେ ମୋର ସେ ଶିକ୍ଷକତାର ମୂଲ୍ୟ କ'ଣ।

କୁହାଯାଏ, ଘର ହେଉଛି ପ୍ରଥମ ବିଦ୍ୟାଳୟ ଓ ବିଦ୍ୟାଳୟ ହେଉଛି ଦ୍ୱିତୀୟ ଘର। କେଉଁଠି ନା କେଉଁଠି ଅଭିଭାବକ ଓ ଶିକ୍ଷକମାନଙ୍କ ଦାୟିତ୍ୱରେ ତ୍ରୁଟି ରହିବା ଯୋଗୁ ଦିଅଁ ଗଢ଼ୁ ଗଢ଼ୁ ମାଙ୍କଡ଼ଟିଏ ହେଉଛି ଜନ୍ମ। ଯେଉଁଥିପାଇଁ ସପ୍ତମ ଶ୍ରେଣୀ ପିଲାର ସ୍କୁଲ ବ୍ୟାଗରୁ ମଦ ବୋତଲଠାରୁ ଆରମ୍ଭ କରି ବନ୍ଧୁକ ଜବତ ହେଉଛି। କପି କରି ଧରାପଡୁଚି ଖୋଦ୍ ଶିକ୍ଷକଙ୍କ ପୁତ୍ର। ପୋଲିସର ପୁଅ ଚୋରୀ କରୁଛି । ନୈତିକ ଶିକ୍ଷାର ଘୋର ଅଭାବ ପ୍ରତି କ୍ଷେତ୍ରରେ ପରିଲକ୍ଷିତ ହେଉଛି ।

ବର୍ତ୍ତମାନ ପ୍ରାୟ ସ୍ଥାନରେ ବିବେକହୀନ, ବିଚାର ଶକ୍ତିବିହୀନ, ତଥାକଥିତ ଶିକ୍ଷିତମାନଙ୍କ ଯୋଗୁ ସମାଜର ଏ ଦୁରବସ୍ଥା। ପ୍ରକୃତ ବିଦ୍ୟା ଯୋଗରେ ବିଶ୍ୱାସ କରେ, ବିଯୋଗରେ ନୁହେଁ। ଏକତାରେ ଆସ୍ଥା ରଖେ, ବିଭାଜନରେ ନୁହେଁ। ଶିକ୍ଷିତ ବୋଲି ପ୍ରମାଣପତ୍ର ମୁଣ୍ଡେଇଥିଲେ ବି ପ୍ରକୃତପକ୍ଷେ ଆପଣ କେତେ ଶିକ୍ଷିତ ତାହା ଆପଣଙ୍କ ଆଚରଣରୁ ବୁଝାପଡ଼େ। ଅନ୍ୟଥା ବିଦ୍ୟା କେବଳ ଜୀବିକା ଯୋଗାଡ଼ର ମାଧ୍ୟମ ହୋଇ ରହିଯାଏ, ଜୀବନ ଜିଇବାର ପ୍ରେରଣା ଯୋଗାଏ ନାହିଁ। ମନେରଖିବାକୁ ହେବ ଯେ ଜୀବନ ଥିଲେ ହିଁ ଜିବିକାର ମୂଲ୍ୟ ଅଛି, ଯେଉଁଠି ଜୀବନ ହୋଇପଡୁଚି ମୂଲ୍ୟହୀନ, ସେଠି ଜୀବିକା ଥାଇ କେତେ, ନ ଥାଇ କେତେ!

chhandamishra74@gmail.com

## ଏଇ ଭାରତରେ

ସମ୍ପ୍ରତି ଆମେ ପ୍ରାୟତଃ ସ୍ମାର୍ଟଫୋନ ପାଇଁ ଲୋକଙ୍କ ମଧ୍ୟରେ ଥିବା ପାଗଳାମି ଖବର ଶୁଣିଥାଉ। କିନ୍ତୁ ପଶ୍ଚିମବଙ୍ଗରେ ଯାହା ଘଟିଛି ସେଥିରେ ଯେକୌଣସି ଲୋକ ଆଶ୍ଚର୍ଯ୍ୟ ହୋଇଯିବେ। ଏଠାରେ ଜଣେ ୧୬ ବର୍ଷ ବୟସ୍କା ନାବାଳିକା ନିଜର ରକ୍ତ ବିକ୍ରି କରି ସ୍ମାର୍ଟଫୋନ କିଣିବା ଲାଗି ବାଲୁରଘାଟ ଜିଲା ଡାକ୍ତରଖାନାର ବ୍ଲଡ୍ ବ୍ୟାଙ୍କରେ ପହଞ୍ଚିଥିଲେ। ନାବାଳିକାଙ୍କ ବାପା ପରିବା ବିକ୍ରି କରନ୍ତି ଓ ମା' ଗୃହିଣୀ। ସମ୍ପର୍କୀୟଙ୍କ ମୋବାଇଲରୁ ସେ ୯ ହଜାର ଟଙ୍କାର ସ୍ମାର୍ଟଫୋନ୍ ଲାଗି ଅର୍ଡର କରିବା ପରେ ସେହି ଟଙ୍କା ଯୋଗାଡ଼ କରିବା ସକାଶେ ଏଭଳି ପଦକ୍ଷେପ ନେଇଥିଲେ। ସେ ପଢ଼ିବାକୁ ଯିବା ବାହାନାରେ ଘରୁ ବାହାରି ଡାକ୍ତରଖାନାରେ ପହଞ୍ଚିଥିଲେ। ସେ ରକ୍ତ ସଂଗ୍ରହ କରିବାକୁ ଆସିଥିବା ପ୍ରଥମେ ଅନୁମାନ କରାଯାଉଥିଲା, କିନ୍ତୁ ତାଙ୍କ ସହିତ କିଛି ସମୟ କଥା ହେବା ପରେ ଜଣାପଡ଼ିଥିଲା ଯେ, ସେ ସ୍ମାର୍ଟଫୋନ କିଣିବା ଲାଗି ରକ୍ତ ବିକ୍ରି କରିବାକୁ ଚାହୁଁଛନ୍ତି। ବ୍ଲଡ୍ ବ୍ୟାଙ୍କର ଅଧିକାରୀମାନେ ଏହା ଜାଣିବା ମାତ୍ରେ ଚାଇଲ୍ଡ ଲାଇନକୁ ଏ ସମ୍ପର୍କରେ ଜଣାଇଥିଲେ। ପରେ ତାଙ୍କୁ ଜିଲା ଶିଶୁ କଲ୍ୟାଣ କମିଟି ମାଧ୍ୟମରେ ତାଙ୍କ ମାତାପିତାଙ୍କ ନିକଟକୁ ପଠାଯାଇଥିଲା।

## ୨୫ ବର୍ଷ ତଳର ଧରିତ୍ରୀ

୧୯ ଅକ୍ଟୋବର ୧୯୯୭

- ଜାତିସଂଘର ସଂପ୍ରସାରିତ ନିରାପତ୍ତା ପରିଷଦରେ ସଦସ୍ୟତା ପାଇଁ ଆମେରିକାର 'ପାଳି' ପ୍ରସ୍ତାବକୁ ଭାରତର ପ୍ରତ୍ୟାଖ୍ୟାନ।
- ପଶ୍ଚିମବଙ୍ଗର ପୁରୁଲିଆଠାରେ ଆକାଶମାର୍ଗରୁ ଅସ୍ତ୍ରଶସ୍ତ୍ର ବର୍ଷା କରାଯାଇଥିବା ସମ୍ବେଦନଶୀଳ ଘଟଣାର ତଦନ୍ତ ଲାଗି ଇଣ୍ଟରପୋଲର ସ୍ୱତନ୍ତ୍ର ସେଲ ଗଠନ।
- ଗୁଜରାଟ କ୍ୟାଡରର ଆଇଏଏସ୍ ସନ୍ତୋଷ ମହାପାତ୍ରଙ୍କୁ ପାରାଦୀପ ପୋର୍ଟ ଟ୍ରଷ୍ଟର ନୂତନ ଚେୟାରମ୍ୟାନ ଭାବେ ନିଯୁକ୍ତି ପ୍ରଦାନ।

## ଚିରନ୍ତନୀ

ରୂପର ଛଳନା ନ କର ଆଉ
ରୂପସି ଆଗୋ
ରୂପର ଉଢ଼ାଳେ ଲୁଚାଅ ନାହିଁ
ମନର ଦାଗ।
–(ପ୍ରାଚୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 2 | | | 5 | | 3 | | |
| | | | 2 | | | | | 6 |
| 4 | 3 | | | | 8 | | 9 | |
| | 1 | | 9 | | 4 | 5 | | |
| | | 7 | | 1 | | | | |
| | | 3 | | | | | | |
| 9 | 7 | | 3 | | | | 8 | |
| | | | 4 | | | | | |
| | 8 | | 6 | | | 1 | | 7 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 7 | 1 | 6 | 4 | 5 | 2 | 8 | 3 |
| 8 | 3 | 2 | 9 | 1 | 7 | 6 | 5 | 4 |
| 5 | 4 | 6 | 2 | 8 | 3 | 9 | 1 | 7 |
| 2 | 5 | 7 | 4 | 9 | 1 | 8 | 3 | 6 |
| 6 | 1 | 9 | 7 | 3 | 8 | 5 | 4 | 2 |
| 3 | 8 | 4 | 5 | 6 | 2 | 1 | 7 | 9 |
| 1 | 9 | 5 | 3 | 2 | 4 | 7 | 6 | 8 |
| 7 | 6 | 3 | 8 | 5 | 9 | 4 | 2 | 1 |
| 4 | 2 | 8 | 1 | 7 | 6 | 3 | 9 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଗଣମାଧ୍ୟମର କଣ୍ଠରୋଧ

ମହାଶୟ,

ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମ ହୋଇଥିଲେ ମଧ୍ୟ ଏହା ପ୍ରଥମ ସ୍ତମ୍ଭ ଭଳି କାର୍ଯ୍ୟ କରୁଛି । ପ୍ରତ୍ୟେକଙ୍କର ଦେଶ ବିଦେଶର ଖବର ଜାଣିବା ଓ ତଦନୁସାରେ କାର୍ଯ୍ୟ କରିବା ଏକାନ୍ତ ଆବଶ୍ୟକ ହୋଇପଡିଛି । କରୋନା ମହାମାରୀ କାୟା ବିସ୍ତାର କରିବା ସମୟରେ ଗଣମାଧ୍ୟମ ଯେଭଳି ଭାବେ କାମ କରିଛି ତାହା ପ୍ରଶଂସନୀୟ। ଏହା ଜୀବଜଗତ ପାଇଁ ଏକାନ୍ତ ଆବଶ୍ୟକ। ପୁଣି ପ୍ରତ୍ୟେକ କ୍ଷେତ୍ରରେ ଥିବା ସମସ୍ୟାମାନ ଜାଣିବା, ତଦନୁସାରେ ସାବଧାନ ହେବାକୁ ଏହାହିଁ ବାଟ ଦେଖାଏ । ଶିକ୍ଷା କ୍ଷେତ୍ରରେ ବହୁମୁଖୀ ସମାଧାନ ତ ନିହାତି ଜରୁରୀ । ଶିକ୍ଷାରୁ ସୁ ଶିକ୍ଷା ଲାଭ କରି ଜୀବନକୁ ସରସ ସୁନ୍ଦର କରିପାରିଲେ ମଣିଷ ମୃତ୍ୟୁମୁଖରୁ ବଞ୍ଚିପାରିବ । କିନ୍ତୁ ଶୈକ୍ଷିକ ପରିସରରେ ଗଣମାଧ୍ୟମ ପ୍ରବେଶକୁ ବାଧା ଦେବା ସରକାରଙ୍କ ହୀନମନ୍ୟତାର ପ୍ରମାଣ ଦିଏ । ପ୍ରତ୍ୟେକ କ୍ଷେତ୍ରରେ ଗଣମାଧ୍ୟମର ପ୍ରବେଶ ଏକାନ୍ତ ଜରୁରୀ । ଏହାକୁ ରୋକାଗଲେ ଆନ୍ଦୋଳନ ଭୀଷଣରୁ ଭୀଷଣତର ହେବ ।

– ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ତାମିଲନାଡୁ ବିଧାନସଭାରେ ମଙ୍ଗଳବାର ବିଶୃଙ୍ଖଳିତ ଆଚରଣ ପାଇଁ ବିରୋଧୀ ଦଳ ନେତା କେ. ପଲାନିସ୍ୱାମୀ ଓ ତାଙ୍କ ଏଆଇଏଡିଏମ୍‌କେ ବିଧାୟକମାନଙ୍କୁ ଗୃହରୁ ବାହାର କରିଦିଆଯାଉଛି। ବିରୋଧୀ ଦଳ ସଦସ୍ୟମାନେ ହଟ୍ଟଗୋଳ କରି ଗୃହ ଚଳାଇ ନ ଦେବାରୁ ବାଚସ୍ପତି ଏମ୍. ଅପାଭୁଙ୍କ ନିର୍ଦ୍ଦେଶକ୍ରମେ ମାର୍ଶାଲମାନେ ସେମାନଙ୍କୁ ଗୃହରୁ ବାହାର କରିଦେଇଥିଲେ।

## ମୋଦିଙ୍କ ଲାଏ ଡିଟେକ୍ଟର ପରୀକ୍ଷା ହେଉ: ଏଏପି

**ନୂଆଦିଲ୍ଲୀ,୧୮।୧୦:** ଭାଜପା ଏହାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଲାଏ ଡିଟେକ୍ଟର ପରୀକ୍ଷାରେ ସାମିଲ ହୋଇ ସିବିଆଇ ଏବଂ ଇଡି ନିରପେକ୍ଷ ସଂସ୍ଥା କହିବାକୁ ପରାମର୍ଶ ଦେଉ ବୋଲି ମଙ୍ଗଳବାର ଆମ୍ ଆଦ୍‌ମୀ ପାର୍ଟି (ଏଏପି) କହିଛି। ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ଜେରା ବେଳେ ତାଙ୍କୁ ଦଳ ଛାଡ଼ି ଭାଜପାରେ ସାମିଲ ହେବାକୁ ଚାପ ପକାଇବା ନିମନ୍ତେ ସିବିଆଇ ଉଦ୍ୟମ କରିଥିଲା ବୋଲି ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ଅଭିଯୋଗ କରିଥିଲେ। ସାହସ ଥିଲେ ସିସୋଡିଆ ଲାଏ ଡିଟେକ୍ଟରକୁ ଯାଇ ଏହା କୁହନ୍ତୁ ବୋଲି ଭାଜପା ନେତା କପିଲ ମିଶ୍ରା ଆହ୍ୱାନ ଦେଇଥିଲେ। ଏହାର ଜବାବରେ ଏଏପି ମୁଖ୍ୟ ମୁଖପାତ୍ର ସୌରଭ ଭରଦ୍ୱାଜ ଏକ ଖବରଦାତା ସମ୍ମିଳନୀରେ ଗୈରିକ ଦଳକୁ ଉପରୋକ୍ତ ପରାମର୍ଶ ଦେଇଛି।




**ବ୍ୟାଙ୍କ ଅଫ୍ ଇଣ୍ଡିଆ** | ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI
ଆଞ୍ଚଳିକ କାର୍ଯ୍ୟାଳୟ: ଭୁବନେଶ୍ୱର ଅଞ୍ଚଳ, ୧/୧ଡି, ଷ୍ଟାର ହାଉସ୍, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫, ଫୋନ୍: ୦୬୭୪-୨୩୬୨୨୪୯

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**
ସରଫେଶୀ ଆକ୍ଟ୨୦୦୨ ଅନୁସାରେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ବ୍ୟାଙ୍କ ଏହାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ମାଧ୍ୟମରେ "ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ (ସରଫେଶୀ) ୨୦୦୨ର ଆଇନର ଧାରା ୧୩(୪) ଅନୁସାରେ କ୍ଷମତା ପ୍ରୟୋଗ କରି ବ୍ୟାଙ୍କର ବକେୟା ଋଣ ଆଦାୟ ନିମନ୍ତେ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକୁ ଇ-ନିଲାମ ମାଧ୍ୟମରେ ବିକ୍ରି କରିବା ପାଇଁ ସ୍ଥିର କରିଛନ୍ତି ।

| କ୍ର. ନଂ. | ଶାଖା / ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା / ମୋଟ ବକେୟା ରାଶି | ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ | ଇ-ନିଲାମ ତାରିଖ ଏବଂ ସମୟ |
|---|---|---|---|---|
| ୧. | ଶହୀଦ ନଗର ଶାଖା, ଫୋନ୍:୦୬୭୪-୨୫୪୦୭୨୮/ **ଋଣଗ୍ରହୀତା: ମେସର୍ସ ପାପ୍ରିକା କର୍ପୋରେଶନ, ସ୍ୱତ୍ୱାଧିକାରୀ: ଶ୍ରୀ ଦୀପକ କୁମାର ଗୌଡ,** ପିତା: ଶ୍ରୀ କୃଷ୍ଣ ଚନ୍ଦ୍ର ଗୌଡ / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ସଂଘମିତ୍ରା ଗୌଡ,** ସ୍ୱାମୀ: ଶ୍ରୀ ଦୀପକ କୁମାର ଗୌଡ, ସମସ୍ତଙ୍କ ଠିକଣା: ଫ୍ଲାଟ୍ ନଂ.: ୪୦୨, ୪୦୩, କମଳା ଭିଲ୍ଲା, ପ୍ଲଟ୍ ନଂ.: ୧୨୩ ଏବଂ ୧୨୩/୧୫୩୯, ଭଗବାନପୁର, ପାତ୍ରପଡ଼ା, ଭୁବନେଶ୍ୱର / **ମୋଟ ବକେୟା ରାଶି: ତା.୧୮.୦୨.୨୦୧୬ରିଖ ସୁଦ୍ଧା ଟ.୧,୬୫,୭୮,୬୦୩/- +ତା.୧୯.୦୨.୨୦୧୬ରିଖ** ଠାରୁ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ବିଯୁକ୍ତ କିଛି ଅଂଶ ପରିଶୋଧ ଅର୍ଥ ରାଶି | ୧) ଶ୍ରୀ ଦୀପକ କୁମାର ଗୌଡଙ୍କ ନାମରେ **"କମଳା ଭିଲ୍ଲା"** ଆପାର୍ଟମେଣ୍ଟର ଚତୁର୍ଥ ମହଲାରେ ଥିବା ଫ୍ଲାଟ୍ ନଂ.: ୪୦୨ର ସମସ୍ତ ଅଂଶବିଶେଷ ଯାହାର ସୁପର ବିଲ୍ଟ ଅପ୍ ଏରିଆ: ୧୧୬୬ ବର୍ଗଫୁଟ ତା ସହିତ ଗୋଟିଏ କାର ପାର୍କିଂ ସ୍ଥାନ (ଷ୍ଟିଲ୍ଟ ଫ୍ଲୋରରେ) ସହିତ କ୍ଷେତ୍ର: ଏକର୦.୨୦୦ଡିସିମିଲିରୁ ଅବିଭକ୍ତ ଜମିର ଆନୁପାତିକ ଅଂଶ ଏକର୦.୦୧୪.୯୯ଡିସିମିଲି, ପ୍ଲଟ୍ ନଂ.: ୧୨୩ ଏବଂ ୧୨୩/୧୫୩୯, ଖାତା ନଂ.: ୬୭୯/୩୪, କିସମ: ଘରବାରୀ, ମୌଜା: ଭଗବାନପୁର, ଥାନା ନଂ.: ୯, ପାତ୍ରପଡ଼ା, ଏସ୍ଆରଓ: ଖଣ୍ଡଗିରି, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, **ଫ୍ଲାଟ୍‌ର ଚାରିପାର୍ଶ୍ୱରେ** ଉତ୍ତର: ଫ୍ଲାଟ୍ ନଂ.: ୪୦୩, ଲିଫ୍ଟ ଏବଂ କରିଡର, ଦକ୍ଷିଣ: ଖୋଲା ପରିବେଶ (ବିଲ୍ଡିଂ ସୀମା), ପୂର୍ବ: ଫ୍ଲାଟ୍ ନଂ.: ୪୦୧, ପଶ୍ଚିମ: ଖୋଲା ପରିବେଶ (ବିଲ୍ଡିଂ ସୀମା), **ଜମିର ଚାରିପାର୍ଶ୍ୱରେ** ଉତ୍ତର: ରାସ୍ତା, ଦକ୍ଷିଣ: ରାସ୍ତା, ପୂର୍ବ: ରେଭିନ୍ୟୁ ପ୍ଲଟ୍ ନଂ.: ୧୨୪, ପଶ୍ଚିମ: ରେଭିନ୍ୟୁ ପ୍ଲଟ୍ ନଂ.: ୧୨୨ | ଟ.୩୭,୫୯,୦୦୦/- / ଟ. ୩,୭୫,୯୦୦/- / ଟ.୫୦,୦୦୦/- | ୦୯.୧୧.୨୦୨୨ ପୂର୍ବାହ୍ନ ୧୧.୦୦ ଘଟିକାରୁ ପୂର୍ବାହ୍ନ ୧୧.୩୦ ଘଟିକା ପ୍ରତ୍ୟେକଙ୍କ ପାଇଁ ୧୦ ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ |
| | | ୨) ଶ୍ରୀ ଦୀପକ କୁମାର ଗୌଡଙ୍କ ନାମରେ **"କମଳା ଭିଲ୍ଲା"** ଆପାର୍ଟମେଣ୍ଟର ଚତୁର୍ଥ ମହଲାରେ ଥିବା ଫ୍ଲାଟ୍ ନଂ.: ୪୦୩ର ସମସ୍ତ ଅଂଶବିଶେଷ ଯାହାର ସୁପର ବିଲ୍ଟ ଅପ୍ ଏରିଆ: ୧୩୪୮ ବର୍ଗଫୁଟ ତା ସହିତ ଦୁଇଟି କାର ପାର୍କିଂ ସ୍ଥାନ (ଷ୍ଟିଲ୍ଟ ଫ୍ଲୋରରେ) ସହିତ କ୍ଷେତ୍ର: ଏକର୦.୨୦୦ଡିସିମିଲିରୁ ଅବିଭକ୍ତ ଜମିର ଆନୁପାତିକ ଅଂଶ ଏକର୦.୦୧୭.୩୩ଡିସିମିଲି, ପ୍ଲଟ୍ ନଂ.: ୧୨୩ ଏବଂ ୧୨୩/୧୫୩୯, ଖାତା ନଂ.: ୬୭୯/୩୪, କିସମ: ଘରବାରୀ, ମୌଜା: ଭଗବାନପୁର, ଥାନା ନଂ.: ୯, ପାତ୍ରପଡ଼ା, ଏସ୍ଆରଓ: ଖଣ୍ଡଗିରି, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, **ଫ୍ଲାଟ୍‌ର ଚାରିପାର୍ଶ୍ୱରେ** ଉତ୍ତର: ଖୋଲା ପରିବେଶ (ବିଲ୍ଡିଂ ସୀମା), ଦକ୍ଷିଣ: ଫ୍ଲାଟ୍ ନଂ.: ୪୦୨, ଲିଫ୍ଟ ଏବଂ କରିଡର, ପୂର୍ବ: ଷ୍ଟେୟାର କେସ୍, ଖୋଲା ପରିବେଶ (ବିଲ୍ଡିଂ ସୀମା), ପଶ୍ଚିମ: ଖୋଲା ପରିବେଶ (ବିଲ୍ଡିଂ ସୀମା), **ଜମିର ଚାରିପାର୍ଶ୍ୱରେ** ଉତ୍ତର: ରାସ୍ତା, ଦକ୍ଷିଣ: ରାସ୍ତା, ପୂର୍ବ: ରେଭିନ୍ୟୁ ପ୍ଲଟ୍ ନଂ.: ୧୨୪, ପଶ୍ଚିମ: ରେଭିନ୍ୟୁ ପ୍ଲଟ୍ ନଂ.: ୧୨୨ | ଟ.୪୩,୩୨,୦୦୦/- / ଟ. ୪,୩୩,୨୦୦/- / ଟ.୫୦,୦୦୦/- | ୦୯.୧୧.୨୦୨୨ ପୂର୍ବାହ୍ନ ୧୧.୩୦ ଘଟିକାରୁ ମଧ୍ୟାହ୍ନ ୧୨.୦୦ ଘଟିକା ପ୍ରତ୍ୟେକଙ୍କ ପାଇଁ ୧୦ ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ |

**ଅମାନତ ଜମା ଏବଂ କାଗଜାତ୍ ଦାଖଲ କରିବାର ଅନ୍ତିମ ତାରିଖ ଓ ସମୟ: ୦୭.୧୧.୨୦୨୨ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ**

**କ୍ଷମତାପ୍ରାପ୍ତ ଅଧିକାରୀଙ୍କ ପ୍ରାକ୍ ଅନୁମତି ସହିତ ତା.୦୭.୧୧.୨୦୨୨ରିଖ ପୂର୍ବରୁ ଯେକୌଣସି କାର୍ଯ୍ୟଦିବସରେ ଇଚ୍ଛୁକ ନିଲାମଧାରୀମାନଙ୍କୁ ସମ୍ପତ୍ତି ଯାଞ୍ଚ କରିବାର ସୁବିଧା ପ୍ରଦାନ କରାଯିବ**

ସରଫେଶୀ ଆକ୍ଟ ୨୦୦୨ ଅନୁଯାୟୀ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ଦର୍ଶିତ ନିୟମ ଓ ସର୍ତ୍ତାବଳୀ ସହିତ ବିକ୍ରୟ ଅନୁଷ୍ଠିତ ହେବ। ଉପରୋକ୍ତ ଋଣ ଆକାଉଣ୍ଟର ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଏହା ଏକ ୧୫ ଦିନିଆ ବିକ୍ରୟ ନୋଟିସ୍ କି, ସେମାନେ ବ୍ୟାଙ୍କ ସହିତ ସେମାନଙ୍କର ବକେୟା ଦେୟ ସମାଧାନ କରନ୍ତୁ ଏବଂ ଉପର ଦର୍ଶିତ ତାରିଖରେ ସର୍ବସାଧାରଣ ନିଲାମରେ ଅଂଶଗ୍ରହଣ କରନ୍ତୁ। ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ (1) https://www.ibapi.in (2) https://www.mstcecommerce.com (3) www.bankofindia.co.inରେ ପ୍ରଦତ୍ତ ଲିଙ୍କ୍ ଦେଖନ୍ତୁ।

ସ୍ଥାନ : ଭୁବନେଶ୍ୱର, ତାରିଖ : ୧୯.୧୦.୨୦୨୨ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ

### କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରା

# ପାୱାର, ଠାକ୍‌ରେଙ୍କୁ ଆମନ୍ତ୍ରଣ

**ମୁମ୍ବାଇ,୧୮।୧୦**

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଚାଲିଥିବା 'ଭାରତ ଯୋଡ଼ୋ ଯାତ୍ରା' ନଭେମ୍ବର ୭ରେ ମହାରାଷ୍ଟ୍ରରେ ପ୍ରବେଶ କରିବ। ଦଳୀୟ ପ୍ରତିନିଧିମାନେ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଅଧ୍ୟକ୍ଷ ଶରଦ ପାୱାର ଏବଂ ଶିବସେନା ନେତା ଉଦ୍ଧବ ଠାକ୍‌ରେଙ୍କୁ ଭେଟି ସେମାନଙ୍କୁ ଏହି ଯାତ୍ରାରେ ସାମିଲ ହେବା ଲାଗି ଆମନ୍ତ୍ରଣ କରିଛନ୍ତି। କଂଗ୍ରେସର ମହାରାଷ୍ଟ୍ର ଦାୟିତ୍ୱରେ ଥିବା ଏଚ୍.କେ. ପାଟିଲ, ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଚଭନ, ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ବାଲାସାହେବ ଥୋରାଟ, ମୁମ୍ବାଇ କଂଗ୍ରେସ ମୁଖ୍ୟ ଭାଇ ଜଗତପ, ବିଶ୍ୱଜିତ କାଡାମ, ଅମର ରାଜୁରକର, ନସୀମ ଖାନ୍ ଏବଂ ସନ୍ଦିପ ତାମ୍ବେ ଶିବସେନା ନେତା ଉଦ୍ଧବଙ୍କୁ ମାତୋଶ୍ରୀରେ ଏବଂ ଏନ୍‌ସିପି ମୁଖ୍ୟ ପାୱାରଙ୍କୁ ଯଶୱନ୍ତରାଓ ଚଭନ ପ୍ରତିଷ୍ଠାନରେ ଭେଟିଥିଲେ। ଉଭୟ ଦଳ ମହାବିକାଶ ଅଘାଡ଼ି ମେଣ୍ଟର ଅଂଶବିଶେଷ। ସେପ୍ଟେମ୍ବର ୭ରେ ତାମିଲନାଡୁର କନ୍ୟାକୁମାରୀରୁ ଆରମ୍ଭ ହୋଇଥିବା ଭାରତ ଯୋଡ଼ୋ ଯାତ୍ରା ୧୫୦ ଦିନରେ ୩,୫୭୦ କିଲୋମିଟର ଅତିକ୍ରମ କରି ଜମ୍ମୁ-କଶ୍ମୀରରେ ଶେଷ ହେବ। ବର୍ତ୍ତମାନ ସୁଦ୍ଧା ଏହି ଯାତ୍ରା ତାମିଲନାଡୁ, କେରଳ, କର୍ନାଟକ ଏବଂ ଆନ୍ଧ୍ରପ୍ରଦେଶ ଅତିକ୍ରମ କଲାଣି।

# ପ୍ରଚାର ଆରମ୍ଭ କଲେ ରାଜେନ୍ଦ୍ର

### ଧାମନଗର ଉପନିର୍ବାଚନ

**ଭଦ୍ରକ ଅଫିସ,୧୮।୧୦**

ଉପନିର୍ବାଚନ ପାଇଁ ଧାମନଗରରେ ୩ ପ୍ରମୁଖ ଦଳର ପ୍ରଚାର ଜମୁଥିବା ବେଳେ ମଙ୍ଗଳବାର ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି ସ୍ୱାଧୀନ ପ୍ରାର୍ଥୀ ରାଜେନ୍ଦ୍ର କୁମାର ଦାସ। ତିହିଡ଼ି ବ୍ଲକ ଦୋଳସାହି ଛକରେ ହନୁମାନଙ୍କୁ ପୂଜାର୍ଚ୍ଚନା କରି ସମର୍ଥକଙ୍କ ସହ ରାଜେନ୍ଦ୍ର ପ୍ରଚାର ଆରମ୍ଭ କରିଛନ୍ତି। ପ୍ରଥମ ଦିନରେ ଅଚକ, କାଁପଡ଼ା, ପାଳସାହି, ଶ୍ୟାମସୁନ୍ଦରପୁର, ଈଶ୍ୱରପୁର, ହସନାବାଦ, ଧୂଷୁରୀ, ବୟାଙ୍ଗଡିହି ଆଦି ପଞ୍ଚାୟତରେ ଲୋକଙ୍କୁ ଭେଟି ନୌକା ଚିହ୍ନରେ ତାଙ୍କୁ ଭୋଟ୍ ଦେବା ପାଇଁ ନିବେଦନ କରିଥିଲେ। ତାଙ୍କ ସମର୍ଥକମାନେ ନୌକା ଚିହ୍ନର ପ୍ଲାକାର୍ଡ ଧରି 'ରାଜୁ ନାହିଁ ତ ଭୋଟ୍ ନାହିଁ', 'ରାଜୁ ଭାଇ ଜିନ୍ଦାବାଦ୍' ଆଦି ନାରା ଦେଇ ପ୍ରଚାରରେ ସାମିଲ ହୋଇଥିଲେ।

ବୟାଙ୍ଗଡିହିଠାରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିବା ବେଳେ ଖାନ୍‌କା ସରିଫ୍‌ରେ ସେ ଚାଦର ଚଢ଼ାଇଥିଲେ। ଏହି ପ୍ରଚାର ଅବସରରେ ରାଜେନ୍ଦ୍ର ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଉପନିର୍ବାଚନ ପାଇଁ ବିଭିନ୍ନ ଦଳର କେତେ ହେଭିୱେଟ୍ ନେତା ଆସିବେ। କିନ୍ତୁ ନିର୍ବାଚନ ପରେ ସେମାନଙ୍କର ଦେଖା ମିଳିବ ନାହିଁ। ମୁଁ ସବୁବେଳେ ଲୋକଙ୍କ ସାଙ୍ଗରେ ଥିଲି, ରହିଛି ଓ ରହିବି ମଧ୍ୟ। ଧାମନଗର ମାଟି ମୋର କର୍ମଭୂମି। ଏଣୁ ଧାମନଗରବାସୀ ବିପୁଳ ସଂଖ୍ୟାରେ ଭୋଟ୍ ଦେଇ ଜିତାଇବେ ବୋଲି ମୋର ବିଶ୍ୱାସ ରହିଛି। ମହିଳା, ଚାଷୀ ଓ ଯୁବକମାନେ ଆଶାତୀତ ସମର୍ଥନ ଜଣାଇଥିବା ସେ ପ୍ରକାଶ କରିଛନ୍ତି।



ସ୍ୱାଧୀନ ପ୍ରାର୍ଥୀ ରାଜେନ୍ଦ୍ର ଦାସ ସମର୍ଥକଙ୍କ ସହ ପ୍ରଚାର କରୁଛନ୍ତି।

# ତଦନ୍ତ ବାଟବଣା ନ ହେଉ



ଅର୍ଚ୍ଚନା ନାଗ ହନିଟ୍ରାପ ଘଟଣାର ନିରପେକ୍ଷ ତଦନ୍ତ ଦାବି କରି ଯୁବ କଂଗ୍ରେସ ପକ୍ଷରୁ ପୋଲିସ କମିଶନରଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି।

### ଥମୁନି ଅର୍ଚ୍ଚନା ନାଗ ହନିଟ୍ରାପ ଘଟଣା

**ଭୁବନେଶ୍ୱର,୧୮।୧୦(ବ୍ୟୁରୋ)**

ଅର୍ଚ୍ଚନା ନାଗ ମାମଲାର ନିରପେକ୍ଷ ତଦନ୍ତ ଦାବିରେ ମଙ୍ଗଳବାର ଆନ୍ଦୋଳନର ସ୍ୱରକୁ ଯୁବକଂଗ୍ରେସ ଅଧିକ ତେଜିଛି। ଅର୍ଚ୍ଚନାଙ୍କ ସମ୍ପର୍କରେ ରହିଥିବା ଶାସକ ଦଳର ନେତା, ମନ୍ତ୍ରୀ ଓ ବିଧାୟକଙ୍କ ସମେତ ପ୍ରଭାବଶାଳୀ ଅଧିକାରୀଙ୍କ ପର୍ଦ୍ଦାଫାଶ ହେବା ଦରକାର। ଏହାସହ ଅର୍ଚ୍ଚନାଙ୍କୁ ମିଳିଥିବା ସରକାରୀ ଆନୁଗତ୍ୟ ଓ ତାଙ୍କ ପଛରେ ଖର୍ଚ୍ଚ କରାଯାଇଥିବା ବିପୁଳ କଳାଧନର ତଥ୍ୟ ମଧ୍ୟ ଉନ୍ମୋଚନ କରାଯାଉ ବୋଲି ଯୁବ କଂଗ୍ରେସ ସଭାପତି ସ୍ମୃତିରଞ୍ଜନ ଲେଙ୍କା ଦାବି କରିଛନ୍ତି।

ପୋଲିସ ଏସବୁ ଦିଗକୁ ନେଇ ନିରପେକ୍ଷ ତଦନ୍ତ ଦାବିରେ ଯୁବକଂଗ୍ରେସ ସଭାପତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ପୋଲିସ କମିଶନର(ସିପି)ଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଛି। ଯୁବକଂଗ୍ରେସ କର୍ମୀମାନେ ପୋଲିସ କମିଶନରଙ୍କ କାର୍ଯ୍ୟାଳୟ ଆଗରେ ପ୍ରଥମେ ପ୍ଲାକାର୍ଡ ଧରି ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଥିଲେ। ଏନେଇ ସ୍ମୃତିରଞ୍ଜନ କହିଛନ୍ତି, ଅର୍ଚ୍ଚନା ନାଗ ମାମଲା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ରାଜ୍ୟ ସରକାରଙ୍କ ବହୁ ନେତା, ମନ୍ତ୍ରୀ, ବିଧାୟକ, ଉଚ୍ଚପଦସ୍ଥ ଅଧିକାରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସହିତ ଅର୍ଚ୍ଚନାଙ୍କ ସମ୍ପର୍କ ରହିଥିବା ସୂଚନା ମିଳୁଛି। ଅର୍ଚ୍ଚନାଙ୍କ ପଛରେ ସରକାରୀ କଳର ଅପବ୍ୟବହାର ସହ ବହୁ କଳାଧନ ବିନିଯୋଗ ହୋଇଥିବାରୁ ତଦନ୍ତ ପ୍ରକ୍ରିୟା ପ୍ରଭାବିତ ହେବା ଆଶଙ୍କା ରହିଛି। ରାଜ୍ୟରେ ଗରିବ ଜନସାଧାରଣ ପେଟପାଟଣା ପାଇଁ ପ୍ରତିଦିନ ସଂଘର୍ଷ କରୁଥିବାବେଳେ ଜନପ୍ରତିନିଧିମାନେ ଅର୍ଚ୍ଚନା ନାଗଙ୍କ ଭଳି ମହିଳାଙ୍କ ପଛରେ କୋଟି କୋଟି ଟଙ୍କା ଦୁରୁପଯୋଗ କରିବା ନିଶ୍ଚିତ ଭାବେ ନିନ୍ଦନୀୟ। ତେଣୁ ପୋଲିସ କୌଣସି ପ୍ରକାର ଚାପର ବଶବର୍ତ୍ତୀ ନ ହୋଇ ଏହାର ଉପଯୁକ୍ତ ତଦନ୍ତକରି ସମସ୍ତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ସ୍ମୃତି ଦାବି କରିଛନ୍ତି।

# ତାଲିକାରେ ନାମ ନ ଥିବାରୁ ପଦରୁ ଇସ୍ତଫା ଦେଲେ ସତ୍ୟପ୍ରକାଶ

### ଏଆଇସିସି ଅଧ୍ୟକ୍ଷ ଭୋଟକୁ ନେଇ ବିବାଦ

**ଭୁବନେଶ୍ୱର,୧୮।୧୦(ବ୍ୟୁରୋ)**

ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଅଧ୍ୟକ୍ଷ ପଦ ନିର୍ବାଚନ ଦଳରେ ଏକ ନୂଆ ବିବାଦ ସୃଷ୍ଟି କରିଛି। ନିର୍ବାଚନରେ ମତଦାନ କରି ନ ପାରିବାକୁ ନେଇ ରାଜ୍ୟ କଂଗ୍ରେସର ଗଣମାଧ୍ୟମ ଆବାହକ ତଥା ସାଧାରଣ ସମ୍ପାଦକ ସତ୍ୟପ୍ରକାଶ ନାୟକ ମଙ୍ଗଳବାର ପଦରୁ ଇସ୍ତଫା ଦେଇଛନ୍ତି। ଏ ସମ୍ପର୍କରେ ସେ ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସୋମବାର ଅଖିଳ ଭାରତ କଂଗ୍ରେସ କମିଟି ଅଧ୍ୟକ୍ଷ ପଦ ପାଇଁ ହୋଇଥିବା ନିର୍ବାଚନରେ ରାଜ୍ୟ କଂଗ୍ରେସ ପକ୍ଷରୁ ପିସିସି ସଦସ୍ୟଙ୍କ ଯେଉଁ ୪୨୭ ଜଣିଆ ତାଲିକା ପ୍ରସ୍ତୁତ କରାଯାଇଥିଲା ସେଥିରେ ତାଙ୍କ ନାମ ନ ଥିଲା। ତେଣୁ ସେ ଦଳର ଅଧକ୍ଷ ପଦବୀ ପାଇଁ ମତଦାନରୁ ବାଦ୍ ପଡ଼ିଥିଲେ। ପିସିସି ସଦସ୍ୟ ତାଲିକାରେ ତାଙ୍କ ନାମ ନ ଥିବାରୁ ସେ ନିଜ ପଦରୁ ଇସ୍ତଫା ଦେଇଥିବା ନେଇ କହିଛନ୍ତି। ଏହାସହ ତାଙ୍କ ଇସ୍ତଫା ପତ୍ର ପିସିସି ସଭାପତି ଶରତ ପଟ୍ଟନାୟକ ଓ ରାଜ୍ୟ କଂଗ୍ରେସର ପ୍ରଭାରୀ ଚେଲ୍ଲା କୁମାରଙ୍କ ନିକଟକୁ ପଠାଇଛନ୍ତି ବୋଲି ସ୍ପଷ୍ଟ କରିଛନ୍ତି। ନିଜ ଇସ୍ତଫା ସମ୍ପର୍କରେ ସୂଚନା ଦେଇ ସତ୍ୟ କହିଛନ୍ତି, ଦଳ ପକ୍ଷରୁ ସାଧାରଣ ସମ୍ପାଦକ, ପୂର୍ବରୁ ମିଡିଆ ସେଲ ଅଧ୍ୟକ୍ଷ ଓ ଏବେ ମିଡିଆ ଆବାହକ ଭାବେ ନିଜ କର୍ତ୍ତବ୍ୟକୁ ଦାୟିତ୍ୱର ସହ ତୁଲାଇଛି। ଦଳ ପକ୍ଷରୁ ଗତ ସାଧାରଣ ନିର୍ବାଚନରେ ସେ ପୁରୀ ଲୋକସଭା ଆସନରୁ ସାଂସଦ ପ୍ରାର୍ଥୀ ଭାବେ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ହେଁ ଏବେ ପିସିସି ସଦସ୍ୟ ତାଲିକାରୁ ତାଙ୍କ ନାମ ହଟାଇବା ଦୁର୍ଭାଗ୍ୟଜନକ। ପିସିସି ପକ୍ଷରୁ ଯିଏ ଏହି ତାଲିକା ପ୍ରସ୍ତୁତ କରିଛନ୍ତି ସେ ବହୁ ଭାବି ଚିନ୍ତି କରିଥିବେ। ସେ ବୋଧହୁଏ ମୋ ଯୋଗ୍ୟତାକୁ ଗୌଣ ମନେକରୁଛନ୍ତି ବା ମୋର ଏହି ପଦବୀରେ ରହିବାର ଆବଶ୍ୟକତା ନାହିଁ ବୋଲି ଭାବି ଏଭଳି କରିଥିବେ ବୋଲି ସତ୍ୟ କହିଛନ୍ତି।

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**REQUIRED**
Wanted Caretaker for Ananda Ashraya, Khordha
**Salary Negotiable**
**Contact:**
9861290226, 9938020070

**ଆବଶ୍ୟକ**
ଭୁବନେଶ୍ୱରରେ ଘରୋଇ ଡ୍ରାଇଭର ଦରକାର। ଦରମା: 10,000/-।
ଯୋଗାଯୋଗ:
9825495448

**APPOINTMENT**
**COLLEGE OF MANAGEMENT & TECHNOLOGY, PURI**
( A Professional College )
Recognised by Govt. of Odisha & Affiliated to Utkal University
Invites Application for
LECTURER in Computer Science & Management
Clerk, Lady Cook, Office Peon & Warden
*The Interested candidates may apply for the same by* ***27.10.2022***
**Balighat, Puri-Konark Marine Drive Road, Puri-752002**
Ph: 06752-356040, 9937159194, Email: cmt_puri@rediffmail.com
PRINCIPAL

ଧରିତ୍ରୀ DHARITRI Oriya daily
**ଆବଶ୍ୟକ କରୁଛି**
**ଡ୍ରାଇଭର**
ଗାଡ଼ି ଚଳାଇବା ପାଇଁ ଅଭିଜ୍ଞ ଓ ବୈଧ ଗାଡ଼ିଚାଳନା ଲାଇସେନ୍ସଧାରୀ ଡ୍ରାଇଭର ଆବଶ୍ୟକ।
**ବି.ଦ୍ର.:** ଇଚ୍ଛୁକ ପ୍ରାର୍ଥୀମାନେ ଆସନ୍ତା ୭ଦିନ ମଧ୍ୟରେ ନିମ୍ନ ଠିକଣାରେ ଦରଖାସ୍ତ ପଠାଇବେ।
ମୁଖ୍ୟ କାର୍ଯ୍ୟନିର୍ବାହୀ, ଧରିତ୍ରୀ
ବି-୧୫, ଶିଳ୍ପାଞ୍ଚଳ, ରସୁଲଗଡ, ଭୁବନେଶ୍ୱର-୭୫୧୦୧୦
ଇ-ମେଲ: recruitment@dharitri.com
ଫୋନ୍ ନଂ. : (୦୬୭୪) ୨୫୮୦୧୦୧
(ସମୟ ଅପରାହ୍ନ ୪ଟାରୁ ରାତ୍ର ୯ ଘଟିକା)

**MCL** | **ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍**
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିଏବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in
Ref. No.MCL/SBP/EE /2022/Advisor(Commercial-Power)/1734 Dtd.08.10.2022
Extension of Last Date of submission of Application for engagement of full-time Advisor (Commercial-Power) in MCL on contract basis
ଆମର ପୂର୍ବ ବିଜ୍ଞପ୍ତି ନମ୍ବର **MCL/SBP/EE/2022/ Advisor (Commerical-Power)/1646 Dt.17.09.2022** ଅନୁସାରେ MCL ରେ ପୂର୍ଣ୍ଣ କାଳିକ ପରାମର୍ଶଦାତା (ବାଣିଜ୍ୟିକ-ଶକ୍ତି) ରେ ଯୋଗଦାନ ଦେବା ପାଇଁ ଆବେଦନ ଦାଖଲର ଶେଷ ତା 18.10.2022 ରିଖ ସନ୍ଧ୍ୟା 5.00 ଘଟିକା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି | ଯୋଗ୍ୟତା ମାନଦଣ୍ଡ, ଯୋଗ୍ୟତା, ଅଭିଜ୍ଞତା, ପରିସର ଏବଂ ସେବା ସହିତ ବିସ୍ତୃତ ବିଜ୍ଞପ୍ତି ଏବଂ ଆବେଦନ ଫର୍ମ **www.mahanadicoal.in** ୱେବସାଇଟରେ **Careers@mcl -> Career News ->** ନିଯୁକ୍ତି ଏବଂ CIL ୱେବସାଇଟ୍ **www.coalindia.in** ରେ ଉପଲବ୍ଧ ରହିଛି |
ସ୍ୱାକ୍ଷର
ଉପ ମହାପ୍ରବନ୍ଧକ (କାର୍ମିକ ଅଧି. ସ୍ଥା)

ଧରିତ୍ରୀ DHARITRI Oriya daily
**ଆବଶ୍ୟକ କରୁଛି**
**ସହସମ୍ପାଦକ**
- ପ୍ରାର୍ଥୀଙ୍କର ସହସମ୍ପାଦନା କ୍ଷେତ୍ରରେ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବ।
- ପ୍ରାର୍ଥୀ ସାମ୍ବାଦିକତାରେ ଡିଗ୍ରୀ ହାସଲ କରିଥିବେ।
- ଅନୁବାଦ କ୍ଷେତ୍ରରେ ଅଭିଜ୍ଞତା ଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ।

**ଖବରଦାତା**
- ପ୍ରାର୍ଥୀଙ୍କର ସମ୍ପୃକ୍ତ କ୍ଷେତ୍ରରେ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବ।
- ପ୍ରାର୍ଥୀ ରାଜ୍ୟର ଯେକୌଣସି ଜିଲାରେ କାର୍ଯ୍ୟ କରିବା ପାଇଁ ଇଚ୍ଛୁକ ଥିବେ।

Apply immediately to :
recruitment@dharitri.com
ଅଭିଜ୍ଞତା ଓ ଦକ୍ଷତା ଅନୁଯାୟୀ ଦରମା ଧାର୍ଯ୍ୟ ହେବ ।

**ଗ୍ରେନେଡ୍ ଆକ୍ରମଣରେ ୨ ପ୍ରବାସୀ ଶ୍ରମିକ ମୃତ**

ଜମ୍ମୁ-କଶ୍ମୀରର ଶୋପିଆନ୍ ଜିଲାରେ ସୋମବାର ରାତିରେ ଆତଙ୍କବାଦୀଙ୍କ ଗ୍ରେନେଡ୍ ମାଡ଼ରେ ଉତ୍ତରପ୍ରଦେଶର ୨ ଜଣ ପ୍ରବାସୀ ଶ୍ରମିକ ନିହତ ହୋଇଛନ୍ତି। ହ୍ୟାଣ୍ଡ ଗ୍ରେନେଡ୍ ଫିଙ୍ଗିଥିବା ଆତଙ୍କବାଦୀଙ୍କୁ ଗିରଫ କରାଯାଇଛି। ମୃତ ଶ୍ରମିକଦ୍ୱୟ ହେଲେ ୟୁପି କନୁଜ୍ ଅଞ୍ଚଳର ମନୀଷ କୁମାର ଏବଂ ରାମ ସାଗର। ଗୁରୁତର ଅବସ୍ଥାରେ ସେମାନଙ୍କୁ ନିକଟସ୍ଥ ହସ୍ପିଟାଲ ନିଆଯାଇଥିଲେ ହେଁ, ଡାକ୍ତର ମୃତ ଘୋଷଣା କରିଥିଲେ। ଆକ୍ରମଣ ଖବର ପାଇ ପୋଲିସ ସମେତ ସିଆର୍‌ପିଏଫ୍ ଏବଂ ସେନା ଯବାନମାନେ ଘଟଣାସ୍ଥଳରେ ପହଞ୍ଚି ତଲାସି ଅଭିଯାନ ଚଳାଇଥିଲେ।

# ୟୁକ୍ରେନ୍‌ର ଶକ୍ତି ଭିତ୍ତିଭୂମି ବିଧ୍ୱସ୍ତ

■ଆକାଶରେ ଘୂରୁଛି ବିଦେଶୀ ଡ୍ରୋନ୍
■ଇରାନ ସହ କୂଟନୈତିକ ସମ୍ପର୍କ ଛିନ୍ନ କଲା କିଭ୍

କିଭ୍/ମସ୍କୋ,୧୮।୧୦

ୟୁକ୍ରେନ୍ ଆକାଶରେ ଘୂରୁଛି ଆତ୍ମଘାତୀ ଡ୍ରୋନ୍। ରୁଷିଆ ଦ୍ୱାରା ବ୍ୟବହୃତ ଏହି ଅତ୍ୟାଧୁନିକ ବିଦେଶୀ ଅସ୍ତ୍ର ୟୁକ୍ରେନୀୟ ଭୂଖଣ୍ଡର ଶକ୍ତି ଓ ଜଳ ଭିତ୍ତିଭୂମିକୁ ନଷ୍ଟ କରିବା ପାଇଁ ଯଥେଷ୍ଟ। ମସ୍କୋ ଏଥିରେ ଅନେକାଂଶରେ ସଫଳ ମଧ୍ୟ ହୋଇଛି। ଶୀତଋତୁର ଆଗମନ ବେଳେ ଆକାଶମାର୍ଗରୁ ରୁଷୀୟ ସୈନ୍ୟଙ୍କ ସଦ୍ୟ ଘାତକ ଆକ୍ରମଣରେ ୟୁକ୍ରେନ୍‌ର ପ୍ରାୟ ଏକତୃତୀୟାଂଶ ପାୱାର ଷ୍ଟେଶନ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଫଳରେ ୟୁକ୍ରେନ୍‌ର ଅନେକ ସହରକୁ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଛି। ଏଥିରେ ଲକ୍ଷାଧିକ ୟୁକ୍ରେନ୍‌ବାସୀ ପ୍ରଭାବିତ ହୋଇଛନ୍ତି। ଏହା ପରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସହ ଆଲୋଚନାର ସବୁ ବାଟ ବନ୍ଦ ହୋଇଯାଇଛି ବୋଲି ମଙ୍ଗଳବାର ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଟୁଇଟ୍ କରିଛନ୍ତି। ରୁଷିଆ-ୟୁକ୍ରେନ୍ ଯୁଦ୍ଧର ୮ ମାସ ମଧ୍ୟରେ ଏଭଳି ଅବସ୍ଥା କେବେ ଦେଖିବାକୁ ମିଳି ନ ଥିଲା। ୟୁକ୍ରେନ୍ ସମେତ ୟୁରୋପୀୟ ରାଷ୍ଟ୍ରଗୁଡ଼ିକରେ ଶୀତଋତୁ ଆସିଯାଇଛି।



ରୁଷିଆର ଡ୍ରୋନ୍ ଆକ୍ରମଣରେ ଧ୍ୱସ୍ତବିଧ୍ୱସ୍ତ କିଭ୍‌ର ଏକ ବିଲ୍ଡିଂ ନିକଟରେ ୟୁକ୍ରେନୀୟ ଅଗ୍ନିଶମବାହିନୀ।

ଏପରି ସମୟରେ ୟୁକ୍ରେନୀୟମାନଙ୍କୁ ଜଳ, ଶକ୍ତି, ତାପଜ ବିଦ୍ୟୁତ୍ ଓ ଅନ୍ୟ ମୌଳିକ ସୁବିଧାରୁ ବଞ୍ଚିତ କରିବା ପାଇଁ ପୁଟିନ୍ ଯେଉଁ ପନ୍ଥା ଆପଣାଇଛନ୍ତି ତାକୁ ବିଶ୍ୱବ୍ୟାପୀ ନିନ୍ଦା କରାଯାଇଛି। ରୁଷିଆର ଡ୍ରୋନ୍ ଆକ୍ରମଣରେ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଛି ଝିଟୋମିର। ରାଜଧାନୀ କିଭ୍‌ରୁ ୧୪୦ କି.ମି. ଦୂରରେ ଅବସ୍ଥିତ ଏହି ସବୁଜିମାପୂର୍ଣ୍ଣ ସହରରେ ଅନେକ ସେନା ଶିବିର, ଶିଳ୍ପ ରହିଛି, ଯାହାର ଜନସଂଖ୍ୟା ପ୍ରାୟ ଅଢ଼େଇ ଲକ୍ଷ। କିଭ୍‌ରେ ୨ଟି ମିଶାଇଲ ମାଡ଼ ହୋଇଛି। ଏଥିରେ ବିଦ୍ୟୁତ୍ ଭିତ୍ତିଭୂମି ନଷ୍ଟ ହେବା ସହ କେତେଜଣ ବ୍ୟକ୍ତି ନିହତ ହୋଇଛନ୍ତି। ଦକ୍ଷିଣ କେନ୍ଦ୍ରୀୟ ସହର ଡିନିପ୍ରୋର ଶକ୍ତି ପ୍ରକଳ୍ପ ମଧ୍ୟ ଧ୍ୱଂସ ହୋଇଯାଇଛି। ରୁଷିଆ ଦଖଲରେ ଥିବା ଜାପୋରିଝିଆର କେତେକ ଇନ୍‌ଫ୍ରାଷ୍ଟ୍ରକ୍ଚରକୁ ମଧ୍ୟ ରୁଷୀୟ ସୈନ୍ୟ ଟାର୍ଗେଟ କରିଛନ୍ତି। ଏହି ସହରରେ ଥିବା ୟୁରୋପର ସବୁଠୁ ବଡ଼ ଆଣବିକ ଶକ୍ତି କେନ୍ଦ୍ରକୁ ରୁଷିଆ ଟାର୍ଗେଟ କଲେ ଏହା ହେବ ସବୁଠୁ ବିପଜ୍ଜନକ ଆକ୍ରମଣ। କାରଣ ଏଇଠୁ ନିର୍ଗତ ବିଷାକ୍ତ ଗ୍ୟାସ୍ କେବଳ ୟୁକ୍ରେନ୍ ନୁହେଁ, ବରଂ ଏହି ପୂର୍ବ ୟୁରୋପୀୟ ରାଷ୍ଟ୍ର ସଂଲଗ୍ନ ଅନେକ ପାଶ୍ଚାତ୍ୟ ଦେଶର ବହୁ ସଂଖ୍ୟକ ଲୋକଙ୍କ ମୃତ୍ୟୁର କାରଣ ସାଜିବ। ରୁଷିଆ ଇରାନଠାରୁ ଲକ୍ଷାଧିକ ଡ୍ରୋନ୍ ନେଇଥିବା ୟୁକ୍ରେନ୍ କହିଛି। ଇରାନ ନିର୍ମିତ ଶହୀଦ ଡ୍ରୋନ୍‌କୁ କିଭ୍ ସମେତ ଅନ୍ୟ ସହରଗୁଡ଼ିକରେ ରୁଷୀୟ ସୈନ୍ୟ ବ୍ୟବହାର କରୁଛନ୍ତି। ସେମାନଙ୍କୁ ତାଲିମ ଦେବା ପାଇଁ ଇରାନରୁ ବହୁ ସୈନ୍ୟ ରୁଷିଆ ସୀମାରେ ମୁତୟନ ହୋଇଛନ୍ତି। ବିଗତ ସପ୍ତାହେ ମଧ୍ୟରେ ଶତାଧିକ ଇରାନୀୟ ଡ୍ରୋନ୍‌କୁ ୟୁକ୍ରେନ୍ ବିରୋଧରେ ବ୍ୟବହାର କରିଛି ରୁଷିଆ। କେହି କେହି ଏହାକୁ କାମିକାଜି ଡ୍ରୋନ୍ କହୁଥିବାବେଳେ ଆଉ କେତେଜଣଙ୍କ ମତରେ ଏହାର ନାମ ଶହୀଦ। ଇରାନ ରୁଷିଆକୁ ଏଭଳି କୌଣସି ଡ୍ରୋନ୍ ଯୋଗାଇ ଦେଇନାହିଁ ବୋଲି ସ୍ପଷ୍ଟ କରିଛି। ଏହାସତ୍ତ୍ୱେ ୟୁକ୍ରେନ୍ ଇରାନ ସହ ସମସ୍ତ ପ୍ରକାର କୂଟନୈତିକ ସମ୍ପର୍କ ଛିନ୍ନ କରିଛି।

## ରୁଷିଆକୁ ଇରାନ ଦେଇଛି ଶହୀଦ ଡ୍ରୋନ୍



ଇରାନ ନିର୍ମିତ 'ଶହୀଦ-୧୩୬' ହେଉଛି ଆଧୁନିକ ସମୟର ସବୁଠୁ ଘାତକ ଡ୍ରୋନ୍। ୨୦୧୯ରେ ଇରାନ ସମର୍ଥିତ ହୋଉଥି ବିଦ୍ରୋହୀମାନେ ଏହି ଅସ୍ତ୍ର ପ୍ରୟୋଗ କରି ସାଉଦି ଆରବର ତୈଳ ଉତ୍ସଗୁଡ଼ିକୁ ନଷ୍ଟ କରିଦେଇଥିଲେ। ରୁଷିଆ ଏବେ ଏହି ଡ୍ରୋନ୍ ପ୍ରୟୋଗ କରି ୟୁକ୍ରେନୀୟ ସୈନ୍ୟଙ୍କ ମନୋବଳ ଦୁର୍ବଳ କରିବାକୁ ସବୁ ପ୍ରକାର ଉଦ୍ୟମ ଚଳାଇଛି। ମସ୍କୋ ଇରାନଠାରୁ ଲକ୍ଷାଧିକ ଶହୀଦ ଡ୍ରୋନ୍ ନେଇ 'ଗେରାନ୍-୨' ଭାବେ ଏହାର ନୂଆ ନାମକରଣ କରିଥିବା କୁହାଯାଉଛି। ଶହୀଦ-୧୩୬ରେ ଥିବା ଗ୍ଲୋବାଲ ପଜିଶନିଂ ସିଷ୍ଟମ୍ (ଜିପିଏସ୍) ବ୍ୟବସ୍ଥା ଏହାର ଅନ୍ୟତମ ବିଶେଷତ୍ୱ। ମାତ୍ର ୩.୫ ମିଟର ଲମ୍ବ ଓ ୨.୫ ମିଟର ଉଚ୍ଚତା ବିଶିଷ୍ଟ ଏହି ଡ୍ରୋନ୍ ଏକକାଳୀନ ୨୦୦ କେ.ଜି. ପର୍ଯ୍ୟନ୍ତ ବିସ୍ଫୋରକ ନେଇ ଲକ୍ଷ୍ୟସ୍ଥଳକୁ ଭେଦ କରିପାରେ। ସୋମବାର ରାତିରେ କିଭ୍ ମେୟରଙ୍କ ବାସଭବନକୁ ରୁଷୀୟ ସୈନ୍ୟ ଏହି ଡ୍ରୋନ୍ ମାଡ଼କରି ଧ୍ୱସ୍ତବିଧ୍ୱସ୍ତ କରିଦେଇଥିଲେ।

### କାମିକାଜି ଡ୍ରୋନ୍ କ'ଣ



କାମିକାଜି ଡ୍ରୋନ୍ ହେଉଛି କ୍ୟୁଲେସ୍ ବା ମାନବରହିତ କ୍ଷୁଦ୍ର ବିମାନ, ଯାହାକି ୫୦ କେ.ଜି. ବିସ୍ଫୋରକ ନେଇ ଉଡ଼ାଣ କରିପାରିବ। ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ଆଧୁନିକ ଯୁଦ୍ଧକୁ ଦୃଷ୍ଟିରେ ରଖି ଜାପାନ ଏହାକୁ ନିର୍ମାଣ କରିଥିଲା। କାମିକାଜିର ଆକ୍ଷରିକ ଅର୍ଥ ହେଉଛି ଆତ୍ମଘାତୀ। ଉଦ୍ଦେଶ୍ୟମୂଳକ ଭାବେ ଶତ୍ରୁ ପକ୍ଷକୁ ଟାର୍ଗେଟ କରିବା ପାଇଁ ଏହି ଏୟାରକ୍ରାଫ୍ଟ ବିକଶିତ କରାଯାଇଥିଲା। କାମିକାଜି ଡ୍ରୋନ୍ ଏହାର ଅନ୍ୟ ପ୍ରତିପକ୍ଷଗୁଡ଼ିକ ତୁଳନାରେ ଶସ୍ତା। ଆକାଶରେ ଦୀର୍ଘ ସମୟ ଧରି ଏହି ଡ୍ରୋନ୍ ସ୍ଥିର ହୋଇ ରହିପାରିବ। ଅପରେଟର ଯେତେବେଳେ ଚାହିଁବେ ଲକ୍ଷ୍ୟସ୍ଥଳକୁ ଭେଦ ପାଇଁ ଏହାକୁ ବ୍ୟବହାର କରିପାରିବେ। ରୁଷିଆ ସମେତ ଆମେରିକା, ଚାଇନା, ଇସ୍ରାଏଲ୍, ଇରାନ ଓ ତୁର୍କୀ ନିକଟରେ ଏଭଳି ଡ୍ରୋନ୍ ରହିଛି।

**ବିଲ୍‌କିସ୍ ମାମଲା**

## ସତ୍ୟପାଠ ଉପରେ ଜବାବ ଦାଖଲ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୮।୧୦(ପି.ଟି.): ୨୦୦୨ ଗୁଜରାଟ ଦଙ୍ଗା ବେଳେ ବିଲ୍‌କିସ ବାନୋ ଗଣବଳାତ୍କାର ଓ ତାଙ୍କ ପରିବାରର ୭ ଜଣଙ୍କୁ ହତ୍ୟା ମାମଲାରେ ୧୧ ଦୋଷୀଙ୍କୁ କ୍ଷମା ପ୍ରଦାନ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଦାଏର ପିଟିଶନ ଉପରେ ଗୁଜରାଟ ସରକାର ବିସ୍ତୃତ ଜବାବ ଦେଇଥିବା ସୁପ୍ରିମକୋର୍ଟ ମଙ୍ଗଳବାର କହିଛନ୍ତି। ଏଥିରେ ଅନେକ ରାୟକୁ ଉପସ୍ଥାପନ କରାଯାଇଥିବାବେଳେ ତଥ୍ୟାତ୍ମକ ବିବୃତିଗୁଡ଼ିକୁ ଏଡ଼ାଇ ଦିଆଯାଇଛି। ଗୁଜରାଟ ସରକାରଙ୍କ ସତ୍ୟପାଠ ଉପରେ ଆବେଦନକାରୀ ଜବାବ ଦାଖଲ କରିବା ଲାଗି ସର୍ବୋଚ୍ଚ ଅଦାଲତ ସମୟ ଦେବା ସହ ପରବର୍ତ୍ତୀ ଶୁଣାଣି ନଭେମ୍ବର ୨୯କୁ ଧାର୍ଯ୍ୟ କରିଛନ୍ତି। ଗୁଜରାଟ ସରକାର ଦାଖଲ କରିଥିବା ଜବାବକୁ ସବୁ ପକ୍ଷଙ୍କୁ ଉପଲବ୍ଧ କରାଇବା ନିମନ୍ତେ ଜଷ୍ଟିସ ଅଜୟ୍ ରାସ୍ତୋଗୀ ଏବଂ ସି.ଟି. ରବିକୁମାରଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଗତ ସ୍ୱାଧୀନତା ଦିବସ ଅବସରରେ ବିଲ୍‌କିସ୍ ବାନୋ ଗଣହତ୍ୟା ମାମଲାର ୧୧ ଅପରାଧୀଙ୍କୁ ମୁକ୍ତ କରାଯାଇଥିଲା। ସରକାରଙ୍କ କ୍ଷମା ନୀତିକୁ ବରିଷ୍ଠ ସିପିଆଇ(ଏମ୍) ନେତ୍ରୀ ସୁଭାଷିନୀ ଅଲି ଏବଂ ଅନ୍ୟ ଦୁଇ ମହିଳା ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।

## ବଳାତ୍କାରୀଙ୍କୁ ମୁକ୍ତ କରାଯିବା ଯଥାର୍ଥ: କେନ୍ଦ୍ରମନ୍ତ୍ରୀ

ବିଲ୍‌କିସ୍ ବାନୋ ଗଣବଳାତ୍କାର ଓ ତାଙ୍କ ପରିବାର ସଦସ୍ୟଙ୍କୁ ହତ୍ୟା ମାମଲାରେ ଦୋଷୀସାବ୍ୟସ୍ତ ହୋଇଥିବା ୧୧ ଜଣ ଅନେକ ବର୍ଷ ସଜା କାଟିସାରିଛନ୍ତି। ସେମାନଙ୍କୁ ଜେଲରୁ ମୁକ୍ତ କରାଯିବାର ବ୍ୟବସ୍ଥା ରହିଥିବା କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଛନ୍ତି। ଗୁଜରାଟରେ ନିର୍ବାଚନ ପ୍ରଚାର କରୁଥିବା ଯୋଶୀ ସରକାରଙ୍କ ନିଷ୍ପତ୍ତିକୁ ସମର୍ଥନ କରିଛନ୍ତି। ସରକାର ଏବଂ ମାମଲା ସହ ସମ୍ପୃକ୍ତ ବ୍ୟକ୍ତି ନେଇଥିବା ନିଷ୍ପତ୍ତି ଆଇନର ଏକ ପ୍ରକ୍ରିୟା ଏବଂ ସବୁକିଛି ଆଇନ ଅନୁଯାୟୀ ହୋଇଥିବା ଯୋଶୀ କହିଛନ୍ତି।

# ଆତଙ୍କବାଦ ବିରୋଧରେ ଏକଜୁଟ ହେଉ ବିଶ୍ୱ

**ଇଣ୍ଟରପୋଲ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ**



ନୂଆଦିଲ୍ଲୀ, ୧୮।୧୦

୨୫ ବର୍ଷ ପରେ ଇଣ୍ଟରପୋଲ ସାଧାରଣ ସଭାର ୯୦ତମ ଅଧିବେଶନ ମଙ୍ଗଳବାର ଜାତୀୟ ରାଜଧାନୀ ନୂଆଦିଲ୍ଲୀର ପ୍ରଗତି ମଇଦାନରେ ଆରମ୍ଭ ହୋଇଛି। ୪ ଦିନ ଧରି ଚାଲିବାକୁ ଥିବା ଏହି ସମ୍ମିଳନୀରେ ୧୯୫ ଦେଶର ପ୍ରତିନିଧି ଯୋଗ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଥିରେ ଉଦ୍‌ବୋଧନ ଦେଇ ଆତଙ୍କବାଦ, ଡ୍ରଗ୍ସ ଚାଲାଣ, ସାଇବର ଅପରାଧ ଏବଂ ବେଆଇନ କାର୍ଯ୍ୟକଳାପ ରୋକିବା ଉପରେ ଗୁରୁତ୍ୱ ଦେଇଛନ୍ତି। ଆତଙ୍କବାଦ ଶେଷ କରିବା ପାଇଁ ବିଶ୍ୱ ସମୁଦାୟ ଏକଜୁଟ ହେବା ଜରୁରୀ। କୌଣସି ଗୋଟିଏ ସ୍ଥାନ ଯେପରି ଆତଙ୍କବାଦୀଙ୍କ ସ୍ୱର୍ଗ ନ ପାଲଟେ ତାହା ସୁନିଶ୍ଚିତ କରିବା ସମସ୍ତଙ୍କ ଦାୟିତ୍ୱ। କେବଳ ଆଞ୍ଚଳିକ ସ୍ତରରେ ବୈଶ୍ୱିକ ବିପଦର ମୁକାବିଲା କରାଯାଇପାରିବ ନାହିଁ। ସମାଜର ମଙ୍ଗଳ ପାଇଁ ବିଶ୍ୱ ସମୁଦାୟର ସହଯୋଗ ଲୋଡ଼ା ବୋଲି ମୋଦି କହିଥିଲେ। ଏଥିସହ ଦୁର୍ନୀତି, ଆର୍ଥିକ ଅପରାଧ ମଧ୍ୟ ଅନେକ ଦେଶ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ପାଲଟିଛି। ଜଳବାୟୁ ପରିବର୍ତ୍ତନ, କରୋନା ମହାମାରୀ ଭଳି ବୈଶ୍ୱିକ ବିପଦବେଳେ ଭାରତର ପଦକ୍ଷେପ ଏହା ଦର୍ଶାଉଛି ଯେ ଆମେ ଯେ କୌଣସି ବିପର୍ଯ୍ୟୟର ମୁକାବିଲା ନିମନ୍ତେ ନେତୃତ୍ୱ ନେବା ପାଇଁ ଦକ୍ଷ ଏବଂ ଇଚ୍ଛୁକ।

## ଦାଉଦ ଇବ୍ରାହିମ୍ ପ୍ରସଙ୍ଗରେ ପାକିସ୍ତାନ ନୀରବ

ଇଣ୍ଟରପୋଲ ମହାସଭାରେ ପାକିସ୍ତାନ ଫେଡେରାଲ ଇନ୍‌ଭେଷ୍ଟିଗେଶନ ଏଜେନ୍ସି (ଏଫ୍‌ଆଇଏ) ମୁଖ୍ୟ ମୋହସିନ୍ ହାସନ ବଟ୍ଟ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ମୋଦିଙ୍କ ଉଦ୍‌ବୋଧନ ଶେଷ ହେବା ପରେ ଗଣମାଧ୍ୟମ ପ୍ରତିନିଧିମାନେ ମୋହସିନ୍‌ଙ୍କୁ ୧୯୯୩ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ଦାଉଦ୍ ଇବ୍ରାହିମ୍‌ଙ୍କୁ ନେଇ ପ୍ରଶ୍ନ କରିଥିଲେ। ଜାତିସଂଘ ଦ୍ୱାରା ଆତଙ୍କବାଦୀ ଘୋଷିତ ଦାଉଦ୍‌ଙ୍କୁ ପାକିସ୍ତାନ ଭାରତକୁ ହସ୍ତାନ୍ତର କରିବ କି ବୋଲି ସେମାନେ ପଚାରିଥିଲେ। ଏଥିସହ ଜୈଶ-ଇ-ମହମ୍ମଦ ମୁଖ୍ୟ ମାଶୁଦ ଆଝାର, ୯/୧୧ ମାଷ୍ଟରମାଇଣ୍ଡ ହାଫିଜ୍ ସଇଦଙ୍କୁ ହସ୍ତାନ୍ତର କରିବା ଉପରେ ପ୍ରଶ୍ନ କରିଥିଲେ। ହେଲେ ଏହା ଉପରେ ମୋହସିନ୍ ନିଜ ଆଙ୍ଗୁଠିକୁ ଓଠ ଉପରେ ରଖି (ନୀରବ ରହିବାକୁ ଇଙ୍ଗିତ କରି) ସେଠାରୁ ଚାଲିଯାଇଥିଲେ।

# କେଦାରନାଥରେ ହେଲିକପ୍ଟର ଦୁର୍ଘଟଣା

## ପାଇଲଟଙ୍କ ସମେତ ୭ ମୃତ



ଡେରାଡୁନ୍,୧୮।୧୦

ଉତ୍ତରାଖଣ୍ଡର ରୁଦ୍ରପ୍ରୟାଗ ଜିଲା ଅନ୍ତର୍ଗତ କେଦାରନାଥ ନିକଟରେ ମଙ୍ଗଳବାର ମଧ୍ୟାହ୍ନରେ ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହେବାରୁ ପାଇଲଟଙ୍କ ସମେତ ୭ ଜଣଙ୍କ ମୃତ୍ୟୁ ଘଟିଛି। ଉକ୍ତ ହେଲିକପ୍ଟର ତୀର୍ଥଯାତ୍ରୀମାନଙ୍କୁ ନେଇ ଚାର୍ ଧାମ୍ ଯାତ୍ରାରେ ଯାଇଥିଲା। ଦୁର୍ଘଟଣାରେ ହେଲିକପ୍ଟରଟି ଖଣ୍ଡ ବିଖଣ୍ଡିତ ହେବା ସହ ଜଳିଯାଇଥିବା ଜଣେ ଅଧିକାରୀ କହିଛନ୍ତି। ଖରାପ ପାଗ ଯୋଗୁ ଦୁର୍ଘଟଣା ଘଟିଲା ବୋଲି କୁହାଯାଉଥିବାବେଳେ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ଏସ୍‌ଡିଆର୍‌ଏଫ୍ ଏବଂ ଜିଲା ପ୍ରଶାସନିକ ଟିମ୍ ସାମିଲ ହୋଇଛନ୍ତି। ଏହି ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଛନ୍ତି।

## ସ୍ତ୍ରୀ ଓ ବାପଘରର ୪ ଜଣଙ୍କୁ ଜାଳିଦେଲେ ସ୍ୱାମୀ

ଚଣ୍ଡିଗଡ଼,୧୮।୧୦

ସ୍ତ୍ରୀ ବାପଘରୁ ଫେରିବାକୁ ମନା କରିଦେବାରୁ ଉତ୍କ୍ଷିପ୍ତ ସ୍ୱାମୀ ବର୍ବର କାଣ୍ଡ ଘଟାଇଛନ୍ତି। ସେ ସ୍ତ୍ରୀଙ୍କ ସମେତ ତାଙ୍କ ବାପଘରର ୪ ସଦସ୍ୟଙ୍କୁ ଜାଳିଦେଇଛନ୍ତି। ପରମଜିତ କୌର ତାଙ୍କ ପୂର୍ବ ସ୍ୱାମୀଙ୍କ ଦୁଇ ସନ୍ତାନଙ୍କୁ ନେଇ ପଞ୍ଜାବର ଜଳନ୍ଧରସ୍ଥିତ ବାପଘରେ ରହୁଥିଲେ। ସ୍ୱାମୀ କୁଲଦୀପ୍ ସିଂ ସ୍ତ୍ରୀଙ୍କୁ ଘରକୁ ଫେରାଇନେବାକୁ ଚାହୁଁଥିଲେ। ତେବେ କୁଲଦୀପ୍ ମାଡ଼ ମାରୁଥିବାରୁ ସେ ଫେରିବା ପାଇଁ ମନା କରିଦେଇଥିଲେ। ସୋମବାର ରାତିରେ କୁଲଦୀପ୍ ସେମାନଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିବା ଜଳନ୍ଧର ପୋଲିସ କହିଛି।

# କରୁଣାତିଲକଙ୍କୁ ବୁକର

କଲମ୍ବୋ, ୧୮।୧୦

ଆର୍ଥିକ ଦୁରବସ୍ଥା ଦେଇ ଗତି କରୁଥିବା ଶ୍ରୀଲଙ୍କାର ଲେଖକ ଶେହାନ୍ କରୁଣାତିଲକ(୪୭)ଙ୍କୁ ୨୦୨୨ ବର୍ଷ ପାଇଁ ବ୍ରିଟେନର ବୁକର ସମ୍ମାନ ପ୍ରଦାନ କରାଯାଇଛି। 'ଦ ସେଭେନ୍ ମୁନ୍‌ସ ଅଫ୍ ମାଲି ଅଲ୍‌ମେଡା' ପୁସ୍ତକ ପାଇଁ ସେ ଏହି ସାହିତ୍ୟ ସମ୍ମାନ ଜିତିଛନ୍ତି। ସୋମବାର ରାତିରେ ଲଣ୍ଡନରେ ଆୟୋଜିତ ଏକ ସମାରୋହରେ କରୁଣାତିଲକଙ୍କୁ ସମ୍ମାନିତ କରାଯାଇଛି। ବୁକର୍ ବାବଦରେ ତାଙ୍କୁ ୫୦,୦୦୦ ଗ୍ରେଟ୍ ବ୍ରିଟେନ୍ ପାଉଣ୍ଡ (ଜିବିପି) ପ୍ରଦାନ କରାଯିବ। ମାଇକେଲ ଓନ୍‌ଡାଟ୍‌ଜେଙ୍କ ପରେ ବୁକର୍ ସମ୍ମାନ ପାଇବାରେ କରୁଣାତିଲକ ହେଉଛନ୍ତି ଦ୍ୱିତୀୟ ଶ୍ରୀଲଙ୍କା ନାଗରିକ। ୧୯୯୨ରେ ମାଇକେଲ୍‌ଙ୍କୁ 'ଦ ଇଂଲିଶ ପେସେଣ୍ଟ' ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା।

ଶ୍ରୀଲଙ୍କାରେ ଗୃହଯୁଦ୍ଧ ଏବଂ ହିଂସାକାଣ୍ଡ ଉପରେ ଆଧାରିତ କରୁଣାତିଲକ୍‌ଙ୍କ ଫିକ୍ସନ ଲେଖାରେ ଜଣେ ଫଟୋଗ୍ରାଫର ମାଲି ଅଲମେଡାଙ୍କ କାହାଣୀ ରହିଛି। ଗୃହଯୁଦ୍ଧ ବେଳେ ଅଲ୍‌ମେଡାଙ୍କର ମୃତ୍ୟୁ ଘଟିସାରିଛି। ସେ ଉଠିବା ପରେ ସାଙ୍ଗମାନଙ୍କୁ ତାଙ୍କ ଫଟୋଗୁଡ଼ିକୁ ଖୋଜିଦେବା ପାଇଁ କହୁଛନ୍ତି। ଗୃହଯୁଦ୍ଧର ଭୟାବହତା ଏବଂ ଏଥିପାଇଁ କିଏ ଦାୟୀ ତାହା ଦୁନିଆକୁ ଦେଖାଇବା ପାଇଁ ସେହି ଫଟୋସବୁକୁ ପାଇବାକୁ ସେ ଚେଷ୍ଟା କରୁଛନ୍ତି। ଏଥିସହ ସେ ତାଙ୍କ ମୃତ୍ୟୁର ରହସ୍ୟ ମଧ୍ୟ ଖୋଜୁଛନ୍ତି। ୧୯୭୫ରେ ଶ୍ରୀଲଙ୍କାର ଗାଲେ ସହରରେ କରୁଣାତିଲକ୍‌ଙ୍କ ଜନ୍ମ। ସେ କଲମ୍ବୋରେ ବଡ଼ ହୋଇଛନ୍ତି। ଶ୍ରୀଲଙ୍କାରେ ଗୃହଯୁଦ୍ଧ ଶେଷହେବା ପରେ ୨୦୦୯ରେ ଭୂତର କାହାଣୀ ଲେଖିବା ପାଇଁ କରୁଣାତିଲକ୍ ସ୍ଥିର କରିଥିଲେ। ଗୃହଯୁଦ୍ଧରେ ବାସ୍ତବ ମୃତାହତଙ୍କ ସଂଖ୍ୟା କେତେ ଏବଂ ଏଥିପାଇଁ କିଏ ଦାୟୀ ତାହା ଉପରେ ବିତର୍କ ଚାଲିଥିବାବେଳେ ନିଜ ପୁସ୍ତକରେ ମୃତକଙ୍କ ମନକଥା ଅବତାରଣା କରିବାକୁ ସେ ଚିନ୍ତା କରିଥିଲେ। ସମ୍ମାନ ଗ୍ରହଣ କଲାବେଳେ କରୁଣାତିଲକ୍ କହିଥିଲେ, ଏହି ପୁସ୍ତକ ଆପଣମାନଙ୍କ ପାଇଁ। ଦେଶ ବହୁକିଛି ହରାଇସାରିଥିବା ଭଳି କଠିନ ସମୟରେ ତାଙ୍କୁ ଏହି ସମ୍ମାନ ମିଳିଛି। ଏହାକୁ ସ୍ୱୀକାର କରି ଆଗକୁ ବଢ଼ିବା ଏବଂ ଟି-୨୦ ୱାର୍ଲ୍ଡକପ୍ ଜିତିବା ପାଇଁ ଆଶା କରିବା। ଶ୍ରୀଲଙ୍କା ନିକଟ ଭବିଷ୍ୟତରେ ବୁଝିବାରେ ସମର୍ଥ ହେବ ଯେ ଦୁର୍ନୀତି, ବେଟିଂ, ପରିବାର କିମ୍ବା ନିଜ ବଂଶର ଲୋକଙ୍କୁ କ୍ଷମତାରେ ରଖିବା ଭଳି ଚିନ୍ତାଧାରା ଇତିହାସରେ କେବେ ସୁଫଳ ଦେଇନାହିଁ କିମ୍ବା ଆଗକୁ ମଧ୍ୟ ଦେବନାହିଁ ବୋଲି ମଧ୍ୟ କରୁଣାତିଲକ କହିଥିଲେ। ଶ୍ରୀଲଙ୍କା ରାଷ୍ଟ୍ରପତି ରାନିଲ ବିକ୍ରମସିଂହେ ଏବଂ ମୁଖ୍ୟ ବିରୋଧୀ ଦଳ ନେତା ସାଜିଥ୍ ପ୍ରେମଦାସା ବୁକର ବିଜେତା କରୁଣାତିଲକ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।




'ଦ ସେଭେନ୍ ମୁନ୍‌ସ ଅଫ୍ ମାଲି ଅଲ୍‌ମେଡା' ପୁସ୍ତକ ସହ ଶ୍ରୀଲଙ୍କାର ଲେଖକ ଶେହାନ୍ କରୁଣାତିଲକ।

# ଶଶିକଳାଙ୍କ ମୁଣ୍ଡରେ ଦୋଷ ଲଦିଲେ କମିଶନ

**ଜୟଲଲିଥା ମୃତ୍ୟୁ ମାମଲା**

## ତଦନ୍ତ ପାଇଁ ସୁପାରିସ

ନୂଆଦିଲ୍ଲୀ,୧୮।୧୦



ଭି.କେ. ଶଶିକଳା

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜେ. ଜୟଲଲିଥା ମୃତ୍ୟୁ ଘଟଣାରେ ତାଙ୍କର ଘନିଷ୍ଠ ବାନ୍ଧବୀ ଭି.କେ. ଶଶିକଳା ଓ ଅନ୍ୟ ୩ ଜଣ ଦୋଷୀ ବୋଲି ଜଷ୍ଟିସ୍ ଅରୁମୁଘସ୍ୱାମୀ କମିଶନ ଆନୁଷ୍ଠାନିକ ଭାବେ ଅଭିଯୋଗ ଆଣିଛନ୍ତି। ଏଥିସହ ମାମଲାର ଅଧିକ ତଦନ୍ତ ଲାଗି କମିଶନ ସୁପାରିସ କରିଛନ୍ତି। ଅନ୍ୟ ୩ ଅଭିଯୁକ୍ତ ହେଲେ ଡା. କେ.ଏସ୍. ଶିବକୁମାର, ତତ୍କାଳୀନ ସ୍ୱାସ୍ଥ୍ୟ ସଚିବ ଜେ. ରାଧାକ୍ରିଷ୍ଣନ ଏବଂ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସି. ବିଜୟଭାସ୍କର। ଜୟଲଲିଥା ମୃତ୍ୟୁ ମାମଲାର ତଦନ୍ତ କରୁଥିବା ବିଚାର ବିଭାଗୀୟ କମିଶନ ସମସ୍ତ ଦିଗକୁ ଅନୁଧ୍ୟାନ କରିବା ପରେ ଉପରୋକ୍ତ ରିପୋର୍ଟ ସରକାରଙ୍କ ନିକଟରେ ଦାଖଲ କରିଛନ୍ତି।

କମିଶନଙ୍କ କହିବା ଅନୁଯାୟୀ ଚେନ୍ନାଇ ଆପୋଲୋ ହସ୍ପିଟାଲର ଡ. ୱାଇ.ଭି.ସି ରେଡ୍ଡୀ ଏବଂ ଡ. ବାବୁ ଆବ୍ରାହାମ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଚିକିତ୍ସା କରୁଥିଲେ। ସେମାନେ ମୁମ୍ବାଇ, ବ୍ରିଟେନ, ଆମେରିକାରୁ ଡାକ୍ତର ଡାକି ସେମାନଙ୍କ ମତାମତ ନେଉଥିଲେ। କେତେକ ଚାପ ଯୋଗୁ ଆଞ୍ଜିଓ/ସର୍ଜରି ପାଇଁ ଆପୋଲୋ ହସ୍ପିଟାଲର ନିଜସ୍ୱ ଡାକ୍ତରମାନଙ୍କ ପରାମର୍ଶକୁ ଅଣଦେଖା କରାଯାଇଥିଲା। ସେଥିପାଇଁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯିବା ଆବଶ୍ୟକ ବୋଲି କମିଶନ କହିଛନ୍ତି। ଏହା ବ୍ୟତୀତ ତତ୍କାଳୀନ ମୁଖ୍ୟ ଶାସନ ସଚିବ ରାମମୋହନ ରାଓଙ୍କ ନାମରେ ଆପରାଧିକ ରେକର୍ଡ ଥିବା କମିଶନ ଜାଣିବାକୁ ପାଇଛନ୍ତି। ୨୦୧୬ ଡିସେମ୍ବର ୪ ଅପରାହ୍ଣ ୩ଟା ୫୦ରେ ଜୟଲଲିଥାଙ୍କୁ ହୃଦ୍‌ଘାତ ହୋଇଥିଲା। ଏହା ପରେ ସିପିଆର୍, ଷ୍ଟେର୍ନୋଟୋମି କରିବା ଅନାବଶ୍ୟକ ଥିଲା। ତେବେ ଆନୁଷ୍ଠାନିକ ମୃତ୍ୟୁ ଘୋଷଣାକୁ ବିଳମ୍ବିତ କରାଇବା ଲାଗି ଏଭଳି ପରୀକ୍ଷା ନିରୀକ୍ଷା କରାଯାଇଥିଲା। କମିଶନ କହିଛନ୍ତି, ଜୟଲଲିଥା ଜୀବିତ ଥିବାବେଳେ ଓ. ପନିରସେଲଭାମ୍‌ଙ୍କ ଜ୍ଞାତସାରରେ ସବୁକିଛି ହେଉଥିଲା। ତାଙ୍କ ପରେ ପନିରସେଲଭାମ୍ ମୁଖ୍ୟମନ୍ତ୍ରୀ ହେବା ଆକସ୍ମିକ ଘଟଣା ନ ଥିଲା ବୋଲି କମିଶନ କହିଛନ୍ତି। ରାଜ୍ୟ ସରକାର ଆଇନ ବିଶେଷଜ୍ଞମାନଙ୍କ ସହ ପରାମର୍ଶ ପରେ କମିଶନଙ୍କ ସୁପାରିସ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।

# ନିଜକୁ ବୟସ୍କ ଭାବୁଛନ୍ତି ଯୁବବର୍ଗ

ନୂଆଦିଲ୍ଲୀ, ୧୮।୧୦



■ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତି, ଥକ୍କାପଣ ପ୍ରମୁଖ କାରଣ
■ବ୍ରେକ୍‌ଫାଷ୍ଟ କରୁନାହାନ୍ତି ୬୧%

ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତି, ଥକ୍କାପଣ ବା କ୍ଲାନ୍ତି, ଶକ୍ତିହୀନତା ଆଦି ପାଇଁ ଭାରତରେ ୨୬ରୁ ୪୦ ବର୍ଷ ବୟସ ବର୍ଗ (ମିଲେନିଆଲ୍ସ)ର ୪୬% ନିଜକୁ ଅପେକ୍ଷାକୃତ ବୟସ୍କ ବିବେଚନା କରୁଛନ୍ତି। ସେହିପରି ୧୮ରୁ ୨୫ ବର୍ଷ ବୟସ ବର୍ଗ (ଜେନ୍ ଜେଡ୍)ର ୪୦% ଅନୁରୂପ ଅନୁଭବ କରୁଥିବା ସଦ୍ୟ ଏକ ରିପୋର୍ଟରୁ ଜଣାପଡ଼ିଛି। କିନ୍ତୁ ଏହାର ବିପରୀତରେ ୪୧ ବର୍ଷ ଏବଂ ତଦୁର୍ଦ୍ଧ୍ୱ ବୟସ ବର୍ଗ (ଜେନ୍ ଏକ୍ସ)ର ୮୨% ନିଜକୁ ଅଧିକ ଯୁବକ ଭାବୁଥିବାବେଳେ ସେମାନଙ୍କ ଏନର୍ଜି ଲେଭଲ ନିଜ ବୟସର ଲୋକଙ୍କ ତୁଳନାରେ ଅଧିକ ଥିବା ମନେ କରୁଛନ୍ତି। 'ଲାଇଫ୍‌ଷ୍ଟାଇଲ୍ ଟଏସ୍ ଆଣ୍ଡ୍ ଏଜିଂ ପର୍ସେପ୍‌ଶନ୍ ଅଫ୍ ଅର୍ବାନ ଇଣ୍ଡିଆନ୍‌ସ' ଶୀର୍ଷକ ଅଧ୍ୟୟନ ରିପୋର୍ଟରେ ଏହା ପ୍ରକାଶ ପାଇଛି।

ପେପ୍ସିକୋ ଇଣ୍ଡିଆର କ୍ୱାକର୍ ଫୁଡ୍ ବ୍ରାଣ୍ଡ୍ ଏବଂ ଲଣ୍ଡନସ୍ଥିତ ମାର୍କେଟ ରିସର୍ଚ୍ଚ ମେଜର ୟୁରୋମନିଟର ଇଣ୍ଟରନ୍ୟାଶନାଲ ପକ୍ଷରୁ ଏହି ଅଧ୍ୟୟନ କରାଯାଇଥିଲା। ଏଥିରେ ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ ଏବଂ କୋଲକାତାର ୧୮ ବର୍ଷରୁ ଊର୍ଦ୍ଧ୍ୱ ବୟସର ୧ ହଜାର ଜଣଙ୍କୁ ଗବେଷଣାରେ ସାମିଲ କରାଯାଇଥିଲା। ରିପୋର୍ଟ ଅନୁସାରେ, ଜେନ୍ ଏକ୍ସ ବର୍ଗର ଲୋକେ ସେମାନଙ୍କ ଶରୀର, ଜୀବନଶୈଳୀ ଏବଂ ନିଜ ଆବଶ୍ୟକତାକୁ ବୁଝିପାରୁଛନ୍ତି। ସେମାନଙ୍କ ମଧ୍ୟରୁ ୮୨% ସମବୟସର ଅନ୍ୟ ଲୋକଙ୍କ ତୁଳନାରେ ନିଜକୁ ଅଧିକ ଯୁବ ଏବଂ ସ୍ୱାସ୍ଥ୍ୟବାନ୍ ଭାବୁଛନ୍ତି। କିନ୍ତୁ ଜେନ୍ ଜେଡ୍ ବର୍ଗର ୪୦% ଏବଂ ୪୬% ମିଲେନିଆଲ୍ସ ଏବେର ବୟସରେ ନିଜକୁ ଅଧିକ ବୟସ୍କ ଏବଂ ଶକ୍ତିହୀନ ତଥା ଦୁର୍ବଳ ମନେ କରୁଛନ୍ତି। ପୁରୁଷଙ୍କ ତୁଳନାରେ ମହିଳାମାନେ ଅଧିକ ବୟସ୍କ ଅନୁଭବ କରୁଥିବା ଅଧ୍ୟୟନରେ ଭାଗ ନେଇଥିବା ବ୍ୟକ୍ତିମାନେ କହିଛନ୍ତି। ଜେନ୍ ଏକ୍ସର ୪୦%ରୁ ଊର୍ଦ୍ଧ୍ୱ କେବେ ନିଜ ସକାଳ ଜଳଖିଆ ବା ବ୍ରେକ୍‌ଫାଷ୍ଟ ମିସ୍ କରୁନାହାନ୍ତି। ସକାଳର ବ୍ୟସ୍ତତା ଏବଂ କାର୍ଯ୍ୟଦିବସର ପ୍ରଭାବରେ ଜେନ୍ ଜେଡ୍‌ର ୫୦% ଏବଂ ମିଲେନିଆଲ୍ସ ବର୍ଗର ୬୧%ରୁ ଊର୍ଦ୍ଧ୍ୱ ସକାଳ ଖାଦ୍ୟ ଖାଉ ନ ଥିବା ସ୍ୱୀକାର କରିଛନ୍ତି।

କରୋନା ମହାମାରୀ ପରେ ଖାଦ୍ୟପାନୀୟ ଶୈଳୀରେ ବ୍ୟାପକ ପରିବର୍ତ୍ତନ ଆସିଥିବା ଏବଂ ଲୋକେ ସ୍ୱାସ୍ଥ୍ୟ ପ୍ରତି ଅଧିକ ଯତ୍ନବାନ ହୋଇଥିବା ମୋଟ ଅଂଶଗ୍ରହଣକାରୀଙ୍କ ମଧ୍ୟରୁ ୮୨% କହିଛନ୍ତି। ପୂର୍ବାପେକ୍ଷା ଅଧିକ ଲୋକ ଶୀଘ୍ର ବୟସ୍କ ନ ହେବା ପାଇଁ ଉତ୍ତମ ଖାଦ୍ୟ ନିଜ ଭୋଜନରେ ସାମିଲ କରିଛନ୍ତି। ଅଧ୍ୟୟନରେ ସାମିଲ ହୋଇଥିବା ଲୋକଙ୍କ ମଧ୍ୟରୁ ୭୦% ଅଧିକ ପୋଷକ ତତ୍ତ୍ୱ ଥିବା ଖାଦ୍ୟ ଖାଉଛନ୍ତି। ସେହିପରି ୪୪% ପ୍ରତ୍ୟେକ ଭୋଜନରେ ଭିଟାମିନ୍ ତଥା ଭିଟାମିନ୍ ସପ୍ଲିମେଣ୍ଟ ସାମିଲ କରିଥିବା ରିପୋର୍ଟରେ କୁହାଯାଇଛି।

# ସକାଳଠୁ ରାତି ପର୍ଯ୍ୟନ୍ତ ପୋଲିସ ନାକେଦମ୍





ଚାଷୀଙ୍କୁ ପେନ୍ସନ ପ୍ରଦାନ ଏବଂ ଅନ୍ୟାନ୍ୟ ଦାବିରେ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ବାଲିଅନ୍ତାଠାରେ ଆନ୍ଦୋଳନ ଚାଲିଛି। ଆନ୍ଦୋଳନକାରୀଙ୍କୁ ପୋଲିସ ଅଟକାଉଛି।

## ■ନବ ନିର୍ମାଣ କୃଷକ ସଗଠନର ଆନ୍ଦୋଳନ

## ■୨ ମାମଲା, ୫୦ରୁ ଅଧିକ ଅଟକ

ଭୁବନେଶ୍ୱର/ବାଲିଅନ୍ତା, (ଡି.ଏନ୍.ଏ.),୧୮।୧୦

ଚାଷୀଙ୍କ ବିଭିନ୍ନ ଦାବି ନେଇ ଭୁବନେଶ୍ୱର ଅଭିମୁଖେ ବାହାରିଥିବା ନବନିର୍ମାଣ କୃଷକ ସଙ୍ଗଠନର ଆନ୍ଦୋଳନ ପାଇଁ ମଙ୍ଗଳବାର କମିଶନରେଟ ପୋଲିସ ସକାଳଠାରୁ ରାତି ପର୍ଯ୍ୟନ୍ତ ନାକେଦମ୍ ହୋଇଛି। ନବନିର୍ମାଣ କୃଷକ ସଙ୍ଗଠନର ହଜାର ହଜାର କର୍ମକର୍ତ୍ତାଙ୍କୁ ରାଜଧାନୀ ଭିତରକୁ ପ୍ରବେଶ ନ କରାଇବାକୁ କମିଶନରେଟ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଡିସିପି ପ୍ରତୀକ ସିଂଙ୍କ ସମେତ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲାର ବରିଷ୍ଠ ଅଧିକାରୀମାନେ ହଂସପାଳ ଛକରେ ଜଗି ରହିଥିଲେ। ଏଥିସହ ସୁରକ୍ଷା ଦୃଷ୍ଟିରୁ ୨୦ରୁ ଅଧିକ ପ୍ଲାଟୁନ ଫୋର୍ସ ମଧ୍ୟ ମୁତୟନ କରାଯାଇଥିଲା। ହଂସପାଳ ଓ ମଞ୍ଚେଶ୍ୱର ହାଇଟେକ୍ ଛକରେ ପୋଲିସ ବ୍ୟାରିକେଡ୍ ନିର୍ମାଣ କରିଥିଲା। ଚାଷୀମାନେ ସକାଳୁ ପ୍ରାୟ ୩ ଘଣ୍ଟା ଧରି ରାସ୍ତାରେ ଛଣ ଧରି ବସି ରହିଥିଲେ। ପରେ ମଧ୍ୟାହ୍ନ ପ୍ରାୟ ୧ଟାରେ ପୋଲିସ ସେମାନଙ୍କୁ ଛାଡ଼ିଥିଲା। ପରେ କିଛି ବାଟ ପରେ ଚାଷୀମାନେ ରାସ୍ତାରେ ବସି ସରକାରଙ୍କ ବିରୋଧରେ ନାରାବାଜି ଦେଇଥିଲେ। ଡିସିପି ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ସହର ମଧ୍ୟକୁ ପ୍ରବେଶ କରି ଗହଳି ସୃଷ୍ଟି କରିବା, ଜନସାଧାରଣଙ୍କୁ ଅସୁବିଧା ଏବଂ ରାସ୍ତା ମଝିରେ ବିଶୃଙ୍ଖଳା ଆଦି ନ କରିବାକୁ ସେ ମାଇକ ସାହାଯ୍ୟରେ ଚାଷୀମାନଙ୍କୁ କହିଥିଲେ। ଏପରିକି ତାଙ୍କ ସହ କେଜେଣ ଚାଷୀ ନେତା ଓ ପ୍ରତିନିଧି ଭୁବନେଶ୍ୱର ଯାଇ ଦାବି ସମ୍ପର୍କରେ ଆଲୋଚନା କରିବା ପରେ ଏକ ଉଚ୍ଚସ୍ତରୀୟ କମିଟି ଦ୍ୱାରା ସମସ୍ୟା ସମାଧାନ ହେବ ବୋଲି ସେ କହିଥିଲେ। ହେଲେ ଚାଷୀମାନେ ଏଥିରେ ରାଜି ନ ହୋଇ ଆନ୍ଦୋଳନ ଜାରି ରଖିଥିଲେ। ପୋଲିସର କଥା ନ ମାନି କେତେଜଣ ଚାଷୀ ମଞ୍ଚେଶ୍ୱର ହାଇଟେକ୍ ଛକ ନିକଟକୁ ଆସି ହୋହାଲ୍ଲା କରିଥିବା ଦେଖିବାକୁ ମିଳିଥିଲା। ରାତି ୯ଟା ପର୍ଯ୍ୟନ୍ତ ଚାଷୀମାନେ ମଧ୍ୟ ରାସ୍ତାରେ ବସି ରହିଥିଲେ। ରାତି ପ୍ରାୟ ୧୦ଟା ସମୟରେ ଚାଷୀ କଟକଣା ନ ମାନି ଆଗକୁ ଯିବାକୁ ଚେଷ୍ଟା କରିବାରୁ ପୋଲିସ ଚାଷୀମାନଙ୍କ ମଧ୍ୟରେ ପୁଣି ଧସ୍ତାଧସ୍ତି ହୋଇଥିଲା। ଏନେଇ ଡିସିପି ସିଂ କହିଛନ୍ତି, ରାସ୍ତା ଅବରୋଧ, ପୋଲିସ ସହ ଦୁର୍ବ୍ୟବହାର ଏବଂ ବିଶୃଙ୍ଖଳା ଆଦି ଘଟଣାକୁ କେନ୍ଦ୍ର କରି ମଞ୍ଚେଶ୍ୱର ଏବଂ ପାହାଳ ଥାନାରେ ୨ଟି ପୃଥକ୍ ମାମଲା ରୁଜୁ କରାଯାଇଛି। ଚାଷୀନେତା ଅକ୍ଷୟ କୁମାରଙ୍କ ସମେତ ୫୦କୁ ଅଧିକ କର୍ମକର୍ତ୍ତାଙ୍କୁ ଅଟକ ରଖାଯାଇ ତଦନ୍ତ କରାଯାଉଥିବା ଡିସିପି ସିଂ କହିଛନ୍ତି।

## ସଂକ୍ଷେପରେ

### ଡକାୟତି ଯୋଜନା ବେଳେ ଧରାପଡ଼ିଲେ

#### ୪ ଗିରଫ, ମାରଣାସ୍ତ୍ର ଜବତ

**ଭୁବନେଶ୍ୱର,୧୮।୧୦ (ବ୍ୟୁରୋ):** ଡକାୟତି ଯୋଜନା କରୁଥିବା ବେଳେ ମାଡ଼ିବସିଲା ପୋଲିସ। ଏକ ୫ଜଣିଆ ଟିମ୍ ବଶିଷ୍ଠନଗରର କେନାଲ ବନ୍ଧର ଅନ୍ଧାରିଆ ସ୍ଥାନରେ ଏକାଠି ହୋଇ ଡକାୟତି ଯୋଜନା କରୁଥିଲେ। ଲିଙ୍ଗରାଜ ଥାନା ପୋଲିସ ପାଟ୍ରୋଲିଂ ଟିମ୍ ଏ ନେଇ ସୂଚନା ପାଇ ଅଚାନକ ଚଢ଼ାଉ କରି ୪ଜଣଙ୍କୁ ଗିରଫ କରିଥିଲା। ଅନ୍ୟ ଜଣେ କୌଶଳ କ୍ରମେ ଖସି ପଳାଇଥିଲେ। ଗିରଫ ହୋଇଥିବା ବ୍ୟକ୍ତିମାନେ ହେଲେ ତମାଣ୍ଡୋ ଥାନା ଅଞ୍ଚଳର ଲକି ପ୍ରଧାନ ଓରଫ ଟିକି, ଧଉଳି ଅଞ୍ଚଳର ବିଶ୍ୱଜିତ ବେହେରା ଓରଫ ବବୁଲ, ବଡଗଡ ଅଞ୍ଚଳର ସନ୍ତୋଷ ପ୍ରଧାନ ଓରଫ ଅଜୁ, ଲିଙ୍ଗରାଜ ଥାନା ଅଞ୍ଚଳର ରମେଶ ମିଶ୍ର। ପଚରାଉଚରା ସମୟରେ ଅଭିଯୁକ୍ତମାନେ ଭୁବନେଶ୍ୱର-ପୁରୀ ରାସ୍ତାରେ ଯାତାୟାତ କରୁଥିବା ଗାଡିଗୁଡିକରୁ ଡକାୟତି କରିବା ନିମନ୍ତେ ଯୋଜନା କରୁଥିବା କଥା ସ୍ୱୀକାର କରିଥିଲେ। ଏହି ୪ ଜଣିଆ ଦଳକୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନଙ୍କଠାରୁ ଗୋଟିଏ ଖଣ୍ଡା, ଲୁହା ରଡ, ମୋବାଇଲ, ଗୋଟିଏ ବାଇକ, ମଦ ବୋତଲ, ଲଙ୍କା ଗୁଣ୍ଡ ଜବତ କରାଯାଇଛି । ଜାମିନ ନାମଞ୍ଜୁର ହେବାରୁ ସମସ୍ତ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତଦନ୍ତ ବେଳେ ସନ୍ତୋଷଙ୍କ ନାଁରେ ଲିଙ୍ଗରାଜ ଥାନାରେ ୪ ମାମଲା ରହିଥିବା ବେଳେ ବଡଗଡ ଥାନାରେ ୭ ଟି ମାମଲା ରହିସାରିଥିବା ଜଣାପଡିଛି । ସେହିଭଳି ଅଭିଯୁକ୍ତ ରମେଶଙ୍କ ନାମରେ ସଂପୃକ୍ତ ଥାନାରେ ୪ ଟି ମାମଲା ରହିଛି ।

### ସୂର୍ଯ୍ୟପରାଗ ପାଇଁ ଭିଏସ୍ଏସ୍ ନଗର କାଳୀପୂଜାରେ ନୂତନ ନୀତି

**ଭୁବନେଶ୍ୱର, ୧୮।୧୦(ବ୍ୟୁରୋ):** ଭିଏସ୍ଏସ୍ ନଗରରେ ଦୀର୍ଘବର୍ଷ ହେବ ମା' ଶ୍ୟାମାକାଳୀଙ୍କ ପୂଜା ରୀତିନୀତିରେ ଅନୁଷ୍ଠିତ ହେଉଛି। ଚଳିତ ବର୍ଷ ଦୀପାବଳି ଦିନ ସୂର୍ଯ୍ୟପରାଗ ପଡୁଥିବାରୁ ମା' ଶ୍ୟାମାକାଳୀଙ୍କ ପୂଜା ପାଇଁ ପୂର୍ବ ନିର୍ଦ୍ଧାରିତ ନୀତିରେ କିଛି ପରିବର୍ତ୍ତନ କରାଯାଇଛି। ନୂତନ ନୀତି ଅନୁସାରେ ଆସନ୍ତା ୨୪ ତାରିଖ ସୋମବାର ରାତି ୯ଟା ୪୫ ମିନିଟ୍‌ରେ ମା'ଙ୍କ ଚକ୍ଷୁଦାନ ହେବା ସହିତ ପୂଜା ବିଧି ଆରମ୍ଭ ହେବ। ସେହିପରି ରାତ୍ର ୨ଟା ୨୫ରେ ପୂର୍ଣ୍ଣାଳତି ପରେ ପରେ ବନ୍ଦାପନା ଓ ପୁଷ୍ପାଞ୍ଜଳି ସହିତ ୨ଟା ୪୦ରେ ଘଟ ବିସର୍ଜନ ଅନୁଷ୍ଠିତ ହେବ। ୨୭ତାରିଖ ସନ୍ଧ୍ୟାରେ ପିଲାଙ୍କୁ ନେଇ ନୃତ୍ୟ କାର୍ଯ୍ୟକ୍ରମ ଓ ୨୮ ତାରିଖ ସନ୍ଧ୍ୟାରେ ଭଜନ ପରିବେଷଣ କରାଯିବ। କଣ୍ଠଶିଳ୍ପୀ ସୁଧାକର ମିଶ୍ର ଓ ରବିନ୍ଦ୍ର ମହାପାତ୍ର ନିଜ ସାଥୀ କଳାକାରଙ୍କ ସହ ଭଜନ ପରିବେଷଣ କରିବେ ବୋଲି ସାର୍ବଜନୀନ ଦୁର୍ଗାପୂଜା ସମିତିର ଉପସଭାପତି ଦିଲ୍ଲୀପ ଦାଶଶର୍ମା ସୂଚନା ଦେଇଛନ୍ତି।

### ଜଳଯୋଗାଣ ଅସ୍ଥାୟୀ କର୍ମଚାରୀଙ୍କୁ ସରକାରଙ୍କ ଅଣଦେଖା

#### ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଦାବି

**ଭୁବନେଶ୍ୱର, ୧୮।୧୦:** ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଓ କ୍ୟାବିନେଟ୍ ନିଷ୍ପତ୍ତି ଅନୁସାରେ ରାଜ୍ୟର ବିଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା ଠିକା କର୍ମଚାରୀଙ୍କୁ ନିୟମିତ (ରେଗୁଲାର) ନିଯୁକ୍ତି ମିଳିବା ପାଇଁ ହୋଇଥିବା ନିଷ୍ପତ୍ତି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏଥିପାଇଁ ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘ, ଓଡ଼ିଶା ପକ୍ଷରୁ ସରକାର ଓ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି। ମାତ୍ର ଦୁଃଖ ଓ ଉଦ୍‌ବେଗର ବିଷୟ ପାନୀୟ ଜଳଯୋଗାଣ ଭଳି ଏକ ଅତ୍ୟାବଶ୍ୟକ ବିଭାଗରେ ଗତ ୧୯୯୩ ମସିହାଠାରୁ କାର୍ଯ୍ୟ କରିଆସୁଥିବା ଦୁଇ ହଜାରରୁ ଊର୍ଦ୍ଧ୍ୱ ଅସ୍ଥାୟୀ କର୍ମଚାରୀଙ୍କୁ ରେଗୁଲାର ନିଯୁକ୍ତି ମିଳିବା ପାଇଁ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏଥିପାଇଁ ଭବିଷ୍ୟତରେ ସମସ୍ତ ପାନୀୟ ଜଳ କର୍ମଚାରୀ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ବାଧ ହେବେ। ଫଳରେ ଜଳଯୋଗାଣ ବାଧାପ୍ରାପ୍ତ ହେବ। ଜଳଯୋଗାଣ କର୍ମଚାରୀଙ୍କ ବୃହତ୍ତର ସ୍ୱାର୍ଥ ଏବଂ ଜନସାଧାରଣଙ୍କ ହିତ ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ଅସ୍ଥାୟୀ କର୍ମଚାରୀଙ୍କ କାର୍ଯ୍ୟକାଳ ଓ ସେମାନଙ୍କ କାର୍ଯ୍ୟର ଆବଶ୍ୟକତାକୁ ଦୃଷ୍ଟିଦେଇ ଯଥାଶୀଘ୍ର ରେଗୁଲାର ନିଯୁକ୍ତି ଲାଗି ଆଦେଶ ପ୍ରଦାନ କରିବାକୁ ସଂଘର ସଭାପତି ପ୍ରଶାନ୍ତ ମହାନ୍ତି, କାର୍ଯ୍ୟକାରୀ ସଭାପତି ଅଶୀଲ କୁମାର ବ୍ରହ୍ମ ଏବଂ ସମ୍ପାଦକ ଅଶୋକ ମୁଦୁଲି ଦାବି ଜଣାଇଛନ୍ତି।

## ବିଏମ୍‌ସିରେ ଯୋଗଦେଲେ ୩୭ ନୂତନ ସାନିଟାରୀ ଇନ୍ସପେକ୍ଟର

ଭୁବନେଶ୍ୱର, ୧୮।୧୦ (ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ରେ ମଙ୍ଗଳବାର ଆଉ ୩୭ଜଣ ସାନିଟାରୀ ଇନ୍ସପେକ୍ଟର (ଏସ୍ଆଇ) ନିଯୁକ୍ତ ହୋଇଛନ୍ତି। ପୂର୍ବରୁ ୩୦ ସାନିଟାରୀ ଇନ୍ସପେକ୍ଟର ଥିବାବେଳେ ନୂତନ ଏସ୍ଆଇଙ୍କୁ ମିଶାଇ ମୋଟ୍ ସଂଖ୍ୟା ୬୭କୁ ବୃଦ୍ଧି ପାଇଛି। ଫଳରେ ଏବେ ପ୍ରତ୍ୟେକ ୱାର୍ଡ ଦାୟିତ୍ୱରେ ଜଣେ ଲେଖାଏ ଏସ୍ଆଇ ରହିବେ। ସହରରେ ପରିମଳ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଉଥିବାବେଳେ ଏହାକୁ ନିରୀକ୍ଷଣ କରିବା ପାଇଁ ମାନବ ସମ୍ବଳର ଅଭାବ ରହିଥିଲା। ୬୭ଟି ୱାର୍ଡ ପାଇଁ ୩୦ ଏସ୍ଆଇ ଥିବାରୁ ସେମାନଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁପଡୁଥିଲା। ମାତ୍ର ଏବେ ଏହିସମସ୍ୟା ରହିବ ନାହିଁ। ଏସ୍ଆଇମାନେ ନିଜ ୱାର୍ଡରେ ଲୋକଙ୍କୁ ପରିମଳ ସମ୍ବନ୍ଧୀୟ ସେବା ପ୍ରଦାନ ସହ ପରିମଳର ନୂତନ ଆଭିମୁଖ୍ୟ ସମ୍ପର୍କରେ ଶିକ୍ଷା ଦେବେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମେୟର ସୁଲୋଚନା ଦାସ ଯୋଗଦେଇ ଥିଲେ। ନୂତନ ଏସ୍ଆଇଙ୍କ ନିଯୁକ୍ତି ବିଏମସିର ପରିମଳ ଡ୍ରାଇଭ ଗତିକୁ ଆହୁରି ଶକ୍ତିଶାଳୀ କରିବ ବୋଲି କହିଥିଲେ। କମିଶନର ବିଜୟ ଅମୃତା କୁଲାଙ୍ଗେ ସହରର ପରିମଳ ସ୍ଥିତି ସହିତ ଲୋକେ ଯେପରି ଗଛ, ପୋଲ ଏବଂ କାନ୍ଥରେ ବିଜ୍ଞାପନ ନ ଲଗାଇବେ, ୫ ମିଟର ପରିମିତ ଅଞ୍ଚଳ ସଫା କରିବେ ଏସବୁ ଦିଗ ପ୍ରତି ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ଡେପୁଟି କମିଶନର (ପରିମଳ) ଶୁଭେନ୍ଦୁ ସାହୁ, ଅଲ୍ ଇଣ୍ଡିଆ ଇନ୍ଷ୍ଟିଚ୍ୟୁଟ ଅଫ୍ ଲୋକାଲ ସେଲ୍ଫ ଗର୍ଭମେଣ୍ଟର ରିଜିଓନାଲ ଡାଇରେକ୍ଟର ପ୍ରଦୀପ୍ତ କୁମାର କାନୁନ୍‌ଗୋ, ପବ୍ଲିକ୍ ହେଲ୍ଥ ଷ୍ଟାଣ୍ଡିଂ କମିଟି ଚେୟାରମ୍ୟାନ୍ ବିରଞ୍ଚି ନାରାୟଣ ମହାସୁପକାର, ଅତିରିକ୍ତ କମିଶନର ବିଜନୟ କୁମାର ଦାସ, ସୂର୍ଯ୍ୟବଂଶୀ ମୟୁର ବିକାଶ, ସିଏଫ୍‌ଓ ଲାବନ୍ୟ ଶବର ପ୍ରମୁଖ ଉପସ୍ଥିତ ଥିଲେ।



ଲକ୍ଷ୍ମୀପୂଜା ଅବସରରେ ଭୁବନେଶ୍ୱର ୟୁନିଟ-୮ ପଡ଼ିଆରେ ମଙ୍ଗଳବାର ଅୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ୪୭ ନମ୍ବର ୱାର୍ଡ କର୍ପୋରେଟର ସମିତା ମହାନ୍ତିଙ୍କ ସମେତ ଅନ୍ୟମାନେ।

## ଏକାମ୍ରକାନନ ଜମିରେ ଅଟ୍ଟାଳିକା ନିର୍ମାଣ ମାମଲାର ପୂର୍ଣ୍ଣଛେଦ

### ଏନ୍‌ଜିଟି ରାୟ ଆଧାରରେ କୋର୍ଟଙ୍କ ନିଷ୍ପତ୍ତି

କଟକ ଅଫିସ,୧୮।୧୦

ଭୁବନେଶ୍ୱରର ଏକାମ୍ରକାନନ ଫାର୍ମ ଜମିରେ ଉଚ୍ଚ ଅଟ୍ଟାଳିକା ନିର୍ମାଣକୁ ବିରୋଧ କରି ହାଇକୋର୍ଟରେ ଦାୟର ଜନସ୍ୱାର୍ଥ ମାମଲାରେ ମଙ୍ଗଳବାର ପୂର୍ଣ୍ଣଛେଦ ପକାଇଛନ୍ତି ହାଇକୋର୍ଟ। ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଓ ବିଚାରପତି ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି ବେଳେ ଜାତୀୟ ଗ୍ରୀନ୍ ଟ୍ରିବୁନାଲ୍ (ଏନ୍‌ଜିଟି)ଙ୍କ ୨୦୨୧ ନଭେମ୍ବର ୨୩ର ରାୟକୁ ଆବେଦନକାରୀ ଦୃଷ୍ଟି ଆକର୍ଷଣ କରିଥିଲେ। ଏନ୍‌ଜିଟି କମିଟି ରିପୋର୍ଟରେ ଉଲ୍ଲେଖ ଥିଲା, ଏକାମ୍ରକାନନ ଫାର୍ମ ଜମିରେ କୌଣସି ଉଚ୍ଚ ଅଟ୍ଟାଳିକା ନିର୍ମାଣ କରାଯିବ ନାହିଁ। ଚନ୍ଦକାର ଇକୋ-ସେନ୍‌ସିଟିଭ୍ ଜୋନ୍ ଭିତରେ ଏହି ଅଞ୍ଚଳ ଥିବାରୁ ଏଠାରେ କୌଣସି ଉଚ୍ଚ ଅଟ୍ଟାଳିକା ବା ବ୍ୟବସାୟିକ କୋଠା ନିର୍ମାଣ ଯୋଜନା ନାହିଁ। ଏଥିସହ ହାଇକୋର୍ଟରେ ବିଚାରାଧୀନ ମାମଲା ପ୍ରସଙ୍ଗରେ ମଧ୍ୟ ଏନ୍‌ଜିଟିଙ୍କ ରାୟରେ ଉଲ୍ଲେଖ କରାଯାଇଥିଲା। ହାଇକୋର୍ଟ ଏହି ତଥ୍ୟକୁ ଆଧାର କରି ମାମଲା ଶୁଣାଣିରେ ଅନ୍ତ ଘଟାଇବା ସହ ଆବଶ୍ୟକ ପଡ଼ିଲେ ଭବିଷ୍ୟତରେ ସାନି ଆବେଦନ କରିପାରିବେ ବୋଲି କହିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ବିଜୟ କୁମାର ରଗଡ଼ ମାମଲା ପରିଚାଳନା କରୁଥିଲେ।

ପ୍ରକାଶ ଯେ, ସାମାଜିକ କର୍ମୀ ଜୟନ୍ତୀ ଦାସ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରି ଆବେଦନ କରିଥିଲେ ଯେ ଭୁବନେଶ୍ୱର ସହରର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହେଉଛି ଏକାମ୍ରକାନନ। ଏହି ବଟାନିକାଲ୍ ପାର୍କ ରାଜ୍ୟ ସରକାରଙ୍କ ରିଜିଓନାଲ୍ ପ୍ଲାଣ୍ଟ ରିସୋର୍ସ ସେଣ୍ଟରର ଅଂଶ ବିଶେଷ। ରାଜ୍ୟ ସରକାର ଏକାମ୍ର ଫାର୍ମର ୨୦ ଏକର ୧୯୨ ଡିସିମିଲ ଜମିକୁ ସାଧାରଣ ପ୍ରଶାସନ ବିଭାଗକୁ ହସ୍ତାନ୍ତର କରିବାକୁ ନିଷ୍ପତ୍ତି ନେଇଥିବା ଉଦ୍ୟାନ କୃଷି ବିଭାଗକୁ କହିଥିଲେ। ଏକାମ୍ରକାନନର ସବୁଜିମାକୁ ନଷ୍ଟ କରି ବ୍ୟବସାୟିକ କୋଠା ନିର୍ମାଣ କରିବା ପାଇଁ ଜମି ହସ୍ତାନ୍ତର ନିଷ୍ପତ୍ତି ଜନସ୍ୱାର୍ଥ ବିରୋଧୀ ବୋଲି ଆବେଦନରେ ଉଲ୍ଲେଖ କରାଯାଇଥିଲା।

## ରିଲ୍ସ ଭିଡିଓ ପାଇଁ ବାରଣ କରିବାରୁ ଯୁବତୀ ଘର ଛାଡ଼ି ପଳାଇଲେ

ଭୁବନେଶ୍ୱର,୧୮।୧୦ (ବ୍ୟୁରୋ)

ମୋବାଇଲ ଫୋନରେ ରିଲ୍ସ ଭିଡିଓ କରିବାକୁ ବାରଣ କରିବାରୁ ଜଣେ ଯୁବତୀ ରାଗିକି ଘର ଛାଡି କେଉଁଆଡେ ପଳାଇଛନ୍ତି। ସେ ହେଲେ ଖାରବେଳ ନଗର ଥାନା ଅଞ୍ଚଳରେ ରହୁଥିବା କ୍ରୀତି ସିଂ। ଏନେଇ ଯୁବତୀଙ୍କ ପରିବାରଲୋକଙ୍କ ଅଭିଯୋଗକ୍ରମେ ମଙ୍ଗଳବାର ପୋଲିସ ଏକ ନିଖୋଜ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, କ୍ରୀତି ଖାରବେଳ ନଗର ଅଞ୍ଚଳରେ ଥିବା ମାମୁ ଘରେ ରୁହନ୍ତି। ଅଧିକାଂଶ ସମୟ ସେ ମୋବାଇଲରେ ସଟ୍ ଭିଡିଓ ତିଆରି କରିବା ସହ ସୋସିଆଲ୍ ମିଡିଆରେ ବ୍ୟସ୍ତ ରହୁଥିବାରୁ ପରିବାର ଲୋକ ବାରଣ କରିଥିଲେ। ହେଲେ କ୍ରୀତି ଏହାକୁ ସହ୍ୟ କରି ନ ପାରି ମଙ୍ଗଳବାର ଭୋର ୫ଟାରୁ ଘର ଛାଡ଼ି କେଉଁଆଡ଼େ ପଳାଇଛନ୍ତି। ଏନେଇ ପରିବାର ଲୋକେ ଜାଣିବା ପରେ ଥାନାରେ ତାଙ୍କ ନିଖୋଜ ସମ୍ପର୍କରେ ଅଭିଯୋଗ କରିଥିଲେ।




ଓଡ଼ିଶା କୃଷକ ସାଥୀ ସଂଘ ପକ୍ଷରୁ ଭୁବନେଶ୍ୱର ୟୁନିଟ୍-୩ସ୍ଥିତ ଓଏସ୍ଆଇ ଭବନ ସଭା କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ବିଭିନ୍ନ ଦାବି ସମ୍ପର୍କରେ ସୂଚନା ଦେଉଛନ୍ତି।

## ନାବାଳିକା ସହାୟିକାଙ୍କୁ ନିର୍ଯାତନା ଘଟଣା: ଅଭିଯୁକ୍ତ ଗିରଫ

### ସିଡବ୍ଲ୍ୟୁସି, ଓଏସ୍‌ସିପିସିଆର୍ ଦ୍ୱାରସ୍ଥ ହେବ ଚାଇଲ୍ଡ ଲାଇନ

ଭୁବନେଶ୍ୱର,୧୮।୧୦(ବ୍ୟୁରୋ)

ବେଆଇନ ଭାବେ ଜଣେ ନାବାଳିକାଙ୍କୁ ଘରେ ରଖି କାମ କରାଇବା ସହ ମାଡ଼ ମାରିବା ଓ ନିର୍ଯାତନା ଦେବା ଘଟଣାରେ ମଙ୍ଗଳବାର ମଞ୍ଚେଶ୍ୱର ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ସତ୍ୟବିହାର ଅଞ୍ଚଳରେ ରହୁଥିବା କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇର ରଶ୍ମିରଞ୍ଜନ ଜେନା। ଏନେଇ ପୋଲିସ ଏକ ମାମଲା (ନଂ. ୩୮୧/୨୨) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେହିପରି ରଶ୍ମିରଞ୍ଜନଙ୍କ ସ୍ତ୍ରୀଙ୍କୁ ଧରିବା ଲାଗି ଉଦ୍ୟମ ଜାରି ରହିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ସିଆର୍‌ପିସି ୧୬୪ ଧାରାରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯିବ ବୋଲି ଜଣାପଡ଼ିଛି।

ସୂଚନାନୁସାରେ, ରୋଜଗାରକ୍ଷମ କରାଇଦେବା ପ୍ରତିଶ୍ରୁତି ଦେଇ ଅଭିଯୁକ୍ତ ରଶ୍ମିରଞ୍ଜନଙ୍କ ଶ୍ୱଶୁର ଅନନ୍ତ ନାୟକ ଷଷ୍ଠ ଶ୍ରେଣୀରେ ପଢୁଥିବା ବେଳେ ନାବାଳିକା ପୀଡ଼ିତାଙ୍କୁ କେନ୍ଦ୍ରାପଡ଼ାରୁ ଭୁବନେଶ୍ୱର ଆଣିଥିଲେ। ଏହାପରେ ଅନନ୍ତ ସତ୍ୟବିହାରରେ ରହୁଥିବା ତାଙ୍କ ଝିଅ ପ୍ରତିମା ନାୟକଙ୍କ ଘରେ ନାବାଳିକାଙ୍କୁ କାମ କରିବାକୁ ଛାଡ଼ିଦେଇଥିଲେ। ସେଠାରେ ନାବାଳିକାଙ୍କୁ ଅକଥନୀୟ ନିର୍ଯାତନା ଦିଆଯାଉଥିଲା। କାମରେ ତ୍ରୁଟି ହେଲେ ତ୍ରୁଟି ସେକରେ ଚେଙ୍କ, ବେଲଣା କାଠିରେ ମୁଣ୍ଡ ଓ ପିଠି ଆଦିକୁ ମାଡ଼ ମାରୁଥିଲେ। ଏ ସଂକ୍ରାନ୍ତରେ ସୋମବାର ଚାଇଲ୍ଡ ଲାଇନ ଖବର ପାଇ ପୋଲିସ ଓ ଶ୍ରମ ଅଧିକାରୀଙ୍କ ମିଳିତ ଉଦ୍ୟମରେ ନିର୍ଯାତିତା ନାବାଳିକାଙ୍କୁ ଅଭିଯୁକ୍ତଙ୍କ ଘରୁ ଉଦ୍ଧାର କରିଥିଲା। ଏନେଇ ମଞ୍ଚେଶ୍ୱର ଥାନାରେ ଶ୍ରମ ଅଧିକାରୀ ଓ ଚାଇଲ୍ଡ ଲାଇନ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଏ ନେଇ ପୋଲିସ ତଦନ୍ତ କରି ଅଭିଯୁକ୍ତ ରଶ୍ମିରଞ୍ଜନଙ୍କୁ ପଚରାଉଚରା ପରେ ଗିରଫ କରିଥିଲା। ଅଭିଯୁକ୍ତଙ୍କ ବିରୋଧରେ ଶିଶୁ ଚାଲାଣ ଅଭିଯୋଗ ନେଇ ପୋଲିସ ଆଇପିସିର ୩୭୦ ଦଫା ଲାଗୁ କରି ନ ଥିବାରୁ ଚାଇଲ୍ଡ ଲାଇନ୍ କ୍ଷୋଭ ପ୍ରକାଶ କରିଛି। ଚାଇଲ୍ଡ ଲାଇନ୍ କର୍ତ୍ତୃପକ୍ଷ ଏହି ମାମଲାରେ ୩୭୦ ଦଫା ଯୋଡ଼ିବା ପାଇଁ ଡିସିପି ଏବଂ ମଞ୍ଚେଶ୍ୱର ଥାନା ଆଇଆଇସିଙ୍କୁ ନିର୍ଦ୍ଦେଶ ଦେବାକୁ ଶିଶୁ ମଙ୍ଗଳ ସମିତି (ସିଡବ୍ଲ୍ୟୁସି) ଏବଂ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସ୍‌ସିପିସିଆର୍) ଦ୍ୱାରସ୍ଥ ହେବେ। ଏଥିସହ ସମ୍ପୃକ୍ତ ନାବାଳିକାଙ୍କୁ ଆବଶ୍ୟକ ପୁଷ୍ଟିକର ଖାଦ୍ୟ ଓ ଚିକିତ୍ସା ସେବା ଯୋଗାଇଦେବାକୁ ସିଡବ୍ଲ୍ୟୁସି ନିକଟରେ ନିବେଦନ କରାଯିବ ବୋଲି ଚାଇଲ୍ଡ ଲାଇନ୍ ଅଧକ୍ଷ ବେଣୁଧର ସେନାପତି କହିଛନ୍ତି।



ଗିରଫ ଅଭିଯୁକ୍ତ ରଶ୍ମିରଞ୍ଜନ ଜେନା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୯ ଅକ୍ଟୋବର, ୨୦୨୨



## ସଂକ୍ଷେପରେ

### ଅରୁଣ କୁମାର ପ୍ରହରାଜଙ୍କୁ 'ଶ୍ରମବନ୍ଧୁ ସମ୍ମାନ'

ଭୁବନେଶ୍ୱର,୧୮।୧୦(ବ୍ୟୁରୋ): ଅମୃତ ମହୋତ୍ସବ ଅବସରରେ ବାଙ୍ଗାଲୁରୁରେ ସ୍ଥାପିତ କଳିଙ୍ଗ ବାଙ୍ଗାଲୋର ଫାଉଣ୍ଡେଶନର ୯ମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ତଥା ବିଶ୍ୱ ଓଡ଼ିଶା ସଦ୍‌ଭାବନା ରାଷ୍ଟ୍ରଦୂତ ଡ. ଅରୁଣ କୁମାର ପ୍ରହରାଜଙ୍କୁ ପ୍ରବାସୀ ଓଡ଼ିଆ ଶ୍ରମିକମାନଙ୍କ ସେବା ନିମନ୍ତେ ମର୍ଯ୍ୟାଦାଜନକ 'ଶ୍ରମବନ୍ଧୁ ସମ୍ମାନ' ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଏହି ସମ୍ମାନ ପ୍ରଦାନ କରିବା ଅବସରରେ ଡ. ପ୍ରହରାଜଙ୍କୁ ତାଙ୍କର ଉତ୍ସର୍ଗୀକୃତ ସେବା ପାଇଁ ପ୍ରଶଂସା କରିଥିଲେ। ଉଲ୍ଲେଖଯୋଗ୍ୟ, ଡ. ଅରୁଣ କୁମାର ପ୍ରହରାଜ ବାହାରିନ ଓଡ଼ିଆ ସମାଜର ପ୍ରତିଷ୍ଠାତା ଭାବରେ ସେଠାରେ ଦୀର୍ଘ ୨୫ ବର୍ଷ ଧରି ଓଡ଼ିଆମାନଙ୍କୁ ସଙ୍ଗଠିତ କରି ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ତଥା ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରାର ପ୍ରଚାର ପ୍ରସାର କରୁଛନ୍ତି।

### ମହିଳାଙ୍କୁ ଯୌନ ଶୋଷଣ, ଯୁବକ ଗିରଫ

ଭୁବନେଶ୍ୱର,୧୮।୧୦ (ବ୍ୟୁରୋ) : ଜଣେ ବିବାହିତ ମହିଳାଙ୍କୁ ଯୌନଶୋଷଣ କରିବା ଅଭିଯୋଗରେ ଲକ୍ଷ୍ମୀସାଗର ପୋଲିସ ସଂପୃକ୍ତ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ବାଲିଅନ୍ତା ଅଞ୍ଚଳର ଦେବାଶିଷ ସାହୁ (୨୭) । ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ସୂଚନା ଅନୁଯାୟୀ, ସ୍ଥାନୀୟ ଥାନା ଅଞ୍ଚଳରେ ଜଣେ ବିବାହିତ ମହିଳା ଦୀର୍ଘବର୍ଷ ଧରି ରହିଆସୁଛନ୍ତି। କୌଣସି କାରଣରୁ ମହିଳାଙ୍କ ସ୍ୱାମୀ ତାଙ୍କୁ ୧୦ ବର୍ଷ ତଳେ ଛାଡ଼ି ଦେଇଛନ୍ତି। ଏହାର ସୁଯୋଗ ନେଇ ଦେବାଶିଷ ମହିଳାଙ୍କ ସହ ସମ୍ପର୍କ ବଢାଇ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ଦୀର୍ଘଦିନ ବିତି ଯାଇଥିଲେ ମଧ ଯୁବକ ଜଣଙ୍କ ମହିଳାଙ୍କୁ ବିବାହ କରି ନ ଥିଲେ। ଏପରିକି ପୀଡ଼ିତାଙ୍କୁ ମାଡ଼ ମାରିବା ସହ ଆଗାମୀ ଦିନରେ ବିବାହ କଥା କହିଲେ ରାସ୍ତାରୁ ହଟାଇ ଦେବାକୁ ଧମକ ଦେଇଥିଲେ। ଏନେଇ ପୀଡ଼ିତା ମହିଳା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଦେବାଶିଷଙ୍କୁ ଗିରଫ କରିଥିଲା।

### ବିଶ୍ୱ ଧଳାବାଡ଼ି ସପ୍ତାହ ପାଳିତ

ବାରଙ୍ଗ,୧୮।୧୦(ଡି.ଏନ୍.ଏ.)- ପ୍ରତିବର୍ଷ ଅକ୍ଟୋବର ୧୫ରୁ ୨୧ ପର୍ଯ୍ୟନ୍ତ ଧଳାବାଡ଼ି ସପ୍ତାହ ପାଳନ କରାଯାଇଥାଏ। ଏହି ଅବସରରେ କନକଦୁର୍ଗା ମନ୍ଦିର ପରିସରରେ ମଙ୍ଗଳବାର ଧଳାବାଡ଼ି ସପ୍ତାହ ଦିବସ ପାଳିତ ହୋଇଯାଇଛି। ଏଥିରେ ସାମାଜିକ କର୍ମୀ ସୁଶାନ୍ତ ସାହୁ ଓ ଦୃଷ୍ଟିବାଧିତ ଖେଳାଳିଙ୍କ କୋଚ୍ ତ୍ରିଲୋଚନ ବେଉରା, ରଞ୍ଜନ ସ୍ୱାଇଁ ପ୍ରମୁଖ ଅତିଥିଭାବେ ଯୋଗଦେଇ ବାରଙ୍ଗ ଉପକଣ୍ଠରେ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ଦୃଷ୍ଟିବାଧିତ ବ୍ୟକ୍ତି ଓ ବିଦ୍ୟାର୍ଥୀଙ୍କୁ ମାଗଣାରେ ଧଳାବାଡ଼ି ପ୍ରଦାନ କରିଥିଲେ। ଦୃଷ୍ଟିବାଧିତ ବ୍ୟକ୍ତି ନିଜେ କିପରି ଆତ୍ମନିର୍ଭରଶୀଳ ହୋଇ ସ୍ୱଚ୍ଛନ୍ଦରେ ଧଳାବାଡ଼ି ସାହାଯ୍ୟରେ ଯାତାୟାତ କରିପାରିବେ ସେଥିପାଇଁ ଏ ସପ୍ତାହ ପାଳନର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ରଖାଯାଇଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରକାଶ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଚାରୁଲତା ସାହୁ ଧନ୍ୟବାଦ ଦେଇଥିଲେ।

# ଫାଷ୍ଟଫୁଡ୍ ଦୋକାନୀଙ୍କୁ ଗୋଡ଼ାଇ ହାଣିଲେ

ଭୁବନେଶ୍ୱର,୧୮।୧୦(ବ୍ୟୁରୋ)

**ପୋଲିସ ମିତ୍ରଙ୍କ ସମ୍ପୃକ୍ତି ସନ୍ଦେହ**

- ଖାଦ୍ୟ ଦେବା ବିଳମ୍ବ ହେବାରୁ ଉତ୍ୟକ୍ତ ହେଲେ
- କିଛି ଦିନ ହେଲା ବଟି ମାଗି ଝଗଡ଼ା କରୁଥିଲେ


ଜୀବନଜ୍ୟୋତି ମହାନ୍ତି

କିଛିଦିନର ନୀରବତା ପରେ ରାଜଧାନୀରେ ପୁଣି ଖଣ୍ଡା ବୁଲିଛି। ବିଶେଷକରି ବସ୍ତି ଅଞ୍ଚଳରେ ଅପରାଧୀମାନେ ଅଧିକ ସକ୍ରିୟ ହୋଇଉଠିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଚକେଇସିଆଣିରେ ଜଣେ ଫାଷ୍ଟଫୁଡ ଦୋକାନୀଙ୍କୁ ଦୁର୍ବୃତ୍ତମାନେ ଗୋଡ଼ାଇ ହାଣିଛନ୍ତି। ଆକ୍ରମଣର ଶିକାର ହୋଇଥିବା ବ୍ୟବସାୟୀ ହେଲେ ଏଠାରେ ରହୁଥିବା ନୟାଗଡ଼ ଜିଲା ଫତେଗଡ଼ ଥାନା ଅଞ୍ଚଳର ଜୀବନଜ୍ୟୋତି ମହାନ୍ତି (୨୫)। ଦୁର୍ବୃତ୍ତଙ୍କ ଖଣ୍ଡାଚୋଟରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି। କ୍ୟାପିଟାଲ ହସ୍ପିଟାଲରେ ତାଙ୍କର ପ୍ରାଥମିକ ଚିକିତ୍ସା କରାଯିବା ପରେ ସେ ଥାନାରେ ଅଭିଯୋଗ କରିଛନ୍ତି। ଦୁର୍ବୃତ୍ତଙ୍କ ସହ ଜଣେ ପୋଲିସ ମିତ୍ରଙ୍କ ସମ୍ପୃକ୍ତି ଅଛି ବୋଲି କୁହାଯାଉଛି। ପୋଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ଏହି ଘଟଣାକୁ ନେଇ ପୋଲିସର କାର୍ଯ୍ୟଧାରା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ଜୀବନଜ୍ୟୋତି ଦୀର୍ଘ ୧୦ବର୍ଷ ହେବ ଫାଷ୍ଟଫୁଡ ବ୍ୟବସାୟ କରିଆସୁଛନ୍ତି। ଗତ କିଛିଦିନ ହେଲା ସ୍ଥାନୀୟ ଅଞ୍ଚଳର ପ୍ରାୟ ୬ରୁ ୭ଜଣ ଯୁବକ ତାଙ୍କୁ ବଟି ମାଗିବା ସହ ଝଗଡ଼ା କରୁଥିଲେ। ମଙ୍ଗଳବାର ସନ୍ଧ୍ୟାରେ ସେ ନିଜ ଦୋକାନ (ସାଇକୃପା ଫାଷ୍ଟଫୁଡ ଓ ଦମ୍ ବିରିୟାନୀ) ଖୋଲିଥିବାବେଳେ ୪ରୁ ୫ଜଣ ଯୁବକ ଆସି ତାଙ୍କୁ ଚାଓମିନ୍ ଖାଇବାକୁ ମାଗିଥିଲେ। ଏହି ସମୟରେ ଜୀବନଜ୍ୟୋତି ପରିବା କାଟୁଥିବାରୁ ଖାଦ୍ୟ ଦେବାରେ ବିଳମ୍ବ ହୋଇଥିଲା। ଏଥିରେ ଦୁର୍ବୃତ୍ତମାନେ ରାଗିଯାଇ ତାଙ୍କୁ ଗାଳିଗୁଲଜ କରିବା ସହ ଖଣ୍ଡାରେ ଆକ୍ରମଣ କରିଥିଲେ। ତାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ ପରେ ଜୀବନଜ୍ୟୋତି ଉଦ୍ଧାର ହୋଇଥିଲେ।

## କୋଟିଏ ଟଙ୍କାର ବ୍ରାଉନସୁଗାର ଜବତ, ୨ ଗିରଫ

ଭୁବନେଶ୍ୱର,୧୮।୧୦ (ବ୍ୟୁରୋ)




କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କଫୋର୍ସ (ଏସ୍‌ଟିଏଫ୍) ଏବଂ ବାଲେଶ୍ୱର ପୋଲିସ ମିଳିତ ଭାବେ ଚଢ଼ାଉ କରି ବାଲେଶ୍ୱର ରେଳଷ୍ଟେଶନ ନିକଟରୁ ୧ କେଜି ୬୦ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରିଛି। ଏଥିସହ ୨ଜଣ ବେପାରୀଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବାଲେଶ୍ୱର ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ପୋଲିସ ଲାଇନ୍ ପିଡବ୍ଲ୍ୟୁଡି କଲୋନୀର ଏସ୍.କେ. ରାଜୁ ଏବଂ ଖପରାପଦାର ଅମ୍‌ଜାଦ ଖାନ୍। ଜବତ ବ୍ରାଉନ ସୁଗାରର ମୂଲ୍ୟ କୋଟିଏରୁ ଅଧିକ ଟଙ୍କା ହେବ। ଅଭିଯୁକ୍ତ ଦ୍ୱୟଙ୍କଠାରୁ ଏକ ବାଇକ ଓ ଅନ୍ୟ କିଛି ସାମଗ୍ରୀ ଜବତ କରାଯାଇଥିବା ଜଣାପଡ଼ିଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ଦ୍ୱୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏଥିସହ ପୋଲିସ ଘଟଣାର ଅଧିକ ତଦନ୍ତ ଚଳାଇଛି। ସୂଚନାନୁଯାୟୀ, ନିଶା କାରବାର ବିରୋଧରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ସ୍ୱତନ୍ତ୍ର ଅଭିଯାନ ଜାରି ରଖି ୨୦୨୦ରୁ ଏଯାବତ ୬୦ କେଜିରୁ ଅଧିକ ବ୍ରାଉନ୍ ସୁଗାର ଓ ହେରୋଇନ, ୨୦୨ ଗ୍ରାମ କୋକେନ୍, ୧୧୧ କୁଇଣ୍ଟାଲରୁ ଅଧିକ ଗଞ୍ଜେଇ ଓ ୭୫୦ ଗ୍ରାମ ଅଫିମ ଜବତ କରିଛି। ଏପର୍ଯ୍ୟନ୍ତ ଏହି ମାମଲାରେ ୧୬୨ ଜଣଙ୍କୁ ଗିରଫ କରାଯାଇଛି।

# ପ୍ରତ୍ନତାତ୍ତ୍ୱିକ ଖନନ ସମ୍ପର୍କରେ ଆଲୋକପାତ



କର୍ମଶାଳାରେ ଅତିଥିମାନେ 'ଓଡ଼ିଶାର ସଂସ୍କୃତି ଓ ପରମ୍ପରାରେ ଓଡ଼ିଶୀ ସଙ୍ଗୀତ' ପୁସ୍ତକ ଲୋକର୍ପଣ କରୁଛନ୍ତି।

ଭୁବନେଶ୍ୱର,୧୮।୧୦(ବ୍ୟୁରୋ)

ଓଡ଼ିଶାର ନୌବାଣିଜ୍ୟ ପ୍ରତିଷ୍ଠାନ ଓ ଦକ୍ଷିଣପୂର୍ବ ଏସିଆ ତଥା ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ 'ଓଡ଼ିଶାର ସାମ୍ପ୍ରତିକ ପ୍ରତ୍ନତାତ୍ତ୍ୱିକ ଖନନ' ଶୀର୍ଷକ ଏକ ଜାତୀୟ କର୍ମଶାଳା ମଙ୍ଗଳବାର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ ଯୋଗଦେଇ ଓଡ଼ିଶାର ଇତିହାସ ଓ ସଂସ୍କୃତି ନିମନ୍ତେ ପ୍ରତ୍ନତାତ୍ତ୍ୱିକ ଖନନର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ କୁଳପତି ପ୍ରଫେସର ଅମୀୟ କୁମାର ପଣ୍ଡା ଇତିହାସ ରଚନା ଓ ନୂତନ ଅଧ୍ୟାୟ ପାଇଁ ପ୍ରତ୍ନତାତ୍ତ୍ୱିକ ଖନନ ନେଇ ଉପାଦେୟ ତଥ୍ୟ ଉପସ୍ଥାପନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅନୁବାଦକ ପ୍ରଫେସର ଯତୀନ କୁମାର ନାୟକ ସାହିତ୍ୟ ସଂସ୍କୃତି ନିମନ୍ତେ ପ୍ରତ୍ନତାତ୍ତ୍ୱିକ ଖନନର ପ୍ରାସଙ୍ଗିକତା ସମ୍ପର୍କରେ ଆଲୋକପାତ କରିଥିଲେ। ନୌବାଣିଜ୍ୟ ପ୍ରତିଷ୍ଠାନର ତଥ୍ୟଭିତ୍ତିକ ଗବେଷଣାତ୍ମକ ପ୍ରବନ୍ଧ ସଂକଳନ ଡ. ଚକ୍ରଧର ବେହେରାଙ୍କ 'ଓଡ଼ିଶାର ଚିତ୍ରକଳା ଓ ତା'ର କ୍ରମ ବିକାଶ' ଏବଂ ଡ. ନୀଳାଦ୍ରି କଲ୍ୟାଣ ଦାସଙ୍କ ଓଡ଼ିଶାର ସଂସ୍କୃତି ଓ ପରମ୍ପରାରେ ଓଡ଼ିଶୀ ସଙ୍ଗୀତ ପୁସ୍ତକ ଲୋକାର୍ପିତ ହୋଇଥିଲା। କର୍ମଶାଳାରେ ପ୍ରତ୍ନତାତ୍ତ୍ୱିକ ଡ. ଅଶୋକ କୁମାର ପଟେଲ, ଡ. ଜୀବନ କୁମାର ପଟ୍ଟନାୟକ, ପ୍ରଫେସର ରାମଚନ୍ଦ୍ର ମିଶ୍ର ଏବଂ ଡ. ସୁଶାନ୍ତ କୁମାର କର ଓଡ଼ିଶାର ସାମ୍ପ୍ରତିକ ପ୍ରତ୍ନତାତ୍ତ୍ୱିକ ଖନନ ବିଷୟରେ କହିଥିଲେ। ନୌବାଣିଜ୍ୟ ପ୍ରତିଷ୍ଠାନର ସମ୍ପାଦକ ଡ. ସୁନୀଲ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ସହ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ କର୍ମଶାଳାରେ ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପକ ଆଶିଷ ମହାପାତ୍ର କର୍ମଶାଳାକୁ ସଂଯୋଜନା କରିଥିଲେ।

## ଦାବି ପୂରଣ ନ ହେଲେ ଜଳ ଯୋଗାଣ ବନ୍ଦ

**ଅଲ୍ ଓଡ଼ିଶା ସେଲ୍ଫ ଏମ୍ପ୍ଲୟଡ୍ ମେକାନିକ୍ ଓ ପମ୍ପ ଡ୍ରାଇଭର ସଂଘ ବୈଠକ**

ଭୁବନେଶ୍ୱର, ୧୮।୧୦ (ବ୍ୟୁରୋ)

ଅଲ୍ ଓଡ଼ିଶା ସେଲ୍ଫ ଏମ୍ପ୍ଲଏଡ୍ ମେକାନିକ୍ ଓ ପମ୍ପ ଡ୍ରାଇଭର ସଂଘର ଜରୁରିକାଳୀନ ବୈଠକ ମଙ୍ଗଳବାର ସୂଚନାଭବନରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘବର୍ଷ ଧରି ସଂଘ ତରଫରୁ ବାରମ୍ବାର ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଉଥିଲେ ବି କୌଣସି ପଦକ୍ଷେପ ନେଉନାହାନ୍ତି। ଏନେଇ ସଂଘର ସଦସ୍ୟଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ସଂଘ କର୍ମକର୍ତ୍ତାମାନେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ଅମାତଙ୍କ ସହିତ ଆଲୋଚନା କରିଛନ୍ତି। ସର କାରଙ୍କ ସହିତ ବିଚାରବିମର୍ଶ କରି ଦାବିଗୁଡ଼ିକ ପୂରଣ ପାଇଁ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ସଂଘ ପକ୍ଷରୁ କୁହାଯାଇଛି। ତେବେ ଦାବି ପୂରଣ ନ ହେଲେ ଆବଶ୍ୟକ ପଦକ୍ଷେପ ନିଆଯିବ। ରାଜ୍ୟର ୩୧୪ଟି ବ୍ଲକରେ ଗ୍ରୀଷ୍ମଦିନେ ପାଣି ଯୋଗାଣ ବନ୍ଦ କରିବା ସହ ନଳକୂପ ଅଚଳ କରାଯିବ ବୋଲି ସଂଘର ସଦସ୍ୟ ଅର୍ଜୁନ ନାୟକ ଚେତାବନୀ ଦେଇଛନ୍ତି। ବୈଠକରେ ସଂଘର ବିଭିନ୍ନ ଦାବି ଉପସ୍ଥାପନ କରଯାଇଥିଲା।



'ଉଇ ଫର୍ ଭୁବନେଶ୍ୱର' ସଙ୍ଗଠନ ପକ୍ଷରୁ ମଙ୍ଗଳବାର ଉତ୍କଳ ରତ୍ନ ବିଶ୍ୱନାଥ ମିଶ୍ରଙ୍କ ୧୪୫ତମ ଜୟନ୍ତୀ ଅବସରରେ ରାଜଭବନ ସମ୍ମୁଖସ୍ଥ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ।

## ବିଭାଗୀୟ ଢାଞ୍ଚା ପରିବର୍ତ୍ତନକୁ ଓଡ଼ିଶା ଭୂତାତ୍ତ୍ୱିକ ସେବା ସଂଘର ଉଦ୍‌ବେଗ

ଭୁବନେଶ୍ୱର,୧୮।୧୦(ବ୍ୟୁରୋ)

ଓଡ଼ିଶା ଭୂତାତ୍ତ୍ୱିକ ସେବା ସଂଘର ବାର୍ଷିକ ସାଧାରଣ ସଭା ରବିବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶିଷ୍ଟ ଭୂତତ୍ତ୍ୱବିତ୍ ଏବଂ ସଂଘର ପୂର୍ବତନ ସଂସ୍ଥାପକ ସଦସ୍ୟ ତ୍ରିଲୋଚନ ପଣ୍ଡା ଏବଂ ଇସ୍ପାତ ଓ ଖଣି ବିଭାଗର ବରିଷ୍ଠ ଅଧିକାରୀ ମନୋରଞ୍ଜନ ମହାପାତ୍ର ଅତିଥିଭାବେ ଯୋଗ ଦେଇଥିଲେ। ସଂଘର ସଭାପତି ଜମାଲ ଖାନ୍ ଭୂତତ୍ତ୍ୱ ଏବଂ ଖଣି ନିର୍ଦ୍ଦେଶାଳୟର ପୁନଃ ମିଶ୍ରଣ ଜନିତ ସାମ୍ପ୍ରତିକ ପରିସ୍ଥିତି ଉପରେ ଉଦ୍‌ବେଗ ପ୍ରକାଶ କରିଥିଲେ। ସାଧାରଣ ସମ୍ପାଦକ ଶୁଭ୍ରାଂଶୁ ମିଶ୍ର କହିଥିଲେ ଯେ ଆବଶ୍ୟକତା ଦୃଷ୍ଟିରୁ ସରକାର ପୂର୍ବତନ ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟକୁ ଭାଗ କରି ଦୁଇଟି ନିର୍ଦ୍ଦେଶାଳୟ ସ୍ଥାପନ କରିଥିଲେ। ପରେ ୨୦୧୯ରେ ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟକୁ ଇସ୍ପାତ ଓ ଖଣି ବିଭାଗ ସହିତ ବିଲୟ କରାଇ ମିଶ୍ରିତ ବିଭାଗ(କମ୍ପୋଜିଟ ଡିପାର୍ଟମେଣ୍ଟ) ସ୍ଥାପନ କଲେ। ଏବେ ପୁଣି ଥରେ ଦୁଇଟି ନିର୍ଦ୍ଦେଶାଳୟକୁ ମିଶାଇ ମିଶ୍ରିତ ନିର୍ଦ୍ଦେଶାଳୟ(କମ୍ପୋଜିଟ ଡାଇରେକ୍ଟୋରେଟ) ସ୍ଥାପନ କରିବା ଏକ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି। ଏହି ମିଶ୍ରଣ ପ୍ରକ୍ରିୟାରେ ବହୁ ଅଧିକାରୀ ଏବଂ କର୍ମଚାରୀ ପଦ ପଦବୀ ସମାପ୍ତ କରାଯାଇଛି। ଯାହାର ପ୍ରଭାବ ଖଣିଜ ଅନୁସନ୍ଧାନ ଉପରେ ପଡ଼ିବ ବୋଲି ମିଶ୍ର କହିଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ଆର୍ଥିକ ବର୍ଷରେ ରାଜ୍ୟର ଖଣି ରାଜସ୍ୱ ୫୦ହଜାର କୋଟିରେ ପହଞ୍ଚିଛି। ଗତ ଜୁଲାଇ ମାସରେ ଓଡ଼ିଶା ଖଣିଜ ଅନୁସନ୍ଧାନରେ ବିଶେଷ କୃତି ପାଇଁ ରାଷ୍ଟ୍ରୀୟ ଖଣିଜ ବିକାଶ ପୁରସ୍କାରରେ ଦୁଇଟି ଶ୍ରେଣୀରେ ଯଥାକ୍ରମେ ପ୍ରଥମ ଏବଂ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଏପରିସ୍ଥଳେ ବିଭାଗୀୟ ଢାଞ୍ଚାରେ ପରିବର୍ତ୍ତନ କରିବା ଆବଶ୍ୟକ ନାହିଁ। ତେଣୁ ସରକାରଙ୍କ ଏହି ନିଷ୍ପତ୍ତିର ତୁରନ୍ତ ପୁନର୍ବିଚାର ପାଇଁ ଲିଖିତ ଆକାରରେ ସଂଘ ତରଫରୁ ଅନୁରୋଧ କରାଯାଇଛି ବୋଲି ମିଶ୍ର କହିଛନ୍ତି। ସଭାରେ ସମ୍ମାନିତ ଅତିଥି ତ୍ରିଲୋଚନ ପଣ୍ଡାଙ୍କ ଦ୍ୱାରା ସଂଘର ବୈଷୟିକ ମୁଖପତ୍ର ନ୍ୟୁଜଲେଟର ଉନ୍ମୋଚନ କରାଯାଇଥିଲା। ସଭା ଶେଷରେ ୨୦୨୨-୨୩ ବର୍ଷ ପାଇଁ ସଂଘର ବିଭିନ୍ନ ପଦପଦବୀ ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସୁଶ୍ରୀ ଅନୁପମା ଜେନା ସଭାପତି, ଭବାନୀ ଶଙ୍କର ରାଉତ ଉପସଭାପତି ଏବଂ ଜୟପ୍ରକାଶ ନାୟକ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି।

## ତ୍ରିକଳିଙ୍ଗ ଐତିହାସିକ ବୃତ୍ତ ଚଳଚ୍ଚିତ୍ର ଉତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର,୧୮।୧୦(ବ୍ୟୁରୋ)

**୩ ବୃତ୍ତ ଚଳଚ୍ଚିତ୍ର ପ୍ରଦର୍ଶିତ**

ଓଡ଼ିଶାର ପ୍ରଥମ ଐତିହାସିକ ଗବେଷଣା ପତ୍ରିକା 'ତ୍ରିକଳିଙ୍ଗ' ପକ୍ଷରୁ ମଙ୍ଗଳବାର ଲୋହିଆ ଏକାଡେମୀଠାରେ ତ୍ରିକଳିଙ୍ଗ ଐତିହାସିକ ବୃତ୍ତ ଚଳଚ୍ଚିତ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଦିଲ୍ଲୀପ ପରିଡାଙ୍କ ପ୍ରଯୋଜନା ଓ ସମ୍ବିତ ପଟ୍ଟନାୟକଙ୍କ ନିର୍ଦ୍ଦେଶନାରେ ୨୮ ମିନିଟ୍ ଅବଧିର 'ଲାଲ୍ ସୂର୍ଯ୍ୟ ପ୍ରାଣନାଥ', ଜୟନାରାୟଣ ପଟ୍ଟନାୟକଙ୍କ ୪୨ ମିନିଟ୍‌ର 'ଉତ୍କଳେ ଶ୍ରୀଚୈତନ୍ୟ' ଏବଂ ନିର୍ଦ୍ଦେଶକ ସଞ୍ଜୟ ପଟ୍ଟନାୟକଙ୍କ ୨୦ ମିନିଟ୍‌ର 'ଉତ୍କଳ ବଣିକ ତପସୁ ଭଲ୍ଲିକ' ପ୍ରଦର୍ଶିତ ହୋଇଥିଲା। ଅତିଥି ଭାବେ ଗବେଷକ ଅନିଲ୍ ଧିର୍, ପ୍ରତ୍ନତତ୍ତ୍ୱବିତ୍ ସୁନୀଲ ପଟ୍ଟନାୟକ, ପ୍ରଦୋଷ ପଟ୍ଟନାୟକ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି କ୍ଷୀରୋଦ ପ୍ରସାଦ ମହାନ୍ତି, ସାହିତ୍ୟିକ ଦିଲ୍ଲୀପ ବଳବନ୍ତରାୟ, ଧାରାବାହିକ ତଥା ଚଳଚ୍ଚିତ୍ର ସଂଳାପ ଲେଖକ ଦିଲ୍ଲୀପ ଚୌଧୁରୀ ଏବଂ ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସଞ୍ଜୟ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଏକ ପୁସ୍ତକ ଉନ୍ମୋଚନ କରାଯାଇଥିଲା।


ବିଜେବି ନଗରରେ ଅନୁଷ୍ଠିତ ଗଜଲକ୍ଷ୍ମୀ ପୂଜା ଅବସରରେ ମଙ୍ଗଳବାର ଯୁବ ପ୍ରତିଭା କ୍ଲବ ପକ୍ଷରୁ ଓଟିଡିସିର ଅଧ୍ୟକ୍ଷ ଲେନିନ ମହାନ୍ତିଙ୍କୁ ଯୁବ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଉଛି।

## ବାକି ଟଙ୍କା ମାଗିବାରୁ ଭଙ୍ଗାରୁଜା, ଥାନାରେ ମାମଲା

ଭୁବନେଶ୍ୱର,୧୮।୧୦ (ବ୍ୟୁରୋ)

ଖାରବେଳନଗର ଥାନା ଅନ୍ତର୍ଗତ ବିଗ୍‌ବଜାର ସାମ୍ନାରେ ଦୋକାନୀ କରିଥିବା ଦମ୍ପତ୍ତି ବାକି ଟଙ୍କା ମାଗିବାରୁ ଶନିବାର ୮ରୁ ୧୦ ଜଣ ଯୁବକ ଭଙ୍ଗାରୁଜା କରିବା ଗାଳିଗୁଲଜ କରିଥିବା ଘଟଣା ସାମ୍ନାକୁ ଆସିଛି। ଏନେଇ ଦୋକାନ ମାଲିକ ପ୍ରବୋଦ ସୁନ୍ଦର ରାୟ ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ଏହି ସଂକ୍ରାନ୍ତରେ ପୋଲିସ ୨ ଜଣ ଅଭିଯୁକ୍ତଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ବାଇପାସ୍ ରାସ୍ତା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ



ଭୁବନେଶ୍ୱର,୧୮।୧୦(ବ୍ୟୁରୋ)/ ବାଲିଅନ୍ତା (ଡି.ଏନ୍.ଏ.)

ଭୁବନେଶ୍ୱର ମହାନଗର ନିଗମର ୫ନଂ. ୱାର୍ଡ ଅଧୀନ କାନପୁର ନଦୀବନ୍ଧ ହାଇଟେକ୍ ରାସ୍ତା ଭାୟା କୁଆଖାଇ ପୋଲ ବାଇପାସ୍ ରାସ୍ତା ନିର୍ମାଣ ପାଇଁ ମଙ୍ଗଳବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଖଣି ଓ ପୂର୍ତ୍ତମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଏବଂ ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ଯୋଗଦେଇଥିଲେ। ରାସ୍ତା ନିର୍ମାଣ ପାଇଁ ୩ କୋଟି ୩୩ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ହୋଇଛି। ଏହା ଉପଲକ୍ଷେ ମଞ୍ଚେଶ୍ୱର ନଦୀବନ୍ଧ ଗଡ଼ରେ ଆୟୋଜିତ ସଭାରେ ମନ୍ତ୍ରୀ ମଲ୍ଲିକ କହିଛନ୍ତି, ଲୋକଙ୍କ ସୁବିଧା ପାଇଁ ରାଜଧାନୀ ଓ ଏହାର ଆଖପାଖ ଅଞ୍ଚଳ ରାସ୍ତାଘାଟର ରୂପରେଖ ବଦଳାଯାଇଛି। ବିଧାୟକ ରାଉତ କହିଛନ୍ତି, ଏହି ସ୍ଥାନଟି ଦୁର୍ଘଟଣାପ୍ରବଣ। ଏଠାରେ ବାଇପାସ୍ ହେବା ଆବଶ୍ୟକ ଥିଲା। ସଭାରେ ସ୍ଥାନୀୟ କର୍ପୋରେଟର ମିନୁଶ୍ରୀ ଖୁଣ୍ଟିଆଙ୍କ ସମେତ ବହୁ କର୍ପୋରେଟର ଓ ୫ ପଞ୍ଚାୟତର ଲୋକପ୍ରତିନିଧି ଉପସ୍ଥିତ ଥିଲେ। ଆଦିକନ୍ଦ ରାଉତ ସଭା ପରିଚାଳନା କରିଥିବାବେଳେ ଯୁବନେତା ଅନୁପ ଖୁଣ୍ଟିଆ ସହଯୋଗ କରିଥିଲେ।

# ନନ୍ଦନକାନନ: ବୋଟିଂ ଟେଣ୍ଡରରେ ଫିକ୍ସିଂ ଅଭିଯୋଗ

ବାରଙ୍ଗ,୧୮।୧୦(ଡି.ଏନ୍.ଏ.)



- ଉପନିର୍ଦ୍ଦେଶକ, କିରାଣିଙ୍କୁ ଘେରିଲେ ପୂର୍ବତନ ସରପଞ୍ଚ ଓ ସମର୍ଥକ
- ପୁନର୍ବାର ଟେଣ୍ଡର କରିବାକୁ ଦାବି

କିଛିଦିନର ବ୍ୟବଧାନ ପରେ ନନ୍ଦନକାନନ ପୁଣି ବିବାଦ ଘେରକୁ ଟାଣି ହୋଇଯାଇଛି। ଏଥର ପର୍ଯ୍ୟଟକଙ୍କୁ ନେଇ ବିବାଦ ନୁହେଁ ଖୋଦ୍ ନନ୍ଦନକାନନ ଉପନିର୍ଦ୍ଦେଶକ ଓ ଜଣେ କିରାଣିଙ୍କ ନାମରେ ସାଙ୍ଘାତିକ ଅଭିଯୋଗ ଆସିଛି। ଟେଣ୍ଡର ଫିକ୍ସିଂ ଭଳି ଅଭିଯୋଗ ଉଠାଇଛନ୍ତି ଟେଣ୍ଡର ପ୍ରକ୍ରିୟାରେ ସାମିଲ ହୋଇଥିବା ଜଣେ ଠିକାଦାର ଓ ତାଙ୍କ ସମର୍ଥକ। ଯାହାକୁ ନେଇ ମଙ୍ଗଳବାର ଦିନତମାମ ନନ୍ଦନକାନନରେ ଚର୍ଚ୍ଚା ଲାଗିରହିଛି। ପ୍ରକାଶ ଯେ, ଦାରୁଠେଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବୋଟିଂ ଟେଣ୍ଡରରେ ଭାଗ ନେଇଥିବା ପ୍ରଶାନ୍ତ କୁମାର ରାଉତରାୟ ତାଙ୍କର ୧୦୦ରୁ ଉର୍ଦ୍ଧ୍ୱ ସମର୍ଥକଙ୍କୁ ନେଇ ମଙ୍ଗଳବାର ଆସି ନନ୍ଦନକାନନ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ଘେରାଉ କରି ହୋହାଲ୍ଲା ସହ ନାରାବାଜି ଦେଇଥିଲେ। ବୋଟିଂ ଟେଣ୍ଡରରେ ଟେଣ୍ଡର ଫିକ୍ସିଂ ହୋଇଥିବା ଅଭିଯୋଗ ଦର୍ଶାଇ ରାଉତରାୟ ଓ ତାଙ୍କ ସମର୍ଥକମାନେ ସିଧାସଳଖ ଉପନିର୍ଦ୍ଦେଶକ ଓ ଟେଣ୍ଡର ଦାୟିତ୍ୱ ବୁଝୁଥିବା କିରାଣିଙ୍କ ଭୂମିକା ଥିବା ଦାବି କରିଥିଲେ। ଏହି ସମୟରେ ଉପନିର୍ଦ୍ଦେଶକ ତାଙ୍କ କାର୍ଯ୍ୟାଳୟରୁ ବାହାରି ଗେଷ୍ଟହାଉସକୁ ଚାଲିଯାଇଥିଲେ। ଏହାଜାଣିପାରି ରାଉତରାୟଙ୍କ ସମର୍ଥକମାନେ ଗେଷ୍ଟହାଉସକୁ ଯାଇ ପାଟି କରିବାରୁ ଉପନିର୍ଦ୍ଦେଶକ ଏମାନଙ୍କ ପାଖକୁ ଆସି ଆଲୋଚନା କରିଥିଲେ।

ରାଉତରାୟଙ୍କ ଅଭିଯୋଗ ଯେ, ଜୁଲାଇ ମାସରେ ବୋଟିଂ ଟେଣ୍ଡର ପାଇଁ ଆହ୍ୱାନ କରାଯାଇ ୨୬ ତାରିଖରେ ଟେକ୍ନିକାଲ ବିଡ୍ ଖୋଲାଯାଇଥିଲା। ଅଢେଇ ମାସର ବ୍ୟବଧାନ ପରେ ୧୫ ଅକ୍ଟୋବରରେ ଭୁବନେଶ୍ୱରସ୍ଥିତ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ପରଚେଜ୍ କମିଟିର ଉପସ୍ଥିତିରେ ଫାଇନାନ୍ସିଆଲ ବିଡ୍ ଖୋଲାଯାଇଥିଲା। କିନ୍ତୁ ନନ୍ଦନକାନନରେ ଟେକ୍ନିକାଲ ବିଡ୍ ପାଇଁ ଟେଣ୍ଡରବାକ୍ସ ଖୋଲାଯାଇ ସମସ୍ତଙ୍କ ସମ୍ମୁଖରେ ଜଉମୁଦ ଦିଆଯାଇଥିବାର ଫଟୋ ସହ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଟେଣ୍ଡରବାକ୍ସ ଖୋଲାଯିବାବେଳେ ନିଆଯାଇଥିବା ଫଟୋ କାହିଁକି ମିଶିଲା ନାହିଁ ବୋଲି ପଚାରିଥିଲେ। ଯେହେତୁ ପୂର୍ବରୁ ଏହାକୁ ଖୋଲାଯାଇଛି ତେଣୁ ଏବେ ଏହା ମିଶୁନାହିଁ ବୋଲି ଅଭିଯୋଗ କରିଥିଲେ। ଟେଣ୍ଡରବାକ୍ସ ଉପନିର୍ଦ୍ଦେଶକ ଓ ଟେଣ୍ଡର ଦାୟିତ୍ୱରେ ଥିବା କିରାଣିଙ୍କ ନଜରରେ ନନ୍ଦନକାନନରେ ରହିଥିବାବେଳେ କିଏ ଏହାକୁ ଖୋଲିଛି ବୋଲି ସମସ୍ତେ ଜାଣିବାକୁ ଚାହିଁଥିଲେ। ଯଦି ଏହା ଖୋଲାଯାଇ ନାହିଁ ତେବେ ନନ୍ଦନକାନନ ପକ୍ଷରୁ ଭିଜିଲାନ୍ସ ତଦନ୍ତ ପାଇଁ ଆମକୁ ସହଯୋଗ କରନ୍ତୁ ବୋଲି ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ସମର୍ଥକମାନେ ଟେଣ୍ଡରରେ ହୋଇଥିବା ବହୁ ଅନିୟମିତତା ଉପରେ ଦୃଷ୍ଟିକୁ ଆଣି ଉପନିର୍ଦ୍ଦେଶକ ଓ କିରାଣିଙ୍କ ଭୂମିକା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲେ। ଏହାପରେ ରାଉତରାୟ ତାଙ୍କ ପାଖରେ ଥିବା ଟେଣ୍ଡର ଫିକ୍ସିଂର ପ୍ରମାଣସ୍ୱରୂପ ଫଟୋ, ନନ୍ଦନକାନନ ପକ୍ଷରୁ ଟେଣ୍ଡର ପକାଇବା ପାଇଁ ରଖାଯାଇଥିବା ସର୍ତ୍ତାନୁସାରେ ବକେୟା ଠିକାଦାରଙ୍କୁ ଟେଣ୍ଡରରେ ସାମିଲ, ଡଙ୍ଗା ଚଳାଇବାର ଅଭିଜ୍ଞତା ନ ଥିବା ଆଦି ପ୍ରମାଣକୁ ଲିଖିତ ଭାବେ ଉପନିର୍ଦ୍ଦେଶକଙ୍କୁ ପ୍ରଦାନ କରିଥିଲେ। ୭ଦିନ ମଧ୍ୟରେ ପ୍ରକୃତ ସତ୍ୟ ଲୋକଲୋଚନକୁ ଆସିବା ସହ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ପୁନର୍ବାର ବୋଟିଂ ଟେଣ୍ଡର କରା ନ ଗଲେ ବାଧ୍ୟ ହୋଇ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦେଇଥିଲେ। ଏହାପରେ ରାଉତରାୟ ନନ୍ଦନକାନନ ଥାନାକୁ ଆସି ଅଭିଯୋଗର ଏକ ନକଲ କପି ଦେଇଥିଲେ। ଏ ନେଇ ଉପନିର୍ଦ୍ଦେଶକ ଡ.ସଞ୍ଜିତ କୁମାର କହିଥିଲେ, ସେମାନଙ୍କ ଅଭିଯୋଗ ଅନୁଯାୟୀ, ତଦନ୍ତ କରି ପରଚେଜ କମିଟିକୁ ଜଣାଇବି। ସେମାନେ ଯାହା କାର୍ଯ୍ୟାନୁଷ୍ଠାନ ନେବେ। ଟେଣ୍ଡର ବାକ୍ସ ଭଙ୍ଗାଯିବା ଉପରେ ସେ କହିଲେ ଯେ, ଟେଣ୍ଡର ପ୍ରକ୍ରିୟା ସମ୍ପୂର୍ଣ୍ଣ ସରିନାହିଁ, ତେଣୁ ଏବେ ତାହା ଉପରେ କିଛି କହିପାରିବି ନାହିଁ। ହୋଇଥିବା ଅଭିଯୋଗ ଉପରେ ସିନିୟର ଅଥରିଟିକୁ ଜଣାଇବି । ସେମାନେ ଯାହା ନିଷ୍ପତ୍ତି ନେବେ ବୋଲି କହିଥିଲେ। ଅନ୍ୟପଟେ କିରାଣି ସୁବାସ ମହାପାତ୍ରଙ୍କୁ ଏବିଷୟରେ ପଚାରିବାରେ ସେ କୌଣସି ଉତ୍ତର ଦେବାକୁ ମନା କରି ଦେଇଥିଲେ ।

**ଆଜି ମହାପ୍ରଭୁଙ୍କ ଦର୍ଶନ ୫ ଘଣ୍ଟା ବନ୍ଦ**

**ପୁରୀ ଅଫିସ:** କାର୍ତ୍ତିକ ମାସ କୃଷ୍ଣପକ୍ଷ ନବମୀ ତିଥି ବୁଧବାର ଅବସରରେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି ନୀତି ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ବିଭିନ୍ନ ଗୁପ୍ତ ନୀତି ମଧ୍ୟରୁ ଏହା ଅନ୍ୟତମ। ଏହି ଗୁପ୍ତ ନୀତି ସମ୍ପନ୍ନ ପାଇଁ ବୁଧବାର ଅପରାହ୍ନ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ରେଙ୍ଗାଲି କେନାଲ ଖନନ, ଜମି ଅଧିଗ୍ରହଣ ଓ ମାଟି ଫିଲିଂ କାର୍ଯ୍ୟରେ ବ୍ୟାପକ ଦୁର୍ନୀତିର ବିଭାଗୀୟ ଉଚ୍ଚ ତଦନ୍ତ ଦାବିରେ 'ଓଡ଼ିଶା ଲୋକ କଲ୍ୟାଣ ଟ୍ରଷ୍ଟ' ପକ୍ଷରୁ ଶାନ୍ତିପୂର୍ଣ୍ଣ ବିକ୍ଷୋଭ, ଜଳ ସମ୍ପଦ ବିଭାଗ ମୁଖ୍ୟାଳୟ, ସେଚ ସଦନ ସମ୍ମୁଖ, ପୂର୍ବାହ୍ନ ୧୧ଟା ୩୦।
- ଜେଏମ୍‌ଜି ଅଟୋମୋବାଇଲ ଗ୍ରୁପ ଇଭୋଲ୍‌ଭର ଉଦ୍‌ଘାଟନ, ଜୟଦେବ ବିହାର, ମେ ଫେୟାର ପାଖ, ଅପରାହ୍ନ ୩ଟା ୩୦।
- ଓଡ଼ିଆ ଶିଶୁ ସାହିତ୍ୟର ଇତିହାସ ଉନ୍ମୋଚନ ଉତ୍ସବ, ଲୋହିଆ ଏକାଡେମୀ ସଭାକକ୍ଷ, ଅପରାହ୍ନ ୫ଟା ୩୦।
- ସଙ୍ଗୀତ କାର୍ଯ୍ୟକ୍ରମ 'ଚିର ସବୁଜ ଗୀତ', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।

ଜଟଣୀ
- ନ୍ୟାଶନାଲ ଷ୍ଟୁଡେଣ୍ଟ ମିଡିଆ ଫେଷ୍ଟ, କନ୍‌କୋର୍ଡିଆ-୨୦୨୨, ଏକ୍ସଆଇଏମ୍ ୟୁନିଭର୍ସିଟି, ନ୍ୟୁ କ୍ୟାମ୍ପସ୍, ପୂର୍ବାହ୍ନ ୧୦ଟା।

ନିମାପଡ଼ା
- ନିମାପଡ଼ା ବ୍ଲକ ପଞ୍ଚାୟତ ସମିତିର ସାଧାରଣ ଅଧିବେଶନ, ବ୍ଲକ କାର୍ଯ୍ୟାଳୟ ସଭାଗୃହ, ପୂର୍ବାହ୍ନ ୧୦ଟା।
- ବିଂଶତମ ନିମାପଡ଼ା ପ୍ରିମିୟର ଫୁଟବଲ୍ ଲିଗ୍‌ର ଉଦ୍‌ଘାଟନୀ ସମାରୋହ, ବାରବାଟୀ ପଡିଆ, ଅପରାହ୍ନ ୩ଟା।

# ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା

# ଏମ୍‌ସ ଡାକ୍ତର ଗିରଫ

- ବାପାଙ୍କ ଚିକିତ୍ସା ବେଳେ ଯୁବତୀଙ୍କଠାରୁ ମୋବାଇଲ ନମ୍ବର ନେଇଥିଲେ
- ପ୍ରେମରେ ଫସାଇ ଗର୍ଭବତୀ କରିଥିଲେ
- ବିବାହକୁ ନେଇ ବିବାଦ ହେବାରୁ ମାଡ଼ ମାରି ହତ୍ୟା ଧମକ ଦେଇଥିଲେ

ଭୁବନେଶ୍ୱର,୧୮।୧୦(ବ୍ୟୁରୋ)

ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିବା ଅଭିଯୋଗରେ ଭୁବନେଶ୍ୱର ଏମ୍‌ସ ହୃଦ୍‌ରୋଗ ବିଭାଗ (କାର୍ଡିଓଲୋଜି)ର ଡାକ୍ତର ଜୟଦୀପ ଦାସଗୁପ୍ତାଙ୍କୁ ମଙ୍ଗଳବାର ମହିଳା ଥାନା ପୋଲିସ ଗିରଫ କରିଛି। ଜୟଦୀପଙ୍କ ଘର ପଶ୍ଚିମବଙ୍ଗ ସାଉଥଚବିଶ ପ୍ରଗଣା ଜିଲା ହରିଦେବପୁର ଥାନା ଅଞ୍ଚଳରେ ହୋଇଥିବା ବେଳେ ସେ ଭୁବନେଶ୍ୱର ଏମ୍‌ସ ହାଉସିଂ କମ୍ପ୍ଲେକ୍ସ ପିଜି-୨ ହଷ୍ଟେଲର ରୁମ୍ ନଂ. ୧୨୦ରେ ରହୁଛନ୍ତି। କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ଜୟଦୀପଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ରାଜଧାନୀରେ ରହି ରୁପାଲି ଛକସ୍ଥିତ ଏକ ବ୍ୟାଙ୍କରେ କାମ କରୁଥିବା ପୀଡ଼ିତା ଯୁବତୀ ତାଙ୍କ ବାପାଙ୍କୁ ୨୦୨୦ ଡିସେମ୍ବର ୧୭ରେ ହୃଦରୋଗ ଚିକିତ୍ସା ପାଇଁ ଏମ୍‌ସ ନେଇଥିଲେ। ସେଠାରେ ପୀଡ଼ିତାଙ୍କୁ ଡାକ୍ତର ଜୟଦୀପ ମୋବାଇଲ ଫୋନ୍ ନମ୍ବର ମାଗିଥିଲେ। ହେଲେ ସେ ରାଜି ନ ହେବାରୁ ତାଙ୍କ ବାପାଙ୍କୁ ଡିସ୍‌ଚାର୍ଜ କରିବାକୁ ଦେବେ ନାହିଁ ବୋଲି ଜୟଦୀପ କହିଥିଲେ। ତେଣୁ ଯୁବତୀ ତାଙ୍କ ମୋବାଇଲ ନମ୍ବର ଦେବା ପରେ ଉଭୟଙ୍କ ମଧ୍ୟରେ ନିୟମିତ କଥାବାର୍ତ୍ତା ହେବାରୁ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଯୁବତୀଙ୍କୁ ବିବାହ କରିବାର ପ୍ରତିଶ୍ରୁତି ଦେଇ ଜୟଦୀପ ବିଶ୍ୱାସଭାଜନ ହୋଇଥିଲେ। ପରେ ଅନେକ ସମୟରେ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ ଜୟଦୀପ। ଇତିମଧ୍ୟରେ ଯୁବତୀ ଜଣକ ୨ମାସର ଗର୍ଭବତୀ ହୋଇଥିବା କଥା ଜଣାପଡ଼ିବା ପରେ ଜୟଦୀପ ତାଙ୍କୁ ଗର୍ଭପାତ କରାଇଥିଲେ। ନିକଟରେ ଜୟଦୀପଙ୍କ ସହ ଜଣେ ଯୁବତୀଙ୍କ ନିର୍ବନ୍ଧ ହୋଇଥିବା ଖବର ମିଳିବା ପରେ ପୀଡ଼ିତା ଏନେଇ ପଚାରିବାକୁ ଏମ୍‌ସ ହଷ୍ଟେଲ ଯାଇଥିଲେ। ବିବାହକୁ ନେଇ ସେଠାରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ସେହି ସମୟରେ ଯୁବତୀଙ୍କୁ ଜୟଦୀପ ମାଡ଼ ମାରିବା ସହ ହତ୍ୟା ଧମକ ଦେଇଥିଲେ। ଏନେଇ ଯୁବତୀ ଜଣକ ଉପାୟହୀନ ହୋଇ ଶେଷରେ ସୋମବାର ଭୁବନେଶ୍ୱର ମହିଳା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଆଇପିସି ଦଫା ୪୯୩, ୪୧୭, ୩୨୩, ୪୨୦ ଏବଂ ୫୦୬ରେ ଏକ ମାମଲା (ନଂ. ୧୩୬/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।



ଗିରଫ ଅଭିଯୁକ୍ତ ଡାକ୍ତର ଜୟଦୀପ ଦାସଗୁପ୍ତା।

## ଆଜି ଏକ୍ସଆଇଏମ୍ ବିଶ୍ୱବିଦ୍ୟାଳୟରେ ନ୍ୟାଶନାଲ୍ ଷ୍ଟୁଡେଣ୍ଟ୍‌ସ ମିଡିଆ ଫେଷ୍ଟ

ଭୁବନେଶ୍ୱର,୧୮।୧୦(ବ୍ୟୁରୋ): ଏକ୍ସଆଇଏମ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ବୁଧବାର ନ୍ୟାଶନାଲ ଷ୍ଟୁଡେଣ୍ଟ୍‌ସ ମିଡିଆ ଫେଷ୍ଟ 'କନ୍‌କୋର୍ଡିଆ(Concordia)-୨୦୨୨' ଆୟୋଜନ ହେବ। ଉଦ୍‌ଘାଟନୀ ଉତ୍ସବରେ ଜାଭିୟର୍ ଏମ୍ଲିନ୍ ବିଜିନେସ ସ୍କୁଲ ଡିନ୍ ପ୍ରଫେସର ଅନୁପ କୁମାର ପାଲ୍ ଏବଂ ମୁମ୍ବାଇର କସ୍ମୋସ୍-ମାୟାର ଆନିମେଶନ୍ ଡାଇରେକ୍ଟର ଗୌରୀଶଙ୍କର ବେହେରା ଯୋଗଦେବେ। ସ୍କୁଲ ଅଫ କମ୍ୟୁନିକେଶନ୍ସର ଡିନ୍ ପ୍ରଫେସର ଭି.ବିଜୟ କୁମାର ଉପସ୍ଥିତ ରହିବେ। ଏହି ମିଡିଆ ଫେଷ୍ଟ ଦ୍ୱାରା ବିଭିନ୍ନ ସୃଜନଶୀଳ କ୍ଷେତ୍ରରେ ଛାତ୍ରଙ୍କ ଦକ୍ଷତା ବିକାଶ ଏବଂ ସେମାନଙ୍କୁ ସେମାନଙ୍କ ଆଗ୍ରହ କ୍ଷେତ୍ରରେ ସଫଳ ହେବାକୁ ପ୍ରେରଣା ଦେବା ପାଇଁ ଲକ୍ଷ୍ୟ ରଖାଯାଇଛି। ପେଣ୍ଟିଂ, ଫଟୋଗ୍ରାଫି, ନୃତ୍ୟ, ସଙ୍ଗୀତ ଭଳି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଉଦ୍‌ଯାପନୀ ସମାରୋହର ମୁଖ୍ୟ ଅତିଥି ଭାବେ ଏକ୍ସଆଇଏମ୍ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ପ୍ରଫେସର ଫାଦର ଆଣ୍ଟୋନି ଏସ୍. ରାଜ, ଏସ୍‌ଜେ ଯୋଗଦେବେ। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ପ୍ରାୟ ୪୦୦ ଛାତ୍ରୀଛାତ୍ର ଏହି ଫେଷ୍ଟରେ ଅଂଶଗ୍ରହଣ କରିବେ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି।

## ଆଜିଠୁ ପିଜି ସ୍ପଟ୍ ନାମଲେଖା

ଭୁବନେଶ୍ୱର, ୧୮।୧୦(ବ୍ୟୁରୋ): ରାଜ୍ୟର ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟରେ ପିଜି ସ୍ପଟ୍ ନାମଲେଖା ପାଇଁ ମଙ୍ଗଳବାର ସିଟ୍ ଆବଣ୍ଟନ ତାଲିକା ପ୍ରକାଶ ପାଇଛି। ମନୋନୀତ ଛାତ୍ରୀଛାତ୍ରମାନେ ବୁଧବାରଠାରୁ ନାମ ଲେଖାଇପାରିବେ। ୨୦ ତାରିଖ ସ୍ପଟ୍ ନାମଲେଖା ଶେଷ ହେବ। ୨୧ତାରିଖ ଅପରାହ୍ନ ୫ଟା ସୁଦ୍ଧା ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ସ୍ପଟ୍ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କ ତଥ୍ୟ ଇ-ସ୍ପେସ୍‌ରେ ଉପଲବ୍ଧ ହେବ। ସୂଚନାଯୋଗ୍ୟ, ପିଜି ପ୍ରଥମ ପର୍ଯ୍ୟାୟ ନାମଲେଖା ସେପ୍ଟେମ୍ବର ୧୬ରୁ ଆରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟ ନାମଲେଖା ୧୭ ତାରିଖରେ ସରିଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ୨୫ତାରିଖରେ ଶେଷ ହୋଇଥିଲା। ଏହାପରେ ପିଜି ପାଠପଢ଼ା ଆରମ୍ଭ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ନିଷ୍ପତ୍ତି ନେଇଥିଲା। ଗତ ୧୭ ତାରିଖରୁ ପିଜି ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ କ୍ଲାସ୍ ଆରମ୍ଭ ହୋଇଯାଇଛି।

# ସ୍ପେନ୍, ଗୁଏଟ୍‌ମାଲା ରାଷ୍ଟ୍ରଦୂତଙ୍କ ଡବ୍ଲ୍ୟୁଏସ୍‌ସି ପରିଦର୍ଶନ



ଭାରତୀୟ ରାଷ୍ଟ୍ରଦୂତ ଦିନେଶ କୁମାର ପଟ୍ଟନାୟକ ଏବଂ ମନୋଜ କୁମାର ମହାପାତ୍ର ୱାର୍ଲଡ ସ୍କିଲ ସେଣ୍ଟର ପରିଦର୍ଶନ କରୁଛନ୍ତି।

ଭୁବନେଶ୍ୱର, ୧୮।୧୦(ବ୍ୟୁରୋ)

ସ୍ପେନ୍‌ରେ ନିଯୁକ୍ତ ଭାରତୀୟ ରାଷ୍ଟ୍ରଦୂତ ଦିନେଶ କୁମାର ପଟ୍ଟନାୟକ ଏବଂ ଗୁଏଟ୍‌ମାଲା ପାଇଁ ନିଯୁକ୍ତ ଭାରତୀୟ ରାଷ୍ଟ୍ରଦୂତ ମନୋଜ କୁମାର ମହାପାତ୍ର ମଙ୍ଗଳବାର ୱାର୍ଲଡ ସ୍କିଲ ସେଣ୍ଟର (ଡବ୍ଲ୍ୟୁଏସ୍‌ସି) ପରିଦର୍ଶନ କରିଛନ୍ତି। ଏହି ଅବସରରେ ଦିନେଶ ପଟ୍ଟନାୟକ ୱାର୍ଲଡ ସ୍କିଲ ସେଣ୍ଟରକୁ ଶୁଭେଚ୍ଛା ଜଣାଇ କହିଛନ୍ତି, ଓଡ଼ିଶା ହେଉଛି ସ୍କିଲର ହବ୍। କୌଣସି ଆଧୁନିକ ଅର୍ଥନୀତିର ବିକାଶରେ ଦକ୍ଷତା ବିକାଶ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଦେଶରେ ପ୍ରତିଭା ବିକାଶର ଏକ ହବ୍ ଭାବେ ଓଡିଶାରେ ଡବ୍ଲ୍ୟୁଏସ୍‌ସି ବିକଶିତ ହେବା ଆଶ୍ଚର୍ଯ୍ୟଜନକ। ସେହିଭଳି ମନୋଜ ମହାପାତ୍ର ଡବ୍ଲ୍ୟୁଏସ୍‌ସିର ଅତ୍ୟାଧୁନିକ ବୈଷୟିକ ତାଲିମ କେନ୍ଦ୍ର ଦେଖି ଖୁସି ବ୍ୟକ୍ତ କରିବା ସହ କହିଛନ୍ତି, ସିଙ୍ଗାପୁର ସରକାରଙ୍କ ସହଭାଗିତାରେ ଓଡ଼ିଶା ସରକାର ଡବ୍ଲ୍ୟୁଏସ୍‌ସିର ବିକାଶ କରିଛନ୍ତି, ଯାହା ଦକ୍ଷତା ବିକାଶ ନିମନ୍ତେ ରାଜ୍ୟ ପାଇଁ ପ୍ରକୃତରେ ଆବଶ୍ୟକ ଥିଲା। ରାଷ୍ଟ୍ରଦୂତ ଦ୍ୱୟ ଡବ୍ଲ୍ୟୁଏସ୍‌ସିରେ ତାଲିମ ନିମନ୍ତେ ଚୟନ ପ୍ରକ୍ରିୟା ବିଷୟରେ ପଚାରି ବୁଝିଥିଲେ। ଚଳିତ ବର୍ଷ ଆରମ୍ଭ ହୋଇଥିବା ବିୟୁଟି ୱେଲ୍‌ନେସ୍ ସ୍ପା ଏବଂ ହେୟାର ଫେଶନ ଡିଜାଇନିଂ ପାଠ୍ୟକ୍ରମ ବିଷୟରେ ଅବଗତ ହୋଇ ସେମାନେ ଖୁସି ବ୍ୟକ୍ତ କରି କହିଥିଲେ, ଏହି ଦୁଇଟି ପାଠ୍ୟକ୍ରମରେ ତାଲିମ ନେବା ଫଳରେ ଅଧିକ ନିଯୁକ୍ତି ଏବଂ ଉଦ୍ୟୋଗୀ ସୃଷ୍ଟି ହୋଇପାରିବେ। ଡବ୍ଲ୍ୟୁଏସ୍‌ସି ସିଇଓ ରେଘୁ ଜି କହିଛନ୍ତି, ୧୩୪୨.୨ କୋଟି ଟଙ୍କା ବ୍ୟୟରେ ପ୍ରତିଷ୍ଠିତ ଏହି କେନ୍ଦ୍ର ଓଡ଼ିଶାର ସ୍କିଲ ଇକୋ ସିଷ୍ଟମ ପାଇଁ ଏକ ପ୍ରାଥମିକ ତାଲିମ ପ୍ରତିଷ୍ଠାନ ଭାବେ କାର୍ଯ୍ୟ କରୁଛି। ଏହା ଆଇଟିଆଇ ଓ ପଲିଟେକ୍‌ନିକ ଛାତ୍ରୀଛାତ୍ରଙ୍କ ପାଇଁ ଏକ ସ୍ୱୟଂ ସମ୍ପୂର୍ଣ୍ଣ ଅନୁଷ୍ଠାନ ଭାବେ ଭୂମିକା ଗ୍ରହଣ କରିବ। ସେ ଆହୁରି ମଧ୍ୟ କହିଛନ୍ତି, ଏଠାରୁ ତାଲିମ ନେବା ପରେ ବିଶ୍ୱ ବଜାରରେ ସ୍ୱୀକୃତି ଲାଭ କରିଥିବା ପ୍ରମାଣପତ୍ର ପ୍ରଦାନ କରାଯିବ। ଏହା ପ୍ରଶିକ୍ଷାର୍ଥୀଙ୍କୁ ବିଶ୍ୱବ୍ୟାପୀ ନିଯୁକ୍ତି ପାଇବାରେ ସହାୟକ ହେବ। ଏହି ଅବସରରେ ପ୍ରିନ୍ସିପାଲ ସଙ୍ଗରନ ଗୋପାଲ, ଇଞ୍ଜିନିୟରିଂ ବିଭାଗର ନିର୍ଦ୍ଦେଶକ ଚିୟକ ଏଙ୍ଗ ଚୁନ୍, ଏକାଡେମୀ ନିର୍ଦ୍ଦେଶକ ସୁପିହା ନାଗମଲ, ନିର୍ଦ୍ଦେଶକ କେରୱିନ୍ ହିଙ୍ଗ ଏବଂ ଜିଏମ୍ ସଞ୍ଜୟ ପାଢ଼ୀ ଉପସ୍ଥିତ ଥିଲେ।

# ଆଜି ସରିବ ଆବେଦନ

## ଯୁକ୍ତ୩ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା

ଭୁବନେଶ୍ୱର, ୧୮।୧୦(ବ୍ୟୁରୋ)

ରାଜ୍ୟର ସମସ୍ତ ଡିଗ୍ରୀ କଲେଜରେ ଯୁକ୍ତ୩ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ଆବେଦନ ପ୍ରକ୍ରିୟା ବୁଧବାର ଶେଷ ହେବ। ବୁଧବାର ରାତି ୧୧ଟା ୪୫ ମିନିଟ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଆବେଦନ କରିପାରିବେ। ୨୭ ତାରିଖ ଅପରାହ୍ନ ୨ଟାରେ ପ୍ରଥମ ମେଧା ତାଲିକା ପ୍ରକାଶ ପାଇବ। ୨୮, ୨୯ ଏବଂ ୩୧ ତାରିଖ ଅପରାହ୍ନ ୫ଟା ଭିତରେ ମନୋନୀତ ଛାତ୍ରୀଛାତ୍ର ନାମ ଲେଖାଇବେ। ନଭେମ୍ବର ୭ତାରିଖ ଅପରାହ୍ନ ୨ଟାରେ ଦ୍ୱିତୀୟ ମେଧା ତାଲିକା ପ୍ରକାଶ ପାଇବ। ୯ରୁ ୧୧ତାରିଖ ଅପରାହ୍ନ ୫ଟା ଭିତରେ ଏହି ମନୋନୀତ ଛାତ୍ରୀଛାତ୍ର ନାମ ଲେଖାଇବେ। ସୂଚନାନୁସାରେ, ରାଜ୍ୟରେ ୧,୦୨୩ ଡିଗ୍ରୀ କଲେଜରେ ମୋଟ ୨,୫୨,୯୯୭ ସିଟ୍ ରହିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୧,୬୦,୨୭୭ ଜଣ ନାମ ଲେଖାଇ ସାରିଛନ୍ତି। ଏବେ ୯୨,୭୨୦ ସିଟ୍ ବଳକା ପଡ଼ିଛି। ଏଥିମଧ୍ୟରେ କଳାରେ ୪୦,୮୮୫, ଫିଜିକାଲ ସାଇନ୍ସରେ ୨୧,୩୫୦, ବାୟୋଲୋଜିକାଲ ସାଇନ୍ସରେ ୧୧,୧୬୮, ବାଣିଜ୍ୟରେ ୧୩,୮୬୨, ସେଲ୍‌ଫ ଫାଇନାନ୍ସିଂରେ ୭୨୧ ଏବଂ ସଂସ୍କୃତରେ ୪,୭୩୪ ସିଟ୍ ଖାଲିପଡ଼ିଛି। ଏହିସବୁ ବଳକା ସିଟ୍‌ରେ ନାମଲେଖା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ପ୍ରକ୍ରିୟା ଚାଲିଛି।

# ବ୍ୟକ୍ତିଗତ ପ୍ରାପ୍ୟ ପାଇଁ ଆବେଦନ କରିବେ କର୍ମଚାରୀ

**ଓଟିଏମ୍ ପୁନରୁଦ୍ଧାର ମାମଲା**
- ସ୍ଥାୟୀଜମା ରହିଲା ସରକାରଙ୍କ ପ୍ରଦତ୍ତ ୧୧୫ କୋଟି
- ନଭେମ୍ବର ୧୫ରେ ପରବର୍ତ୍ତୀ ଶୁଣାଣି

କଟକ ଅଫିସ,୧୮।୧୦

ଓଡ଼ିଶା ଟେକ୍ସଟାଇଲ ମିଲ୍ (ଓଟିଏମ୍) ପୁନରୁଦ୍ଧାର ମାମଲାର ଶୁଣାଣି ମଙ୍ଗଳବାର ହାଇକୋର୍ଟରେ ହୋଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟ ସରକାର ଜମା କରିଥିବା ୧୧୫ କୋଟି ଟଙ୍କା ଫିକ୍ସଡ୍ ଡିପୋଜିଟ୍ (ସ୍ଥାୟୀଜମା) ଆକାରରେ ବ୍ୟାଙ୍କରେ ରଖାଯାଇଥିବା ଅଫିସିଆଲ ଲିକ୍ୟୁଡେଟର ଅଦାଲତଙ୍କୁ ଅବଗତ କରାଇଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଏହି ଅର୍ଥ ଓଟିଏମ୍‌ର ଅଂଶୀଦାର ଏବଂ ପୂର୍ବତନ କର୍ମଚାରୀଙ୍କୁ ପ୍ରଦାନ କରାଯିବ। ଏହି ପ୍ରାପ୍ୟ ପାଇବା ପାଇଁ ବ୍ୟକ୍ତିଗତ ଆବେଦନ ଫର୍ମ ଜରିଆରେ ଅଫିସିଆଲ ଲିକ୍ୟୁଡେଟରଙ୍କ ନିକଟରେ ସେମାନେ ଆବେଦନ ଦାଖଲ କରିବେ। ବିଚାରପତି ଅରିନ୍ଦମ୍ ସିହ୍ନା ମାମଲାର ଶୁଣାଣି କରି ଏହି ନିର୍ଦ୍ଦେଶ ଦେବା ସହ ପରବର୍ତ୍ତୀ ଶୁଣାଣି ନଭେମ୍ବର ୧୫କୁ ଧାର୍ଯ୍ୟ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନ୍‌ଜୀବୀ ତ୍ରିଲୋଚନ ବାରିକ ମାମଲା ପରିଚାଳନା କରୁଛନ୍ତି।

ପ୍ରକାଶ ଯେ, ଓଟିଏମ୍‌ଠାରୁ କେତେ ଜଣ କର୍ମଚାରୀ ଓ କେଉଁ ସଂସ୍ଥାଗୁଡ଼ିକ ବକେୟା ପାଇବାକୁ ରହିଛି, ସରକାର କେତେ ଅର୍ଥ ପାଇବେ, ସେ ସବୁର ହିସାବ କରି ଏକ ତାଲିକା ପ୍ରସ୍ତୁତ କରିବାକୁ ହାଇକୋର୍ଟ ଅଫିସିଆଲ ଲିକ୍ୱିଡେଟରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ଜଣେ ଚାଟାର୍ଡ ଆକାଉଣ୍ଟାଣ୍ଟଙ୍କୁ ନିଯୁକ୍ତି ଲାଗି ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା। ଉକ୍ତ ଚାଟାର୍ଡ ଆକାଉଣ୍ଟାଣ୍ଟଙ୍କ ପକ୍ଷରୁ ହିସାବ କରାଯାଇ କେଉଁମାନେ କେତେ ଅର୍ଥ ପାଇବେ ତାହାର ଏକ ତାଲିକା ପ୍ରସ୍ତୁତ ହୋଇଥିଲା। ଉକ୍ତ ହିସାବ ଅନୁଯାୟୀ ଓଟିଏମ୍‌କୁ ୧୪୭ କୋଟି ୬୭ ଲକ୍ଷ ୬୩ ହଜାର ୯୭ ଟଙ୍କା ଶୁଝିବାକୁ ପଡ଼ିବ। ଏଥିରେ ଯେଉଁ କର୍ମଚାରୀମାନଙ୍କ ବକେୟା ରହିଯାଇଛି ସେ ବାବଦରେ ୯୭ କୋଟି ଟଙ୍କା, ପ୍ରୋଭିଡେଣ୍ଟ ଫଣ୍ଡକୁ ୨୦ କୋଟି ୩୦ ଲକ୍ଷ ଟଙ୍କା, ଅନ୍ୟାନ୍ୟ ଷ୍ଟେକ୍ ହୋଲଡରଙ୍କୁ ୨୯ କୋଟି ୮୩ ଲକ୍ଷ ୮୬ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ଆକଳନ କରାଯାଇଥିଲା। ଅଫିସିଆଲ ଲିକ୍ୱିଡେଟରଙ୍କ ନିକଟରେ ପୂର୍ବରୁ ୩୫ କୋଟି ଟଙ୍କା ରହିଛି। ତେଣୁ ଆଉ ୧୧୫ କୋଟି ଟଙ୍କାର ଆବଶ୍ୟକତା ଥିଲା। ଏହି ୧୧୫ କୋଟି ଟଙ୍କା ରାଜ୍ୟ ସରକାର ଦେବା ଲାଗି ଅଫିସିଆଲ ଲିକ୍ୱିଡେଟରଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା। ସେହି ଆଧାରରେ ରାଜ୍ୟ ସରକାର ୧୧୫ କୋଟି ଟଙ୍କା ଅଫିସିଆଲ ଲିକ୍ୟୁଡେଟରଙ୍କ ନିକଟରେ ଜମା କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଶୁଚିସ୍ମିତା



@ ଜିତୁ



@ ଅତୁଲ



@ ମାଣିକ୍ୟ



@ ସୁସ୍ମିତା

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।




ଏକକ ବ୍ୟବହାର ପ୍ଲାଷ୍ଟିକ୍‌କୁ ବର୍ଜନ କରିବା ପାଇଁ ପୁରୀ ଜିଲା ସ୍କୁଲର ଛାତ୍ରୀଛାତ୍ରମାନେ ମଙ୍ଗଳବାର ସଚେତନତା ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି।



ଲୋକସେବା ଭବନସ୍ଥିତ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ର ଏବଂ ଅନ୍ୟ ଅତିଥିମାନେ ଗଡ଼ଜାତ ଗାନ୍ଧୀ ଭାବେ ପରିଚିତ ସାରଙ୍ଗଧର ଦାସଙ୍କ ନାମରେ ନାମିତ ଡାକ ଲଫାପାକୁ ଉନ୍ମୋଚନ କରୁଛନ୍ତି।

# ସାରଙ୍ଗଧର ଦାସଙ୍କ ନାମରେ ଡାକ ଲଫାପା ଉନ୍ମୋଚିତ

ଭୁବନେଶ୍ୱର,୧୮।୧୦(ବ୍ୟୁରୋ)

କୃଷି ବୈଜ୍ଞାନିକ, ଗଡ଼ଜାତ ପ୍ରଜାମଣ୍ଡଳ ଆନ୍ଦୋଳନର ଅଗ୍ରଣୀ ସାରଥୀ, ପୂର୍ବତନ ସାଂସଦ ଓ ବିଧାୟକ ତଥା ଗଡ଼ଜାତ ଗାନ୍ଧୀ ଭାବେ ପରିଚିତ ସାରଙ୍ଗଧର ଦାସଙ୍କ ତ୍ୟାଗ, ସଂଘର୍ଷ ଓ ସମର୍ପଣ ଭାବ ଅବିସ୍ମରଣୀୟ ବୋଲି ରାଜ୍ୟ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ର କହିଛନ୍ତି। ମଙ୍ଗଳବାର ସାରଙ୍ଗଧର ଦାସଙ୍କ ୧୩୬ତମ ଜନ୍ମଦିନ ଉପଲକ୍ଷେ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ଆନୁକୂଲ୍ୟରେ ଡାକ ବିଭାଗ ଦ୍ୱାରା ସ୍ୱତନ୍ତ୍ର ଡାକ ଲଫାପା ଉନ୍ମୋଚିତ ହୋଇଥିଲା। ଲୋକସେବା ଭବନସ୍ଥିତ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। କାର୍ଯ୍ୟକ୍ରମରେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ ଏବଂ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଯୋଗ ଦେଇ ସାରଙ୍ଗଧରଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ଡାକ ଲଫାପା ଉନ୍ମୋଚନ ଯୋଗୁ ଏହି ମହାନ ସଂଗ୍ରାମୀଙ୍କ ଜୀବନ ଦର୍ଶନର ପ୍ରଚାର ପ୍ରସାରରେ ସହାୟକ ହୋଇଛି ବୋଲି କହିଥିଲେ। ଡାକସେବା ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ବାରିକ ଯୋଗଦେଇ ଓଡ଼ିଶାର କଳା ସଂସ୍କୃତି ଓ ବରପୁତ୍ରମଙ୍କ ଉପରେ ଏହିଭଳି ସ୍ୱତନ୍ତ୍ର ଡାକ ଲଫାପା ପ୍ରକାଶନ ଜାରି ରହିଥିବା କହିଥିଲେ। ଗ୍ରନ୍ଥାଗାର ଭାରପ୍ରାପ୍ତ ଅଧିକାରୀ ଲକ୍ଷ୍ମୀଧର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ବିଭାଗର ଅତିରିକ୍ତ ଶାସନ ସଚିବ ମନସ୍ୱିନୀ ସାହୁ, ଅର୍ଥ ପରାମର୍ଶଦାତା ଡ. ପଦ୍ମଜ୍ୟୋତି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## କର୍ମଚାରୀଙ୍କୁ ଛଟେଇକଲା ମାଇକ୍ରୋସଫ୍ଟ

ନୂଆଦିଲ୍ଲୀ: ବହୁରାଷ୍ଟ୍ରୀୟ ଆଇଟି କମ୍ପାନୀ ମାଇକ୍ରୋସଫ୍ଟ ପକ୍ଷରୁ ଏକ ବଡ଼ ଧରଣର କର୍ମଚାରୀ ଛଟେଇ କରାଯାଇଛି। ଏପରିକି ଆର୍ଥିକ ମାନ୍ଦାବସ୍ଥା କାରଣରୁ କମ୍ପାନୀ ଏଭଳି ନିଷ୍ପତ୍ତି ନେଇଥିବା କୁହାଯାଇଛି। ଏହି ଛଟେଇ ଗ୍ରୁପ୍‌ର ଏକ୍ସବକ୍ସ ଏବଂ ଏଜ୍ ଟିମ୍‌ରୁ କରାଯାଇଛି। ଏ ସମ୍ପର୍କରେ ମାଇକ୍ରୋସଫ୍ଟର ଜଣେ ଅଧିକାରୀ କହିଛନ୍ତି, ଉଭୟ ସଂସ୍ଥାର ଲାଭ କମ୍ ହେବା ଏବଂ ରାଜସ୍ୱ ହ୍ରାସ କାରଣରୁ ଏଭଳି ପଦକ୍ଷେପ ନିଆଯାଇଛି। ଏପରିକି ଉଭୟ କମ୍ପାନୀର ୧୦୦୦ରୁ ଅଧିକ କର୍ମଚାରୀଙ୍କୁ ଛଟେଇ କରାଯାଇଛି। ଉଲ୍ଲେଖଯୋଗ୍ୟ, ମାଇକ୍ରୋସଫ୍ଟ ଗତ ତ୍ରୈମାସ (ଜୁଲାଇରୁ ସେପ୍ଟେମ୍ବର) ରେ ବିଗତ ୫ବର୍ଷ ମଧ୍ୟରେ ସବୁଠାରୁ କମ୍ ରାଜସ୍ୱ ଆୟ କରିଛି।

# ୧୫୦ କୋଟି ଟଙ୍କା ନିବେଶ କରିବ ଭି-ମାର୍ଟ

ନୂଆଦିଲ୍ଲୀ,୧୮।୧୦

ଦେଶର ପ୍ରମୁଖ ବାଣିଜ୍ୟିକ ସଂସ୍ଥା ଭି-ମାର୍ଟ ରିଟେଲ ଲିମିଟେଡ୍ (ଭି-ମାର୍ଟ) ପକ୍ଷରୁ ଲାଇମ୍‌ରୋଡ୍‌କୁ ଅଧିଗ୍ରହଣ କରିବା ଲାଗି ବୁଝାମଣା ପତ୍ର ସ୍ୱାକ୍ଷର କରାଯାଇଛି। ଏହା ଜରିଆରେ କମ୍ପାନୀ ଭାରତରେ ଡିଜିଟାଲ ଶପିଙ୍ଗ୍ କରୁଥିବା ୫ କୋଟିରୁ ଅଧିକ ଗ୍ରାହକଙ୍କ ନିକଟରେ ନୂଆ ଫ୍ୟାଶନ ଧାରାକୁ ପହଞ୍ଚାଇପାରିବ। ସେହିଭଳି ଲାଇମ୍‌ରୋଡ୍ ପକ୍ଷରୁ ୧.୭କୋଟି ଭାଲ୍ୟୁ ଶପିଙ୍ଗ୍ କରୁଥିବା ଗ୍ରାହକଙ୍କୁ ଷ୍ଟାଇଲ୍ ଓ ସ୍ୱତନ୍ତ୍ର ଅଣ ବ୍ରାଣ୍ଡେଡ୍ ଉତ୍ପାଦ ପ୍ରଦାନ କରାଯାଉଛି। ଏହା ସବୁଠୁ ହାଲୁକା ଆପ୍ ଓ ଦ୍ରୁତ ୱେବ୍ ସ୍ପିଡ୍ ପ୍ରଦାନ କରୁଥିବା ବେଳେ ସହଜ ଅନ୍‌ଲାଇନ ସେବା ମଧ୍ୟ ପ୍ରଦାନ କରୁଛି। ଲାଇମ୍‌ରୋଡ୍ ଦୈନିକ ୨,୫୦,୦୦୦ ଆପ୍ ଡାଉନ୍‌ଲୋଡ୍ ପ୍ରଦାନ କରୁଥିବା ବେଳେ




ସର୍ବଭାରତୀୟ ଶପିଙ୍ଗ୍ ପ୍ଲେ ଷ୍ଟୋରରେ ୩ ନମ୍ବର ର୍ୟାଙ୍କ୍‌ରେ ରହିଛି। ଏକ ଦୃଢ଼ ମାର୍ଜିନ ସହ ୭୦୦ କୋଟି ଟଙ୍କାରୁ ଅଧିକ ଜିଏମ୍‌ଭି ମଧ୍ୟ ପ୍ରଦାନ କରୁଛି। ଫଳରେ ଅନ୍‌ଲାଇନ ବ୍ୟବସାୟରେ ମହିଳାଙ୍କ ଭାଗ ୬୫% ରହିଥିବା ବେଳେ ଏହାର ୫୦୦-୧୦୦୦ ଟଙ୍କା ବର୍ଗରେ ଦୃଢ଼ ଉପସ୍ଥିତି ରହିଛି। ଲାଇମ୍‌ରୋଡ୍‌କୁ ବ୍ୟାପକ କରିବା ଏବଂ ନିରନ୍ତର ଲାଭ ପଥରେ ସ୍ଥାପିତ କରିବା ଲାଗି ସେଥିରେ ମୋଟ ୧୫୦କୋଟି ଟଙ୍କା ନିବେଶ କରିବାକୁ ଭି-ମାର୍ଟ ଯୋଜନା କରୁଛି।

ଏ ସମ୍ପର୍କରେ ଭି-ମାର୍ଟ ରିଟେଲ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ

### ଲାଇମ୍‌ରୋଡ୍ ଡଟ୍ କମ୍‌କୁ ଅଧିଗ୍ରହଣ କରିବ କମ୍ପାନୀ

ଲଳିତ ଅଗ୍ରୱାଲ କହିଛନ୍ତି, ଏହି ଅଧିଗ୍ରହଣ ଜରିଆରେ ଆମେ କେବଳ ଡିଜିଟାଲ ପ୍ରଥମ ନୂଆ ପିଢ଼ିର ଗ୍ରାହକଙ୍କ ନିକଟରେ ପହଞ୍ଚିବୁ ନାହିଁ ବରଂ ଏକ ଓମ୍‌ନି ଚ୍ୟାନେଲ ବିଶେଷତା ମଧ୍ୟ ଗଠନ କରିପାରିବୁ। ସେହିପରି ଭି-ମାର୍ଟ ପରିବାରରେ ଲାଇମ୍‌ରୋଡ୍‌କୁ ସାମିଲକରି ଆମେ ଗର୍ବିତ ମନେକରୁଛୁ। ସେହିଭଳି ଲାଇମ୍‌ରୋଡ୍‌ର ପ୍ରତିଷ୍ଠାତା ଓ ସିଇଓ ସୁଚି ମୁଖାର୍ଜୀ କହିଛନ୍ତି, ଷ୍ଟାଇଲ ସହ ମୂଲ୍ୟ ଏବଂ ମାନ ସହ ଅଭିଳାଷ ଖାପଖାଇବା ଲାଗି ଭାଲ୍ୟୁ ଗ୍ରାହକମାନେ ବଡ଼ ମାନଦଣ୍ଡ ଧାର୍ଯ୍ୟ କରିଛନ୍ତି। ମାନକୁ ମୂଲ୍ୟ ପୂରଣ କରୁଥିବା ବର୍ଗରେ ଭି-ମାର୍ଟ ହେଉଛି ଅଗ୍ରଣୀ।

# ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ,୧୮।୧୦

ଅନ୍ତର୍ଜାତୀୟ ସମସ୍ୟା ସାଙ୍ଗକୁ ଭାରତୀୟ ମୁଦ୍ରାର ଅବମୂଲ୍ୟାୟନ ଜାରିସତ୍ତ୍ୱେ ଶେୟାର ବଜାର କାରବାର କ୍ରମାଗତ ୨ୟ ଦିନ ଲାଗି ଭଲ ରହିଛି। ଫଳରେ ଶେୟାର ବଜାରର ନିବେଶକଙ୍କ ମଧ୍ୟରେ ଏକ ପ୍ରକାର ଉତ୍ସାହ ଦେଖାଯାଇଛି। କାରଣ ଗତ ସପ୍ତାହର କାରବାର ନିବେଶକଙ୍କୁ ଏକ ପ୍ରକାର ଆଶା ଓ ଆଶଙ୍କା ସହ ଅସ୍ଥିରତା ମଧ୍ୟରେ ଶେଷ ହୋଇଥିଲା। ଏପରିକି ଚଳିତ ସପ୍ତାହର ୨ୟ ଦିନର କାରବାର ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୫୦ (୫୪୯.୬୨) ପଏଣ୍ଟ ବୃଦ୍ଧିପାଇ ୫୮,୯୬୧ (୫୮,୯୬୦.୬୦) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୭୫ (୧୭୫.୧୫) ପଏଣ୍ଟ ବଢ଼ି ୧୭,୪୮୭ (୧୭,୪୮୬.୯୫) ଅଙ୍କରେ ବନ୍ଦ ହୋଇଥିବା ଜଣାପଡ଼ିଛି। ମଙ୍ଗଳବାର ବ୍ୟାଙ୍କ, ଅଟୋ ଶିଳ୍ପ, ଆଇଟି ଏବଂ ଏଫ୍‌ଏମ୍‌ସିଜି ଭଳି କ୍ଷେତ୍ରର ନିବେଶକଙ୍କ ପାଇଁ ବଜାର ଫଳାଫଳ ଭଲ ରହିଥିଲା।

# ପାନାସୋନିକ୍‌ର 'ଫେଷ୍ଟିଭାଲ ଅଫ୍ ଲାଇଫ୍'




ଭୁବନେଶ୍ୱର,୧୮।୧୦

ଦେଶର ପ୍ରମୁଖ ହୋମ୍ ଆପ୍ଲାଏନ୍ସ ସାମଗ୍ରୀ ବିକ୍ରେତା କମ୍ପାନୀ 'ପାନାସୋନିକ୍' ପକ୍ଷରୁ ଚଳିତ ବର୍ଷର ପାର୍ବଣ ଉପଲକ୍ଷେ 'ଫେଷ୍ଟିଭାଲ ଅଫ୍ ଲାଇଫ୍' ସମ୍ପର୍କରେ ଘୋଷଣା କରାଯାଇଥିଲା। ଓଡ଼ିଶାର ଗ୍ରାହକ ସୁଜାତା ମହାପାତ୍ର କମ୍ପାନୀର ଉକ୍ତ ଅଫର ଜରିଆରେ ୨.୫ ଲକ୍ଷ ଟଙ୍କା ମୂଲ୍ୟର ପାନାସୋନିକ୍ ୧୫ ହୋମ୍‌ମେକର ପ୍ୟାକେଜ ଜିତିଛନ୍ତି। ଏ ସମ୍ପର୍କରେ କମ୍ପାନୀର ଭୁବନେଶ୍ୱର ଶାଖା ମାର୍କେଟିଂ ମ୍ୟାନେଜର ଶୋଭିତ ରାୟଜାଦା କହିଛନ୍ତି, କମ୍ପାନୀର ଉକ୍ତ ଅଫର ଜରିଆରେ ୧୫ ଜଣ ଗ୍ରାହକଙ୍କୁ ୨ଲକ୍ଷ ୫୦ହଜାର ଟଙ୍କାର ପାନାସୋନିକ୍ ୧୫ଟି ହୋମ୍‌ମେକର ପ୍ୟାକେଜ ପ୍ରଦାନ କରାଯିବ। ବିଶେଷକରି ନୟାଗଡ଼ର ପାନାସୋନିକ୍ ଷ୍ଟୋର 'ଲକ୍ଷ୍ମୀ ବାସନ ଭଣ୍ଡାର'ର ସ୍ୱତ୍ୱାଧିକାରୀ ପ୍ରମୋଦ କୁମାର ସାହୁ କହିଛନ୍ତି, ଉକ୍ତ ସ୍କିମ୍ କେବଳ ତାଙ୍କ ଶୋ'ରୁମ୍‌ରେ ଉପଲବ୍ଧ। ଏହି ୨.୫ ଲକ୍ଷର ଉପହାର ଆହୁରି ୧୪ ଜଣଙ୍କ ପାଇଁ ବାକି ରହିଛି।

# ଜିଓ ଫାଇବରର 'ଡବଲ ଫେଷ୍ଟିଭାଲ ବୋନାଞ୍ଜା'

ନୂଆଦିଲ୍ଲୀ,୧୮।୧୦

ରିଲାଏନ୍ସ ଜିଓ ପକ୍ଷରୁ 'ଜିଓ ଫାଇବର ଡବଲ ଫେଷ୍ଟିଭାଲ ବୋନାଞ୍ଜା' ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଚଳିତ ବର୍ଷ ଅକ୍ଟୋବର ୧୮ ରୁ ୨୮ ମଧ୍ୟରେ ନୂଆ ଜିଓ ଫାଇବର ପ୍ଲାନ୍ ଏବଂ ନୂଆ ସଂଯୋଗ ବୁକିଂ କରୁଥିବା ଗ୍ରାହକମାନଙ୍କୁ ଏଥିରେ ୬୫୦୦ ଟଙ୍କା ମୂଲ୍ୟର ଲାଭ ମିଳିବ। ଡବଲ ଫେଷ୍ଟିଭାଲ ବୋନାଞ୍ଜା ଅଫର ୨ଟି ପ୍ଲାନ୍‌ରେ ଉପଲବ୍ଧ, ଯାହା ହେଉଛି ମାସିକ ୫୯୯ ଟଙ୍କିଆ ପ୍ଲାନ୍‌ର ୬ ମାସିଆ ରିଚାର୍ଜ ଏବଂ ମାସିକ ୮୯୯ ଟଙ୍କିଆ ପ୍ଲାନ୍‌ର ୬ ମାସିଆ ରିଚାର୍ଜ ସୁବିଧା ରହିଛି। ଏହି ଅଫରର ଲାଭ ପାଇବାକୁ ହେଲେ ଗ୍ରାହକମାନଙ୍କୁ ଏକ ନୂଆ ସଂଯୋଗ ନେବା ସହ ଉପରୋକ୍ତ ୨ ପ୍ଲାନ୍ ମଧ୍ୟରୁ ଯେକୌଣସି ଗୋଟିଏ ସବ୍‌ସ୍କ୍ରାଇବ୍ କରିବାକୁ ହେବ। ଏହି ଦୁଇ ପ୍ଲାନ୍ ବ୍ୟତୀତ ୮୯୯ ଟଙ୍କିଆ ପ୍ଲାନ୍‌ର ୩ ମାସିଆ ରିଚାର୍ଜ ମଧ୍ୟ ୧୦୦% ଭାଲ୍ୟୁ ବ୍ୟାକ୍ ଅଫର ପାଇଁ ଯୋଗ୍ୟ ବିବେଚିତ ହେବ। ତେବେ ଏଥିସହିତ ୧୫ ଦିନର




ଅତିରିକ୍ତ ବୈଧତା ମିଳିବ ନାହିଁ। ଜିଓ ଫାଇବର ଡବଲ ଫେଷ୍ଟିଭାଲ ବୋନାଞ୍ଜା ଅଫର ୨୦୨୨ ରେ ଯେଉଁ ଗ୍ରାହକମାନେ ଏକ ନୂଆ ଜିଓ ଫାଇବର ସଂଯୋଗ ଏବଂ ୫୯୯ ଟଙ୍କିଆ କିମ୍ବା ୮୯୯ ଟଙ୍କିଆ ପ୍ଲାନ୍‌ର ୬ ମାସିଆ ରିଚାର୍ଜ ବୁକିଂ କରିବେ ସେମାନଙ୍କୁ ୨ ଅତିରିକ୍ତ ଲାଭ ମିଳିବ। ତାହା ହେଉଛି ୧୦୦% ଭାଲ୍ୟୁ ବ୍ୟାକ୍ ଓ ୧୫ ଦିନର ଅତିରିକ୍ତ ବୈଧତା। ଯେଉଁ ଗ୍ରାହକମାନେ ଏହି ପ୍ଲାନ୍‌ଗୁଡ଼ିକ ମଧ୍ୟରୁ ଯେକୌଣସି ପ୍ଲାନ୍‌କୁ କିଣିବେ ତାଙ୍କୁ ବିନା କୌଣସି ଅତିରିକ୍ତ ଚାର୍ଜରେ ୬୦୦୦ ଟଙ୍କା ମୂଲ୍ୟର ୪-କେ ଜିଓ ଫାଇବର ସେଟ୍ ଟପ୍ ବକ୍ସ ମିଳିବ।

# ବିଓଏମ୍‌ର ସୁଧ ହାର ହ୍ରାସ

ନୂଆଦିଲ୍ଲୀ,୧୮।୧୦

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର(ବିଓଏମ୍) ଗୃହଋଣ ସୁଧ ହାରରେ ୩୦ରୁ ୭୦ ବିପିଏସ୍ ହ୍ରାସ କରିଛି। ସେହିପରି ବ୍ୟାଙ୍କର ବ୍ୟକ୍ତିଗତ ଋଣ ହାରରେ ମଧ୍ୟ ୨୪୫ ବିପିଏସ୍ ହ୍ରାସ ହୋଇଥିବା ଜଣାପଡ଼ିଛି। ଏହି ପାର୍ବଣରେ ଖୁଚୁରା ଋଣର ସୁଧ ହାରକୁ ହ୍ରାସ କରି ଗ୍ରାହକମାନଙ୍କୁ ଖୁସି ଦେବା ପାଇଁ ସୁଧ ହାର ହ୍ରାସ କରିଥିବା କଥା ବ୍ୟାଙ୍କ ପକ୍ଷରୁ ଦର୍ଶାଯାଇଛି। ବିଶେଷକରି ବର୍ତ୍ତମାନ ଗୃହଋଣ ସର୍ବନିମ୍ନ ଶତକଡ଼ା ୮ % ସୁଧହାର ଥିବା ବେଳେ ବ୍ୟକ୍ତିଗତ ଋଣ ୮.୯% ସୁଧ ହାରରେ ଉପଲବ୍ଧ। ପୂର୍ବରୁ ଗୃହଋଣ ପାଇଁ ୮୦୦ରୁ ଅଧିକ କ୍ରେଡିଟ୍ ସ୍କୋର୍ ଥିବା ଋଣଗ୍ରହୀତାମାନଙ୍କୁ ସର୍ବନିମ୍ନ ୮.୩୦ % ହାରରେ ଏବଂ ୭୦୦ରୁ ତଦୂର୍ଦ୍ଧ୍ୱ କ୍ରେଡିଟ୍ ସ୍କୋର୍ ଥିବା ଋଣଗ୍ରହୀତାମାନଙ୍କୁ ୮.୭% ହାରରେ ସୁଧ ଦେବାକୁ ପଡୁଥିଲା। କିନ୍ତୁ ବର୍ତ୍ତମାନ ସର୍ବନିମ୍ନ ୭୦୦ କ୍ରେଡିଟ୍ ସ୍କୋର ଥିବା ଋଣଗ୍ରହୀତାମାନଙ୍କୁ ୮% ସୁଧ ହାରରେ ଗୃହଋଣ ଉପଲବ୍ଧ ହେବା କଥା ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ବ୍ୟାଙ୍କ ମଧ୍ୟ 'ଦିୱାଲି ଧମାକା' ଅଫର ଅନ୍ତର୍ଗତ ସୁନା, ଗୃହ ଏବଂ କାର୍ ଋଣର ପ୍ରୋସେସିଂ ଫି କୁ ଛାଡ଼ କରିଛି। ବିଓଏମ୍‌ର ନେଟ୍ ଇଣ୍ଟରେଷ୍ଟ ମାର୍ଜିନ୍ (ଏନ୍‌ଆଇଏମ୍) ଚଳିତ ଆର୍ଥିକ ବର୍ଷ ଜୁନ୍ ତ୍ରୈମାସ ଶେଷ ସୁଦ୍ଧା ୩.୨୮% ସୁଧହାର ଥିଲା। ଏହା ବ୍ୟାଙ୍କିଙ୍ଗ୍ ଶିଳ୍ପରେ ଅନେକ ବ୍ୟାଙ୍କଠାରୁ ଆଗୁଆ ଥିଲା। ଫଳରେ ଋଣଦାତାଙ୍କୁ ଋଣ ଉପରେ ସୁଧ ହାରରେ କୋହଳ ପାଇଁ ଅନୁମତି ମିଳିଛି।

# ୟୁକୋ ବ୍ୟାଙ୍କର ୨ଡିବିୟୁ ଉଦ୍‌ଘାଟିତ




ଭୁବନେଶ୍ୱର,୧୮।୧୦

ୟୁକୋ ବ୍ୟାଙ୍କର ୨ଟି ଡିଜିଟାଲ ବ୍ୟାଙ୍କିଙ୍ଗ୍ ୟୁନିଟ୍ (ଡିବିୟୁ)ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ସମଗ୍ର ଦେଶରେ ୭୫ ଜିଲାରେ ୭୫ ଡିବିୟୁକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭର୍ଚୁଆଲ ମୋଡ୍‌ରେ ଉଦ୍‌ଘାଟନକରି ଦେଶବାସୀଙ୍କ ନିମନ୍ତେ ଲୋକାର୍ପଣ କରାଯାଇଛି। ସେଥିମଧ୍ୟରୁ ୟୁକୋ ବ୍ୟାଙ୍କର ୨ଟି ଡିବିୟୁ ସାମିଲ ରହିଛି। ବିଶେଷକରି କଟକ ଜିଲାର ସାଲେପୁର ଏବଂ ପୁରୀ ଜିଲାର ପୁରୀଠାରେ ବ୍ୟାଙ୍କର ଡିବିୟୁ ଶାଖାର ଲୋକାର୍ପଣ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସାଲେପୁର ୟୁନିଟ୍ ଲୋକାର୍ପଣ ଉତ୍ସବରେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, କେନ୍ଦ୍ରାପଡ଼ା ସାଂସଦ ଅନୁଭବ ମହାନ୍ତି, ୟୁକୋ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇସ୍ରାକ ଅଲ୍ଲି ଖାନ୍‌ଙ୍କ ସମେତ ବହୁ ଜଣାଶୁଣା ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ସେହିପରି ପୁରୀ ୟୁନିଟ୍ ଲୋକାର୍ପଣ ଉତ୍ସବରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପୁରୀ ସାଂସଦଙ୍କ ପ୍ରତିନିଧି ଭକ୍ତଚରଣ ଦାସ, ୟୁକୋ ବ୍ୟାଙ୍କ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ମହାପ୍ରବନ୍ଧକ ଏବଂ ଆଞ୍ଚଳିକ ମୁଖ୍ୟ ଗୌତମ ପାତ୍ରଙ୍କ ସମେତ ବହୁ ବରିଷ୍ଠ କର୍ମଚାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିଭଳି ଏହାଦ୍ୱାରା ସାଧାରଣ ବ୍ୟକ୍ତି ଏବଂ ବ୍ୟାଙ୍କିଙ୍ଗ୍ ସେବା ମଧ୍ୟରେ ଥିବା ଦୂରତ୍ୱ ହ୍ରାସ ହେବା ସହ ବର୍ଷ ସାରା ୨୪ଘଣ୍ଟିଆ ବ୍ୟାଙ୍କିଙ୍ଗ୍ ସେବା ମିଳିପାରିବ। ଏହି ସମସ୍ତ ବ୍ୟାଙ୍କିଙ୍ଗ୍ କାରବାର ବିନା କାଗଜ ଏବଂ ଗ୍ରାହକମାନଙ୍କୁ ତତ୍‌କ୍ଷଣାତ ସେବା ଯୋଗାଇଦେବା ନିମନ୍ତେ ପ୍ରଯୁଜ୍ୟ ହେବ।

# 'ଗ୍ରାହକଙ୍କ ମଧ୍ୟରେ ବଢୁଛି ଜାୱା-ୟେଜଦିର ଚାହିଦା'

### କ୍ଲାସିକ୍ ଲିଜେଣ୍ଡସ୍‌ର ଡିଲରଶିପ୍ ନେଟ୍‌ୱାର୍କ ବିସ୍ତାର

ଭୁବନେଶ୍ୱର,୧୮।୧୦

କ୍ଲାସିକ୍ ଲିଜେଣ୍ଡସ୍ ପ୍ରା. ଲିମିଟେଡ୍‌ର ପ୍ରମୁଖ ବ୍ରାଣ୍ଡ ଜାୱା-ୟେଜ୍‌ଦି ମୋଟର ସାଇକେଲର ନୂତନ ଶୋ'ରୁମ୍‌ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ଭୁବନେଶ୍ୱରର ପଳାଶୁଣୀସ୍ଥିତ ମୁରଲୀ ଆଣ୍ଡ ସନ୍ସ ଅଟୋମୋଟିଭ୍ସ ଆନୁକୂଲ୍ୟରେ ବ୍ରାଣ୍ଡର ଡିଲର ପଏଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୁରଲୀ ଆଣ୍ଡ ସନ୍ସର ମ୍ୟାନେଜିଂ ପାର୍ଟନର ସଞ୍ଜୀବ ଅଗ୍ରୱାଲ ଓ ରାକେଶ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। କ୍ଲାସିକ୍ ଲିଜେଣ୍ଡସ୍‌ର ଏଏସ୍‌ଏମ୍ ମନୋରଞ୍ଜନ ପଟ୍ଟନାୟକଙ୍କ ସମେତ ଶୋ'ରୁମ୍‌ର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବିଶେଷକରି ୨୦୧୮ ନଭେମ୍ବରରେ ଉକ୍ତ ବ୍ରାଣ୍ଡର ଶୁଭାରମ୍ଭ ପରଠାରୁ ଦେଶବ୍ୟାପୀ କ୍ଲାସିକ୍ ଲିଜେଣ୍ଡସ୍‌ର ଏକ ଶକ୍ତିଶାଳୀ ଡିଲର ନେଟ୍‌ୱାର୍କ ସହ ଦୃଢ଼



ଜାୱା-ୟେଜ୍‌ଦିର ନୂତନ ଶୋ'ରୁମ୍ ଉଦ୍‌ଘାଟନୀ ଅବସରରେ ନିମନ୍ତ୍ରିତ ଅତିଥି ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଉପସ୍ଥିତି ସାଙ୍ଗକୁ ଚାହିଦା ମଧ୍ୟ ବୃଦ୍ଧି ପାଉଛି। ଏପରିକି କମ୍ପାନୀ ପ୍ରଥମ ପର୍ଯ୍ୟାୟରେ ୧୦୦ ଦିନର ରେକର୍ଡ ସମୟ ମଧ୍ୟରେ ୧୦୦ଟି ଡିଲରଶିପ୍ ପ୍ରତିଷ୍ଠା କରିଥିଲା। ଯେକୌଣସି ଅଟୋମୋବାଇଲ୍ ଉତ୍ପାଦନକାରୀଙ୍କ ପାଇଁ ଏହା ଏକ ବଡ଼ ଉଲ୍ଲେଖନୀୟ ସଫଳତା ବୋଲି କୁହାଯାଇଛି। କମ୍ପାନୀର ଜାୱା ମୋଟରସାଇକେଲ ବର୍ତ୍ତମାନ ୩ଟି ମଡେଲ ଜାୱା, ଜାୱା ୪୨, କ୍ରୀଡ଼ା, ୪୨ ବବର୍ ଏବଂ ଜାୱା ପେରେକ୍ ଏବଂ ୟେଜ୍‌ଦି ମୋଟରସାଇକେଲ ମୁଖ୍ୟତଃ ଆଡଭେଞ୍ଚର, ରୋଡ୍‌ଷ୍ଟେର ଏବଂ ସ୍କ୍ରାମ୍ବଲ୍‌ର୍ ଉପଲବ୍ଧ ରହିଛି। ଉଲ୍ଲେଖଯୋଗ୍ୟ, ବ୍ରାଣ୍ଡର ଆଡଭେଞ୍ଚର ରେଞ୍ଜ୨,୧୫,୯୦୦ ଟଙ୍କା, ସ୍କ୍ରାମ୍ବଲ୍‌ର୍ ରେଞ୍ଜ୍ ୨,୧୦,୯୦୦ ଟଙ୍କା ଏବଂ ରୋଡ୍‌ଷ୍ଟେର୍ ରେଞ୍ଜ୍ ୨,୦୪,୧୪୨ ଟଙ୍କାରୁ ଆରମ୍ଭ ହେଉଛି। ଉପରୋକ୍ତ ସମସ୍ତ ମୂଲ୍ୟ ଏକ୍ସ-ଶୋ'ରୁମ୍ ଭୁବନେଶ୍ୱର ଓଡ଼ିଶା ବଜାରର ଗ୍ରାହକମାନଙ୍କ ପାଇଁ ଉପଲବ୍ଧ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# ଆଇଡିଏଫ୍‌ସିର ୨ ଡିବିୟୁ ଶୁଭାରମ୍ଭ

ନୂଆଦିଲ୍ଲୀ,୧୮।୧୦

ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କର ୨ଟି ଡିଜିଟାଲ ବ୍ୟାଙ୍କିଙ୍ଗ୍ ୟୁନିଟ୍ (ଡିବିୟୁ) ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏପରିକି ବ୍ୟାଙ୍କର ଓଡ଼ିଶା କ୍ଷେତ୍ରର କେନ୍ଦୁଝରେ ଏବଂ ନାଗାଲାଣ୍ଡ କ୍ଷେତ୍ରର ଦିମାପୁରର ଗୋଟିଏ ଲେଖାଏ ୟୁନିଟ୍ ସାମିଲ ରହିଛି। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଭିଡିଓ କନ୍‌ଫରେନ୍ସରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଏବଂ ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେହିଭଳି କେନ୍ଦୁଝର ଡିବିୟୁରେ ବିଧାୟକ ମୋହନ ମାଝି ଏବଂ ଦିମାପୁର ଡିବିୟୁରେ ମନ୍ତ୍ରୀ ଟେମଜେନ ଇମନା ଆଲଙ୍ଗ ଲଙ୍ଗକୁମାର ଅତିଥି ଭାବେ ଯୋଗଦେଇଥିଲେ। ଏ ସମ୍ପର୍କରେ ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କର ମୁଖ୍ୟ (ରିଟେଲ ଓ ଶାଖା ବ୍ୟାଙ୍କିଙ୍ଗ୍) ସୁମିତ ମଦନ କହିଛନ୍ତି, ବ୍ୟାଙ୍କର ଉଭୟ ଦିମାପୁର ଓ କେନ୍ଦୁଝରଠାରେ ଡିବିୟୁ ୟୁନିଟ୍ ଖୋଲିଥିବାରୁ ଆମେ ବେଶ୍ ଆନନ୍ଦିତ। ବିଶେଷକରି ଏହି ଡିବିୟୁଗୁଡ଼ିକ ବ୍ୟାପକ ଡିଜିଟାଲ ରେଞ୍ଜର ଉତ୍ପାଦ ଓ ସେବା ପ୍ରଦାନ କରିବ।

# ଭୁବନେଶ୍ୱରରେ ଜିଡିସି କରିବ ସିକ୍ୟୁରଆଇସ୍

ନୂଆଦିଲ୍ଲୀ,୧୮।୧୦

ଦେଶର ପ୍ରମୁଖ ସାଇବର ସୁରକ୍ଷା ସଂସ୍ଥା (ଏକବହୁରାଷ୍ଟ୍ରୀୟ କମ୍ପାନୀ) ସିକ୍ୟୁରଆଇସ୍ ଓଡ଼ିଶାର ଭୁବନେଶ୍ୱରଠାରେ ତା'ର ବିଶ୍ୱ ବିତରଣ କେନ୍ଦ୍ର (ଜିଡିସି) ଖୋଲିବାକୁ ଯୋଜନା କରିଛି। ସାଇବର ଅପରାଧ ଅଧିକ ବ୍ୟାପିବାରେ ଲାଗିଛି। ବିଶେଷକରି ଅଗ୍ରଣୀ ଶୀର୍ଷସ୍ତରୀୟ (ସି-ସୁଇଟ) ସଂସ୍ଥାଙ୍କ ପାଇଁ ଏକ ଦୃଢ଼ ସାଇବର ସୁରକ୍ଷା ରଣନୀତି ପ୍ରସ୍ତୁତ କରିବା ଅତ୍ୟନ୍ତ ଅପରିହାର୍ଯ୍ୟ ହୋଇପଡ଼ିଛି। ଏ ସମ୍ପର୍କରେ ସିକ୍ୟୁରଆଇସ୍‌ର ସିଇଓ ଏବଂ ସହ-ପ୍ରତିଷ୍ଠାତା ସୀମନ୍ତ ପଟ୍ଟନାୟକ କହିଛନ୍ତି, ଆମ ଲକ୍ଷ୍ୟ ହେଉଛି ସମଗ୍ର ବିଶ୍ୱରେ ସରକାରଙ୍କ ପାଇଁ ସାଇବର ସୁରକ୍ଷା କ୍ଷେତ୍ରରେ ସହଭାଗୀ ହେବା।

## ଫୁର୍‌ସତ୍

# ସେନାରେ ସାମିଲ ହେବେ ବ୍ୟାଣ୍ଡ୍ ସଦସ୍ୟ

ସେଉଲ୍

ବିଶ୍ୱର ଖ୍ୟାତନାମା ସାଉଥ୍ କୋରିଆ ମ୍ୟୁଜିକ୍ ବ୍ୟାଣ୍ଡ ବିଟିଏସ୍‌ର ସଦସ୍ୟ ସେନାରେ ଯୋଗେ ହେବେ। ସାଉଥ୍ କୋରିଆର ଲୋକପ୍ରିୟ ମ୍ୟୁଜିକ୍ କମ୍ପାନୀ ବିଗ୍ ହିଟ୍ ମ୍ୟୁଜିକ୍ ଏହାର ସୂଚନା ଦେଇଛି। ବିଗ୍ ହିଟ୍‌ର ସୂଚନାନୁସାରେ ବିଟିଏସ୍‌ର ଜିନ୍ ପ୍ରଥମେ ସାଉଥ୍ କୋରିଆ ମିଲିଟାରିରେ ଯୋଗ ଦେବେ। ଏହା ଦ୍ୱାରା ବିଟିଏସ୍ ଗ୍ରୁପ୍‌ର ମେମ୍ବରମାନେ ଏକାଠି ଆଉ କାମ କରିପାରିବେ ନାହିଁ। ସେନାରେ ଯୋଗ ଦେବା ନେଇ ସେମାନଙ୍କୁ ଏକ ଚୁକ୍ତି ସ୍ୱାକ୍ଷର କରିବାକୁ ପଡ଼ିବ। ଏହି ରାଜିନାମା ଅନୁସାରେ ୨୦୨୫ ବେଳକୁ ବିଟିଏସ୍‌ର ସମସ୍ତ ସଦସ୍ୟ ଏକାଠି ମ୍ୟୁଜିକ୍ ବ୍ୟାଣ୍ଡରେ କାମ କରିପାରିବେ। ବିଟିଏସ୍‌ର ଜିନ୍ ପ୍ରଥମ କରି ମିଲିଟାରିରେ ସାମିଲ୍ ହେବାକୁ ଯାଉଥିବାରୁ ମ୍ୟୁଜିକ୍





ବିଟିଏସ୍ ସଦସ୍ୟ ଜିନ୍

ବ୍ୟାଣ୍ଡର ସମସ୍ତ କନ୍‌ସର୍ଟ ସାରିବା ସହ ତାଙ୍କର ଏକ ସୋଲୋ ଗୀତର କାମ ଅକ୍ଟୋବର ୩୦ ସୁଦ୍ଧା ସାରି ସେନାରେ ଯୋଗ ଦେବା ଲାଗି ଜିନ୍ ଯୋଜନା ରଖିଥିବା କୁହାଯାଉଛି। ବ୍ୟାଣ୍ଡର ଅନ୍ୟ ସଦସ୍ୟମାନେ ମଧ୍ୟ ବ୍ୟକ୍ତିଗତ କାମ ସବୁ ସାରି ମିଲିଟାରିରେ ସାମିଲ ହେବା ଲାଗି ପ୍ରସ୍ତୁତ ହେଉଥିବା କୁହାଯାଉଛି। ଘଡ଼ିସନ୍ଧି ମୁହୂର୍ତ୍ତରେ ସରକାରଙ୍କୁ ସହଯୋଗ କରିବା ଲାଗି ବିଟିଏସ୍ ବ୍ୟାଣ୍ଡ୍ ପକ୍ଷରୁ ଏ ପ୍ରକାର ନିଷ୍ପତ୍ତି ନିଆଯାଇଛି। ଅନ୍ୟପକ୍ଷେ ସାଉଥ୍ କୋରିଆର ନିୟମ ଅନୁସାରେ ପ୍ରତ୍ୟେକ ସୁସ୍ଥ ପୁରୁଷ ସହଯୋଗ ପାଇଁ ସେନାରେ ସାମିଲ ହୋଇପାରିବେ। ପୂର୍ବରୁ ଅନେକ ଆଥଲେଟ୍ ଏବଂ ଗୀତିକାର ମିଲିଟାରିରେ ଯୋଗ ଦେଇଥିବାବେଳେ କୌଣସି ମ୍ୟୁଜିକ୍ ବ୍ୟାଣ୍ଡ ବର୍ତ୍ତମାନ ସୁଦ୍ଧା ସେନାରେ ଯୋଗ ଦେଇ ନ ଥିବା କୁହାଯାଉଛି।

# ବିଜ୍ଞାପନରେ ଅକ୍ଷୟ ନଂ ୧



ଅକ୍ଷୟ କୁମାର

**ମୁମ୍ବାଇ:** ଖାଲି ଚଳଚ୍ଚିତ୍ର ନୁହେଁ, ବିଜ୍ଞାପନ ଜଗତରେ ଅକ୍ଷୟ କୁମାର ନିଜର ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରିଛନ୍ତି। ଜୋତାଠାରୁ ଆରମ୍ଭ କରି ଗୁଟଖା ସବୁ ପ୍ରକାର ଆଡ୍‌ରେ ଏବେ ଅକ୍ଷୟଙ୍କୁ ଦେଖିବାକୁ ମିଳିଛି। ତେବେ ଟୋଟାଲ ଆଡ୍ରେସେବୁଲ୍ ମାର୍କେଟ୍ (ଟିଏଏମ୍) ପକ୍ଷରୁ ଜାରି ଆଡ୍‌ଏକ୍ସ ରିପୋର୍ଟ ଅନୁସାରେ ଅକ୍ଷୟ କୁମାର ର୍ୟାଙ୍କ ୧ରେ ଅଛନ୍ତି। ଚଳିତବର୍ଷ ଜାନୁୟାରୀ ଓ ଜୁନ୍ ମାସ ମଧ୍ୟରେ ପ୍ରତ୍ୟେକ ଟେଲିଭିଜନ୍‌ରେ ଅକ୍ଷୟଙ୍କ ଆଡ୍ ଦେଖାଯାଇଥିବା ଏହି ରିପୋର୍ଟରେ ପ୍ରକାଶ ପାଇଛି। ଟିଏଏମ୍ ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁସାରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି ଅମିତାଭ ବଚ୍ଚନ ଏବଂ ଆଲିଆ ଭଟ୍ଟ। ତେବେ ଅକ୍ଷୟଙ୍କ ସ୍ତ୍ରୀ ଟ୍ୱିଙ୍କିଲ୍ ଖାନ୍ନା ମଧ୍ୟ ଏହି ସୂଚୀରେ ଅନ୍ତର୍ଭୁକ୍ତ। ଟେଲିଭିଜନ୍‌ରେ ପ୍ରସାରିତ ୫୦% କପୁଲ ଆଡ୍‌ରେ ଅକ୍ଷୟ ଓ ଟ୍ୱିଙ୍କିଲ୍ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଅମିତାଭ ଓ ଜୟା ବଚ୍ଚନ ଦ୍ୱିତୀୟ ସ୍ଥାନରେ ଏବଂ ଆଲିଆ ଓ ରଣବୀର ତୃତୀୟ ସ୍ଥାନ ଅଧିକାର କରିଛନ୍ତି।



# ୩୨ ଏକର ଜମିର ମାଲିକ ମାଙ୍କଡ଼

ମୁମ୍ବାଇ

ମହାରାଷ୍ଟ୍ରର ଓସ୍‌ମାନାବାଦ୍‌ର ଉପଲା ଗ୍ରାମବାସୀ ମାଙ୍କଡ଼ଙ୍କ ନାଁରେ ୩୨ ଏକର ଜମି ରେଜିଷ୍ଟର କରିଛନ୍ତି। ଶତାଧିକ ମାଙ୍କଡ଼ ଏହି ସ୍ଥାନରେ ରହୁଥିବାବେଳେ ଖାଦ୍ୟ ସନ୍ଧାନରେ ସେମାନେ ଗାଁ ଭିତରକୁ ମଧ୍ୟ ଚାଲିଆସିଥାନ୍ତି। ତେବେ ଉପଲା ଗ୍ରାମର ଲୋକେ ସେମାନଙ୍କୁ ନିରାଶ ହେବାକୁ ଦିଅନ୍ତି ନାହିଁ। ଘରେ ଯାହା ଥିଲେ ବି ସେମାନେ ତାଙ୍କୁ ଖାଇବାକୁ ଦେଇଥାନ୍ତି। ଉପଲା ଗ୍ରାମରେ ବାସ କରୁଥିବା ଲୋକଙ୍କ ପୂର୍ବଜମାନେ ମାଙ୍କଡ଼ଙ୍କୁ ପୂଜା କରୁଥିବା ସରପଞ୍ଚ ବାପ୍ପା ପଦୱାଲ କହିଛନ୍ତି। ଏଠାକାର ମାଙ୍କଡ଼ମାନେ ଗୋଟିଏ ସ୍ଥାନରେ ଅଧିକ ଦିନ ରହିପାରନ୍ତି ନାହିଁ। ଏମାନେ ସବୁବେଳେ ଏଣେତେଣେ ବୁଲୁଥାନ୍ତି। ମାଙ୍କଡ଼ମାନଙ୍କ ଜମିରେ ସ୍ଥାନୀୟ ବନ ବିଭାଗ ଗଛ ରୋପଣ ପାଇଁ ଯୋଜନା କରୁଥିବା କୁହାଯାଇଛି। ପୂର୍ବ ପରମ୍ପରା ଅନୁସାରେ ଗ୍ରାମରେ କୌଣସି ବ୍ୟକ୍ତିଙ୍କ ବାହାଘର ଅନୁଷ୍ଠିତ ହେଲେ ପ୍ରଥମେ ମାଙ୍କଡ଼ମାନଙ୍କୁ ଉପହାର ଦିଆଯାଏ, ତା'ପରେ ବିଧି ମୁତାବକ ବାହାଘର କାର୍ଯ୍ୟ ଆଗକୁ ବଢ଼େ।

# ଭୂପେଶ ଶ୍ରେଷ୍ଠ ମୁଖ୍ୟମନ୍ତ୍ରୀ

**ନୂଆଦିଲ୍ଲୀ, ୧୮।୧୦**

ଦେଶର ସର୍ବଶ୍ରେଷ୍ଠ ମୁଖ୍ୟମନ୍ତ୍ରୀ ହେଉଛନ୍ତି ଭୂପେଶ ବଘେଲ। ସରକାର ବିରୋଧୀ ହାୱାକୁ ନେଇ ଆଇଏଏନ୍‌ଏସ୍-ସିଭୋଟର ପକ୍ଷରୁ ପ୍ରକାଶିତ



ତ୍ରୟମାସିକ ରିପୋର୍ଟରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲଙ୍କ ନାମ ଶୀର୍ଷରେ ରହିଛି। ଭୂପେଶ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଆସନ ଅଧିକାର କରିବା ପରଠାରୁ ସରକାର ବିରୋଧୀ ହାୱା ଅନ୍ୟ ରାଜ୍ୟ ତୁଳନାରେ କମ୍ ଅର୍ଥାତ୍ ୬% ଥିବା ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଭୂପେଶଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ଅଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ। ତାଲିକାର ସବାଶେଷରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲତଙ୍କ ନାମ ରହିଛି। ତାଙ୍କ ଶାସନକାଳରେ ୩୫.୪% ସରକାର ବିରୋଧୀ ହାୱା ଦେଖିବାକୁ ମିଳିଛି। ପ୍ରତି ୩ ମାସରେ ଥରେଲେଖା ଆଇଏଏନ୍‌ଏସ୍-ସି ଭୋଟର ଟ୍ରାକର ଜରିଆରେ କରାଯାଇଥିବା ଏହି ସର୍ଭେରେ ମୋଟ ୨୫,୦୦୦ଙ୍କ ମତ ସଂଗ୍ରହ କରାଯାଇଥାଏ।

# ଦୀପାବଳି ଛୁଟି ପରେ ପ୍ରଦୀପ ପାଣିଗ୍ରାହୀଙ୍କ ମାମଲାର ଶୁଣାଣି

**ନୂଆଦିଲ୍ଲୀ, ୧୮।୧୦**

ସୁପ୍ରିମକୋର୍ଟରେ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ଦୁର୍ନୀତି ମାମଲା ବିଚାରାଧୀନ ଥିବାରୁ ଏ ସମ୍ପର୍କିତ ଚୂଡ଼ାନ୍ତ ରିପୋର୍ଟ ଦାଖଲ କରାଯାଇନାହିଁ ବୋଲି ମଙ୍ଗଳବାର ଓଡ଼ିଶା ଲୋକାୟୁକ୍ତ ଶୀର୍ଷ ଅଦାଲତଙ୍କୁ ଅବଗତ କରାଇଛନ୍ତି। ଲୋକାୟୁକ୍ତଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର ଶ୍ରୀବାସ୍ତବ ଜଷ୍ଟିସ୍ ଅଜୟ ରସ୍ତୋଗୀ ଏବଂ ସି.ଟି. ରବି କୁମାରଙ୍କ ଖଣ୍ଡପୀଠରେ ଶୁଣାଣିବେଳେ କହିଥିଲେ, ପ୍ରଦୀପଙ୍କ ମାମଲାର ଚାର୍ଜଶିଟ୍ ଦାଖଲ କରାଯାଇନାହିଁ। ଏଥିସହ ଏହାର ତ୍ୱରିତ ଶୁଣାଣି ପାଇଁ ସେ ଅନୁରୋଧ କରିଥିଲେ। ତେବେ ସମୟ ଅଭାବରୁ ସର୍ବୋଚ୍ଚ ଅଦାଲତରେ ଶୁଣାଣିର ଅଗ୍ରଗତି ହୋଇପାରି ନ ଥିଲା। ଖଣ୍ଡପୀଠ କହିଥିଲେ, ଏହାର ଶୁଣାଣି ଏବେ ଜରୁରୀ ନୁହେଁ, ଦୀପାବଳି ଛୁଟି ପରେ ହେବ। ଏହା ପୂର୍ବରୁ ପ୍ରାଥମିକ ତଦନ୍ତବେଳେ ପ୍ରଦୀପଙ୍କ ବିରୋଧରେ ପର୍ଯ୍ୟାପ୍ତ ପ୍ରମାଣ ମିଳିଥିବା ଲୋକାୟୁକ୍ତ ସୁପ୍ରିମକୋର୍ଟଙ୍କୁ ଜଣାଇଥିଲେ। ପ୍ରକାଶ ଯେ, ୨୦୨୦ ଡିସେମ୍ବରରେ ଲୋକାୟୁକ୍ତ ପ୍ରଦୀପଙ୍କ ବିରୋଧରେ ଆଗତ ଦୁର୍ନୀତି



ଅଭିଯୋଗର ତଦନ୍ତ ପାଇଁ ଭିଜିଲାନ୍ସ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏହି ମାମଲାରେ ରାଜ୍ୟ ଭିଜିଲାନ୍ସ ବିଭାଗ ଅଭିଯୋଗକାରୀ ହୋଇଥିବାରୁ ଭିଜିଲାନ୍ସ ବିଭାଗକୁ ପ୍ରାଥମିକ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇପାରିବେ ନାହିଁ ବୋଲି ଓଡ଼ିଶା ହାଇକୋର୍ଟ କହିଥିଲେ। ଏହା ବିରୋଧରେ ଲୋକାୟୁକ୍ତ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇ ସ୍ପେଶାଲ ଲିଭ୍ ପିଟିଶନ ଦାଖଲ କରିଥିଲେ। ଗତବର୍ଷ ଏପ୍ରିଲ ୨୩ରେ ହାଇକୋର୍ଟ ରାୟ ଉପରେ ସୁପ୍ରିମକୋର୍ଟ ସ୍ଥଗିତାଦେଶ ଜାରି କରିଥିଲେ।

# ଏନ୍‌ସିବି ଅଧିକାରୀଙ୍କ କାର୍ଯ୍ୟ ସନ୍ଦେହଜନକ ଥିଲା

**ଆର୍ଯ୍ୟନ ଖାନ୍ ମାମଲା**



**ମୁମ୍ବାଇ, ୧୮।୧୦**

ବଲିଉଡ୍ ସୁପରଷ୍ଟାର ଶାହରୁଖ ଖାନ୍‌ଙ୍କ ପୁଅ ଆର୍ଯ୍ୟନ ଖାନ୍ ସମ୍ପୃକ୍ତ ଥିବା କ୍ରୁଜ୍ ଜାହାଜ ଡ୍ରାଗ୍ସ ଜବତ ମାମଲାର ତଦନ୍ତରେ ଅନେକ ଅନିୟମିତତା ହୋଇଥବା ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି)ର ଏକ ଆଭ୍ୟନ୍ତରୀଣ ରିପୋର୍ଟରୁ ଜଣାପଡ଼ିଛି। ଏନ୍‌ସିବିର ୭-୮ ଜଣ ଅଫିସରଙ୍କ ଆଚରଣ ସନ୍ଦେହଜନକ ଥିଲା ବୋଲି ଏସ୍‌ଆଇଟି ତଦନ୍ତ ରିପୋର୍ଟରେ କୁହାଯାଇଛି। କ୍ରୁଜ୍ ଜାହାଜ ଚଢ଼ାଉରେ ସମ୍ପୃକ୍ତ ଅଫିସରମାନଙ୍କ ଉଦ୍ଦେଶ୍ୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହା ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ ପାଇଁ ଦ୍ୱିତୀୟ ବଡ଼ ଝଟକା। ଡ୍ରଗ୍ସ ରଖିବା ଅଭିଯୋଗରେ ଗିରଫ ହୋଇ ଆର୍ଯ୍ୟନ ୩ ସପ୍ତାହ ଜେଲରେ ରହିବାର ୮ ମାସ ପରେ ଗତ ମେ'ରେ ତାଙ୍କୁ କ୍ଲିନ୍‌ଚିଟ ଦିଆଯାଇଥିଲା। ତାଙ୍କ ସମେତ ଅନ୍ୟ ୫ ଜଣଙ୍କ ବିରୋଧରେ ପର୍ଯ୍ୟାପ୍ତ ପ୍ରମାଣ ନ ଥିବା ଏନ୍‌ସିବି ସ୍ୱୀକାର କରିଥିଲା।


## OFFICE OF THE EXECUTIVE ENGINEER MINOR IRRIGATION DIVISION,BALANGIR
GOVERNMENT OF ODISHA

No.A-618: **e-PROCUREMENT NOTICE**

**BID IDENTIFICATION No:MIBLGR/06/2022-23**

**E-mail: mid_balangir@yahoo.co.in, Ph.No.06652-232982**

| | |
|---|---|
| Name of work | : Civil Construction Works |
| No. of Works | : 11 (Eleven) Nos. |
| Estimated Cost | : Rs.4.54 lakhs to Rs.25.95 Lakhs |
| Tender Paper Cost | : Rs.2000.00 to Rs.6,000.00 |
| Period of Completion | : 02 (Two) Calendar Months |
| Class of Contractor | : "B, C & D" |
| Availability of bid documents | : From 05.11.2022 11.00 AM to 19.11.2022 upto 5.00 PM in website (www.tendersorissa.gov.in.) |
| Period of Receipt of bid through Online | : From 05.11.2022 11.00 AM to 19.11.2022 upto 5.00 PM through Online. |
| Mode of Payment | : Online |
| Date of opening of bid documents | : 21.11.2022 |
| Date of Lottery (if required) | : On dt.30.11.2022 at 11.00 AM onwards |
| Digital Signature Certificate of Bidder | : The bidder must possess compatible digital signature certificate (DSC) of Class-II or Class-III |

The detail tender call notice can also be seen in the DOWR website- http://dowrorissa.gov.in.
Name & Address of the OIT: Executive Engineer, M.I.Division,Balangir, Near Sub-Collector Office, Balangir, Dist-Balangir, Pin-767001. E-mail: mid_balangir@yahoo.co.in.
Further details can be seen from the E-procurement market place: http://tendersorissa.gov.in.

Sd./- Er. Pramod Kumar Palai
Executive Engineer, M.I. Division, Balangir
OIPR-32063/11/0004/2223

## BHUBANESWAR MUNICIPAL CORPORATION
Telephone: 0674-2431253, Fax: 0674-2431253
E-mail Id: info@bmc.gov.in, Web: bmc.gov.in
Ref. No. BMC/Revenue/XXII(L)_18_2022(PT)/2022/20-L2

**NOTICE**

No. 47449 Dt.06.10.2022

No. C-1401: It is for information of all the residents/agents/business organisations that Bhubaneswar Municipal Corporation has declared all the hoardings/banners/posters etc. erected/posted/displayed in Govt. Land/Private Land/Buildings/Bridges/Electric Poles/Walls/Trees etc. are illegal which have been displayed without valid permission from the Commissioner.
So, all are informed to remove such advertisements within 7 days of publication of this notice, failing which the same will be removed by the Bhubaneswar Municipal Corporation and will recover the removal fees as per Bhubaneswar Municipal Corporation Tax on regulations - 2006 from the violators and drastic actions will also be taken against the violators.

Sd./- Commissioner
Bhubaneswar Municipal Corporation
OIPR-13002/11/0131/2223

## OFFICE OF THE SUPERINTENDING ENGINEER, RWS & S DIVISION, BARGARH
Email: eerwss_bgh@nic.in, Ph.(O)- 06646 233220, Fax: 06646 234626
No.5226 / Dt.17.10.2022
GOVERNMENT OF ODISHA 'e' PROCUREMENT NOTICE
Bid Identification No.06 of 2022-23

No.O-1129:- The Executive Engineer, RWS&S Division, Bargarh on behalf of the Governor of Odisha invites tenders from the valid licenced holder contractors of class 'D' or 'C' registered with any department of State Government or equivalent class of Central Govt. etc. to be eventually drawn up in PI Contract Form for the work as per terms and condition noted below.

1. Name of the work: Construction of 3.00 inner dia x 13.00 height RCC Intake well with laying of 200 mm dia PVC Infiltration Gallery in different Rural piped water supply schemes under Padampur Block.
2. Approx. estimated cost: Rs.14.03 lakhs.
3. Date and time of availability of tender document in the Office of the Executive Engineer, RWSS Division, Bargarh: Dt.25.10.2022 to Dt.01.11.2022 upto 5.00 P.M.
4. Last date / time for receipt of tender document in the Office of the Executive Engineer, RWSS Division, Bargarh: Dt.01.11.2022 upto 5.00 P.M.
5. Date & time of opening of tender: 02.11.2022 at 11.00 A.M.
6. Name and address of the officer inviting tender: Executive Engineer, RWS&S Division, Bargarh, District: Bargarh.

The authority reserves the right to reject any or all the tenders without assigning any reason thereof.

Sd./- Executive Engineer, RWS&S Division, Bargarh
OIPR-25157/11/0011/2223

## GOVERNMENT OF ODISHA OFFICE OF THE EXECUTIVE ENGINEER MINOR IRRIGATION DIVISION, KEONJHAR
**NOTICE INVITING TENDER e-Procurement**

**Bid ID No. 05 EEMID (KJR/2022-2023) Dt.15.10.2022**

No. A-617: The Executive Engineer, Minor Irrigation Division, Keonjhar on behalf of the Governor of Odisha invites online percentage rate tender through "e" procurement to be received in online mode for the works as detailed in the Annexure to this bid notice.

| | |
|---|---|
| Name of work | : Civil Construction work |
| No. of Works | : 4 (Four) Nos. |
| Estimated Cost | : Rs.190.28 lakhs |
| Tender Paper Cost | : Mentioned in column No. 6 of Tender Call Notice |
| Period of Completion | : 06 (Six) Calendar Months |
| Availability of Bid documents | : From 25.10.2022 to 07.11.2022 during office hours in Website **(www.tenderorissa.gov.in)** |
| Period of receipt of Bid through online | : From 25.10.2022 to 07.11.2022 through online |
| Date of Opening of Bid documents | : At 11.00 A.M. on 09.11.2022 in the Office Chamber of the Executive Engineer, M.I. Division, Keonjhar |
| Date of Lottery | : At 11.00 A.M. on 18.11.2022 in the office Chamber of the Executive Engineer, M.I. Division, Keonjhar |
| Digital Signature Certificate of Bidder | : The bidder must possess compatible Digital Signature Certificate (DSC) of Class-II or Class-III |
| Name and address of the OIT | : Executive Engineer, M.I. Division, Keonjhar, Near Parkline, Keonjhar, At/P.O.: Keonjhar, Dist.- Keonjhar, PIN - 758001. E-Mail ID: **eemikjr@yahoo.co.in** |

Further details can be seen from the website: **www.tendersorissa.gov.in**.

Sd./- (Er. Sudhansu Sekhar Sahoo)
Executive Engineer, M.I. Division, Keonjhar
OIPR-32123/11/0006/2223

## 1st Corrigendum
**e-procurement Notice No.JSD-09(online) 2022-23**

No.A-620:- As per office Memorandum No.12586 dated 09.09.2022 of Works Deptt., Govt. of Odisha. The class of contractor in Sl. No.04 of the above Tender Call Notice may be read as Sl.No.01 'C' & 'B' and Sl. No.02, 03, 04 'B' Class Contractor instead of Sl.No.01 'C' & 'B' and Sl. No.02, 03, 04 'B' & 'A' Class Contractor.

Sd./- Superintending Engineer,
Jagatsinghpur Irrigation Division
Jagatsinghpur
OIPR-32050/11/0006/2223

## ZILLA SWASTHYA SAMITI, NAYAGARH
**NOTICE**

No. E-555

**CONTRACTUAL APPOINTMENT UNDER NHM**

No. 2799 Date: 17.10.2022

| Sl. No. | Position | Vacancy | Monthly Consolidated Remuneration in Rs. and other allowances | Last date of receiving applications/date of Walk in Interview |
|---|---|---|---|---|
| 01 | Paediatrician, DEIC | 01 | 76,103/- + PI | Walk in Interciw at DTU on Dtd. 10.11.2022 (for Sl. No. 01 to 06) and 11.11.2022 (for Sl. No. 07) Registration Time: 10 A.M. to 12 Noon |
| 02 | MO MBBS, DEIC | 01 | 60,881/- + PI | |
| 03 | MO SNCU | 03 | 60,881/- + PI | |
| 04 | MO NPCDCS | 02 | 60,881/- + PI | |
| 05 | Dental Technician DEIC | 01 | 13,301/- + PI | |
| 06 | Optometrist DEIC | 01 | 15,448/- + PI | |
| 07 | Pharmacist cum Logistic Assistant | 01 | 12,452/- + PI | |
| 08 | Immunisation Computer Assistant | 01 | 18,380/- + PI | Last date of receiving applications 05.11.2022 upto 05.30 P.M. |
| 09 | Social Worker (DEIC + NTCP) | 01 | 19,298/- + PI | |
| 10 | BAM/Accountant | 02 | 18,380/- + PI | |

Eligible candidates who are interested to apply for the post from Sl. No. 01 to 07 required to attend the Walk in Interview at the Office of the Chief District Medical & Public Health Officer-cum-District Mission Director, Nayagarh in the prescribed application form with all other required documents on the scheduled date and time. After the scheduled date & time no applications will be entertained. The eligible candidates who are interested to apply for the post (for Sl. No. 08, 09 & 10) have to send their completely filled up applications with all required documents within the last date of application to the Chief District Medical & Public Health Officer-cum-District Mission Director, Nayagarh, PIN - 752069, Odisha through Register/Speed Post only. The applications received after due date shall not be considered and the candidates are to mention on the top of the envelope for the post they are applying for without which their application shall not be considered. They are requested to visit/log on to **www.nayagarh.nic.in** for application form qualification, selection procedure and other details. Lower age limit for all the positions is 21 years as on dtd.01.10.2022.
The candidates are informed to visit the District website in a regular manner to know the uptodate information of the selection process. No fresh documents shall be entertianed 2nd time. The exact vacancies are subject to change and the undersigned is not responsible for any postal delay or transport delay. The typographical error (if any) may be exmpted and no personal communication regarding the above recruitment shall be entertained.
The undersigned reserves all rights to reject any or all cancel the entire seletion process without assigning any reason thereof or on the basis of any guidelines communicated from state during the process of recruitment.

Sd./- CDM & PHO cum District Mission Director, Nayagarh
OIPR-10050/11/0009/2223

## Bhubaneswar Smart City Limited
Block-1, 5th Floor, BMC - Bhawani Mall, Saheed Nagar, Bhubaneswar - 751007
E-mail Id: bbsr.bscl@gmail.com, CIN: U74990OR2016PLC020016
Telephone: 0674-2548428, Fax: 0674-2540811
Ref. No. BSCL/Administration/RFP Social Equity Centre/2022-26-L-6-1822 Date: 15.10.2022

**SHORT QUOTATION CALL NOTICE**
**For Supply of Furniture, Fixtures & Consumables Items for Social Equity Centre, Kharvela Nagar, Bhubaneswar**

No. C-1394: M/s. Bhubaneswar Smart City Limited (BSCL), Bhubaneswar invites sealed quotations for **"Supply of Furniture, Fixtures & Consumables Items for Social Equity Center, Kharvela Nagar, Bhubaneswar"**. The details of Terms of Reference (ToR) can be downloaded from the website of BSCL i.e. **www.smartcitybhubaneswar.gov.in**. Interested agencies may submit their proposals in a sealed cover super-scribing as **"Quotation for Supply of Furniture, Fixture & Consumables Items for Social Equity Center, Kharvela Nagar, Bhubaneswar"**. With advertisement number and Date to the General Manager (Admin.), Bhubaneswar Smart City Limited, 5th Floor, Block-1, BMC Bhawani Mall, Saheed Nagar, Bhubaneswar - 751007 through Speed Post/Registered Post/Courier Services only, which should reach on or before **3.00 P.M. on 26.10.2022** positively and the same will be opened at **3.30 P.M.** on the same day. Proposals received after the due date and time shall be rejected. The undersigned reserves the right to reject any or all the tender without assigning any reason thereof. For any queries you reach through email: **bbsr.bscl@gmail.com** or Telephone: 0674-2548428/2540811.

By order of Managing Director
Sd./- General Manager
Bhubaneswar Smart City Limited
OIPR-13070/11/0011/2223

## Bhubaneswar Municipal Corporation
*Progress through Partnership for better Bhubaneswar*

**RFP No. 48531** **Date: 15.10.2022**

**RFP for "Selection of an Agency for humanly catching & transporting of stray cattle and lifting of dead animals under the jurisdiction of Bhubaneswar Municipal Corporation (BMC)"**

No. C-1403: Bhubaneswar Municipal Corporation (BMC) invites sealed proposals from intending agencies for having the requisite qualification as per terms stipulated in the detailed RFP document for undertaking the work of humanly catching & transporting of stray cattle and lifting of dead animals under the jurisdiction of Bhubaneswar Municipal Corporation (BMC). The detailed RFP document shall be made available on the website **bmc.gov.in** from 17.10.2022 at 12.00 noon onwards. The pre-bid meeting is scheduled to be held on Dt.20.10.2022 at 4.00 P.M. in the mini conference hall of Bhubaneswar Municipal Corporation. The last date of receipt of proposals is till 5.00 P.M. on 29.10.2022. For any clarification, an e-mail may be sent on **bmcpmu@bmc.gov.in**.

By Order
OIPR-13002/11/0134/2223 Sd./- Dy. Commissioner (ABC)

## ODISHA SCHOOL EDUCATION PROGRAMME AUTHORITY
"SHIKSHA SOUDHA", UNIT-V, BHUBANESWAR-751001
Phone - 2395325, FAX-2392721. Website-osepa.odisha.gov.in
E mail-opepaedu@yahoo.co.in

No.13114/FIN/2022 Dated: 17.10.2022
FIN (TS) 598

**TENDER CALL NOTICE**

No.n-52: Sealed Tenders are invited separately for different activities of the State Level Children's Festival SURAVI-2022 scheduled to be held from 14th-16th November-2022 at Govt. Boys High School, Unit-09 , Bhubaneswar as detailed below.

| Sl. No. | Name of the Activity | Bid Processing fee (non-refundable) | Last date of receipt of Tender | Date & Time of opening of Tender |
|---|---|---|---|---|
| 1 | (a) Construction of Tent House including stage, gate, stalls & other required materials, electrification of stalls, venue and all connected places and allied works, (b) Construction of gate & stage including required Crafting and erection as per approved design & (c) Light , sound arrangements on the stage. | Rs.5000/- | During Office hour up to 28/10/2022 of all working days | 29.10.2022 at 11.00 AM |
| 2 | Selection of Catering Service Provider for Supply of Food | Rs.2000/- | During Office hour up to 31/10/2022 of all working days | 01.11.2022 at 11.00 AM |
| 3 | Supply of T Shirts and Caps with printed logos and messages | Rs.500/- | During Office hour up to 26/10/2022 of all working days | 27.10.2022 at 11.00 AM |

The detailed BID document is available in the website of OSEPA osepa.odisha.gov.in Interested and eligible agency/firm may download BID DOCUMENT from website osepa.odisha.gov.in and apply accordingly, Corrigendum/addendum, if required, will be uploaded in the above website. Hence potential bidders are requested to be in continuous, touch with the above website.
The Authority (OSEPA) reserves the right to accept / reject any / all BIDs/cancel the entire selection process at any stage without assigning any reason thereof.

OIPR-27068/11/0019/2223 Sd./- STATE PROJECT DIRECTOR

## OFFICE OF THE PANCHAYAT SAMITI, NISCHINTAKOILI
Telephone No-06712353635, E-mail id- ori-nischintakoili@nic.in

Letter No-4065 Date -18.10.2022

**INVITATION FOR BIDS (IFB)**
**BID IDENTIFICATION NO. 01 / 2022-23**

**No.i-108:** Block Development Officer, NIschintakoili, Cuttack on behalf of the Panchayat Samrti, Nischintakoili Invites Percentage Rate Bids in single sealed cover system for construction of the works as detailed in the table below, from eligible contractors of equivalent grade/class registered with the Central Govt./State Govt/MES/Railways for execution of civil works. The proof of such registration from the appropriate authority along with ITCC and system generated GST RC, duly filled Schedules/ Annexures/ Proforma/ Forms as per the DTCN as applicable, copy of the PAN RC and any other relevant documents in support of own merit (all duly signed shall be enclosed along with the bid. The bidders may submit bids for any or all the following works In the office of the Panchayat Samiti, Nischintakoili. One bidder can submit one bid only for a particular work. The cover containing the bid should be superscribed as Tender for the work **"name of the work as the case may be"**.

1. Bid documents consisting of specifications, the schedule of quantities and the set of terms & conditions of contract, Annexures/Schedules/Forms/Proforma and other necessary documents can be seen In the website www.cuttack.nic.in or can be purchased from the office of the undersigned on payment of specified amount (non-refundable) during office hours on any of the working days within the period stipulated. The bidders who will download the document online must have to obtain the money receipt towards cost of document from this office before the scheduled time,
2. Bid(s) must be accompanied with specified bid security (Ref. FDOM No. 8475/F, dt, 05.04.2022 & FDOM No. 8484/F, dt.05.04.2022 and receipt(s) against the cost of the bid document(s) of the amount(s) as specified for the work(s) in the table along with the bid document(s). The cost of bid documents shall be in shape of Demand Draft issued from any Nationalized Scheduled Bank located in the State of Odisha in favour of the Block Development Officer, Nischintakoili. Bid security will have to be in any one of the forms as specified in the bidding documents and shall have to be valid for 45 days beyond the validity of the bid. Bids shall be received in the office of Panchayat Samiti, Nischintakoili only up to 12.30 PM of dt. 15.11.2022 except govt. holidays.
3. Bids so received shall be opened at 3.30 P.M. on dt. 15,11.2022 in the office of the Panchayat Samiti Nischintakoili in presence of the bidders or their authorized representatives who wish to attend thereof. In case the office happens to be closed on the stipulated date of opening of the Bids as specified, the bids will be opened on the next working day at the same time and venue.
4. The representatives of the bidders must have to produce their authentic authorization letters in order to participate in the bid opening process unfailingly. Other details can be seen in the bidding documents.
5. The authority reserves the right to reject/cancel any one or all of the bid(s) without assigning any reason thereof.

| Sl. No. | Name of the Work | Amount put to Tender | EMD | Time for Completion | Class of Contractor | Cost of Document |
|---|---|---|---|---|---|---|
| 1 | Construction of 100 seated SC Hostel, at-Khandayat Patikira under Nischintakoili Block | 77,05,164/- | No EMD is required (FDOM No.8484/F, dt.05.04.2022), but Bid security Declaration should be furnished by the Bidders as mentioned in the DTCN | Eleven Calendar Months | B & Above | 10,000/- |

Sd./- Block Development Officer, Nischintakoili
OIPR-19006/11/0001/2223

## WATCO OFFICE OF THE CHIEF EXECUTIVE OFFICER
WATCO, Ground Floor, Unnati Bhawan
H.B. Colony, Satyanagar, Bhubaneswar-751007
Odisha, India, Telefax:-+91-674-2391444
E-mail - mail@watcoodisha.in,md@watcoodisha.in

No.C-1393: **INVITATION FOR BID (IFB)**

**Bid Identification No. WATCO (W) - 29/2022-23 Dtd.17.10.2022**
**WATCO No.4743, Date:17.10.2022**

1. Name of the work:- 1.Implementation of Drink from Tap with 24x7 water supply to Zone No-16 at Killa (1500 KL) in ward no-9(P),10(P) &12(P),CMC (Network Improvement with Installation of Valves, Pipe laying, House connection, Construction of PLC & Chlorination room, Yard lighting & Site development), Cuttack under SUJAL.
   2. Implementation of Drink from Tap with 24x7 water supply to Zone No-24 (225KL) Ward No-15(P), CMC, (Network Improvement with Installation of Valves, Pipe laying, House connection, Construction of PLC & Chlorination room, Yard lighting & Site development) Cuttack under SUJAL.
   3. Implementation of Drink from Tap with 24x7 water supply to Zone No-18 (1000 KL) at Universe Campus Ward No-15(P) & 19(P), CMC (Network Improvement with Installation of Valves, Pipe laying, House connection, Construction of PLC & Chlorination room, Yard lighting & Site development), Cuttack under SUJAL.
2. Estimated Cost : (1) Rs.294.39 lakh, (2) Rs.125.94 lakh, (3) Rs.196.37 lakh
3. Period of Completion : 6 (Six) Months
4. Date & Time of availability of bid document in the portal : From 11.00 AM of Dt.21.10.2022 to 5.00 PM of Dt.31.10.2022.
5. Last date/time of receipt of bids in the portal : 5.00 PM of Dt.31.10.2022
6. Date & Time of opening of technical bids : 12.30 PM of 01.11.2022
7. Name and address of the Officer Inviting Bid : CEO, WATCO Telefax: 0674-2391444 E-mail: mail@watcoodisha.in md@watcoodisha.inmailto:eephibbsr@ori.nic.in
8. The bidders have to participate in ONLINE bidding only. Further details can be seen from the website **www.tendersodisha.gov.in.**

OIPR-13194/11/0057/2223 Sd./- CEO, WATCO

# ‘ପଢ଼ିଆରୁ ମିଳିଥିବା ଶିକ୍ଷା ଗୁରୁତ୍ୱପୂର୍ଣ୍ଣ’

**କଳିଙ୍ଗ ଷ୍ଟାଡିୟମରେ ପ୍ରଥମଥର ପାଇଁ ଅନୁଷ୍ଠିତ ହୋଇଛି ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍‌ର ଗ୍ରୁପ୍ ପର୍ଯ୍ୟାୟ। ଏଠାରେ ଆୟୋଜକ ଭାରତ ଗ୍ରୁପ୍ ‘ଏ’ରେ ୩ଟି ମ୍ୟାଚ ଖେଳିଥିବାବେଳେ ଆମେରିକାଠାରୁ ୦-୮, ମରକ୍କୋଠାରୁ ୦-୩ ଓ ବ୍ରାଜିଲଠାରୁ ୦-୫ ଗୋଲରେ ପରାଜିତ ହୋଇଥିଲା। ଓଡ଼ିଶା ଦର୍ଶକ କଳିଙ୍ଗରେ ଭାରତୀୟ ଦଳକୁ ଭରପୂର ସମର୍ଥନ ଜଣାଇଥିଲେ। ଭାରତୀୟ ଦଳ ପ୍ରଥମଥର ପାଇଁ ଏପରି ଏକ ବଡ଼ ପ୍ରତିଯୋଗିତାରେ ଖେଳିବା ସୁଯୋଗ ପାଇଥିବାରୁ ଅନେକ କିଛି ଶିଖିଥିଲା। ଘରୋଇ ଦଳର ପ୍ରଦର୍ଶନ ଏବଂ ଭବିଷ୍ୟତକୁ ନେଇ ନିଜର ମତ ରଖିଛନ୍ତି ମୁଖ୍ୟ କୋଚ୍ ଥୋମାସ ଡେନର୍ବି।**


ଥୋମାସ ଡେନର୍ବି

**● ବିଶ୍ୱକପ୍‌ରେ ୩ଟି ମ୍ୟାଚର ଫଳାଫଳକୁ ନେଇ କ’ଣ କହିବେ ?**

▶▶ ପ୍ରଥମ ଭାରତୀୟ ଦଳ ଭାବେ ଫିଫା ବିଶ୍ୱକପ୍‌ରେ ପଏଣ୍ଟ ହାସଲ କରିବା ଆମର ମୁଖ୍ୟ ଲକ୍ଷ୍ୟ ଥିଲା। ଏହା ହୋଇପାରିଲା ନାହିଁ। ଆମେ ଅନେକ ଯୋଜନା କରିଥିଲେ ହେଁ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ତେବେ ଭାରତୀୟ ମହିଳାମାନେ ଯେପରି ମ୍ୟାଚ ପରେ ମ୍ୟାଚ ଉନ୍ନତ ପ୍ରଦର୍ଶନ ଦେଲେ ସେଥିରେ ମୁଁ ଗର୍ବିତ। ବିଶେଷ କରି ବ୍ରାଜିଲ ବିପକ୍ଷ ମ୍ୟାଚରେ ଦଳ ଯେପରି ଲଢୁଆ ପ୍ରଦର୍ଶନ କଲା ସେଥିରୁ ଅଧିକାଂଶ ଭାରତୀୟ ନିଶ୍ଚିତ ଗର୍ବ ଅନୁଭବ କରିଥିବେ। ଅନେକ ସମୟରେ ଭାରତ ଉତ୍ତମ କମ୍ବିନେଶନରେ ଖେଳିଥିଲା। ତେଣୁ ଆମେ ଠିକ୍‌ପଥରେ ଅଛୁ ବୋଲି କହିହେବ।

**● ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନର ସକାରାତ୍ମକ ଦିଗ କ’ଣ ଥିଲା ?**

▶▶ ଆମେ ଭଲଭାବେ ଡିଫେଣ୍ଡ କରିଥିଲୁ। ୯୦ ମିନିଟ ଖେଳରେ ଅଧିକାଂଶ ସମୟ ଶୃଙ୍ଖଳିତ ପ୍ରଦର୍ଶନ ମଧ୍ୟ ଦେଇଥିଲୁ। କେତେକ ସମୟରେ ଆମେ ସାମାନ୍ୟ ଭୁଲ କରିଥିଲୁ। ଆମେ ଯଦି ଟପ୍ ଟିମ୍‌ଗୁଡ଼ିକ ବିପକ୍ଷରେ ତାହା କରିବୁ ତେବେ ସେମାନେ ନିଶ୍ଚିତ କ୍ଷତି ପହଞ୍ଚାଇବେ। ଆମକୁ ଏଥିରୁ ଶିଖିବାର ଅଛି। କେବଳ କ୍ଲାସ୍‌ରୁମ୍‌ରେ ଶିଖିବା ସବୁକିଛି ନୁହେଁ, ପଢ଼ିଆରେ ମଧ୍ୟ ବହୁତ କିଛି ଶିଖିବାକୁ ପଡ଼ିବ। ସର୍ବଦା ମୁଣ୍ଡକୁ ଥଣ୍ଡା ରଖିପାରିଲେ ଛୋଟଛୋଟ ତ୍ରୁଟି କମ୍ ହେବ। ପରାଜୟ ପାଇଁ ପିଲାମାନଙ୍କୁ ଦୋଷ ଦେବା ଉଚିତ ନୁହେଁ। ସେମାନେ ଲଢ଼େଇ କରିଛନ୍ତି ଏବଂ ଯେତେଦୂର ସମ୍ଭବ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ପିଲାମାନେ କେବେ କ୍ଳାନ୍ତ ହୋଇ ନ ଥିଲେ। ତେଣୁ ଖେଳାଳିଙ୍କ ଫିଟ୍‌ନେସ ସ୍ତରରେ ମୁଁ ବହୁତ ଖୁସି।

**● କ’ଣ ସବୁ ଶିଖିବାକୁ ମିଳିଲା ?**

▶▶ ଖେଳବେଳେ ନିଜକୁ ଯେତେ ସହଜ ମଣିବ ସେତେ ଭଲ ଖେଳିପାରିବ। ନିଜର ଶକ୍ତି ସାମର୍ଥ୍ୟ ଉପରେ ବିଶ୍ୱାସ କରିବା ଉଚିତ ଏବଂ ତାକୁ ଉପଯୋଗ କରି ଆଗକୁ ବଢ଼ିବା ଆବଶ୍ୟକ। ଫିଟ୍‌ନେସ ସ୍ତର, ସହନଶକ୍ତି ହେଉ କିମ୍ବା ସ୍ପିଡ୍ ଓ ସ୍ପ୍ରିଣ୍ଟ ଆମ ପାଇଁ ଏହା ଏବେ ଆଉ ସମସ୍ୟା ହୋଇ ନାହିଁ ବୋଲି ଅନୁଭବ କରୁଛି। ଆମକୁ ଆକ୍ରମଣାତ୍ମକ ଦିଗ ଉପରେ ଅଧିକ କାମ କରିବାକୁ ପଡ଼ିବ। ବିପକ୍ଷ ଦଳର ବକ୍ସରେ ବଲ୍ ରଖିବା, ପାସ୍, ଫିନିଶିଂ, ଅନ୍ତିମ ପାସ୍ ଦେବାବେଳେ ଉପସ୍ଥିତ ବୁଦ୍ଧି ଖଟାଇବା ଆଦି ଉପରେ ଫୋକସ କରିବାକୁ ହେବ। ତେବେ ଏଥିପାଇଁ ସମୟ ଲାଗିବ।

**● ଟୁର୍ନାମେଣ୍ଟରୁ ପିଲାମାନଙ୍କୁ କିପରି ଫାଇଦା ମିଳିଛି ?**

▶▶ ପ୍ରତି ଗେମ୍ ଖେଳିବା ପରେ ସେମାନଙ୍କ ଅଭିଜ୍ଞତା ବଢ଼ିଛି। ଏବେ ସେମାନଙ୍କ ମନରେ ବିଶେଷ ଭୟ ନାହିଁ। ଆମେରିକା ବିପକ୍ଷ ମ୍ୟାଚରେ ପିଲାମାନେ ଅଧିକ ଭୟଭୀତ ହୋଇ ଯାଇଥିଲେ ବୋଲି ମୋର ଅନୁଭବ ହୋଇଥିଲା। ମାତ୍ର ପରବର୍ତ୍ତୀ ମ୍ୟାଚଗୁଡ଼ିକରେ ତାହା କମିଥିଲା। ପିଲାମାନେ ଶୃଙ୍ଖଳିତ ପ୍ରଦର୍ଶନ କରିଥିଲେ। ତେବେ ୧୪-୧୫ ବର୍ଷର ପିଲାଙ୍କୁ ୫ ମାସ ଟ୍ରେନିଂ ଦେଇ ଅନ୍ତର୍ଜାତୀୟ ମ୍ୟାଚ ପାଇଁ ପ୍ରସ୍ତୁତ କରିବା ପର୍ଯ୍ୟାପ୍ତ ନୁହେଁ। ଏଥିରେ ଅନେକ କିଛି ପରିବର୍ତ୍ତନ ହୋଇପାରିବ ନାହିଁ କିମ୍ବା ଶିଖି ହେବନାହିଁ। ସାମଗ୍ରିକ ଦୃଷ୍ଟିକୋଣରୁ ଦେଖିଲେ ଏବଂ ଅନ୍ୟ ଦଳଗୁଡ଼ିକର ପ୍ରସ୍ତୁତିକୁ ବିଚାରକୁ ନେଲେ କମ୍ ଦିନ ଟ୍ରେନିଂ ନେଇ ପିଲାମାନେ ଭଲ ଖେଳିଛନ୍ତି ।

**● ଭାରତୀୟ ଦଳକୁ ସମର୍ଥନ ପାଇଁ ଷ୍ଟାଡିୟମ ଆସିଥିବା ପ୍ରଶଂସକଙ୍କୁ କ’ଣ ବାର୍ତ୍ତା ଦେବେ ?**

▶▶ ଦର୍ଶକଙ୍କ ଯେପରି ସମର୍ଥନ ରହିଲା ସେଥିରେ ମୁଁ ବହୁତ ଖୁସି। ବିଶେଷ କରି ଚାପ ସ୍ଥିତିରେ ସମର୍ଥନ ମିଳିବା ସହଜ ହୋଇ ନ ଥାଏ। ପୂରା ମ୍ୟାଚରେ ଦର୍ଶକମାନେ ଆମ ସହିତ ରହିଥିଲେ। ସମ୍ଭବତଃ ଶ୍ରେଷ୍ଠ ଦଳଗୁଡ଼ିକ ବିପକ୍ଷରେ ଆମ ଦଳ ଖେଳିବା କେତେ କଷ୍ଟ ସେମାନେ ତାହା ଅନୁଭବ କରିପାରିଥିଲେ। ଏଥିପାଇଁ ସମସ୍ତ ଦର୍ଶକଙ୍କୁ ହୃଦୟରୁ ଧନ୍ୟବାଦ। ସେମାନେ ପିଲାମାନଙ୍କ ଉପରେ ଭରସା ରଖନ୍ତୁ। ଭାରତୀୟ ଦଳ ନିଶ୍ଚିତ ପ୍ରତ୍ୟାବର୍ତ୍ତନ କରିବ ଏବଂ ଅଧିକରୁ ଅଧିକ ମ୍ୟାଚ ଜିତିବ।

BIRTHDAY WISH

Happy Birthday ANUJ
Best wishes From:
BAPA,MAMA,JEJE,MAA and all family members.
Address-Naranpur, Balibil, Jajpur
D-1793

9th Happy Birthday

(RANNI)
Himadri Behera
(Kukudanga Salipur)
Sending Lot's of love and happiness you a way to help celebrate this special day wishing you a very happy birthday
Lot's love from Baba, Mama, Babuni and all relatives.
D-73884

## କ୍ୱାର୍ଟର ଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ

ଭୁବନେଶ୍ୱର, ୧୮।୧୦
(କ୍ରୀଡ଼ା ପ୍ରତିନିଧି)

ଭାରତରେ ପ୍ରଥମଥର ପାଇଁ ଆୟୋଜନ ହେଉଥିବା ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍‌ର ଗ୍ରୁପ୍ ପର୍ଯ୍ୟାୟ ମଙ୍ଗଳବାର ଶେଷ ହୋଇଛି। ଫଳରେ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲ ଲାଇନ୍‌ଅପ୍ ହୋଇଯାଇଛି। ଗ୍ରୁପ୍ ‘ସି’ରୁ ସ୍ପେନ୍ ଓ କଲମ୍ବିଆ ଏବଂ ଗ୍ରୁପ୍ ‘ଡି’ରୁ ଜାପାନ ଓ ତାଞ୍ଜାନିଆ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପୂର୍ବରୁ ଗ୍ରୁପ୍ ‘ଏ’ରୁ ଆମେରିକା, ବ୍ରାଜିଲ ଏବଂ ‘ବି’ରୁ ଜର୍ମାନୀ ଓ ନାଇଜେରିଆ କ୍ୱାର୍ଟରରେ ପ୍ରବେଶ କରିଥିଲେ। ୨୧ ତାରିଖରେ ନଭି ମୁମ୍ବାରେ ହେବାକୁଥିବା ୨ଟି କ୍ୱାର୍ଟର ଫାଇନାଲରେ ଆମେରିକା-ନାଇଜେରିଆ ଓ ବ୍ରାଜିଲ-ଜର୍ମାନୀ ମଧ୍ୟରେ ମୁକାବିଲା ହେବ। ୨୨ ତାରିଖରେ ଗୋଆର ମାର୍ଗାଓରେ କଲମ୍ବିଆ-ତାଞ୍ଜାନିଆ ଓ ସ୍ପେନ-ଜାପାନ କ୍ୱାର୍ଟର ଫାଇନାଲ ଭେଟ ହେବ। ଭାରତ ଓ ମରକ୍କୋ ପରି ତାଞ୍ଜାନିଆ ପ୍ରଥମଥରପାଇଁ ବିଶ୍ୱକପ ଖେଳିବା ସୁଯୋଗ ପାଇଥିଲା। ମାତ୍ର ଭାରତ ଓ ମରକ୍କୋ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିବାବେଳେ ତାଞ୍ଜାନିଆ ପ୍ରଥମ ଉଦ୍ୟମରେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରି ନିଜ




ଦକ୍ଷତା ଦେଖାଇଛି। ଗ୍ରୁପ୍ ‘ସି’ର ଶେଷ ଲିଗ୍ ମ୍ୟାଚରେ ସ୍ପେନ୍ ୧-୦ ଗୋଲରେ ଚାଇନା ଏବଂ କଲମ୍ବିଆ ୨-୧ ଗୋଲରେ ମେକ୍ସିକୋକୁ ପରାସ୍ତ କରିଛି। ସେହିପରି ଗ୍ରୁପ୍ ‘ଡି’ ମ୍ୟାଚରେ ଫ୍ରାନ୍ସକୁ ୨-୦ରେ ଜାପାନ ହରାଇଥିବାବେଳେ ତାଞ୍ଜାନିଆ ଓ କାନାଡ଼ା ମ୍ୟାଚ ୧-୧ ଗୋଲରେ ଡ୍ର ରହିଥିଲା। ଜାପାନ ୯, ତାଞ୍ଜାନିଆ ୪ ପଏଣ୍ଟ ପାଇ କ୍ୱାର୍ଟରରେ ପହଞ୍ଚିଥିବାବେଳେ କାନାଡ଼ା ୨ ଓ ଫ୍ରାନ୍ସ ୧ ପଏଣ୍ଟ ପାଇ ବିଦାୟ ନେଇଛନ୍ତି।

## ଦେବୀ, ସୁଷମାଙ୍କୁ ସ୍ୱର୍ଣ୍ଣ, ଦେବାଶିଷଙ୍କ ଜାତୀୟ ରେକର୍ଡ


ପଦକ ବିଜୟୀ ଓଡ଼ିଶା ପ୍ରତିଯୋଗୀ।

ଭୁବନେଶ୍ୱର, ୧୮।୧୦
(କ୍ରୀଡ଼ା ପ୍ରତିନିଧି)

ଗତ ୧୨ରୁ ୧୬ ପର୍ଯ୍ୟନ୍ତ ନାଗପୁରରେ ଅନୁଷ୍ଠିତ ଜାତୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଯୋଗୀମାନେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଉଭୟ ମହିଳା ଓ ପୁରୁଷ ବିଭାଗରେ ଓଡ଼ିଶା ଦଳଗତ ଭାବେ ତୃତୀୟସ୍ଥାନ ଅଧିକାର କରିଛି। ସିନିୟର ମହିଳା ବିଭାଗରେ ଦେବୀ ସିଂ ୬୬ କେଜି ଓ ସୁଷମା ରାୟ ୪୭ କେଜି ବର୍ଗରେ ସ୍ୱର୍ଣ୍ଣ

**ଜାତୀୟ ଶକ୍ତି ଉତ୍ତୋଳନରେ ଓଡ଼ିଶା ତୃତୀୟ**

ପଦକ ଲାଭ କରିଛନ୍ତି। ସିନିୟର ପୁରୁଷ ବିଭାଗରେ ଦେବାଶିଷ ମହାନ୍ତି ୭୪ କେଜି ବର୍ଗରେ ରୌପ୍ୟ ଓ ଅଭିଷେକ ମହନ୍ତ ୬୬ କେଜିରେ ବ୍ରୋଞ୍ଜ ପଦକ ପାଇଛନ୍ତି। ପୁରୁଷ ମାଷ୍ଟର-୨ ବିଭାଗରେ ସୁଜିତ ଗିରି ୫୯ କେଜିରେ ରୌପ୍ୟ ଓ ନାରାୟଣ ସେଠୀ ୬୬ କେଜିରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ବ୍ୟକ୍ତିଗତ ଲିଫ୍ଟ କଥା ଦେଖିବାକୁ ଗଲେ ଦେବାଶିଷ ମହାନ୍ତି ୭୪ କେଜି ସ୍କ୍ୱାଟ୍‌ରେ ସ୍ୱର୍ଣ୍ଣ ପଦକ ସହ ଜାତୀୟ ରେକର୍ଡ କରିଛନ୍ତି। ରାକେଶ ଶତପଥୀ ୮୩ କେଜି ବେଞ୍ଚପ୍ରେସ୍‌ରେ ସ୍ୱର୍ଣ୍ଣ, ଦୀପକ କୁମାର ନାୟକ ୯୩ କେଜି ସ୍କ୍ୱାଟରେ ରୌପ୍ୟ ପଦକ ଅର୍ଜନ କରିଛନ୍ତି। ସେହିପରି ସିନିୟର ମହିଳା ବର୍ଗରେ ଓଡ଼ିଶା ପୋଲିସରେ କାର୍ଯ୍ୟରତ ଅନୁପମା ସ୍ୱାଇଁ ୪୭ କେଜି ସ୍କ୍ୱାଟ୍‌ରେ ରୌପ୍ୟ, ସ୍ୱାଗତିକା ଖଟେଇ ୬୯ କେଜି ଡେଡ୍‌ଲିଫ୍ଟରେ ରୌପ୍ୟ, ତନୟା ପଣ୍ଡା ୮୪ କେଜି ବେଞ୍ଚପ୍ରେସ୍‌ରେ ବ୍ରୋଞ୍ଜ ପଦକ ପାଇଛନ୍ତି। ଟିମ୍ ମ୍ୟାନେଜର ଓ କୋଚ୍ ସମରେନ୍ଦ୍ର ରାଉତରାୟଙ୍କ ନେତୃତ୍ୱରେ ନାଗପୁର ଯାଇଥିବା ଓଡ଼ିଶା ଦଳ ଫେରିବା ପରେ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଓଡ଼ିଶା ଶକ୍ତି ଉତ୍ତୋଳନ ସଂଘ ସମ୍ପାଦକ ହରି ପ୍ରସାଦ ପଟ୍ଟନାୟକ ପ୍ରକାଶ କରିଛନ୍ତି।

# ରୋଜର ବିନ୍ନି ବିସିସିଆଇ ସଭାପତି

ମୁମ୍ବାଇ,୧୮।୧୦(ପି.ଟି.)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ୩୬ ତମ ସଭାପତି ଭାବରେ ନିର୍ବାଚିତ ହୋଇଛନ୍ତି ପୂର୍ବତନ କ୍ରିକେଟର ରୋଜର ବିନ୍ନି। ମଙ୍ଗଳବାର ବିଦାୟୀ ସଭାପତି ସୌରଭ ଗାଙ୍ଗୁଲିଙ୍କ ସ୍ଥାନରେ ସେ ଦାୟିତ୍ୱ ଗ୍ରହଣ କରିବା ନେଇ ବିସିସିଆଇର ବାର୍ଷିକ ସାଧାରଣ ବୈଠକ(ଏଜିଏମ୍)ରେ ଘୋଷଣା କରାଯାଇଛି। ସମ୍ପାଦକ ଜୟ ଶାହଙ୍କ ସହିତ ସେ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଛନ୍ତି। ବିସିସିଆଇର ୯୧ ତମ ଏଜିଏମ୍‌ରେ ଆଇସିସି ଚେୟାରମ୍ୟାନ୍ ପଦବୀ ସମ୍ପର୍କିତ କୌଣସି ଆଲୋଚନା ହୋଇନାହିଁ। ଏହା ବ୍ୟତୀତ କୋଷାଧ୍ୟକ୍ଷ ଭାବେ ଆଶିଷ ଶେଲାର, ଉପସଭାପତି ଭାବେ ରାଜୀବ ଶୁକ୍ଳା ଓ ଯୁଗ୍ମ ସମ୍ପାଦକ ଭାବେ ଦେବଜିତ୍ ସାଇକିଆ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଛନ୍ତି। ବିଦାୟୀ କୋଷାଧ୍ୟକ୍ଷ ଅରୁଣ ଧୂମଲଙ୍କୁ ଆଇପିଏଲ୍ ଚେୟାରମ୍ୟାନ ଦାୟିତ୍ୱ ପ୍ରଦାନ କରାଯାଇଛି। ୨୭ ଟେଷ୍ଟ ଓ ୭୨ ଦିନିକିଆ ଖେଳିଥିବା ବିନ୍ନିଙ୍କୁ ଭାରତରେ ଖେଳାଯିବାକୁ ଥିବା ୨୦୨୩ ଦିନିକିଆ ବିଶ୍ୱକପ ପୂର୍ବରୁ ବିସିସିଆଇ ସଭାପତି ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ବୈଠକରେ ଆଇସିସି ଚେୟାରମ୍ୟାନ ପଦବୀ ପାଇଁ ଆଲୋଚନା ହେବା ନେଇ ଆକଳନ କରାଯାଉଥିଲା। ତେବେ ଏଜିଏମ୍‌ରେ ଏ ସମ୍ପର୍କରେ ଆଦୌ ଆଲୋଚନା ହୋଇ ନ ଥିଲା। ନଭେମ୍ବର ୧୨ ତାରିଖରେ ମେଲବୋର୍ନରେ ଆଇସିସିର ବୋର୍ଡ ମିଟିଂରେ ଚେୟାରମ୍ୟାନଙ୍କ ନିଷ୍ପତ୍ତି ନିଆଯିବ। ତେବେ ବିସିସିଆଇର ନୀରବତା ଗ୍ରେଗ୍ ବାର୍କଲେଙ୍କ ଦ୍ୱିତୀୟ କାର୍ଯ୍ୟକାଳ ଆଡକୁ ସ୍ପଷ୍ଟ ଇଙ୍ଗିତ କରୁଛି। ଏହା ସହିତ ଆଇସିସିରେ କିଏ ଭାରତର ପ୍ରତିନିଧି ରହିବେ ତା ଉପରେ ମଧ୍ୟ ଆଲୋଚନା ହୋଇ ନ ଥିବା ପ୍ରକାଶ। ପରବର୍ତ୍ତୀ ସମୟରେ ବିସିସିଆଇ ପକ୍ଷରୁ ଏହାର ପ୍ରତିନିଧି ଚୟନ କରାଯିବ। ଅକ୍ଟୋବର ୨୦ ତାରିଖରେ ଏଥିପାଇଁ ନାମାଙ୍କନ ଦାଖଲ କରାଯିବ।

ବିସିସିଆଇର ବିଦାୟୀ କୋଷାଧ୍ୟକ୍ଷ ଅରୁଣ ଧୂମଲଙ୍କୁ ଆଇପିଏଲ୍ କମିଟିର ଚେୟାରମ୍ୟାନ ଘୋଷଣା କରାଯାଇଛି। ବ୍ରିଜେଶ ପଟେଲଙ୍କ ସ୍ଥାନରେ ସେ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି। ଅଭିଷେକ ଡାଲମିୟାଙ୍କ ସହିତ ସେ ଆଇପିଏଲ୍ ଗଭର୍ନିଂ କାଉନସିଲକୁ ନିର୍ବାଚିତ ହୋଇଛନ୍ତି। ସାଧାରଣ ପରିଷଦର ପ୍ରତିନିଧି ଭାବରେ ଏମ୍‌କେଜେ ମଜୁମଦାର ଆପେକ୍ସ କାଉନସିଲକୁ ନିର୍ବାଚିତ ହୋଇଛନ୍ତି। ଏହି ବୈଠକରେ ବିସିସିଆଇର ସମସ୍ତ ବିଦାୟୀ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ପ୍ରଦାନ କରାଯାଇଥିଲା। ସେହିପରି ଏହି ବୈଠକରେ ପ୍ରଥମ ସଂସ୍କରଣର ମହିଳା ଆଇପିଏଲ୍‌କୁ ମଧ୍ୟ ମଞ୍ଜୁରୀ ପ୍ରଦାନ କରାଯାଇଛି। ଆସନ୍ତା ମାର୍ଚ୍ଚରେ ୫ଟି ଦଳକୁ ନେଇ ଏହା ଆରମ୍ଭ କରାଯିବ। ତେବେ ଦଳ କିଣା ସହିତ ଟୁର୍ନାମେଣ୍ଟ ଆୟୋଜନ ସମ୍ପର୍କିତ ନିଷ୍ପତ୍ତି ପରବର୍ତ୍ତୀ ବୈଠକରେ ଗ୍ରହଣ କରାଯିବ।


ରୋଜର ବିନ୍ନିଙ୍କୁ ଓସିଏ ସମ୍ପାଦକ ଓ ସଭାପତି ସମ୍ବର୍ଦ୍ଧିତ କରୁଛନ୍ତି।

### ବିସିସିଆଇ ସଭାପତି, ସମ୍ପାଦକଙ୍କୁ ସମ୍ବର୍ଦ୍ଧିତ କଲା ଓସିଏ

ଭୁବନେଶ୍ୱର, ୧୮।୧୦
(କ୍ରୀଡ଼ା ପ୍ରତିନିଧି)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ୯୧ତମ ବାର୍ଷିକ ସାଧାରଣ ବୈଠକ ମଙ୍ଗଳବାର ମୁମ୍ବାଇଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ପ୍ରତିନିଧିଭାବେ ସମ୍ପାଦକ ସଞ୍ଜୟ ବେହେରା ଯୋଗ ଦେଇଥିଲେ। ପରେ ସମ୍ପାଦକ ସଞ୍ଜୟ ଓ ସଭାପତି ପଙ୍କଜ ଲୋଚନ ମହାନ୍ତି ବିସିସିଆଇର ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ରୋଜର ବିନ୍ନି ବିସିସିଆଇର ସଭାପତି, ଜୟ ଶାହା ସମ୍ପାଦକ, ଅରୁଣ କୁମାର ଧୁମାଲ ଆଇପିଏଲ୍ (ଇଣ୍ଡିଆନ ପ୍ରିମିୟର ଲିଗ୍) ଅଧ୍ୟକ୍ଷଭାବେ ନିର୍ବାଚିତ ହୋଇଛନ୍ତି।

## ବେଞ୍ଜେମା, ପୁଟେଲାସ୍‌ଙ୍କୁ ବାଲନ ଡି’ଅର ପୁରସ୍କାର

ପ୍ୟାରିସ, ୧୮।୧୦ (ଏପି)

କରିମ ବେଞ୍ଜେମା ପୁରୁଷ ପ୍ରଥମ ଥର ବାଲାନ ଡି’ଅର ପୁରସ୍କାର ଲାଭ କରିଛନ୍ତି। ସିଜନରେ ରିଅଲ ମାଡ୍ରିଡର ଚାମ୍ପିୟନ୍ସ ଲିଗ୍ ଓ ସ୍ପାନିଶ ଟାଇଟଲ ହାସଲରେ ତାଙ୍କର ବିଶେଷ ଭୂମିକା ରହିଥିଲା। ସ୍ପାନିଶ ଖେଳାଳି ଆଲେକ୍ସିଆ ପୁଟେଲାସ୍ ବାର୍ସିଲୋନା ସହିତ ଆଉ ଏକ ସିଜନରେ ଚମତ୍କାର ପ୍ରଦର୍ଶନ କରି କ୍ରମାଗତ ଦ୍ୱିତୀୟ ଥର ପାଇଁ ମହିଳା ଟ୍ରଫି ଜିତିଛନ୍ତି। ମାଡ୍ରିଡ୍ ଦଳରେ ବେଞ୍ଜେମାଙ୍କର ଏହା ଶ୍ରେଷ୍ଠ ସିଜନ ଥିଲା। ସେ ଉଭୟ ଲିଗ୍‌ରେ ଟପ୍ ସ୍କୋରର ରହିଥିଲେ। ମାଡ୍ରିଡ ତରଫରୁ ସେ ୪୪ ଗୋଲ ସ୍କୋର କରିଥିଲେ। ତନ୍ମଧ୍ୟରେ ୟୁରୋପର ଟପ୍ ପ୍ରତିଯୋଗିତାରେ ୧୫ ଗୋଲ୍ ସାମିଲ। ବର୍ତ୍ତମାନ ସେ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ପଛରେ ରହିଥିବା ଦଳର ଦ୍ୱିତୀୟ ସର୍ବାଧିକ ଗୋଲ୍ ସ୍କୋରର ରାଉଲ ଗୋଞ୍ଜାଲେଜ୍‌ଙ୍କ ସମକକ୍ଷ ହୋଇଛନ୍ତି। ୧୯୫୪ରେ ଷ୍ଟାନ୍‌ଲି ମାଥ୍ୟୁସଙ୍କ ପଛକୁ ୩୪ ବର୍ଷୀୟ ବେଞ୍ଜେମା ଏହି ପୁରସ୍କାର ଜିତିବାରେ ସବୁଠାରୁ ବୟସ୍କ ଖେଳାଳି। ପୁରସ୍କାର ଜିତିବା ପରେ ବେଞ୍ଜେମା କହିଛନ୍ତି, ତାଙ୍କ ଦୃଷ୍ଟିରେ ବୟସ ହେଉଛି ଏକ ସଂଖ୍ୟା। ତାଙ୍କର ଏବେସୁଦ୍ଧା ଫୁଟ୍‌ବଲ ନିଶା ଛାଡ଼ି ନାହିଁ। ଯେପର୍ଯ୍ୟନ୍ତ ଫିଟ୍ ଥିବେ ଖେଳ ଜାରି ରଖିଥିବେ। ପୁରସ୍କାର ଦୌଡ଼ରେ ବେଞ୍ଜେମା ସାଡିଓ ମାନେ ଓ ମାଞ୍ଚେଷ୍ଟର ସିଟି ପ୍ଲେମେକର କେଭିନ୍ ଡି’ ବ୍ରୁଇନ୍‌ଙ୍କୁ ପଛରେ ପକାଇ ଦେଇଥିଲେ। ଗତ ସିଜନରେ ଲିଭରପୁଲ୍ ପାଇଁ ଖେଳିଥିବା ମାନେ ଗ୍ରୀଷ୍ମଋତୁରେ ବେୟର୍ନ ମ୍ୟୁନିକ୍‌ରେ ଯୋଗ ଦେଇଛନ୍ତି। ଗତବର୍ଷ ରେକର୍ଡ ୭ମ ଥର ପାଇଁ ବାଲାନ ଡି’ଅର ପୁରସ୍କାର ଜିତିଥିବା ଲିଓନେଲ ମେସିଙ୍କ ନାମ ଏଥର ମନୋନୟନ ତାଲିକାରେ ସ୍ଥାନ ପାଇ ନ ଥିଲା। ପ୍ୟାରିସ ସେଣ୍ଟ ଜର୍ମେନ ଦଳ ପାଇଁ ସେ ପ୍ରଥମ ଥର ଖେଳୁଛନ୍ତି। ଚଳିତ ବର୍ଷ ପ୍ରଥମ ଥର ବାଲନ ଡି’ଆର ପୁରସ୍କାର ବିଗତ ସିଜନର ସଫଳତାକୁ ଭିତ୍ତି କରି ପ୍ରଦାନ କରାଯାଇଛି। ପୂର୍ବରୁ ଏହା କ୍ୟାଲେଣ୍ଡର ବର୍ଷ ପ୍ରଦର୍ଶନକୁ ଭିତ୍ତି କରି ଦିଆଯାଉଥିଲା।

## ‘ଏସିଆ କପ୍ ଖେଳିବାକୁ ପାକିସ୍ତାନ ଯିବନି ଭାରତ’

ମୁମ୍ବାଇ,୧୮।୧୦(ପି.ଟି.)

ପାକିସ୍ତାନ ମାଟିରେ ଭାରତ ଏସିଆ କପ୍ ଖେଳିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ବିସିସିଆଇର ନବନିର୍ବାଚିତ ସମ୍ପାଦକ ଜୟ ଶାହା। ପୁନଃ ନିର୍ବାଚିତ ହେବା ପରେ ମଙ୍ଗଳବାର ଶାହା ଏହି ମନ୍ତବ୍ୟ ଦେଇଛନ୍ତ। ୨୦୨୩ ଏସିଆ କପ୍ ଆୟୋଜନ ପାକିସ୍ତାନକୁ ମିଳିଥିବା ବେଳେ ଏହା ୫୦ ଓଭର ଫର୍ମାଟରେ ଖେଳାଯିବ। ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ସମାପ୍ତ ହେବା ପରେ ଶାହ ଏହି ମନ୍ତବ୍ୟ ଦେବା ସହିତ ଭାରତ କେବଳ ନିରପେକ୍ଷ ଭେନ୍ୟୁରେ ଏସିଆ କପ୍ ଖେଳିବ। ଭାରତ ଓ ପାକିସ୍ତାନ ମଧ୍ୟରେ ରହିଥିବା ରାଜନୈତିକ ତିକ୍ତତା କାରଣରୁ ଉଭୟ ଦେଶ କୌଣସି ଦ୍ୱିପାକ୍ଷିକ ସିରିଜ ଖେଳୁ ନ ଥିବା ବେଳେ କେବଳ ବିଶ୍ୱକପ୍ ଓ ଏସିଆ କପ୍ ପରି ଟୁର୍ନାମେଣ୍ଟରେ ମୁହାଁମୁହିଁ ହୋଇଥାନ୍ତି। ୨୦୨୨ରେ ଏସିଆ କପ୍ ଶ୍ରୀଲଙ୍କାରେ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଥିଲା।


ଜୟ ଶାହା

ତେବେ ଶ୍ରୀଲଙ୍କାର ଆର୍ଥିକ ସଙ୍କଟ କାରଣରୁ ଏହାକୁ ୟୁଏଇ ସ୍ଥାନାନ୍ତର କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ବିସିସିଆଇର ସମ୍ପାଦକ ଶାହ ବର୍ତ୍ତମାନ ଏସିଆନ୍ କ୍ରିକେଟ କାଉନସିଲର ସଭାପତି ମଧ୍ୟ ରହିଛନ୍ତି। ଉଭୟ ଦଳ ଏସିଆ କପ୍‌ରେ ଦୁଇ ଥର ପରସ୍ପର ସହିତ ଖେଳିଥିବା ବେଳେ ଟି୨୦ ବିଶ୍ୱକପ୍‌ରେ ଆଉଥରେ ମୁହାଁମୁହିଁ ହେବେ।

ବିଗତ ୩ ବର୍ଷରେ ବିସିସିଆଇର ସମ୍ପତ୍ତି ପ୍ରାୟ ୬ ହଜାର କୋଟି ଟଙ୍କା ବୃଦ୍ଧି ପାଇଛି। ୯୧ ତମ ଏଜିଏମ୍‌ରେ ବିଦାୟୀ କୋଷାଧ୍ୟକ୍ଷ ତଥା ବର୍ତ୍ତମାନର ଆଇପିଏଲ ଚେୟାରମ୍ୟାନ୍ ଅରୁଣ ଧୂମଲ ଏହି ସୂଚନା ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ସୌରଭ ଗାଙ୍ଗୁଲି ବିସିସିଆଇର ସଭାପତି ଦାୟିତ୍ୱ ଗ୍ରହଣ କରିଥିଲେ। ୩୩ ମାସର ଗାଙ୍ଗୁଲିଙ୍କ କାର୍ଯ୍ୟକାଳରେ ବିସିସିଆଇର ସମ୍ପତ୍ତି ପରିମାଣ ୬ ହଜାର କୋଟି ବଢ଼ିଛି। ୨୦୧୯ରେ ସିଓଏ ହାତରୁ ବିସିସିଆଇ ନିକଟକୁ କ୍ଷମତା ଆସିବା ସମୟରେ ୩୬୪୮ କୋଟିର ଅର୍ଥରାଶି ରହିଥିଲା। ଏହି ସମୟ ମଧ୍ୟରେ ଅର୍ଥରାଶିର ପରିମାଣ ପ୍ରାୟ ୩ ଗୁଣ ବୃଦ୍ଧି ପାଇ ୯୬୨୯ କୋଟିରେ ପହଞ୍ଚିଛି। ସେହିପରି ବିଭିନ୍ନ ରାଜ୍ୟର କ୍ରିକେଟ ବୋର୍ଡମାନଙ୍କୁ ଦିଆଯାଉଥିବା ଅନୁଦାନ ରାଶି ୫ ଗୁଣ ବୃଦ୍ଧିପାଇଛି। ରାଜ୍ୟ ଆସୋସିଏଶନଗୁଡ଼ିକୁ ପୂର୍ବରୁ ୬୮୦ କୋଟି ଟଙ୍କା ପ୍ରଦାନ କରାଯାଉଥିବା ବେଳେ ଚଳିତ ବର୍ଷରୁ ଏହାକୁ ୩୨୯୫ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି।

## ଦିନିକିଆ ବିଶ୍ୱକପ୍‌ରୁ ଓହରିଯିବା ଲାଗି ପାକିସ୍ତାନର ଧମକ

କରାଚୀ, ୧୮।୧୦ (ପି.ଟି.)

ଭାରତ ନିରପେକ୍ଷ ଭେନ୍ୟୁରେ ଏସିଆ କପ୍ ଖେଳିବାକୁ ପସନ୍ଦ କରିବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହା ଏକଥା ପ୍ରକାଶ କରିବା ପରେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଏନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଭାରତ ଏସିଆ କପ୍ ଖେଳିବା ଲାଗି ଯଦି ପାକିସ୍ତାନ ନ ଆସେ ତେବେ ଆସନ୍ତାବର୍ଷ ଭାରତରେ ହେବାକୁଥିବା ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରୁ ପାକିସ୍ତାନ ଓହରିଯିବାକୁ ନିଷ୍ପତ୍ତି ନେଇ ପାରେ ବୋଲି ପିସିବି ଚେୟାରମ୍ୟାନ ରମିଜ ରାଜାଙ୍କ ନିକଟତମ ମହଲରୁ ପ୍ରକାଶ। ମଙ୍ଗଳବାର ମୁମ୍ବାଇରେ ବିସିସିଆଇର ବାର୍ଷିକ ସାଧାରଣ ବୈଠକ ପରେ ଶାହା ଖବରଦାତାମାନଙ୍କୁ କହିଥିଲେ ଯେ, ଭାରତ ଏସିଆ କପ୍ ଏକ ନିରପେକ୍ଷ ଭେନ୍ୟୁରେ ଖେଳିବ। ସୂଚନାଯୋଗ୍ୟ, ଏସିଆନ କ୍ରିକେଟ କାଉନ୍‌ସିଲ (ଏସିସି) ନିଷ୍ପତ୍ତି ଅନୁସାରେ ପାକିସ୍ତାନ ଏସିଆକପ୍‌ର ପରବର୍ତ୍ତୀ ସଂସ୍କରଣ ଆୟୋଜନ କରିବ। ଘଟଣାକ୍ରମେ ଶାହା ଏସିସିର ସଭାପତି ଅଛନ୍ତି। ରମିଜ ରାଜାଙ୍କ ନିକଟତମ ମହଲରୁ ପ୍ରକାଶ ଯେ ପିସିବି ଏକ କଠୋର ନିଷ୍ପତ୍ତି ନେବାକୁ ପ୍ରସ୍ତୁତ ହେଉଛି। ଆଇସିସି କିମ୍ବା ଏସିସି ଇଭେଣ୍ଟରେ ଭାଗ ନେଲେ ଆର୍ଥିକ ଫାଇଦା ରହିଛି। ପାକିସ୍ତାନ ଯଦି ଭାରତରେ ହେବାକୁଥିବା ବିଶ୍ୱକପ୍‌ରେ ଅଂଶଗ୍ରହଣ ନ କରେ ତେବେ ଏଥରୁ ବଞ୍ଚିତ ହେବ। ଭାରତ ଓ ପାକିସ୍ତାନ ଗ୍ଲୋବାଲ ଓ କଣ୍ଟିନେଣ୍ଟାଲ ଇଭେଣ୍ଟରେ ପରସ୍ପରକୁ ଭେଟୁଛନ୍ତି। ହେଲେ ୨୦୦୮ ଏସିଆ କପ୍ ପରେ ସେମାନେ ପଡୋଶୀ ଦେଶକୁ ଗସ୍ତ କରୁ ନାହାନ୍ତି।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

✓ ବେଣୁଧର ସାହୁ
ତିରୋଧାନ : ୦୯/୧୦/୨୦୨୨
IRC Village, Nayapalli, Bhubaneswar
ଏକାଦଶାହ ଉପଲକ୍ଷେ ପରିବାର ପକ୍ଷରୁ ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମେ ବିନମ୍ର ପ୍ରାର୍ଥନା କରୁଅଛୁ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ, ତ୍ୟାଗ, ସମାଜ ସେବା, କର୍ତ୍ତବ୍ୟ ଓ ଧର୍ମ ପରାୟଣ ଆମ୍ଭମାନଙ୍କ ଜୀବନର ପଥ ପ୍ରଦର୍ଶକ ହେଉ।
ଶୋକସନ୍ତପ୍ତ
ଆତ୍ମୀୟସ୍ୱଜନ ଓ ପରିବାରବର୍ଗ
ଧ-୭୩୮୩

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି

✓ଜଗନ୍ନାଥ ବଲ୍ଲଭ ଜଗଦେବ
✓ଶରତ କୁମାରୀ ଜଗଦେବ
ଝାଁଳା, ଭୁବନେଶ୍ୱର
ଆପଣ ଦୁହିଁଙ୍କ ମହାନ୍ ଆତ୍ମାର ସଦ୍‌ଗତି, ମୁକ୍ତି ଓ ମୋକ୍ଷପ୍ରାପ୍ତ ହେଉ ପରମାତ୍ମାଙ୍କ ସହ ମିଳିତ ହେଉ ଏହାହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ନିବେଦନ।
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ କୁଟୁମ୍ବ ଓ ଶୋକସନ୍ତପ୍ତ ଜଗଦେବ ପରିବାରବର୍ଗ।
ଶୋକସଭା ଝାଁଳା ପଞ୍ଚାୟତ ପରିସର।
ଧ-୬୦୯୭୨

ଏକାଦଶାହ ଉପଲକ୍ଷେ

✓ନରୋତ୍ତମ ସାମନ୍ତସିଂହାର
ଉଦୟରାଗ: ୦୭.୦୧.୧୯୪୯
ଅସ୍ତରାଗ: ୦୯.୧୦.୨୦୨୨
ପ୍ଲଟ୍ ନଂ. ୨୦୭, ରୋଡ୍ ନଂ-୮, ୟୁନିଟ୍-୯, ଭୁବନେଶ୍ୱର
ହେ ଜୀବାତ୍ମା! ତୁମର ଚକ୍ଷୁଶକ୍ତି ସୂର୍ଯ୍ୟଙ୍କୁ ପ୍ରାପ୍ତ ହେଉ। ଯେଉଁ ପାର୍ଥିବ ଦେହ ଆକାଶ, ବାୟୁ, ଅଗ୍ନି, ଜଳ ଓ ପୃଥିବୀରୁ ଗଠିତ, ତାହାର ବିଭିନ୍ନ ଅଂଶ ସେ ସମସ୍ତର ଘଟକ ତତ୍ତ୍ୱରେ ମିଶିଯାଉ।
ଆପଣଙ୍କ ଅବର୍ତ୍ତମାନରେ ଶୋକସନ୍ତପ୍ତ
ଜ୍ୟୋତିର୍ମୟୀ ସାମନ୍ତସିଂହାର(ଧର୍ମପତ୍ନୀ), ଶୁଭକାନ୍ତ- ରଶ୍ମିରେଖା, ସୌମ୍ୟକାନ୍ତ- ବନ୍ଦିତା, ସ୍ମିତିକାନ୍ତ- ପୁଷ୍ପାଞ୍ଜଳି, ଗାର୍ଗୀ, ଅରଭ, ଆଦି, ଅନୟ, ଭଣଜା-ଭାଣିଜୀ, ବନ୍ଧୁ ଓ ପରିବାରବର୍ଗ।
ଧ-୭୩୯୮୯

# ମାଛଙ୍କ କୃତ୍ରିମ ଖାଦ୍ୟ

**୧** ହେକ୍ଟର ପୋଖରୀ ପାଇଁ କଞ୍ଚା ଗୋବର ୭୫୦ କିଲୋଗ୍ରାମ୍ ଓ ରାସାୟନିକ ସାର (ସିଏଏନ୍ ୧୦ କି.ଗ୍ରା. ଏବଂ ଏସ୍ଏସ୍ପି ୩ କି.ଗ୍ରା.)କୁ ୩-୪ ଥରରେ ପ୍ରୟୋଗ କରନ୍ତୁ। ପ୍ରତିଦିନ ହେକ୍ଟର ପିଛା କୃତ୍ରିମ ଖାଦ୍ୟ ଦିନକୁ ୫ କିଲୋଗ୍ରାମ୍ ହିସାବରେ ମାଛମାନଙ୍କୁ ଦିଅନ୍ତୁ। କୃତ୍ରିମ ଖାଦ୍ୟ ତିଆରି ପାଇଁ ବାଦାମ ପିଡ଼ିଆ, ଶୁଖୁଆଗୁଣ୍ଡ, କାଣ୍ଡିଆ କୁଣ୍ଡା, ଅଟା ଓ ଭିଟାମିନ୍ ମିନେରାଲ୍ ମିକ୍ସଚରରେ



ତିଆରି କରାଯାଇଥାଏ। ୧୦୦ କି.ଗ୍ରା. କୃତ୍ରିମ ଖାଦ୍ୟ ତିଆରି ପାଇଁ ୪୦କି.ଗ୍ରା. ବାଦାମ/ସୋରିଷ/ରାଶି/ସୋୟାବିନ୍/ସୂର୍ଯ୍ୟମୁଖୀ ପିଡ଼ିଆ, ୨୦ କି.ଗ୍ରା. ଶୁଖୁଆଗୁଣ୍ଡ, ୨୮ କି.ଗ୍ରା. କାଣ୍ଡିଆକୁଣ୍ଡା, ୧୦ କି.ଗ୍ରା. ଅଟା ଓ ୨ କି.ଗ୍ରା. ମିନେରାଲ ମିକ୍ସଚର ଆବଶ୍ୟକ। ମାଛମାନଙ୍କୁ ତାଙ୍କ ଓଜନର ଶତକଡ଼ା ୩ ରୁ ୫ ଭାଗ ହିସାବରେ କୃତ୍ରିମ ଖାଦ୍ୟ ପ୍ରତିଦିନ ଦେବାକୁ ହୁଏ।

# ଖରିଫ ଚିନାବାଦାମ



**ଖ**ରିଫ ଚିନାବାଦାମ ମଞ୍ଜି ଗଛରେ ପାକଳ ହୋଇଯାଇଥିଲେ ଅମଳକରି ତିନି ଚାରୋଟି ଟାଣଖରାରେ ଶୁଖାଇ ସାଇତି ରଖନ୍ତୁ। ନଦୀପଠା ଜମିରେ ହେକ୍ଟର ପ୍ରତି ୧୮୭ କି.ଗ୍ରା. ଚିନାବାଦାମ ବିହନ ଅର୍ଥାତ୍ ୧୨୫ କି.ଗ୍ରା. ଚିନାବାଦାମ ମଞ୍ଜି ସହ ରାଇଜୋବିୟମ୍ ଜୀବାଣୁ କଲ୍ଚର ବ୍ୟବହାରକରି ଧାଡ଼ିକୁ ଧାଡ଼ି ୨୫ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ବ୍ୟବଧାନରେ ଲଗାନ୍ତୁ। ସ୍ମୃତି, ଦେବୀ, ଧରଣୀ, ଟିଜି-୩୮, ଟିଏସ୍ଭି-୨ ଓ କାଦିରୀ-୬ ଦେବୀ କିସମ ବିହନ ବ୍ୟବହାର କରନ୍ତୁ।

# କୁକୁଡ଼ାଙ୍କୁ ବୁଷ୍ଟର ଟିକା

**ରା**ଣୀକ୍ଷେତ ରୋଗର ପ୍ରତିଷେଧକ ପାଇଁ ୫ରୁ ୭ ଦିନର କୁକୁଡ଼ା ଚିଆଁଙ୍କୁ ଲାସୋଟା ଟିକା ଦିଅନ୍ତୁ। ୨୧ ଦିନର କୁକୁଡ଼ାଙ୍କୁ ଲାସୋଟା (ବୁଷ୍ଟର) ଟିକା ଦିଅନ୍ତୁ। ୫୬ ଦିନର କୁକୁଡ଼ାଙ୍କୁ ଆର୍ ଟୁ ବି ଟିକା ଦିଅନ୍ତୁ। ୧୧୨ ଦିନର କୁକୁଡ଼ାଙ୍କୁ ଆର୍ ଟୁ ବି ବୁଷ୍ଟର ଟିକା ଦିଅନ୍ତୁ। ବର୍ତ୍ତମାନ କୁକୁଡ଼ାଗୃହର ଭିତର ଉତ୍ତାପ ଦିନରେ ପାଖାପାଖି ୩୫୦ରୁ ୪୦୦ ସେଲ୍ସିୟସ୍ ରହୁଥିଲେ କୁକୁଡ଼ା ଚିଆଁ ପାଳନ ପାଇଁ ଏହାଠାରୁ ଅଧିକ ଉତ୍ତାପ ଦିଅନ୍ତୁ ନାହିଁ ଏବଂ ଗୃହର ଝରକାରେ ଓଦା ଅଖା ଓହଳାଇବା ବ୍ୟବସ୍ଥା କରନ୍ତୁ। ଟିଣ, ଆଜ୍ବେଷ୍ଟସ କିମ୍ବା ସିମେଣ୍ଟ ଛାତ ଥିଲେ ତାହା ଉପରେ ନଡ଼ା ପକାଇବାର ବ୍ୟବସ୍ଥା କରନ୍ତୁ। ଘର ଅଗଣାରେ ପାଳନ କରୁଥିବା ସବୁ କୁକୁଡ଼ାଙ୍କୁ ୨ ମାସ ବେଳକୁ ଓ ତା'ପରେ ୬ ମାସ ଅନ୍ତରରେ ଆର୍ ଟୁ ବି ଟିକା ଦିଅନ୍ତୁ, ଯାହା ଫଳରେ ରାଣୀକ୍ଷେତ ରୋଗ ହେବ ନାହିଁ।



# ଧାନରେ ମାଟିଆଗୁଣ୍ଡି ପୋକ

**ଚିହ୍ନିବେ କିପରି:** ମାଟିଆଗୁଣ୍ଡି ପୋକ ଦେଖିବାକୁ ଈଷତ୍ ମାଟିଆ ରଙ୍ଗର ଓ ୩-୪ ମିଲିମିଟର ଲମ୍ବା। ପୂର୍ଣ୍ଣାଙ୍ଗ ଅବସ୍ଥାରେ ଏମାନେ ଉଭୟ ଲମ୍ବା ଓ ଛୋଟ ଡେଣାଯୁକ୍ତ ହୋଇଥାନ୍ତି। ଅନୁକୂଳ ପାଗରେ ବିଶେଷ ଭାବରେ ଛୋଟ ଡେଣାଯୁକ୍ତ କୀଟ ଭଳି ଦେଖାଯାଆନ୍ତି ଏବଂ କ୍ଷୀପ୍ର ଗତିରେ ବଂଶ ବିସ୍ତାର କରିଥାନ୍ତି। ସାଧାରଣତଃ ପୂର୍ଣ୍ଣାଙ୍ଗ ଓ ଅର୍ଭକ କୀଟଗୁଡ଼ିକ ଧାନବୁଦାର ମୂଳ ଭାଗରେ ମେଞ୍ଚା ମେଞ୍ଚା ହୋଇଲାଗିଥାନ୍ତି।

**ପୋକ କିପରି ବୃଦ୍ଧି ପାଏ:** ଠିଆ ପାଣି, ଅତ୍ୟଧିକ ଯବକ୍ଷାରଜାନ ସାର ପ୍ରୟୋଗ ଓ ଅଧିକ ଘଞ୍ଚ ଧାନ ଥିବା କ୍ଷେତ୍ରରେ ଏମାନେ ଶୀଘ୍ର ବଢ଼ିଥା'ନ୍ତି। ବର୍ଷାଦିନେ ଅତ୍ୟଧିକ ଆର୍ଦ୍ରତା ସହ ୨୮-୩୦° ସେଲ୍ସିୟସ ଉତ୍ତାପ ଏହି ପୋକର ବଂଶ ବିସ୍ତାରରେ ସାହାଯ୍ୟ କରେ। ଏଥିଯୋଗୁ ଧାନ ଫସଲ ଅଧିକ କ୍ଷତିଗ୍ରସ୍ତ ହୋଇଥାଏ।

**କ୍ଷତିର ଲକ୍ଷଣ:** ଉଭୟ ଅର୍ଭକ ଓ ପୂର୍ଣ୍ଣାଙ୍ଗ କୀଟ ବହୁ ସଂଖ୍ୟାରେ ଗଛମୂଳେ ରହି ଗଛରୁ ରସ ଶୋଷି ଖାଇବା ଦ୍ୱାରା ଗଛ ଶୁଖି ମରିଯାଏ, ଯାହାକୁ ଗଣ୍ଡିଜ୍ୱଳନ ବା ହପର୍ବର୍ନ କୁହାଯାଏ। ସାଧାରଣତଃ ଏ ପ୍ରକାର ଲକ୍ଷଣ ଚକଡ଼ା ଚକଡ଼ା ହୋଇ ଧାନ ବିଲରେ ଦେଖାଯାଏ ଓ ଅଳ୍ପ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କିଆରିକୁ ମାଡ଼ିଯାଏ।

**ପରିଚାଳନା ପଦ୍ଧତି:** ଧାନ ଫସଲ କ୍ଷୀର ଢୋକିବା ବା ଏହାର ପୂର୍ବ ଅବସ୍ଥାରେ ଥିଲେ ଏବଂ ବୁଦା ପ୍ରତି ୫-୧୦ଟି କିମ୍ବା ତା' ଠାରୁ ଅଧିକ ପୋକ ଦେଖାଦେଲେ, ନିମ୍ନଲିଖିତ ପରିଚାଳନା ପଦ୍ଧତି ଅବଲମ୍ବନ କରିବା ଆବଶ୍ୟକ।

- ଆକ୍ରାନ୍ତ କିଆରିରୁ ଠିଆପାଣି ନିଷ୍କାସନ କରନ୍ତୁ।
- ଫସଲ କ୍ଷୀର ଢୋକିବା ଅବସ୍ଥାରେ ଥିଲେ ଅଦଳବଦଳ କରି ଜଳସେଚନ କରନ୍ତୁ।
- ପ୍ରତି ୬ ଫୁଟ୍ ଅନ୍ତରରେ କନ୍ଦି/ପାହି ତିଆରି କରିବା ଦ୍ୱାରା ବୁଦାମୂଳକୁ ଆଲୋକ ଓ ବାୟୁ ଚଳାଚଳ ସହଜ ହୋଇଥାଏ ଓ କୀଟନାଶକ ପ୍ରୟୋଗ କରିବା ସୁବିଧା ହୋଇଥାଏ।



ନିମ୍ନଲିଖିତ କୀଟନାଶକକୁ ଅନୁମୋଦିତ ମାତ୍ରାରେ ପ୍ରୟୋଗ କରି କୀଟ ନିୟନ୍ତ୍ରଣ କରନ୍ତୁ।

| କୀଟନାଶକର ନାମ | ଏକର ପ୍ରତି ମାତ୍ରା | ଏକର ପ୍ରତି କୀଟନାଶକ ଦ୍ରବଣର ମାତ୍ରା | |
|---|---|---|---|
| | | ହସ୍ତଚାଳିତ ସିଞ୍ଚନ ଯନ୍ତ୍ର ପାଇଁ | ଶକ୍ତିଚାଳିତ ସିଞ୍ଚନ ଯନ୍ତ୍ର ପାଇଁ |
| - କ୍ଲୋଥିଆନିଡିନ୍ ୫୦% ଡବ୍ଲୁ.ଜି. | ୮-୧୦ ଗ୍ରାମ୍ | ୨୦୦ ଲିଟର | ୭୦ ଲିଟର |
| - ଫ୍ଲୋନିକାମାଇଡ୍ ୫୦% ଡବ୍ଲୁ.ଜି. | ୬୦ ଗ୍ରାମ୍ | ୨୦୦ ଲିଟର | ୭୦ ଲିଟର |
| - ଡାଇନେଟୋଫ୍ୟୁରାନ୍ ୨୦% ଏସ୍.ଜି. | ୮୦ ଗ୍ରାମ୍ | ୨୦୦ ଲିଟର | ୭୦ ଲିଟର |
| - ପାଇମେଟ୍ରୋଜିନ୍ ୫୦% ଡବ୍ଲୁ.ଜି. | ୧୨୦ ଗ୍ରାମ୍ | ୨୦୦ ଲିଟର | ୭୦ ଲିଟର |
| - ଫିପ୍ରୋନିଲ୍ ୫% ଏସ୍.ସି. | ୪୦୦ ମି.ଲି. | ୨୦୦ ଲିଟର | ୭୦ ଲିଟର |
| - ଟ୍ରାଇଫ୍ଲୁମେଜୋପାଇରିନ୍ ୧୦% ଏସ୍.ସି. | ୧୦୦ ମି.ଲି. | ୨୦୦ ଲିଟର | ୭୦ ଲିଟର |
| - ଏଥିପ୍ରୋଲ୍ ୪୦% + ଇମିଡାକ୍ଲୋପ୍ରିଡ୍ ୪୦% ଡବ୍ଲୁ.ଜି. | ୫୦ ଗ୍ରାମ୍ | ୨୦୦ ଲିଟର | ୭୦ ଲିଟର |
| - ଫ୍ଲୁପାଇରିମିନ୍ ୧୦% ଏସ୍.ସି. | ୪୦୦ ମି.ଲି. | ୨୦୦ ଲିଟର | ୭୦ ଲିଟର |

ଉପରୋକ୍ତ କୀଟନାଶକଗୁଡ଼ିକୁ ୧୦ ଦିନ ଅନ୍ତରରେ ଅଦଳବଦଳ କରି ଗଛର ମୂଳକୁ ଲକ୍ଷ୍ୟ କରି ସିଞ୍ଚନ କରନ୍ତୁ। ଏହି ପୋକର ପୁନରୁତ୍ଥାନ କରୁଥିବା କୀଟନାଶକ ଯଥା କ୍ଲୋରୋପାଇରିଫସ୍, କ୍ୱିନାଲ୍ଫସ୍, ମନୋକ୍ରୋଟୋଫସ୍ ଓ ସଂଶ୍ଳିଷ୍ଟ ପାଇରେଥ୍ରଏଡ୍ ଗୋଷ୍ଠୀର କୀଟନାଶକଗୁଡ଼ିକ ଧାନ ଫସଲର ଅନ୍ୟ କୀଟ ନିୟନ୍ତ୍ରଣ ପାଇଁ ବ୍ୟବହାର କରନ୍ତୁ ନାହିଁ। କ୍ଷେତରେ ଯେ ପର୍ଯ୍ୟନ୍ତ ଅନିଷ୍ଟକାରୀ ପୋକ ଏବଂ ଉପକାରୀ କୀଟର ଅନୁପାତ ୨:୧ ଥିବ ସେ ପର୍ଯ୍ୟନ୍ତ କୌଣସି ରାସାୟନିକ କୀଟନାଶକ ବ୍ୟବହାର କରନ୍ତୁ ନାହିଁ। ଏକାଧିକ କୀଟନାଶକକୁ ମିଶ୍ରଣ କରି ପ୍ରୟୋଗ କରିବା ଅନୁଚିତ।

-**ଡ. ଜୟରାଜ ପାଢ଼ୀ,** ପ୍ରାଧ୍ୟାପକ ଓ ବିଭାଗୀୟ ମୁଖ୍ୟ,
କୀଟତତ୍ତ୍ୱ ବିଭାଗ, କୃଷି ମହାବିଦ୍ୟାଳୟ,ଓୟୁଏଟି, ଭୁବନେଶ୍ୱର

# ଶୀତଋତୁ ପାଇଁ ଉନ୍ନତ ଫସଲ



ପ୍ର. ସୁବୋଧ କୁମାର ସାହୁ



**ପା**ଣିପାଗ ବିଶେଷଜ୍ଞମାନେ ବର୍ଷକୁ ୬ ଋତୁରେ ବିଭକ୍ତ କରିଛନ୍ତି। ଶୀତଋତୁ ସେଥିମଧ୍ୟରୁ ଅନ୍ୟତମ। ବିଶ୍ୱତାପନ ଯୋଗୁ ବର୍ତ୍ତମାନ ଜଳବାୟୁର ଅଶେଷ ପରିବର୍ତ୍ତନ ଘଟୁଛି। ତେଣୁ ୬ ଋତୁ ବଦଳରେ ଆମେ ମୁଖ୍ୟତଃ ୩ ଗୋଟି ଋତୁ ଉପଭୋଗ କରୁଛୁ। ଶୀତଋତୁ ସେଥିମଧ୍ୟରୁ ଅନ୍ୟତମ। କାର୍ତ୍ତିକ ଓ ମାର୍ଗଶିର ହେମ ବା ପ୍ରାକ୍ ଶୀତଋତୁ। ଉକ୍ତ ୨ମାସରେ ବାୟୁମଣ୍ଡଳର ଉତ୍ତାପ ୨୧° ରୁ ୨୫° ସେଲ୍ସିୟସରେ ରହିବା କଥା। କିନ୍ତୁ ଏହି ସମୟରେ ଉତ୍ତାପ ବଢ଼ି ୨୬° ରୁ ୩୧° ସେଲ୍ସିୟସ ରହୁଛି। ପୌଷ ଓ ମାଘ ଶୀତଋତୁ। ଏହି ସମୟରେ ସର୍ବନିମ୍ନ ଉତ୍ତାପ ୧୦° ରୁ ୧୫° ସେଲ୍ସିୟସ ଏବଂ ସର୍ବୋଚ୍ଚ ଉତ୍ତାପ ୨୦° ରୁ ୨୨° ସେଲ୍ସିୟସ ରହିବା କଥା। କିନ୍ତୁ ଉତ୍ତାପ ବଢ଼ି ୨୫° ରୁ ୨୭° ସେଲ୍ସିୟସ ରହୁଛି। ପ୍ରକୃତ ଶୀତଋତୁ ଦୁଇମାସରୁ ଆମେ ଦେଢ଼ମାସ ଅନୁଭବ କରୁଛୁ। ଉକ୍ତ ଛୋଟ ଶୀତଋତୁ ସମୟରେ ହୋଇ ପାରିଥିବା ଫସଲକୁ ବାଛି ଚାଷୀ ଉନ୍ନତ ପ୍ରଣାଳୀରେ ଚାଷକଲେ ଲାଭବାନ୍ ହୋଇପାରିବେ। ଶୀତଦିନିଆ ଫସଲ ସମ୍ପୂର୍ଣ୍ଣ ଜଳସେଚନ ଉପରେ ନିର୍ଭରକରେ। ତେଣୁ ସ୍ୱଳ୍ପ ସମୟ ନିମ୍ନ ଉତ୍ତାପ ଏବଂ ଜଳସେଚନର ସୁବିଧାକୁ ନେଇ ବିଭିନ୍ନ ଫସଲ ବାଛିବା ଜରୁରୀ। ଶୀତଦିନିଆ ଫସଲ ମଧ୍ୟରେ ଶସ୍ୟ ଜାତୀୟ ଗହମ ଏବଂ ମାଣ୍ଡିଆ, ଡାଲି ଜାତୀୟ ଫସଲ ବୁଟ ଓ ମଟର, ତୈଳବୀଜ ଫସଲ ଚିନ୍ନାବାଦାମ, ସୋରିଷ ଓ କୁସୁମୀ ମୁଖ୍ୟ। ଏହାଛଡ଼ା କେତେକ ପରିବା ଫସଲ ଶୀତଦିନେ ଲାଭଜନକଭାବେ ଚାଷ କରାଯାଇପାରିବ। ନିମ୍ନରେ ସେସବୁ ଫସଲର ଚାଷ ସମ୍ବନ୍ଧରେ ସଂକ୍ଷେପରେ ସୂଚନା ଦିଆଗଲା।

**ଶସ୍ୟ ଜାତୀୟ ଫସଲ:** ବାୟୁମଣ୍ଡଳର ଉତ୍ତାପ ୧୭° ସେଲ୍ସିୟସରୁ ୨୫° ସେଲ୍ସିୟସ ମଧ୍ୟରେ ଗହମ ଭଲ ବଢ଼େ। ଗହମ ଗଜା ସମୟରେ ଉତ୍ତାପ ୧୭° ରୁ ୨୧° ସେଲ୍ସିୟସ ଏବଂ କେଣ୍ଡା ବାହାରିବା ସମୟରେ ଉତ୍ତାପ ୨୨° ରୁ ୨୫° ସେଲ୍ସିୟସ ରହିଲେ ଭଲ ଅମଳ ଦିଏ। ରାଜ୍ୟର ଆଭ୍ୟନ୍ତରଣୀୟ ଜିଲାଗୁଡ଼ିକରେ ଉପରୋକ୍ତ ଉତ୍ତାପ ଏବଂ ଜଳସେଚନର ସୁବିଧା ଥିବାରୁ ଗହମ ଚାଷ ଲାଭଜନକ ହେବ। ସ୍ୱଳ୍ପ ସମୟ ଶୀତ ଯୋଗୁ ୟୁପି-୨୬୨, ଜନକ, ସାଗରିକା ଏବଂ ଉତ୍କଳିକା ୯୦ ରୁ ୧୦୦ ଦିନିଆ ଗହମ ବାଛିବା ଭଲ। ଗହମ ବୁଣାର ଉପଯୁକ୍ତ ସମୟ ମାର୍ଗଶିର ମାସ ଦ୍ୱିତୀୟ ସପ୍ତାହ। ମାଟିରେ କ୍ଷେତ୍ରୀୟ ଜଳ ଥିବା ସମୟରେ ଏକରକୁ ୫୦ କିଲୋ ବିହନ ଧାଡ଼ିରେ ବୁଣାଯାଏ। ଏକରକୁ ୨ଟନ୍ ଗୋବରଖତ ସହ ଯବକ୍ଷାରଜାନ, ଫସ୍ପେଟ୍ ଏବଂ ପଟାସ୍ ପ୍ରତ୍ୟେକରୁ ୧୬ କିଲୋ ଲେଖାଏଁ ଲଙ୍ଗଳ ସିଆରରେ ପ୍ରୟୋଗ କରାଯାଇ ଗହମ ବୁଣାଯାଏ। ବିହନ ଗଜାହେବାର ୨୧ ଦିନ ପରେ ଗଛର ଶିଖା ଚେର ବାହାରିବା ସମୟରେ କୋଡ଼ାଖୁସା କରି ଆଉ ୧୬ କିଲୋ ଯବକ୍ଷାରଜାନ ପ୍ରୟୋଗ କରାଯାଇ ପ୍ରଥମ ଜଳସେଚନ କରାଯାଏ। ପିଲଦେବା ଏବଂ କେଣ୍ଡା ବାହାରିବା ସମୟରେ ଜଳସେଚନ କରିବା ଜରୁରୀ। ଗହମ ବୁଣାଠାରୁ ପାକଳ ହେବା ପର୍ଯ୍ୟନ୍ତ ମାଟିର ବତର ଦେଖି ୬ ରୁ ୭ ଥର ଜଳସେଚନ ଆବଶ୍ୟକ ହୁଏ। ଏକର ପିଛା ଅମଳ ୬ ରୁ ୭ କୁଇଣ୍ଟାଲ ହୁଏ।

ରାଜ୍ୟର ଆଦିବାସୀମାନଙ୍କର ପ୍ରିୟ ଖାଦ୍ୟ ମାଣ୍ଡିଆ। ରାଜ୍ୟ ସରକାର ଉକ୍ତ ଫସଲର ଉନ୍ନତି ପାଇଁ ମାଣ୍ଡିଆ ମିଶନ ଗଠନ କରିଛନ୍ତି । ଉକ୍ତ ଫସଲ ଶୀତଦିନେ ସ୍ୱଳ୍ପ ଜଳସେଚନ ଏବଂ କମ୍ ଖର୍ଚ୍ଚରେ ଚାଷ କରାଯାଇପାରିବ। ଉନ୍ନତ ମାଣ୍ଡିଆ କିସମ ମଧ୍ୟରେ ଦିବ୍ୟସିଂହ, ଗୋଦାବରୀ, ନୀଳାଚଳ, ଏକେପି ୨,୩ କିମ୍ବା ୭ କିସମ ଉତ୍କୃଷ୍ଟ। ତଳି ଘେରାରେ ଚାରା ଉଠାଇ ୨୫ ରୁ ୩୦ ଦିନର ତଳି ରୋଇଲେ ଭଲ ଅମଳ ମିଳେ। କମ୍ ଉତ୍ତାପରେ ତଳି ବଢ଼ିବା ପାଇଁ ବର୍ଗମିଟର ପିଛା ୧୦ଗ୍ରାମ ଯବକ୍ଷାରଜାନ ଏବଂ ଫସ୍ଫେଟ ପ୍ରୟୋଗ କରାଯାଏ। ୧ ଏକର ମାଣ୍ଡିଆ ରୋଇବା ପାଇଁ ୪କିଲୋ ମିଟର ତଳି ଘେରା ଆବଶ୍ୟକ ହୁଏ। ସ୍ୱଳ୍ପ ଜଳସେଚନ ଦ୍ୱାରା ବିହନ ଗଜା ହୋଇ ଏକ ମାସ ମଧ୍ୟରେ ଚାରା ରୋଇବାକୁ ପ୍ରସ୍ତୁତ ହୋଇଥାଏ। ଧାଡ଼ିକୁ ଧାଡ଼ି ୧୫ ସେ.ମି .ବ୍ୟବଧାନରେ ଏକର ପ୍ରତି ଯବକ୍ଷାରଜାନ ଫସ୍ଫେଟ ଏବଂ ପଟାସ୍ ପ୍ରତ୍ୟେକରୁ ୮କିଲୋ ପ୍ରୟୋଗ କରି ଗଛକୁ ଗଛ ୮ ରୁ ୧୦ ସେ.ମି. ବ୍ୟବଧାନରେ ବୁଦା ପିଛା ୨ ରୁ ୩ ତଳି ରୁଆଯାଏ। ତଳି ରୁଆର ୨୧ଦିନ ପରେ କୋଡ଼ାଖୁସାକରି ଅବଶିଷ୍ଟ ୮ କିଲୋ ଯବକ୍ଷାରଜାନ ପ୍ରୟୋଗକରି ସ୍ୱଳ୍ପ ଜଳସେଚନ କରାଯାଏ। ଶୀତଦିନିଆ ମାଣ୍ଡିଆ ୧୦୦ ରୁ ୧୨୦ ଦିନ ମଧ୍ୟରେ ଅମଳ ଉପଯୋଗୀ ହୁଏ ଏବଂ ୪ ରୁ ୫ ଥର ଜଳସେଚନ ଆବଶ୍ୟକ କରିଥାଏ। ଏକର ପ୍ରତି ୮ ରୁ ୧୦ କୁଇଣ୍ଟାଲ ଅମଳ ମିଳିଥାଏ।

**ଡାଲି ଜାତୀୟ ଫସଲ:** ଡାଲି ଜାତୀୟ ଫସଲ ମଧ୍ୟରେ ଶୀତଦିନେ ବୁଟ, ମଟର ଏବଂ ମସୁର ୧୭°ରୁ ୨୧° ସେଲ୍ସିୟସରେ ଭଲ ବଢ଼େ। ମାର୍ଗଶିର ମାସ ପ୍ରଥମ ସପ୍ତାହରେ ବୁଟ, ମଟର ଏବଂ ମସୁର ବୁଣାଯାଏ। ଗଛ ନିମ୍ନ ଉତ୍ତାପରେ ଭଲ ବଢ଼ି ପୌଷ ଶେଷ ଏବଂ ମାଘ ମାସକୁ ଫୁଲ ଆସି ଛୁଇଁ ଧରେ। ବୁଟ ପାଇଁ ରାଧେ କିମ୍ବା ଆନ୍ନେଗିରି-୧ କିସମ ଆମ ରାଜ୍ୟ ପାଇଁ ଉପଯୁକ୍ତ। ଉକ୍ତ ୨ କିସମ ୯୫ ରୁ ୧୦୦ ଦିନରେ ଅମଳ ହୁଏ। ମଟର ମଧ୍ୟରେ ଟି-୧୬୩ ଏବଂ ଜିସି-୬୬ କିସମ ୯୦ ରୁ ୧୦୦ ଦିନରେ ଅମଳ ହେଉଥିବା ବେଳେ ରଚନା କିସମ ୧୨୦ ରୁ ୧୭୫ ଦିନରେ ଅମଳ ହୁଏ। ମସୁର ବି ୭୭ କିସମ ସ୍ୱଳ୍ପ ସମୟ ଅର୍ଥାତ୍ ୮୦ ଦିନରେ ଅମଳ ହୁଏ। ଉପରୋକ୍ତ ଡାଲି ଜାତୀୟ ଫସଲ ଜଳସେଚନ ଆବଶ୍ୟକ ନ କରି ମାଟିରେ ଥିବା ଅବଶିଷ୍ଟ ଜଳରେ ଭଲ ବଢ଼େ। ଏଥିପାଇଁ କର୍ଦ୍ଦମ କିସମ ମାଟି ବାଛିବା ଭଲ। ମଧ୍ୟମ ଖାଲ କିସମ ଜମିରେ ଧାନ କଟା ପରେ ସଙ୍ଗେ ସଙ୍ଗେ ମାଟିକୁ ହଳକରି ଏକର ପ୍ରତି ୧୬ କିଲୋ ଫସ୍ଫେଟ୍ ସାର ପ୍ରୟୋଗ କରି ଏକରକୁ ବୁଟ ଏବଂ ମଟର ପ୍ରତ୍ୟେକରୁ ୨୦ କିଲୋ ଏବଂ ମସୁର ୧୬ କିଲୋ ବିହନ ବୁଣାଯାଏ। ନଚେତ୍ ଧାନ କଟାର ୧୫ ଦିନ ପୂର୍ବରୁ ଉପରୋକ୍ତ ଡାଲି ଜାତୀୟ ବିହନକୁ ଛଟାବୁଣା କରାଯାଏ। ଏଥିପାଇଁ ଆବଶ୍ୟକ ବିହନର ଦେଢ଼ ଗୁଣ ବୁଣିବାକୁ ପଡ଼େ। ଛଟାବୁଣା ହେବାର ଥିଲେ ଧାନର କେଣ୍ଡା ସାର ପାଇଁ ଏକରକୁ ୨୦ ରୁ ୨୫ କିଲୋ ଡିଏପି ପ୍ରୟୋଗକଲେ ଫସ୍ଫେଟ୍‌ର ଅଭାବ ଦୂର ହୁଏ। ଫସ୍ଫେଟ ସାର ଆବଶ୍ୟକ ହୁଏ ନାହିଁ।

**ତୈଳବୀଜ:** ଶୀତଦିନେ ଚାଷ ହେଉଥିବା ତୈଳବୀଜ ଫସଲ ମଧ୍ୟରେ ଚିନ୍ନାବାଦାମ, ସୋରିଷ ଓ କୁସୁମୀ ମୁଖ୍ୟ। ନଦୀପଠା ଜମିରେ ଛୋଟରୁ ମଧ୍ୟମ କିସମ ଧାନ କଟା ପରେ ବିନା ଜଳସେଚନରେ ଚିନ୍ନାବାଦାମ ଚାଷ କରାଯାଇପାରିବ। ମାର୍ଗଶିର ମାସ ପ୍ରଥମ ସପ୍ତାହରେ ଏକେ-୧୨-୨୪, ଜେଏଲ୍ ୨୪ କିମ୍ବା ଜୱାର କିସମ ଲଙ୍ଗଳ ସିଆରରେ ଏକରକୁ ୧୬ କିଲୋ, ଫସ୍ଫେଟ୍ ସାର ଏବଂ ୮ କିଲୋ ପଟାସ୍ ସାର ପ୍ରୟୋଗ କରି ଧାଡ଼ିକୁ ଧାଡ଼ି ୨୦ସେ.ମି. ଏବଂ ବିହନକୁ ବିହନ ୧୦ ସେ.ମି. ବ୍ୟବଧାନରେ ୫ସେ.ମି. ଗଭୀରରେ ବୁଣାଯାଏ। ଏକରକୁ ପ୍ରାୟ ୫୦ କି.ଗ୍ରା. ଛଡ଼ା ବିହନ ଦରକାର ହୁଏ। ମାଟିର ଅମ୍ଳତ୍ୱ ୬.୦ରୁ କମ୍ ହୋଇଥିଲେ ବୁଣା ପୂର୍ବରୁ ଏକରକୁ ୨ କୁଇଣ୍ଟାଲ ଚୂନକୁ ଖତ ସହ ମିଶାଇ ଧାଡ଼ିରେ ପ୍ରୟୋଗକଲେ ଅମଳ ୨ ଗୁଣ ହୁଏ। ଶୀତଦିନେ ବୁଣାଯାଇଥିବା ବିହନ ଗଜାହୋଇ ଧୀରେ ବଢ଼ି ବୁଦା ମାରେ। ମାଘ ମାସକୁ ଉତ୍ତାପ ବଢ଼ିଲେ ଗଛରେ ଆସୁଥିବା ସମସ୍ତ ଫୁଲ ପରାଗ ସଂଗମ ହୋଇ ଅଧିକ ଫଳ ଧରେ। ପ୍ରାୟ ୧୨୦ ଦିନରେ ଏକରକୁ ୪ ରୁ ୫ କୁଇଣ୍ଟାଲ ଚୋପାଲଗା ଚିନାବାଦାମ ଅମଳ ହୁଏ। ନଦୀପଠା ବ୍ୟତୀତ ଜଳସେଚିତ ଜମିର ଦୋରସା ମାଟିରେ ଶୀତଦିନିଆ ଚିନାବାଦାମ ସଫଳଭାବେ ମଧ୍ୟ ଚାଷ ହୋଇପାରିବ। (କ୍ରମଶଃ..)



-ଶୈଳଶ୍ରୀବିହାର, ଭୁବନେଶ୍ୱର
ମୋ: ୯୫୫୬୨୬୬୦୮୫

# ପନିପରିବା ଚାଷରେ ରୋଗପୋକ ଦମନ

**ଲ**ଙ୍କା ଫସଲରେ ଉଙ୍କୁଣିଆ ପୋକ ଲାଗିଥିଲେ ୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍‌ପିକୁ କିମ୍ବା ୧୫ ମି.ଲି. ଆବାମେକ୍ଟିନ୍ ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସହଳ କିସମ ଫୁଲକୋବିରେ ଶଁବାଳୁଆ ଲାଗିଲେ ୪ ମି.ଲି. ନିମତେଲ ୦.୧୫%କୁ ୧ ଲିଟର ପାଣିରେ ମିଶାଇ ସପ୍ତାହେ ଅନ୍ତରରେ ଦୁଇଥର ସିଞ୍ଚନ କରନ୍ତୁ। ଅତ୍ୟଧିକ ବର୍ଷା କିମ୍ବା ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ଡିପ ତଥା ମଝିଆଳି ଜମିରେ ବିଭିନ୍ନ ପ୍ରକାର ପନିପରିବା ଯଥା- ଶାଗ, ଧନିଆପତ୍ର, ବାଇଗଣ, ଲଙ୍କା, ଟମାଟୋ ଆଦି ଲଗାଇବାର ବନ୍ଦୋବସ୍ତ କରନ୍ତୁ। ପିଆଜ ପାଇଁ ଏକର ପ୍ରତି ୪ କେ.ଜି. ହିସାବରେ ଏଗ୍ରିଫାଉଣ୍ଡ ଲାଇଟ୍ ରେଡ୍, ଆର୍କ ନିକେତନ ଏଗ୍ରିଫାଉଣ୍ଡ ଡାର୍କରେଡ୍, ଭୀମା ସୁପର ଓ ଭୀମା ଶକ୍ତି ବିହନ କିସମର ତଳି ପକାନ୍ତୁ। ଆଳୁ ପାଇଁ ହେକ୍ଟର ପ୍ରତି ୨୦ ରୁ ୨୫ କୁଇଣ୍ଟାଲ ବିହନ ଦରକାର ହୁଏ। ଓଡ଼ିଶା ଜଳବାୟୁ ପାଇଁ ଏବେଠାରୁ ୨-୩ ଟି ଆଖି ଥିବା ୨୫ ଗ୍ରାମ୍‌ରୁ ୩୦ ଗ୍ରାମ୍ ଓଜନ କଟାଆଳୁ ବିହନ ଶତକଡ଼ା ୩ ଭାଗ ବୋରିକ୍ ଏସିଡ୍‌ରେ ବିଶୋଧନ କରି ଲଗାନ୍ତୁ।



# ବିଳମ୍ବ ରୁଆ ଧାନରେ ସାର ପ୍ରୟୋଗ

**ବି**ଳମ୍ବରେ ରୁଆଯାଇଥିବା ଧାନରେ ଥୋଡ଼ସାର ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ ଓ ୨୦ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ। ଗନ୍ଧିପୋକ ଦମନ ପାଇଁ କିଆରିରେ ନିମ୍ବମଞ୍ଜି ପ୍ରସ୍ତୁତ ଦ୍ରବଣ ୫ ପ୍ରତିଶତ ସିଞ୍ଚନ କରନ୍ତୁ କିମ୍ବା ମାଲାଥିଅନ୍ /କ୍ଲୋରୋପାଇରିଫସ୍ ଗୁଣ୍ଡ ଏକର ପିଛା ୮ କି.ଗ୍ରା. ହିସାବରେ ଭୋର ସମୟରେ ଗଛ ଉପରେ ମଶାରି କନା ଥଳି ଦ୍ୱାରା ଉଡ଼ାନ୍ତୁ। ମାଟିଆଗୁଣ୍ଡିର ପୂର୍ଣ୍ଣାଙ୍ଗ ପୋକ କିମ୍ବା ଅର୍ଭକ ଦେଖାଦେଲେ ନିମ୍ନଲିଖିତ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ। ପ୍ରଥମେ ଆକ୍ରାନ୍ତ କିଆରିରୁ ଠିଆପାଣି ନିଷ୍କାସନ କରନ୍ତୁ ଓ ଜମିକୁ ଶୁଷ୍କ ରଖନ୍ତୁ। ଅଦଳ ବଦଳ କରି ଜମିରେ ପାଣି ମଡ଼ାନ୍ତୁ ଓ ଜମିରୁ ପାଣି ନିଷ୍କାସନ କରନ୍ତୁ। ପ୍ରତି ୬ ଫୁଟ୍ ଅନ୍ତରରେ କନ୍ଦି/ପାହି ତିଆରି କରିଦିଅନ୍ତୁ। ଏହାଦ୍ୱାରା ବୁଦାମୂଳକୁ ଆଲୋକ ଓ ବାୟୁ ଚଳାଚଳ ସହଜ ହୋଇଥାଏ ଓ କୀଟନାଶକ ପ୍ରୟୋଗ କରିବା ସୁବିଧା ହୋଇଥାଏ।



କୀଟନାଶକ ପ୍ରୟୋଗ ପୂର୍ବରୁ କନ୍ଦି/ପାହି ପ୍ରସ୍ତୁତ କରନ୍ତୁ। ନିଶ୍ଚୟ ଅନୁମୋଦିତ ମାତ୍ରାରେ କୀଟନାଶକ ପ୍ରୟୋଗ କରନ୍ତୁ। ସିଞ୍ଚନ ସମୟରେ ସ୍ପ୍ରେୟରର ନୋଜଲକୁ ବୁଦାମୂଳକୁ ଦେଖାଇ ସିଞ୍ଚନ କରନ୍ତୁ ଯେପରିକି ପୋକଗୁଡ଼ିକ କୀଟନାଶକ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିବେ। ଦରକାର ପଡ଼ିଲେ ୧୦ ଦିନ ଅନ୍ତରରେ କୀଟନାଶକ ପରିବର୍ତ୍ତନ କରି ସିଞ୍ଚନ କରନ୍ତୁ। ଅର୍ଥାତ୍ ଏକା କୀଟନାଶକକୁ ଦ୍ୱିତୀୟ ବାର ସିଞ୍ଚନ କରନ୍ତୁ ନାହିଁ। କୀଟନାଶକ ପ୍ରୟୋଗ ସମୟରେ ସତର୍କତା ବିଧି ଅବଲମ୍ବନ କରନ୍ତୁ। କାଣ୍ଡବିନ୍ଧା ପୋକ ଦମନ ପାଇଁ ୧ ବର୍ଗମିଟର ପ୍ରତି କେଣ୍ଡା ବାହାରିବା ପୂର୍ବରୁ ୧ଟି ପ୍ରଜାପତି ଦେଖାଗଲେ ପ୍ରୋଫେନୋଫସ୍ ୨ ମି.ଲି. କିମ୍ବା ଫିପ୍ରୋନିଲ୍ ୨ ମି.ଲି. କିମ୍ବା କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ (୫୦%) ୨ ଗ୍ରାମ୍‌କୁ ପ୍ରତି ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ କିମ୍ବା ଫ୍ଲୁବେଣ୍ଡିଆମାଇଡ୍ ୨୦ ଡବ୍ଲ୍ୟୁଜି ଏକର ପ୍ରତି ୫୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

## ଆଇନଜୀବୀ ବନୋଜ ପଟ୍ଟନାୟକଙ୍କ ଶ୍ରାଦ୍ଧୋତ୍ସବ

କଟକ ଅଫିସ: ହାଇକୋର୍ଟ ବାର୍ ଆସୋସିଏଶନ ହଲରେ ଆଇନଜୀବୀ ବନୋଜ କୁମାର ପଟ୍ଟନାୟକଙ୍କ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ବନୋଜ କୁମାର ପଟ୍ଟନାୟକ ସ୍ମୃତି ପରିଷଦ ଓ ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଇନଜୀବୀ ସୂର୍ଯ୍ୟ ପ୍ରସାଦ ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ମୁଖ୍ୟବକ୍ତା ଭାବେ ବିଚାରପତି ଶଶିକାନ୍ତ ମିଶ୍ର ଯୋଗଦେଇଥିଲେ। ଆସୋସିଏଶନ ସମ୍ପାଦକ ଆଲୋକ ପ୍ରସାଦ ନନ୍ଦ ଯୋଗଦେଇ ପଟ୍ଟନାୟକ ଆସୋସିଏଶନ୍‌ର ମୁଖ୍ୟ ପୁରୋଧା ଥିଲେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଚାରପତି ସାବିତ୍ରୀ ରଥ, ଆଦିତ୍ୟ କୁମାର ମହାପାତ୍ର, ଭି. ନରସିଂହ, ମୃଗାଙ୍କ ଶେଖର ସାହୁ ଓ ସଞ୍ଜୟ କୁମାର ମିଶ୍ର ଉପସ୍ଥିତ ଥିଲେ।

# ୨୦ ବିଦ୍ୟାଳୟ ରୂପାନ୍ତରଣରେ ଖର୍ଚ୍ଚ ହେବ ୯ କୋଟି

କଟକ ଅଫିସ,୧୮।୧୦

ସହରରେ ୫-ଟି ଅଧୀନରେ ରୂପାନ୍ତରଣ ହେବ ଆଉ ୨୦ଟି ହାଇସ୍କୁଲ। ତୃତୀୟ ପର୍ଯ୍ୟାୟ ରୂପାନ୍ତରଣ ଯୋଜନାରେ ପ୍ରତ୍ୟେକ ବିଦ୍ୟାଳୟ ପାଇଁ ୪୫ଲକ୍ଷ ଟଙ୍କା ହିସାବରେ ମୋଟ ୯ କୋଟି ଟଙ୍କା ବ୍ୟୟ କରାଯିବ ବୋଲି ଜଣାପଡିଛି। ଏହି ଯୋଜନାରେ ପୂର୍ବରୁ ଦୁଇଟି ପର୍ଯ୍ୟାୟରେ ମୋଟ୍ ୨୨ଟି ସ୍କୁଲ ରୂପାନ୍ତରଣ କରାଯାଇଛି। ତେବେ ୫-ଟି ଉଚ୍ଚ ବିଦ୍ୟାଳୟ ରୂପାନ୍ତରଣ ଯୋଜନାକୁ ନେଇ ମଙ୍ଗଳବାର ଅପରାହ୍ନରେ ସିଏମ୍‌ସି ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସହରର ୪୨ଟି ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ, ସ୍ଥାନୀୟ କର୍ପୋରେଟର ଓ ପୂର୍ବତନ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ବିଶେଷକରି ପୂର୍ବ ଦୁଇଟି ପର୍ଯ୍ୟାୟରେ ହୋଇଥିବା ରୂପାନ୍ତରଣ କାର୍ଯ୍ୟର ସମୀକ୍ଷା କରାଯିବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ତୃତୀୟ ପର୍ଯ୍ୟାୟରେ



ବୈଠକରେ ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣଙ୍କ ସହ ଅନ୍ୟମାନେ।

### ତୃତୀୟ ପର୍ଯ୍ୟାୟ ୫-ଟି ହାଇସ୍କୁଲ ରୂପାନ୍ତରଣ ଯୋଜନା

ରୂପାନ୍ତରିତ ହେବାକୁ ଥିବା ୨୦ଟି ସ୍କୁଲ ସିଏମ୍‌ସି ଅଧୀନରେ ଚୟନ କରାଯାଇଛି। ଗୃହ ନିର୍ମାଣ କାମ ମୁଖ୍ୟତଃ ସିଏମ୍‌ସି ଦ୍ୱାରା କରାଯିବା ପାଇଁ ଯୋଜନା ରହିଛି। ସ୍କୁଲଗୁଡିକରେ ନବମ ଓ ଦଶମ ଶ୍ରେଣୀ ପାଇଁ ସ୍ମାର୍ଟ ଶ୍ରେଣୀଗୃହ କରାଯିବ। ଏହା ମାଧ୍ୟମରେ ଛାତ୍ରୀଛାତ୍ରମାନେ ଆଧୁନିକ ପ୍ରଯୁକ୍ତି ବିଦ୍ୟା ଓ କମ୍ପ୍ୟୁଟର ସହାୟତାରେ ଜ୍ଞାନ ଆହରଣ କରିବେ ବୋଲି ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ କହିଛନ୍ତି। ସେହିପରି ସ୍କୁଲଗୁଡିକରେ ସ୍ମାର୍ଟ କ୍ଲାସ୍‌ରୁମ୍ ବ୍ୟତୀତ ଆଇସିଟି ଲ୍ୟାବ, ଇ- ଲାଇବ୍ରେରି, ବିଜ୍ଞାନାଗାର, ବିଦ୍ୟାଳୟ ପରିବେଶ ସହ କ୍ରୀଡା, ଜଳ ଓ ପରିମଳ ସୁବିଧା ଆଦି ଉପଲବ୍ଧ ହେବ ବୋଲି କମିଶନର ସ୍ପଷ୍ଟ କରିଛନ୍ତି। ସେହିପରି ସିଏମ୍‌ସି ଅତିରିକ୍ତ କମିଶନର ସଞ୍ଜୀବିତା ରାୟ କହିଥିଲେ, ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ ଶିକ୍ଷା ପଦ୍ଧତିକୁ ପରିବର୍ତ୍ତନ କରିବା ଏବଂ ସରକାରୀ ବିଦ୍ୟାଳୟଗୁଡିକରେ ହଜିଯାଇଥିବା ଶୋଭାକୁ ଫେରାଇ ଆଣିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି।

## ସଂକ୍ଷେପରେ

### ୩୫ ଦିନରେ ୨୮୦୦ କି.ମି. ଯାତ୍ରା

### ଖାନ୍‌ନଗରରେ ଦୀପକଙ୍କୁ ସମ୍ବର୍ଦ୍ଧନା

କଟକ ଅଫିସ,୧୮।୧୦: ସାଇକେଲରେ ବଦ୍ରିନାଥ ଯାତ୍ରା କରି ୩୫ ଦିନ ପରେ କଟକ ଫେରିଛନ୍ତି ଦୀପକ ପ୍ରଧାନ(୨୪)। ତାଙ୍କର ଏହି ଦୁଃସାହସିକ ଯାତ୍ରା ପାଇଁ କଟକର ବିଭିନ୍ନ ବର୍ଗର ଲୋକ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ଖାନ୍‌ନଗରଠାରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଯୁବନେତା ଦେବାଶିଷ ସାହୁଙ୍କ ନେତୃତ୍ୱରେ କାହ୍ନା ସାହୁ, ଲୋକେନ ଗୁରୁ, ଦୀପୁ ବେହେରା, ଚନ୍ଦନ ସାହୁ, ମାନସ ସ୍ୱାଇଁ, ଅମିତ ବେହେରା, ପ୍ରକାଶ ସାହୁ, ଟୁଲୁ ଗୁରୁ, ଶୁଭମ୍ ସାହୁ, ମାନସ ବେହେରା, ରାକେଶ ସାହୁ ଓ କାହ୍ନୁଚରଣ ସାହୁ ପ୍ରମୁଖ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆଗାମୀ ଦିନରେ ଭାରତ ଭ୍ରମଣ ସମୟରେ ଦୀପକଙ୍କୁ ସେମାନେ ସାହାଯ୍ୟ ଓ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସୂଚନାଯୋଗ୍ୟ, ଖାନ୍‌ନଗର ନଦୀବନ୍ଧ ସାହିର ଜୟ ପ୍ରଧାନ ଓ କୁନି ପ୍ରଧାନଙ୍କ ଏକ ମାତ୍ର ପୁଅ ଦୀପକ। ସେ ସାଇକେଲରେ ୩୫ ଦିନରେ ପ୍ରାୟ ୨୮୦୦ କିମି ଯାତ୍ରା କରିଥିଲେ। କେଦାରନାଥ ଯିବାକୁ ଲକ୍ଷ୍ୟ ରଖି ସେ କଟକରୁ ବାହାରିଥିଲେ। ସେ ଯାତ୍ରା ସମୟରେ ବଦ୍ରିନାଥ, ହରିଦ୍ୱାର, ଅଯୋଧ୍ୟା, କାଶୀ ବିଶ୍ୱନାଥ ଓ ତୁଙ୍ଗନାଥ ଆଦି ସ୍ଥାନ ଭ୍ରମଣ କରିଥିଲେ।

### ସୋସିଓଲୋଜି ବିଭାଗ ପକ୍ଷରୁ ଆଲୋଚନାଚକ୍ର

କଟକ ଅଫିସ,୧୮।୧୦: ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସୋସିଓଲୋଜି ବିଭାଗ ପକ୍ଷରୁ 'ଜଗତୀକରଣ ସୁରକ୍ଷା ଏବଂ ବିକାଶର ଆଞ୍ଚଳିକ, ଜାତୀୟ ଓ ଅନ୍ତର୍ଜାତୀୟ ଦିଗ' ଶୀର୍ଷକ ୨ ଦିନିଆ ଆଲୋଚନାଚକ୍ର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟ ସୋସିଓଲୋଜି ବିଭାଗର ମୁଖ୍ୟ ପ୍ରଫେସର ନବନୀତା ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନାଚକ୍ରରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ସୋସିଓଲୋଜି ବିଭାଗର ଅଧ୍ୟାପକ ଡ. ପବିତ୍ର ମୋହନ ନାୟକ ଓ ଅଧ୍ୟାପକ ଆଦିତ୍ୟ କେଶରୀ ମିଶ୍ର ନିମନ୍ତ୍ରିତ ବକ୍ତା ଭାବେ ବିଷୟ ବସ୍ତୁ ଉପରେ ଆଲୋଚନା କରିଥିଲେ। ସୋସିଓଲୋଜି ସ୍ନାତକ ତୃତୀୟ ବର୍ଷର ଛାତ୍ର ଯଶ୍ ଶର୍ମା କାର୍ଯ୍ୟକ୍ରମ ପରିଚାଳନା ଓ ପ୍ରଫେସର ବିକ୍ରମ କେଶରୀ ମିଶ୍ର ଧନ୍ୟବାଦ ଦେଇଥିଲେ। ସେହିପରି ସୋମବାର ଅନୁଷ୍ଠିତ ଉକ୍ତ ଆଲୋଚନାଚକ୍ରରେ ସୋସିଓଲୋଜି ବିଭାଗର ମୁଖ୍ୟ ପ୍ରଫେସର ବିକ୍ରମ କେଶରୀ ମିଶ୍ର ଯୋଗଦେଇ ବିଷୟ ବସ୍ତୁ ଉପରେ ଆଲୋଚନା କରିଥିଲେ। ଏଥିରେ ସ୍ୱିଡେନସ୍ଥିତ ସୁରକ୍ଷା ଏବଂ ବିକାଶ ଯୋଜନା ପ୍ରତିଷ୍ଠାନର ପ୍ରତିଷ୍ଠାତା ପ୍ରଫେସର ନିକଲାସ୍ ସ୍ୱାନସ୍ତ୍ରମ୍ ଉଦ୍‌ଘାଟକ, ସ୍ୱିଡେନସ୍ଥିତ ଦକ୍ଷିଣ ଏସିଆ ଏବଂ ଇଣ୍ଡୋ ପାସିଫିକ୍ ବ୍ୟାପାର ଅଧ୍ୟୟନ କେନ୍ଦ୍ରର ମୁଖ୍ୟ ପ୍ରଫେସର ଜଗନ୍ନାଥ ପ୍ରସାଦ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପିକା ଡ. ମଧୁସ୍ମିତା ରାଉତ ଧନ୍ୟବାଦ ଦେଇଥିଲେ।

### ଦାଦାବଟି ଆଦାୟ ଅଭିଯୋଗ, ୩ ଗିରଫ

କଟକ ଅଫିସ,୧୮।୧୦: ଦାଦାବଟି ଆଦାୟ ଅଭିଯୋଗରେ ଦର୍‌ଘାବଜାର ପୋଲିସ ୩ ଜଣ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଏନେଇ ଥାନାରେ କେସ୍ ନଂ ୧୧୦/୨୦୨୨ ରୁଜୁ ହୋଇଛି। ସେମାନେ ହେଲେ ଦରଘାବଜାର ଅଞ୍ଚଳର ରାଜକିଶୋର ମିଶ୍ର, ଦୀପକ ବେହେରା ଓ ଶୁଭମ୍ ମିଶ୍ର। ଦର୍‌ଘାବଜାରର ଛବି ବେହେରା(୨୭) ଗତ ୬ ତାରିଖ ଦୁର୍ଗାପୂଜା ଭସାଣିବେଳେ ଏକ ଅସ୍ଥାୟୀ ଆଇସ୍‌କ୍ରିମ ଷ୍ଟଲ ସ୍ଥାନୀୟ ପୂଜା ମଣ୍ଡପ ନିକଟରେ ଖୋଲିଥିଲେ। ସେହିଦିନ ରାତି ପ୍ରାୟ ସାଢେ ୧୨ଟାରେ ଦରଘାବଜାର ପୂଜା କମିଟି ସଦସ୍ୟ ଦୀପକ ଓ ଶୁଭମ୍ ସେଠାରେ ପହଞ୍ଚି ୨୦୦୦ ଟଙ୍କା ଚାନ୍ଦା ମାଗିଥିଲେ। ଏଥିସହ ତାଙ୍କ ଷ୍ଟଲରୁ ବିଦ୍ୟୁତ୍ ତାର ଛିଣ୍ଡାଇ ଦେଇଥିଲେ। ପୁଣି ସେମାନେ ୫ ହଜାର ଟଙ୍କା ବିଦ୍ୟୁତ୍ ତାର ଯୋଡ଼ିବା ପାଇଁ ଦାବି କରିଥିଲେ। ଏଥିରେ ଛବି ଅରାଜି ହେବାରୁ ସେମାନେ ତାଙ୍କୁ ଓ ତାଙ୍କ ଭାଇଙ୍କୁ ଗାଳିଗୁଲଜ କରିଥିଲେ। ଏହି ସମୟରେ ଅନ୍ୟ ଜଣେ କମିଟି ସଦସ୍ୟ ରାଜକିଶୋର ସେଠାରେ ପହଞ୍ଚି ଧମକ ଦେବା ସହ ଜବରଦସ୍ତ ଷ୍ଟଲ୍‌କୁ ବନ୍ଦ କରିଦେଇଥିଲେ। ଏନେଇ ଛବି ଦରଘାବଜାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୧୦/୨୨) ରୁଜୁ କରିଥିଲା।

# ହୋଲ୍ଡିଂ ଟିକସ ଆଦାୟ କରିବେ ଏସ୍‌ଏଚ୍‌ଜି ମହିଳା

କଟକ ଅଫିସ, ୧୮।୧୦

ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ର ମହିଳାମାନେ ଏଣିକି ସହରରେ ହୋଲ୍ଡିଂ ଟିକସ ଆଦାୟ କରିବେ। କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ସେମାନଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ସେମାନେ ସଦର ଓ ସିଡିଏ ଅଞ୍ଚଳରେ ଟିକସ ଆଦାୟ କରିବେ। ସିଡିଏ ଅଞ୍ଚଳରେ ୮୦ ପ୍ରତିଶତ ଲୋକ ହୋଲ୍ଡିଂ ଟିକସ ଦେଇନାହାନ୍ତି। ଫଳରେ ସିଏମ୍‌ସିର ବହୁ ପରିମାଣର ରାଜସ୍ୱ ହାନି ଘଟୁଛି। ସେଥିପାଇଁ ମହିଳାମାନେ ପ୍ରାଥମିକତା ଭିତ୍ତିରେ ଏହି କାର୍ଯ୍ୟ କରିବେ। ପରବର୍ତ୍ତୀ ସମୟରେ ସହରର ସବୁ ସ୍ଥାନରେ ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ମଙ୍ଗଳବାର ସିଏମ୍‌ସି ବିଜୁଭବନ ପରିସରରେ ଅନୁଷ୍ଠିତ ଟ୍ୟାକ୍ସ ଷ୍ଟାଣ୍ଡିଂ କମିଟି ବୈଠକରେ ସ୍ଥିର କରାଯାଇଛି। ହେଲେ ଏହି ବୈଠକ ଅଧାରୁ ଭଙ୍ଗ

### ଟ୍ୟାକ୍ସ ଷ୍ଟାଣ୍ଡିଂ କମିଟି ବୈଠକ

ହୋଇଥିଲା । ଅପରପକ୍ଷରେ ସହରର ବିଭିନ୍ନ ସ୍ଥାନକୁ ବିବିଜି ନାମକ ଏକ ସଂସ୍ଥା ଅକ୍ତିଆର କରି ରଖିଛି। ଉକ୍ତ ସଂସ୍ଥା ସିଏମ୍‌ସିକୁ କେତେ ଟିକସ ଦେଉଛି ସେ ସମ୍ପର୍କରେ କର୍ପୋରେଟରମାନେ ତଥ୍ୟ ମାଗିଥିଲେ। ମେୟର ସୁବାସ ସିଂ ଓ ଶାନ୍ତି କମିଟି ସଦସ୍ୟମାନେ ବିଜୁଭବନରେ ପହଞ୍ଚିବା ପରେ ବୈଠକ ଅଧାରୁ ଭଙ୍ଗ ହୋଇଥିଲା। ଉକ୍ତ ସଂସ୍ଥା ପକ୍ଷରୁ ଟିକସ ସମ୍ପର୍କିତ ତଥ୍ୟ ମିଳିପାରି ନ ଥିଲା। ଉକ୍ତ ସଂସ୍ଥାଠାରୁ କିପରି ଟିକସ ଅଦାୟ କରାଯିବ ସେନେଇ ଗୁରୁତ୍ୱ ଦିଆଯାଇଥିଲା । ଏହି ବୈଠକରେ ଟ୍ୟାକ୍ସ କମିଟି ଅଧ୍ୟକ୍ଷ ଦମୟନ୍ତୀ ମାଝି, ଗୋପାଳ ବେହେରା, ବଟକୃଷ୍ଣ ସାହୁ, ଦୀପାଞ୍ଜଳି ସିଂ, ପ୍ରଦୀପ୍ତ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟୁତ୍, ରାସ୍ତା ମରାମତିକୁ ଗୁରୁତ୍ୱ

କଟକ ଅଫିସ,୧୮।୧୦

ଆସନ୍ତା କାଳୀପୂଜା ଓ ଭସାଣି ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ବିଜୁ ଭବନସ୍ଥିତ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସିଏମ୍‌ସି ମେୟର ସୁବାସ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କଟକ ମହାନଗର ଶାନ୍ତି କମିଟି ଓ କଟକ ମହାନଗର ପୂର୍ବାଞ୍ଚଳ ଶାନ୍ତି କମିଟିର ସମସ୍ୟମାନେ ଯୋଗଦେଇ ପୂଜା ସମ୍ପର୍କରେ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ବିଶେଷକରି ମେଢ ଯିବା ରାସ୍ତାରେ ଗଛ କଟାଯିବା, ପୂଜା ପୂର୍ବରୁ ବିଦ୍ୟୁତ୍ ଓ ରାସ୍ତା ମରାମତି, ଆବର୍ଜନା ସଫା କରାଯିବା, ପୂଜା ସମୟରେ ଶାନ୍ତିଶୃଙ୍ଖଳା

### କାଳୀପୂଜା ବୈଠକ

ରକ୍ଷା କରାଯିବା ଉପରେ ଆଲୋଚନା ହୋଇଥିଲା। ପୂଜା ପାଇଁ ସିଏମ୍‌ସି ପକ୍ଷରୁ ସମସ୍ତ ପୂଜା କମିଟିକୁ ସହଯୋଗ ଯୋଗାଇ ଦିଆଯିବ ବୋଲି ମେୟର ସିଂ ଏବଂ କମିଶନର ନିଖିଲ ପୱନ କଲ୍ୟାଣ ପ୍ରତିଶ୍ରୁତି ଦେଇଥିଲେ। ଏହି ବୈଠକରେ ମହାନଗର ଶାନ୍ତି କମିଟିର ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରୀ ଦାସ, ପୂର୍ବାଞ୍ଚଳ ଶାନ୍ତି କମିଟିର ସଭାପତି ବିଜୟ ସାହୁ, ସମ୍ପାଦକ ପ୍ରଫୁଲ୍ଲ ସାହୁଙ୍କ ସମେତ ବିଭିନ୍ନ ପୂଜା କମିଟିର ସଭାପତି ଓ ସମ୍ପାଦକମାନେ ଉପସ୍ଥିତ ଥିଲେ। ଶେଷରେ ଡେପୁଟି ମେୟର ଦମୟନ୍ତୀ ମାଝି ଧନ୍ୟବାଦ ଦେଇଥିଲେ।




ବାଲିଯାତ୍ରାକୁ ସ୍ୱଚ୍ଛ, ସରସ ସୁନ୍ଦର କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ପ୍ରଶାସନିକ ଅଧିକାରୀ ଓ ଛାତ୍ରୀଛାତ୍ରମାନେ।

# ବାଲିଯାତ୍ରା: ଆକର୍ଷଣ ସାଜିବ ମ୍ୟୁଜିକ୍ ଲାଇଟ୍ ଶୋ'

କଟକ ଅଫିସ,୧୮।୧୦

ଚଳିତବର୍ଷ ବାଲିଯାତ୍ରାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଏହି ପରିପ୍ରେକ୍ଷୀରେ ଦର୍ଶକଙ୍କ ମନୋରଞ୍ଜନ ପାଇଁ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ମହାନଦୀ ଜଳରାଶିରେ ମ୍ୟୁଜିକ୍ ଲାଇଟ୍ ଶୋ' କରାଯିବାକୁ ଯୋଜନା ପ୍ରସ୍ତୁତ ହୋଇଛି। ବାଲିଯାତ୍ରା ଓ ଓଡ଼ିଆ ପରମ୍ପରା ଶୋ'ର ମୁଖ୍ୟ ଥିମ୍ ରହିବ। ପ୍ରତିଦିନ ସନ୍ଧ୍ୟାରେ ଏଲ୍‌ଇଡି ଲାଇଟ୍ ଶୋ'

### ସିଏମ୍‌ସି ଯୋଜନା ପ୍ରସ୍ତୁତ କରିଛି

ଦର୍ଶକଙ୍କୁ ଆକର୍ଷିତ କରିବ ବୋଲି ସିଏମ୍‌ସି କର୍ତ୍ତୃପକ୍ଷ ଆଶାବ୍ୟକ୍ତ କରିଛନ୍ତି। ଚଳିତବର୍ଷ ବାଲିଯାତ୍ରାରେ ସିଏମ୍‌ସି ୧ କୋଟି ଟଙ୍କା ବ୍ୟୟ କରିବାକୁ ଲକ୍ଷ୍ୟ ରଖିଛି। ସିଏମ୍‌ସି ପକ୍ଷରୁ ବ୍ୟୟ ଅଟକଳ ପ୍ରସ୍ତୁତ କରାଯାଇ କାଉନସିଲ ବୈଠକରେ ଅନୁମୋଦନ ହେବା ପରେ ଟେଣ୍ଡର ଡକାଯାଇ ଏହି ବ୍ୟବସ୍ଥା କରାଯିବ। ଗୁରୁବାର ଅନୁଷ୍ଠିତ ହେବାକୁ ଥିବା ବାଲିଯାତ୍ରା ପ୍ରସ୍ତୁତି ବୈଠକରେ ସିଏମ୍‌ସି କର୍ତ୍ତୃପକ୍ଷ ଏ ସଂକ୍ରାନ୍ତରେ ଆଲୋଚନା କରିବେ ବୋଲି ଜଣାପଡ଼ିଛି। ପ୍ରତିବର୍ଷ ବାଲିଯାତ୍ରାରେ ସିଏମ୍‌ସି ପକ୍ଷରୁ ଦୁଇବେଳା ସଫେଇ, ପାନୀୟ ଜଳ ବ୍ୟବସ୍ଥା, ମୋବାଇଲ ଟଏଲେଟ୍ ଓ ରାସ୍ତା ନିର୍ମାଣ ଭଳି ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଥାଏ। କରୋନା ମହାମାରୀ ଯୋଗୁ ୨ ବର୍ଷ ଧରି ବାଲିଯାତ୍ରା ବନ୍ଦ ରହିଥିବାବେଳେ ଚଳିତବର୍ଷ ଭିନ୍ନ ଧରଣର କରିବାକୁ ନିଷ୍ପତ୍ତି ନିଆଯାଇଛି।

# ଗୋବିନ୍ଦ ବର୍ମା ହତ୍ୟା ଘଟଣା, ମୁଖ୍ୟ ଅଭିଯୁକ୍ତ ଗିରଫ

ଖୁଣ୍ଟୁଣୀ,୧୮।୧୦(ଡି.ଏନ.ଏ)

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ରଗଡିପଡା (ରାମାନଗର)ଠାରେ ଏକ ଭଡା ଘରେ ରହୁଥିବା ଅଣଓଡ଼ିଆ ଶ୍ରମିକ ଗୋବିନ୍ଦ ବର୍ମା ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଭୁବନେଶ୍ୱରରୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ଢେଙ୍କାନାଳ ଜିଲା କଙ୍କଡାହାଡ଼ ଗ୍ରାମର ଚୈତନ୍ୟ ହେମ୍ବ୍ରମ। ଥାନା ଅଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆଙ୍କ ସୂଚନା ଅନୁଯାୟୀ, ଉତ୍ତରପ୍ରଦେଶ ଓରାଇ ଅଞ୍ଚଳର ଗୋବିନ୍ଦ ୩ ଜଣ ସହଯୋଗୀ ଉତ୍ତରପ୍ରଦେଶର ପଙ୍କଜ ବର୍ମା, ସୁନୀଲ ବର୍ମା ଓ ଚୈତନ୍ୟଙ୍କ ସହିତ ରଗଡିପଡାଠାରେ ଘର ଭଡା ନେଇ ରହିବା ସହ ଶ୍ରମିକ ଭାବେ କାମ କରୁଥିଲେ। ଗତ ଜୁଲାଇ ୨୮ରେ ଉପରୋକ୍ତ ୪ଜଣଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଉକ୍ତ ଦିନ ବିଳମ୍ବିତ ରାତିରେ ଗୋବିନ୍ଦଙ୍କୁ ୩ ସହଯୋଗୀ ପିଟି ହତ୍ୟା କରିଥିବା ନେଇ ତାଙ୍କ ଭାଇ ଖୁଣ୍ଟୁଣୀ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ହତ୍ୟା ମାମଲା(ନଂ.୧୫୩/୨୨) ରୁଜୁ କରିବା ସହ ପଙ୍କଜ ଓ ସୁନୀଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଘଟଣା ପରେ ଚୈତନ୍ୟ ଫେରାର ହୋଇଯାଇଥିଲେ।

# ଆର୍‌ଡିସି ଅଫିସ ସମ୍ମୁଖରେ ବିକ୍ଷୋଭ

କଟକ ଅଫିସ, ୧୮।୧୦

ବାଲିଯାତ୍ରାକୁ ଜାତୀୟ ସ୍ତରର ମାନ୍ୟତା ଓ ଜିଲା ପ୍ରଶାସନ ଦ୍ୱାରା ବାଲିଯାତ୍ରାରେ ପ୍ଲଟ୍ ଆବଣ୍ଟନ ନୂତନ ନିୟମାବଳୀକୁ ପୁନର୍ବିଚାର କରିବା ଦାବି ନେଇ ବାଲିଯାତ୍ରା ସୁରକ୍ଷା ମଞ୍ଚ ପକ୍ଷରୁ ଆର୍‌ଡିସି ଅଫିସ ସମ୍ମୁଖରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାପରେ ମଞ୍ଚ ପକ୍ଷରୁ ଆର୍‌ଡିସିଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର

### ପ୍ଲଟ୍ ଆବଣ୍ଟନ ନୂତନ ନିୟମାବଳୀର ପୁନର୍ବିଚାର ଦାବି

ଦିଆଯାଇଥିଲା। ଦାବିପତ୍ରରେ ଉଲ୍ଲେଖ କରାଯାଇଛି, କଟକ ବାଲିଯାତ୍ରା ଓଡ଼ିଆ ଜାତିର ସଂସ୍କୃତି, ପରମ୍ପରା ଓ ଭାବାବେଗ ସହିତ ଜଡ଼ିତ। ବାଲିଯାତ୍ରାରେ ଦେଶ ବିଦେଶରୁ ବହୁ ବ୍ୟବସାୟୀ ଯୋଗ ଦେଇଥାନ୍ତି। କିନ୍ତୁ ଦୁଃଖର ବିଷୟ ଚଳିତବର୍ଷ ପ୍ଲଟ ଆବଣ୍ଟନ ବ୍ୟବସ୍ଥାରେ ବହୁ କ୍ଷୁଦ୍ର ବ୍ୟବସାୟୀ ଯୋଗଦେବା ସମ୍ଭବ ନୁହେଁ। ତେଣୁ ରାଜ୍ୟ ସରକାର ଏହି ନୂତନ ନିୟମକୁ ପୁନର୍ବିଚାର କରିବା ସହ ପୂର୍ବ ବ୍ୟବସ୍ଥା ଅନୁସାରେ ପ୍ଲଟ ଆବଣ୍ଟନ କରାଗଲେ ବ୍ୟବସାୟୀମାନେ ଉପକୃତ ହେବେ। ଏଥିସହ ବାଲିଯାତ୍ରାକୁ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରର ମାନ୍ୟତା ଦେବା ପାଇଁ ଦାବି କରାଯାଇଛି। ଉକ୍ତ ବିକ୍ଷୋଭରେ ମଞ୍ଚର ସଭାପତି ଦେବାଶିଷ ରାଉତ, ମୁଖ୍ୟ ଉପଦେଷ୍ଟା ସଞ୍ଜିତ ସାମଲ, ସୁଜିତ ଦାସ, ସାହିଲ ସିଂ ପ୍ରମୁଖ ସାମିଲ ହୋଇଥିଲେ।

# ସମସ୍ୟା ସମାଧାନକୁ ଗୁରୁତ୍ୱ



କର୍ପୋରେଟର ଜନାର୍ଦ୍ଦନ ପରିଡାଙ୍କ ସମେତ ସୋସାଇଟିର ସଦସ୍ୟମାନେ।

ଫୁଲନଖରା,୧୮।୧୦(ଡି.ଏନ୍.ଏ.)

କଟକ ସଦର ଥାନା ଅନ୍ତର୍ଗତ ଭାଣପୁରଠାରେ ଜ୍ୟୋତ୍ସ୍ନା ବିହାର ଡେଭଲପମେଣ୍ଟ ସୋସାଇଟି ପକ୍ଷରୁ ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସୋସାଇଟି ସଭାପତି ପ୍ରଭାତ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ କଟକ ମହାନଗର ନିଗମ(ସିଏମ୍‌ସି) ୫୮ନଂ. ୱାର୍ଡ କର୍ପୋରେଟର ଜନାର୍ଦ୍ଦନ ପରିଡା ଯୋଗଦେଇଥିଲେ। ଏଥିରେ ଜ୍ୟୋତ୍ସ୍ନା ବିହାର ଅଞ୍ଚଳର ରାସ୍ତାଘାଟ, ଜଳ ନିଷ୍କାସନ ଓ ବିଜୁଳି ସମସ୍ୟା ସମାଧାନ ସମେତ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଗୁରୁତ୍ୱାରୋପ କରାଯାଇଥିଲା। ସମ୍ପାଦକ ଭାଗୀରଥି ରାଉତଙ୍କ ସମେତ ଜ୍ୟୋତ୍ସ୍ନା ବିହାର ଅଞ୍ଚଳର ଜନସାଧାରଣ ଉପସ୍ଥିତ ଥିଲେ।

# 'ସଫଳତା ପାଇଁ କଠିନ ପରିଶ୍ରମ ଆବଶ୍ୟକ'

କଟକ ଅଫିସ, ୧୮।୧୦

ଡ୍ରିମ୍‌ସ ସ୍କୁଲ ଅଫ ପ୍ରଫେସନାଲ ଷ୍ଟଡିଜ୍ ଆନୁକୂଲ୍ୟରେ ବିବିଏ ଓ ବିସିଏର ନବାଗତ ବିଦ୍ୟାର୍ଥୀଙ୍କ ସ୍ୱାଗତ ଉତ୍ସବ 'ପ୍ରାରମ୍ଭ-୨୦୨୨' ସୋମବାର ଅନୁଷ୍ଠିତ ହୋଇଯାଇଛି। ପଦ୍ମିନୀ ଅଡିଟୋରିୟମରେ ଆୟୋଜିତ କାର୍ଯ୍ୟକ୍ରମକୁ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଉଦ୍‌ଘାଟନ କରି କହିଥିଲେ, ମାତାପିତା ଓ ଗୁରୁଜନଙ୍କ ଆଶୀର୍ବାଦ ରହିଲେ ଜୀବନରେ ସଫଳତା ଅବଶ୍ୟମ୍ଭାବୀ। ସେହିପରି ମୁଖ୍ୟ ଅତିଥି ଭାବେ ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁରେନ୍ଦ୍ରନାଥ ପଣ୍ଡା ଯୋଗଦେଇ କହିଥିଲେ, ଦୁନିଆରେ ଅସମ୍ଭବ ବୋଲି କିଛି ନାହିଁ। ସଫଳତା ହାସଲ ପାଇଁ ଦୃଢ

### ଡ୍ରିମ୍‌ସରେ ସ୍ୱାଗତ ଉତ୍ସବ

ଇଚ୍ଛାଶକ୍ତି ସହ କଠିନ ପରିଶ୍ରମ ଆବଶ୍ୟକ। ସମ୍ମାନିତ ଅତିଥି ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର କହିଥିଲେ, ନିଜର ଅଗ୍ରଗତି ସହିତ ସମାଜର ଉନ୍ନତି ଛାତ୍ରୀଛାତ୍ରଙ୍କ ଲକ୍ଷ୍ୟ ହେବା ଆବଶ୍ୟକ। ଏଥିରେ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ଲୋକନାଥ ବେହେରା, ପ୍ରଫେସର ସୁଶାନ୍ତ ଦାସ, ଡ. ସ୍ନିଗ୍ଧମଧୁସୂଦନ ଦାସ, ଡ. ଦୀପକ କୁମାର ଭଟ୍ଟାଚାର୍ଯ୍ୟ, ପ୍ରାଣବନ୍ଧୁ ନାୟକ, ଚନ୍ଦ୍ରକାନ୍ତ ପଣ୍ଡା, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ଡ. ହିମାଂଶୁ ଭୂଷଣ ଗୋଚ୍ଛାୟତ ପ୍ରମୁଖ ଯୋଗ ଦେଇଥିଲେ।

# ବାଲିଯାତ୍ରା ପ୍ଲଟ୍ ମୂଲ୍ୟ ବୃଦ୍ଧିକୁ ନେଇ ଗଣଧାରଣା



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣାରେ ବସିଥିବା ଦଳୀୟ ନେତୃବୃନ୍ଦ ଓ ଅନ୍ୟମାନେ।

- ପ୍ଲଟ୍ ବଣ୍ଟନ ପ୍ରକ୍ରିୟା ସମ୍ପର୍କରେ ପ୍ରଶାସନ ସୂଚୀ ପ୍ରକାଶ କରୁ
- ରାଜ୍ୟର କଳାକାରଙ୍କୁ ସୁଯୋଗ ଦେବାକୁ ଦାବି

କଟକ ଅଫିସ, ୧୮।୧୦

କଟକ ବାଲିଯାତ୍ରା ପ୍ଲଟ୍ ଆବଣ୍ଟନରେ ମୂଲ୍ୟ ବୃଦ୍ଧିକୁ ନେଇ ଭାଜପା କଟକ ନଗର ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଗଣଧାରଣା ଦିଆଯାଇଥିଲା। ଏହାପରେ କଟକ ନଗର ସଭାପତି ଲଲାଟେନ୍ଦୁ ବଡୁଙ୍କ ନେତୃତ୍ୱରେ ଦଳର ଏକ ପ୍ରତିନିଧିମଣ୍ଡଳୀ ଜିଲାପାଳଙ୍କ ସହିତ ଆଲୋଚନା କରିବା ସହ ସ୍ମାରକପତ୍ର ପ୍ରଦାନ କରିଥିଲେ। ଉକ୍ତ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି, ବାଲିଯାତ୍ରାରେ କ୍ଷୁଦ୍ର ବ୍ୟବସାୟୀମାନେ ବିଭିନ୍ନ ସାମଗ୍ରୀ ବିକ୍ରି କରି ଜୀବିକା ନିର୍ବାହ କରିଥାନ୍ତି। ସେମାନେ ଦୀର୍ଘବର୍ଷ ଧରି ଏହି ମେଳାର ଗୁରୁତ୍ୱ ବଢାଇ ଆସିଛନ୍ତି। ଏଣୁ ସେମାନଙ୍କୁ ଚିହ୍ନଟ କରିବା ସହ ପ୍ଲଟ ବଣ୍ଟନ ପ୍ରକ୍ରିୟା ସମ୍ପର୍କରେ ପ୍ରଶାସନ ପକ୍ଷରୁ ସ୍ପଷ୍ଟ ସୂଚୀ ପ୍ରକାଶ କରାଯାଉ। ଏଥିସହ ପୂର୍ବବର୍ଷ ଭଳି ପ୍ଲଟ ମୂଲ୍ୟ ରଖାଯାଉ। ନିଲାମ ପ୍ରକ୍ରିୟାରେ ପ୍ଲଟ ଦିଆଗଲେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ସ୍ୱଚ୍ଛତା ସହ ପ୍ଲଟ୍ ଆବଣ୍ଟନ କରାଯାଉ। ସେହିପରି ଗଣକବି ବୈଷ୍ଣବ ପାଣି ମଞ୍ଚରେ ବମ୍ବେ, ଦିଲ୍ଲୀରୁ ବିପୁଳ ଅର୍ଥରେ କଳାକାର ନ ଆଣି, କମ୍ ଅର୍ଥରେ ରାଜ୍ୟର କଳାକାର କଳା ପରିବେଷଣ କରିବାକୁ ସୁଯୋଗ ଦେବା ଓ ମେଧାବୀଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ଦାବି କରାଯାଇଛି। ନଗର ସଭାପତି ବଡୁଙ୍କ ନେତୃତ୍ୱରେ ଦଳର ବରିଷ୍ଠ ନେତା ନୟନ କିଶୋର ମହାନ୍ତି, ଅଭିନେତା ଶ୍ରୀତମ ଦାସ, ପୂର୍ବତନ ସଭାପତି ଲକ୍ଷ୍ମୀଧର ପ୍ରଧାନ, ବିଶ୍ୱରଞ୍ଜନ ମିଶ୍ର, ଭାଗୀରଥି ଦଳେଇ, ଦେବାଶିଷ ରାୟ, କର୍ପୋରେଟର ଲକ୍ଷ୍ମୀଧର ବେହେରା, ପ୍ରବୀଣା ମହାପାତ୍ର, ସତ୍ୟବ୍ରତ ମିଶ୍ର, ମହମ୍ମଦ ସବିର, ମହେନ୍ଦ୍ର ମହାନ୍ତି, ରତନ ମହାନ୍ତି ପ୍ରମୁଖ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୧୮।୧୦।୨୦୨୨

| | |
|---|---|
| ୪,୩୯,୯୩୮ ଟଙ୍କା | |
| ସୁନା | ୧୨.୯୦୦ ଗ୍ରାମ |
| ରୁପା | ୧୫.୬୦୦ ଗ୍ରାମ |

## ସଂକ୍ଷେପରେ

### ୧୬ ମାନସିକ ରୋଗୀଙ୍କୁ ଏନ୍‌ଏସ୍‌ପିରେ ଥଇଥାନ

କଣାସ,୧୮।୧୦(ସ୍ୱ.ପ୍ର.)- କଣାସ ବ୍ଲକ ଅନ୍ତର୍ଗତ ଦୟାବିହାରଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ (ଏନ୍‌ଏସ୍‌ପି) ଦ୍ୱାରା ପରିଚାଳିତ ମାନସିକ ଅନଗ୍ରସର ୟୁନିଟ୍‌ରେ ୧୬ଜଣ ମାନସିକ ଅସୁସ୍ଥ ବ୍ୟକ୍ତିଙ୍କୁ ସୋମବାର ଥଇଥାନ କରାଯାଇଛି। ଖବର ନେବାରେ ଜଣାପଡିଛି, ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକରେ ପ୍ରତିଷ୍ଠିତ ବ୍ୟାସ ଫାଉଣ୍ଡେଶନ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପାରାଦୀପ ସହରର ୧୬ଜଣ ମାନସିକ ଅସୁସ୍ଥ ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇଥିଲା। ସେମାନେ ଯେପରି ସୁସ୍ଥ ଓ ସୁରକ୍ଷିତ ଜୀବନ ବଞ୍ଚିପାରିବେ, ସେଥିପାଇଁ ସେମାନଙ୍କୁ ସରକାରଙ୍କ ଦ୍ୱାରା ପରିଚାଳିତ ନୀଳାଚଳ ସେବା ପ୍ରତିଷ୍ଠାନର କଲ୍ୟାଣୀ ଗୃହରେ ରଖାଯାଇଛି। ଅନୁଷ୍ଠାନ ପକ୍ଷରୁ ମାନସିକ ଅସୁସ୍ଥ ବ୍ୟକ୍ତିଙ୍କର ଉପଯୁକ୍ତ ସେବା ଓ ଚିକିତ୍ସା ଦ୍ୱାରା ସୁସ୍ଥ କରି ସେମାନଙ୍କ ପରିବାରକୁ ପ୍ରତ୍ୟାବର୍ତ୍ତନ କରିବା ପାଇଁ ସକ୍ଷମ ହୋଇପାରୁଛି ବୋଲି ଫାଉଣ୍ଡେଶନ ଅଧକ୍ଷା ସ୍ନେହମୟୀ ଆଚାର୍ଯ୍ୟ କହିଛନ୍ତି।

### ଅଟୋ ପୋଡ଼ିଦେଲେ ଦୁର୍ବୃତ୍ତ

ପୁରୀ,୧୮।୧୦: ପୁରୀ ସଦର ଥାନା ଅନ୍ତର୍ଗତ କଦଳୀବାରିପାଟଣା ଗ୍ରାମର ମୁଖ୍ୟରାସ୍ତାରେ ରଖାଯାଇଥିବା ଏକ ଅଟୋକୁ କେହି ଦୁର୍ବୃତ୍ତ ସୋମବାର ବିଳମ୍ବିତ ରାତିରେ ନିଆଁ ଲଗାଇଦେଇଛି। ଫଳରେ ଅଟୋଟି ଜଳି ପୋଡ଼ି ପାଉଁଶ ହୋଇଯାଇଛି। ଏନେଇ ଅଟୋଚାଳକ ରାଜେନ୍ଦ୍ର ଜେନା(୨୬) ସଦର ଥାନାରେ ମଙ୍ଗଳବାର ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସେ ତାଙ୍କ ଭିଣୋଇ ସନ୍ତୁଙ୍କ ଉପରେ ସନ୍ଦେହ କରୁଥିବା କହିଛନ୍ତି। ଭିଣୋଇଙ୍କ ସହ ପୂର୍ବ ଶତ୍ରୁତା ଥିବାରୁ ଏଭଳି କାଣ୍ଡ ହୋଇଥାଇପାରେ ବୋଲି ରାଜେନ୍ଦ୍ର ଅନୁମାନ କରିଛନ୍ତି। ଅନ୍ୟପଟେ ଘଟଣା ପରେ ସନ୍ତୁ ରାଜେନ୍ଦ୍ରଙ୍କ ଘରକୁ ଆସି ନିଜେ ଅଟୋ ପୋଡ଼ିଥିବା କହିବା ସହ ମାରିଦେବାକୁ ଧମକ ଦେଇଛନ୍ତି । ପୋଲିସ ସନ୍ତୁଙ୍କୁ ଧରିବାକୁ ତଦନ୍ତ ଚଳାଇଛି। ଅଭିଯୋଗ ଅନୁସାରେ, ରାଜେନ୍ଦ୍ର ଏକ ଅଟୋକୁ ଭଡ଼ାରେ ଚଳାନ୍ତି। ସବୁଦିନ ଭଳି ଉକ୍ତ ଅଟୋକୁ ତାଙ୍କ ଘରର ବିପରୀତ ପାର୍ଶ୍ୱ ରାସ୍ତାରେ ରଖିଥିଲେ। ସୋମବାର ବିଳମ୍ବିତ ରାତି ୨ଟାରେ ଅଟୋଟି ଜଳୁଥିବା ଦେଖି ସ୍ଥାନୀୟ ଲୋକେ ରାଜେନ୍ଦ୍ରଙ୍କୁ ଖବର ଦେଇଥିଲେ। ପରେ ସମସ୍ତେ ମିଶି ପାଣି ପକାଇ ଅଟୋରୁ ନିଆଁ ଲିଭାଇଥିଲେ। ତଥାପି ଅଟୋଟି ସମ୍ପୂର୍ଣ୍ଣ ଭାବେ ଜଳି ନଷ୍ଟ ହୋଇଯାଇଥିଲା।

# ଜରାଜୀର୍ଣ୍ଣ ଅବସ୍ଥାରେ ଗ୍ରାମ୍ୟ ନିର୍ମାଣ ସେକ୍ସନ ଅଫିସ

■ ଅଧିକାରୀମାନେ ଅଫିସ୍ ନ ଯିବାରୁ ସାମଗ୍ରୀ ଚୋରି
■ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରେ ଖବରଦାତାଙ୍କୁ ଦୁର୍ବ୍ୟବହାର

କୋଣାର୍କ,୧୮।୧୦(ଡି.ଏନ୍.ଏ.)

କୋଣାର୍କ ଗ୍ରାମ୍ୟ ନିର୍ମାଣ ଉପଖଣ୍ଡ ଅଧୀନ ବାଲିଘାଇ ଗ୍ରାମ୍ୟ ନିର୍ମାଣ ସେକ୍ସନ ଅଫିସ ଦୀର୍ଘବର୍ଷ ହେବ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଫଳରେ ଏହି ଅଫିସରେ ଜନସାଧାରଣଙ୍କ କୌଣସି କାର୍ଯ୍ୟ ଥିଲେ ବାଧ ହୋଇ କୋଣାର୍କସ୍ଥିତ କାର୍ଯ୍ୟାଳୟକୁ ଯିବାକୁ ପଡୁଛି। ଏପରିକି ବାଲିଘାଇ ଅଫିସ୍‌ର ମରାମତି କିମ୍ବା ପୁନରୁଦ୍ଧାର କରିବା ପାଇଁ ଅଧିକାରୀମାନେ ଦୃଷ୍ଟି ନ ଦେଇ କୋଣାର୍କ ଅଫିସକୁ ଯାତାୟାତ କରୁଛନ୍ତି। ଏହାକୁ ନେଇ ଜନସାଧାରଣ ଅସନ୍ତୋଷ ପ୍ରକାଶ କରୁଥିବାବେଳେ ଏହି ଘଟଣାକୁ ନେଇ ଅଫିସ୍ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କୁ ମଙ୍ଗଳବାର ପଚାରିବାକୁ ଯିବାବେଳେ ଖବରଦାତାଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ କୋଣାର୍କ ସାମ୍ବାଦିକ ସଂଘ ପକ୍ଷରୁ ଦୃଢ଼ ନିନ୍ଦା କରାଯିବା ସହ ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି ହୋଇଛି।

ଖବର ଅନୁଯାୟୀ, କୋଣାର୍କ ଗ୍ରାମ୍ୟ ନିର୍ମାଣ ଉପଖଣ୍ଡ ଅଧୀନ ବାଲିଘାଇରେ ୨୦୦୨ ଠାରୁ ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ବାଲିଘାଇ ଗ୍ରାମ୍ୟ ନିର୍ମାଣ କନିଷ୍ଠ ଯନ୍ତ୍ରୀଙ୍କ ବାସଭବନ ଓ କାର୍ଯ୍ୟାଳୟ ଗୃହ ନିର୍ମାଣ କରାଯାଇଥିଲା। କିନ୍ତୁ ପରବର୍ତ୍ତୀ ମୁହୂର୍ତ୍ତରେ କାର୍ଯ୍ୟାଳୟଟି ପୁରୁଣା ହୋଇଯାଉଥିବା ବେଳେ ଅଧିକାରୀମାନେ ମଧ୍ୟ ସେଠି ନ ରହିବା ସହ କୋଣାର୍କ କାର୍ଯ୍ୟାଳୟକୁ ଯାଉଥିଲେ। ଫଳରେ ଧୀରେ ଧୀରେ କାର୍ଯ୍ୟାଳୟଟି ଦୁର୍ବଳ ହୋଇଯିବାରେ ଲାଗିଥିଲା। ବାସଭବନରେ କୌଣସି ଅଧିକାରୀ ନ ରହିବା ଓ କାର୍ଯ୍ୟାଳୟକୁ ଅଧିକାଂଶ ସମୟ ଅଧିକାରୀ ନ ଆସିବାରୁ ସାମଗ୍ରୀ ଚୋରି ହେବାରେ ଲାଗିଲା। ଏହାପରେ କାର୍ଯ୍ୟାଳୟକୁ ପୁନରୁଦ୍ଧାର ନ କରାଯିବାରୁ କାର୍ଯ୍ୟାଳୟଟି ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଏପରିକି କୌଣସି ଅଧିକାରୀ କି ପିଅନ ମଧ୍ୟ ସେଠାକୁ ନ ଯାଇ ସବୁ କୋଣାର୍କ କାର୍ଯ୍ୟାଳୟକୁ ଯାଉଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଏପରିକି ବାଲିଘାଇସ୍ଥିତ ଗ୍ରାମ୍ୟ ନିର୍ମାଣ ସେକ୍ସନ କାର୍ଯ୍ୟାଳୟଟି ଏକରକମ ଭୂତକୋଠି ପାଲଟିଯାଇଛି। ସେଠାରେ ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳୀ ପାଲଟିଥିବା ବେଳେ ଏକ ସିମେଣ୍ଟ ଦୋକାନୀ ସେଠାରେ ବାଲି, ଗୋଡ଼ି ପକାଇ ଗୋଦାମ କରିଦେଇଛନ୍ତି। ଫଳରେ କାର୍ଯ୍ୟାଳୟରେ କୌଣସି କାମ ଥିଲେ ଲୋକେ ହଇରାଣ ହେଉଥିବା ବେଳେ କାର୍ଯ୍ୟାଳୟ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କୁ ଫୋନ କଲେ ମଧ୍ୟ ପ୍ରାୟ ସମୟ ସୁଇଚ୍ ଅଫ୍ ରହୁଥିବା ଲୋକ କହୁଛନ୍ତି। ଏ ନେଇ ବାଲିଘାଇ ଗ୍ରାମ୍ୟ ନିର୍ମାଣ ଅଫିସ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ସେଣ୍ଠଙ୍କୁ ପଚାରିବାରେ କୋଣାର୍କ କାର୍ଯ୍ୟାଳୟକୁ କାର୍ଯ୍ୟ କରିବା ପାଇଁ ନୋଟିସ୍ ଆସିଥିବା କହିଥିଲେ। କିନ୍ତୁ ନୋଟିସ୍ କଥା ପଚାରିବାରେ ଉତ୍ତ୍ୟକ୍ତ ହୋଇ ଦୁର୍ବ୍ୟବହାର କରିଛନ୍ତି ବୋଲି କୋଣାର୍କ ସାମ୍ବାଦିକ ସଂଘ ସଭାପତି ଜ୍ୟୋତିରାଜ ମହାନ୍ତି, ଉପସଭାପତି ଭାଗୀରଥୀ ସ୍ୱାଇଁ, ଖବରଦାତା ପ୍ରକାଶ କୁମାର କାଣ୍ଡି, ଆଶିଷ ମିଶ୍ର ପ୍ରକାଶ କରିଛନ୍ତି। ଏଭଳି ଘଟଣାକୁ ଅଞ୍ଚଳର ଅନ୍ୟ ସାମ୍ବାଦିକ ସଂଘ ଓ ଖବରଦାତାମାନେ ନାପସନ୍ଦ କରିବା ସହ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ, ଗ୍ରାମ୍ୟ ନିର୍ମାଣ ବିଭାଗ ମନ୍ତ୍ରୀ, ଉନ୍ନୟନ କମିଶନର, ଗ୍ରାମ୍ୟ ନିର୍ମାଣ ବିଭାଗର ସଚିବ, ଗ୍ରାମ୍ୟ ନିର୍ମାଣ ବିଭାଗର ମୁଖ୍ୟଯନ୍ତ୍ରୀ ଓ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ଏହି ଯନ୍ତ୍ରୀଙ୍କର ନିଯୁକ୍ତି ବାଲିଘାଇ ଗ୍ରାମ୍ୟ ନିର୍ମାଣ ସେକ୍ସନ ଅଫିସରେ ହୋଇଥିବା ବେଳେ କୋଣାର୍କ ଉପଖଣ୍ଡ କାର୍ଯ୍ୟାଳୟରେ କିଭଳି ଅବସ୍ଥାନ କରୁଛନ୍ତି ଏହାର ବିଭାଗୀୟ ତଦନ୍ତ ଦାବି କରାଯାଇଛି। ଏ ସମ୍ପର୍କରେ କୋଣାର୍କ ଗ୍ରାମ୍ୟ ନିର୍ମାଣ ଉପଖଣ୍ଡର ସହକାରୀ ନିର୍ବାହୀ ଯନ୍ତ୍ରୀ କିରଣପ୍ରିୟା ସ୍ୱସ୍ତିକ କହିଛନ୍ତି, ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କ ଖବରଦାତାଙ୍କ ପ୍ରତି ଆକ୍ଷେପ ଓ ମର୍ଯ୍ୟାଦାହାନି ଭଳି ମନ୍ତବ୍ୟ ଦୁର୍ଭାଗ୍ୟଜନକ। ଏହି ଘଟଣା ସମ୍ପର୍କରେ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ବିହୀତ ପଦକ୍ଷେପ ନେବି।



ପରିତ୍ୟକ୍ତ ଅବସ୍ଥାରେ ଥିବା ବାଲିଘାଇ ଗ୍ରାମ୍ୟ ନିର୍ମାଣ ସେକ୍ସନ ଅଫିସ ।

# ଶୀଘ୍ର ରାତ୍ରପହୁଡ଼: ଦର୍ଶନରୁ ବଞ୍ଚିତ ଶ୍ରଦ୍ଧାଳୁ

ପୁରୀ ଅଫିସ ୧୮।୧୦

ମହାପ୍ରଭୁଙ୍କ ଟିକେ ଦର୍ଶନ ପାଇଁ କାହିଁ କେଉଁ ଦୂରରୁ ଶ୍ରଦ୍ଧାଳୁ ଶ୍ରୀକ୍ଷେତ୍ରକୁ ଧାଇଁଆସେ। ଏଥିପାଇଁ ଶ୍ରୀମନ୍ଦିରରେ ଦିନତମାମ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ମହାପ୍ରଭୁଙ୍କୁ ଶୃଙ୍ଖଳାରେ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁଙ୍କ ସୁବିଧା ଉପଲକ୍ଷେ ରାତ୍ରପହୁଡ଼ ସରିବା ଯାଏଁ ଶ୍ରୀମନ୍ଦିର ଖୋଲାଯାଏ। ଏହି ସମୟ ଭିତରେ ଶ୍ରଦ୍ଧାଳୁ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ। ବର୍ତ୍ତମାନ ମହାକାର୍ତ୍ତିକ ମାସ ଚାଲିଥିବାରୁ ଶ୍ରୀମନ୍ଦିରରେ ଭକ୍ତମାନଙ୍କ ଗହଳି ପରିଲକ୍ଷିତ ହେଉଛି। ଏପରିକି ବିଳମ୍ବିତ ରାତି ପର୍ଯ୍ୟନ୍ତ ଭକ୍ତମାନେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବା ସହ ରାତ୍ରପହୁଡ ଦେଖିଥାନ୍ତି। ଏପରିକି ଅନେକ ପୁରୀବାସୀ ସେମାନଙ୍କ କାର୍ଯ୍ୟ ସାରି ରାତିରେ ମହାପ୍ରଭୁଙ୍କ ରାତ୍ର ପହୁଡ ଦର୍ଶନ କରିବାକୁ ଯାଇଥାନ୍ତି। ତେବେ ମଙ୍ଗଳବାର ରାତ୍ର ୧୦ଟା ୧୫ରେ ମହାପ୍ରଭୁଙ୍କ ରାତ୍ରପହୁଡ ହେବା ସହ ଶ୍ରୀମନ୍ଦିର ଦ୍ୱାରା ବନ୍ଦ ହୋଇଥିଲା। ଫଳରେ ଅନେକ ଭକ୍ତ ମହାପ୍ରଭୁଙ୍କ ଦର୍ଶନ ନ ପାଇ ଶ୍ରୀମନ୍ଦିର ନିକଟରୁ ଫେରି ଯାଉଥିବା ଦେଖିବାକୁ ମିଳିଥିଲା। ଏ ନେଇ ପୁରୀବାସୀ ଚିତ୍ତରଞ୍ଜନ ଦାଶଙ୍କ କହିବା କଥା ସେ ପ୍ରତ୍ୟେକ ଦିନ ମହାପ୍ରଭୁଙ୍କୁ ଦର୍ଶନ କରିଥାନ୍ତି। କାର୍ତ୍ତିକ ମାସରେ ଦିନବେଳା ପ୍ରବଳ ଗହଳି ରହୁଥିବାରୁ ରାତ୍ରରେ ସେ ତାଙ୍କ କାର୍ଯ୍ୟକ୍ଷେତ୍ରରୁ କାମ ସାରି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିଥାନ୍ତି। ମାତ୍ର ମଙ୍ଗଳବାର ଶୀଘ୍ର ପହୁଡ ହୋଇଯାଇଥିବାରୁ ସେ ମହାପ୍ରଭୁଙ୍କୁ ଦର୍ଶନ କରିପାରିଲେ ନାହିଁ। ଏପରିକି ପତିତପାବନଙ୍କ ଦର୍ଶନ କରିପାରିଲେ ନାହିଁ। ଫଳରେ ମନ ଦୁଃଖ ଲାଗୁଛି। ସେହିପରି କାର୍ତ୍ତିକ ମାସରେ ମହାପ୍ରଭୁଙ୍କୁ ଦିନରେ ଦିବା ପହୁଡ ହେବା କଥା, କିନ୍ତୁ କାର୍ତ୍ତିକ ନଅ ଦିନ ହୋଇଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଗୋଟିଏ ଦିନ ହେଲେ ମଧ୍ୟ ମହାପ୍ରଭୁଙ୍କ ଦିବା ପହୁଡ କରାଯାଇ ନାହିଁ। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ମଧ୍ୟାହ୍ନ ଧୂପ ପରେ ୨ୟ ଭୋଗ ମଣ୍ଡପ, ଦକ୍ଷିଣୀଘର ଭୋଗ ହୋଇ ବେଶ ମଇଲମ କରାଯାଇ ଦିବା ପହୁଡ କରାଯିବା କଥା। କିନ୍ତୁ କାର୍ତ୍ତିକ ମାସରେ ଗୋଟିଏ ଦିନ ହେଲେ ମଧ୍ୟ ମହାପ୍ରଭୁଙ୍କ ଦିବା ପହୁଡ କରାଯାଇନାହିଁ। ସେପଟେ ଦିନରେ ମହାପ୍ରଭୁଙ୍କ ଦିବା ପହୁଡ ହେଉ ନ ଥିବା ବେଳେ ଏପଟେ ମହାପ୍ରଭୁଙ୍କ ନୀତି ସାରି ଶୀଘ୍ର ପହୁଡ କରାଯାଉଛି। ଫଳରେ ଅନେକ ଭକ୍ତ ମଙ୍ଗଳବାର ମହାପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ହୋଇ ମନ ଦୁଃଖରେ ଫେରିଛନ୍ତି।

# ଭିନ୍ନକ୍ଷମ ସାମର୍ଥ୍ୟ ଶିବିର: ଅନ୍‌ଲାଇନ୍ ପଞ୍ଜୀକରଣ

ସାକ୍ଷୀଗୋପାଳ, ୧୮।୧୦(ଡି.ଏନ୍.ଏ/ସ୍ୱ.ପ୍ର.)

ସତ୍ୟବାଦୀ ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଚଳିତ ୨୮ ତାରିଖରେ ସ୍ଥାନୀୟ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ଅନୁଷ୍ଠିତ ହେବ। ଏଥିନିମନ୍ତେ ସତ୍ୟବାଦୀ ପଞ୍ଚାୟତ ସମିତି ସଭାଗୃହରେ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ହୋଇଯାଇଛି। ସମିତି ଅଧ୍ୟକ୍ଷ ସୁନିଲ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଶିବିରର ଶତ ପ୍ରତିଶତ ସଫଳତା ପାଇଁ ଆଲୋଚନା କରାଯାଇଥିଲା। ଜିଲାସ୍ତରୀୟ ବିଭିନ୍ନ ବିଭାଗୀୟ ବିଶେଷଜ୍ଞ ଡାକ୍ତରମାନେ ଉପସ୍ଥିତ ରହି ଦିବ୍ୟାଙ୍ଗଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଆବଶ୍ୟକ ପ୍ରମାଣପତ୍ର ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦେବାକୁ ବ୍ୟବସ୍ଥା ହୋଇଛି। ପୂର୍ବରୁ ଅନ୍‌ଲାଇନରେ ଆବେଦନ କରିଥିବା ସମସ୍ତ ଦିବ୍ୟାଙ୍ଗ ଏହି ଶିବିରରେ ଯୋଗଦେବାକୁ ସୂଚନା ଦିଆଯାଇଛି। ଯେଉଁମାନେ ଏହି ସୁବିଧା ପାଇନାହାନ୍ତି, ସେମାନେ ତୁରନ୍ତ ନିଜର ପାସପୋର୍ଟ ଫଟୋ ଓ ଆଧାରକାର୍ଡ ସହ ନିକଟସ୍ଥ ଜନସେବା କେନ୍ଦ୍ରରେ ନିଜର ପଞ୍ଜୀକରଣ କରାଇ ସମ୍ପୃକ୍ତ କାଗଜପତ୍ର ସହ ଶିବିରରେ ଯୋଗଦେବାକୁ ଜଣାଇ ଦିଆଯାଇଛି। ସୂଚନାଯୋଗ୍ୟ, ସରକାରଙ୍କ ନୂତନ ନିର୍ଦ୍ଦେଶ ଅନୁଯାୟୀ ଚଳିତବର୍ଷ ଅଗଷ୍ଟ ୩୧ରୁ ଅନ୍‌ଲାଇନ୍ ପ୍ରମାଣପତ୍ର ବାଧ୍ୟତାମୂଳକ କରାଯାଇଛି। ଫଳରେ ପୂର୍ବରୁ ମିଳିଥିବା ସମସ୍ତ ହାତଲେଖା ପ୍ରମାଣପତ୍ର ବର୍ତ୍ତମାନ ଅଚଳ ହୋଇପଡିଛି। ଯେଉଁମାନଙ୍କର ଏ ପର୍ଯ୍ୟନ୍ତ ପୁରୁଣା ପ୍ରମାଣପତ୍ର ଅଛି, ସେମାନେ ତୁରନ୍ତ ଏହାକୁ ଅନ୍‌ଲାଇନ୍ ପ୍ରମାଣପତ୍ରରେ ପରିବର୍ତ୍ତନ କରିବା ନିତାନ୍ତ ଆବଶ୍ୟକ ବୋଲି ସତ୍ୟବାଦୀ ବିଡିଓ ଲୋଚନ ଦାସ ବୈଠକରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସତ୍ୟବାଦୀ ତହସିଲଦାର ଜୟନ୍ତୀ ଜୟସିଂ, ବିଇଓ ଭବମ୍ ପ୍ରଧାନ, କଲେଜ ଅଧ୍ୟକ୍ଷ ପ୍ରଫେସର ରତିକାନ୍ତ ପରିଡ଼ା, ଜିଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ନାରାୟଣ ରାଉତରାୟଙ୍କ ସହିତ ବିଭାଗୀୟ ଅଧିକାରୀ, ପଞ୍ଚାୟତ ପ୍ରତିନିଧି ପ୍ରମୁଖ ବୈଠକରେ ଉପସ୍ଥିତ ରହିଥିଲେ।



ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ଯୋଗ ଦେଇଥିବା ଅତିଥିମାନେ ।



ଅସ୍ତରଙ୍ଗସ୍ଥିତ ମହାତ୍ମା ଗାନ୍ଧୀ ଶିକ୍ଷା ଓ ବୈଷୟିକ ମହାବିଦ୍ୟାଳୟ ପରିସରରେ କରୋନା ସଚେତନତା ଶିବିରରେ ଛାତ୍ରୀଛାତ୍ର ସଫା କରୁଛନ୍ତି ।

# ପରିବେଶ ସୁରକ୍ଷା, ସ୍ୱାସ୍ଥ୍ୟ ସମସ୍ୟାକୁ ଗୁରୁତ୍ୱ

**କରୋନା ସଚେତନତା ଅଭିଯାନ ଶିବିର**

ଅସ୍ତରଙ୍ଗ,୧୮।୧୦(ଡି.ଏନ୍.ଏ.)

ଅସ୍ତରଙ୍ଗସ୍ଥିତ ମହାତ୍ମା ଗାନ୍ଧୀ ଶିକ୍ଷା ଓ ବୈଷୟିକ ମହାବିଦ୍ୟାଳୟ ପରିସରରେ ଏକ ୭ଦିନିଆ କରୋନା ସଚେତନତା ଅଭିଯାନ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟର ଜାତୀୟ ସେବାସଂସ୍ଥା ପକ୍ଷରୁ ଆୟୋଜିତ ଶିବିରକୁ ଅଧ୍ୟକ୍ଷ ନୀରୋଦ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧିକାରୀମାନେ ଯୋଗଦେଇ କରୋନା ସଚେତନତା, ଚାରାରୋପଣ, ପରିବେଶ ସୁରକ୍ଷା, ସ୍ୱାସ୍ଥ୍ୟ ସମସ୍ୟା ଉପରେ ଗୁରୁତ୍ୱାରୋପ କରିଥିଲେ। ମହାବିଦ୍ୟାଳୟ ପରିସରରେ ଥିବା ଆବର୍ଜନା ସ୍ଥାନକୁ ସଫା କରିବା ସହିତ ବିଭିନ୍ନ କିସମର ଔଷଧୀୟ ଚାରାରୋପଣ କରାଯାଇଥିଲା। ପରେ ମହାବିଦ୍ୟାଳୟ ଶତାଧିକ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ସଚେତନତାର ବାର୍ତ୍ତା ନେଇ ବିଭିନ୍ନ ଗ୍ରାମକୁ ଯାଇ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା ଦାୟିତ୍ୱରେ ଥିବା ଅଧ୍ୟାପକ ବିଶ୍ୱରଞ୍ଜନ ପ୍ରଧାନ, ତ୍ରିନାଥ ଚରଣ ସ୍ୱାଇଁ, ଜଟାଧାରୀ ବାରିକ, ପ୍ରଦୀପ୍ତ ମିଶ୍ର, ସନ୍ତୋଷ ରଥ, ପ୍ରମୋଦ ଛାଟୋଇ, ଲିଙ୍ଗରାଜ ଛାଟୋଇ ପ୍ରମୁଖ ସହଯୋଗ କରିଥିଲେ।

## ବେଳାଭୂମିରେ ସ୍ୱଚ୍ଛତା ଅଭିଯାନ

ପୁରୀ ଅଫିସ, ୧୮।୧୦

ଇସିଏଚ୍‌ଏସ୍ ଆନୁକୂଲ୍ୟରେ ଓ ଅଫିସର ଇନ୍‌ଚାର୍ଜ କ୍ୟାପଟେନ (ନାଭି) ଏନ୍.ଶାହାଙ୍କ ନେତୃତ୍ୱରେ ଷ୍ଟେଶନ ହେଡ୍‌କ୍ୱାର୍ଟରେ ଆଇଏନ୍‌ଏସ୍ ଚିଲିକାର ପ୍ରେରଣାରେ ତଥା ପୁରୀ ଜିଲା ଏକ୍ସସର୍ଭିସେସ ଲିଗ୍ ସହଯୋଗରେ ରାମକୃଷ୍ଣ ମଠ ସନ୍ନିକଟ ବେଳାଭୂମିରେ ମଙ୍ଗଳବାର ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ସଫେଇରେ ସହଯୋଗ କରିଥିଲେ। ସାଧାରଣ ଜନତାଙ୍କୁ ସ୍ୱଚ୍ଛତାର ବାର୍ତ୍ତା ଦେବା ସଙ୍ଗେ ସଙ୍ଗେ ଏହାର ଉପକାରିତା ଓ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପୁରୀ ମ୍ୟୁନିସିପାଲିଟିର ସହଯୋଗ ପାଇଁ ଇସିଏଚ୍‌ଏସ୍ କୃତଜ୍ଞତା ଜ୍ଞାପନ କରିଥିଲ। ଉକ୍ତ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଜିଲାର ଯବାନମାନେ ଯୋଗଦେଇଥିଲେ।

## କେନ୍ଦ୍ରାପଡ଼ା ଏମ୍‌ପିଙ୍କ ମା’ ମଙ୍ଗଳା ଦର୍ଶନ

ଅସ୍ତରଙ୍ଗ/କାକଟପୁର, ୧୮।୧୦(ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଏମ୍‌ପି ତଥା ଓଲିଉଡ୍ କଳାକାର ଅନୁଭବ ମହାନ୍ତି ମଙ୍ଗଳବାର ସନ୍ଧ୍ୟାରେ କାକଟପୁର ମା’ ମଙ୍ଗଳାଙ୍କୁ ଦର୍ଶନ କରିଛନ୍ତି। ଏମ୍‌ପି ମହାନ୍ତି ଜଣେ ଲୋକପ୍ରିୟ ନେତା ଏବଂ ସିନେମା ଜଗତରେ ଆଗ ଧାଡ଼ିର କଳାକାର ହୋଇଥିବାରୁ ତାଙ୍କୁ ଦେଖିବା ପାଇଁ ସେବକଙ୍କ ସହ ସାଧାରଣ ଲୋକଙ୍କ ଭିଡ଼ ଦେଖିବାକୁ ଲାଗିଥିଲା। ସେ ମନ୍ଦିର ଚତୁଃପାର୍ଶ୍ୱ ବୁଲି ସାରି ସେବାୟତଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।

# ସମ୍ଭାବ୍ୟ ବାତ୍ୟା ନେଇ ପ୍ରାକ୍ ପ୍ରସ୍ତୁତି

ପୁରୀ ଅଫିସ,୧୮।୧୦

ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଉତ୍ତର ଆଣ୍ଡାମାନ ସାଗର ଏବଂ ଏହାର ଆଖପାଖ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ଆସନ୍ତା ୪୮ ଘଣ୍ଟା ମଧ୍ୟରେ ସୃଷ୍ଟି ହେବାର ସମ୍ଭାବନା ଅଛି। ୨୨ ତାରିଖ ସୁଦ୍ଧା ଏହା ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ପରବର୍ତ୍ତୀ ସମୟରେ ଏହା କେନ୍ଦ୍ରୀଭୂତ ହୋଇ ଏକ ବାତ୍ୟାରେ ପରିଣତ ହୋଇପାରେ। ତେବେ ଏହା କେଉଁଦିଗରେ ଗତି କରିବ ଓ ତାହାର ତୀବ୍ରତା ଏବଂ ପ୍ରଭାବ ଏ ପର୍ଯ୍ୟନ୍ତ ପୂର୍ବାନୁମାନ କରାଯାଇପାରିନାହିଁ। ହେଲେ ଆସନ୍ତା ୨ରୁ୩ ଦିନ ମଧ୍ୟରେ ଏହା ଉପରେ ସ୍ପଷ୍ଟ ଚିତ୍ର ମିଳିବାର ସମ୍ଭାବନା ଅଛି। ତେଣୁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ସ୍ୱତନ୍ତ୍ର ରିଲିଫ କମିଶନର ବିଭିନ୍ନ ବିଭାଗ ଏବଂ ଉପକୂଳବର୍ତ୍ତୀ ଜିଲାଗୁଡ଼ିକ ଜିଲା ପ୍ରଶାସନ ସହିତ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ମଙ୍ଗଳବାର ପ୍ରାକ୍ ପ୍ରସ୍ତୁତି ସମ୍ବନ୍ଧରେ ଆଲୋଚନା କରିଥିଲେ। ସମ୍ପୃକ୍ତ ପଦାଧିକାରୀମାନଙ୍କୁ ନିଜର ମୁଖ୍ୟ କାର୍ଯ୍ୟାଳୟ ନ ଛାଡିବା ପାଇଁ ପରାମର୍ଶ ଦିଆଯାଇଛି। ରାଜ୍ୟ ସରକାର ପରିସ୍ଥିତି ଉପରରେ ତୀକ୍ଷ୍ଣ ନଜର ରଖିଛନ୍ତି। ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ଏକ ବିଜ୍ଞପ୍ତି ମାଧ୍ୟମରେ ସୂଚନା ପ୍ରଦାନ କରାଯାଇଛି।

# ହୋଟେଲରୁ ଅଚେତ ଅବସ୍ଥାରେ ପ୍ରେମୀଯୁଗଳ ଉଦ୍ଧାର

■ ବିଷାକ୍ତ ଦ୍ରବ୍ୟ ଖାଇଥିବା ସନ୍ଦେହ
■ ଉଭୟଙ୍କୁ ଏସ୍‌ସିବିକୁ ସ୍ଥାନାନ୍ତର

ପୁରୀ ଅଫିସ,୧୮।୧୦:

ଶ୍ରୀକ୍ଷେତ୍ରରେ ପର୍ଯ୍ୟଟକଙ୍କ ସଂଶ୍ଳିଷ୍ଟ ଆପରାଧିକ ମାମଲା ଥମିବାର ନାଁ ନେଉନାହିଁ। ନିୟମିତ ଭାବେ ପୁରୀକୁ ଆସୁଥିବା ପର୍ଯ୍ୟଟକଙ୍କର ହୋଟେଲ ରୁମ୍‌ରେ ସନ୍ଦେହଜନକ ମୃତ୍ୟୁ ଘଟୁଛି କିମ୍ବା ଗୁରୁତର ହେଉଛନ୍ତି। ଏଭଳି କ୍ଷେତ୍ରରେ ମଙ୍ଗଳବାର ସିଟି ରୋଡ୍‌ସ୍ଥିତ ଏକ ହୋଟେଲରେ ପ୍ରେମୀଯୁଗଳ ଅଚେତ ଅବସ୍ଥାରେ ପଡ଼ିଥିବା ଘଟଣା ସାମ୍ନାକୁ ଆସିଛି। ହୋଟେଲ କର୍ତ୍ତୃପକ୍ଷଙ୍କ ଏନେଇ ସନ୍ଦେହ ହେବା ପରେ ପୋଲିସ ସହ ଯୋଗାଯୋଗ କରି ପ୍ରେମୀଯୁଗଳଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନଙ୍କୁ ପ୍ରଥମେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା ପରେ ଉଭୟଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପ୍ରେମୀଯୁଗଳ କୌଣସି ବିଷାକ୍ତ ତରଳ ପଦାର୍ଥ କିମ୍ବା ଔଷଧ ଖାଇଥିବା ଅବା କେହି ଖାଦ୍ୟରେ କିଛି ମିଶାଇଥିବା ନେଇ ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିଛି।

ଘଟଣା ଅନୁଯାୟୀ, ଗତ ଚାରିଦିନ ଧରି ପ୍ରେମୀଯୁଗଳ ଉକ୍ତ ହୋଟେଲରେ ରହୁଥିଲେ। ପ୍ରେମୀଯୁଗଳଙ୍କଠାରୁ ମିଳିଥିବା ଆଧାର କାର୍ଡର ତଥ୍ୟ ଅନୁଯାୟୀ, ଆନ୍ଧ୍ରପ୍ରଦେଶର ବୋଲି ଜଣାପଡ଼ିଛି। ମଙ୍ଗଳବାର ସେମାନେ ହୋଟେଲ ଛାଡ଼ିବା ନେଇ ହୋଟେଲ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବା ସହ ପୂର୍ବଦିନ ଭଡ଼ା ପଇଠ କରି ନିଜ ଆଧାର କାର୍ଡ ହୋଟେଲ କର୍ମଚାରୀଙ୍କଠାରୁ ନେଇଥିଲେ। ମାତ୍ର ସକାଳୁ ସମୟ ହୋଇଯାଇଥିଲେ ସୁଦ୍ଧା ପ୍ରେମୀଯୁଗଳ ରହୁଥିବା ରୁମ୍‌ରୁ ବାହାରକୁ ଆସି ନ ଥିଲେ। ହୋଟେଲ କର୍ମଚାରୀମାନେ ପ୍ରଥମେ କିଛି ସମୟ ଅପେକ୍ଷା କରିଥିଲେ କିନ୍ତୁ ନ ଆସିବାରୁ ରୁମ୍ ନିକଟକୁ ଯାଇ ଡାକିଥିଲେ। କେହି ନ ଶୁଣିବାରେ ହୋଟେଲର ମ୍ୟାନେଜର ସମୁଦ୍ରକୂଳ ଥାନାକୁ ଏସମ୍ପର୍କରେ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି କବାଟ ଭାଙ୍ଗିବା ପରେ ଦୁଇଜଣ ଖଟ ଉପରେ ଗୁରୁତର ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। କୌଣସି ବିଷାକ୍ତ ଦ୍ରବ୍ୟ ସେବନ କରିନେବା ପରି ମୁହଁରୁ ଫେଣ ବାହାରୁଥିଲା। ଏହାପରେ ତାଙ୍କୁ ଉଦ୍ଧାର କରାଯାଇ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ଅବସ୍ଥା ଗୁରୁତର ହେବାରୁ ଉଭୟଙ୍କୁ କଟକ ଏସ୍‌ସିବିକୁ ନିଆଯାଇଛି। ଅନ୍ୟପକ୍ଷେ ସମୁଦ୍ରକୂଳ ଥାନାରେ ଏନେଇ କୌଣସି ମାମଲା ରୁଜୁ ହୋଇ ନାହିଁ। ପୋଲିସ ଘଟଣାସ୍ଥଳରୁ ତଥ୍ୟ ପ୍ରମାଣ ସଂଗ୍ରହ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ମାମଲା ରୁଜୁ ହୋଇ ନ ଥିବା ହେତୁ ତଦନ୍ତ ଆଗେଇପାରି ନାହିଁ ବୋଲି ସମୁଦ୍ରକୂଳ ଥାନା ଆଇଆଇସି ଚିନ୍ମୟ ରାଉତ କହିଛନ୍ତି। ସେହିଭଳି ପୋଲିସ ପୁରୁଷ ବନ୍ଧୁଙ୍କ ପରିବାର ଲୋକଙ୍କ ସହ ଯୋଗାଯୋଗ କରି ଘଟଣା ସମ୍ପର୍କରେ ଅବଗତ କରାଇଛି।

ପୁରୀ ସହରରେ ଦୈନିକ ପର୍ଯ୍ୟଟକଙ୍କ ଭିଡ଼ କ୍ରମାଗତ ଭାବେ ବଢୁଥିବାବେଳେ ହୋଟେଲରେ ହତ୍ୟା ଓ ଆତ୍ମହତ୍ୟା ଭଳି ଉଦ୍ୟମ ମଧ୍ୟ ବଢୁଛି। ପୋଲିସ ସ୍ୱତନ୍ତ୍ର ଭାବେ ଏଭଳି ଆପରାଧିକ କାର୍ଯ୍ୟକଳାପକୁ ରୋକିବାକୁ ନେଇ କୌଣସି ଯୋଜନା ପ୍ରସ୍ତୁତ କରୁନାହିଁ। ସେହିଭଳି ଅଧିକାଂଶ ମାମଲାରେ ପୋଲିସ ଠିକ୍ ତଦନ୍ତ କରୁ ନ ଥିବା ମଧ୍ୟ ଅଭିଯୋଗ ହୋଇଛି। ଅଧିକାଂଶ ମାମଲାକୁ ପୋଲିସ ନିଜ ଆଡୁ ଆତ୍ମହତ୍ୟା ମାମଲା ରୁଜୁ କରି ନୀରବ ରହିଯାଉଥିବା ଦେଖିବାକୁ ମିଳିଛି। ସେହିଭଳି ସାଇଣ୍ଟିଫିକ୍ ଟିମ୍ ପାଖରେ ଆବଶ୍ୟକ ସୁଦକ୍ଷ ମାନବ ସମ୍ବଳ ଓ ଉପକରଣ ମହଜୁଦ ନାହିଁ। ଫଳରେ ଅନେକ ମାମଲା ଉପରଠାଉରିଆ ଭାବେ ତଦନ୍ତ କରାଯାଇ ଶେଷ କରାଯାଉଛି ବୋଲି ଆଇନଜୀବୀ ଚିନ୍ମୟ ଦାଶ ଅଭିଯୋଗ କରିଛନ୍ତି।

# ମୃତବ୍ୟକ୍ତିଙ୍କ ଜମାଖାତାକୁ ଭତ୍ତା ଟଙ୍କା ଯିବାରୁ ଅସନ୍ତୋଷ

**୩୫ ଅଭିଯୋଗର ଶୁଣାଣି**

ନିମାପଡ଼ା,୧୮।୧୦(ଡି.ଏନ୍.ଏ.)

ନିମାପଡ଼ା ବ୍ଲକ ଅନ୍ତର୍ଗତ ଉଚ୍ଛୁପୁର, ଗଡ଼ପଦନପୁର, ହରିପୁର, ବଳଙ୍ଗା, ଶାଇଁସ ଶାସନ ଆଦି ପଞ୍ଚାୟତର ୧୩ଜଣ ମୃତ ବ୍ୟକ୍ତିଙ୍କ ଜମାଖାତାକୁ ଭତ୍ତା ଟଙ୍କା ଯାଉଥିବା ଘଟଣା ଜିଲା ପ୍ରଶାସନର ନଜିରକୁ ଆସିଛି। ସେହିପରି ଉକ୍ତ ବ୍ଲକର ଅନେକ ପଞ୍ଚାୟତରେ ଏଭଳି ଘଟଣା ଦେଖିବାକୁ ମିଳିଛି। ହିତାଧିକାରୀମାନଙ୍କ ମୃତ୍ୟୁ ହୋଇ ସାରିଥିବାବେଳେ ସେମାନଙ୍କ ଜମାଖାତାକୁ ୫/୬ ମାସ ହେଲା ଭତ୍ତା ଟଙ୍କା ଯାଉଛି। ପଞ୍ଚାୟତ ସମିତି ପକ୍ଷରୁ ବ୍ଲକ ସଭାକକ୍ଷରେ ଆୟୋଜିତ ବ୍ଲକସ୍ତରୀୟ ଜନଶୁଣାଣି ଶିବିରରେ ଜନପ୍ରତିନିଧିମାନେ ଏପରି ଅଭିଯୋଗ କରିଛନ୍ତି। ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ଭବତାରଣ ସାହୁ ଯୋଗଦେଇ ଉକ୍ତ ଘଟଣା ନେଇ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ମୃତବ୍ୟକ୍ତିଙ୍କ ଖାତାକୁ ଯାଇଥିବା ଭତ୍ତା ଟଙ୍କାକୁ ତୁରନ୍ତ ଆଦାୟ କରାଯିବା ଦିଗରେ ପଦକ୍ଷେପ ନେବାକୁ ବିଡିଓ ବସନ୍ତ ମଲ୍ଲିକଙ୍କୁ ଉପଜିଲାପାଳ ସାହୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ମାନିତ ଅତିଥି ଭାବେ ବିଡିଓ ମଲ୍ଲିକ, ଅତିରିକ୍ତ ବିଡିଓ ପୂର୍ଣ୍ଣଚନ୍ଦ୍ର ସେଠୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁନୀଲ ମଲ୍ଲିକ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷା ଅନସୂୟା ମହାନ୍ତି, ସାମାଜିକ କର୍ମୀ ଭକ୍ତ ବିହାରୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଜାତୀୟ ସାମାଜିକ ସୁରକ୍ଷା ଆଇନ, ପଞ୍ଚଦଶ ଅର୍ଥ କମିଶନ ଅନୁଦାନ, ସମନ୍ୱିତ ଶିଶୁ ବିକାଶ ଯୋଜନା, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ସମ୍ପର୍କିତ ଜନଶୁଣାଣି ଓ ବିଶଦ ଆଲୋଚନା କରାଯାଇଥିଲା। ଏଥିରେ ବିଭିନ୍ନ ବିଭାଗର ମୋଟ ୩୫ଟି ଅଭିଯୋଗର ଶୁଣାଣି କରାଯାଇ ଏ ଦିଗରେ ବିହିତ ପ୍ରତିକାର ପାଇଁ ବିଡିଓ ଏବଂ ବିଭାଗୀୟ ଅଧିକାରୀମାନଙ୍କୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ବ୍ଲକର ସମସ୍ତ ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ପିଇଓ, ଜିଆରଏସ୍, ସରପଞ୍ଚ, ଜିଲା ପରିଷଦ ସଭ୍ୟ, ସମିତି ସଭ୍ୟ ଯୋଗଦେଇଥିଲେ।





ନିମାପଡା ବ୍ଲକ ସଭାକକ୍ଷରେ ଆୟୋଜିତ ବ୍ଲକସ୍ତରୀୟ ଜନଶୁଣାଣି ଶିବିରରେ ମଞ୍ଚାସୀନ ଅତିଥିମାନେ ।

## ଚୋରି ବାଇକ ଜବତ, ଜଣେ ଗିରଫ

ଡେଲାଙ୍ଗ, ୧୮।୧୦(ଡି.ଏନ୍.ଏ.)

ଡେଲାଙ୍ଗ ପୋଲିସ ମଙ୍ଗଳବାର ଚୋରି ବାଇକ ଜବତ କରିବା ସହିତ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲଣ କରିଛି। ସେ ହେଲେ ସଡାଙ୍ଗୋଇ ଉତ୍ତରବାଡ ଗ୍ରାମର ଉଗ୍ରେସନ ଲେଙ୍କା (୨୮)। ଗତ ୧୭ ତାରିଖରେ ମଳିଗାଁର ଜୟସେନ ସ୍ୱାଇଁ ତାଙ୍କ ହିରୋ ଗ୍ଲାମର ବାଇକ ଯାହାର ନମ୍ବର ଓଡି୧୩ଜି ୩୬୪୯କୁ ଦାଣ୍ଡ ଦୁଆରେ ରଖିଥିଲେ। ଅପରାହ୍ନ ୧ଟା ବେଳେ ତାଙ୍କ ବାଇକ୍‌କୁ କେହି ଚୋରି ନେଇଥିବା ନେଇ ହରିରାଜପୁର ଫାଣ୍ଡିରେ ଭୀମସେନ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୨୯୬/୨୨ରେ ମାମଲା ରୁଜୁ କରିଥିଲା। ଅଭିଯୁକ୍ତ ଜଣକ ମଙ୍ଗଳବାର ମଳିଗାଁ - ସଡାଙ୍ଗୋଇ କେନାଲ ବନ୍ଧ ରାସ୍ତାରେ ଭୋରୁ ବାଇକ୍ ନେଇ ଯାଉଥିବା ବିଶେଷ ସୂତ୍ରରୁ ପୋଲିସ ନିକଟରେ ଖବର ପହଞ୍ଚିଥିଲା। ଖବର ପାଇ ଫାଣ୍ଡି ଅଧିକାରୀ ଗଦାଧର ନାୟକ ଚେକିଂ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ଚୋରି ବାଇକ୍ ଜବତ କରିଥିଲେ।

## ସଂକ୍ଷେପରେ

### ନାବାଳିକାଙ୍କୁ ଅପହରଣ, ଯୁବକ ଗିରଫ

ଯାଁଳା,୧୮।୧୦(ଡି.ଏନ୍.ଏ.): ନାବାଳିକାଙ୍କୁ ଅପହରଣ କରି ଶାରୀରିକ ସମ୍ପର୍କ ରଖିବା ଅଭିଯୋଗରେ ଇନ୍‌ଫୋଭ୍ୟାଲି ଥାନା ପୋଲିସ ଜଣେ ଯୁବକକୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ଚନ୍ଦ୍ରଶେଖରପୁର ଥାନା ନୀଳାଦ୍ରିବିହାର ଅଞ୍ଚଳର ସୁବ୍ରତ ନାଏକ(୨୧)। ସୂଚନା ମୁତାବକ, ନାବାଳିକାଙ୍କ ପରିବାର ତମାଣ୍ଡୋ ଥାନା ଅଞ୍ଚଳରେ ରୁହନ୍ତି। ଗତ ସେପ୍ଟେମ୍ବର ୧୪ରେ ନାବାଳିକା ଜଣକ କଲେଜରୁ ଘରକୁ ଫେରୁଥିବା ବେଳେ ଗୋହିରା ଛକରୁ ସୁବ୍ରତ ତାଙ୍କୁ ଏକ ଅଟୋରେ କେଉଁଆଡ଼େ ନେଇଯାଇଥିଲେ। ଏଥିସହ ଶାରୀରିକ ସମ୍ପର୍କ ରଖିଥିଲେ। ଅନ୍ୟପଟେ ନାବାଳିକା ଜଣଙ୍କ ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ। ଏନେଇ ନାବାଳିକାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇ ସୋମବାର ନାବାଳିକାଙ୍କୁ ଉଦ୍ଧାର କରିବା ସହ ସୁବ୍ରତଙ୍କୁ ଗିରଫ କରିଥିଲା।

### ଯୁବତୀ ନିଖୋଜ ନେଇ ଅଭିଯୋଗ

ଭୁବନେଶ୍ୱର,୧୮।୧୦ (ବ୍ୟୁରୋ): ମାବାଇଲ ଫୋନରେ ରିଲ୍ସ ଭିଡିଓ କରିବାକୁ ବାରଣ କରିବାରୁ ଜଣେ ଯୁବତୀ ରାଗିକି ଘର ଛାଡି କେଉଁଆଡେ ପଳାଇଛନ୍ତି। ସେ ହେଲେ ଖାରବେଳ ନଗର ଥାନା ଅଞ୍ଚଳରେ ରହୁଥିବା କ୍ରୀତି ସିଂ। ଏନେଇ ଯୁବତୀଙ୍କ ପରିବାରଲୋକଙ୍କ ଅଭିଯୋଗକ୍ରମେ ମଙ୍ଗଳବାର ପୋଲିସ ଏକ ନିଖୋଜ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, କ୍ରୀତି ଖାରବେଳ ନଗର ଅଞ୍ଚଳରେ ଥିବା ମାମୁ ଘରେ ରୁହନ୍ତି। ଅଧିକାଂଶ ସମୟ ସେ ମୋବାଇଲରେ ସଟ୍ ଭିଡିଓ ତିଆରି କରିବା ସହ ସୋସିଆଲ୍ ମିଡିଆରେ ବ୍ୟସ୍ତ ରହୁଥିବାରୁ ପରିବାର ଲୋକ ବାରଣ କରିଥିଲେ। ହେଲେ କ୍ରୀତି ସହ୍ୟ କରି ନ ପାରି ମଙ୍ଗଳବାର ଭୋର ୫ଟାରୁ ଘର ଛାଡ଼ି କେଉଁଆଡ଼େ ପଳାଇଛନ୍ତି।

### ଅଟୋ ପୋଡ଼ିଦେଲେ ଦୁର୍ବୃତ୍ତ

ପୁରୀ ଅଫିସ୍,୧୮।୧୦: ପୁରୀ ସଦର ଥାନା ଅନ୍ତର୍ଗତ କଦଳୀବାରିପାଟଣା ଗ୍ରାମର ମୁଖ୍ୟରାସ୍ତାରେ ରଖାଯାଇଥିବା ଏକ ଅଟୋକୁ କେହି ଦୁର୍ବୃତ୍ତ ସୋମବାର ବିଳମ୍ବିତ ରାତିରେ ନିଆଁ ଲଗାଇଦେଇଛି। ଫଳରେ ଅଟୋଟି ଜଳି ପୋଡ଼ି ପାଉଁଶ ହୋଇଯାଇଛି। ଏନେଇ ଅଟୋଚାଳକ ରାଜେନ୍ଦ୍ର ଜେନା ସଦର ଥାନାରେ ମଙ୍ଗଳବାର ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସେ ତାଙ୍କ ଭିଣୋଇ ସନ୍ତୁଙ୍କ ଉପରେ ସନ୍ଦେହ କରୁଥିବା କହିଛନ୍ତି। ଭିଣୋଇଙ୍କ ସହ ପୂର୍ବ ଶତ୍ରୁତା ଥିବାରୁ ଏଭଳି କାଣ୍ଡ ହୋଇଥାଇପାରେ ବୋଲି ରାଜେନ୍ଦ୍ର ଅନୁମାନ କରିଛନ୍ତି। ଅନ୍ୟପଟେ ଘଟଣା ପରେ ସନ୍ତୁ ରାଜେନ୍ଦ୍ରଙ୍କ ଘରକୁ ଆସି ନିଜେ ଅଟୋ ପୋଡ଼ିଥିବା କହିବା ସହ ମାରିଦେବାକୁ ଧମକ ଦେଇଛନ୍ତି। ପୋଲିସ ସନ୍ତୁଙ୍କୁ ଧରିବାକୁ ତଦନ୍ତ ଚଳାଇଛି। ଅଭିଯୋଗ ଅନୁସାରେ, ରାଜେନ୍ଦ୍ର ଏକ ଅଟୋକୁ ଭଡ଼ାରେ ଚଲାନ୍ତି। ସବୁଦିନ ଭଳି ଅଟୋକୁ ଘରର ବିପରୀତ ପାର୍ଶ୍ୱ ରାସ୍ତାରେ ରଖିଥିଲେ। ସୋମବାର ରାତରେ ଅଟୋ ଜଳୁଥିବା ଦେଖି ଲୋକେ ରାଜେନ୍ଦ୍ରଙ୍କୁ ଖବର ଦେଇଥିଲେ।

# ଜିଆର୍‌ଏସ୍, ପିଇଓଙ୍କ ମାସକର ଦରମା ବନ୍ଦ ନିର୍ଦ୍ଦେଶ

କୃଷ୍ଣପ୍ରସାଦ,୧୮।୧୦ (ଡି.ଏନ୍.ଏ.)



ଶିବିରରେ ଅତିରିକ୍ତ ଜିଲାପାଳ ଦିଲିପ କୁମାର ମହାପାତ୍ର ଓ ଅନ୍ୟ ଅଧିକାରୀ।

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ସଭାଗୃହରେ ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଓ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ଦିଲୀପ କୁମାର ମହାପାତ୍ର ଯୋଗଦେଇ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନଆରଇଜିଏସ୍), ପଞ୍ଚଦଶ ଅର୍ଥ କମିଶନ ଅନୁଦାନ, ଜାତୀୟ ସାମାଜିକ ସହାୟତା, ସମନ୍ୱିତ ଶିଶୁ ବିକାଶ ଓ ମମତା ଯୋଜନାର ସଫଳତା ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷକରି ପଞ୍ଚାୟତସ୍ତରରେ ଅନୁଷ୍ଠିତ ସାମାଜିକ ସମୀକ୍ଷା କାର୍ଯ୍ୟକ୍ରମରୁ ବାଦ୍ ପଡିଥିବା ପ୍ରକଳ୍ପଗୁଡିକର ଅଭିଯୋଗ ଶୁଣାଣି କରାଯାଇଥିଲା। କେତେକ ପଞ୍ଚାୟତରେ ଏମ୍‌ଜିଏନଆରଇଜିଏସ୍ ଯୋଜନାରେ ଅନିୟମିତତା ହେବା ସହ କୌଣସି ରେକର୍ଡ ଠିକ୍ ମିଳିନଥିବା ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଶିବିରରେ ଅନୁପସ୍ଥିତ ଜିଆରଏସ୍ ଓ ପିଇଓଙ୍କୁ ୧ହଜାର ଟଙ୍କା ଲେଖାଏ ଜରିମାନା ସହ ମାସକର ଦରମା ବନ୍ଦ ପାଇଁ ବିଡିଓ ମନୋଜ କୁମାର ନାୟକଙ୍କୁ ନର୍ଦ୍ଦେଶ ଦେଇଛନ୍ତି ଅତିରିକ୍ତ ଜିଲାପାଳ।

ବିଡିଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତହସିଲଦାର ଶରତ ଚନ୍ଦ୍ର ଗିରି, ଜିଲାପରିଷଦ ସଭ୍ୟ ସନ୍ଦୀପ କୁମାର ଜେନା, ସିଡିପିଓ ମନୋରମା ଦେବୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, ବ୍ଲକ ସହକାରୀ ଯନ୍ତ୍ରୀ ବିନୋଦ ବିହାରୀ ପୁହାଣ, ଜିଲା ସାମାଜିକ ସମୀକ୍ଷକ ରାଜ କିଶୋର ପରିଡା, ବ୍ଲକ ସାମାଜିକ ସମୀକ୍ଷକ ଅର୍ଚ୍ଚନା ଦଳାଇ, ଏପିଓ ଅଭିନ୍ନ କୁମାର ପଲାଇ, ଏସିପି ସୌଭାଗ୍ୟ କୁମାର ବଳିୟାରସିଂହ, ରଞ୍ଜନ ପଟ୍ଟନାୟକ, ସୌରୀରାଣୀ ଜେନା, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରଶ୍ମି ରଞ୍ଜନ ସାହୁ, ପ୍ରଭାତ କୁମାର ଜେନା, ସାଗର କୁମାର ସାହୁ, ସରପଞ୍ଚ ମଳୟ କୁମାର ଜେନା, ଇତିଶ୍ରୀ ସିଂହ,କବିତା ଜେନା, ଦୁଷ୍ମନ୍ତ କୁମାର ସେଠୀ, ବୀଣାପାଣି ପ୍ରଧାନ, ସୁଶାନ୍ତ କୁମାର ପରିଡା, ପ୍ରଦୀପ କୁମାର ସେଠୀ, କନିଷ୍ଠ ଯନ୍ତ୍ରୀ କମଳାକାନ୍ତ ବାସ୍କେ, ମନୋଜ କୁମାର ସ୍ୱାଇଁ, ବିପିନି ବିହାରୀ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଓ ଜନଶୁଣାଣି ଶିବିର

### ମହାପ୍ରଭୁଙ୍କ ଦର୍ଶନରୁ ଶ୍ରଦ୍ଧାଳୁ ବଞ୍ଚିତ

ପୁରୀ ଅଫିସ ୧୮।୧୦

ମହାପ୍ରଭୁଙ୍କୁ ଶୃଙ୍ଖଳାରେ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁଙ୍କ ସୁବିଧା ଉପଲକ୍ଷେ ରାତ୍ର ପହୁଡ଼ ସରିବା ଯାଏଁ ଶ୍ରୀମନ୍ଦିର ଖୋଲାଯାଏ। ଏହି ସମୟ ଭିତରେ ଶ୍ରଦ୍ଧାଳୁ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ। ବର୍ତ୍ତମାନ କାର୍ତ୍ତିକ ମାସ ଚାଲିଥିବାରୁ ଶ୍ରୀମନ୍ଦିରରେ ଭକ୍ତଙ୍କ ଗହଳି ପରିଲିଖିତ ହେଉଛି। ଏପରିକି ବିଳମ୍ବିତ ରାତି ପର୍ଯ୍ୟନ୍ତ ଭକ୍ତମାନେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବା ସହ ରାତ୍ର ପହୁଡ ଦେଖିଥାନ୍ତି। ଏପରିକି ଅନେକ ପୁରୀବାସୀ ସେମାନଙ୍କ କାର୍ଯ୍ୟ ସାରି ରାତିରେ ମହାପ୍ରଭୁଙ୍କ ରାତ୍ର ପହୁଡ ଦର୍ଶନ କରିବାକୁ ଯାଇଥାନ୍ତି। ତେବେ ମଙ୍ଗଳବାର ରାତ୍ର ୧୦ଟା ୧୫ରେ ମହାପ୍ରଭୁଙ୍କ ରାତ୍ର ପହୁଡ ହେବା ସହ ଶ୍ରୀମନ୍ଦିର ଦ୍ୱାରା ବନ୍ଦ ହୋଇଥିଲା। ଫଳରେ ଅନେକ ଭକ୍ତ ମହାପ୍ରଭୁଙ୍କ ଦର୍ଶନ ନ ପାଇ ଶ୍ରୀମନ୍ଦିର ନିକଟରୁ ଫେରି ଯାଉଥିବା ଦେଖିବାକୁ ମିଳିଥିଲା।

# ବାତ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ୍





ସିଆଣ୍ଡି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ମକ୍‌ଡ୍ରିଲ୍‌ରେ ଯୋଗ ଦେଇଥିବା ଅଧିକାରୀ ଓ ଅନ୍ୟମାନେ।

କୃଷ୍ଣପ୍ରସାଦ,୧୮।୧୦(ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ସିଆଣ୍ଡି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳରେ ପ୍ରଶାସନ ପକ୍ଷରୁ ମଙ୍ଗଳବାର ମକଡ୍ରିଲ୍ ଅନୁଷ୍ଠିତ ହୋଇଥିଲା। ବିପର୍ଯ୍ୟୟ ସମୟରେ ନିଜେ ସୁରକ୍ଷିତ ରହିବା ସହ ଅନ୍ୟମାନଙ୍କୁ କିଭଳି ସୁରକ୍ଷିତ ରଖାଯାଇପାରିବ ସେ ସମ୍ପର୍କରେ ଅଭ୍ୟାସ କରାଯାଇଥିଲା। ସିଆଣ୍ଡିସରପଞ୍ଚ ଆଦିତ୍ୟ ରଞ୍ଜନ ପଲାଇଙ୍କ ସଭାପତିତ୍ୱରେ ବିଡିଓ ମନୋଜ କୁମାର ନାୟକ, କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧ୍ୟକ୍ଷା ସରୋଜିନୀ ତରେଇ, ଜିଲାପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ଜରୁରିକାଳୀନ ପ୍ରକଳ୍ପ ଅଧିକାରୀ ବାପି ବିଶ୍ୱଜିତ ସାହୁ, ସିଆଣ୍ଡି ଗ୍ରାମ୍ୟ କମିଟି ସଭାପତି କୃଷ୍ଣଚନ୍ଦ୍ର ତରେଇ, ଜଗନ୍ନାଥ ତରେଇ, ଆଶୁତୋଷ ଦାଶ, ବିଜୟ କୁମାର ତରେଇ, କୁବେର ଜେନା, ପ୍ରବୀର କୁମାର ନାୟକ ପ୍ରମୁଖ ମକଡ୍ରିଲ୍‌ରେ ଉପସ୍ଥିତ ଥିଲେ ।

ଜରୁରିକାଳୀନ ପ୍ରକଳ୍ପ ଅଧିକାରୀ ବାପି ବିଶ୍ୱଜିତ ସାହୁ ବିପର୍ଯ୍ୟୟ ସମୟରେ ସୁରକ୍ଷାଭିତ୍ତିକ ସଚେତନ କରିଥିଲେ। ସାମାଜିକ କର୍ମୀ ରମେଶ ଚନ୍ଦ୍ର ତରେଇ ଧନ୍ୟବାଦ ଦେବା ସହିତ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ପ୍ରଶିକ୍ଷକ ଭାବେ ଗୀତାଞ୍ଜଳି ସାହୁ, ଜ୍ଞାନେନ୍ଦ୍ର ମାଲିଆ, ତନ୍ମୟୀ ଚାଟାର୍ଜୀ ପ୍ରମୁଖ ଯୋଗଦେଇ ତାଲିମ ପ୍ରଦାନ କରୁଥିବା ବେଳେ ୧୧ଦିନ ଧରି ଏହି ପ୍ରଶିକ୍ଷଣ ଶିବିର ଚାଲିବ ବୋଲି ଜଣାପଡିଛି। ବୁଧବାର ଠାରୁ ବ୍ଲକ ଅଧୀନ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ବିପର୍ଯ୍ୟୟ ପରିଚାଳନା ତାଲିମ ପ୍ରଦାନ କରାଯିବ ବୋଲି ନୋଡାଲ ଏନଜିଓ ସମ୍ପାଦକ ପ୍ରବୀର କୁମାର ନାୟକ କହିଛନ୍ତି।

### ଛାତ୍ରୀ ଆତ୍ମହତ୍ୟା ଘଟଣା: ମୁଖ୍ୟ ଅଭିଯୁକ୍ତ ଗିରଫ

ନିରାକାରପୁର,୧୮।୧୦(ଡି.ଏନ୍.ଏ.)

ଅଶ୍ଳୀଳ ଫଟୋ ଭାଇରାଲ ଧମକ ଓ ମାନସିକ ନିର୍ଯାତନା ସହି ନ ପାରି ଗତ ୧୫ ତାରିଖରେ ଜଣେ +୨ ପ୍ରଥମ ବର୍ଷ ଛାତ୍ରୀ ଆତ୍ମହତ୍ୟା କରିଥିଲେ। ଏନେଇ ମୃତା ଛାତ୍ରୀଙ୍କ ମା'ଙ୍କ ଅଭିଯୋଗକ୍ରମେ ନିରାକାରପୁର ଥାନା ପୋଲିସ ଏକ ମାମଲା (ନଂ.୧୯୭/୨୨) ରୁଜୁ କରି ମୁଖ୍ୟ ଅଭିଯୁକ୍ତଙ୍କ ପରିବାରର ୬ଜଣଙ୍କୁ ଗିରଫ କରିଥିଲା। ଅନ୍ୟପଟେ ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ବେଳେ ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଥିଲା। ମା'ଉଗ୍ରତାରା ପୀଠ ନିକଟ ଜଙ୍ଗଲରୁ ମୁଖ୍ୟ ଅଭିଯୁକ୍ତ ସଜତ୍ ସାହା ଓରଫ ସଜ୍ଜୁଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସୂଚନାଥାଉ କି, ଛାତ୍ରୀ ଜଣଙ୍କୁ ସଜତ୍ ଏକତରଫା ପ୍ରେମ କରୁଥିଲେ। ବାରମ୍ବାର ପ୍ରେମ ନିବେଦନ କରି ବିଫଳ ହେବା ପରେ ସଜତ୍ ଅନେକ ସମୟରେ ଛାତ୍ରୀ ଜଣଙ୍କୁ ହଇରାଣ କରିବା ସହ ସମ୍ପର୍କ ନ ରଖିଲେ ଜୀବନରେ ମାରିଦେବାକୁ ଧମକ ଦେଉଥିଲେ। ମାନସିକ ନିର୍ଯାତନା ସହି ନ ପାରି ସମ୍ପୃକ୍ତ ଛାତ୍ରୀ ବିଷ ଖାଇଦେଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ନେଇ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଚୋରି ବାଇକ୍ ଜବତ, ଜଣେ ଗିରଫ

ଡେଲାଙ୍ଗ, ୧୮।୧୦(ଡି.ଏନ୍.ଏ.)

ଡେଲାଙ୍ଗ ପୋଲିସ ମଙ୍ଗଳବାର ଚୋରି ବାଇକ ଜବତ କରିବା ସହିତ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲଣ କରିଛି। ସେ ହେଲେ ସଡାଙ୍ଗୋଇ ଉତ୍ତରବାଡ ଗ୍ରାମର ଉଗ୍ରେସନ ଲେଙ୍କା। ଗତ ୧୭ ତାରିଖରେ ମଳିଗାଁର ଜୟସେନ ସ୍ୱାଇଁ ବାଇକ ଓଡି୧୩ଜି ୩୬୪୯କୁ ଦାଣ୍ଡ ଦୁଆରେ ରଖିଥିଲେ। ଅପରାହ୍ନ ୧ଟାରେ ତାଙ୍କ ବାଇକ୍‌କୁ କେହି ଚୋରି ନେଇଥିବା ନେଇ ହରିରାଜପୁର ଫାଣ୍ଡିରେ ଭୀମସେନ ଅଭିଯୋଗ କରିଥିଲେ। ପୋଲିସ ନଂ.୨୯୬/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

## ୫ ବର୍ଷରେ ଗଲାଣି ୮ ଜୀବନ

### ବୁଲାଣି ରାସ୍ତା, ସଂକୀର୍ଣ୍ଣ ପୋଲ ଯୋଗୁ ବଢୁଛି ଦୁର୍ଘଟଣା

ବୋଲଗଡ଼,୧୮।୧୦ (ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅଧୀନ ରାଜସୁନାଖଳା–ଧଳାପଥର ପୂର୍ତ୍ତ ରାସ୍ତାର ବାରବାଟୀ ଗ୍ରାମ ନିକଟରେ ଏକ ପୋଲ ରହିଛି। ତେବେ ଏହି ପୋଲ ସଂକୀର୍ଣ୍ଣ ସହ ବୁଲାଣିରେ ଥିବାରୁ ଅନେକ ସମୟରେ ଏଠାରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଗତ ୫ ବର୍ଷ ମଧ୍ୟରେ ଏଠାରେ ଦୁର୍ଘଟଣା ଘଟି ୮ଜଣଙ୍କ ଜୀବନ ଯାଇଥିବା ବାରବାଟୀ ଗ୍ରାମବାସୀ କହିଛନ୍ତି। ଅନ୍ୟପକ୍ଷରେ ରାସ୍ତା ନର୍ମାଣ କାର୍ଯ୍ୟ ନିମ୍ନମାନର ଯୋଗୁ ଏକ ବର୍ଷ ପୂର୍ବେ ନିର୍ମିତ ହୋଇଥିବା ପିଚୁ ରାସ୍ତାରୁ ଗୋଡ଼ି, ବଜୁରି ଉଠିଯାଇଛି। ଫଳରେ ଗାଡ଼ି ଚାଳକମାନେ ଭାରସାମ୍ୟ ହରାଇବାରୁ ଦୁର୍ଘଟଣା ଘଟୁଥିବା ଜଣାପଡ଼ିଛି।

ସୂଚନାଥାଉ କି, ଏହି ରାସ୍ତା ଉପରେ କଟକ ଜିଲାର ବଡ଼ମ୍ବା, ବାଙ୍କୀ ଏବଂ ନୟାଗଡ଼ ଜିଲାର ଭାପୁର, ରଣପୁର ଅଞ୍ଚଳ ସମେତ ସ୍ଥାନୀୟ ବୋଲଗଡ଼ ବ୍ଲକ ଅଞ୍ଚଳବାସୀ ନିର୍ଭର କରିଥାନ୍ତି। ବର୍ଷେ ପୂର୍ବେ ଏହି ରସ୍ତା ସମ୍ପ୍ରସାରିତ ହୋଇଥିଲା। ବାରବାଟୀ ଗ୍ରାମ ନିକଟରେ ପୋଲଟି ଏହି ରାସ୍ତାର ବୁଲାଣି ସ୍ଥାନରେ ରହିଥିବା ବେଳେ ଉଭୟ ପାର୍ଶ୍ୱରେ ସାଇଡ ଗାର୍ଡ ମଧ ନାହିଁ। ଏଥିସହିତ ଦୁର୍ଘଟଣା ପ୍ରବଣ ଅଞ୍ଚଳ କିମ୍ବା ବ୍ଲାକ୍ ସ୍ପଟ୍ ବୋଲି କୌଣସି ସତର୍କ ସୂଚନା ଫଳକ ଲଗାଯାଇନାହିଁ। ଫଳରେ ଗାଡ଼ି ଚାଳକ ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହେଉଛନ୍ତି। ଦୁର୍ଘଟଣାକୁ ରୋକିବା ପାଇଁ ପୋଲର ଉଭୟ ପାର୍ଶ୍ୱରେ ସତର୍କ ସୂଚନା ଫଳକ ଲଗାଯିବା ଏବଂ ପୋଲର ସମ୍ପ୍ରସାରଣ ପାଇଁ ପୂର୍ବତନ ସରପଞ୍ଚ ମାଧବ ବିଶ୍ୱାଳ ଓ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏହି ରାସ୍ତାଟି ପୂର୍ବରୁ ଆର୍‌ଡି ବିଭାଗ ଅଧୀନରେ ରହିଥିଲା। ଦୁଇ ବର୍ଷ ପୂର୍ବେ ଏହା ପୂର୍ତ୍ତ ବିଭାଗ ଅଧୀନକୁ ଅଣାଯାଇଛି। ଫଳରେ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତା ସମ୍ପ୍ରସାରିତ ହୋଇଥିଲେ ମଧ୍ୟ ପୋଲର ସମ୍ପ୍ରସାରଣ ଏପର୍ଯ୍ୟନ୍ତ ହୋଇନାହିଁ। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



ବାରବାଟୀ ଗ୍ରାମ ନିକଟରେ ଯାଇଥିବା ରାସ୍ତା।

# କ୍ଷମତା ଲୋଭ, ଆନୁଗତ୍ୟ ଗଣମାଧ୍ୟମକୁ ସଙ୍କୁଚିତ କରୁଛି

ଖୋର୍ଦ୍ଧା ଅଫିସ,୧୮।୧୦

ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ। ଜନସାଧାରଣ ଓ ସରକାରଙ୍କ ମଧ୍ୟରେ ସେତୁବନ୍ଧ ଭାବେ କାର୍ଯ୍ୟ କରିଥାଏ ଗଣମାଧ୍ୟମ। ସମାଜରେ ଘଟୁଥିବା ବିଭିନ୍ନ ଘଟଣାବଳୀ, ସମସ୍ୟା, ସରକାରଙ୍କ ବିଭିନ୍ନ ଯୋଜନା, ତ୍ରୁଟି, ଦୁର୍ନୀତି ଆଦି ପ୍ରସଙ୍ଗ ଉପରେ ଜନସାଧାରଣଙ୍କ ଲୋକଲୋଚନକୁ ଆଣିବା ହେଉଛି ଗଣମାଧ୍ୟମର ପ୍ରମୁଖ କାର୍ଯ୍ୟ। ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟ ଖୋର୍ଦ୍ଧା ଆନୁକୂଲ୍ୟରେ ଆୟୋଜିତ 'ଗଣମାଧ୍ୟମରେ ପ୍ରକାଶିତ ଖବର, ଜନସମାସ୍ୟା ଉପରେ ସରକାର–ପ୍ରଶାସନ–ଜନପ୍ରତିନିଧିଙ୍କ ଉପରେ କି ପ୍ରଭାବ ପଡୁଛି ଏବଂ ତାହା କେତେଦୂର ସମାଧାନ ହେଉଛି' ଶୀର୍ଷକ ଆଲୋଚନାଚକ୍ରରେ ସ୍ତମ୍ଭକାର ଉମାଶଙ୍କର ପ୍ରସାଦ ଯୋଗଦେଇ ଉପରୋକ୍ତ ମନ୍ତବ୍ୟ ଦେଇଥିଲେ। ଟ୍ରଷ୍ଟ ସଭାପତି ରାମଶଙ୍କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବିଡିଏର ପୂର୍ବତନ କମିଶନର ଦେବରାଜ ସେନାପତି କହିଥିଲେ, ଗଣମାଧ୍ୟମରେ ପ୍ରକାଶିତ ଖବରର ପ୍ରଭାବ ରହିଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୂଳସଚିବ ପ୍ରଫେସର ନାରାୟଣ ରାଓ କହିଥିଲେ, ସାମ୍ବାଦିକତା ହିଁ ଏକମାତ୍ର ଅସ୍ତ୍ର ଯାହା ସମାଜରେ ସଂସ୍କାର ଆଣିବା ପାଇଁ ସକ୍ଷମ। ଓକିଲ ସଂଘର ସଭାପତି ବିଜୟ ସାମନ୍ତସିଂହାର ସରକାରଙ୍କ ଅବହେଳା ଓ ଜନପ୍ରତିନିଧିଙ୍କ ଯୋଗ୍ୟତା ଉପରେ ପ୍ରଶ୍ନ ଉଠାଇଥିଲେ। ଉତ୍କଳ ସାମ୍ବାଦିକ ସଂଘର ସଭାପତି ପ୍ରଭାତ ମିଶ୍ର କହିଥିଲେ, କେତେକ ଗଣମାଧ୍ୟମ ସଂସ୍ଥାର ମାଲିକଙ୍କ କ୍ଷମତା ଲୋଭ, ସରକାରଙ୍କ ପ୍ରତି ଆନୁଗତ୍ୟ ଯୋଗୁ ଗଣମାଧ୍ୟମର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାମନାରାୟଣ ଦାଶ, ଦିଲୀପ ପଟ୍ଟନାୟକ, ପ୍ରଦୋଶ ଦାସ, ଜବାହାରଲାଲ ସୁବୁଦ୍ଧି, ପ୍ରଫୁଲ୍ଲ ସାମନ୍ତରାୟ, ରାଜକିଶୋର ପାଣିଗ୍ରାହୀ, ସତ୍ୟବାଦୀ ବଳିୟାରସିଂହ, ସୁଧୀର ମାନସିଂ, ବୃନ୍ଦାବନ ପଣ୍ଡା, ପ୍ରମୋଦ ଚନ୍ଦ୍ର ଦାସ, ବୈକୁଣ୍ଠ ନାଥ ମହାପାତ୍ର, ଜୟନ୍ତ ମହାନ୍ତି, ବସନ୍ତ ଦାସ ଉପସ୍ଥିତ ଥିଲେ। ଖବରଦାତା ପ୍ରଦୋଷ ଦାସଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଫୁଟ୍‌ବଲ ବଣ୍ଟନ କାର୍ଯ୍ୟକ୍ରମ

ଖୋର୍ଦ୍ଧା ଅଫିସ,୧୮।୧୦

ଖୋର୍ଦ୍ଧା ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚ ବିଦ୍ୟାଳୟର ଛାତ୍ରଙ୍କ ମଧ୍ୟରେ ଫୁଟବଲ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତହସିଲଦାର ଇପ୍‌ସିତ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବ୍ଲକ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ରାଉତ, ପୂର୍ବତନ ଆରକ୍ଷୀ ଅଧୀକ୍ଷକ ଦେବପ୍ରସାଦ ମଜୁମଦାର, ବିବେକାନନ୍ଦ ବେହେରା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଆଦି ଯୋଗଦେଇଥିଲେ। ବିଭୁ ପ୍ରସାଦ ହରିଚନ୍ଦନ ସ୍ୱାଗତ ଭାଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଦ୍ୱାରା ବିଦ୍ୟାଳୟସ୍ତରରେ କ୍ରୀଡ଼ାର ପ୍ରଚାରପ୍ରସାର ହେବ ବୋଲି ମତପ୍ରକାଶ ପାଇଥିଲା। ପଲ୍ଲା ତୋଟାପଡ଼ା ଉଚ୍ଚ ବିଦ୍ୟାଳୟର ୫ଜଣ ଛାତ୍ର ଓ ବିଜେବି ଉଚ୍ଚ ବିଦ୍ୟାଳୟର ୫ଜଣ ଛାତ୍ରଙ୍କୁ ଫୁଟବଲ ବଣ୍ଟନ କରାଯିବା ସହିତ ୧୭ବର୍ଷରୁ କମ୍ ଆନ୍ତଃବିଦ୍ୟାଳୟ ଫୁଟବଲ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିବା ୬ଜଣ ଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ସିଆରସିସି ରବି ନାରାୟଣ ପଣ୍ଡା ଓ କ୍ରୀଡ଼ା ଶିକ୍ଷକ ଚିନ୍ମୟ କୁମାର ମାର୍ଥା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଧାନଶିକ୍ଷକ ଏସ୍.ଗୋହର ଅଲ୍ଲୀ ଧନ୍ୟବାଦ ଦେଇଥିଲେ।



ଫୁଟବଲ୍ ବଣ୍ଟନ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର।

## ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ କମିଟି ନିର୍ବାଚନ

# ୧୧ ଆସନରେ ୨୯ ପ୍ରାର୍ଥୀ

ଖୋର୍ଦ୍ଧା ଅଫିସ,୧୮।୧୦

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ (କେସିସିବି) କମିଟିର ସଭାପତି, ସଦସ୍ୟା, ସଦସ୍ୟ ପାଇଁ ଆସନ୍ତା ୩୦ ତାରିଖରେ ମତଦାନ ଅନୁଷ୍ଠିତ ହେବ। ୧୫ଜଣ ସଦସ୍ୟ ବିଶିଷ୍ଟ କେସିସିବି ପାଇଁ ଜିଲାର ବିଭିନ୍ନ ସ୍ଥାନରୁ ୫୧ଜଣ ନାମାଙ୍କନ ଦାଖଲ କରିଥିଲେ। ସେଥିରୁ ଜଣଙ୍କର ନାକଚ ହୋଇଥିଲା। ୨୧ନାମାଙ୍କନ ପ୍ରତ୍ୟାହାର କରିଛନ୍ତି। ୪ଜଣ ଅପ୍ରତିଦ୍ୱନ୍ଦ୍ୱୀ ରହିଥିବା ବେଳେ ମଇଦାନରେ ଏବେ ୨୯ ପ୍ରାର୍ଥୀ ରହିଥିବା ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲାପାଳ ମନୋଜ ପାଢୀ ସୂଚନା ଦେଇଛନ୍ତି।

ଅପ୍ରତିଦ୍ୱନ୍ଦ୍ୱୀ ହେଲେ ୬ନଂ. ଜୋନ (ଅନୁସୂଚିତ ଜାତି)ପ୍ରସନ୍ନ କୁମାର ଜାଲି, ୭ନଂ.(ମହିଳା) ପଦ୍ମିନୀପ୍ରଭା ଷଡ଼ଙ୍ଗୀ, ୧୦ନଂ(ପଛୁଆବର୍ଗ/ ସାମାଜିକ ଓ ଶିକ୍ଷା ଅନଗ୍ରସର ମହିଳା) ଜୟଶ୍ରୀ ଗଡ଼ନାୟକ ଏବଂ ୧୪ ନଂ. ଜୋନରୁ ଅଭିଷେକ ସିଂସାମନ୍ତ। ସେହିପରି ୧ନଂ. (ଅନ୍ୟାନ୍ୟ ପଛୁଆବର୍ଗ/ ସାମାଜିକ ଓ ଶିକ୍ଷା ଅନଗ୍ରସର) ଜୋନ ପାଇଁ କୃଷ୍ଣଚନ୍ଦ୍ର ବାରିକ, ପ୍ରଶାନ୍ତ କୁମାର ସାହୁ ଓ ସୁଧାଂଶୁ ଶେଖର ବଡଜେନା ପ୍ରାର୍ଥୀ ରହିଛନ୍ତି। ୨ନଂ.(ଅନ୍ୟାନ୍ୟ ପଛୁଆବର୍ଗ/ ସାମାଜିକ ଓ ଶିକ୍ଷା ଅନଗ୍ରସର) ରେ ପ୍ରକାଶ ଚନ୍ଦ୍ର ରାଉତରାୟ ଓ ସୌରୀ ସାହୁ ପ୍ରତିଦ୍ୱନ୍ଦ୍ୱୀ ରହିଛନ୍ତି। ୩ନଂ.(ଅନ୍ୟାନ୍ୟ ପଛୁଆବର୍ଗ/ ସାମାଜିକ ଓ ଶିକ୍ଷା ଅନଗ୍ରସର) ରେ ପବିତ୍ର ମୋହନ ମାଝି ଓ ସ୍ୱପ୍ନେଶ୍ୱର ଜୟସିଂ, ୪ନଂ.(ଅନ୍ୟାନ୍ୟ ପଛୁଆବର୍ଗ/ ସାମାଜିକ ଓ ଶିକ୍ଷା ଅନଗ୍ରସର) ରେ ପ୍ରଦୀପ କୁମାର ବାରିକ ଓ ରମେଶ ଶ୍ରୀଚନ୍ଦନ ପ୍ରତିଦ୍ୱନ୍ଦ୍ୱୀ ରହିଥିବା ବେଳେ ୫ନଂ.(ଅନ୍ୟାନ୍ୟ ପଛୁଆବର୍ଗ/ ସାମାଜିକ ଓ ଶିକ୍ଷା ଅନଗ୍ରସର) ଜୋନରେ ୬ଜଣ ପ୍ରାର୍ଥୀ। ବସନ୍ତ କୁମାର ସ୍ୱାଇଁ, ବିଜୟ କୁମାର ଲେଙ୍କା, ଭି.କାମେଶ୍ୱର ଆଚାରୀ, ରଞ୍ଜନ କୁମାର ଛୋଟରାୟ, ହରିହର ସାହୁ ଓ ହିମାଦ୍ରୀ କୁମାର ପ୍ରଧାନଙ୍କ ମଧ୍ୟରେ ସମ୍ମୁଖ ଲଢେଇ ହେବ। ୮ନଂ.(ଅଣସଂରକ୍ଷିତ) ପ୍ରଶାନ୍ତ କୁମାର ଦାସ ଓ ବିପିନ ବିହାରୀ ପାତ୍ର, ୯ନଂ.(ଅଣ ସଂରକ୍ଷିତ) କୃଷ୍ଣଚନ୍ଦ୍ର ପୃଷ୍ଟି, ପ୍ରଶାନ୍ତ ଆଦିତ୍ୟ ଓ ଭାରତ ଭୂଷଣ ମହାନ୍ତି ପ୍ରମୁଖ ରହିଛନ୍ତି। ୧୧ନଂ. (ଅଣସଂରକ୍ଷିତ)ରେ ପଦ୍ମଚରଣ ମହାନ୍ତି ଓ ଭାବଗ୍ରାହୀ ସାହୁ, ୧୨ନଂ.(ଅନ୍ୟାନ୍ୟ ପଛୁଆବର୍ଗ/ ସାମାଜିକ ଓ ଶିକ୍ଷା ଅନଗ୍ରସର) ରିନାରାଣୀ ବିଶ୍ୱାଳ, ଶ୍ରୀରଞ୍ଜନ ମଙ୍ଗରାଜ ଓ ସୁକାନ୍ତ ଚନ୍ଦ୍ର ସାମନ୍ତରାୟ, ୧୩ନଂ.(ଅନ୍ୟାନ୍ୟ ପଛୁଆବର୍ଗ/ ସାମାଜିକ ଓ ଶିକ୍ଷା ଅନଗ୍ରସର–ମହିଳା) ଝୁନି ପ୍ରଧାନ, ସୁମତି ଶତୃସଲ୍ୟ ଏବଂ ୧୫ନଂ.(ଅନ୍ୟାନ୍ୟ ପଛୁଆବର୍ଗ/ସାମାଜିକ ଓ ଶିକ୍ଷା ଅନଗ୍ରସର)ରେ ବିଜୟ କୁମାର ମଙ୍ଗରାଜ ଓ ସୁରେଶ ଚନ୍ଦ୍ର ପ୍ରଧାନଙ୍କ ମଧ୍ୟରେ ଲଢେଇ ହେବ।

### ୫ନଂ. ରେ ୬ ପ୍ରତିଦ୍ୱନ୍ଦ୍ୱୀ

୫ନଂ ଜୋନ ଅନ୍ୟାନ୍ୟ ପଛୁଆବର୍ଗ/ ସାମାଜିକ ଓ ଶିକ୍ଷା ଅନଗ୍ରସର ପାଇଁ ସଂରକ୍ଷିତ ରହିଥିବା ବେଳେ ଏହି ଆସନରେ ୬ଜଣ ପ୍ରାର୍ଥୀଙ୍କ ମଧ୍ୟରେ ନିର୍ବାଚନ ଲଢେଇ ହେବ। ଏଥିରେ ଦୁଇଜଣ ପୂର୍ବତନ ସମବାୟ ଅଧିକାରୀ ରହିଥିବା ବେଳେ ଜଣେ ବିଜେଡି ସମର୍ଥିତ ରହିଛନ୍ତି। ସେହିପରି ୧/୯ ଓ ୧୨ନଂ.ରେ ୩ମୁଖୀ ଏବଂ ୨/୩/୪/୮/୧୧/୧୩ ଓ ୧୫ନଂ.ଜୋନରେ ୨ମୁଖୀ ଲଢ଼େଇ ହେବ।

### ବିଜେଡି ଓ ଭାଜପା ସମର୍ଥିତ ପ୍ରାର୍ଥୀଙ୍କ କଡା ଟକ୍କର

ନିର୍ବାଚନ ଦୌଡରେ ଶାସକ ଦଳ ସମର୍ଥିତ ୧୫ଜଣ ରହିଥିବା ବେଳେ ଭାଜପାରୁ ୫ ଏବଂ ଅନ୍ୟ ସ୍ୱାଧୀନ ପ୍ରାର୍ଥୀଭାବେ ନିର୍ବାଚନ ଲଢୁଥିବା ଜଣାପଡିଛି। ତେବେ ମୁଖ୍ୟତଃ ବିଜେଡି ଏବଂ ଭାଜପା ସମର୍ଥିତ ପ୍ରାର୍ଥୀଙ୍କ ମଧ୍ୟରେ କଡା ଟକ୍କର ହେଉଥିବା ଜଣାପଡିଛି। ମତଦାନ ହେବାକୁ ଥିବା ୧୧ଟି ଜୋନରେ ବିଜେଡିର ପ୍ରଭାବ ରହିଥିବାରୁ ଶାସକ ଦଳ ସମର୍ଥିତ ପ୍ରାର୍ଥୀ ବିଜୟୀ ହେବା ଏବଂ ଚଳିତବର୍ଷ କମିଟି ଗଠନ କରିବା ଅଧିକ ସମ୍ଭାବନା ରହିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

### ଅଣ୍ଟା ଭିଡିଛନ୍ତି ବିଜେଡି ବିଧାୟକ

ବିଜେଡି ସମର୍ଥିତ ପ୍ରାର୍ଥୀଙ୍କ ପାଇଁ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ, ଭୁବନେଶ୍ୱର ମେଧ ବିଧାୟକ ଅନନ୍ତ ନାରାୟଣ ଜେନା, ଉତ୍ତର ବିଧାୟକ ସୁଶାନ୍ତ ରାଉତ, ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ପୂର୍ବତନ ମନ୍ତ୍ରୀ ଦେବେନ୍ଦ୍ର ମାନସିଂ, ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ବିଜେଡି ଜିଲା ସଭାପତି ବିଭୂତି ବଳବନ୍ତରାୟ, ଜିଲା ପର୍ଯ୍ୟବେକ୍ଷକ ବୁଟୁ ପାତ୍ର ପ୍ରମୁଖ ମଙ୍ଗ ଧରିଛନ୍ତି।

### ଦୌଡ଼ରେ ୩ ପୂର୍ବତନ ଅଧିକାରୀ

୫ନଂ.ଜୋନରେ ଖୋର୍ଦ୍ଧା ସଦର ଶାଖାର ପୂର୍ବତନ ବ୍ରାଞ୍ଚ ମ୍ୟାନେଜର ତଥା କେସିସିବିର ପୂର୍ବତନ ମହାପ୍ରବନ୍ଧକ ହିମାଦ୍ରି ପ୍ରଧାନ ଏବଂ ସହ ପ୍ରବନ୍ଧକ ଭି.କାମେଶ୍ୱର ଆଚାରୀ ଏବଂ ୧୫ ନଂ. ଜୋନରେ ଭୁବନେଶ୍ୱର ସିଟି ପୂର୍ବତନ ବ୍ରାଞ୍ଚ ମ୍ୟାନେଜର ବିଜୟ ମଙ୍ଗରାଜ ନିର୍ବାଚନ ଲଢୁଛନ୍ତି। ତେବେ ଏତେଦିନ ଧରି ସମବାୟ ବ୍ୟାଙ୍କରେ ଚାକିରୀ ଜୀବନ ବିତାଇବା ସତ୍ତ୍ୱେ ପୂର୍ବତନ ଅଧିକାରୀମାନଙ୍କ କ୍ଷମତା ମୋହ ତୁଟୁନି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ସଂକ୍ଷେପରେ

### ବଟି ମାଗି ୨ ଗିରଫ

ପୁରୀ,୧୮।୧୦: ପରିବା ବଜାରରେ ବଟି ଆଦାୟ କରୁଥିବା ୨ଜଣ ଅପରାଧୀଙ୍କୁ କୁମ୍ଭାରପଡ଼ା ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ମାର୍କଣ୍ଡେଶ୍ୱର ସାହିର କେଦାର ଗୁରୁ(୪୧) ଓ ବାସେଲିସାହି ଷଣ୍ଢଜାଗାର ସୂର୍ଯ୍ୟନାରାୟଣ ତ୍ରିପାଠୀ(୨୪) । ଅଭିଯୁକ୍ତଦ୍ୱୟଙ୍କ ଠାରୁ ନଗଦ ୫୦୦ଟଙ୍କା, ଛୁରି ଓ ଗୋଟିଏ ସ୍କୁଟି ଜବତ ହୋଇଛି । ଏ ନେଇ ପୋଲିସ ନଂ.୨୭୩/୨୨ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରିଥିଲା। ଜାମିନ ଖାରଜ ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

### ଅରୁଣ କୁମାର ପ୍ରହରାଜଙ୍କୁ 'ଶ୍ରମବନ୍ଧୁ ସମ୍ମାନ'

ଭୁବନେଶ୍ୱର,୧୮।୧୦(ବ୍ୟୁରୋ): ଅମୃତ ମହୋତ୍ସବ ଅବସରରେ ବାଙ୍ଗାଲୁରୁରେ ସ୍ଥାପିତ କଳିଙ୍ଗ ବାଙ୍ଗାଲୋର ଫାଉଣ୍ଡେସନର ୯ମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ତଥା ବିଶ୍ୱ ଓଡ଼ିଶା ସଦ୍‌ଭାବନା ରାଷ୍ଟ୍ରଦୂତ ଡ. ଅରୁଣ କୁମାର ପ୍ରହରାଜଙ୍କୁ ପ୍ରବାସୀ ଓଡ଼ିଆ ଶ୍ରମିକମାନଙ୍କ ସେବା ନିମନ୍ତେ ମର୍ଯ୍ୟାଦାଜନକ 'ଶ୍ରମବନ୍ଧୁ ସମ୍ମାନ' ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଏହି ସମ୍ମାନ ପ୍ରଦାନ କରିବା ଅବସରରେ ଡ. ପ୍ରହରାଜଙ୍କୁ ତାଙ୍କର ଉତ୍ସର୍ଗୀକୃତ ସେବା ପାଇଁ ପ୍ରଶଂସା କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଡ. ଅରୁଣ କୁମାର ପ୍ରହରାଜ ବାହାରିନ ଓଡ଼ିଆ ସମାଜର ପ୍ରତିଷ୍ଠାତା ଭାବରେ ସେଠାରେ ଦୀର୍ଘ ୨୫ ବର୍ଷ ଧରି ଓଡ଼ିଆମାନଙ୍କୁ ସଙ୍ଗଠିତ କରି ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ତଥା ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରାର ପ୍ରଚାର ପ୍ରସାର କରୁଛନ୍ତି।

### ମହିଳାଙ୍କୁ ଯୌନ ନିର୍ଯାତନା, ଯୁବକ ଗିରଫ

ଭୁବନେଶ୍ୱର,୧୮।୧୦ (ବ୍ୟୁରୋ) : ଜଣେ ବିବାହିତ ମହିଳାଙ୍କୁ ଯୌନ ନିର୍ଯାତନା କରିବା ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ସଂପୃକ୍ତ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ବାଲିଅନ୍ତା ଅଞ୍ଚଳର ଦେବାଶିଷ ସାହୁ (୨୭) । ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ସୂଚନା ଅନୁଯାୟୀ, ସ୍ଥାନୀୟ ଥାନା ଅଞ୍ଚଳରେ ଜଣେ ବିବାହିତ ମହିଳା ଦୀର୍ଘବର୍ଷ ଧରି ରହିଆସୁଛନ୍ତି। କୌଣସି କାରଣରୁ ମହିଳାଙ୍କ ସ୍ୱାମୀ ତାଙ୍କୁ ୧୦ ବର୍ଷ ତଳେ ଛାଡ଼ି ଦେଇଛନ୍ତି। ଏହାର ସୁଯୋଗ ନେଇ ଦେବାଶିଷ ମହିଳାଙ୍କ ସହ ସମ୍ପର୍କ ବଢ଼ାଇ ବିବାହର ପ୍ରତିଶ୍ରୁତି ଦେଇ ଶାରିରୀକ ସମ୍ପର୍କ ରଖିଥିଲେ। ଦୀର୍ଘଦିନ ବିତି ଯାଇଥିଲେ ମଧ ଯୁବକ ଜଣଙ୍କ ମହିଳାଙ୍କୁ ବିବାହ କରି ନ ଥିଲେ। ଏପରିକି ପୀଡ଼ିତାଙ୍କୁ ମାଡ଼ ମାରିବା ସହ ଆଗାମୀ ଦିନରେ ବିବାହ କଥା କହିଲେ ରାସ୍ତାରୁ ହଟାଇ ଦେବାକୁ ଧମକ ଦେଇଥିଲେ। ଏନେଇ ପୀଡ଼ିତା ମହିଳା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଦେବାଶିଷଙ୍କୁ ଗିରଫ କରିଥିଲା।

# ଫାଷ୍ଟଫୁଡ୍ ଦୋକାନୀଙ୍କୁ ଗୋଡ଼ାଇ ହାଣିଲେ

## ପୋଲିସ ମିତ୍ରଙ୍କ ସମ୍ପୃକ୍ତି ସନ୍ଦେହ

- ଖାଦ୍ୟ ଦେବା ବିଳମ୍ବ ହେବାରୁ ଉତ୍ତ୍ୟକ୍ତ ହେଲେ
- କିଛି ଦିନ ହେଲା ବଟି ମାଗି ଝଗଡ଼ା କରୁଥିଲେ

ଭୁବନେଶ୍ୱର,୧୮।୧୦(ବ୍ୟୁରୋ)

କିଛିଦିନର ନୀରବତା ପରେ ରାଜଧାନୀରେ ପୁଣି ଖଣ୍ଡା ବୁଲିଛି। ବିଶେଷକରି ବସ୍ତି ଅଞ୍ଚଳରେ ଅପରାଧୀମାନେ ଅଧିକ ସକ୍ରିୟ ହୋଇଉଠିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଚକେଇସିଆଣିରେ ଜଣେ ଫାଷ୍ଟଫୁଡ ଦୋକାନୀଙ୍କୁ ଦୁର୍ବୃତ୍ତମାନେ ଗୋଡ଼ାଇ ହାଣିଛନ୍ତି। ଆକ୍ରମଣର ଶିକାର ହୋଇଥିବା ବ୍ୟବସାୟୀ ହେଲେ ଏଠାରେ ରହୁଥିବା ନୟାଗଡ଼ ଜିଲା ଫତେଗଡ଼ ଥାନା ଅଞ୍ଚଳର ଜୀବନଜ୍ୟୋତି ମହାନ୍ତି (୨୫)। ଦୁର୍ବୃତ୍ତଙ୍କ ଖଣ୍ଡାଚୋଟରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି


ଜୀବନଜ୍ୟୋତି ମହାନ୍ତି

ହୋଇଛି। କ୍ୟାପିଟାଲ ହସ୍ପିଟାଲରେ ତାଙ୍କର ପ୍ରାଥମିକ ଚିକିତ୍ସା କରାଯିବା ପରେ ସେ ଥାନାରେ ଅଭିଯୋଗ କରିଛନ୍ତି। ଦୁର୍ବୃତ୍ତଙ୍କ ସହ ଜଣେ ପୋଲିସ ମିତ୍ରଙ୍କ ସମ୍ପୃକ୍ତି ଅଛି ବୋଲି କୁହାଯାଉଛି। ପୋଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ଏହି ଘଟଣାକୁ ନେଇ ପୋଲିସର କାର୍ଯ୍ୟଧାରା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ଜୀବନଜ୍ୟୋତି ଦୀର୍ଘ ୧୦ବର୍ଷ ହେବ ଫାଷ୍ଟଫୁଡ ବ୍ୟବସାୟ କରିଆସୁଛନ୍ତି। ଗତ କିଛିଦିନ ହେଲା ସ୍ଥାନୀୟ ଅଞ୍ଚଳର ପ୍ରାୟ ୬ରୁ ୭ଜଣ ଯୁବକ ତାଙ୍କୁ ବଟି ମାଗିବା ସହ ଝଗଡ଼ା କରୁଥିଲେ। ମଙ୍ଗଳବାର ସନ୍ଧ୍ୟାରେ ସେ ନିଜ ଦୋକାନ (ସାଇକୃପା ଫାଷ୍ଟଫୁଡ ଓ ଦମ୍ ବିରିୟାନୀ) ଖୋଲିଥିବାବେଳେ ୪ରୁ ୫ଜଣ ଯୁବକ ଆସି ତାଙ୍କୁ ଚାଓମିନ୍ ଖାଇବାକୁ ମାଗିଥିଲେ। ଏହି ସମୟରେ ଜୀବନଜ୍ୟୋତି ପରିବା କାଟୁଥିବାରୁ ଖାଦ୍ୟ ଦେବାରେ ବିଳମ୍ବ ହୋଇଥିଲା। ଏଥିରେ ଦୁର୍ବୃତ୍ତମାନେ ରାଗିଯାଇ ତାଙ୍କୁ ଗାଳିଗୁଲଜ କରିବା ସହ ଖଣ୍ଡାରେ ଆକ୍ରମଣ କରିଥିଲେ। ତାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ ପରେ ଜୀବନଜ୍ୟୋତି ଉଦ୍ଧାର ହୋଇଥିଲେ।

# କୋଟିଏ ଟଙ୍କାର ବ୍ରାଉନସୁଗାର ଜବତ

ଭୁବନେଶ୍ୱର,୧୮।୧୦(ବ୍ୟୁରୋ)



ଗିରଫ ଦୁଇ ଅଭିଯୁକ୍ତ।

କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କଫୋର୍ସ (ଏସ୍‌ଟିଏଫ୍) ଏବଂ ବାଲେଶ୍ୱର ପୋଲିସ ମିଳିତ ଭାବେ ଚଢ଼ାଉ କରି ବାଲେଶ୍ୱର ରେଳଷ୍ଟେଶନ ନିକଟରୁ ୧ କେଜି ୬୦ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରିଛି। ଏଥିସହ ୨ଜଣ ବେପାରୀଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବାଲେଶ୍ୱର ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ପୋଲିସ ଲାଇନ୍ ପିଡବ୍ଲ୍ୟୁଡି କଲୋନୀର ଏସ୍.କେ. ରାଜୁ ଏବଂ ଖପରାପଦାର ଅମ୍‌ଜାଦ ଖାନ୍। ଜବତ ବ୍ରାଉନ ସୁଗାରର ମୂଲ୍ୟ କୋଟିଏରୁ ଅଧିକ ଟଙ୍କା ହେବ। ଅଭିଯୁକ୍ତ ଦ୍ୱୟଙ୍କଠାରୁ ଏକ ବାଇକ ଓ ଅନ୍ୟ କିଛି ସାମଗ୍ରୀ ଜବତ କରାଯାଇଥିବା ଜଣାପଡ଼ିଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ଦ୍ୱୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏଥିସହ ପୋଲିସ ଘଟଣାର ଅଧିକ ତଦନ୍ତ ଚଳାଇଛି। ସୂଚନାନୁଯାୟୀ, ନିଶା କାରବାର ବିରୋଧରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ସ୍ୱତନ୍ତ୍ର ଅଭିଯାନ ଜାରି ରଖି ୨୦୨୦ରୁ ଏଯାବତ ୬୦ କେଜିରୁ ଅଧିକ ବ୍ରାଉନ୍ ସୁଗାର ଓ ହେରୋଇନ, ୨୦୨ ଗ୍ରାମ କୋକେନ୍, ୧୧୧ କୁଇଣ୍ଟାଲରୁ ଅଧିକ ଗଞ୍ଜେଇ ଓ ୭୫୦ ଗ୍ରାମ ଅଫିମ ଜବତ କରିଛି। ଏପର୍ଯ୍ୟନ୍ତ ଏହି ମାମଲାରେ ୧୬୨ ଜଣଙ୍କୁ ଗିରଫ କରାଯାଇଛି।



ଓଡ଼ିଶାର ନୌବାଣିଜ୍ୟ ପ୍ରତିଷ୍ଠାନ ଓ ଦକ୍ଷିଣପୂର୍ବ ଏସିଆ ତଥା ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କର୍ମଶାଳାରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ପ୍ରତ୍ନତାତ୍ତ୍ୱିକ ଖନନ ସମ୍ପର୍କରେ ଆଲୋକପାତ

ଭୁବନେଶ୍ୱର,୧୮।୧୦(ବ୍ୟୁରୋ)

ଓଡ଼ିଶାର ନୌବାଣିଜ୍ୟ ପ୍ରତିଷ୍ଠାନ ଓ ଦକ୍ଷିଣପୂର୍ବ ଏସିଆ ତଥା ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ 'ଓଡ଼ିଶାର ସାମ୍ପ୍ରତିକ ପ୍ରତ୍ନତାତ୍ତ୍ୱିକ ଖନନ' ଶୀର୍ଷକ ଏକ ଜାତୀୟ କର୍ମଶାଳା ମଙ୍ଗଳବାର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ ଯୋଗଦେଇ ଓଡ଼ିଶାର ଇତିହାସ ଓ ସଂସ୍କୃତି ନିମନ୍ତେ ପ୍ରତ୍ନତାତ୍ତ୍ୱିକ ଖନନର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ କୁଳପତି ପ୍ରଫେସର ଅମୀୟ କୁମାର ପଣ୍ଡା ଇତିହାସ ରଚନା ଓ ନୂତନ ଅଧ୍ୟାୟ ପାଇଁ ପ୍ରତ୍ନତାତ୍ତ୍ୱିକ ଖନନ ନେଇ ଉପାଦେୟ ତଥ୍ୟ ଉପସ୍ଥାପନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅନୁବାଦକ ପ୍ରଫେସର ଯତୀନ କୁମାର ନାୟକ ସାହିତ୍ୟ ସଂସ୍କୃତି ନିମନ୍ତେ ପ୍ରତ୍ନତାତ୍ତ୍ୱିକ ଖନନର ପ୍ରାସଙ୍ଗିକତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ନୌବାଣିଜ୍ୟ ପ୍ରତିଷ୍ଠାନର ତଥ୍ୟଭିତ୍ତିକ ଗବେଷଣାତ୍ମକ ପ୍ରବନ୍ଧ ସଂକଳନ ଡ. ଚକ୍ରଧର ବେହେରାଙ୍କ 'ଓଡ଼ିଶାର ଚିତ୍ରକଳା ଓ ତା'ର କ୍ରମ ବିକାଶ' ଏବଂ ଡ. ନୀଳାଦ୍ରି କଲ୍ୟାଣ ଦାସଙ୍କ ଓଡ଼ିଶାର ସଂସ୍କୃତି ଓ ପରମ୍ପରାରେ ଓଡ଼ିଶୀ ସଙ୍ଗୀତ ପୁସ୍ତକ ଲୋକାର୍ପିତ ହୋଇଥିଲା। କର୍ମଶାଳାରେ ପ୍ରତ୍ନତାତ୍ତ୍ୱିକ ଡ. ଅଶୋକ କୁମାର ପଟେଲ, ଡ. ଜୀବନ କୁମାର ପଟ୍ଟନାୟକ, ପ୍ରଫେସର ରାମଚନ୍ଦ୍ର ମିଶ୍ର ଏବଂ ଡ. ସୁଶାନ୍ତ କୁମାର କର ପ୍ରମୁଖ ଓଡ଼ିଶାର ସାମ୍ପ୍ରତିକ ପ୍ରତ୍ନତାତ୍ତ୍ୱିକ ଖନନ ବିଷୟରେ କହିଥିଲେ। ନୌବାଣିଜ୍ୟ ପ୍ରତିଷ୍ଠାନର ସମ୍ପାଦକ ଡ. ସୁନୀଲ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ସହ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ କର୍ମଶାଳାରେ ଅଧ୍ୟକ୍ଷତା କରିଥିଲେ। ଅଧାପକ ଆଶିଷ ମହାପାତ୍ର କର୍ମଶାଳାକୁ ସଂଯୋଜନା କରିଥିଲେ।

# ଡକାୟତି ଯୋଜନା ବେଳେ ଧରାପଡ଼ିଲେ

ଭୁବନେଶ୍ୱର,୧୮।୧୦ (ବ୍ୟୁରୋ)

ଡକାୟତି ଯୋଜନା କରୁଥିବା ବେଳେ ମାଡ଼ିବସିଲା ପୋଲିସ। ଏକ ୫ଜଣିଆ ଟିମ୍ ବଶିଷ୍ଠନଗର କେନାଲ ବନ୍ଧର ଅନ୍ଧାରିଆ ସ୍ଥାନରେ ଏକାଠି ହୋଇ ଡକାୟତି ଯୋଜନା କରୁଥିଲେ। ଲିଙ୍ଗରାଜ ଥାନା ପୋଲିସ ପାଟ୍ରୋଲିଂ ଟିମ୍ ଏ ନେଇ ସୂଚନା ପାଇ ଅଚାନକ ଚଢ଼ାଉ କରି ୪ଜଣଙ୍କୁ ଗିରଫ କରିଥିଲା। ଅନ୍ୟ ଜଣେ କୌଶଳ କ୍ରମେ ଖସି ପଳାଇଥିଲେ। ଗିରଫ ହୋଇଥିବା ବ୍ୟକ୍ତିମାନେ ହେଲେ ତମାଣ୍ଡୋ ଥାନା ଅଞ୍ଚଳର ଲକି ପ୍ରଧାନ ଓରଫ ଟିକି, ଧଉଳି ଅଞ୍ଚଳର ବିଶ୍ୱଜିତ ବେହେରା ଓରଫ ବବୁଲ, ବଡଗଡ ଅଞ୍ଚଳର ସନ୍ତୋଷ ପ୍ରଧାନ ଓରଫ ଅଜୁ, ଲିଙ୍ଗରାଜ ଥାନା ଅଞ୍ଚଳର ରମେଶ ମିଶ୍ର। ପଚରାଉଚରା ସମୟରେ ଅଭିଯୁକ୍ତମାନେ ଭୁବନେଶ୍ୱର-ପୁରୀ ରାସ୍ତାରେ ଯାତାୟାତ କରୁଥିବା ଗାଡ଼ିଗୁଡ଼ିକରୁ ଡକାୟତି କରିବା ନିମନ୍ତେ ଯୋଜନା କରୁଥିବା କଥା ସ୍ୱୀକାର କରିଥିଲେ। ଏହି ୪ ଜଣିଆ ଦଳକୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନଙ୍କଠାରୁ ଗୋଟିଏ ଖଣ୍ଡା, ଲୁହା ରଡ, ମୋବାଇଲ, ଗୋଟିଏ ବାଇକ, ମଦ ବୋତଲ, ଲଙ୍କା ଗୁଣ୍ଡ ଜବତ କରାଯାଇଛି । ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ହାଜତକୁ ପଠାଇ ଦିଆଯାଇଛି।

# ନନ୍ଦନକାନନ: ବୋଟିଂ ଟେଣ୍ଡରରେ ଫିକ୍ସିଂ ଅଭିଯୋଗ



- ଉପନିର୍ଦ୍ଦେଶକ, କିରାଣିଙ୍କୁ ଘେରିଲେ ପୂର୍ବତନ ସରପଞ୍ଚ ଓ ସମର୍ଥକ
- ପୁନର୍ବାର ଟେଣ୍ଡର କରିବାକୁ ଦାବି

ବାରଙ୍ଗ,୧୮।୧୦(ଡି.ଏନ୍.ଏ.)

କିଛିଦିନର ବ୍ୟବଧାନ ପରେ ନନ୍ଦନକାନନ ପୁଣି ବିବାଦ ଘେରକୁ ଟାଣି ହୋଇଯାଇଛି। ଏଥର ପର୍ଯ୍ୟଟକଙ୍କୁ ନେଇ ବିବାଦ ନୁହେଁ ଖୋଦ୍ ନନ୍ଦନକାନନ ଉପନିର୍ଦ୍ଦେଶକ ଓ ଜଣେ କିରାଣିଙ୍କ ନାମରେ ସାଙ୍ଘାତିକ ଅଭିଯୋଗ ଆସିଛି। ଟେଣ୍ଡର ଫିକ୍ସିଂ ଭଳି ଅଭିଯୋଗ ଉଠାଇଛନ୍ତି ଟେଣ୍ଡର ପ୍ରକ୍ରିୟାରେ ସାମିଲ ହୋଇଥିବା ଜଣେ ଠିକାଦାର ଓ ତାଙ୍କ ସମର୍ଥକ। ଯାହାକୁ ନେଇ ମଙ୍ଗଳବାର ଦିନତମାମ ନନ୍ଦନକାନନରେ ଚର୍ଚ୍ଚା ଲାଗିରହିଛି।

ପ୍ରକାଶ ଯେ, ଦାରୁଠେଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବୋଟିଂ ଟେଣ୍ଡରରେ ଭାଗ ନେଇଥିବା ପ୍ରଶାନ୍ତ କୁମାର ରାଉତରାୟ ତାଙ୍କର ୧୦୦ରୁ ଉର୍ଦ୍ଧ୍ୱ ସମର୍ଥକଙ୍କୁ ନେଇ ମଙ୍ଗଳବାର ଆସି ନନ୍ଦନକାନନ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ଘେରାଉ କରି ହୋହଲ୍ଲା ସହ ନାରାବାଜି ଦେଇଥିଲେ। ବୋଟିଂ ଟେଣ୍ଡରରେ ଟେଣ୍ଡର ଫିକ୍ସିଂ ହୋଇଥିବା ଅଭିଯୋଗ ଦର୍ଶାଇ ରାଉତରାୟ ଓ ତାଙ୍କ ସମର୍ଥକମାନେ ସିଧାସଳଖ ଉପନିର୍ଦ୍ଦେଶକ ଓ ଟେଣ୍ଡର ଦାୟିତ୍ୱ ବୁଝୁଥିବା କିରାଣିଙ୍କ ଭୂମିକା ଥିବା ଦାବି କରିଥିଲେ। ଏହି ସମୟରେ ଉପନିର୍ଦ୍ଦେଶକ ତାଙ୍କ କାର୍ଯ୍ୟାଳୟରୁ ବାହାରି ଗେଷ୍ଟହାଉସକୁ ଚାଲିଯାଇଥିଲେ। ଏହାଜାଣିପାରି ରାଉତରାୟଙ୍କ ସମର୍ଥକମାନେ ଗେଷ୍ଟହାଉସକୁ ଯାଇ ପାଟି କରିବାରୁ ଉପନିର୍ଦ୍ଦେଶକ ଏମାନଙ୍କ ପାଖକୁ ଆସି ଆଲୋଚନା କରିଥିଲେ।

ରାଉତରାୟଙ୍କ ଅଭିଯୋଗ ଯେ, ଜୁଲାଇ ମାସରେ ବୋଟିଂ ଟେଣ୍ଡର ପାଇଁ ଆହ୍ୱାନ କରାଯାଇ ୨୬ ତାରିଖରେ ଟେକ୍ନିକାଲ ବିଡ୍ ଖୋଲାଯାଇଥିଲା। ଅଢେଇ ମାସର ବ୍ୟବଧାନ ପରେ ୧୫ ଅକ୍ଟୋବରରେ ଭୁବନେଶ୍ୱରସ୍ଥିତ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ପରଚେଜ୍ କମିଟିର ଉପସ୍ଥିତିରେ ଫାଇନାନ୍ସିଆଲ ବିଡ୍ ଖୋଲାଯାଇଥିଲା। କିନ୍ତୁ ନନ୍ଦନକାନନରେ ଟେକ୍ନିକାଲ ବିଡ୍ ପାଇଁ ଟେଣ୍ଡରବାକ୍ସ ଖୋଲାଯାଇ ସମସ୍ତଙ୍କ ସମ୍ମୁଖରେ ଜଉମୁଦ ଦିଆଯାଇଥିବାର ଫଟୋ ସହ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଟେଣ୍ଡରବାକ୍ସ ଖୋଲାଯିବାବେଳେ ନିଆଯାଇଥିବା ଫଟୋ କାହିଁକି ମିଶିଲା ନାହିଁ ବୋଲି ପଚାରିଥିଲେ। ଯେହେତୁ ପୂର୍ବରୁ ଏହାକୁ ଖୋଲାଯାଇଛି ତେଣୁ ଏବେ ଏହା ମିଶୁନାହିଁ ବୋଲି ଅଭିଯୋଗ କରିଥିଲେ। ଟେଣ୍ଡରବାକ୍ସ ଉପନିର୍ଦ୍ଦେଶକ ଓ ଟେଣ୍ଡର ଦାୟିତ୍ୱରେ ଥିବା କିରାଣିଙ୍କ ନଜରରେ ନନ୍ଦନକାନନରେ ରହିଥିବାବେଳେ କିଏ ଏହାକୁ ଖୋଲିଛି ବୋଲି ସମସ୍ତେ ଜାଣିବାକୁ ଚାହିଁଥିଲେ। ଯଦି ଏହା ଖୋଲାଯାଇ ନାହିଁ ତେବେ ନନ୍ଦନକାନନ ପକ୍ଷରୁ ଭିଜିଲାନ୍ସ ତଦନ୍ତ ପାଇଁ ଆମକୁ ସହଯୋଗ କରନ୍ତୁ ବୋଲି ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ସମର୍ଥକମାନେ ଟେଣ୍ଡରରେ ହୋଇଥିବା ବହୁ ଅନିୟମିତତା ଉପରେ ଦୃଷ୍ଟିକୁ ଆଣି ଉପନିର୍ଦ୍ଦେଶକ ଓ କିରାଣିଙ୍କ ଭୂମିକା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲେ। ଏହାପରେ ରାଉତରାୟ ତାଙ୍କ ପାଖରେ ଥିବା ଟେଣ୍ଡର ଫିକ୍ସିଂର ପ୍ରମାଣସ୍ୱରୂପ ଫଟୋ, ନନ୍ଦନକାନନ ପକ୍ଷରୁ ଟେଣ୍ଡର ପକାଇବା ପାଇଁ ରଖାଯାଇଥିବା ସର୍ତ୍ତାନୁସାରେ ବକେୟା ଠିକାଦାରଙ୍କୁ ଟେଣ୍ଡରରେ ସାମିଲ, ଡଙ୍ଗା ଚଳାଇବାର ଅଭିଜ୍ଞତା ନ ଥିବା ଆଦି ପ୍ରମାଣକୁ ଲିଖିତ ଭାବେ ଉପନିର୍ଦ୍ଦେଶକଙ୍କୁ ପ୍ରଦାନ କରିଥିଲେ।

# ନାବାଳିକା ସହାୟିକାଙ୍କୁ ନିର୍ଯାତନା ଘଟଣା: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୮।୧୦(ବ୍ୟୁରୋ)

ବେଆଇନ ଭାବେ ଜଣେ ନାବାଳିକାଙ୍କୁ ଘରେ ରଖି କାମ କରାଇବା ସହ ମାଡ଼ ମାରିବା ଓ ନିର୍ଯାତନା ଦେବା ଘଟଣାରେ ମଙ୍ଗଳବାର ମଞ୍ଚେଶ୍ୱର ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ସତ୍ୟବିହାର ଅଞ୍ଚଳରେ ରହୁଥିବା କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇର ରଶ୍ମିରଞ୍ଜନ ଜେନା। ଏନେଇ ପୋଲିସ ଏକ ମାମଲା (ନଂ. ୩୮୧/୨୨) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେହିପରି ରଶ୍ମିରଞ୍ଜନଙ୍କ ସ୍ତ୍ରୀଙ୍କୁ ଧରିବା ଲାଗି ଉଦ୍ୟମ ଜାରି ରହିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ସିଆର୍‌ପିସି ୧୬୪ ଧାରାରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯିବ ବୋଲି ଜଣାପଡ଼ିଛି। ରୋଜଗାରକ୍ଷମ କରାଇଦେବା ପ୍ରତିଶ୍ରୁତି ଦେଇ ଅଭିଯୁକ୍ତ ରଶ୍ମିରଞ୍ଜନଙ୍କ ଶ୍ୱଶୁର ଅନନ୍ତ ନାୟକ ଷଷ୍ଠ ଶ୍ରେଣୀରେ ପଢୁଥିବା ବେଳେ ନାବାଳିକା ପୀଡ଼ିତାଙ୍କୁ କେନ୍ଦ୍ରାପଡ଼ାରୁ ଭୁବନେଶ୍ୱର ଆଣିଥିଲେ। ଅନନ୍ତ ସତ୍ୟବିହାରରେ ରହୁଥିବା ତାଙ୍କ ଝିଅ ପ୍ରତିମା ନାୟକଙ୍କ ଘରେ ନାବାଳିକାଙ୍କୁ କାମ କରିବାକୁ ଛାଡ଼ିଦେଇଥିଲେ। ସେଠାରେ ନାବାଳିକାଙ୍କୁ ଅକଥନୀୟ ନିର୍ଯାତନା ଦିଆଯାଉଥିଲା। କାମରେ ତ୍ରୁଟି ହେଲେ ରୁଟି ସେକରେ ଚେଙ୍କ, ବେଲଣା କାଠିରେ ମୁଣ୍ଡ ଓ ପିଠି ଆଦିକୁ ମାଡ଼ ମାରୁଥିଲେ। ସୋମବାର ଚାଇଲ୍ଡ ଲାଇନ ଖବରପାଇ ପୋଲିସ ଓ ଶ୍ରମ ଅଧିକାରୀଙ୍କ ମିଳିତ ଉଦ୍ୟମରେ ନିର୍ଯାତିତା ନାବାଳିକାଙ୍କୁ ଅଭିଯୁକ୍ତଙ୍କ ଘରୁ ଉଦ୍ଧାର କରିଥିଲା।

# ବାଇପାସ୍ ରାସ୍ତା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

ଭୁବନେଶ୍ୱର,୧୮।୧୦(ବ୍ୟୁରୋ)/ ବାଲିଅନ୍ତା (ଡି.ଏନ୍.ଏ.)

ଭୁବନେଶ୍ୱର ମହାନଗର ନିଗମର ୫ନଂ. ୱାର୍ଡ ଅଧୀନ କାନପୁର ନଦୀବନ୍ଧ ହାଇଟେକ୍ ରାସ୍ତା ଭାୟା କୁଆଖାଇ ପୋଲ ବାଇପାସ୍ ରାସ୍ତା ନିର୍ମାଣ ପାଇଁ ମଙ୍ଗଳବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଖଣି ଓ ପୂର୍ତ୍ତମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଏବଂ ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ରାସ୍ତା ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ୩ କୋଟି ୩୩ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ହୋଇଛି। ଏହା ଉପଲକ୍ଷେ ମଞ୍ଚେଶ୍ୱର ନଦୀବନ୍ଧ ଗଡ଼ରେ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ମନ୍ତ୍ରୀ ମଲ୍ଲିକ କହିଛନ୍ତି, ଲୋକଙ୍କ ସୁବିଧା ପାଇଁ ରାଜଧାନୀ ଓ ଏହାର ଆଖପାଖ ଅଞ୍ଚଳ ରାସ୍ତାଘାଟର ରୂପରେଖ ବଦଳାଯାଇଛି। ଲୋକମାନେ ହେଉଛନ୍ତି ମାଲିକ, ତେଣୁ ସ୍ଥାନୀୟ ବାସିନ୍ଦା ଏଥିରେ ସହଯୋଗ କରିବେ। ବିଧାୟକ ରାଉତ କହିଛନ୍ତି, ଏହି ସ୍ଥାନଟି ଦୁର୍ଘଟଣାପ୍ରବଣ। ଏଠାରେ ବାଇପାସ୍ ହେବା ଆବଶ୍ୟକ ଥିଲା। ଆଗାମୀ ଦିନରେ ପଳାଶୁଣୀରେ ଏକ ଫୁଟ୍ ଓଭରବ୍ରିଜ୍ ନିର୍ମାଣ କରାଯିବ ବୋଲି ବିଧାୟକ କହିଛନ୍ତି। ସଭାରେ ସ୍ଥାନୀୟ କର୍ପୋରେଟର ମିନୁଶ୍ରୀ ଖୁଣ୍ଟିଆଙ୍କ ସମେତ ବହୁ କର୍ପୋରେଟର ଓ ୫ ପଞ୍ଚାୟତର ଲୋକପ୍ରତିନିଧି ଉପସ୍ଥିତ ଥିଲେ। ଆଦିକନ୍ଦ ରାଉତ ସଭା ପରିଚାଳନା କରିଥିବାବେଳେ ଯୁବନେତା ଅନୁପ ଖୁଣ୍ଟିଆ ଏଥିରେ ସହଯୋଗ କରିଥିଲେ।


ବାଇପାସ୍ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ମନ୍ତ୍ରୀ ଓ ଅନ୍ୟମାନେ।

## ବିପର୍ଯ୍ୟସ୍ତ ଡ୍ରେନ ଓ ରାସ୍ତା ପ୍ରସଙ୍ଗ

# ଏନ୍‌ଏଚ୍ କର୍ତ୍ତୃପକ୍ଷଙ୍କୁ ଦାୟୀ କଲେ ବିଧାୟକ

ଖୋର୍ଦ୍ଧା ଅଫିସ,୧୮।୧୦

ଖୋର୍ଦ୍ଧା ସହରରେ ବିପର୍ଯ୍ୟସ୍ତ ଡ୍ରେନ ଏବଂ ରାସ୍ତାଘାଟ ଦୁରାବସ୍ଥା ଯୋଗୁ ଲୋକେ ଅତିଷ୍ଠ ହୋଇପଡିଲେଣି। ବର୍ଷ ବର୍ଷ ଧରି ଡ୍ରେନ ସଫା ହେଉ ନ ଥିବାରୁ ସାମାନ୍ୟ ବର୍ଷାରେ ଡ୍ରେନ ପାଣି ନିଷ୍କାସନ ହୋଇନପାରି ରାସ୍ତାରେ ଜମିରହୁଛି। ସେହିପରି ସହରର ରାସ୍ତାଘାଟ ଖାଲଖମାରେ ପରିଣତ ହୋଇଛି। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ସ୍ଥାନୀୟ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର କୁହନ୍ତି, ଲଗୁଚାପଜନିତ ବର୍ଷା ଯୋଗୁ ଡ୍ରେନ ମରାମତି ହୋଇପାରୁନାହିଁ। ସହର ଦେଇ ଯାଇଥିବା ଖୋର୍ଦ୍ଧା-ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ରାଜପଥ କର୍ତ୍ତୃପକ୍ଷଙ୍କ ଉପରେ ନିସ୍ତ୍ୟ ରହିଛି। ସେମାନେ ରାସ୍ତା ମରାମତି କରିବେ। ଏଥିରେ ପୌର ପ୍ରଶାସନ କିଛି ପାରିବ ନାହିଁ ବୋଲି ସେ କହିଛନ୍ତି। ମୁକୁନ୍ଦପ୍ରସାଦ ଠାରୁ ମେଡିକାଲ ପର୍ଯ୍ୟନ୍ତ ରାସ୍ତା ଖାଲଖମାରେ ପରିଣତ ହୋଇଛି। ଫଳରେ ଦୈନିକ ଛୋଟବଡ ଦୁର୍ଘଟଣା ଘଟୁଛି। ଅନ୍ୟପଟେ ନୟାଗଡ ରୋଡ ପେଟ୍ରୋଲ ପମ୍ପ ଠାରୁ ମେଡିକାଲ ପର୍ଯ୍ୟନ୍ତ ଏକ କିମି ରାସ୍ତାର ଉଭୟ ପାର୍ଶ୍ୱରେ ପୌର ପ୍ରଶାସନ ପକ୍ଷରୁ ଫେଭର ବ୍ଲକ ପକାଯାଇଛି। ଯଦି ରାସ୍ତା ମରାମତି ଏନଏଚ କାମ, ତେବେ ଏନଏଚ ରାସ୍ତା ପାର୍ଶ୍ୱରେ ପୌର ପ୍ରଶାସନ କାହା ନିର୍ଦ୍ଦେଶରେ ଫେଭର ବ୍ଲକ ପକାଇଲା, କିଏ ଅନୁମତି ଦେଇଥିଲା ପଚାରିବାରୁ ବିଧାୟକ ମିତ୍ର ଉତ୍ତର ନ ଦେଇ କଥାକୁ ଏଡ଼ାଇ ଯାଇଥିଲେ।

ସୂଚନାଥାଉ କି, ଖୋର୍ଦ୍ଧା ସହର ସାରା ଖାଲଖମାରେ ପରିଣତ ହୋଇଛି। ଡାକ୍ତର୍ସ ଲେନଠାରୁ ଗୁରୁଜଙ୍ଗକୁ ସଂଯୋଗ କରୁଥିବା ରାସ୍ତାର ବିଭିନ୍ନ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇଛି। ସେହିପରି ପୋଷ୍ଟ ଅଫିସ ଛକ ସ୍ଥିତ ରାସ୍ତା ଖାଲଖମା ଯୋଗୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେଉଛି। ଚଣ୍ଡିଚୁଆ ଛକ ରାସ୍ତା ନୟାଗଡ ଜାତୀୟ ରାଜପଥକୁ ସଂଯୋଗ କରୁଥିବାରୁ ସବୁ ସମୟରେ ଭିଡ ରହିଥାଏ। ଚଣ୍ଡି ଚୁଆ ଛକରେ ରହିଥିବା ବଡ ଗର୍ତ୍ତକୁ ମାଟି ଫିଲିଙ୍ଗ୍ କରି ଉପରୁ ପିଚୁ ଢାଳି ଛାଡି ଦିଆଯାଉଛି। ଫଳରେ ବର୍ଷାରେ ଧୋଇଯାଉଛି। ସଦର ଏସଡିପିଓଙ୍କ କାର୍ଯ୍ୟାଳୟ ମେଡିକାଲ ପଛପଟ ସମ୍ମୁଖ ରାସ୍ତା ଖାଲଖମାରେ ପରିଣତ ହୋଇଛି। ହେଲେ ରାସ୍ତାର ମରାମତି ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ସେହିପରି ନୂଆବସଷ୍ଟାଣ୍ଡ-ଟିଏଲସି ରୋଡ ଉଭୟ ପାର୍ଶ୍ୱରେ ଖାଲଖମା ରହିଛି। ନୂଆବସଷ୍ଟାଣ୍ଡ ଠାରୁ ଚଣ୍ଡିଚୁଆ ଛକ ପର୍ଯ୍ୟନ୍ତ ଗତବର୍ଷ ଆର ଆଣ୍ଡ ବି ପକ୍ଷରୁ ରାସ୍ତା ମରାମତି କରାଯାଇଥିଲା। ନିମ୍ନମାନର କାମ, ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ବର୍ଷେ ନ ବିତିଣୁ ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଡିଛି। ରାସ୍ତାର ମରାମତି ପ୍ରତି ଗୁରୁତ୍ୱ ଦିଆଯାଉନାହିଁ ବୋଲି ପିସିସି ସଭ୍ୟ ଶିଶିର ପରିଡା କହିଛନ୍ତି। ସେହିପରି ନୂଆବସଷ୍ଟାଣ୍ଡ ଠାରୁ ଇସ୍କନ ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ମଧ୍ୟ ସମାନ ଦୁରାବସ୍ଥା ରହିଛି।

## କେଡିସିଏଫର ଜିଲାପାଳଙ୍କୁ ଦାବିପତ୍ର

ବିପର୍ଯ୍ୟସ୍ତ ଡ୍ରେନ, ପରିମଳ, ଉଠାଦୋକାନୀଙ୍କୁ ଥଇଥାନ ଏବଂ ଶୌଚାଳୟ ନିର୍ମାଣ ଦାବିରେ ଖୋର୍ଦ୍ଧା ଜିଲା ସିଟିଜେନ୍ ଫୋରମ (କେଡିସିଏଫ) ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ମନୋଜ ପାଢୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଖୋର୍ଦ୍ଧା ସହରର ବିକାଶ ସ୍ଥାଣୁ ପାଲଟିଛି। ଡ୍ରେନ, ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ରାସ୍ତାକଡ ଉଠାଦୋକାନୀ(କ୍ୟାବିନ) ଏବଂ ଟ୍ରାଫିକ ସମସ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ଅନେକ ଉନ୍ନୟନମୂଳକ ଯୋଜନା ଅଧପନ୍ତରିଆ ଭାବେ ପଡିରହିଛି। ମୁକ୍ତା ଯୋଜନାରେ ବିଭିନ୍ନ ପ୍ରକଳ୍ପରେ ଦୁର୍ନୀତି, ଏକାଧିକ ରାସ୍ତା, ଡ୍ରେନ ନିର୍ମାଣ କାର୍ଯ୍ୟ ଅତି ନିମ୍ନମାନର କରାଯାଇଥିବା ନେଇ ଅଭିଯୋଗରେ ଉଲ୍ଲେଖ ରହିଛି। ଆହୁରି ଦର୍ଶାଯାଇଛି ଯେ, ଖୋର୍ଦ୍ଧା ସହରର ମୁଖ୍ୟରାସ୍ତା ସମେତ ସାହିଗଳି କନ୍ଦି ରାସ୍ତା ସମ୍ପୂର୍ଣ୍ଣ ଖାଲଖମାରେ ପରିଣତ ହୋଇଛି। ପୁରୁଣା ବସଷ୍ଟାଣ୍ଡ ଏବଂ ନୂଆବସଷ୍ଟାଣ୍ଡରେ ରହିଥିବା ଶୌଚାଳୟ ୨ବର୍ଷ ହେବ ବନ୍ଦ ରହିଛି। ଲୋକେ ଶୌଚ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୌର ପ୍ରଶାସନ ପକ୍ଷରୁ ପରିସ୍ରାଗାର ନିର୍ମାଣ କରାଯାଇଥିଲେ ମଧ ଏଥିରେ ୨୪ ଘଣ୍ଟା ତାଲା ଝୁଲି ରହୁଛି। ଏଥିପ୍ରତି ଗୁରୁତ୍ୱ ଦେବାକୁ ଦାବି କରିଛନ୍ତି। ଫୋରମ ସଭାପତି ପ୍ରଭାତ ମିଶ୍ର, ପ୍ରଦୀପ ପାଣିଗ୍ରାହୀ, ଉପଦେଷ୍ଟା ଉମାଶଙ୍କର ପ୍ରସାଦ, ଆଇନଜୀବୀ ଶିଶିର ପରିଡା ଓ ଅନ୍ୟମାନେ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।


ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି।

## ସଂକ୍ଷେପରେ

### ବଟି ମାଗି ୩ ଗିରଫ

ପୁରୀ,୧୮।୧୦: ପରିବା ବଜାରରେ ବଟି ଆଦାୟ କରୁଥିବା ୨ଜଣ ଅପରାଧୀଙ୍କୁ କୁମ୍ଭାରପଡ଼ା ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ମାର୍କଣ୍ଡେଶ୍ୱର ସାହିର କେଦାର ଗୁରୁ(୪୧) ଓ ବାସେଲିସାହି ଷଣ୍ଢଜାଗାର ସୂର୍ଯ୍ୟନାରାୟଣ ତ୍ରିପାଠୀ(୨୪) । ଅଭିଯୁକ୍ତଦ୍ୱୟଙ୍କ ଠାରୁ ନଗଦ ୫୦୦ଟଙ୍କା, ଛୁରି ଓ ଗୋଟିଏ ସ୍କୁଟି ଜବତ ହୋଇଛି । ଏ ନେଇ ପୋଲିସ ନଂ.୨୭୩/୨୨ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରିଥିଲା। ଜାମିନ ଖାରଜ ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

ସେହିପରି ସମୁଦ୍ରକୂଳରେ ଉଠାଦୋକାନୀଙ୍କୁ ବଟି ମାଗୁଥିବା ଜଣେ ଯୁବକକୁ ସମୁଦ୍ରକୂଳ ଥାନା ପୋଲିସ ଗିରଫ କରିଛି । ସେ ହେଲେ ବଳିଆପଣ୍ଡା ବିଧବା ଆଶ୍ରମ ସ୍କୁଲ ନିକଟର ଦେବରାଜ ଦାସ। ପୋଲିସ ତାଙ୍କଠାରୁ ଗୋଟିଏ ଛୁରି, ନଗଦ ୩୯୦ଟଙ୍କା ଜବତ ହୋଇଛି। ଏ ନେଇ ପୋଲିସ ନଂ.୨୩୯/୨୨ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରିଛି ।

### ଅମୃତଭଣ୍ଡା ପତ୍ର ରସରେ ସୁସ୍ଥ ହେଉଛନ୍ତି ଡେଙ୍ଗୁ ରୋଗୀ

କାକଟପୁର,୧୮।୧୦(ଡି.ଏନ୍.ଏ.)- କାକଟପୁର ନିକଟସ୍ଥ ଜଲେଶ୍ୱରପଡା ପଞ୍ଚାୟତ ଅଧୀନ ନରେନ୍ଦ୍ରପୁର ଗ୍ରାମର ଜଣେ ବ୍ୟକ୍ତି ଅମୃତଭଣ୍ଡା ପତ୍ରର ରସକୁ ଦିନକୁ ୨ରୁ ୩ ଚାମଚ ଖାଇବାରୁ ତାଙ୍କର ଡେଙ୍ଗୁ ରୋଗ ଭଲ ହୋଇଯାଇଥିବା ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ସେ ହେଲେ ଅରୁଣ ଜେନା। କିଛି ଦିନ ତଳେ ତାଙ୍କୁ ଜ୍ୱର ହେବାରୁ ସେ ନିକଟସ୍ଥ ବାଙ୍ଗୁରୀଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ରକ୍ତର ନମୁନା ପରୀକ୍ଷା କରିଥିଲେ। ସେଥିରେ ତାଙ୍କୁ ଡେଙ୍ଗୁ ହୋଇଥିବା ସେ ଜାଣିବାକୁ ପାଇଥିଲେ। କେତେ ଔଷଧ ଖାଇଥିଲେ ମଧ୍ୟ ତାଙ୍କ ଜ୍ୱର କମି ନ ଥିଲା। ପରେ ସେ ଆୟୁର୍ବେଦିକ ଚିକିତ୍ସା ନିୟମ ଅନୁଯାୟୀ ଅମୃତଭଣ୍ଡା ପତ୍ରର ରସ ଦିନକୁ ୩ ବେଳା ସେବନ କରିବା ପରେ ଡେଙ୍ଗୁ ରୋଗ ଆସ୍ତେ ଆସ୍ତେ ଭଲ ହୋଇଯାଇଥିବା କହିଛନ୍ତି। ଜେନାଙ୍କ ଏହି କଥାକୁ ଅଞ୍ଚଳର କେତେକ ଲୋକ ମଧ୍ୟ ସ୍ୱୀକାର କରିଛନ୍ତି।

### ନାବାଳିକାଙ୍କୁ ଅପହରଣ, ଯୁବକ ଗିରଫ

ଝାଁଲା,୧୮।୧୦(ଡି.ଏନ୍.ଏ.): ନାବାଳିକାଙ୍କୁ ଅପହରଣ କରି ଶାରିରୀକ ସମ୍ପର୍କ ରଖିବା ଅଭିଯୋଗରେ ଇନ୍‌ଫୋଭ୍ୟାଲି ଥାନା ପୋଲିସ ଜଣେ ଯୁବକକୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ଚନ୍ଦ୍ରଶେଖରପୁର ଥାନା ନୀଳାଦ୍ରିବିହାର ଅଞ୍ଚଳର ସୁବ୍ରତ ନାଏକ(୨୧)। ସୂଚନା ମୁତାବକ, ନାବାଳିକାଙ୍କ ପରିବାର ତମାଣ୍ଡୋ ଥାନା ଅଞ୍ଚଳରେ ରୁହନ୍ତି। ଗତ ସେପ୍ଟେମ୍ବର ୧୪ରେ ନାବାଳିକା ଜଣକ କଲେଜରୁ ଘରକୁ ଫେରୁଥିବା ବେଳେ ଗୋହିରା ଛକରୁ ସୁବ୍ରତ ତାଙ୍କୁ ଏକ ଅଟୋରେ କେଉଁଆଡ଼େ ନେଇଯାଇଥିଲେ। ଏଥିସହ ଶାରୀରିକ ସମ୍ପର୍କ ରଖିଥିଲେ। ଅନ୍ୟପଟେ ନାବାଳିକା ଜଣଙ୍କ ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ଏନେଇ ନାବାଳିକାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇ ସୋମବାର ନାବାଳିକାଙ୍କୁ ଉଦ୍ଧାର କରିବା ସହ ସୁବ୍ରତଙ୍କୁ ଗିରଫ କରିଥିଲା।

# ମହାପ୍ରସାଦ ଦରକୁ ନେଇ ଭକ୍ତ ଅସନ୍ତୁଷ୍ଟ

- ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଦର ତାଲିକା ଲାଗୁ ନାହିଁ
- ୧୦ ସେବାୟତ ନିଯୁକ୍ତ ହୋଇ ତଦାରଖ କରିବେ

ପୁରୀ ଅଫିସ,୧୮।୧୦

କାର୍ତ୍ତିକ ମାସ ପାଇଁ ଶ୍ରୀକ୍ଷେତ୍ର ଏବେ ଚଳଚଞ୍ଚଳ ହୋଇପଡ଼ିଛି। ଶ୍ରୀକ୍ଷେତ୍ର ଏବଂ ଶ୍ରୀମନ୍ଦିରରେ ହବିଷିଆଳିଙ୍କ ପ୍ରବଳ ଗହଳି ପରିଲକ୍ଷିତ ହେଉଛି। ଦୁଇବର୍ଷ ପରେ କୋଭିଡ୍ କଟକଣା ହଟିବା ପରେ ଚଳିତବର୍ଷ ହବିଷିଆଳିମାନେ ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସହ କାର୍ତ୍ତିକ ବ୍ରତ ପାଳନ କରୁଛନ୍ତି। ଏହି କାର୍ତ୍ତିକ ମାସରେ ଜଗାଙ୍କୁ ଦର୍ଶନ କରିବା ସହ ମହାପ୍ରସାଦ ପାଇଲେ କୋଟି ଜନ୍ମର ପାପକ୍ଷୟ ହେବା ସହ ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି। ତେଣୁ ମହାପ୍ରଭୁଙ୍କ ଦର୍ଶନ ସହ ମହାପ୍ରସାଦ ପାଇବା ନିମନ୍ତେ ଶ୍ରୀମନ୍ଦିରରେ ପ୍ରତ୍ୟେକ ଦିନ ହବିଷିଆଳିଙ୍କ ଗହଳି ଲାଗି ରହିଛି। ତେବେ କାର୍ତ୍ତିକ ମାସରେ ମହାପ୍ରସାଦ ଦର ଚଢ଼ା ରହିଥିବା ଦେଖିବାକୁ ମିଳିଛି । ଯାହାକୁ ନେଇ ଭକ୍ତଙ୍କ ମନ ବ୍ୟାକୁଳ ଥିବାବେଳେ ଦରକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେପଟେ ଆନନ୍ଦବଜାରରେ ଶୃଙ୍ଖଳା ଆଣିବା ସହ ମହାପ୍ରସାଦ ଦର ନିର୍ଦ୍ଧାରଣ କରି ରେଟ୍ ଚାଟ୍ ମାରିବାକୁ ସୁପ୍ରିମକୋର୍ଟ ୨୦୧୯ରେ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତାହାକୁ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇନାହିଁ। ଫଳରେ ମନଇଚ୍ଛା ମହାପ୍ରସାଦ ଦର ନିର୍ଦ୍ଧାରଣ କରାଯାଉଛି। ତେଣୁ ତୁରନ୍ତ ସୁପ୍ରିମକୋର୍ଟଙ୍କ ଆଦେଶ ଆନନ୍ଦବଜାରରେ ମହାପ୍ରସାଦ ଦର କାର୍ଯ୍ୟକାରୀ କରିବାକୁ ଭକ୍ତମାନେ ଦାବି କରିଛନ୍ତି।



ହିନ୍ଦୁ ଶାସ୍ତ୍ରରେ ପୁଣ୍ୟର ମାସ ଭାବେ କାର୍ତ୍ତିକ ମାସକୁ ବିବେଚନା କରାଯାଏ। ରାଜ୍ୟର ବିଭିନ୍ନ ସ୍ଥାନରୁ ହବିଷିଆଳିମାନେ ଆସି ଏକ ମାସ ଧରି ଶ୍ରୀକ୍ଷେତ୍ରରେ ରହି କାର୍ତ୍ତିକ ବ୍ରତ କରିବା ସହ ମହାପ୍ରଭୁଙ୍କ ଦର୍ଶନ ଓ ମହାପ୍ରସାଦ ସେବନ କରିଥାନ୍ତି। ସେଥିପାଇଁ ଶ୍ରୀମନ୍ଦିର ଓ ଆନନ୍ଦବଜାରରେ ଭକ୍ତଙ୍କ ଗହଳି ହୋଇଥାଏ। ସାଧାରଣତଃ କାର୍ତ୍ତିକ ମାସରେ ମହାପ୍ରସାଦର ଚାହିଦା ବେଶି ରହିଥାଏ। କିନ୍ତୁ ଚଳିତବର୍ଷ ମହାପ୍ରସାଦ କ୍ରୟରେ ଦେଖିବାକୁ ମିଳିଛି ବ୍ୟାପକ ଅନିୟମିତତା। ନିର୍ଦ୍ଧାରିତ ଦରଠାରୁ ବେଶ୍ ଅଧିକ ଦରରେ ମହାପ୍ରସାଦ ଭକ୍ତମାନେ କ୍ରୟ କରୁଥିବାରୁ ଅସନ୍ତୋଷ ପ୍ରକାଶ କରୁଛନ୍ତି। ମହାପ୍ରସାଦର ଦର ନିର୍ଦ୍ଧାରଣ ପାଇଁ ଦୁଇଦୁଇଥର ପରୀକ୍ଷାମୂଳକ ଭାବେ ପ୍ରୟୋଗ କରାଯାଇଥିଲେ ମଧ୍ୟ ଏଯାବତ୍ ତାହା ଫେଲ୍ ମାରିଛି। କିନ୍ତୁ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଚାରିବର୍ଷରୁ ଉର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ ଅବଢା ଦର ସୁଲଭ ଦରରେ ଭକ୍ତମାନେ ପାଇବାରୁ ବଞ୍ଚିତ ହେଉଛନ୍ତି। କେବଳ କାର୍ତ୍ତିକ ମାସ ନୁହେଁ ବରଂ ବିଭିନ୍ନ ଜାନିଯାତ୍ରା ସମୟରେ ମହାପ୍ରସାଦର ଦର ଯଥେଷ୍ଟ ବୃଦ୍ଧି ପାଇବାର ନଜିର ରହିଛି। ଲଗାତର ଦୁଇବର୍ଷ କରୋନା କଟକଣା ପରେ ଚଳିତବର୍ଷ କାର୍ତ୍ତିକ ମାସରେ ଶ୍ରୀକ୍ଷେତ୍ରରେ ପ୍ରତ୍ୟେକ ଦିନ ଲକ୍ଷାଧିକ ଭକ୍ତ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। କେତେଜଣ ଭକ୍ତଙ୍କ କହିବା ଅନୁଯାୟୀ ମହାପ୍ରସାଦର ମୂଲ୍ୟ ଜଣେ ବ୍ୟକ୍ତି ବା ଗୋଟିଏ ମିଲ୍ ପିଛା ୨୫୦ ଟଙ୍କା ରହୁଛି। ଯାହା ବହୁତ ବାଧୁଛି। ଗୋଟିଏ ମିଲ୍ ୧୦୦ ରୁ ୧୨୦ ଟଙ୍କା ଭିତରେ ରହିଲେ ସମସ୍ତ ଭକ୍ତମାନେ ଠିକ୍ ଭାବେ ମହାପ୍ରସାଦ ପାଇପାରିବେ। ମାତ୍ର ଚଢା ରେଟ୍ ରହିବାରୁ ମହାପ୍ରସାଦ ଯେଉଁ ପରିମାଣରେ କ୍ରୟ କରିବା କଥା ସେହି ପରିମାଣର କ୍ରୟ କରି ହେଉ ନାହିଁ। ଏଥିପାଇଁ ପ୍ରଶାସନ ହସ୍ତକ୍ଷେପ କରିବା ଆବଶ୍ୟକ ଯେପରି ଭକ୍ତମାନେ ସୁଲଭ ମୂଲ୍ୟରେ ମହାପ୍ରସାଦ ପାଇପାରିବେ।

ତେବେ ଏନେଇ ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗର ସଭାପତି ନାରାୟଣ ମହାସୁଆରଙ୍କ କହିବା ଅନୁଯାୟୀ ସୁଆର ମହାସୁଆର ନିଯୋଗ ପକ୍ଷରୁ ମହାପ୍ରସାଦ ପାଇଁ ଯେଉଁ ରେଟ ନିର୍ଦ୍ଧାରଣ କରାଯାଇଛି, ତା'ଠାରୁ ଅଧିକ ମୂଲ୍ୟରେ କିଛି ଦଲାଲ ଭକ୍ତଙ୍କୁ ବିକ୍ରୟ କରୁଛନ୍ତି। କିଛି ଦଲାଲ ଭକ୍ତ ବେଶରେ ଶ୍ରୀମନ୍ଦିରକୁ ଆସି ଆମଠାରୁ ମହାପ୍ରସାଦ କ୍ରୟ କରି ନେଇ ମହାପ୍ରସାଦକୁ ଭକ୍ତମାନଙ୍କୁ ଚଢା ଦରରେ ବିକ୍ରି କରୁଥିବାରୁ ଏ ନେଇ ଜିଲା ପ୍ରଶାସନକୁ ଜଣାଇ ଦିଆଯାଇଛି। କାର୍ତ୍ତିକ ମାସ ପୂର୍ବରୁ ମହାପ୍ରସାଦକୁ ନେଇ ଜିଲାପାଳଙ୍କ ସହ ଆଲୋଚନା ଓ କିପରି ଭକ୍ତମାନେ ସୁବିଧାରେ ମହାପ୍ରସାଦ ପାଇପାରିବେ ସେଥିପାଇଁ ବ୍ୟବସ୍ଥା କରାଯିବା ନେଇ ଆଲୋଚନା କରାଯାଇଥିଲା। ନିଯୋଗର ୧୦ଜଣ ସେବାୟତଙ୍କୁ ନିଯୁକ୍ତି ଦିଆଯିବ ଯେଉଁମାନେ ତଦାରଖ କରିବେ। ଯେଉଁ ଦଲାଲମାନେ ଏପରି ଭକ୍ତଙ୍କୁ ଶୋଷଣ କରୁଛନ୍ତି ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ଆଲୋଚନା ହୋଇଛି। ଖୁବ୍‌ଶୀଘ୍ର ମହାପ୍ରସାଦର ଦର ନିର୍ଦ୍ଧାରଣ ସହ ଆଗାମୀ ଦିନରେ ଭକ୍ତ ଶ୍ରଦ୍ଧାଳୁ କିଭଳି ସୁଲଭ ଦରରେ ପାଇବେ ଓ ରେଟ୍ ଚାଟ୍ କିଭଳି ଯଥାଶୀଘ୍ର କାର୍ଯ୍ୟକାରୀ ହେବ ସେନେଇ ବ୍ୟାପକ ବନ୍ଦୋବସ୍ତ କରାଯିବ ବୋଲି ସୁଆର ମହାସୁଆର ନିଯୋଗ ସଭାପତି କହିଛନ୍ତି। ସେପଟେ ଏପରି ଅଭିଯୋଗ ହେବା ପରେ ପ୍ରଶାସନ ପକ୍ଷରୁ ତତ୍ପର ଦେଖିବାକୁ ମିଳିଛି। ପୋଲିସ ପକ୍ଷରୁ ଦଲାଲମାନଙ୍କ ଉପରେ ନଜର ରଖାଯାଉଛି।

## ପ୍ଲାଷ୍ଟିକ ବର୍ଜନ ସମ୍ପର୍କରେ ସଚେତନତା ରାଲି

ପୁରୀ ଅଫିସ,୧୮।୧୦

ପୁରୀ ଜିଲା ସ୍କୁଲ ପକ୍ଷରୁ ମଙ୍ଗଳବାର ପ୍ଲାଷ୍ଟିକ୍ ବର୍ଜନ ସମ୍ପର୍କରେ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଚେତନତା ରାଲି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମିଶ୍ର ଏବଂ ଡିଏଫ୍‌ଓ ରାମାସ୍ୱାମୀଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଭୁବନେଶ୍ୱରରୁ ଆସିଥିବା ପ୍ରୋଗ୍ରାମ ସଂଯୋଜକ ପ୍ରଭାତ ଦାଶ ଅତିଥି ଭାବରେ ଯୋଗଦେଇ ପତାକା ଦେଖାଇ ଉକ୍ତ ସଚେତନତା ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ଶୋଭାଯାତ୍ରା ପ୍ରାରମ୍ଭରେ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ବିଦ୍ୟାଧର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରି ପ୍ଲାଷ୍ଟିକ ବ୍ୟବହାର ନ କରିବା ପାଇଁ କହିଥିଲେ। ଉକ୍ତ ସଚେତନତା ରାଲି ବିଦ୍ୟାଳୟରୁ ବାହାରି ଷ୍ଟେଶନ ଛକଦେଇ ପୁନର୍ବାର ଜିଲା ସ୍କୁଲକୁ ପ୍ରତ୍ୟାବର୍ତ୍ତନ କରିଥିଲା। ଏହି ଅବସରରେ ବିଦ୍ୟାର୍ଥୀମାନେ ଦୋକାନୀଙ୍କୁ ଫ୍ରି ପ୍ଲାଷ୍ଟିକ ବିଷୟରେ ଅବଗତ କରାଇଥିଲେ। ଉକ୍ତ ସଚେତନତା ରାଲିକୁ ବିଦ୍ୟାଳୟର ଶିକ୍ଷକ ମ. ସିରାଜ ଅନୱାର, ଅନାମ ଜ୍ୟୋତି ମୁଦୁଲି, କ୍ରୀଡ଼ା ଶିକ୍ଷକ ଗୋପାଳଚନ୍ଦ୍ର ପରିଡାଙ୍କ ସମେତ ଅନ୍ୟାନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ପରିଚାଳନା କରିଥିଲେ। ଏଥିରେ ବିଦ୍ୟାଳୟର ୧୫୦ଜଣ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଇକୋ କ୍ଲବ୍‌ର ଅଧିକାରୀ ଅରୁଣ କୁମାର ଭଟ୍ଟାଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।



ଛାତ୍ର- ଶିକ୍ଷକ, ଅଭିଭାବକ ସମନ୍ୱୟ କମିଟି ପକ୍ଷରୁ ମଙ୍ଗଳବାର ପୁରୀରେ ଅନୁଷ୍ଠିତ ସଂସ୍କୃତି ପ୍ରେମୀ ଉମାକାନ୍ତ ସାହୁଙ୍କ ସ୍ମୃତିସଭାରେ ଯୋଗଦେଇଥିବା ଅତିଥିମାନେ ।

## ଜିଆରଏସ୍, ପିଇଓଙ୍କ ମାସକର ଦରମା ବନ୍ଦ ନିର୍ଦ୍ଦେଶ

- ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ବୈଠକ
- ବିଭିନ୍ନ ଯୋଜନାର ସଫଳତା ସମ୍ପର୍କରେ ଆଲୋଚନା
- ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଅନିୟମିତତା ନେଇ ଉଦ୍‌ବେଗ ପ୍ରକାଶ

କୃଷ୍ଣପ୍ରସାଦ,୧୮।୧୦(ଡି.ଏନ୍.ଏ.):

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ସଭାଗୃହରେ ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଓ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ଦିଲୀପ କୁମାର ମହାପାତ୍ର ଯୋଗଦେଇ ମହତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନଆରଇଜିଏସ୍), ପଞ୍ଚଦଶ ଅର୍ଥ କମିଶନ ଅନୁଦାନ, ଜାତୀୟ ସାମାଜିକ ସହାୟତା, ସମନ୍ୱିତ ଶିଶୁ ବିକାଶ ଓ ମମତା ଯୋଜନାର ସଫଳତା ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷକରି ପଞ୍ଚାୟତସ୍ତରରେ ଅନୁଷ୍ଠିତ ସାମାଜିକ ସମୀକ୍ଷା କାର୍ଯ୍ୟକ୍ରମରୁ ବାଦ୍ ପଡିଥିବା ପ୍ରକଳ୍ପଗୁଡିକର ଅଭିଯୋଗ ଶୁଣାଣି କରାଯାଇଥିଲା। କେତେକ ପଞ୍ଚାୟତରେ ଏମ୍‌ଜିଏନଆରଇଜିଏସ୍ ଯୋଜନାରେ ଅନିୟମିତତା ହେବା ସହ କୌଣସି ରେକର୍ଡ ଠିକ୍ ମିଳିନଥିବା ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଶିବିରରେ ଅନୁପସ୍ଥିତ ଜିଆରଏସ୍ ଓ ପିଇଓଙ୍କୁ ୧ହଜାର ଟଙ୍କା ଲେଖାଏ ଜରିମାନା ସହ ମାସକର ଦରମା ବନ୍ଦ ପାଇଁ ବିଡିଓ ମନୋଜ କୁମାର ନାୟକଙ୍କୁ ନର୍ଦ୍ଦେଶ ଦେଇଛନ୍ତି ଅତିରିକ୍ତ ଜିଲାପାଳ। ବିଡିଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତହସିଲଦାର ଶରତ ଚନ୍ଦ୍ର ଗିରି, ଜିଲାପରିଷଦ ସଭ୍ୟ ସନ୍ଦୀପ କୁମାର ଜେନା, ସିଡିପିଓ ମନୋରମା ଦେବୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, ବ୍ଲକ ସହକାରୀ ଯନ୍ତ୍ରୀ ବିନୋଦ ବିହାରୀ ପୁହାଣ, ଜିଲା ସାମାଜିକ ସମୀକ୍ଷକ ରାଜ କିଶୋର ପରିଡା, ବ୍ଲକ ସାମାଜିକ ସମୀକ୍ଷକ ଅର୍ଚ୍ଚନା ଦଳାଇ, ଏପିଓ ଅଭିନ୍ନ କୁମାର ପଲାଇ, ଏସିପି ସୌଭାଗ୍ୟ କୁମାର ବଳିୟାରସିଂହ, ରଞ୍ଜନ ପଟ୍ଟନାୟକ, ସୌରୀରାଣୀ ଜେନା, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରଶ୍ମୀ ରଞ୍ଜନ ସାହୁ, ପ୍ରଭାତ କୁମାର ଜେନା, ସାଗର କୁମାର ସାହୁ, ସରପଞ୍ଚ ମଳୟ କୁମାର ଜେନା, ଇତିଶ୍ରୀ ସିଂହ, କବିତା ଜେନା, ଦୁଷ୍ମନ୍ତ କୁମାର ସେଠୀ, ବୀଣାପାଣି ପ୍ରଧାନ, ସୁଶାନ୍ତ କୁମାର ପରିଡା, ପ୍ରଦୀପ କୁମାର ସେଠୀ, କନିଷ୍ଠ ଯନ୍ତ୍ରୀ କମଳାକାନ୍ତ ବାସ୍କେ, ମନୋଜ କୁମାର ସ୍ୱାଇଁ, ବିପିନି ବିହାରୀ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ।

## ଚୋରି ଗାଡ଼ି କବାଡ଼ିଆ ଦୋକାନରୁ ଚାଲାଣ

ଗୋପ,୧୮।୧୦(ଡି.ଏନ୍.ଏ.)

ଗୋପ, କୋଣାର୍କ ଓ ନିମାପଡ଼ା ଥାନା ଅଞ୍ଚଳରେ ଥିବା କବାଡିଆ ଦୋକାନକୁ ବିଭିନ୍ନ ଅଞ୍ଚଳରୁ ଚୋରି ହୋଇ ଆସୁଥିବା ଗାଡ଼ିଗୁଡ଼ିକ କଟାଯାଇ ରାଜ୍ୟ ବାହାରକୁ ଚାଲାଣ କରାଯାଉଥିବା ଅଭିଯୋଗ ହୋଇଛି। ଏ ନେଇ ସୋମବାର ଯାଜପୁରର ପୋଲିସ ଗୋପ ଅଞ୍ଚଳକୁ ଆସି ଏକ କବାଡ଼ିଆ ଦୋକାନରୁ ଜଣଙ୍କୁ ଉଠାଇ ନେବା ସହିତ କେତେକ ଚୋରି ଗାଡ଼ିର କଟା ଯନ୍ତ୍ରାଂଶ ଜବତ କରିଛି। ପ୍ରକାଶ ଯେ, ଗୋପ ଥାନା ଗୋପ, ନାଗପୁର, ନୟାହାଟ ସହିତ ନିମାପଡ଼ା, କୋଣାର୍କ ଥାନା ଅଞ୍ଚଳରେ ମଧ୍ୟ ଏହି କବାଡିଆ ଦୋକାନ ଖୋଲାଯାଇଛି। ଯାଜପୁର ଥାନା ଅଞ୍ଚଳରୁ କେତେକ ଟ୍ରକ ଚୋରି ହୋଇଥିବା ଅଭିଯୋଗ ଆସିବା ପରେ ଯାଜପୁର ପୋଲିସ ପକ୍ଷରୁ ଏକ ଟିମ୍ ଆସି ବିଭିନ୍ନ ସ୍ଥାନରେ ଯାଞ୍ଚ କରି ଗୋପ ଥାନା ଅଞ୍ଚଳରୁ ଜଣଙ୍କୁ ଓ ନିମାପଡ଼ା, ଚାରିଛକ ଅଞ୍ଚଳରୁ ମଧ୍ୟ କେତେକ ବ୍ୟକ୍ତିଙ୍କୁ ଉଠାଇ ନେଇଛି। ୩ଟି ଥାନା ଅଞ୍ଚଳରେ ଥିବା ଏହି କବାଡିଆ ଦୋକାନଗୁଡିକ ବିଭିନ୍ନ ଅଞ୍ଚଳରୁ ଚୋରି ହୋଇ ଆସୁଥିବା ଗାଡ଼ିକୁ କମ୍ ଦରରେ ରଖିବା ପରେ ବିଳମ୍ବିତ ରାତିରେ କାଟି ରାଜ୍ୟ ବାହାରକୁ ପଠାଉଛନ୍ତି। ଏହି ଚୋରି ଗାଡ଼ି ର୍‌ୟାକେଟରେ ରାଜ୍ୟ ବାହାରର କେତେକ ଯୁବକ ସାମିଲ ଥିବାବେଳେ ସ୍ଥାନୀୟ ଅଞ୍ଚଳର ଯୁବକ ମଧ୍ୟ ରହିଥିବା ସୂଚନା ମିଳିଛି। ଦୀର୍ଘଦିନ ଧରି ଏହି ର୍‌ୟାକେଟ ଚାଲୁଥିବା ବେଳେ ପୋଲିସ ଜୋରଦାର ଯାଞ୍ଚ କଲେ ଘଟଣାର ପର୍ଦ୍ଦାଫାଶ ହୋଇପାରିବ ବୋଲି ସାଧାରଣରେ ଆଲୋଚନା ହେଉଛି। ଏ ନେଇ ଗୋପ ଥାନାଧିକାରୀ ସୁନୀଲ ପ୍ରଧାନଙ୍କୁ ପଚାରିବାରେ ଅଭିଯୋଗ ଅନୁଯାୟୀ ଚଢ଼ାଉ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ବାତ୍ୟା ଆଶ୍ରୟସ୍ଥଳରେ ମକ୍‌ଡ୍ରିଲ୍

- ବିପର୍ଯ୍ୟୟ ସମୟରେ ସୁରକ୍ଷାଭିତ୍ତିକ ଆଲୋଚନା
- ୧୧ ଦିନ ଚାଲିବ ପ୍ରଶିକ୍ଷଣ ଶିବିର

କୃଷ୍ଣପ୍ରସାଦ,୧୮।୧୦(ଡି.ଏନ୍.ଏ.):

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ସିଆଣ୍ଡି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳରେ ପ୍ରଶାସନ ପକ୍ଷରୁ ମଙ୍ଗଳବାର ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଥିଲା। ବିପର୍ଯ୍ୟୟ ସମୟରେ ନିଜେ ସୁରକ୍ଷିତ ରହିବା ସହ ଅନ୍ୟମାନଙ୍କୁ କିଭଳି ସୁରକ୍ଷିତ ରଖାଯାଇପାରିବ ସେ ସମ୍ପର୍କରେ ଅଭ୍ୟାସ କରାଯାଇଥିଲା। ସିଆଣ୍ଡି ସରପଞ୍ଚ ଆଦିତ୍ୟ ରଞ୍ଜନ ପଲାଇଙ୍କ ସଭାପତିତ୍ୱରେ ବିଡିଓ ମନୋଜ କୁମାର ନାୟକ, କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧ୍ୟକ୍ଷା ସରୋଜିନୀ ତରେଇ, ଜିଲାପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ଜରୁରୀକାଳୀନ ପ୍ରକଳ୍ପ ଅଧିକାରୀ ବାପି ବିଶ୍ୱଜିତ ସାହୁ, ସିଆଣ୍ଡି ଗ୍ରାମ୍ୟ କମିଟି ସଭାପତି କୃଷ୍ଣଚନ୍ଦ୍ର ତରେଇ, ଜଗନ୍ନାଥ ତରେଇ, ଆଶୁତୋଷ ଦାଶ, ବିଜୟ କୁମାର ତରେଇ, କୁବେର ଜେନା, ପ୍ରବୀର କୁମାର ନାୟକ ପ୍ରମୁଖ ମକଡ୍ରିଲ୍‌ରେ ଉପସ୍ଥିତ ଥିଲେ । ଜରୁରୀକାଳୀନ ପ୍ରକଳ୍ପ ଅଧିକାରୀ ବାପି ବିଶ୍ୱଜିତ ସାହୁ ବିପର୍ଯ୍ୟୟ ସମୟରେ ସୁରକ୍ଷାଭିତ୍ତିକ ସଚେତନ କରିଥିଲେ। ସାମାଜିକ କର୍ମୀ ରମେଶ ଚନ୍ଦ୍ର ତରେଇ ଧନ୍ୟବାଦ ଦେବା ସହିତ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ପ୍ରଶିକ୍ଷକ ଭାବେ ଗୀତାଞ୍ଜଳି ସାହୁ, ଜ୍ଞାନେନ୍ଦ୍ର ମାଲିଆ, ତନ୍ମୟୀ ଚାଟାର୍ଜୀ ପ୍ରମୁଖ ଯୋଗଦେଇ ତାଲିମ ପ୍ରଦାନ କରୁଥିବା ବେଳେ ୧୧ଦିନ ଧରି ଏହି ପ୍ରଶିକ୍ଷଣ ଶିବିର ଚାଲିବ ବୋଲି ଜଣାପଡିଛି । ବୁଧବାର ଠାରୁ ବ୍ଲକ ଅଧୀନସ୍ଥ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀମାନଙ୍କରେ ବିପର୍ଯ୍ୟୟ ପରିଚାଳନା ତାଲିମ ପ୍ରଦାନ କରାଯିବ ବୋଲି ନୋଡାଲ ଏନଜିଓ ସମ୍ପାଦକ ପ୍ରବୀର କୁମାର ନାୟକ କହିଛନ୍ତି।


କୃଷ୍ଣପ୍ରସାଦର ସିଆଣ୍ଡି ବାତ୍ୟା ଆଶ୍ରୟସ୍ଥଳରେ ଅନୁଷ୍ଠିତ ମକ୍‌ଡ୍ରିଲରେ ଉପସ୍ଥିତ ଅତିଥି ।

## ଦିବ୍ୟାଙ୍ଗ ଶିଶୁଙ୍କ ଅଧିକାର ସମ୍ପର୍କିତ କର୍ମଶାଳା


ଦିବ୍ୟାଙ୍ଗ ଶିଶୁଙ୍କ ଅଧିକାର ସମ୍ପର୍କିତ କର୍ମଶାଳାରେ ଯୋଗ ଦେଇଥିବା ଅତିଥିମାନେ ।

ପିପିଲି,୧୮।୧୦(ଡି.ଏନ୍.ଏ.)

ଦିବ୍ୟାଙ୍ଗ ଶିଶୁମାନଙ୍କର ଅଧିକାର ସମ୍ପର୍କିତ ଦିନିକିଆ ବ୍ଲକସ୍ତରୀୟ କର୍ମଶାଳା ପିପିଲିସ୍ଥିତ କ୍ରିଷ୍ଣା ଗାର୍ଡେନ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଓପନ ଲର୍ନିଂ ସିଷ୍ଟମ୍‌ସ' ପକ୍ଷରୁ ଦିବ୍ୟାଙ୍ଗ ଶିଶୁମାନଙ୍କ ପାଇଁ କାର୍ଯ୍ୟ କରୁଥିବା ପିପିଲି ବ୍ଲକର ୩ ପଞ୍ଚାୟତ ତଥା ରୂପଦେଇପୁର, ଚନ୍ଦ୍ରାଦେଇପୁର ଓ ରଥପୁରୁଷୋତ୍ତମପୁର ପଞ୍ଚାୟତର ଜନପ୍ରତିନିଧି ଓ ଅଭିଭାବକମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ଓପନ ଲର୍ନିଂ ସିଷ୍ଟମ୍‌ସ (ଓଏଲ୍‌ଏସ୍)ର ପ୍ରକଳ୍ପ ସଂଯୋଜକ ପ୍ରଶାନ୍ତ କେଶରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ପିପିଲି ବ୍ଲକର ଅତିରିକ୍ତ ବିଡିଓ ଶୈଳବାଳା ତ୍ରିପାଠୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମିତାଲି ମଧୁସ୍ମିତା, ବ୍ଲକ ସମ୍ବଳ ଅଧିକାରୀ ଅଳକା ବେହେରା, ଆଡପ୍‌ସନ ସେଣ୍ଟରର ସ୍ୱିଡେନ ପ୍ରତିନିଧି ରୁବି ରାଉତ ପ୍ରମୁଖ ଯୋଗଦେଇ ଦିବ୍ୟାଙ୍ଗ ଶିଶୁମାନଙ୍କର ଅଧିକାର ସମ୍ପର୍କରେ ଆଲୋକପାତ କରିଥିଲେ। ଦିବ୍ୟାଙ୍ଗ ଶିଶୁମାନେ କିପରି ସେମାନଙ୍କ ଅଧିକାର ହାସଲ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ ସେ ସମ୍ପର୍କରେ ଓଏଲ୍‌ଏସ୍‌ର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରକାଶ କୁମାର ରଥ ଆଲୋକପାତ କରିଥିଲେ। ଓଏଲ୍‌ଏସ୍‌ର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରକଳ୍ପ ସଂଯୋଜକ ପ୍ରଶାନ୍ତ କେଶରୀ ମିଶ୍ର ସୂଚନା ଦେବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲ୍ୟବିବାହ, ଶିଶୁ ବିକ୍ରି ଉପରେ ରୋକ ଲଗାଅ

### ଜିଲା ଶିଶୁ ସୁରକ୍ଷା କମିଟି ବୈଠକ

ପୁରୀ ଅଫିସ,୧୮।୧୦

ଜିଲା ଶିଶୁ ସୁରକ୍ଷା କମିଟିର ବୈଠକ ମଙ୍ଗଳବାର ସ୍ୱତନ୍ତ୍ର ପ୍ରଦକ୍ଷିଣ ଗୃହ ପରିସରରେ ଜିଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ସମସ୍ତ ବିଭାଗର ଅଧିକାରୀ, ଶିଶୁ ମଙ୍ଗଳ ସମିତିର ସଦସ୍ୟ ଓ ଅଧ୍ୟକ୍ଷ, କିଶୋର ନ୍ୟାୟ ବୋର୍ଡର ସଦସ୍ୟା, ଚାଇଲ୍ଡଲାଇନ ନିର୍ଦ୍ଦେଶକ ଦେବାଶିଷ ରଥ ଏବଂ ବାଲ୍ୟ ବିବାହ ନିରୋଧ ପରାମର୍ଶଦାତ୍ରୀ ପ୍ରମୁଖ ଯୋଗଦେଇ ସମ୍ପୃକ୍ତ ବିଭାଗର କାର୍ଯ୍ୟ ଓ ସଫଳତା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ମିଶନ ବାତ୍ସଲ୍ୟ ଅନ୍ତର୍ଗତ ସେବା ଓ ଆଶୀର୍ବାଦ, ବିଜୁ ଶିଶୁ ସୁରକ୍ଷା ଯୋଜନା, ଗ୍ରୀନ ପ୍ରାସେଜ୍ ମାଧ୍ୟମରେ ଦିଆଯାଉଥିବା ସେବା ଓ ଶିଶୁମାନଙ୍କ ଯତ୍ନ ଓ ସୁରକ୍ଷା ମିନିଟରିଂ ପଦ୍ଧତି ସମ୍ବନ୍ଧରେ ଅଧିକାରୀମାନେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ଏଥିପାଇଁ ଜିଲାର ସମସ୍ତ ଅଧିକାରୀ ଓ ସହଯୋଗୀ ସଂସ୍ଥାର ସହାୟତା ଯୋଗୁ ସମ୍ଭବ ହୋଇପାରୁଛି। ଏଣୁ ଏହି ସହଯୋଗ ଆଗକୁ ଜାରି ରଖି ଶିଶୁ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ଦୃଢ କରିବା ନିମନ୍ତେ ଅତିରିକ୍ତ ଜିଲାପାଳ ସାହୁ ମତ ପୋଷଣ କରିଥିଲେ।

ଜିଲା ପରିଷଦ ଅଧ୍ୟକ୍ଷା ସ୍ୱାଇଁ ଜିଲାରେ ବାଲ୍ୟ ବିବାହ, ଚାଲାଣ, ଶିଶୁ ବିକ୍ରି ଉପରେ କଡ଼ା ନଜର ରଖି ରୋକ ଲଗାଇବା ପାଇଁ ପୋଲିସ ସମେତ ସମସ୍ତ ଅଧିକାରୀ ସ୍ଥାନୀୟ ଜନସାଧାରଣ ସହଯୋଗ ଯୋଗାଇ ଦେବାକୁ ନିବେଦନ କରିଥିଲେ। ବିଦ୍ୟାଳୟସ୍ତରୀୟ ପରିବହନ କମିଟି ଗଠନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଗତବର୍ଷ ବାଲ୍ୟ ବିବାହ ରୋକିବାକୁ ୨ ଲକ୍ଷ ମହିଳା ଶପଥ ପାଠ କରିଥିଲେ। ଏଣୁ ଚଳିତବର୍ଷ ମଧ୍ୟ ସବୁ ବିଦ୍ୟାଳୟ ପ୍ରାର୍ଥନା ସଭାରେ ବାଲ୍ୟବିବାହ ନିଷେଧ ନିମନ୍ତେ ଛାତ୍ରୀଛାତ୍ର, ଶିକ୍ଷକ ଶିକ୍ଷୟିତ୍ରୀ ଏକ ସଙ୍ଗରେ ଶପଥ ନେବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହା ସହିତ ଜିଲାର ସମସ୍ତ ଥାନାକୁ ଶିଶୁ ଅନୁକୂଳ ଥାନା ଘୋଷଣା କରିବାକୁ ପୋଲିସ ବିଭାଗକୁ ଦାୟିତ୍ୱ ଦିଆଯିବ। ସହରରେ ଥିବା ହୋଟେଲ, ରେଷ୍ଟୁରାଣ୍ଟର କର୍ମକର୍ତ୍ତାଙ୍କୁ ଶିଶୁ ସୁରକ୍ଷା ସମ୍ବନ୍ଧରେ ସଚେତନତା କରିବାକୁ ନିଷ୍ପତ୍ତି ନିଆଯାଇଛି। ଉକ୍ତ ବୈଠକରେ ଶିଶୁ ମଙ୍ଗଳ ସମିତି ଅଧିକାରୀ ମହାବୀର ରୁଦ୍ରନାରାୟଣ ସାହୁ, ଚାଇଲ୍ଡ ଲାଇନ ନିର୍ଦ୍ଦେଶକ ଦେବାଶିଷ ରଥ, ଡିପିଏଚ୍‌ଓ ଡା. ବିରଜା ଶଙ୍କର ରଥ, ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, କିଶୋର ନ୍ୟାୟ ବୋର୍ଡ ସଦସ୍ୟା ଅଞ୍ଜଳି ନାୟକ ଏବଂ ଜିଲା ସମାଜ କଲ୍ୟାଣ ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ସନ୍ତୋଷ ସାହୁ, ରୋଜାଲିନ୍ ପାତ୍ର, ବିଜୟ ପରିଡା, ଏବଂ ଶିଶୁ ସୁରକ୍ଷା ୟୁନିଟର ସମସ୍ତ କର୍ମମର୍ତ୍ତା ସହଯୋଗ କରିଥିଲେ। ଶେଷରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ଅଧିକାରୀ ଶତପଥୀ ଧନ୍ୟବାଦ ଦେଇଥିଲେ।



ଜିଲା ଶିଶୁ ସୁରକ୍ଷା କମିଟି ବୈଠକରେ ଉପସ୍ଥିତ ଅଧିକାରୀମାନେ ।

## ସଂକ୍ଷେପରେ

### ବିଜେଡିର ଜନସମ୍ପର୍କ ପଦଯାତ୍ରା

ମଙ୍ଗୁଳି,୧୮।୧୦(ଡି.ଏନ୍.ଏ.): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ କନ୍ହେଇପୁର ପଞ୍ଚାୟତର ବିଭିନ୍ନ ଅଞ୍ଚଳରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଜେଡି ସଙ୍ଗଠକ ରାଜେଶ ରଞ୍ଜନ ଷଡଙ୍ଗୀଙ୍କ ନେତୃତ୍ୱରେ ୧୩ଟି ଗ୍ରାମର ଶତାଧିକ ଦଳୀୟକର୍ମୀ ନିମାଇଁସାପୁର କନକେଶ୍ୱର ମନ୍ଦିର ନିକଟରେ ଏକତ୍ରିତ ହୋଇଥିଲେ। ପୂର୍ବାହ୍ନ ୧୦ଟାରେ ନିମାଇଁସାପୁରଠାରୁ ବିଧାୟକ ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱରେ କର୍ମୀମାନେ ପଦଯାତ୍ରାରେ ବାହାରି ଭଗତପୁର, ତେଲିଆପଡା, କୌଡିଆପଡା, ଗୁଆଲିଡିଅ, ମେଡିକାଲ ଛକ, ଟ୍ରାନ୍ସମିଟର ଛକ, ଚିନ୍ତାମଣିପୁର ଗ୍ରାମ ଦେଇ ଆଞ୍ଜୁଆଠାରେ ପହଞ୍ଚିଥିଲେ। ସେଠାରେ ଆୟୋଜିତ ସମାବେଶରେ ବିଧାୟକ ବେହେରା ପଦଯାତ୍ରା ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ଜୟଶ୍ରୀ ପ୍ରଧାନ, ବିଜେଡି ବ୍ଲକ ସଭାପତି ତାପସ କୁମାର ସାହୁ, ସମିତି ଅଧ୍ୟକ୍ଷା ମିନାକ୍ଷୀ ଦାସ, ବରିଷ୍ଠ ସଙ୍ଗଠକ ଧୀରେନ୍ଦ୍ର କୁମାର ଜେଠି, ଜିଲା ବିଜେଡି ଉପସଭାପତି ଚିତ୍ତରଞ୍ଜନ ସାହୁ, ପୂର୍ବତନ ଜିଲା ପରିଷଦ ସଭ୍ୟ ସ୍ୱାଧୀନ କିଶୋର ମହାନ୍ତି, ସରପଞ୍ଚ ଭରତ ବେହେରା, ସମିତି ସଭ୍ୟା ସୁନନ୍ଦା ସାମଲ, ମମତା ଭୂୟାଁଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

### ପୂର୍ବତନ ବ୍ଲକ ଅଧ୍ୟକ୍ଷାଙ୍କ ପରଲୋକ

ନିଆଳି,୧୮।୧୦(ଡି.ଏନ୍.ଏ.): ନିଆଳି ବ୍ଲକର ପୂର୍ବତନ ଅଧ୍ୟକ୍ଷା ରେଣୁବାଳା ମଲ୍ଲିକଙ୍କର ସୋମବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ସେ କିଛିଦିନ ହେବ କିଡ୍‌ନୀ ଜନିତ ରୋଗରେ ଆକ୍ରାନ୍ତ ହୋଇ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏହି ଘଟଣା ଜଣାପଡିବା ପରେ ନିଆଳି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମଙ୍ଗଳବାର ପୂର୍ବାହ୍ନ ତାଙ୍କ ମରଶରୀର ନୂଆଗାଁଠାରେ ପହଞ୍ଚିବା ପରେ ଏକ ଶୋଭାଯାତ୍ରାରେ ନିଆଳି ବଜାର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟକୁ ନିଆଯାଇଥିଲା। ସେଠାରୁ ତାଙ୍କ ନିଜ ଗ୍ରାମ ପୋଦନାକୁ ନିଆଯାଇଥିଲା। ଭାଜପା ରାଜ୍ୟ ପ୍ରବକ୍ତା ରାଜେନ୍ଦ୍ର ପଣ୍ଡା, ଡା. ଅଧିରାଜ ପରିଡା, ଡା. ଚିତ୍ତରଞ୍ଜନ ମିଶ୍ର, କଂଗ୍ରେସର ଯୁବନେତା ଶଶିକାନ୍ତ ଲେଙ୍କା, ସୌଭାଗ୍ୟ ବସ୍ତିଆ, ଆଇନଜୀବୀ ଧରଣୀଧର ପଣ୍ଡାଙ୍କ ସମେତ ବହୁ ବୁଦ୍ଧିଜୀବି, ସାମାଜିକ କର୍ମୀ ଓ ରାଜନୈତିକ ବ୍ୟକ୍ତି ତାଙ୍କର ଶେଷଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସୂଚନାଯୋଗ୍ୟ, ପୂର୍ବତନ ବିଧାୟକ ରବୀନ୍ଦ୍ର କୁମାର ମଲ୍ଲିକଙ୍କ ସ୍ତ୍ରୀ ହେଉଛନ୍ତି ରେଣୁବାଳା। ସେ ୧୯୯୭ରୁ ୨୦୦୦ ପର୍ଯ୍ୟନ୍ତ ନିଆଳି ବ୍ଲକର ଅଧ୍ୟକ୍ଷା ଥିଲେ। ତାଙ୍କ ସମୟରେ ଗ୍ରାମାଞ୍ଚଳ ବିକାଶ ହେବା ସହ ସେ ଗରିବ ଲୋକଙ୍କୁ ସରକାରୀ ସହାୟତା ଯୋଗାଇ ଦେଇଥିଲେ। ଏପରି କି ସେ ଜଣେ ସ୍ନେହୀ ଓ ପରୋପକାରୀ ମହିଳା ଭାବେ ଅଞ୍ଚଳରେ ପରିଚିତ ଥିଲେ।

### ପୋଲିସ ପାଟ୍ରୋଲିଂ ହେଉନି, ବୃଦ୍ଧିପାଉଛି ଲୁଟ୍

ଆଠଗଡ଼, ୧୮।୧୦ (ସ୍ୱ.ପ୍ର): ଆଠଗଡ଼ରେ ଦିନକୁ ଦିନ ଚୋରି, ଡକାୟତି, ରାହାଜାନି ବୃଦ୍ଧି ପାଉଛି। ମଙ୍ଗଳବାର ଦୁଇ ଦୁର୍ବୃତ୍ତ ଏକ ମୋଟର ସାଇକେଲରେ ଆସି ପୃଥକ ୩ ସ୍ଥାନରୁ ଲୁଟ୍ କରି ଫେରାର୍ ହୋଇଯାଇଛନ୍ତି। ଆଠଗଡ଼ ଅଂଶୁପା ଛକଠାରେ ସୁଦର୍ଶନ ସାହୁ ମାଣିଆନ୍ଧ ଗ୍ରାମକୁ ଯିବା ସମୟରେ ଦୁଇ ଜଣ ଯୁବକ ଆସି ସୁନା ଚେନ, ମୋବାଇଲ ଏବଂ ୨୦୦୦ ଟଙ୍କା ଛଡ଼ାଇ ନେଇଥିଲେ। ସେହିପରି ବୀରକିଶୋରପୁର ୟୁକୋ ବ୍ୟାଙ୍କ ସମ୍ମୁଖରେ ହରିଡାପଶି ଗ୍ରାମର ଅଜୟ ରାଉତ ବ୍ୟାଙ୍କରୁ ଟଙ୍କା ଉଠାଇ ଗାଡ଼ି ଡିକିରେ ରଖି ବ୍ୟାଙ୍କ ଭିତରକୁ ଯାଇଥିଲେ। ସେହି ସମୟରେ ଡିକି ଭାଙ୍ଗି ୧ ଲକ୍ଷ ୧୦ ହଜାର ଟଙ୍କା କେହି ନେଇ ଫେରାର ହୋଇଯାଇଥିଲେ। ଅପରାହ୍ନରେ ବାଙ୍କୀ ଥାନା ଅନ୍ତର୍ଗତ ଓସ୍ତିଆ ଗ୍ରାମର ଅବନୀ ସାହୁ ଓ ତାଙ୍କ ଭଉଣୀ ଭାରତୀ ସାହୁ ବାପାଙ୍କ ଶ୍ରାଦ୍ଧ ପାଇଁ ଲୁଗା କିଣି ଘରକୁ ଫେରିବା ସମୟରେ ଆଠଗଡ ଥାନା ସମ୍ମୁଖରେ ତାଙ୍କ ବେକରୁ ସୁନା ଚେନ ଛିଡ଼ାଇ ନେଇ ଦୁଇ ଜଣ ଦୁର୍ବୃତ୍ତ ଫେରାର ହୋଇଯାଇଛନ୍ତି। ଆଠଗଡ ଥାନା ସମ୍ମୁଖରେ ଲାଗିଥିବା ସିସିଟିଭି କାମ କରୁନଥିବାରୁ ଲୁଟେରାମାନେ ଖସିଯିବାରେ ସକ୍ଷମ ହେଉଛନ୍ତି। ଅପରପକ୍ଷରେ ଅଞ୍ଚଳରେ ପୋଲିସ ପାଟ୍ରୋଲିଂ ଜୋରଦାର ହେଉନଥିବାରୁ ଏଭଳି ଲୁଟ୍ ବୃଦ୍ଧି ପାଉଥିବା ଲୋକେ ଅଭିଯୋଗ କରିଛନ୍ତି।

# ଏକାମ୍ରକାନନ ଜମିରେ ଅଟ୍ଟାଳିକା ନିର୍ମାଣ ମାମଲାର ପୂର୍ଣ୍ଣଚ୍ଛେଦ

## ଏନ୍‌ଜିଟି ରାୟ ଆଧାରରେ କୋର୍ଟଙ୍କ ନିଷ୍ପତ୍ତି

କଟକ ଅଫିସ,୧୮।୧୦: ଭୁବନେଶ୍ୱରର ଏକାମ୍ରକାନନ ଫାର୍ମ ଜମିରେ ଉଚ୍ଚ ଅଟ୍ଟାଳିକା ନିର୍ମାଣକୁ ବିରୋଧ କରି ହାଇକୋର୍ଟରେ ଦାୟର ଜନସ୍ୱାର୍ଥ ମାମଲାରେ ମଙ୍ଗଳବାର ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ହାଇକୋର୍ଟ। ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଓ ବିଚାରପତି ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି ବେଳେ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ୍ (ଏନ୍‌ଜିଟି)ଙ୍କ ୨୦୨୧ ନଭେମ୍ବର ୨୩ର ରାୟକୁ ଆବେଦନକାରୀ ଦୃଷ୍ଟି ଆକର୍ଷଣ କରିଥିଲେ। ଏନ୍‌ଜିଟି କମିଟି ରିପୋର୍ଟରେ ଉଲ୍ଲେଖ ଥିଲା,



ଏକାମ୍ରକାନନ ଫାର୍ମ ଜମିରେ କୌଣସି ଉଚ୍ଚ ଅଟ୍ଟାଳିକା ନିର୍ମାଣ କରାଯିବ ନାହିଁ। ଚନ୍ଦକାର ଇକୋ-ସେନ୍‌ସିଟିଭ୍ ଜୋନ୍ ଭିତରେ ଏହି ଅଞ୍ଚଳ ଥିବାରୁ ଏଠାରେ କୌଣସି ଉଚ୍ଚ ଅଟ୍ଟାଳିକା ବା ବ୍ୟବସାୟିକ କୋଠା ନିର୍ମାଣ ଯୋଜନା ନାହିଁ। ଏଥିସହ ହାଇକୋର୍ଟରେ ବିଚାରାଧୀନ ମାମଲା ପ୍ରସଙ୍ଗରେ ମଧ୍ୟ ଏନ୍‌ଜିଟିଙ୍କ ରାୟରେ ଉଲ୍ଲେଖ କରାଯାଇଥିଲା। ହାଇକୋର୍ଟ ଏହି ତଥ୍ୟକୁ ଆଧାର କରି ମାମଲା ଶୁଣାଣିରେ ଅନ୍ତ ଘଟାଇବା ସହ ଆବଶ୍ୟକ ପଡ଼ିଲେ ଭବିଷ୍ୟତରେ ସାନି ଆବେଦନ କରିପାରିବେ ବୋଲି କହିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ବିଜୟ କୁମାର ରଗଡ଼ ମାମଲା ପରିଚାଳନା କରୁଥିଲେ।

ପ୍ରକାଶ ଯେ, ସାମାଜିକ କର୍ମୀ ଜୟନ୍ତୀ ଦାସ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରି ଆବେଦନ କରିଥିଲେ ଯେ ଭୁବନେଶ୍ୱର ସହରର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହେଉଛି ଏକାମ୍ରକାନନ। ଏହି ବଟାନିକାଲ୍ ପାର୍କ ରାଜ୍ୟ ସରକାରଙ୍କ ରିଜିଓନାଲ୍ ପ୍ଲାଣ୍ଟ ରିସୋର୍ସ ସେଣ୍ଟରର ଅଂଶ ବିଶେଷ। ରାଜ୍ୟ ସରକାର ଏକାମ୍ର ଫାର୍ମର ୨୦ ଏକର ୧୯୨ ଡିସିମିଲ ଜମିକୁ ସାଧାରଣ ପ୍ରଶାସନ ବିଭାଗକୁ ହସ୍ତାନ୍ତର କରିବାକୁ ନିଷ୍ପତ୍ତି ନେଇଥିବା ଉଦ୍ୟାନ କୃଷି ବିଭାଗକୁ କହିଥିଲେ। ଏକାମ୍ରକାନନର ସବୁଜିମାକୁ ନଷ୍ଟ କରି ବ୍ୟବସାୟିକ କୋଠା ନିର୍ମାଣ କରିବା ପାଇଁ ଜମି ହସ୍ତାନ୍ତର ନିଷ୍ପତ୍ତି ଜନସ୍ୱାର୍ଥ ବିରୋଧୀ ବୋଲି ଆବେଦନରେ ଉଲ୍ଲେଖ କରାଯାଇଥିଲା।

# କୋଟିଆ-ଦେଓମାଳି ଅଭିଯାନରେ ସଂସ୍କୃତି ସୁରକ୍ଷା ପ୍ରତିନିଧି



ବାଙ୍କୀ, ୧୮।୧୦(ସ୍ୱ.ପ୍ର): ବାଙ୍କୀ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ପ୍ରତିନିଧି କୋଟିଆ ଦେଓମାଳି ଅଭିଯାନରେ ସାମିଲ ହୋଇଛନ୍ତି। ଅନୁଷ୍ଠାନର ସଭାପତି ସୁନୀଲ କୁମାର ମିଶ୍ରଙ୍କ ନେତୃତ୍ୱରେ ସଂଯୋଜକ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, କବି କୌଶିକ ନାୟକ, ଶିକ୍ଷକ କାମଦେବ ମହାପାତ୍ର, ଅଧ୍ୟାପକ ସୀତାକାନ୍ତ ପାଣିଗ୍ରାହୀ, ଗବେଷକ ରବୀନ୍ଦ୍ର କୁମାର ରଣା, ଆଇନଜୀବୀ ରଞ୍ଜିତ ତ୍ରିପାଠୀ, ସାମ୍ବାଦିକ ଧନେଶ୍ୱର ବଳିୟାର ସିଂହ ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ ଓ ପ୍ରାକ୍ତନ ଜିଲାପାଳ ଗଦାଧର ପରିଡାଙ୍କ ଆହ୍ୱାନ କ୍ରମେ କୋଟିଆ ଗ୍ରାମକୁଞ୍ଜ ପରିଭ୍ରମଣ କରି ସଚେତନତା ସୃଷ୍ଟି କରିଥିଲେ । କୋଟିଆ ପଞ୍ଚାୟତ ପରିସରରେ ଥିବା ଗଞ୍ଜେଇପଦର, ଫଗୁଣ ସିନେରି, ଡୋଲିଆମ୍ବା, ମାଡକାର, କୁରୁଟିପଦର, ଜାନିଗୁଡା, ହାଟୁ ସିନେରି ଆଦି ଗ୍ରାମଗୁଡିକରେ କିପରି ଜନସାଧାରଣ ସମସ୍ତ ସୁବିଧା ପାଇପାରିବେ ଏବଂ ନିଜକୁ ଗର୍ବ ଅନୁଭବ କରିପାରିବେ ସେ ସମ୍ପର୍କରେ ସେମାନଙ୍କୁ ବୁଝାଇଥିଲେ।

# ଫୁଲ ବଉଳବେଣୀ ସାଂସ୍କୃତିକ କାର୍ଯ୍ୟକ୍ରମ

ସାଲେପୁର,୧୮।୧୦ (ଡି.ଏନ.ଏ): ସାଲେପୁର ବ୍ଲକ ଅନ୍ତର୍ଗତ ସତ୍ୟଭାମାପୁର ପଞ୍ଚାୟତ ପୁରୁଷୋତ୍ତମପୁରଠାରେ ଦ୍ୱିତୀୟ ଫୁଲ ବଉଳବେଣୀ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ସୁରେନ୍ଦ୍ର ମେମୋରିଆଲ କ୍ଲବ ଓ ଆଞ୍ଚଳିକ ସାମାଜିକ ଓ ସାଂସ୍କୃତିକ ଉନ୍ନୟନ ଟ୍ରଷ୍ଟର ମିଳିତ ସହଯୋଗରେ ଆୟୋଜିତ ସମାରୋହରେ କ୍ଲବ ସମ୍ପାଦକ ଦେବେନ୍ଦ୍ର ନାଥ ସ୍ୱାଇଁ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ଉତ୍କଳ ଗୌରବ ମଧୁସୂଦନ ଦାସ ଓ କଥା ସମ୍ରାଟ ସୁରେନ୍ଦ୍ର ମହାନ୍ତିଙ୍କ ଜନ୍ମମାଟିରେ ଏହିଭଳି କାର୍ଯ୍ୟକ୍ରମ କରାଯାଇଥିବାରୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ଜଗତପୁର ଥାନା ଆଇଆଇସି ରବୀନ୍ଦ୍ର କୁମାର ମେହେର,ସମ୍ମାନିତ ଅତିଥି ଭାବେ ସାଲେପୁର ବ୍ଲକ ମିଶନ ଶକ୍ତି ସଭାପତି ତୃପ୍ତିରେଖା ପରିଡ଼ା, ପାଗା ଫାଣ୍ଡି ଅଧିକାରୀ କୁଞ୍ଜ ବିହାରୀ ଧୀର, ଶିକ୍ଷାବିତ ଅନନ୍ତ ଚରଣ ପ୍ରଧାନ, ସରପଞ୍ଚ ସୁଧାଂଶୁବାଳା ଜେନା ପ୍ରମୁଖ ଯୋଗ ଦେଇଥିଲେ। ବିଶ୍ୱରଞ୍ଜନ ସାହୁ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶାରଦା ପ୍ରସନ୍ନ ପରିଜା,ତନୁଶ୍ରୀ ବେହେରା, ପ୍ରଫୁଲ୍ଲ ଚନ୍ଦ୍ର ନାୟକ, ମହେଶ ଚନ୍ଦ୍ର ହେମ୍ବ୍ରମ, ଦୟାନିଧି ନାୟକ, ରାମଚନ୍ଦ୍ର ସ୍ୱାଇଁ ପ୍ରମୁଖ ପ୍ରତିଭାବାନ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସୀତାରାମ ମାରାଣ୍ଡି, ସୁପ୍ରିୟ କୁମାର ଦାଶ, ରାମଚନ୍ଦ୍ର ଭୋଇ, ସୁଧାଂଶୁ କୁମାର ଦାଶ, ଶାରଦା ରଞ୍ଜନ ଦାଶ, ମନ୍ମଥ କୁମାର ଦାସ, ଆଶିଷ ରଞ୍ଜନ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ରାମଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ପ୍ରଦାନ କରିଥିଲେ।



ଫୁଲ ବଉଳବେଣୀ ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାକାରଙ୍କ ନୃତ୍ୟ ପ୍ରଦର୍ଶନ ।

## ନାକ୍ ଟିମ୍ ପରିଦର୍ଶନ ନେଇ ପ୍ରସ୍ତୁତି ବୈଠକ

ବାଙ୍କୀ, ୧୮।୧୦ (ସ୍ୱ.ପ୍ର): ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟକୁ 'ନାକ' ଟିମ୍ ପରିଦର୍ଶନରେ ଆସୁଥିବାରୁ ଏକ ପ୍ରସ୍ତୁତି ବୈଠକ କଲେଜ ସଭା ଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ସମସ୍ତେ ପ୍ରସ୍ତୁତି ରହିବା ସହିତ ଆନୁଷଙ୍ଗିକ କାର୍ଯ୍ୟ ନିରୂପଣ କରିବା ପାଇଁ ଅଧ୍ୟକ୍ଷ ଭବାନୀ ପ୍ରସାଦ ହୋତା ପରାମର୍ଶ ଦେଇଛନ୍ତି। ଆଇକ୍ୟୁଏସ୍‌ସି ଉପରେ ଭିଟୋ ନିର୍ଦ୍ଦେଶକ ପ୍ରୀତିରଞ୍ଜନ ସାହୁ ଆଇସିଟି ବିଷୟରେ ବିଭିନ୍ନ ଉଦାହରଣ ମାଧ୍ୟମରେ ନାକ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଉକ୍ତ ବୈଠକରେ ଉପାଧ୍ୟକ୍ଷ ମନୋଜ କୁମର ମହାପାତ୍ର, ମୋ କଲେଜର ସଂଯୋଜକ ପ୍ରାଧ୍ୟାପକ ରାଜକିଶୋର ପାଲ, ପରୀକ୍ଷା ନିୟନ୍ତ୍ରକ ତ୍ରୈଲୋକ୍ୟନାଥ ଦାସ, ପ୍ରଶାସନିକ ଅଧିକାରୀ ଶୈଳେନ୍ଦ୍ର ନାରାୟଣ ଦେଓ, ପ୍ରାଧ୍ୟାପକ ମନୋରଞ୍ଜନ ସାହୁ, ପ୍ରାଧ୍ୟାପକ ସମୀର କୁମାର ମହାପାତ୍ର, ଡ.ଶଶିଭୂଷଣ ମହାପାତ୍ର, ଡ.ସନ୍ଧ୍ୟାରାଣୀ ମହାନ୍ତି, ବିଶ୍ୱବ୍ୟାଙ୍କ ସଂଯୋଜକ ପ୍ରାଧ୍ୟାପକ ନିରଞ୍ଜନ ରାଉତରାୟ, ପ୍ରାଧ୍ୟାପିକା ଗାୟତ୍ରୀ ନାୟକ, ଡ. ଶ୍ରୀକାନ୍ତ ଦାସ, ପ୍ରାଧ୍ୟାପକ ପ୍ରମୋଦ କୁମାର ପଣ୍ଡା, ଡ. ବିଶ୍ୱରଞ୍ଜନ ସାହୁ, ଅଧ୍ୟାପକ ରତ୍ନାକର ଦାଶ, ପୁରାତନ ଛାତ୍ର ସଂସଦର ସହ ସମ୍ପାଦକ ବୃନ୍ଦାବନ ପ୍ରଧାନ, ରମେଶ ଚନ୍ଦ୍ର ସାହୁ, ଗ୍ରନ୍ଥାଗାରିକ ପ୍ରଭାତ ରଞ୍ଜନ ବଳିୟାର ସିଂହ ପ୍ରମୁଖ ଯୋଗଦାନ କରି ନିଜର ମତ ପ୍ରକାଶ କରିଥିଲେ । ଶେଷରେ ନାକ୍‌ର ସଂଯୋଜକ ପ୍ରାଧ୍ୟାପକ ନିରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରି ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଲେଶ୍ୱରରୁ କୋଟିଏ ଟଙ୍କାର ବ୍ରାଉନସୁଗାର ଜବତ, ୨ ଗିରଫ

ଭୁବନେଶ୍ୱର, ୧୮।୧୦(ବ୍ୟୁରୋ): କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କଫୋର୍ସ (ଏସ୍‌ଟିଏଫ୍) ଏବଂ ବାଲେଶ୍ୱର ପୋଲିସ ମିଳିତ ଭାବେ ଚଢ଼ାଉ କରି ବାଲେଶ୍ୱର ରେଳଷ୍ଟେଶନ ନିକଟରୁ ୧ କେଜି ୬୦ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରିଛି। ଏଥିସହ ୨ଜଣ ବେପାରୀଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବାଲେଶ୍ୱର ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ପୋଲିସ ଲାଇନ୍ ପିଡବ୍ଲ୍ୟୁଡି କଲୋନୀର ଏସ୍.କେ. ରାଜୁ ଏବଂ ଖପରାପଦାର ଅମ୍‌ଜାଦ ଖାନ୍। ଜବତ ବ୍ରାଉନ ସୁଗାରର ମୂଲ୍ୟ କୋଟିଏରୁ ଅଧିକ ଟଙ୍କା ହେବ। ଅଭିଯୁକ୍ତ ଦ୍ୱୟଙ୍କଠାରୁ ଏକ ବାଇକ ଓ ଅନ୍ୟ କିଛି ସାମଗ୍ରୀ ଜବତ କରାଯାଇଥିବା ଜଣାପଡ଼ିଛି। ଜାମିନ ନାମଞ୍ଜୁର ହେବାରୁ





ଅଭିଯୁକ୍ତ ଦ୍ୱୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏଥିସହ ପୋଲିସ ଘଟଣାର ଅଧିକ ତଦନ୍ତ ଚଳାଇଛି। ସୂଚନାନୁଯାୟୀ, ନିଶା କାରବାର ବିରୋଧରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ସ୍ୱତନ୍ତ୍ର ଅଭିଯାନ ଜାରି ରଖି ୨୦୨୦ରୁ ଏଯାବତ ୬୦ କେଜିରୁ ଅଧିକ ବ୍ରାଉନ୍ ସୁଗାର ଓ ହେରୋଇନ, ୨୦୨ ଗ୍ରାମ କୋକେନ୍, ୧୧୧ କୁଇଣ୍ଟାଲରୁ ଅଧିକ ଗଞ୍ଜେଇ ଓ ୭୫୦ ଗ୍ରାମ ଅଫିମ ଜବତ କରିଛି। ଏପର୍ଯ୍ୟନ୍ତ ଏହି ମାମଲାରେ ୧୬୨ ଜଣଙ୍କୁ ଗିରଫ କରାଯାଇଛି।

# ସାମାଜିକ ସମୀକ୍ଷା ରିପୋର୍ଟ ସାର୍ବଜନୀନ କରାଯାଉ

କଟକ ସଦର,୧୮।୧୦(ଡି.ଏନ୍.ଏ.): କଟକ ସଦର ବ୍ଲକ ଅଧୀନ ୨୩ଟି ପଞ୍ଚାୟତର ସାମାଜିକ ସମୀକ୍ଷା ରିପୋର୍ଟ କଟକ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅମ୍ବର କରଙ୍କ କାର୍ଯ୍ୟାଳୟରେ ଦାଖଲ କରାଯାଇଛି। ଏହି ରିପୋର୍ଟ ସାର୍ବଜନୀନ କରିବା ସହ ଅନିୟମିତତାର ତଦନ୍ତ ପାଇଁ ଉତ୍କଳ ବିକାଶ ପରିଷଦ ପକ୍ଷରୁ ମଙ୍ଗଳବାର ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ମଧୁବାବୁ ପେନ୍‌ସନ୍ ଯୋଜନାରୁ ଅଯୋଗ୍ୟ ହିତାଧୀକାରୀଙ୍କୁ ବାଦ ଦେବା, ୩୫ ହଜାର ଟଙ୍କିଆ ବର୍ଜ୍ୟବସ୍ତୁ କୁଣ୍ଡ ନିର୍ମାଣରେ ବ୍ୟାପକ ଅନିୟମିତତାର ତଦନ୍ତ କରି ଦୋଷୀ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଉଲ୍ଲେଖ କରାଯାଇଛି। ସମସ୍ତ ପଞ୍ଚାୟତରେ ପେନ୍‌ସନ୍ ପାଉଥିବା ବ୍ୟକ୍ତିଙ୍କ ମଧ୍ୟରେ ଧନୀ ଲୋକ ଥିବା ଚିହ୍ନଟ ହୋଇଛନ୍ତି। ପ୍ରତିବର୍ଷ ଅଯୋଗ୍ୟ ବ୍ୟକ୍ତି ଚିହ୍ନଟ ତାଲିକାକୁ ଚପାଇ ଦିଆଯାଉଥିବା ପରିଷଦର ସଭ୍ୟ ଦେବୀ ପ୍ରସାଦ ପତି କହିଛନ୍ତି। ସେହିପରି ପ୍ରତି ଗ୍ରାମରେ ୩୫ ହଜାର ଟଙ୍କିଆ ବର୍ଜ୍ୟବସ୍ତୁ କୁଣ୍ଡ ନିର୍ମାଣ ୪ଟି କୂଅ ନନ୍ଦରେ କରାଯାଇଛି। ଯେଉଁଥିରେ ଖୁବ୍‌ବେଶୀ ହେଲେ ୫ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ଜଣାପଡିଛି। ଏକଥା ମଧ୍ୟ ସାମାଜିକ ସମୀକ୍ଷା କରିଥିବା ମହିଳାମାନଙ୍କ ଦୃଷ୍ଟିକୁ ଆସିଥିଲା। ଏଭଳି ପରିସ୍ଥିତିରେ ସମସ୍ତ ପଞ୍ଚାୟତର ରିପୋର୍ଟ ସାର୍ବଜନୀନ କରି ସାଧାରଣ ଜନତାଙ୍କ ସନ୍ଦେହ ଦୂର ପାଇଁ ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ କରଙ୍କୁ ପଚରାଯିବାରୁ ସେ ପ୍ରତିକ୍ରିୟା ଦେବାକୁ ମନା କରିଥିଲେ। କିନ୍ତୁ ବ୍ଲକସ୍ତରରେ ଜନ ଶୁଣାଣିବେଳେ ଏ ବିଷୟରେ ଉଠାଯାଇପାରିବ ବୋଲି ସମ୍ପୃକ୍ତ କାର୍ଯ୍ୟାଳୟର ଜଣେ ଅଧିକାରୀ ଦରଖାସ୍ତ ପ୍ରଦାନ କରିଥିବା ପରିଷଦର ସଦସ୍ୟ ପତିଙ୍କୁ କହିଛନ୍ତି।

## ମଦ ଜବତ, ଜଣେ ଗିରଫ

ନରସିଂହପୁର, ୧୮।୧୦ (ସ୍ୱ.ପ୍ର): ନରସିଂହପୁର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୧୫ ଲିଟର ଦେଶୀ ମଦ ଜବତ କରାଯିବା ସହିତ ଜଣକୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେ ହେଲେ ଅଲରା ଗ୍ରାମର ଯୋଗୀ ପ୍ରଧାନ। ଦେଶୀ ମଦ ବିକ୍ରି କରୁଥିବା ଖବର ପାଇ ନରସିଂହପୁର ଅବକାରୀ ବିଭାଗ ଅଧିକାରୀ ଦେବାନନ୍ଦ ଭୂୟାଁ ମଙ୍ଗଳବାର ସକାଳେ ଯୋଗୀ ପ୍ରଧାନଙ୍କ ଘରେ ଚଢ଼ାଉ କରିଥିଲେ।

# ଯୁବ କଂଗ୍ରେସ କାର୍ଯ୍ୟକାରିଣୀ ବୈଠକ

ବାଙ୍କୀ, ୧୮।୧୦ (ସ୍ୱ.ପ୍ର): ବାଙ୍କୀ ବିଧାନସଭା ଯୁବ କଂଗ୍ରେସ ସଭାପତି ବିଭୂତି ଭୂଷଣ ଦଳସିଂହରାୟଙ୍କ ନେତୃତ୍ୱ ଏବଂ ଡମପଡ଼ା ବ୍ଲକ ଯୁବ କଂଗ୍ରେସ ସଭାପତି ସୂର୍ଯ୍ୟନାରାୟଣ ସ୍ୱାଇଁଙ୍କ ସହଯୋଗରେ ମଙ୍ଗଳବାର ଗୋବିନ୍ଦପୁର ପଞ୍ଚାୟତ କୁସୁନ୍ଦାଠାରେ ଡମପଡ଼ା ବ୍ଲକ ଯୁବ କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟ ଯୁବ କଂଗ୍ରେସ ସଭାପତି ଡ.ସ୍ମୃତିରଞ୍ଜନ ଲେଙ୍କା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଙ୍କୀ ପ୍ରଶାସନର ଦୁର୍ନୀତି ଚରମ ସୀମାରେ ପହଞ୍ଚିଥିବା କହିଛନ୍ତି। ଆଗାମୀ ଦିନରେ ପଞ୍ଚାୟତସ୍ତରରୁ ଯୁବ କଂଗ୍ରେସକୁ ସଂଗଠିତ କରିପ୍ରଶାସନର ଦୁର୍ନୀତିବିରୋଧରେ ଲଢ଼େଇ କରିବାକୁ ଆହ୍ୱାନ ଦେଇଥିଲେ। ବାଙ୍କୀ ବିଧାନସଭା ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି ସୋମନାଥ ପଣ୍ଡା, ଉପସଭାପତି ଚିନ୍ମୟ ରଞ୍ଜନ ଚୌଧୁରୀ, ଡମପଡ଼ା ବ୍ଲକ ଉପସଭାପତି ଆକାଶ ବେଉରା, ନିର୍ମଳ ନାଏକ, ହରିରାଜପୁର ସରପଞ୍ଚ ପ୍ରତିନିଧି ଅଂଶୁମାନ ବେଉରା, ଗୋବିନ୍ଦପୁର ପଞ୍ଚାୟତ ପ୍ରତିନିଧି ବିଶ୍ୱଜିତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଯୁବ କଂଗ୍ରେସ ନେତା ରାଜେଶ କୁମାର ଦାସ, ରଞ୍ଜନ କୁମାର ମହାରଣା, ସୁନୀଲ ଦାସ ଓ ବରିଷ୍ଠ କଂଗ୍ରେସ କର୍ମୀ ଚିତ୍ତରଞ୍ଜନ ମିଶ୍ର ଧନ୍ୟବାଦ ଦେଇଥିଲେ।

# କ୍ଷତିଗ୍ରସ୍ତ ମତ୍ସ୍ୟଚାଷୀଙ୍କୁ ସହାୟତା




ସହାୟତା ରାଶି ବଣ୍ଟନ କାର୍ଯ୍ୟକ୍ରମରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟମାନେ ।

ଆଠଗଡ, ୧୮।୧୦(ସ୍ୱ.ପ୍ର): ଆଠଗଡ, ତିଗିରିଆ ବ୍ଲକ କୃଷି ସୂଚନା, ପରାମର୍ଶ କେନ୍ଦ୍ର ଓ ଜିଲା ମତ୍ସ୍ୟ ବିଭାଗ ପକ୍ଷରୁ ଗତ ବନ୍ୟା କ୍ଷତିଗ୍ରସ୍ତ ମତ୍ସ୍ୟଜୀବୀ ଓ ମତ୍ସ୍ୟଚାଷୀଙ୍କୁ ସହାୟତା ରାଶି ବଣ୍ଟନ କରାଯାଇଛି। ଆଠଗଡ଼ ଏନଏସି ନିକଟସ୍ଥ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ 'ଆମ୍ବା' ଅଧ୍ୟକ୍ଷ ରବୀନ୍ଦ୍ର ନାଥ ରାଉତଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ସହାୟତା ରାଶି ବଣ୍ଟନ କରିଥିଲେ। ଆଠଗଡ଼ ବ୍ଲକର ବିଭିନ୍ନ ଗ୍ରାମରେ ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ୧୯୦ ଜଣ ହିତାଧିକାରୀଙ୍କୁ ମୋଟ୍ ୬ ଲକ୍ଷ ୧୦ ହଜାର ୩୯୭ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ୧୪୧ ହିତାଧିକାରୀଙ୍କ ଜାଲ ଓ ବୋଟ୍ କ୍ଷତିଗ୍ରସ୍ତ ପାଇଁ ୩ ଲକ୍ଷ ୮୧ ହଜାର ୧୦୦ ଟଙ୍କା ଓ ୪୯ଜଣ ହିତାଧିକାରୀଙ୍କ ପୋଖରୀ ମରାମତି ଓ ଜାଆଁଳ ଛାଡ଼ିବା ନିମନ୍ତେ ୨ଲକ୍ଷ ୨୯ ହଜାର ୨୯୭ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ସେହିପରି ବନ୍ୟାରେ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ବିରି, ମୁଗ, କୋଳଥ ଆଦି ଫସଲ ନିମନ୍ତେ ବିହନ ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜିଲା ମତ୍ସ୍ୟ ଅଧିକାରୀ ଇତିଶ୍ରୀ ରଥ, ସହକାରୀ ନିର୍ଦ୍ଦେଶକ ମଧୁସ୍ମିତା ସାହୁ, ଅଶୋକ କୁମାର ମଲ୍ଲିକ, ବରିଷ୍ଠ ଗୋଷ୍ଠୀ ସହାୟକ ହରିଶ ଚନ୍ଦ୍ର କର, ତିଗିରିଆ କୃଷି ସୂଚନା କେନ୍ଦ୍ର ଅଧ୍ୟକ୍ଷ ହରେନ୍ଦ୍ର ଦଳେଇ, ଆଠଗଡ଼ ବ୍ଲକ କୃଷିମନ୍ତ୍ରୀଙ୍କ ପ୍ରତିନିଧି ରଞ୍ଜନ ଆଚାର୍ଯ୍ୟ, ଏନଏସି ଅଧ୍ୟକ୍ଷା ସସ୍ମିତା ରାଉତ, ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ସଞ୍ଜୟ ମଲ୍ଲିକ, ସସ୍ମିତା ରାଉତ, କୃଷକ ନେତା ପ୍ରମୋଦ ସେଠୀ, ନିରାକାର ଲେଙ୍କା ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ୫ ବର୍ଷ ହେବ କାର୍ଯ୍ୟକ୍ଷମ ହେଉନି ଏସ୍‌ସିଏସ୍‌ଟି ଛାତ୍ରାବାସ

ନରସିଂହପୁର,୧୮।୧୦ (ସ୍ୱ.ପ୍ର.): ନରସିଂହପୁର ବ୍ଲକର ୩୭ ପଞ୍ଚାୟତ ଅନ୍ତର୍ଗତ ୪୧ହାଇସ୍କୁଲରେ ପଢୁଥିବା ଏସସିଏସ୍‌ଟି ବର୍ଗର ଛାତ୍ରୀଛାତ୍ରଙ୍କ ନିମନ୍ତେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଛି ଛାତ୍ରାବାସ। ଦୀର୍ଘ ୫ ବର୍ଷ ହେବ ଏହାର ନିର୍ମାଣ ସରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇନାହିଁ। ଫଳରେ ଏହାର ସଫଳ ରୂପାୟନ ହୋଇପାରୁନାହିଁ। ଗତ ୧୬- ୧୭ ଆର୍ଥିକ ବର୍ଷରେ ନରସିଂହପୁର ବ୍ଲକର ଚମ୍ପେଶ୍ୱର ନିଜିଗଡ଼ କୋକଳବାଠାରେ ପ୍ରାୟ ୧୫ କୋଟିରୁ ଊର୍ଦ୍ଧ୍ୱ ବ୍ୟୟରେ ୩ ଛାତ୍ରାବାସ ନିର୍ମାଣ କରାଯିବାକୁ ମଞ୍ଜୁରୀ ମିଳିଥିଲା। ଏହାପରେ ଟେଣ୍ଡର ମାଧ୍ୟମରେ ସେଗୁଡ଼ିକର କାମ ଆରମ୍ଭ କରାଯାଇଥିଲା।

ଏକ ବର୍ଷ ଭିତରେ ନିଜିଗଡ଼ ଓ କୋକଳବାରେ ୨ଟି ଛାତ୍ରାବାସର କାମ ସମ୍ପୂର୍ଣ୍ଣ ହୋଇଥିଲା। ମାତ୍ର ଚମ୍ପେଶ୍ୱରଠାରେ ହୋଇଥିବା ଛାତ୍ରାବାସ ଏପର୍ଯ୍ୟନ୍ତ ଅଧାପନ୍ତରିଆ ହୋଇରହିଛି। ନିଜିଗଡ଼ ଓ କୋକଳବା ଛାତ୍ରାବାସ କାର୍ଯ୍ୟକ୍ଷମ ହେଉ ନ ଥିବାରୁ ଗତ ତିନି ବର୍ଷ ହେଲା ଏହାକୁ ପ୍ରଥମେ କୋଭିଡ ସେଣ୍ଟର କରାଯାଇଥିଲା।



ନିଜିଗଡ଼ ଅନନ୍ତ ନାରାୟଣ ହାଇସ୍କୁଲ ନିକଟରେ କାର୍ଯ୍ୟକ୍ଷମ ହୋଇ ନ ଥିବା ଛାତ୍ରବାସ।

ଅପରପକ୍ଷେ ନିଜିଗଡ଼ ଅନନ୍ତ ନାରାୟଣ ହାଇସ୍କୁଲ ନିକଟରେ ଓ କୋକଳବା ଲିଙ୍ଗରାଜ ବିଦ୍ୟାପୀଠ ପରିସରରେ ଥିବା ଛାତ୍ରାବାସରେ ଶ୍ରେଣୀଗୃହ ଅଭାବରୁ ଏବେ ଉଭୟ ହାଇସ୍କୁଲର ଛାତ୍ରୀଛାତ୍ରଙ୍କୁ ଅସ୍ଥାୟୀ ଶିକ୍ଷାଦାନ ଦେବାପାଇଁ ବ୍ୟବସ୍ଥା କରାଯାଇଛି। କୋକଳବା ଛାତ୍ରାବାସ କାର୍ଯ୍ୟକ୍ଷମ ହେଲେ କୋକଳବା,ବାଲିସାହି ସରଧାପୁର, ଯୋଡୁମ୍ବ, ଚକାମୁଣ୍ଡା, ଜିଲିଣ୍ଡା, ରେଜେଡା ଓ କମଳାଡିହ ଭଳି ପଞ୍ଚାୟତର ଛାତ୍ରୀଛାତ୍ର ଉପକୃତ ହେବେ । ସେହିପରି ନିଜିଗଡ଼ ଛାତ୍ରବାସ ଆରମ୍ଭ ହେଲେ ନିଜିଗଡ଼, ପାଇକପଡାପାଟଣା ନିମସହି, ନୂଆପାଟଣା, କାକୁଡ଼ିଆ, ଘୋରାଡ଼ିଆ, ଆଦି ପଞ୍ଚାୟତରେ ଥିବା ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ରହିବା ସମସ୍ୟା ଦୂରହେବ। ଚମ୍ପେଶ୍ୱର ଛାତ୍ରାବାସ ଆରମ୍ଭ ହେଲେ ସାଗର, ଅଢେଇଗୁଣ୍ଠି,ବାହାଳି, ଗୋଡିବନ୍ଧ, ଓଲବ, ଚମ୍ପେଶ୍ୱର ଓ ବାଲିଝାରି ଆଦି ପଞ୍ଚାୟତର ଏସ୍‌ସିଏସ୍‌ଟି ଛାତ୍ରୀଛାତ୍ର ଉପକୃତ ହୋଇପାରନ୍ତେ। ମାତ୍ର ଏହା କାର୍ଯ୍ୟକ୍ଷମ ହେଉ ନ ଥିବାରୁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳାଯାଉଛି ବୋଲି ଏସ୍‌ସିଏସଟି ସଙ୍ଗଠନ ଡ. ଆମ୍ବେଡ଼କର ସେବା ସଂସ୍ଥାର ସମ୍ପାଦକ ପ୍ରସାଦ କୁମାର ନାୟକ ପ୍ରତିକ୍ରିୟାରେ କହିଛନ୍ତି। ଏସ୍‌ସିଏସ୍‌ଟି ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ନାମରେ ଏହା ଉପହାସ ବୋଲି ବରିଷ୍ଠ ଆଇନଜୀବୀ ଜ୍ଞାନରଞ୍ଜନ ନାୟକ କ୍ଷୋଭ ପ୍ରକାଶ କରି କହିଛନ୍ତି ।

ଏ ସମ୍ପର୍କରେ ବିଭାଗୀୟ ବ୍ଲକ ମଙ୍ଗଳ ଉନ୍ନୟନ ଅଧିକାରୀ ରବି ନାରାୟଣ ମିଶ୍ରଙ୍କୁ ପଚାରିବାରେ, ନିଜିଗଡ଼ ଓ କୋକଳବା ଛାତ୍ରାବାସଗୁଡିକ ନିମନ୍ତେ ଉଭୟ ହାଇସ୍କୁଲକୁ ଛାତ୍ରୀଛାତ୍ରଙ୍କ ତାଲିକା ଦେବା ପାଇଁ ବ୍ଲକ କାର୍ଯ୍ୟାଳୟରୁ ଚିଠି କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ଉତ୍ତର ମିଳି ନ ଥିବାରୁ ପରବର୍ତ୍ତୀ ନିଷ୍ପତ୍ତି ହୋଇନାହିଁ। ତାଲିକା ନ ଦେବାର କାରଣ ସମ୍ପର୍କରେ ଅନନ୍ତ ନାରାୟଣ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କୁନଲତା ପ୍ରଧାନ କହିଛନ୍ତି,ଚଳିତ ବର୍ଷ ଆମ ହାଇସ୍କୁଲର ୫-ଟି ବିଭାଗରେ ନବୀକରଣ ହୋଇଥିଲେ ହେଁ ଘର ଛାତରୁ ପାଣି ଗଳି ବହୁ କାଗଜ ପତ୍ର ନଷ୍ଟ ହୋଇଯାଇଛି। ଏନେଇ ଅନ୍ୟତ୍ର ସ୍ଥାନାନ୍ତର କାରଣରୁ ଚିଠି ବିନିମୟ ହୋଇପାରିନାହିଁ । ଛାତ୍ରୀଛାତ୍ରଙ୍କ ସୁବିଧା ପାଇଁ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି।

